ମାତୃପୂଜା ମଣ୍ଡପ

ଡକ୍ଟର ସଦାଶିବ ମିଶ୍ର



ମାତୃପୂଜା ମଣ୍ଡପ

ଡକ୍ଟର ସଦାଶିବ ମିଶ୍ର
ଏମ୍. ଏ., ପିଏଇଚ୍. ଡି. (ଲଣ୍ଡନ)

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମାତୃପୂଜା ମଣ୍ଡପ

ଲେଖକ :
ଡକ୍ଟର ସଦାଶିବ ମିଶ୍ର

ପ୍ରକାଶକ :
ଶ୍ରୀ ଗୋବିନ୍ଦଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ସଂସ୍କରଣ : ୧୯୮୬

ପ୍ରଚ୍ଛଦ :
ଅସିତ୍ ମୁଖାର୍ଜୀ

ମୁଦ୍ରଣ :
କମର୍ଶିଆଲ୍ ଆର୍ଟ ପ୍ରେସ୍
କଟକ-୭୫୩ ୦୦୨

ମୂଲ୍ୟ—(ଶୋଭନ) ପଚିଶ ଟଙ୍କା
(ସାଧାରଣ)—ଏକୋଇଶ ଟଙ୍କା

MATRUPUJA MANDAPA

Written by :
Dr. Sadasiv Misra
M.A., Ph.D.

Published by :
Sri Govindcharan Patra
Orissa Book Store
Binod Behari, Cuttack-753 002

Cover by :
Asit Mukherjee

First Edition : 1986

Printed at
Commercial Art Press
Alamchand Bazar
Cuttack-753 002

Price : Rs. 25/-

Digitized by srujanika@gmail.com

ସତ୍ୟବାଦୀ ଜାତୀୟ ବନବିଦ୍ୟାଳୟର

ହେଡ଼୍ ମାଷ୍ଟର

କୋଣାର୍କ, ବାରବାଟୀ, ଉତ୍କଳ ଇତିହାସର

ପ୍ରଖ୍ୟାତ ରଚୟିତା,

ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ,

ତ୍ୟାଗପୂତ, ଛାତ୍ରବତ୍ସଳ,

ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ

ଶ୍ରୀଚରଣରେ

ପ୍ରଣତ ।

Digitized by srujanika@gmail.com

ପ୍ରଣତ

ପୁରୀଠାରୁ ଚଉଦ କିଲୋମିଟର ଦୂରରେ ଆମ ଗାଆଁ । ସାକ୍ଷୀଗୋପାଳ ଆହୁରି ଛଅ କିଲୋମିଟର ଆଗକୁ ।

ମୋ ନନା (ପିତା) ବୀରନରସିଂହପୁର ପୋଷ୍ୟପୁତ୍ର ହୋଇ ଆସିଥିଲେ । ନନା, ବୋଉ, ଜନ୍ମିତ ବଡ଼ ମାଆ, ପୋଷ୍ୟପୁତ୍ର କରି ଆଣିଥିବା ବଡ଼ ମାଆ ଆଉ ମୋର ଗୋଟିଏ ସାନ ଭାଇ—ସମସ୍ତଙ୍କର ଦୁଇ ସପ୍ତାହ ମଧ୍ୟରେ ହଇଜାରେ ଦେହାନ୍ତ ହୋଇଗଲା । ସେତେବେଳେ ମୋତେ ଦଶ ବର୍ଷ ବୟସ । କାହା ପାଖରେ ରହିବି ? ଗାଆଁ ପରିତ୍ୟାଗ କରି ନିକଟସ୍ଥ ନନାଙ୍କ ଜନ୍ମସ୍ଥାନ ବୀରପ୍ରତାପପୁର ଆସିଲି ।

ଦୁଇ ଗାଆଁର ମଝିରେ ଗୋଟିଏ ମାଇନର ସ୍କୁଲ । ତିନି ବର୍ଷ ପରେ ସେଇ ସ୍କୁଲରୁ ମାଇନର ପାଶ କଲି । ସେତେବେଳେ ସମଗ୍ର ଓଡ଼ିଶାରେ ହାଇସ୍କୁଲ ସଂଖ୍ୟା ପ୍ରାୟ ପନ୍ଦରଟି । ପୁରୀ ଜିଲ୍ଲାରେ ଦୁଇଟି ସ୍କୁଲ । ପୁରୀ ଜିଲ୍ଲା ସ୍କୁଲ ଏବଂ ଖୋର୍ଦ୍ଧା ହାଇସ୍କୁଲ; ଆଉ ସତ୍ୟବାଦୀରେ ଜାତୀୟ ବନବିଦ୍ୟାଳୟ । ମୋର ପଢ଼ିବାର ଇଚ୍ଛା ନାହିଁ କି ମୋତେ ପଢ଼ାଇବା ଲାଗି କେହି ସାହା ନାହାନ୍ତି ।

ସେତେବେଳେ ସ୍କୁଲ ଶିକ୍ଷା ବର୍ଷ ଥାଏ ଜାନୁୟାରୀରୁ ଡିସେମ୍ବର । ଗାଆଁରେ ବୁଲୁଥାଏ । ସେହି ଗାଆଁରେ ଜାତୀୟ ବନ-ବିଦ୍ୟାଳୟର ହେଡ଼୍‌ମାଷ୍ଟର ପଣ୍ଡିତ କୃପାସିନ୍ଧୁଙ୍କର ଘର । ସେ ୧୯୧୪ ମସିହାରେ ଇତିହାସରେ କଲିକତାରୁ ଏମ୍. ଏ. ପାଶ କରି ସତ୍ୟବାଦୀରେ ଶିକ୍ଷକ ହୋଇଥିଲେ । ଜାତୀୟ ବିଦ୍ୟାଳୟରେ ପରିଣତ ହେଲା ପରେ ପ୍ରଧାନ ଶିକ୍ଷକ ହେଲେ । ସେ ମଝିରେ ମଝିରେ ଗାଆଁକୁ ଆସନ୍ତି । ଶିକ୍ଷା ବର୍ଷରୁ ଛ'ମାସ ଅତିବାହିତ ହୋଇଗଲାଣି । ସେ ମୋତେ ଡାକିଲେ । କ'ଣ କରୁଛୁ, ସଦା ? ପଚାରିଲେ । ଇମିତି ଅଛି । କ'ଣ

Digitized by srujanika@gmail.com

ଆଜ୍ କରିବ ? ଏତିକ ମୋର ସଂକ୍ଷିପ୍ତ ଉତ୍ତର ।

ସେ ମୋତେ ସାଙ୍ଗରେ ସତ୍ୟବାଦୀ ନେଇ ଆସିଲେ । ଆଚାର୍ଯ୍ୟ ହରିହର ସ୍କୁଲ ଛାତ୍ରାବାସର କୁଳପତି । ତାଙ୍କ ପାଖରେ ଛାଡ଼ିଦେଲେ । ଆଚାର୍ଯ୍ୟ ମହାଶୟ ଥିଲେ ସତ୍ୟବାଦୀର ଅନ୍ତରାତ୍ମା । ଏଇ ସତ୍ୟବାଦୀ ସ୍କୁଲ ମୋର ଶିକ୍ଷା, ଦୀକ୍ଷା ଏବଂ ଜୀବନର ପ୍ରସ୍ତୁତି ପାଇଁ ଆଦ୍ୟ ପୀଠ ।

ପୂଜାସ୍ପଦ, ସ୍ନେହଶୀଳ, ଛାତ୍ରବତ୍ସଳ ପଣ୍ଡିତ କୃପାସିନ୍ଧୁ ମୋଠାରେ ଦେଲେ ଜୀବନ୍ୟାସ । ତାଙ୍କର ଶ୍ରୀଚରଣରେ ଏ ଅକିଞ୍ଚନ ପ୍ରଣତି ଜ୍ଞାପନ କରୁଛି ।

ସଦାଶିବ

Digitized by srujanika@gmail.com

ସୂଚନା

ଗତ କେତେ ବର୍ଷ ଭିତରେ ମୋର କେତେଗୁଡ଼ିଏ ପ୍ରବନ୍ଧ ସମ୍ବାଦପତ୍ରରେ ଏବଂ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି । କେତେକ ପାଠକଙ୍କର ସୁଦୃଷ୍ଟି ଆକର୍ଷଣ କରିଛି । କେତେ ବନ୍ଧୁ ମୌଖିକ ଭାବେ ବା ପତ୍ରଦ୍ୱାରା ତାଙ୍କର ଅନୁକୂଳ ଅଭିମତ ବ୍ୟକ୍ତ କରିଛନ୍ତି । ସେମାନଙ୍କୁ ମୋର ଧନ୍ୟବାଦ ଜ୍ଞାପନ କରୁଛି । ଲେଖାଗୁଡ଼ିକ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ କେତେ ବନ୍ଧୁ ପରାମର୍ଶ ଦେଇଛନ୍ତି । ମୁଁ ଏଥିରେ ମନ ଦେଇ ନ ଥିଲି । ଏବେ ପ୍ରାୟ ତିନି ବର୍ଷ ହେଲା ସେ ସବୁ ସଂଗ୍ରହ କରିବା ପାଇଁ ଚେଷ୍ଟା କରିଛି । ସେଥିରେ ମଧ୍ୟ କେତେକ ବନ୍ଧୁଙ୍କଠାରୁ ସହାୟତା ଲାଭ କରିଛି ।

ଲେଖାଗୁଡ଼ିକ ଦୈନିକ ସମାଜ, ଗୋପବନ୍ଧୁ ସଂଖ୍ୟା, ପ୍ରଜାତନ୍ତ୍ର, ଝଙ୍କାର, ମାତୃଭୂମି, ସହକାର, ମାନସ, ପୌରୁଷ ଏବଂ ନବଭାରତରେ ପ୍ରକାଶିତ ହୋଇଥିଲା । ସେ ସମସ୍ତର ସମ୍ପାଦକଙ୍କଠାରେ ମୁଁ କୃତଜ୍ଞ । କେତେଗୁଡ଼ିଏ ଲେଖା ସଂଗ୍ରହ କଲି । ଆଉ କେତେକର ଶିରୋନାମା ଏବଂ କଥାବସ୍ତୁ ମନେ ଅଛି; ମାତ୍ର ସେ ଲେଖାଗୁଡ଼ିକ ପାଇପାରିଲି ନାହିଁ । ପ୍ରବନ୍ଧଗୁଡ଼ିକ ବିଭିନ୍ନ ସମୟରେ, ବିଭିନ୍ନ ବିଷୟରେ ଲେଖା ଯାଇଥିଲା । ସେଗୁଡ଼ିକ ଏକାଠି କରି ଗୋଟିଏ ପୁସ୍ତକରେ ପ୍ରକାଶ କଲେ, ସେଥିରେ ସଙ୍ଗତି ରହିବ ନାହିଁ । ତେଣୁ ସଜାଡ଼ି ଲାଗିଲି । ଯେଉଁ ଲେଖାଗୁଡ଼ିକ ଓଡ଼ିଶା ସହିତ ସଂଶ୍ଳିଷ୍ଟ, ସେଗୁଡ଼ିକୁ ଏ ସଞ୍ଚୟନରେ ଅନ୍ତର୍ଭୁକ୍ତ କରାଯାଇଛି ।

ଓଡ଼ିଶା ବିଷୟରେ କିଛି ଅଧ୍ୟୟନ କରିଛି । କିଛି ଅନୁଧ୍ୟାନ ମଧ୍ୟ କରିଛି । ଶିକ୍ଷା, ସମାଜ ଏବଂ ସଂସ୍କୃତି ବିଷୟରେ କିଛି ପରିମାଣରେ

Digitized by srujanika@gmail.com

ପ୍ରତ୍ୟକ୍ଷ ଅଭିଜ୍ଞତା ଲଭ କରିଛି । ଓଡ଼ିଶାର ସବୁ ଜିଲ୍ଲାରେ ବହୁ ଅଞ୍ଚଳ ବୁଲି ଦେଖିବାର ସୁଯୋଗ ପାଇଛି । ଶିକ୍ଷା ନିର୍ଦ୍ଦେଶକ ଭାବରେ ସବୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଦେଖିଛି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ବହୁ ସ୍ଥାନ ପରିଦର୍ଶନ କରିଛି । ମୋର ଇଉନିଭର୍ସିଟି କାର୍ଯ୍ୟକାଳ ମଧ୍ୟରେ ପ୍ରଥମରୁ ସମଗ୍ର ଓଡ଼ିଶା ପାଇଁ ଥିଲି ଗୋଟିଏ ବିଶ୍ୱବିଦ୍ୟାଳୟ । ପୂର୍ବରୁ ଓଡ଼ିଶାର ଅର୍ଥନୈତିକ ସର୍ଭେ କଲାବେଳେ, ଓଡ଼ିଶାର ପ୍ରାୟ ସବୁ ସହର ଏବଂ ବହୁ ଗ୍ରାମାଞ୍ଚଳ ବୁଲି ତଥ୍ୟ ସଂଗ୍ରହ କରିଛି । ସେ ସବୁ ଇଂରେଜୀରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି । ଏହି ପର୍ଯ୍ୟଟନରୁ ବିଭିନ୍ନ ଅଞ୍ଚଳର ସାମାଜିକ ଜୀବନ, ଅନୁଷ୍ଠାନ ଏବଂ ସଂଗଠନ ବିଷୟରେ ଆଲୋଚନା କରିଛି । ଲୋକଙ୍କର ସାନ୍ନିଧ୍ୟ ଲଭ କରିଛି । ଏଥିରେ ନାନା ଭାବନା ଏବଂ କଳ୍ପନା ମନକୁ ଆସିଛି ।

ଦଣ୍ଡକାରଣ୍ୟ, ମାଛକୁଣ୍ଡ, ହୀରାକୁଦ ଏବଂ ରାଉରକେଲା ପ୍ରକଳ୍ପ ଆରମ୍ଭ ହେଲାବେଳେ ସେଠାକୁ ଯାଇ ବିଭିନ୍ନ ସମସ୍ୟା ପର୍ଯ୍ୟବେକ୍ଷଣ କରିଛି । ହୀରାକୁଦ ବନ୍ଧ ନିର୍ମିତ ହେଲାବେଳେ ପ୍ରସ୍ତାବିତ ବୁଡ଼ି ଅଞ୍ଚଳକୁ ଯାଇ ଗ୍ରାମଗୁଡ଼ିକ ବୁଲି ଦେଖିଛି । ରାଉରକେଲା ପାଇଁ ଯେଉଁ ସବୁ ଆଦିବାସୀ ଗ୍ରାମଗୁଡ଼ିକ ସରକାର ନେବା ପାଇଁ ନୋଟିସ ଦେଇଥିଲେ, ସେଠାରେ ଲୋକଙ୍କ ଅବସ୍ଥା ଆଲୋଚନା କରିଛି । ପାରାଦ୍ୱୀପ ବନ୍ଦର ନିର୍ମିତ ହେଲାବେଳେ ବହୁବାର ସେଠାକୁ ଯାଇଛି । ରେଙ୍ଗାଲି ନଦୀବନ୍ଧର କାମ ସରି ଆସିଲାଣି । କାମ ଚାଲିଥିବାବେଳେ ଦେଖିବାର ସୁଯୋଗ ପାଇଛି । ଏସବୁ ପ୍ରକଳ୍ପର ବିବରଣୀ ବା ବିସ୍ତୃତ ଆଲୋଚନା ଏ ପୁସ୍ତକରେ ସନ୍ନିବିଷ୍ଟ ହୋଇ ନାହିଁ । ମାତ୍ର ଏଥିରେ ଲେଖକର ଚିନ୍ତାଧାରା ପ୍ରଭାବିତ ହୋଇଛି । ଜନ୍ମଭୂମିର ପରିକ୍ରମା ପ୍ରାଣରେ ଆନନ୍ଦ ଆଣିଛି; ଅବସାଦ ମଧ୍ୟ ଆଣିଛି ।

ଏ ସଞ୍ଚୟନରେ ଅନ୍ତର୍ଭୁକ୍ତ ପ୍ରବନ୍ଧଗୁଡ଼ିକ ଲେଖକର ଅନୁଧ୍ୟାନ,

Digitized by srujanika@gmail.com

ଅଭିଜ୍ଞତା ଏବଂ ଅନୁଭୂତି ଉପରେ ଆଧାରିତ । ପୁସ୍ତକଟିକୁ "ମାତୃପୂଜା ମଣ୍ଡପ" ନାମରେ ନାମିତ କରାଯାଇଛି । ଏ ମଣ୍ଡପରେ ଜାତି ଅଜାତି ନାହିଁ, ବାଛବିଚାର ନାହିଁ । ସାନ ବଡ଼ ନାହାନ୍ତି, ଉଚ୍ଚନୀଚ ନାହାନ୍ତି । ମାତୃପୂଜା ମଣ୍ଡପରେ ସମସ୍ତେ ସମାନ; ସମସ୍ତଙ୍କର ସମାନ ଅଧିକାର ।

ସେବା ହିଁ ପୂଜା । ଭକ୍ତକବି ଭାରତ ବନ୍ଦନାରେ ଭାରତ ଜନନୀର ସେବା ପାଇଁ ଯେଉଁ ପଂକ୍ତିଗୁଡ଼ିକ ଅଙ୍ଗୀଭୂତ କରିଛନ୍ତି, ସେଗୁଡ଼ିକ ଉତ୍କଳ ଜନନୀ ପ୍ରତି ମଧ୍ୟ ପ୍ରଯୁଜ୍ୟ ।

"ତୋର ଶ୍ରୀଚରଣ ସେବା
ପାଇଁ ମନ ପ୍ରାଣ ଦେବା;
ଗାଇବା ତୋହରି ନାମ ଆନନ୍ଦ ରବେ ।
ତୋ ଆନନ୍ଦେ ହୋଇବା ସୁଖୀ;
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।"

ଗାନ୍ଧି ଜୟନ୍ତୀ
୨ ଅକ୍ଟୋବର ୧୯୮୫ — **ଲେଖକ**

Digitized by srujanika@gmail.com

Digitized by srujanika@gmail.com

ସୂଚିପତ୍ର

ବିଷୟ	ପୃଷ୍ଠା
ପୁରୀପୂର୍ଣ୍ଣିଃ	୧
ଭଗ୍ନ ବିଭବ	୯
ଓଡ଼ିଆ ଓ ଓଡ଼ିଶା	୧୭
ତାମସୀ ଶତାବ୍ଦୀ	୨୫
ଉତ୍କଳୀୟ ଆତିଥେୟତା	୩୪
କଟକ ସହର—ଆଦିପର୍ବ	୩୯
ପାରାଦୀପର ଅଦୃଷ୍ଟ	୪୭
ନବ କଳେବର	୫୭
କଟକ ଲେଭଲ୍ କ୍ରସିଂ	୬୪
ଲବଣ ଶିଳ୍ପ	୭୦
ରେଙ୍ଗାଲି ବନ୍ଧ	୭୭
ସମ୍ବଲପୁରୀ ଶାଢ଼ୀ	୮୪
ତ୍ରୟୋଦଶ ଜିଲ୍ଲା	୮୯
ନୂତନତାର ଅନୁସନ୍ଧାନ	୯୯
ଯୋଡ଼ିବ ଆମକୁ କିଏ ?	୧୧୧
ବାଲିଯାତ୍ରା	୧୧୭
ମାନସିଂ ପ୍ରତିଷ୍ଠା	୧୨୫
ନମୁନା	୧୩୪
ଉପେକ୍ଷିତା ନଗରୀ	୧୪୧
ତମାଲତାଳୀବନରାଜିନୀଳା	୧୫୨
ଶିଳାନ୍ୟାସ	୧୫୮
ବୈରାଗୀ ମିଶ୍ର	୧୬୫

Digitized by srujanika@gmail.com

ବିଷୟ	ପୃଷ୍ଠା
ଅଶନି ସଙ୍କେତ	୧୬୧
ବିଲ୍ଲଢ ମାଟି	୧୮୦
ଦୁଧରେ କୁମ୍ଭୀର କୁଆ	୧୮୭
ସତ୍ୟବାଦୀ ସ୍କୁଲ	୧୯୨
ପ୍ରଖର ପ୍ରତିଭା	୨୦୧
ସତ୍ୟବାଦୀର ଅନ୍ତରାତ୍ମା	୨୧୦
ଆମ ଘର ଏଇ ଓଡ଼ିଶା ଗାଇଜେ	୨୧୫
ବୃକ୍ଷ ଚରିତରୁ	୨୨୭
ଜଗନ୍ନାଥ ବିଗ୍ରହ ବନ୍ଧନ	୨୩୦

Digitized by srujanika@gmail.com

ପୁରୀପୁର୍ଣ୍ଣଃ

ଶ୍ରୀକ୍ଷେତ୍ରରୁ ପଣ୍ଡିତ ହରିହର ଯାଇଥିଲେ ଦେଶାଟନରେ । କାହାଣୀ ନୁହେ । ପୁରାଣ ନୁହେ । ବାସ୍ତବ ଘଟଣା । ଯାଇଥିଲେ ପଶ୍ଚିମ ଅଞ୍ଚଳକୁ । ତା'ର ଆଧୁନିକ ନାମ ଉତ୍ତର ପ୍ରଦେଶ । ଗୋଟିଏ ରାଜଦ୍ୱାରରେ ଉପନୀତ ହେଲେ । ରାଜାଙ୍କ ନିକଟକୁ ସମ୍ବାଦ ଗଲା, ଜଣେ ପଣ୍ଡିତ ଆସିଛନ୍ତି । ରାଜାଙ୍କର ପଣ୍ଡିତ ସଭା ବସିଛି । ପଣ୍ଡିତ ମହାଶୟ ପ୍ରବେଶ କଲେ । କୌଣସି ପରିଚୟପତ୍ର ନାହିଁ । ଅଜ୍ଞାତ ଆଗନ୍ତୁକ । ରାଜା ପ୍ରଶ୍ନ କଲେ—"କ୍ୱ ପୂର୍ବଃ" ? ଆଶୁ ଉତ୍ତର ମିଳିଲା— "ପୁରୀପୁର୍ଣ୍ଣଃ" । ରାଜା ଆସନରୁ ଉଠି ଆସିଲେ । ନମସ୍କାର କଲେ । ସ୍ୱାଗତ କରି ସଭା ମଧ୍ୟକୁ ଘେନିଗଲେ ।

ପରିଚୟ ମାଗିବା ସଙ୍ଗେ ସଙ୍ଗେ ରାଜା ବୋଧହୁଏ ପଣ୍ଡିତଙ୍କର ସଂସ୍କୃତ ଜ୍ଞାନ ପରୀକ୍ଷା କରୁଥିଲେ । ତେଣୁ ପଚାରିଲେ—(କ୍ୱ) କେଉଁଠାରେ, (ପୂର୍) ନିବାସ; (ବଃ) ଆପଣଙ୍କର ? ଆପଣଙ୍କର ବାସସ୍ଥାନ କେଉଁଠାରେ ? ଉତ୍ତର ମିଳିଲା—(ପୁରୀ) ପୁରୀଧାମ, (ପୁର୍) ନିବାସ, (ନଃ) ଆମ୍ଭର । ଆଉ କୌଣସି ପରିଚୟ ଲୋଡ଼ା ନାହିଁ । ପୁରୀଧାମରୁ ଆସିଛନ୍ତି ପଣ୍ଡିତ ମହାଶୟ । ଏଇ ଯଥେଷ୍ଟ ।

ଭାରତବର୍ଷ ମଧ୍ୟରେ କୌଣସି ରାଜ୍ୟକୁ ଯାଇ ଓଡ଼ିଶାର ଲୋକ ବୋଲି ପରିଚୟ ଦେଲେ, ଲୋକେ ଆଶ୍ଚର୍ଯ୍ୟ ହୋଇ ପୃଚ୍ଛିବେ । ସେ କେଉଁଠାରେ ? ପୁରୀଧାମରୁ ଆସିଛନ୍ତି ବୋଲି ଶୁଣିଲେ ହାତ ଯୋଡ଼ି ନମସ୍କାର କରିବେ । ଭାରତର ପୁରପଲ୍ଲୀ, ନଗର, ଜନପଦ— ସର୍ବତ୍ର ଜଗନ୍ନାଥ ପୁରୀ ସୁପରିଚିତ । ବହୁ ସାଧୁ, ସନ୍ଥ, ମନସ୍ୱୀ, ତେଜସ୍ୱୀ, ଅଭ୍ରାନ୍ତ, ସମ୍ଭ୍ରାନ୍ତ—ସକଳଙ୍କୁ ଏ ଧାମ ଆକର୍ଷଣ କରିଛି । ଶଙ୍କର, ନାନକ, କବୀର, ଚୈତନ୍ୟଙ୍କ ପରି ମହାମନାଗଣ ଏଠାରେ ଆଲୋକର ସନ୍ଧାନ କରିଛନ୍ତି । ଏଣୁ ଶ୍ରୀକ୍ଷେତ୍ରରୁ ବହୁ ବିଜ୍ଞ ପଣ୍ଡିତ ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

Digitized by srujanika@gmail.com

ଭାରତର ଚାରି ପ୍ରାନ୍ତରେ ଚାରି ଧାମ—ବଦ୍ରିକା, ଦ୍ୱାରକା, ରାମେଶ୍ୱର, ଜଗନ୍ନାଥ । ସାଂସ୍କୃତିକ ସମନ୍ୱୟ ସୃଷ୍ଟି କରିବାରେ, ଭାରତୀୟ ସଂହତି ଦୃଢ଼ୀଭୂତ କରିବାରେ, ଏ ଚାରିଧାମ ଏକ ମହନୀୟ ବ୍ୟବସ୍ଥା । ବହୁ ଲୋକ ଚାରିଧାମ ପର୍ଯ୍ୟଟନ କରୁଥିଲେ । ସେଥିରେ ପ୍ରତିଷ୍ଠିତ ହେଉଥିଲା ନିବିଡ଼ ସମ୍ପର୍କ ଆଉ ଭାରତୀୟ ଭାବଧାରା । ଏ ସଂହତିରେ ଜଗନ୍ନାଥ ଧାମର ଥିଲା ଅଭିନବ ମହତ୍ତ୍ୱ । ଜଗନ୍ନାଥଙ୍କର ପ୍ରଯାରିତ ଭୁଜ ମଧ୍ୟରେ ସମାବିଷ୍ଟ ହୋଇଥିଲେ ଶବର ବ୍ରାହ୍ମଣ, ବୌଦ୍ଧ ଜୈନ, ଶୈବ ବୈଷ୍ଣବ, ନରେଶ ଚଣ୍ଡାଳ । ଏଥିରେ ହୋଇଥିଲା ସକଳ ଧର୍ମ, ଭାଷା ଆଉ ସମ୍ପ୍ରଦାୟର ଏକୀକରଣ ।

ଆଉ ଏବେ ? ଉତ୍କଟ ଆଞ୍ଚଳିକତାର ସଂଘର୍ଷରେ ସେ ସାଂସ୍କୃତିକ ସମାବେଶ କମ୍ପିତ ହୋଇ ଯାଇଛି । ବିଚ୍ଛେଦୀକରଣ ଏକ ବିଭତ୍ସ ପର୍ଯ୍ୟାୟରେ ପ୍ରବେଶ କରିଛି । ଏକୀକରଣ କେବଳ ଧ୍ୱନିରେ, ଭାଷଣରେ ଏବଂ ସଭାସମିତିର ପ୍ରସ୍ତାବରେ ପର୍ଯ୍ୟବସିତ ହୋଇଛି ।

ଓଡ଼ିଶା ରାଜ୍ୟ ଦରିଦ୍ର ବୋଲି ଅନ୍ୟମାନଙ୍କର ଅନୁକମ୍ପାର ପାତ୍ର ହୋଇଛି । ଗୋପବନ୍ଧୁଙ୍କର ଜନ୍ମ ଉତ୍କଳର ଏଇ ଦୁଃଖ, ଦୈନ୍ୟ, ଦୁର୍ଦ୍ଦଶା, ଦୁର୍ବିପାକ ମଧ୍ୟରେ । ତାହାର ସହିତ ଜଡ଼ିତ ତାଙ୍କର ସମସ୍ତ ଜୀବନ । ତାହାର ଭିତରେ ତାଙ୍କର ତପୋଧାନ । ମାତ୍ର ଏଇ ଦୁର୍ଗମ, ଦୁର୍ଗତିର ଅନ୍ଧକାର ମଧ୍ୟରେ ସେ ସର୍ବଦା ଉପଲବ୍ଧି କରୁଥିଲେ ଉତ୍କଳ ଭୂମିର ମହତ୍ତ୍ୱ ଏବଂ ସାଂସ୍କୃତିକ ପ୍ରତିଷ୍ଠା । ଉତ୍କଳର ନଦୀ ମହାନଦୀ; ଉଦଧି ମହୋଦଧି; ଦାଣ୍ଡ ବଡ଼ଦାଣ୍ଡ; ଦେଉଳ ବଡ଼ ଦେଉଳ ଆଉ ଠାକୁର ବଡ଼ ଠାକୁର । ଏ ଭାବଧାରା ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା । ନୀଳାଚଳ ଧାମ ତାଙ୍କୁ ସତତ ଅଭିଭୂତ କରିଥିଲା । ତାଙ୍କର ଭାଷାରେ—

> ଜଗତ ~~ଉତ୍କଳ~~ ସରସେ ~~ଉତ୍କଳ~~ କମଳ, ଭାରତ
> ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।

ଏଇ ପୁଣ୍ୟ ନୀଳାଚଳ ଏକ ବିରାଟ ଅର୍ଥନୈତିକ ଅନୁଷ୍ଠାନ । ଏଇ ସଂସ୍କୃତିର ଧାମ ଜଗନ୍ନାଥପୁରୀ ଦୂରଦୂରାନ୍ତରୁ ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରୁଥିଲା । ଶ୍ରୀକ୍ଷେତ୍ର ନାମକୁ ସାର୍ଥକ

Digitized by srujanika@gmail.com

କର ଏ କ୍ଷେତ୍ର ହୋଇଥିଲା ଲକ୍ଷ୍ମୀ କ୍ଷେତ୍ର । ବର୍ଷସାରା ନାନା ଯାତ୍ରା ଉତ୍ସବ ସମାରୋହ ପର୍ଯ୍ୟଟକମାନଙ୍କ ପାଇଁ ଅତି ମନୋହର ଆକର୍ଷଣ । ପୁରୀ ପର୍ଯ୍ୟନ୍ତ ରେଲରାସ୍ତା ଆସିଲା ଚଳନ୍ତି ଶତାବ୍ଦୀର ଆରମ୍ଭରେ । ମାତ୍ର ଶହ ଶହ ବର୍ଷ ଧରି ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ବହୁ ପର୍ଯ୍ୟଟକ ଆସୁଥିଲେ ଏ ପୁଣ୍ୟପୀଠକୁ । ଗମନାଗମନରେ ନାନା ପ୍ରତିବନ୍ଧକ । ଦୁର୍ଗମ ରାସ୍ତାଘାଟ, ନଈ, ପାଟ, ଦୀର୍ଘପଥ ମଧ୍ୟରେ ହିଂସ୍ରଜନ୍ତୁ । ଖାଦ୍ୟ, ପେୟ, ସ୍ୱାସ୍ଥ୍ୟ—ସବୁ ଅନିଶ୍ଚିତ । ତଥାପି ଏ ଧାମର ଚୁମ୍ବକ ଶକ୍ତି ବହୁ ଲୋକଙ୍କୁ ଟାଣି ଆଣୁଥିଲା । ସେ ସମୟର ବିବରଣୀରୁ ଜଣାଯାଏ ଦୁଇ ତିନି ଲକ୍ଷ ଲୋକ ବିଭିନ୍ନ ପ୍ରାନ୍ତରୁ ଆସୁଥିଲେ କେବଳ ଶ୍ରୀଗୁଣ୍ଡିଚାରେ ରଥଯାତ୍ରା ଉତ୍ସବ ଦେଖିବା ପାଇଁ ।

ରେଲପଥ ଆସିବା ପରେ ଶ୍ରୀଗୁଣ୍ଡିଚାର ଆଠଦିନ ପୂର୍ବରୁ ପ୍ରତିଦିନ ସାତ ଆଠଟି ସ୍ୱତନ୍ତ୍ର ଟ୍ରେନ ଆସୁଥିଲା । ବହୁଦିନ ବ୍ୟାପୀ ସମଗ୍ର ସହର ହୋଉଥିଲା ଲୋକାରଣ୍ୟ । ଏବେ ସ୍ୱତନ୍ତ୍ର ଟ୍ରେନ ପ୍ରାୟ ବନ୍ଦ ହୋଇଯାଇଛି । ଗଲାବର୍ଷ ଗୋଟିଏ ହେଲେ ଆସି ନାହିଁ । ଓଡ଼ିଶା ବାହାରୁ ଯାତ୍ରୀସଂଖ୍ୟା କୋଡ଼ିଏ ହଜାର ମଧ୍ୟ ହେଉ ନାହିଁ । ବର୍ଷସାରା ପର୍ଯ୍ୟଟକଙ୍କ ସ୍ରୋତ ଲାଗି ରହୁଥିଲା । ସେ ସ୍ରୋତ କ୍ଷୀଣ ହୋଇଯାଇଛି । ଗ୍ରୀଷ୍ମଋତୁରେ ବେଳାଭୂମି ଜନାକୀର୍ଣ୍ଣ ହୋଇ ପଡ଼ୁଥିଲା, ଏବେ ସେ ବିଭବ ମଳିନ ହୋଇ ପଡ଼ୁଛି । ଏ ବିପର୍ଯ୍ୟୟ ଉପୁଜିଲା କାହିଁକି ? ଏ ପ୍ରତିଷ୍ଠିତ ପର୍ଯ୍ୟଟନ କ୍ଷେତ୍ରର ପ୍ରତିଷ୍ଠା ନିମିଳିତ ହେଉଛି କାହିଁକି ? ଏ ବିରାଟ ଅର୍ଥନୈତିକ ପନ୍ଥା ସଂକୁଚିତ ହୋଇ ଯାଉଛି କାହିଁକି ?

କୁହାଯାଉଛି—ଏବେ ଲୋକଙ୍କର ଧର୍ମଭାବ ହ୍ରାସପାଇ ଯାଉଛି । ଦ୍ୱିତୀୟ ମହାଯୁଦ୍ଧ ପରେ ଲୋକଙ୍କର ମନୋଭାବ ଭିନ୍ନ ମାର୍ଗରେ ପରିଚାଳିତ ହୋଇ ଯାଇଛି । ତେଣୁ ତୀର୍ଥଯାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି । ଅତି ଉପରଠାଉରିଆ ଏ କୈଫିୟତ । ତିରୁପତିରେ ଶ୍ରୀ ଭେଙ୍କଟେଶ୍ୱରଙ୍କ ଦର୍ଶନ ଲାଗି ଲକ୍ଷ ଲକ୍ଷ ଯାତ୍ରୀଙ୍କର ସମାଗମ ହେଉଛି । ସେ ମନ୍ଦିରର ଆଂଶିକ ଆୟରୁ ଗୋଟିଏ ବିଶ୍ୱବିଦ୍ୟାଳୟର

Digitized by srujanika@gmail.com

ବହୁଭାଗ ଖର୍ଚ୍ଚ ଯୋଗାଇବା ସମ୍ଭବ ହୋଇ ପାରୁଛି । ବିଶେଷ ମହାଯୁଦ୍ଧ ପରେ ପର୍ଯ୍ୟଟକ ସଂଖ୍ୟା ସର୍ବତ୍ର ବୃଦ୍ଧି ପାଇବାରେ ଲାଗିଛି । ପୁରୀ-ଧାମର ଭାଗ୍ୟରେ ଏ ବିପର୍ଯ୍ୟୟ ଘଟିଛି କାହିଁକି ?

ବିଭିନ୍ନ ରାଜ୍ୟ ମଧ୍ୟରେ, ବିଶେଷତଃ ଉତ୍ତର-ଭାରତରେ, ରେଲଯାତ୍ରା କଲାବେଳେ, ସହଯାତ୍ରୀଙ୍କ ସହିତ କଥାବାର୍ତ୍ତାରେ, ପୁରୀ ସମ୍ବନ୍ଧରେ ଶୁଣିବାକୁ ମିଳେ ବହୁ ଅଭିଯୋଗ, ଅପବାଦ । ଅତି ଦୁଃଖ-ଦାୟକ । ବର୍ଣ୍ଣନା ନ କରିବା ଉଚିତ । ସେସବୁ ଅଭିଯୋଗରୁ ଅନେକ ସତ୍ୟ । ଅନେକ ଶୁଣାଶୁଣି କିମ୍ବା ମନଗଢ଼ା । ବିଦ୍ୱେଷମୂଳକ ମଧ୍ୟ ହୋଇପାରେ । ଏ ଅପପ୍ରଚାରର ପୁରୀଧାମର ମହତ୍ତ୍ୱ କ୍ଷୁଣ୍ଣ କରୁଛି । ଯେଉଁମାନେ କହୁଛନ୍ତି, ସେମାନଙ୍କୁ ନିନ୍ଦା କରି ବା ଭର୍ତ୍ସନା କରି, ଆତ୍ମପ୍ରସାଦ ଲାଭ କରିବାରେ କୌଣସି ଫଳ ହେବ ନାହିଁ । ଏ ଅପବାଦର ଅପସାରଣ ପାଇଁ କୌଣସି ଉଦ୍ୟମ ହୋଇ ନାହିଁ । ସବୁ ପର୍ଯ୍ୟଟନସ୍ଥଳୀ ସମ୍ବନ୍ଧରେ ବିସ୍ତର ପରିପ୍ରଚାର ସର୍ବତ୍ର କରାଯାଏ । ମାତ୍ର ପୁରୀଧାମ ସମ୍ବନ୍ଧରେ ସେ ଭାବରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ । କ୍ୱଚିତ କେତେକ ସ୍ଥାନରେ ଦେଖିବାକୁ ମିଳେ ଗୋଟିଏ ମାତ୍ର ଛବି— ତିନୋଟି ରଥ ଆଉ ବିପୁଳ ଜନସମାଗମ । ଏତିକି । ପ୍ରଚାର ପାଇଁ ଲୋଡ଼ା ଭାରତବ୍ୟାପୀ ଆନୁଷ୍ଠାନିକ ବ୍ୟବସ୍ଥା । ପରିପ୍ରଚାର ନ ହେଲେ ଅପପ୍ରଚାର ହିଁ ପ୍ରସାର ଲାଭ କରିବ । ଆଉ ଆମର ଏ ବିରାଟ ଅର୍ଥନୈତିକ ସଂସ୍ଥା ମ୍ଳାନ ହୋଇ ଆସିବ ।

ବିଚାର କରିବା ଆବଶ୍ୟକ, ଯେଉଁ କ୍ଷେତ୍ରକୁ ପ୍ରକୃତି ରମଣୀୟ କରିଛି, ଯେଉଁ ଧାମକୁ ମନିଷ ମହନୀୟ କରିଥିଲା, ସେ ପୁଣ୍ୟପୀଠ କଣ ଆକର୍ଷଣୀୟ କରାଯାଇ ପାରିବ ନାହିଁ ?

ଆମର ଦାଣ୍ଡ ବଡ଼ଦାଣ୍ଡ । ସେ ଦାଣ୍ଡ ଆଉ ବଡ଼ଦାଣ୍ଡ ହୋଇ ନାହିଁ । ତାହାର ରୂପ, ଗୁଣ ସବୁ ବଦଳିଯାଇଛି । ଏମାରମଠ ଲାଇବ୍ରେରୀରୁ ଚାହିଁଲେ ଏହାକୁ କ'ଣ କେହି ବଡ଼ଦାଣ୍ଡ ବୋଲି କହି ପାରିବ ? ତାଟିବାଡ଼ରେ ତିଆରି ବଜାର । ଖୋଲା ରାସ୍ତା ଉପରେ ମେଲିଯାଇଛି ପସରା । ଦାଣ୍ଡ ଉପରକୁ ମାଡ଼ି ମାଡ଼ି ତିଆରି ଚାଲିଛି

Digitized by srujanika@gmail.com

ଘର, ଦୋକାନ, କାରଖାନା । ତା' ସାଙ୍ଗରେ ଅଛି ସ୍ତୂପୀକୃତ ଆବର୍ଜନା, ଘନୀଭୂତ ବିଶୃଙ୍ଖଳା, ପୁଞ୍ଜିଭୂତ ଅବହେଳା । କେଉଁ ପର୍ଯ୍ୟଟକ ଏ ଦୃଶ୍ୟ ଦେଖି ମୁଗ୍‌ଧ ହେବେ ? ଫେରିଯାଇ କି ବିବରଣୀ ସେ ପ୍ରଚୁର କରିବେ ? ପ୍ୟାରିସ ନଗରୀରେ ଅଜ୍ଞାତ-ସୈନିକ ତୋରଣ ଉପରୁ ଚତୁର୍ଦ୍ଦିଗରେ ସୁଦୂର ପ୍ରସାରିତ ରମଣୀୟ ସରଣୀମାନ ଯେ ଥରେ ଦେଖିଛି, ତା' ମନରେ ସେ ଦୃଶ୍ୟ ସର୍ବଦା ଜାଗରୁକ ରହିଥିବ । ଥରକୁ ଥର ଦେଖିବା ପାଇଁ ସେ ଉତ୍କଣ୍ଠିତ ହେଉଥିବ; ମାତ୍ର ପର୍ଯ୍ୟଟକର ସ୍ମୃତିପଟରେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ କି ପ୍ରକାର ରେଖାପାତ କରିପାରିବ ?

ମନ୍ଦିରର ମୁଖ୍ୟ ପ୍ରବେଶ ପଥ ସିଂହଦ୍ୱାର । ଦୁଇଟି ବିରାଟ ସିଂହ ସେଠାରେ ସ୍ଥାପିତ ହୋଇଛନ୍ତି । ମାତ୍ର ସେମାନେ ଦୁଇଟି ମୂଷିକରେ ପରିଣତ ହୋଇ ଯାଇଛନ୍ତି । ଦୁଇ ପଟରୁ ଚିବା ଟାଟି, ଛିଣ୍ଡା ଗୁଣ୍ଠ ଆଉ କାଠ ବେଷ୍ଟନୀର ଆକ୍ରମଣରେ ସେମାନେ କାବୁ ହୋଇ ଗଲେଣି । ସମ୍ମୁଖରେ ଭିକ୍ଷୁକ, କାଙ୍ଗାଳ ଏବଂ ଚତୁଷ୍ପଦଙ୍କର ଅବାରିତ ସମାବେଶ । ମେଘନାଦ ପ୍ରାଚୀର ଚୁଛିଦ୍ରନ । ଆମ ଦେଉଳ ବଡ଼ ଦେଉଳ; ଆମ ମନ୍ଦିର ଶ୍ରୀମନ୍ଦିର; ମାତ୍ର ଏହି ତାର ପରିବେଶ । ଦକ୍ଷିଣ-ଭାରତରେ ମନ୍ଦିରର ମୁଖ୍ୟ ଭାଗ, ମୁଖଶାଳା—ଗୋପୁରମ୍, ସୌଷ୍ଠବର କେନ୍ଦ୍ର । କୋଣାର୍କରେ ଯେଉଁ ଭଗ୍ନାବଶେଷ ବିଶ୍ୱପ୍ରଖ୍ୟାତ, ତାହା ମନ୍ଦିରର ମୁଖଶାଳା । ଅଧ୍ୟାପକ ବାସାମ୍ ଲେଖିଛନ୍ତି, ତାଜମହଲର ଅର୍ଦ୍ଧେକ ସୌନ୍ଦର୍ଯ୍ୟ ଯମୁନାତୀରର ଅବସ୍ଥିତି ଏବଂ ରମଣୀୟ ଉଦ୍ୟାନର ପରିପାଟୀ । ନୀଳାଚଳ ଉପରେ ଯେଉଁ ଶ୍ରୀମନ୍ଦିର ଅବସ୍ଥିତ, ତା'ର ପରିବେଶ ଏପରି ଅବହେଳିତ ହେବ କାହିଁକି ? କୋଣାର୍କର ଅରୁଣ ସ୍ତମ୍ଭକୁ ଆଣି ଯେଉଁମାନେ ସିଂହଦ୍ୱାର ସମ୍ମୁଖରେ ଉଭା କରାଇଥିଲେ, ସେମାନେ କ'ଣ କେବେ କଳ୍ପନା କରିଥିଲେ ଯେ ଏଇଟି କରୁଣ ସ୍ତମ୍ଭରେ ପରିଣତ ହୋଇଯିବ ?

ଅଭ୍ୟନ୍ତର ପରିବେଶ । ପରିଚ୍ଛନ୍ନତା ଦେବତ୍ୱର ଅନ୍ତରଙ୍ଗ ଅନୁଜ । ଗତ ଦଶବର୍ଷ ମଧ୍ୟରେ ମନ୍ଦିରର ଯାହା ଉନ୍ନତ ସମାହିତ

Digitized by srujanika@gmail.com

ହୋଇଛି, ସେଥିରେ ପରିଚ୍ଛନ୍ନତା ଉଲ୍ଲେଖନୀୟ । ଶ୍ରୀମନ୍ଦିର ପ୍ରାଙ୍ଗଣ ସୁବିସ୍ତୃତ । ବହୁ ଲୋକଙ୍କର ସମାଗମ ଲାଗି ଅଭିପ୍ରେତ । ମାତ୍ର ତହିଁରେ ଭିକ୍ଷୁକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପ୍ରାଙ୍ଗଣ, ଲକ୍ଷ୍ମୀମୋହନ, ଜଗମୋହନ—ସର୍ବତ୍ର । ମନ୍ଦିରର ସ୍ଥାପତ୍ୟକୁ ବିଦ୍ରୂପ କରିବା ପାଇଁ ଚିରା ଅଖା, ଛିଣ୍ଡା ଡାଟିରେ ଆବୃତ ଘିଅ ଦୀପର ପସରା । ଏ ବିଦ୍ରୂପର ସ୍ଥାୟିତ୍ୱ ଲାଗି ବେଢ଼ା ମଧ୍ୟରେ ରାସ୍ତା ଉପରେ କାଠ କ୍ୟାବିନ ପରି ମୁଣ୍ଡ ଟେକୁଛି ଆଜ୍‌ବେଷ୍ଟସ୍ ଆଚ୍ଛାଦିତ କୁଟୀର । ବାର୍ତ୍ତାବହ ପର୍ଯ୍ୟଟକ କି ବାର୍ତ୍ତା ବହନ କରି ଯିବ ତା'ର ବନ୍ଧୁ ସ୍ୱଜନଙ୍କ ନିକଟକୁ ? ଯହିଁରେ ଶ୍ରୀ-ହ୍ରାସ ହୁଏ, ସେ କ'ଣ ପାପରେ ପରିଗଣିତ ହୁଏ ନାହିଁ ?

ଆମ ଉଦଧି ମହୋଦଧି । ନୀଳାଚଳ ଏବଂ ମହୋଦଧିର ସମାବେଶ ଏ କ୍ଷେତ୍ରକୁ କରିଛି ଶ୍ରୀକ୍ଷେତ୍ର, ଶୋଭାର ଆଧାର । ଏଠାର ବେଳାଭୂମି ରମଣୀୟ । ଭାରତବର୍ଷରେ ସମୁଦ୍ର କୂଳରେ ଯେତେ ନଗରୀ ଉଭା ହୋଇଛନ୍ତି, କାହାର ବେଳାଭୂମି ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ସହିତ ସରିସମ ନୁହନ୍ତି । ଦୀଘା, ଗୋପାଳପୁର, ବିଶାଖାପାଟଣା, କଲିକତା, ମାଦ୍ରାଜ, କୋଚିନ, ବମ୍ବେ ଯେଉଁମାନେ ଦେଖିଛନ୍ତି, ସେମାନେ ଏ କଥା ସହଜରେ ଉପଲବ୍ଧି କରିପାରିବେ । ବହୁ ସ୍ଥାନରେ ମଣିଷ ବେଳାଭୂମିକୁ ସୁନ୍ଦର କରିଛି; ଉପଭୋଗ୍ୟ କରିପାରିଛି । ମାତ୍ର ପ୍ରକୃତି ଯାହାକୁ ସୁନ୍ଦର କରି ଗଢ଼ିଥିଲା, ପୁରୀର ସେ ବେଳାଭୂମିକୁ ମଣିଷ ନାରଖାର କରିବାରେ ଲାଗିଛି ।

ଅଧ୍ୟାପକ ଗାଲବ୍ରେଥ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିଲେ । ବହୁବାର ପୁରୀ ଆସିଛନ୍ତି । ପୁରୀ ରେଲୱେ ହୋଟେଲରେ ତାଙ୍କର ଅଭିମତ ଲେଖିଛନ୍ତି । ସେ କହୁଥିଲେ, ଭାରତରେ ଅବସର ଉପଭୋଗ ପାଇଁ ଅଛି ଦୁଇଟି ରମଣୀୟ ସ୍ଥାନ । ଗୋଟିଏ କାଶ୍ମୀରରେ ଶ୍ରୀନଗର । ଅନ୍ୟଟି ଓଡ଼ିଶାରେ ପୁରୀ କ୍ଷେତ୍ର । ଯେଉଁଠାରେ ଉଦାର ସଂସ୍କୃତି ଏବଂ ରମଣୀୟ ପ୍ରକୃତିର ସମାବେଶ, ସେ କ୍ଷେତ୍ର ପ୍ରତି ପର୍ଯ୍ୟଟକ ବିମୁଖ ହେବେ କାହିଁକି ?

ଆମ ବେଳାଭୂମିରେ ବିଛେଇ ହୋଇ ପଡ଼ିଛି ଭଙ୍ଗାକାଠ,

Digitized by srujanika@gmail.com

ଛିଣ୍ଡା ଜାଲ, ଶଗଡ଼କାଗଜ, ମଇଳା କନା । ବସିବାର ସ୍ଥାନ ନାହିଁ; ସ୍ନାନ କରିବାକୁ ଗଲେ ଲୁଗା ବଦଳାଇବାର ସୁବିଧା ନାହିଁ, କେଉଁଠାରେ ବସି ଜଳଯୋଗ ସହିତ ଆକାଶର ରକ୍ତିମାରେ ମୁଗ୍ଧ ହେବାର ଠାବ ଠିକଏ ନାହିଁ । ଆଉ ସୂର୍ଯ୍ୟାସ୍ତ ପରେ ନିର୍ଜନରେ ସମୁଦ୍ର କୂଳରେ ଭ୍ରମଣ କରିବାର ସାହସ ମଧ୍ୟ କରି ହେଉ ନାହିଁ । ସେଥି ସଙ୍ଗେ ସଙ୍ଗେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିର ଚତୁର୍ଦ୍ଦିଗରେ ପୁରୀଷୋତ୍ସର୍ଗ ଲାଗି ଦିଆଯାଇଛି ଅବାଧ ସ୍ୱାଧୀନତା । ଭାରତର ସର୍ବଶ୍ରେଷ୍ଠ ବେଳାଭୂମିର ଆଜ ଏ ଦୁର୍ଦ୍ଦଶା ।

ଦେଖୁନାହିଁ କିଆଁ, ମାଉ୍ନୁ ନାହିଁ ଲାଜ ?
କି ଥିଲା ଏ ଭୂଇଁ କି ହୋଇଛି ଆଜ !

ପର୍ଯ୍ୟଟନର ପ୍ରସାର ପାଇଁ ପଞ୍ଚବର୍ଷୀୟ ଯୋଜନାରେ ବହୁ ପରିମାଣରେ ଅର୍ଥ ବ୍ୟବସ୍ଥା କରାଯାଉଛି । ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟଟନସ୍ଥଳୀ ଆକର୍ଷଣୀୟ କରିବାକୁ ହେବ । ଉଦ୍ଦେଶ୍ୟ—ବିଦେଶୀ ମୁଦ୍ରା ଉପାର୍ଜନ । ମାତ୍ର ଆଭ୍ୟନ୍ତରୀଣ ପର୍ଯ୍ୟଟନ ଯେ ଏକ ବିରାଟ ଉପାର୍ଜନର ପନ୍ଥା, ଯୋଜନାର ପରିସର ମଧ୍ୟରେ ସେ ପରିକଳ୍ପନା ସ୍ଥାନ ପାଉ ନାହିଁ । ପର୍ଯ୍ୟଟନର ପ୍ରସାର ଲାଗି ଆଲୋଚନା ହେଲାବେଳେ ବିଚାର ହେଉଛି ଗୋଟିଏ ସରକାରୀ ବିଭାଗର ସୃଷ୍ଟି । କେତୋଟି ସୌଖୀନ ମଟରଯାନ ଆଉ ଗୋଟିଏ ଲେଖାଏଁ ପଞ୍ଚତାରକା ହୋଟେଲ । ଏସବୁ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ । ଏଥିରେ ଯେତେ ସରକାରୀ ଅର୍ଥ ବିନିଯୋଗ କରାଯାଏ, ତହିଁରେ ଲାଭକ୍ଷତିର ସମୀକ୍ଷା ଅବାନ୍ତର । ମାତ୍ର ଯେଉଁ ସ୍ୱଦେଶ ଯାତ୍ରୀମାନେ ପୁରୀଧାମକୁ ଆସିବେ, ସେମାନେ ଲଜଂ ହାଉସ ନାମରେ ଅଭିହିତ ଗୋଶାଳାରେ ଅବସ୍ଥାନ କରି ଫେରିଯିବେ । ପୁନରାଗମନ ତ ଦୂରର କଥା; କରଯୋଡ଼ି ନିବେଦନ କରିଯିବେ, ଆଶୁ ପରିପାର ଲାଗି ।

ପ୍ରକୃତି ଖଞ୍ଜିଛି ଅତୁଳ ବିଭବ । ଦାୟାଦ ଭାବରେ ପାଇଥାଇଁ ପ୍ରଖ୍ୟାତ ପୁଣ୍ୟଧାମ । ଏ ଅପୂର୍ବ ସମାବେଶ ସୃଷ୍ଟି କରିଛି ଏକ ମହାର୍ଘ୍ୟ ପର୍ଯ୍ୟଟନ ସ୍ଥଳୀ—ଉତ୍କଳର ଏକ ବିପୁଳ ଆର୍ଥନୀତିକ ସଂସ୍ଥା । ମାତ୍ର

Digitized by srujanika@gmail.com

ଆମେ ତାକୁ ନାରଖାର କରି ଲାଗିଛୁ । ଆମେ ସୁଯୋଗ୍ୟ ଦାୟାଦ ! ଉପଭୋଗ୍ୟ ହେଲେ, ଆକର୍ଷଣୀୟ କରିପାରିଲେ ବହୁ ପର୍ଯ୍ୟଟକଙ୍କର ସମାଗମ ହୋଇ ପାରିବ । ବାର୍ଷିକ ପାଞ୍ଚଲକ୍ଷ ଯାତ୍ରୀଙ୍କର ସମାଗମ ସହଜସାଧ୍ୟ ଏବଂ ବାସ୍ତବ ପରିକଳ୍ପନା । ଜଣେ ପର୍ଯ୍ୟଟକ ଯଦି ହାରାହାରି ଏକଶତ ଟଙ୍କା ବ୍ୟୟ କରି ପାରନ୍ତି, ତେବେ ଏଥିରେ ପୁରୀଧାମର ବାର୍ଷିକ ଆୟ ହେବ ପାଞ୍ଚକୋଟି ଟଙ୍କା । ଓଡ଼ିଶାରେ ଜଣପିଚ୍ଛା ଆୟର ପରିମାଣ ମାତ୍ର ୮୬୬ ଟଙ୍କା । ପୁରୀ ସହରର ଲୋକସଂଖ୍ୟା ୭୨ ହଜାର ହାତଶହ । ପର୍ଯ୍ୟଟକଙ୍କର ସଂଖ୍ୟା ପାଞ୍ଚଲକ୍ଷ ନ ହୋଇ ଚାରିଲକ୍ଷ ହେଲେ ମଧ୍ୟ ସହରରେ ଜଣପିଚ୍ଛା ଆୟର ପରିମାଣ ହେବ ପାଞ୍ଚଶହ ଟଙ୍କାରୁ ଅଧିକ; ଅର୍ଥାତ୍ ବର୍ତ୍ତମାନ ରାଜ୍ୟର ଜଣପିଚ୍ଛା ଆୟ ଅପେକ୍ଷା ଅଧିକ । ପର୍ଯ୍ୟଟନର ବ୍ୟବସ୍ଥା ଯେ ଏକ ବିରାଟ ଉଦ୍ୟୋଗ, ଏଥିଲାଗି କ'ଣ ଆଉ ପ୍ରମାଣ ଆବଶ୍ୟକ ? ଯୋଜନାରେ ନାନା ଉଦ୍ୟୋଗରେ ବହୁ ଅର୍ଥ ବିନିଯୋଗ କରାଯାଉଛି; ମାତ୍ର ଏଭଳି ଏକ ବିରାଟ ଉଦ୍ୟୋଗ ଲାଗି ଯୋଜନାରେ କୌଣସି ଅର୍ଥ ବ୍ୟବସ୍ଥାର ସୂଚନା ନାହିଁ ।

ଏ ଦାୟିତ୍ୱ କିଏ ବହନ କରିବ ? ନଗରପାଳିକା ? ରାଜ୍ୟ ସରକାର ନା କେନ୍ଦ୍ର ସରକାର ? ଅସରନ୍ତି ଏ ପ୍ରଶ୍ନ । ପ୍ରଶାସନିକ ଆବର୍ତ୍ତରୁ ଏହାର ସମାଧାନ ଉଦ୍‌ଗତ ହେବାର ଆଶା ରଖିଲେ କାଳ ବିତିଯିବ । ମାତ୍ର ସମାଧାନ ସମ୍ଭବ । ବାଟ ଦିଶିଯିବ; ଉପାୟ ଆସି ଯିବ; ସମ୍ବଳ ମିଳିଯିବ । ଲୋଡ଼ା ଖାଲି ଆତ୍ମବିଶ୍ୱାସ । ଲୋଡ଼ା ପଣ୍ଡିତ ମହାଶୟଙ୍କର "ପୁରୀପୂର୍ତ୍ତିଃ" । ଏ ଦିବ୍ୟଧାମ ପୁରୀ ନଃ—ଆମର । ଆମର ଏଇ ଶ୍ରୀକ୍ଷେତ୍ର ।

(ରଚନାକାଳ ୧୯୭୩ :
ପ୍ରକାଶନ—ମାନସ)

Digitized by srujanika@gmail.com

ଭିତ୍ତି ବିଭବ

କଳିଙ୍ଗ, ଉତ୍କଳ ଏବଂ ଓଡ଼ିଶା ବିଭିନ୍ନ ସମୟର ନାମକରଣ । ସୀମା ଏବଂ ଆକାରରେ କିଛି ପାର୍ଥକ୍ୟ ମଧ୍ୟ ଅଛି । ମାତ୍ର ଏ ତିନୋଟି ଗୋଟିଏ ଭୌଗୋଳିକ ଏବଂ ସାଂସ୍କୃତିକ ଭୂଖଣ୍ଡ । ମହାଭାରତରେ କଳିଙ୍ଗ ଏବଂ ଉତ୍କଳର ନାମ ଉଲ୍ଲେଖ କରାଯାଇଛି । ଓଡ଼ିଶା ଆଧୁନିକ ନାମ । "ଓଡ୍ର ଦେଶ"ରୁ ଅପଭ୍ରଂଶ । ଓଡ଼ିଶା ରାଜ୍ୟ କଳିଙ୍ଗ ଏବଂ ଉତ୍କଳର ସାଂସ୍କୃତିକ ଦାୟାଦ ।

ଭାରତର ପ୍ରାଚୀନ ଇତିହାସରେ କଳିଙ୍ଗ ଥିଲା ଏକ ଋଦ୍ଧିମନ୍ତ ରାଜ୍ୟ । କାଳିଦାସ କଳିଙ୍ଗ ନୃପତିଙ୍କୁ ମହେନ୍ଦ୍ରଗିରି ଏବଂ ମହୋଦଧିର ଅଧୀଶ୍ବର ବୋଲି ବର୍ଣ୍ଣନା କରିଛନ୍ତି । କଳିଙ୍ଗର ଥିଲା ନୌବାଣିଜ୍ୟ । ଏ ରାଜ୍ୟର ସୌଦାଗର ଦକ୍ଷିଣ-ପୂର୍ବ ଏସିଆ ଦେଶମାନଙ୍କ ସହିତ ବାଣିଜ୍ୟ କରୁଥିଲେ । ଜମ୍ବୁଦ୍ବୀପ ଏବଂ ସୁମିତ୍ର ଦେଶରେ ବସତି ସ୍ଥାପନ କରିଥିଲେ । କଳିଙ୍ଗର ଥିଲା ନୌସେନାମାନ । ଚିଲିକା ହ୍ରଦ ଥିଲା ପୋତାଶ୍ରୟ ।

ଖ୍ରୀଷ୍ଟଜନ୍ମର ଅଢ଼େଇ ଶହ ବର୍ଷ ପୂର୍ବେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । କଳିଙ୍ଗ ସେନା ବୀରତ୍ୱର ପରାକାଷ୍ଠା ପ୍ରକଟ କରି ବହୁସଂଖ୍ୟାରେ ମୃତ୍ୟୁବରଣ କରିଥିଲେ । ଏ ଦୃଶ୍ୟ ଦର୍ଶନ କରି ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେଲେ । ତାଙ୍କର ଶିଳାଲେଖ ଅନୁଶାସନରେ ଏ ସମସ୍ତ ଉଲ୍ଲେଖ କରାଯାଇଛି । ଅଶୋକଙ୍କ ମୃତ୍ୟୁ ପରେ ଖାରବେଳ ବୀର ବିହାର ସେନାଙ୍କୁ ପରାସ୍ତ କରି ଜନ୍ମଭୂମିକୁ ଉଦ୍ଧାର କଲେ । ତାଙ୍କର ଦିଗ୍‌ବିଜୟ କଳିଙ୍ଗ ଇତିହାସରେ ଏକ ମହିମାମୟ ଅଧ୍ୟାୟ । ସେସବୁ ବୃତ୍ତାନ୍ତ ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣିତ ହୋଇଛି । ନାଳନ୍ଦା ପରି କଳିଙ୍ଗରେ ଥିଲା ପୁଷ୍ପଗିରି ବୌଦ୍ଧ ବିହାର । ଚୀନ ପରିବ୍ରାଜକ ହୁଏନ୍‌ସାଂ ଏ ଗୁରୁକୁଳ ପରିଦର୍ଶନ କରିଥିଲେ । ସେ ପୁଷ୍ପଗିରି ଏବେ ପାହାଡ଼ ମଧ୍ୟରୁ ଖୋଦିତ ହୋଇଛି ।

Digitized by srujanika@gmail.com

କଳିଙ୍ଗ ସଂସ୍କୃତିରେ ଥିଲା ସମୃଦ୍ଧି, ବାଣିଜ୍ୟ, ପରାକ୍ରମ ଏବଂ ପ୍ରଖ୍ୟାତ ବୌଦ୍ଧ ବିହାର । ଏ ସମସ୍ତ କୃତିର ଦାୟାଦ ଆଧୁନିକ ଓଡ଼ିଶା ।

ଉତ୍କଳ ନାମକୁ ସାର୍ଥକ କରିଛି ଏ ରାଜ୍ୟର ଉତ୍କୃଷ୍ଟ କଳା । ଏ ରାଜ୍ୟସାରା ସ୍ଥାପତ୍ୟ ବିଛୁରିତ ହୋଇ ରହିଛି । ଭୁବନେଶ୍ୱର, ପୁରୀ, କୋଣାର୍କର ମନ୍ଦିର ଗାତ୍ରରେ ଅଛି ସ୍ଥାପତ୍ୟ ଏବଂ ସୌଷ୍ଠବ ! ଏ ସୂକ୍ଷ୍ମ କଳାର ଦେଶାନ୍ତର ନାହିଁ । ଏ ସକଳ କୀର୍ତ୍ତିକୁ ଉଜ୍ଜୀବିତ କରି ରଖିବା ଓଡ଼ିଶାର ଦାୟିତ୍ୱ । ଓଡ଼ିଶାର ବାୟୁମଣ୍ଡଳରେ ଅଛି କଳାର ଉଚ୍ଛ୍ୱାସ । ସାଂସ୍କୃତିକ ବିଭବରେ ଭରି ଆମରି ଏଇ ଓଡ଼ିଶା ରାଜ୍ୟ ।

ଏ ସମ୍ଭାର ସହିତ ଆମ ରାଜ୍ୟର ବହୁ ଲୋକ ସଚେତନ ନୁହନ୍ତି । ଏ ବିଭବ ଭାରତ ଭିତରେ ମଧ୍ୟ ପ୍ରଚାରିତ ହୋଇ ନାହିଁ; ବିଦେଶ ତ ଦୂରର କଥା । ପ୍ରଚାର ହେଲେ କ୍ଷୁଦ୍ର ସିପ୍ରାନଦୀ ସୁବିଦିତ ହୁଏ । ନ ହେଲେ ମହାନଦୀ ନାମ ଗୁପ୍ତ ହୋଇ ରହିଯାଏ । ତଥାପି ଓଡ଼ିଶାର ସ୍ଥାପତ୍ୟ ଖ୍ୟାତିଲାଭ କରିଛି । ପର୍ଯ୍ୟଟକ ଆସନ୍ତି । ତେବେ ସେମାନଙ୍କୁ ଆକର୍ଷଣ କରିବା ପାଇଁ ଓଡ଼ିଶାରେ କରାଯାଇଛି କଣ ? ଯୋଜନା ପରେ ଯୋଜନା ପ୍ରଣୟନ କରାଯାଉଛି; ମାତ୍ର ଗତି ତା'ର ଅତି ମନ୍ଥର ।

ଓଡ଼ିଶାରେ ବିହରଣ ପାଇଁ ଯଦି କେହି ହାବଡ଼ା ଷ୍ଟେସନରୁ ପୁରୀ ଏକ୍‌ସପ୍ରେସରେ ଆସି ଅତି ପ୍ରତ୍ୟୁଷରେ ଭୁବନେଶ୍ୱର ଷ୍ଟେସନରେ ପୂର୍ବ ପ୍ଲାଟଫର୍ମରେ ପହଞ୍ଚନ୍ତି, ହଠାତ୍ ଦେଖିବେ ଗାଁ ଦାଣ୍ଡ ପରି । ସେଇ ପୁରୁଣା, ଜୀର୍ଣ୍ଣ, ସଂକୀର୍ଣ୍ଣ, ଦୁର୍ଗନ୍ଧ, ମାଟିଗୋଡ଼ର ପ୍ଲାଟଫର୍ମ ଦେଖି ଏଠାରେ ଓହ୍ଲାଇବାକୁ ଇଚ୍ଛା ହେବ ନାହିଁ । ଭାରତବର୍ଷର ଅନ୍ୟ କେଉଁ ରାଜ୍ୟର ରାଜଧାନୀରେ ଏଭଳି ଏକ ପ୍ଲାଟଫର୍ମ ଅଛି କି ? ସେ ଅନିଚ୍ଛାକୁ ଦମନ କରି, ସେ ଯେବେ ବାହାରକୁ ଆସନ୍ତି, ତେବେ ଯେଉଁ ରାସ୍ତା ଖଣ୍ଡିକରେ ଆସି ମୁଖ୍ୟ ରାସ୍ତାରେ ପହଞ୍ଚିବାକୁ ହେବ, ତାକୁ ଦେଖି ସେ କିପରି ଶୀଘ୍ର ଫେରିଯିବେ, ସେଥିପାଇଁ ଉଦ୍‌ବିଗ୍ନ ହୋଇ ପଡ଼ିବେ । ପର୍ଯ୍ୟଟକମାନଙ୍କ ପାଇଁ ଏଇ ଆମର ପ୍ରାଥମିକ ଅଭ୍ୟର୍ଥନା ।

ଆଗେ ଭୁବନେଶ୍ୱରରେ ରହିବାର କୌଣସି ବନ୍ଦୋବସ୍ତ ନ

Digitized by srujanika@gmail.com

ଥିଲି । ଏବେ ସେ ଅଭାବ ଦୂର ହୋଇଛି । କୌଣସି ହୋଟେଲରେ ରହିବାର ସନ୍ଧାନ କରି, ପ୍ରାତଃଭୋଜନ ସାରି, ବାହାରିବେ ଦେଖିବା ପାଇଁ ମନ୍ଦିର ନଗରୀ । ପଗୃରି ପଗୃରି ଯାଇ ପହଞ୍ଚିବେ ରାଜାରାଣୀ ମନ୍ଦିର ନିକଟରେ । ଶୁଷ୍କ ଅପନ୍ତରା ଟାଙ୍ଗରା ଭୂଇଁ । ଉଦ୍ୟାନ ତ ଦୂରର କଥା, ଗଛଟିଏ ମଧ୍ୟ କେହି ରୋପଣ କରି ନାହିଁ । ସେଥିରେ ବିବ୍ରତ ନ ହୋଇ ଚୁଏଇ ଯିବେ । ଦେଖିବେ, ପାଣି କଳଟିଏ ନାହିଁ । ବସିବାର ଠାବ ଟିକିଏ ନାହିଁ । ଏଥିରେ ଯେବେ ସେ ବିଚଳିତ ନ ହୁଅନ୍ତି, ତେବେ ସେ ଜୀର୍ଣ୍ଣ ମନ୍ଦିରର ଗାତ୍ରରେ ତାଙ୍କର ଦୃଷ୍ଟି ପଡ଼ିଯିବ । ସେତେବେଳେ ସେ ଅଭିଭୂତ ହୋଇ ପଡ଼ିବେ । ସବୁ କ୍ଲାନ୍ତି, କ୍ଲେଶ ଦୂର ହୋଇଯିବ । ଅପଲକ ନୟନରେ ଚାହିଁ ରହିବେ । ଦେଖିବେ ଗୋଟିକ ପରେ ଗୋଟିଏ ଅଳସ କନ୍ୟା । ଏ ପ୍ରସ୍ତରରେ ଖୋଦିତ ନା ବାସ୍ତବରେ ଜୀବନ୍ତ ? ସ୍ପର୍ଶ କରିବାକୁ ହାତ ଉଠିଯିବ । ଗୁଡ଼ି ଆସିବାକୁ ମନ ହେବ ନାହିଁ । ମାତ୍ର ଆହୁରି ଅନେକ ଦେଖିବାକୁ ଅଛି । ଅନିଚ୍ଛା ଦମନ କରି ବାହାରି ପଡ଼ିବେ ।

ସେଠାରୁ ଯିବେ କେଦାର ଗୌରୀ । ପଶିବା ବାଟରେ ନାକରେ ରୁମାଲ ଦେବାକୁ ହେବ । ଦେଖିବେ, ଗଛମୂଳରେ ଏଣେତେଣେ ପଡ଼ିଛି ଭଙ୍ଗା ଖପରା, ଚୂଲି ଝିଙ୍କା, ଦରପୋଡ଼ା କାଠ । ଧୈର୍ଯ୍ୟଚ୍ୟୁତ ନ ହୋଇ ପ୍ରବେଶ କରିବେ ମୁକ୍ତେଶ୍ୱରଙ୍କ ବେଢ଼ା ଭିତରେ । ଅପରୂପ ତୋରଣ । ଅସାମାନ୍ୟ ଭାସ୍କର୍ଯ୍ୟ । ସମଗ୍ର ମନ୍ଦିରଟି ଗୋଟିଏ ଅପୂର୍ବ ଶିଳ୍ପପ୍ରତିମା । ପଛପଟକୁ ଯାଇ ଦେଖିବେ ଏକ ନର୍ଝର । ତା’ ଭିତରେ ପଡ଼ିଛି ଅଇଁଠା ଖଲିପତ୍ର, ଭଙ୍ଗା ଆଟିକା, ପୁରୁଣା ବାଲଟି । ମନ୍ଦିର ଆଡ଼କୁ ମୁହଁ ଫେରାଇ ନଅଶହ ବର୍ଷ ତଳର ସ୍ଥପତିମାନଙ୍କୁ ପ୍ରଣିପାତ କରିବେ । ନର୍ଝର ଆଡ଼କୁ ବୁଲିପଡ଼ି ଅଧୁନାତନ ଦାୟାଦମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବେ ।

ସେଠାରୁ ଯିବେ ଲିଙ୍ଗରାଜ ମନ୍ଦିର । ବିଦେଶୀମାନଙ୍କ ପାଇଁ ଭିତରେ ପ୍ରବେଶ ନିଷେଧ । ଭାରତୀୟ ହିନ୍ଦୁମାନଙ୍କ ପାଇଁ ମଧ୍ୟ ସହଜ ନୁହେଁ । ୧୯୬୯ ମସିହାରେ ଏ ଲେଖକ ପୁନାର ନୃତତ୍ତ୍ୱ ଅଧ୍ୟାପିକା ଇରାବତୀ କର୍ଭେଙ୍କୁ ସାଙ୍ଗରେ ନେଇ ଲିଙ୍ଗରାଜ ମନ୍ଦିର ଯାଇଥିଲି ।

Digitized by srujanika@gmail.com

ସେ ଚକଚକ ଗୋରା । ଶୁକ୍ଳକେଶୀ । ବବୁରକଟା କେଶ । ଆମେ ଇଂରେଜୀରେ କଥାବାର୍ତ୍ତା ହେଉଥାଉ । ପ୍ରବେଶ ମିଳିଲା ନାହିଁ । ଜଣେ ମନ୍ଦିର ସେବାୟତ ଆସି ଅବରୋଧ କଲେ । ଅଧ୍ୟାପିକା ତାଙ୍କ ମହାରାଷ୍ଟ୍ରୀୟ ଶୈଳୀରେ କଚ୍ଛାମାରି ଶାଢ଼ୀ ପିନ୍ଧିଥାନ୍ତି । ମୁଁ କହିଲି, ସେ ମହାରାଷ୍ଟ୍ରର ଚିତପାବନ ବ୍ରାହ୍ମଣ । ତାଙ୍କର ଶ୍ୱଶୁର ମହର୍ଷି କର୍ଭେ ଭାରତର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା । ସେ ବହୁଥର ଲିଙ୍ଗରାଜ ଦର୍ଶନ କରିଛନ୍ତି । ସେବକଙ୍କର ପ୍ରତିରୋଧ ତୁଟିଲା ନାହିଁ । ବହୁ-ଯୁକ୍ତିତର୍କ ପରେ ଅଧଘଣ୍ଟାଏ ଲାଗିଗଲା ପ୍ରବେଶ ମିଳିବା ପାଇଁ ।

ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ମନ୍ଦିର ପ୍ରାଚୀରକୁ ଲାଗି ଉତ୍ତର ପାଖରେ ଗୋଟିଏ ମଞ୍ଚା ତିଆରି ହୋଇଛି । ତାହାର ଚତୁଃପାର୍ଶ୍ୱ ମଳତ୍ୟାଗ ଲାଗି ଉତ୍ସର୍ଗୀତ । ପର୍ଯ୍ୟଟକ ଫେରି ଆସିବେ । ମନ୍ଦିର ଗାତ୍ରର ପ୍ରଖ୍ୟାତ ଭାସ୍କର୍ଯ୍ୟ ଅଦେଖା ରହିଗଲା । ମନ୍ଦିରରେ ପ୍ରବେଶ କଟକଣା ବହୁ ଭକ୍ତଙ୍କୁ ନିରାଶ କରିଛି; ବହୁ କଳାପ୍ରେମୀଙ୍କୁ ବିବ୍ରତ କରିଛି । ମନ୍ଦିରର ଅଲୌକିକ ସ୍ଥାପତ୍ୟ ବହୁ ଲୋକଙ୍କର ଅଗୋଚର ହୋଇ ରହିଛି । କାହାର ଏ ମନ୍ଦିର ? କାହା ପାଇଁ ଏ କୀର୍ତ୍ତିଧାମ ?

ଅନତିଦୂରରେ ନନ୍ଦନକାନନ । କେହି ଜାଣନ୍ତି ବା ନ ଜାଣନ୍ତି—ଆଧୁନିକ ଓଡ଼ିଶାର ଏ କୃତିତ୍ୱ । ରେଳ ଷ୍ଟେସନରେ କି ବିମାନ ବନ୍ଦରଠାରେ ଏହାର ଟିକିଏ ଉଲ୍ଲେଖ ନାହିଁ । ଯାତ୍ରୀବାହୀ ବସ ଗାଡ଼ି ଖଣ୍ଡଗିରି ପର୍ଯ୍ୟନ୍ତ ଯାଏ । ସେଠାରେ ମଧ୍ୟ ଏହାର କୌଣସି ସୂଚନା ନାହିଁ । ପୁରୀ, କୋଣାର୍କ, ଭୁବନେଶ୍ୱର ପାନ୍ଥ-ନିବାସରେ ନନ୍ଦନକାନନର ଦୁଇଖଣ୍ଡ ଛବି ମଧ୍ୟ ନାହିଁ । ଭୁବନେଶ୍ୱରରୁ ନନ୍ଦନକାନନ ଦଶ କିଲୋମିଟର । ଦଶବର୍ଷ ଲାଗିଗଲା ଏ ରାସ୍ତା ଖଣ୍ଡିକ ତିଆରି କରିବା ପାଇଁ ।

୧୯୬୯ ମସିହାରେ ଲଣ୍ଡନସ୍ଥିତ ଇଣ୍ଡିଆ ହାଉସ୍‌ର ଲାଇ-ବ୍ରେରିଆନ ଅବସର ଗ୍ରହଣ ପରେ ଭାରତ ଭ୍ରମଣରେ ଆସିଥିଲେ । ତାଙ୍କୁ ସାଙ୍ଗରେ ନେଇ ନନ୍ଦନକାନନ ଯାଇଥିଲି । ଦେଖିଲେ, ଘଞ୍ଚ ତରୁଲତା । ବଣଜଙ୍ଗଲ ପୃଷ୍ଠଭୂମି । ମଝିରେ ଅଛି ଏକ ରମଣୀୟ ବିଳାସ ଦୀର୍ଘିକା । ଚିଡ଼ିଆଖାନା ପାଇଁ ଏପରି ପ୍ରାକୃତିକ ପରିବେଶ

Digitized by srujanika@gmail.com

ବିଦେଶରେ ମଧ୍ୟ ବିରଳ । ବିସ୍ମିତ ହେଲେ । ପ୍ରଖ୍ୟାତ ସଚିତ୍ର ଭୌଗୋଳିକ ପତ୍ରିକାରେ ଏହାର ଛବି ବା ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ ।

ବାଘ-ବାଘୁଣୀଙ୍କ ପ୍ରଣୟ ନନ୍ଦନକାନନର ଏକ ଅପୂର୍ବ ଘଟଣା । କାହାଣୀ ନୁହେ । ବାଘଟି ଥାଏ ଘେର ଭିତରେ । ରାତି ପରେ ରାତି ବାଘୁଣୀଟିଏ ଆସେ ଜଙ୍ଗଲରୁ । ଘେର ପାଖରେ ବସି ରହେ । ବେଶୀ ଦିନ ଏପରି ଅପେକ୍ଷା କରିପାରିଲା ନାହିଁ । ଦିନେ ରାତିରେ ଘେର ଭିତରକୁ ଡେଇଁ ପଡ଼ିଲା । ବର୍ଷକ ପରେ ତାଙ୍କର ଦୁଇଟି ଛୁଆ । ଭୁବନେଶ୍ୱରରେ ରହୁଥିବା ଜଣେ ବିଦେଶୀ ଭଦ୍ରଲୋକ ଏ କଥା ବର୍ଣ୍ଣନା କରୁଥିଲେ । ଏଠାକୁ ଆସିବାର ବହୁଦିନ ପରେ ଏ ଘଟଣା ଶୁଣିବାକୁ ପାଇଲେ । ପରଦିନ ଗଲେ ଦେଖିବା ପାଇଁ ନନ୍ଦନକାନନ । କହିଲେ, ଏ ପ୍ରଣୟ ଘଟଣା ଯଦି ୟୁରୋପ ବା ଆମେରିକାରେ ଘଟିଥାନ୍ତା, ତେବେ ଏହାକୁ ଏପରି ଭାବରେ ପରିବେଷଣ କରାଯାଇ-ଥାନ୍ତା ଯେ ଅଗଣିତ ଦର୍ଶକ ଆସୁଥାନ୍ତେ ବର୍ଷ ବର୍ଷ ଧରି । ଆମେ କରିଥାଇଁ କ'ଣ ? ଛାଡ଼ ସେ କଥା । ଯେତେ ହେଲେ ପାଶବିକ ପ୍ରେମ ତ ! ତା'ପରେ ଏଠାରେ ନନ୍ଦନମାନେ ଏ କାନନରେ ଲୁହାକୁ-ଲୁହା ଯେଉଁ ପାଶବିକ ପ୍ରେମକାଣ୍ଡ କରୁଥିବାର ସମ୍ବାଦ ପ୍ରକାଶ ପାଉଛି, ସେଥିରେ ଲୋକେ ସପରିବାର ଆସିବାକୁ ଉତ୍ସାହିତ ହେବେ ।

ତା'ପରେ କୋଣାର୍କ । ଶିଳ୍ପକଳାର ମଉଡ଼ମଣି । ପ୍ରସ୍ତର ଗାତ୍ରରେ ଖୋଦିତ କବିତା । ବିଗତ ଯୌବନା । ତେବେ ବି ଅପରୂପ ସୌନ୍ଦର୍ଯ୍ୟ । ଏଠାକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି । ଗୋଟିଏ କାରଣ, ଏଠାରେ ପୂଜାର ବ୍ୟବସ୍ଥା ନାହିଁ । ତେଣୁ ଅବାଧ ପ୍ରବେଶ । ସ୍ଥାନୀୟ ଲୋକେ କେତୋଟି ପଇଡ଼ ବିକନ୍ତି । ସେତିକି । ପର୍ଯ୍ୟଟକମାନେ କେତେ ଘଣ୍ଟା କିମ୍ବା ଗୋଟିଏ ରାତି ରହି ଫେରି ଆସନ୍ତି । କୋଣାର୍କ ମନ୍ଦିରଟି ବ୍ୟତୀତ ଏଠାରେ ଆଉ କିଛି ନାହିଁ । ବାଳାର୍କର ପ୍ରଥମ କିରଣ ସୂର୍ଯ୍ୟ ବିଗ୍ରହରେ ପଡ଼ିବ ବୋଲି ସୂର୍ଯ୍ୟ ମନ୍ଦିର ବେଳାଭୂମି ଉପରେ ନିର୍ମିତ ହୋଇଥିଲା । ସେ ବେଳାଭୂମି ସମୁଦ୍ର ଭିତରକୁ ପ୍ରସରି ଗଲାଣି । ପର୍ଯ୍ୟଟକର ପାଦ ସେଠାରେ ପଡ଼େ ନାହିଁ । ପଡ଼ିବା ଲାଗି କୌଣସି

Digitized by srujanika@gmail.com

ବ୍ୟବସ୍ଥା ବା ଆକର୍ଷଣ ନାହିଁ ।

ଶହ ଶହ ବର୍ଷ ଧରି କୋଣାର୍କ ମନ୍ଦିର ବାଲିରେ ବୁଡ଼ି ରହିଥିଲା । ଦିଶୁଥିଲା ଖାଲି ମୁଖଶାଳାର ଚୂଡ଼ା । ବଡ଼ଲାଟ ଲର୍ଡ଼ କର୍ଜନ ସୃଷ୍ଟି କଲେ ଏକ ପ୍ରତ୍ନତତ୍ତ୍ୱ ବିଭାଗ । ୧୯୦୫ ମସିହାରେ ବାଲି ନିଷ୍କାସନ କରାଯାଇ କୋଣାର୍କ ମନ୍ଦିର ଉଦ୍ଧାର କରାଗଲା । ସତ୍ୟବାଦୀ ସ୍କୁଲ ସ୍ଥାପିତ ହେଲା ତାହାର ଛଅବର୍ଷ ପରେ ୧୯୧୧ ମସିହାରେ । ସାତ ଆଠ ବର୍ଷ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଲେଖିଲେ "କୋଣାର୍କେ" କାବ୍ୟ; ପଣ୍ଡିତ କୃପାସିନ୍ଧୁ ଲେଖିଲେ ଗବେଷଣା ପ୍ରସୂତ "କୋଣାର୍କ"; ପଣ୍ଡିତ ଗୋପବନ୍ଧୁ ସୃଷ୍ଟି କଲେ "ଧର୍ମପଦ" ଚରିତ୍ର ।

ଅଳ୍ପଦିନ ତଳେ, ୧୯୮୨ ମସିହାରେ ଲର୍ଡ଼ କର୍ଜନଙ୍କ କନ୍ୟା ଆସିଥିଲେ । ତାଙ୍କୁ ନେଇ ଏ ଲେଖକ ଯାଇଥିଲା କୋଣାର୍କ । ସେ କୋଣାର୍କର ଭାସ୍କର୍ଯ୍ୟରେ ମୁଗ୍ଧ ହୋଇଗଲେ । କଳାବିକାଶ କେନ୍ଦ୍ରରେ କୋଣାର୍କ ରାତିରେ ଓଡ଼ିଶୀ ନୃତ୍ୟ ଦେଖି ଭୂୟସୀ ପ୍ରଶଂସା କଲେ । ଦୁଇବର୍ଷ ପରେ ଆସିଥିଲେ ଡୋମିନିକ୍ ଲାପିଏର୍ । ସେ ଜଣେ ପ୍ରଖ୍ୟାତ ଲେଖକ । ଲେଖିଛନ୍ତି "ମଧ୍ୟରାତ୍ରିରେ ସ୍ୱାଧୀନତା" (Freedom at Midnight) । କୋଣାର୍କ ମୁଖଶାଳାର ସମ୍ମୁଖରେ ନାଟମନ୍ଦିରର ଭଗ୍ନାବଶେଷ । ତା' ଭିତରେ ଓଡ଼ିଶୀ ନୃତ୍ୟର ଭଙ୍ଗୀ ପର୍ଯ୍ୟାୟକ୍ରମେ ପ୍ରସ୍ତରରେ ଖୋଦିତ ହୋଇଅଛି । ଲାପିଏର୍ ଏହାକୁ ଦେଖି ବିମୋହିତ ହୋଇଗଲେ । କି ଅପୂର୍ବ ଭାସ୍କର୍ଯ୍ୟ !

ଡକ୍ଟର କରଣ ସିଂହ ପର୍ଯ୍ୟଟନ ମନ୍ତ୍ରୀ ଥିଲାବେଳେ କୋଣାର୍କ-ଠାରେ ଏକ ଆଲୋଚନା ସଭା ହୋଇଥିଲା । ସେ ପରାମର୍ଶ ଦେଲେ ପୁରୀରୁ ଭୁବନେଶ୍ୱର ପକ୍କା ରାସ୍ତା ଅଛି । ଭୁବନେଶ୍ୱରଠାରୁ କୋଣାର୍କ ଏବଂ ସମୁଦ୍ରକୂଳରେ କୋଣାର୍କଠାରୁ ପୁରୀ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରି ଦେଲେ ହୋଇଯିବ ଏକ ସୁବର୍ଣ୍ଣ ତ୍ରିଭୁଜ । ଶ୍ରୀକ୍ଷେତ୍ର, ଅର୍କକ୍ଷେତ୍ର, ଏକାମ୍ର କ୍ଷେତ୍ର—ଏ ତିନୋଟି ଉତ୍କଳର ସ୍ଥାପତ୍ୟ ପୀଠ । ଏହାକୁ ସଂଯୋଗ କରି ପ୍ରତିଷ୍ଠିତ ହେବ ସ୍ୱର୍ଣ୍ଣ ତ୍ରିଭୁଜ ।

ପିପିଲିଠାରୁ କୋଣାର୍କ ପର୍ଯ୍ୟନ୍ତ ରାସ୍ତାଟି ତିଆରି କରିବାକୁ ବର୍ଷ ବର୍ଷ ଲାଗିଗଲା । କୋଣାର୍କରୁ ପୁରୀ ପର୍ଯ୍ୟନ୍ତ ବେଳାଭୂମିରେ

Digitized by srujanika@gmail.com

କୋଡ଼ିଏ ମାଇଲ ରାସ୍ତା ପାଇଁ ହେଲା ଏକ ଦୀର୍ଘମିଆଦୀ ଯୋଜନା ।

ବହୁକାଳ ପରେ ହେଲେ ମଧ୍ୟ କୋଣାର୍କଠାରେ ହୋଟେଲ, ପାନ୍ଥନିବାସ ଏବଂ ଗୋଟିଏ ସଂଗ୍ରହାଳୟ ନିର୍ମିତ ହୋଇଛି । ଆନନ୍ଦର କଥା; ମାତ୍ର ମନ୍ଦିରର ସନ୍ନିଧିଠାରୁ ବେଢ଼ା ଭିତରେ ପଶିବା ପର୍ଯ୍ୟନ୍ତ ପରିବେଶ ଦେଖିଲେ ମନ ମଉଳିବ । ମନ୍ଦିରର ସ୍ଥାନେ ସ୍ଥାନେ ଏବଂ ଗୁମ୍ଫା ମନ୍ଦିର ଭିତରେ ଅଶ୍ଳୀଳ ମନ୍ତବ୍ୟ ଦେଖିଲେ ମୁଣ୍ଡ ନଇଁଯିବ । ଆଉ ଲୁଣିପବନରେ ମନ୍ଦିର ଗାତ୍ରରେ ଯେଉଁଭଳି ଅବକ୍ଷୟ ହୋଇ ଲାଗିଛି, ସେଥିରେ ବିଶୁ ମହାରଣାଙ୍କ ପ୍ରାଣରେ ଆଘାତ ଲାଗୁଥିବ ।

ପୁରୀଧାମର ବିଷୟ ଅନ୍ୟତ୍ର ଆଲୋଚନା କରାଯାଇଛି । ଏହି ଧାମର ଜଗନ୍ନାଥ ସଂସ୍କୃତି ସମଗ୍ର ଭାରତବର୍ଷକୁ ସାଂସ୍କୃତିକ ବନ୍ଧନରେ ଏକୀକୃତ କରିଥିଲା । ନାନା ଅବହେଳାକୁ ଉପେକ୍ଷା କରି ଶ୍ରୀକ୍ଷେତ୍ର, ଅର୍କକ୍ଷେତ୍ର ଏବଂ ଏକାମ୍ର କ୍ଷେତ୍ର ଏ ଭୂଇଁକୁ ଗୌରବମଣ୍ଡିତ କରି ରଖିଛି । ଏ ସକଳ ଓଡ଼ିଶାର ମହିମମୟ ବଇଭବ ।

ମାତ୍ର ଯାହା ସବୁ ପ୍ରାଚୀନ କୃତି କଳିଙ୍ଗକୁ ଭାରତବର୍ଷରେ ଏକ ଶୀର୍ଷ ସ୍ଥାନରେ ଅଧ୍ୟୁଷିତ କରିଥିଲା, ସେସବୁ କ୍ରମେ ବିସ୍ମୃତିର ଗର୍ଭକୁ ଚାଲିଯାଉଛି । କଳିଙ୍ଗ ସମର ଅଶୋକଙ୍କୁ ଦୀକ୍ଷା ଦେଇଥିଲା । ଏହାର ଏକମାତ୍ର ଐତିହାସିକ ସାକ୍ଷୀ ଧଉଳଗିରି ଶିଳାଲେଖରେ ଅଶୋକଙ୍କର ଅନୁଶାସନ । ବହୁ ଶିକ୍ଷିତ ଲୋକ ଏ ଅନୁଶାସନ ଦେଖି ନାହାନ୍ତି । ସେତେବେଳେ କଳିଙ୍ଗ ଥିଲା ସମୃଦ୍ଧ । ଧଉଳି ପାଖରେ ଥିଲା ଜନବସତି । ଅଶୋକ ନିର୍ଜନ ବନ ମଧ୍ୟରେ ଅନୁଶାସନ ଲେଖି ନ ଥିଲେ । ଏବେ କିଛି ବର୍ଷ ତଳେ ଜାପାନର ବୌଦ୍ଧଗୁରୁ ଫୁଜି ମହାରାଜ ସେ ଧଉଳି ପାହାଡ଼ରେ ଏକ ବୌଦ୍ଧ ମନ୍ଦିର ନିର୍ମାଣ କରିଛନ୍ତି । ସେଇଟି ଲୋକଙ୍କୁ ଆକର୍ଷଣ କରୁଛି । ପାହାଡ଼ ଉପରକୁ ରାସ୍ତା ତିଆରି ହୋଇଛି । ତଥାପି ଲୋକଙ୍କର ଦୃଷ୍ଟି ଅଶୋକଙ୍କ ଅନୁଶାସନ ଉପରେ ପଡ଼ୁନାହିଁ ।

ଖାରବେଳ ଐରି ପଞ୍ଜାବ ପର୍ଯ୍ୟନ୍ତ ଦିଗ୍‌ବିଜୟ କଲେ । ଖଣ୍ଡଗିରି ଉଦୟଗିରି ପାହାଡ଼ରେ ଯେଉଁ ସବୁ ବିଚିତ୍ର ଗୁମ୍ଫା ଖୋଦିତ ହୋଇଛି, ସେଥିରେ ଅଛି ଭାସ୍କର୍ଯ୍ୟ । ଉଦୟଗିରି ପାହାଡ଼ରେ ହାତୀଗୁମ୍ଫା ଉପରେ ଅଛି ଖାରବେଳଙ୍କର ବିସ୍ତୃତ ଶିଳାଲେଖ । ବିଭିନ୍ନ

Digitized by srujanika@gmail.com

ସ୍ଥାନରୁ ପଣ୍ଡିତମାନେ ଏ ପାଲି ଲେଖାକୁ ପାଠକରି ସବିଶେଷ ବିବରଣୀ ପ୍ରସ୍ତୁତ କରିଛନ୍ତି । ସେଥିରେ ବହୁ ତଥ୍ୟ ସମ୍ବଳିତ ହୋଇଛି । ଉତ୍କଳ ବିଶ୍ୱବିଦ୍ୟାଳୟଠାରୁ ମାତ୍ର ତିନି କିଲୋମିଟର ଦୂରରେ ଏ ବିଖ୍ୟାତ ଉଦୟଗିରି । ଏହାହିଁ ଖାରବେଳଙ୍କ ରାଜତ୍ୱର ଏକମାତ୍ର ଐତିହାସିକ ସାକ୍ଷୀ । ମାତ୍ର ବହୁ ଲୋକଙ୍କୁ ଏ ସକଳ ଗୁମ୍ଫା ଏବଂ ଶିଳାଲେଖ ଦେଖିବାର ସୁଯୋଗ ମିଳି ନାହିଁ ।

ବିରୂପା ଏବଂ ଗେଙ୍ଗୁଟି ନଦୀ ଦ୍ୱୟର ମଧ୍ୟଭାଗରେ ଅଛି ଦୁଇଟି ପାହାଡ଼—ରତ୍ନଗିରି, ଲଳିତଗିରି । ରତ୍ନଗିରିରେ ଥିଲା ଏକ ବୌଦ୍ଧ ବିହାର । ହୁଏନ୍‌ସାଂ ଏଠାକୁ ଆସିଥିଲେ । ତାଙ୍କର ବିବରଣୀରୁ ଏ ସ୍ଥାନ ନିରୂପିତ ହୋଇଛି । ଖୋଦନ କାର୍ଯ୍ୟ ଚାଲିଥାଏ । ୧୯୬୫ ମସିହା । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ସଙ୍ଗରେ ଏଠାକୁ ଯାଇଥିଲି । ଖରାଦିନଆ କଞ୍ଚା ରାସ୍ତା । ଯିବାଆସିବା କଷ୍ଟସାଧ୍ୟ । ଖୋଦନ ଚାଲିଥାଏ । ଏବେ ସମ୍ପୂର୍ଣ୍ଣ ହୋଇଛି । ସେଠାରୁ ବାହାରିଛି ପୁଷ୍ପଗିରି ବିହାର । ନାଳନ୍ଦା ଅନୁରୂପ ଶିକ୍ଷାୟତନ । ସେତେବେଳେ କଳିଙ୍ଗରେ ଯେ ଏକ ପ୍ରଖ୍ୟାତ ଗୁରୁକୁଳ ବିହାର ଥିଲା ଏବଂ ସେଠାକୁ ଯେ ବିଦେଶରୁ ମଧ୍ୟ ପଣ୍ଡିତ ଏବଂ ବିଦ୍ୟାର୍ଥୀ ଆସୁଥିଲେ, ଏଥିରେ କଳିଙ୍ଗର କୃତି ପ୍ରକଟିତ ହୋଇଛି । ଏବେ ମଧ୍ୟ ସେଠାକୁ ରାସ୍ତା ନିର୍ମିତ ହୋଇ ନାହିଁ । ବହୁ ଲୋକଙ୍କର ଅଗୋଚର ହୋଇ ରହିଛି ଏ କ୍ଷେତ୍ର ।

ଧଉଳିଗିରି, ଉଦୟଗିରି, ରତ୍ନଗିରି ପରି ଆଉ ଅନେକ ସ୍ଥାନରେ କଳିଙ୍ଗର କୃତି ବିଚ୍ଛୁରିତ ହୋଇ ରହିଛି । ଏସବୁ ଏ ଜାତିର ମହନୀୟ ବିଭବ । ଏଥିରେ ଅଛି ଯୁବଶକ୍ତି ପାଇଁ ଯଥାର୍ଥ ଉଦ୍‌ବୋଧନ । ଏସବୁ ସ୍ଥାନ ପାଇଁ ରାସ୍ତାଘାଟ, ନିୟମିତ ପରିବହନ, ବିଶ୍ରାମର ସ୍ଥାନ ଇତ୍ୟାଦି ବ୍ୟବସ୍ଥା କରାଗଲେ ଚେତନା ପ୍ରସାରିତ ହେବ; ଯୁବଶକ୍ତି ଜାତିର ଭରା ବିଭବରେ ଉଦ୍‌ବୁଦ୍ଧ ହେବେ ।

Digitized by srujanika@gmail.com

ଓଡ଼ିଆ ଓ ଓଡ଼ିଶା

ଇଷ୍ଟ ଇଣ୍ଡିଆ କମ୍ପାନୀ ରାଣୀ ଏଲିଜାବେଥ୍‌ଙ୍କଠାରୁ ସନନ୍ଦ ପାଇ ବ୍ୟବସାୟ କରିବା ଲାଗି ଭାରତକୁ ଆସିଥିଲେ । ସମୁଦ୍ର କୂଳରେ କେତେକ ସ୍ଥାନରେ ବାଣିଜ୍ୟ କୋଠୀ ନିର୍ମାଣ କଲେ । ଗୋଟିଏ କୋଠୀ କରିଥିଲେ ବାଲେଶ୍ୱର ନିକଟରେ । ପ୍ରତ୍ୟେକ କୋଠୀର ନିରାପତ୍ତା ପାଇଁ ସୈନ୍ୟ ରଖିଲେ । କିଛିକାଳ ପରେ ମାନ୍ଦ୍ରାଜ, ବମ୍ବେ ଏବଂ କଲିକତାରେ ଗୋଟିଏ ଲେଖାଏଁ ଦୁର୍ଗ ନିର୍ମାଣ କଲେ । ଦେଶରେ ରାଜ୍ୟ ରାଜ୍ୟ ଭିତରେ ସଂଘର୍ଷ । ଅନେକ ରାଜ୍ୟରେ ରାଜଗାଦି ପାଇଁ ଅନ୍ତର୍ବିବାଦ । ଏ କଳହ, ବିବାଦ ଏବଂ ବିଭେଦର ସୁଯୋଗ ନେଇ କମ୍ପାନୀ ଷଡ଼ଯନ୍ତ୍ରରେ ଲିପ୍ତ ହେଲେ । ମୋଗଲ ଶାସନ ଦୁର୍ବଳ ହୋଇ ଆସୁଥାଏ । କମ୍ପାନୀ ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଲେ ।

ମାନ୍ଦ୍ରାଜ ପଟରୁ ସମଗ୍ର ତାମିଲ ରାଜ୍ୟ ଏବଂ ସମଗ୍ର ଆନ୍ଧ୍ର ଅଞ୍ଚଳ କମ୍ପାନୀ ଅଧିକାର କଲେ । ସେଥି ସଙ୍ଗେ ବିଶାଖାପାଟଣାର ଓଡ଼ିଆଭାଷୀ ଅଞ୍ଚଳ ଏବଂ ମଞ୍ଜୁଷା, ଚଇଲା, ଟିକାଲି, ଜୟପୁର ଓ ସମଗ୍ର ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜର ଅଙ୍ଗୀଭୂତ ହୋଇଗଲା । ସମଗ୍ର ତାମିଲ ଏବଂ ସମଗ୍ର ଆନ୍ଧ୍ର ଅଞ୍ଚଳ ଅକ୍ଷୁଣ୍ଣ ରହିଲା । ଓଡ଼ିଶାର ଅଙ୍ଗଚ୍ଛେଦ ହୋଇଗଲା । ସେହିପରି ଉତ୍ତରଆଡ଼ୁ, କଲିକତାରୁ ମେଦିନୀପୁର ଓ ସିଂହଭୂମିର ଓଡ଼ିଆଭାଷୀ ଅଞ୍ଚଳ ଏବଂ ବାଲେଶ୍ୱର, କଟକ, ପୁରୀ ବଙ୍ଗ ଦେଶରେ ଅଙ୍ଗୀଭୂତ ହୋଇଗଲା । ପୁଣି ପଶ୍ଚିମ ଆଡ଼ୁ ଖଡ଼ିଆଳ, ଫୁଲଝର ପ୍ରଭୃତି ଅଞ୍ଚଳ ଏବଂ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଗଲା । ଭାରତବର୍ଷ ପରାଧୀନ ହେଲା । ଓଡ଼ିଶା ମଧ୍ୟ ପରାଧୀନ ହେଲା; ମାତ୍ର ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଗଲା । ଓଡ଼ିଆ ଅଞ୍ଚଳଗୁଡ଼ିକ ଛିନ୍ନବିଚ୍ଛିନ୍ନ ହୋଇ ତିନୋଟି ପ୍ରଦେଶ ସହିତ ଅବହେଳିତ ଅଂଶ ରୂପେ ଯୋଡ଼ି ଦିଆଗଲା ।

କମ୍ପାନୀ ରାଜତ୍ୱର ଅବସାନ ହେଲା । ବ୍ରିଟିଶ ସରକାର

Digitized by srujanika@gmail.com

ଭାରତର ପ୍ରତ୍ୟକ୍ଷ ଅଧୀଶ୍ୱର ହେଲେ । ବ୍ୟବସାୟ ପାଇଁ କମ୍ପାନୀ ଭାରତକୁ ଆସିଥିଲା । ସେଇ ବ୍ୟବସାୟ ମନୋବୃତ୍ତି ଅବ୍ୟାହତ ରହିଲା । ଭାରତୀୟ ନୀତି ବିଲାତର ସମୃଦ୍ଧି ପାଇଁ ନିୟୋଜିତ ହେଲା; ମାତ୍ର ଏହା ସତ୍ତ୍ୱେ ଭାରତ ଶାସନରେ ନାନାବିଧ ଉନ୍ନତି ସାଧିତ ହେଲା । ପରିବହନ ମାର୍ଗ ନିର୍ମିତ ହେଲା । ମୁଖ୍ୟ ସହରଗୁଡ଼ିକ ଜାତୀୟ ରାଜପଥ ଦ୍ୱାରା ସଂଯୁକ୍ତ କରାଗଲା । ରେଳରାସ୍ତା ବିସ୍ତାରିତ ହେଲା । ଶିକ୍ଷା ପ୍ରସାରିତ ହେଲା; ମାତ୍ର ଏଥିରେ ଖଣ୍ଡବିଖଣ୍ଡିତ ଓଡ଼ିଶା ଭୂଇଁ ଭାଗୀଦାର ହୋଇପାରିଲା ନାହିଁ ।

ପୁରୀ, କଟକ, ବାଲେଶ୍ୱର—ଏଇ ତିନୋଟି ଜିଲ୍ଲା ବଙ୍ଗଦେଶ ଅଧୀନରେ ରହିଲା । ଏ ତିନି ଜିଲ୍ଲାରେ ଶିକ୍ଷାର ପ୍ରବର୍ତ୍ତନ ହେଲା ଅତି ମନ୍ଥର । ମାତ୍ର ଯେତିକ ବା ସ୍କୁଲ ସ୍ଥାପିତ ହେଲା, ସେଥିରେ ରହିଲେ ବଙ୍ଗାଳୀ ଶିକ୍ଷକ । ହାଇସ୍କୁଲରେ ସମଗ୍ର ଭାରତରେ ଇଂରାଜୀ ହେଲା ମାଧ୍ୟମ । ମାତ୍ର ଓଡ଼ିଶା ଅଞ୍ଚଳରେ ପ୍ରାଥମିକ ଏବଂ ନିମ୍ନ ମାଧ୍ୟମିକ ସ୍ତରରେ ବଙ୍ଗଳା ପ୍ରଚଳିତ ହେଲା ଏବଂ ଶିକ୍ଷାର ମାଧ୍ୟମ ହେଲା । ଓଡ଼ିଆ ଲୋକେ ଆପତ୍ତି କଲେ; ଅଭିଯୋଗ କଲେ । ଶୁଣାଗଲା ନାହିଁ । ବଙ୍ଗାଳୀ ଶିକ୍ଷକମାନେ ପ୍ରଚାର କଲେ, "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ।" କି ଦାମ୍ଭିକତା ! ଓଡ଼ିଶାକୁ ଅଣଓଡ଼ିଆ ରାଜ୍ୟରେ ପରିଣତ କରିବାର ଉଦ୍ୟମ ହେଲା । କୌଣସି ପ୍ରତିକାର ହୋଇପାରିଲା ନାହିଁ ।

ବଙ୍ଗଦେଶ ଶାସନରେ ତିନି ଗୋଟି ଜିଲ୍ଲାକୁ ନେଇ ଗୋଟିଏ ଲେଖାଏଁ ପ୍ରଶାସନିକ ବିଭାଗ ବା ଡିଭିଜନ କରାଗଲା । ସେଥିରେ ଜଣେ ଜଣେ କମିଶନର୍ ରହିଲେ । ୧୮୬୫ ମସିହାରେ ରେଭେନ୍‌ସା ସାହେବ ଓଡ଼ିଶାକୁ କମିଶନର୍ ହୋଇ ଆସିଲେ । ୧୮୬୬ ମସିହା ଓଡ଼ିଶାର ଏକ ଅବିସ୍ମରଣୀୟ ସମ୍ବତ୍ସର । ବଡ଼ ଦୈନବର୍ଷ ଧରି ବର୍ତ୍ତି ମରୁଡ଼ି ଲାଗିଥିଲା । ୧୮୬୬ ମସିହା ଗଜପତିଙ୍କ ଶାସନର ନଅ ଅଙ୍କ । ସେଇ ନଅଙ୍କ ଦୁର୍ଭିକ୍ଷ ହେଲା ଅତି ଭୟାନକ । ଏଥିରେ ଓଡ଼ିଶାର ଏକ ପଞ୍ଚମାଂଶ ଲୋକ ମୃତ୍ୟୁମୁଖରେ ପଡ଼ିଲେ ।

କିଛି ବର୍ଷ ପୂର୍ବେ ଇଷ୍ଟ ଇଣ୍ଡିଆ ନାଭିଗେସନ୍ କମ୍ପାନୀକୁ ନଦୀରୁ

Digitized by srujanika@gmail.com

କେନାଲ ଜଳପଥ ନିର୍ମାଣ ପାଇଁ ବ୍ରିଟିଶ ସରକାର ଅନୁମତି ଦେଇଥିଲେ । ସାର୍ ଆର୍ଥର କଟନ୍ (Sir Arthur Cotton) ସମଗ୍ର ଦେଶରେ କେନାଲ ଜଳପଥରେ ଯାତ୍ରୀ ଏବଂ ମାଲ ପରିବହନ ପାଇଁ ପରିକଳ୍ପନା କରିଥିଲେ । ମହାନଦୀରେ ଯୋବ୍ରା ଆନିକଟ ନିର୍ମିତ ହୋଇ କେନାଲ ତିଆରି ସରି ଆସୁଥାଏ । ନଅଙ୍କ ଦୁର୍ଭିକ୍ଷ ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଗଲା, ଏସବୁ କେନାଲକୁ ଜମିରେ ଜଳସେଚନ ଲାଗି ମଧ୍ୟ ବ୍ୟବହାର କରିବାକୁ ହେବ । କେନାଲରୁ ଶାଖାପ୍ରଶାଖା ନିର୍ମାଣ କରାଗଲା ।

ସେହି ୧୮୬୭ ମସିହାରେ, ନଅଙ୍କ ଦୁର୍ଭିକ୍ଷ ବର୍ଷ ପ୍ରତିଷ୍ଠିତ ହେଲା ଓଡ଼ିଶାର ପ୍ରଥମ ଉଚ୍ଚଶିକ୍ଷା ଅନୁଷ୍ଠାନ ରେଭେନ୍ସା କଲେଜ ।

ପ୍ରଚଳିତ ବଙ୍ଗଳା ଶିକ୍ଷା ବିରୁଦ୍ଧରେ ଅସନ୍ତୋଷ ଲାଗିଥାଏ, ଅଭିଯୋଗ ହେଉଥାଏ । ରେଭେନ୍ସା ସାହେବ ଶିକ୍ଷା ବିଭାଗ ଇନସ୍ପେକ୍ଟରଙ୍କୁ ଲେଖିଲେ । କିନ୍ତୁ ଫଳ ହେଲା ନାହିଁ । କଲିକତାରେ ଶିକ୍ଷାବିଭାଗ ଡିରେକ୍ଟରଙ୍କ ପାଖକୁ ଲେଖିଲେ । ଡିରେକ୍ଟର ଜଣେ ଇଂରେଜ । ଅଫିସରେ କିରାଣୀମାନେ ବଙ୍ଗାଳୀ । ରେଭେନ୍ସା ସାହେବଙ୍କ ସୁପାରିଶ ଗୃହୀତ ହେଲା ନାହିଁ । ରେଭେନ୍ସା ଗଲେ କଲିକତା । ରେଲ୍‌ପଥ ନ ଥାଏ । ଚାନ୍ଦବାଲିଠାରୁ ସମୁଦ୍ର ପଥରେ ଯିବାକୁ ହେଉଥିଲା । କଲିକତାରେ ବଙ୍ଗ ଦେଶର ଗଭର୍ଣ୍ଣରଙ୍କ ସହିତ ଦେଖା କଲେ । ସ୍କୁଲରେ ଓଡ଼ିଆ ଭାଷାର ପ୍ରବର୍ତ୍ତନ ପାଇଁ ଦାବି କଲେ । ଦମ୍ଭର ସହିତ କହିଲେ, "ମୁଁ ଆଦେଶ ଦେଇ ଆସିଛି, ସବୁ ଶିକ୍ଷକ ବର୍ଷକ ମଧ୍ୟରେ ଓଡ଼ିଆ ଶିକ୍ଷା କରି ଓଡ଼ିଆ ମାଧ୍ୟମରେ ଶିକ୍ଷା ଦେବେ । ନ ହେଲେ ତାଙ୍କୁ ଚାକିରିରୁ ବିଦାୟ କରି ଦିଆଯିବ ।" ଗଭର୍ଣ୍ଣର ଏଥିରେ ସ୍ୱୀକୃତି ପ୍ରଦାନ କଲେ ।

ମିଷ୍ଟର ରେଭେନ୍ସାଙ୍କର ପ୍ରଶାସନିକ ଦକ୍ଷତା ଯାହାହେଉ ବା ନ ହେଉ, ବଙ୍ଗଳା ଭାଷା ପରିବର୍ତ୍ତେ ଓଡ଼ିଶାରେ ଓଡ଼ିଆର ପ୍ରଚଳନ ଲାଗି ସେ ଯେଉଁ ନିଷ୍ପତ୍ତି କଲେ, ଏଥିରେ ସେ ଓଡ଼ିଶାବାସୀଙ୍କର ନମସ୍ୟ ।

ଖଣ୍ଡବିଖଣ୍ଡିତ ଓଡ଼ିଶା ତିନୋଟି ବିରାଟ ପ୍ରଦେଶର ସୁଦୂର

Digitized by srujanika@gmail.com

ପ୍ରାନ୍ତଭାଗରେ ଅବହେଳିତ ହୋଇ ରହିଲା । ତାହାର ଶିକ୍ଷା, ସଂସ୍କୃତି, ବିକାଶ—ସମସ୍ତ ପ୍ରତିହତ ହେଲା । ସେସବୁ ବିଚ୍ଛିନ୍ନ ଅଞ୍ଚଳ ସମ୍ମିଳିତ ହୋଇ କୌଣସି ଗୋଟିଏ ପ୍ରଦେଶରେ ସ୍ଥାନ ନ ପାଇଲେ, ଓଡ଼ିଆଙ୍କର ଦୁର୍ଗତି ଦୂର ହେବ ନାହିଁ । ଓଡ଼ିଶାର ବିକାଶ ସମ୍ଭବ ହେବ ନାହିଁ । ସମଗ୍ର ଆନ୍ଧ୍ର ଅଞ୍ଚଳ ମାନ୍ଦ୍ରାଜରେ ଅନ୍ତର୍ଭୁକ୍ତ ହେଲା । ସମଗ୍ର ବିହାର ବଙ୍ଗଦେଶରେ ଅନ୍ତର୍ଭୁକ୍ତ ହେଲା । ସମଗ୍ର ଗୁଜରାଟ ମହାରାଷ୍ଟ୍ର ସହିତ ବମ୍ବେ ପ୍ରଦେଶରେ ରହିଲା । ଭାରତବର୍ଷରେ ଖାଲି ଓଡ଼ିଶାର ହେଲା ଦୁର୍ଦ୍ଦଶା ।

ଜାତୀୟ ଗୌରବ ମଧୁସୂଦନ ଦାସ ଦେଶ ମିଶ୍ରଣ ଆନ୍ଦୋଳନର ପୁରୋଧା ହେଲେ । ସେ କଲିକତାରୁ ବି ଏ., ଏମ୍. ଏ., ବି. ଏଲ୍. ପାଶ କଲେ । କଟକ ଫେରି ଆସି ଏଠାରେ ୱକିଲ ଭାବରେ ପ୍ରତିଷ୍ଠା ଅର୍ଜନ କଲେ । ଭାରତୀୟ ଜାତୀୟ କଂଗ୍ରେସ ଆରମ୍ଭ ହୋଇଥିଲା ୧୮୮୫ ଖ୍ରୀଷ୍ଟାବ୍ଦରେ । ମଧୁସୂଦନ ସେଥିରେ ଯୋଗ ଦେଲେ । ୧୯୦୩ ମସିହା କଲିକତା ଅଧିବେଶନରେ ସେ ପ୍ରସ୍ତାବ ଦେଲେ, ଖଣ୍ଡବିଖଣ୍ଡିତ ଓଡ଼ିଆ ଅଞ୍ଚଳକୁ ଏକତ୍ର କରି ଗୋଟିଏ ପ୍ରଦେଶରେ ରଖାଯାଉ । ଏ ପ୍ରସ୍ତାବ ଗୃହୀତ ହେଲା ନାହିଁ । ମହାଭାରତୀୟ କଂଗ୍ରେସର କି ଅବିଚାର ! ମଧୁସୂଦନ କଂଗ୍ରେସରୁ ଇସ୍ତଫା ଦେଇ ଉତ୍କଳ ସମ୍ମିଳନୀ ଗଠନ କଲେ । ଏହି ସମ୍ମିଳନୀରେ ବହୁ ସହଯୋଗୀ ଯୋଗ ଦେଲେ । ପ୍ରତି ବର୍ଷ ବାର୍ଷିକ ଅଧିବେଶନରେ ଦେଶମିଶ୍ରଣ ପାଇଁ ପ୍ରସ୍ତାବ ଗୃହୀତ ହୁଏ । ସରକାରଙ୍କଠାରେ ଆବେଦନ କରାଯାଏ ।

ଲର୍ଡ଼ କର୍ଜନ ଥିଲେ ପ୍ରତାପଶାଳୀ ବଡ଼ଲାଟ । ଓଡ଼ିଶାର ସମସ୍ୟା ପ୍ରତି ତାଙ୍କର ଦୃଷ୍ଟି ପଡ଼ିଥିଲା । ସେ ମାନ୍ଦ୍ରାଜ ପ୍ରଦେଶରେ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗ ପ୍ରଦେଶ ସହିତ ମିଶାଇବା ପାଇଁ ପ୍ରସ୍ତାବ କରିଥିଲେ; ମାତ୍ର ମାନ୍ଦ୍ରାଜ ସରକାରଙ୍କ ଘୋର ଆପତ୍ତି ଯୋଗୁଁ ତାଙ୍କର ସଦିଚ୍ଛା କାର୍ଯ୍ୟକାରୀ ହୋଇପାରିଲା ନାହିଁ । କେବଳ ୧୯୦୫ ମସିହାରେ ସମ୍ବଲପୁର ଜିଲ୍ଲାଟି ମଧ୍ୟପ୍ରଦେଶରୁ ଆସି ଓଡ଼ିଶା ବିଭାଗରେ ଅନ୍ତର୍ଭୁକ୍ତ ହେଲା ।

ଅବସର ନେଇ ବିଲାତ ଫେରିଲା ପରେ, ସେଠାରେ ଲର୍ଡ଼

Digitized by srujanika@gmail.com

ଘୋଷଣା କରିଲେ—ଓଡ଼ିଆମାନେ ବିପ୍ଳବୀ ନୁହନ୍ତି; ଗୋଳମାଳ କରିବାର ଜାତି ନୁହନ୍ତି । ଆନ୍ଦୋଳନ କରିବାର ଜାତି ହୋଇଥିଲେ, ସରକାର ସେମାନଙ୍କର ଆବେଦନ ବହୁଦିନ ପୂର୍ବରୁ ଶୁଣିଥାନ୍ତେ । ଓଡ଼ିଶାର ଦାବିକୁ ସରକାର ଉପେକ୍ଷା କରି ନ ଥାନ୍ତେ ।

ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହୋଇଥିଲା ୧୯୦୩ ମସିହାରେ । ମଧୁସୂଦନ (ମିଷ୍ଟର ଦାସ ନାମରେ ପରିଚିତ) ଏହାର ପ୍ରାଣପ୍ରତିଷ୍ଠାତା । ବହୁ ବିଶିଷ୍ଟ ଲୋକ ଏଥିରେ ଯୋଗ ଦେଲେ । କେତେ ଜମିଦାର, ରାଜା ଆଉ ବହୁ ପ୍ରତିଷ୍ଠାବାନ ଲୋକ । ପାରଳାଖେମୁଣ୍ଡି ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କର ନାମ ଉଲ୍ଲେଖଯୋଗ୍ୟ । ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଗୋଟିଏ ଅଧିବେଶନରେ ପୌରୋହିତ୍ୟ କରିଥିଲେ । ଓଡ଼ିଶାକୁ ତାଙ୍କର ଅବଦାନ ସ୍ମରଣୀୟ । ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଦେଶମିଶ୍ରଣ ଆନ୍ଦୋଳନରେ ନିବିଡ଼ ଭାବରେ ସଂଶ୍ଳିଷ୍ଟ ହୋଇଥିଲେ । ବ୍ରଜସୁନ୍ଦର ଦାସ ଏଥିରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଗଞ୍ଜାମ, ଜୟପୁର, ସମ୍ବଲପୁର, ସିଂହଭୂମି, ପୁରୀ, କଟକ, ବାଲେଶ୍ୱର ପ୍ରଭୃତି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନେ ଏ ଆନ୍ଦୋଳନରେ ଅବିରତ ଲାଗିଥିଲେ । ସେମାନେ ସମସ୍ତେ ଏ ଜାତିର ଗୌରବ ।

ପ୍ରତିବର୍ଷ ଉତ୍କଳ ସମ୍ମିଳନୀର ଅଧିବେଶନ ବସେ । ବିଚାର ଆଲୋଚନା ହୁଏ । ପ୍ରସ୍ତାବ ଗୃହୀତ ହୁଏ । ସରକାରଙ୍କ ପାଖରେ ଆବେଦନ କରାଯାଏ । ୧୯୦୫ ମସିହାରେ ସମ୍ବଲପୁର ମଧ୍ୟପ୍ରଦେଶରୁ ଆସି ବଙ୍ଗଦେଶରେ ମିଶିଥିଲା । ଏତିକି ଛଡ଼ା ଆଉ କିଛି ଓଡ଼ିଶା ଭାଗ୍ୟରେ ଜୁଟିଲା ନାହିଁ । ୧୯୧୨ ମସିହାରେ ବଙ୍ଗଦେଶରୁ କାଢ଼ି ନିଆଯାଇ ବିହାର-ଓଡ଼ିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରାଗଲା । ଏଥିରେ ରହିଲେ ଓଡ଼ିଶାର ପାଞ୍ଚଟି ଜିଲ୍ଲା । ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଏବଂ ଅନୁଗୁଳ-କନ୍ଧମାଳ । ଏ ସବୁ ମିଶି ହେଲା ଓଡ଼ିଶା ଡିଭିଜନ । ଉତ୍କଳ ସମ୍ମିଳନୀରେ ଗୃହୀତ ଆଉ କୌଣସି ପ୍ରସ୍ତାବ ସରକାର ବିଚାର କଲେ ନାହିଁ । ଲୋକଙ୍କ ମନରେ ନୈରାଶ୍ୟ ଆସିଲା ।

Digitized by srujanika@gmail.com

ସମ୍ମିଳନୀ କଣ ଖାଲି ପ୍ରସ୍ତାବ ଆଲୋଚନା ପାଇଁ ଉଦ୍ଦିଷ୍ଟ ?

ଉତ୍କଳ ସମ୍ମିଳନୀ ତା'ର କର୍ମପନ୍ଥା ଅବ୍ୟାହତ ରଖିଲା । ଏ ସମ୍ମିଳନୀ ଗୋଟିଏ ବାର୍ଷିକ ବୈଠକ ବା ଅଧିବେଶନରେ ପର୍ଯ୍ୟବସିତ ନୁହେ । ଏହା ଓଡ଼ିଆ ଜାତିର ନିରବଚ୍ଛିନ୍ନ ପ୍ରାଣପ୍ରବାହ । ଏଥିରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କ ମଧ୍ୟରେ ଯୋଗସୂତ୍ର ବୃଦ୍ଧି ପାଇଲା । ସାଂସ୍କୃତିକ ସମନ୍ୱୟ ପ୍ରସାରିତ ହେଲା । ବନ୍ଧନ ଦୃଢ଼ୀଭୂତ ହେଲା । ଓଡ଼ିଶା ନବଜାଗରଣରେ ଉଦ୍‌ବୁଦ୍ଧ ହେଲା ।

ଉତ୍କଳ ସମ୍ମିଳନୀର ଥିଲା ଏକ ବିଶେଷତ୍ୱ । ସମ୍ମିଳନୀର ବିସ୍ତୃତ ଆଲୋଚନାରେ, ଦେଶମିଶ୍ରଣ ଆନ୍ଦୋଳନରେ କୌଣସି ପ୍ରକାର କଟୂକ୍ତି ନ ଥିଲା । କାହାରି ଉପରେ ଅସଂଯତ ଆକ୍ଷେପ ନ ଥିଲା । କୌଣସି ପ୍ରକାର ସଂକୀର୍ଣ୍ଣତା ପ୍ରକଟିତ ହେଉ ନ ଥିଲା । ଏ ଆନ୍ଦୋଳନରେ ଥିଲା ଉଦାରତା; ବିଦ୍ରୋହ ଭାବ ନ ଥିଲା । ଓଡ଼ିଶାର ସମସ୍ତେ ଓଡ଼ିଶା ଅଧିବାସୀ । ସେ ଓଡ଼ିଆ ହୁଅନ୍ତୁ ବା ନ ହୁଅନ୍ତୁ । ସାମ୍ପ୍ରଦାୟିକ ମନୋଭାବ ନ ଥିଲା । ମହାତ୍ମା ଗାନ୍ଧୀ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ତା' ପୂର୍ବରୁ ଉତ୍କଳ ସମ୍ମିଳନୀରେ ସବୁବେଳେ ଥିଲା ସର୍ବଭାରତୀୟ ଦୃଷ୍ଟିକୋଣ ।

ସମ୍ମିଳନୀର ଆରମ୍ଭରେ ଭାରତ-ଗୀତିକା ଗାନ କରାଯାଉଥିଲା । ଉତ୍କଳ-ଗୀତିକା ନୁହେ ।

ସର୍ବେଷାଂ ନୋ ଜନନୀ ଭାରତଧରଣୀ କଳ୍ପଲତେୟମ୍ । କଳ୍ପଲତା ଭାରତ ଧରଣୀ ଆମ ସମସ୍ତଙ୍କର ଜନନୀ । ଏହାର ରଚୟିତା କବିବର ରାଧାନାଥ ରାୟ । ସେହି ଗୀତିକାରେ ଅଛି— ଭାରତ ପଙ୍କଜ ଜଳମିବ ମୁତ୍କଳ ମଣ୍ଡଳମିତି ବଦତାଂ ଯତ୍ର ।

ଭାରତବର୍ଷ ଗୋଟିଏ ସୁବାସିତ ପଦ୍ମ ସୁମନ । ଏଥିରେ ଉତ୍କଳ ଗୋଟିଏ ପାଖୁଡ଼ା । ଶେଷ ପଦରେ ଅଛି—ଭାରତ ଆମର ଏକମାତ୍ର ଗତି । ସର୍ବପ୍ରଥମେ ଆମେ ଭାରତକୁ ନମସ୍କାର କରୁଛୁ ।

୧୯୧୯ ମସିହାରେ କଟକ ମ୍ୟୁନିସିପାଲିଟି ପଡ଼ିଆରେ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେଥିରେ

Digitized by srujanika@gmail.com

ପଣ୍ଡିତ ଗୋପବନ୍ଧୁ ସଭାପତିତ୍ୱ କରିଥିଲେ । ସେତେବେଳେ ତାଙ୍କୁ ବୟାଳିଶ ବର୍ଷ ବୟସ । ସେ ଭାବାବେଗରେ ଭାଷଣ ଦିଅନ୍ତି । ଶ୍ରୋତାମାନେ ଉଦ୍‌ବୁଦ୍ଧ ହୋଇ ପଡ଼ନ୍ତି । ତାଙ୍କର କଥା ଏବଂ କର୍ମରେ କେବେ ହେଲେ ପାର୍ଥକ୍ୟ ନ ଥାଏ । ଏ ସମ୍ମିଳନୀ ଭାଷଣରେ ସେ ବହୁ ବିଷୟ ଆଲୋଚନା କରିଥିଲେ । ସେଥିରେ ଗୋଟିଏ ବିଷୟ ଏବେ ବି ପ୍ରଣିଧାନଯୋଗ୍ୟ ।

ଏ ସମ୍ମିଳନୀ ଓଡ଼ିଆ ଜାତିର । ଓଡ଼ିଆ ଜାତି କିଏ ? ସାଧାରଣତଃ ସ୍ଥାନର ନାମ ଅନୁସାରେ ଜାତିର ନାମକରଣ ହୋଇଥାଏ । ଏକ ସ୍ଥାନରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସ୍ୱତଃ ମାୟାମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ । ସେହି ଭୂମି ସେମାନଙ୍କର ପବିତ୍ର ଜନ୍ମଭୂମି । ତେଣୁ ଏହି ବିଧାନରେ ଯେଉଁମାନେ ଓଡ଼ିଶା ଭୂଇଁରେ ସମାନ ଆଶା-ଆକାଂକ୍ଷା ଧରି ଜନ୍ମମରଣରେ ସମାନ ଶ୍ରେୟ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

ଏଥିରେ ଥିଲା ଉଦାରତା, ହୃଦୟବତ୍ତା । ସେତେବେଳେ ସତ୍ୟବାଦୀ ସ୍କୁଲରେ ଗଞ୍ଜାମରୁ, ସିଂହଭୂମିରୁ ଛାତ୍ର ଥିଲେ । ବଙ୍ଗାଳୀ ଛାତ୍ର ଥିଲେ, ତାମିଲ ଶିକ୍ଷକ ଥିଲେ । ତଥାକଥିତ ଅସ୍ପୃଶ୍ୟ ଜାତିର ଛାତ୍ର ଥିଲେ । ଛାତ୍ର ଶିକ୍ଷକ ଏକାଠି ବସି ପଂକ୍ତି ଭୋଜନ କରୁଥିଲେ । ସମସ୍ତେ ସତ୍ୟବାଦୀ ସ୍କୁଲର । କୌଣସି ପ୍ରକାର ଭେଦ ନ ଥିଲା । ଯାହା ଗୋଟିଏ ଶିକ୍ଷା ଅନୁଷ୍ଠାନ ପ୍ରତି ପ୍ରଯୁଜ୍ୟ, ତାହା ସମଗ୍ର ଓଡ଼ିଶା ପାଇଁ ପ୍ରଯୁଜ୍ୟ ।

ଗୋପବନ୍ଧୁ ତାଙ୍କ ଭାଷଣରେ କହିଲେ, ଯଥାର୍ଥରେ ଓଡ଼ିଆ ଏବଂ ଓଡ଼ିଶା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । "ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ; ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର ।"

Digitized by srujanika@gmail.com

ପୃଥିବୀର ସର୍ବତ୍ର ଭିନ୍ନ ଭିନ୍ନ ଜାତି ବା ସମ୍ପ୍ରଦାୟର ଲୋକ ବାସ କରନ୍ତି । ଗୋପବନ୍ଧୁ ଆମେରିକା ଯୁନାଇଟେଡ ଷ୍ଟେଟସ୍‌ର ଜାତୀୟତା ଉଦାହରଣ ଦେଇଥିଲେ ।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଗୋପବନ୍ଧୁ କହିଲେ—

"ଭାଇ ଉତ୍କଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, କୋଲ୍ହ, ହିନ୍ଦୁ, ଖ୍ରୀଷ୍ଟାନ୍, ମୁସଲମାନ ଯେ ହୁଅ, ଉତ୍କଳ ଭୂମି ତୁମକୁ ଆପଣା ଶରୀରରେ ବହି, ତୁମର କେତେ ଅଭାଅର୍ଦ୍ଧିକ ସହୁଛନ୍ତି । ତୁମର ହେଉ ବା ତୁମର ଶିଶୁ ସନ୍ତାନମାନଙ୍କର ହେଉ, ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଯେବେ ଏପରି ଭାବରେ ଗ୍ରହଣ କରିଥାଅ ଦେଶାନୁରାଗର ପବିତ୍ର ସୂତ୍ରରେ, ଏ ଦେଶର ଅନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର । କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଇଅଛ । ସୁତରାଂ ତୁମ୍ଭେ ଓଡ଼ିଆ, ତୁମ୍ଭେ ଉତ୍କଳ । ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳମାତା ମଧ୍ୟ ତୁମ୍ଭର ସେବାପୂଜା ଗ୍ରହଣ କରିବାକୁ ସନ୍ତୁଷ୍ଟ ନୟନରେ ଅନାଇ ରହି ଅଛନ୍ତି । ଏ ମାତୃପୂଜା ମଣ୍ଡପରେ ସମସ୍ତଙ୍କର ସମାନ ଅଧିକାର, ସମାନ ଆସନ । ତାହା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବ ନାହିଁ ।"

ଏଥିରେ ଥିଲା ଜାତୀୟତାର ସାର୍ଥକତା, ସମ୍ମିଳନୀର ଉଦାର ମାନବିକତା ଏବଂ ଗୋପବନ୍ଧୁଙ୍କ ଅନ୍ତରର ବିନମୟ ।

●

Digitized by srujanika@gmail.com

ତାମସୀ ଶତାବ୍ଦୀ

ଓଡ଼ିଶାର ଆର୍ଥିକ ଅବସ୍ଥା ଆଲୋଚନା କଲାବେଳେ, ଅର୍ଥନୈତିକ ବିକାଶ ଲାଗି ଯୋଜନା ପ୍ରସ୍ତୁତ କଲାବେଳେ, ପ୍ରାରମ୍ଭରେ ମଙ୍ଗଳାଚରଣ ହୁଏ—ଓଡ଼ିଶାର ଅପରିମେୟ ପ୍ରାକୃତିକ ସମ୍ପଦର ବିବରଣୀ । ଓଡ଼ିଶାର ଖଣି, ପାହାଡ଼ରେ ଅପରିମିତ ଖଣିଜ ସମ୍ପଦ । ଓଡ଼ିଶାର ନଦୀ ନିର୍ଝରରେ ଭରା ବିପୁଳ ଜଳରାଶି ଏବଂ ବିଦ୍ୟୁତ୍‌ଶକ୍ତିର ଉତ୍ସ । ଓଡ଼ିଶାର ଜଙ୍ଗଲ ପର୍ବତରେ ବିପୁଳ ବନଜାତ ସମ୍ଭାର । ଓଡ଼ିଶାରେ ବିସ୍ତୀର୍ଣ୍ଣ ବେଳାଭୂମି । ବିସ୍ତାରିତ ମହୋଦଧିରେ ଅଛି ମତ୍ସ୍ୟ-ଭଣ୍ଡାର, ନୌବାଣିଜ୍ୟ ପାଇଁ ଅଛି ପ୍ରସାରିତ କ୍ଷେତ୍ର । ଆଉ ଶେଷରେ ବିଷାଦର ବାଣୀ—ଓଡ଼ିଶା ଦରିଦ୍ର, ଅନୁନ୍ନତ ।

ତା' ପରେ ହୁଏତ ପୂଜାପାଠ । ପ୍ରାଚୀନ କୀର୍ତ୍ତିଗାଥା । ଖ୍ରୀଷ୍ଟପୂର୍ବ-ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗର ନରପତି ଖାରବେଳ ପଞ୍ଜାବ ପର୍ଯ୍ୟନ୍ତ ଦିଗ୍‌ବିଜୟ କରିଥିଲେ । କଳିଙ୍ଗ ସମରରେ ଏ ଦେଶର ବୀରତ୍ୱ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା । ଏ ଦେଶର ନାବିକ ଏବଂ ସାଧବମାନେ ଯବଦ୍ୱୀପ ଏବଂ ସୁମାତ୍ରା ଦ୍ୱୀପରେ ବାଣିଜ୍ୟ କରିଥିଲେ ଏବଂ କଳିଙ୍ଗର ସଂସ୍କୃତି ପ୍ରସାର କରିଥିଲେ । ଏ ରାଜ୍ୟର ଶିଳ୍ପୀ ନୀଳାଚଳରେ, ଏକାମ୍ର ଧାମରେ, ଅର୍କକ୍ଷେତ୍ରରେ ଅପୂର୍ବ ମନ୍ଦିର ସଂସ୍କୃତି ପ୍ରତିଷ୍ଠା କରିଥିଲେ; ପ୍ରସ୍ତର ଗାତ୍ରରେ ଖୋଦନ କରିଥିଲେ ରସାଳ କାବ୍ୟ ।

ଏ ସକଳ ବୃତ୍ତାନ୍ତରେ କୌଣସି କପୋଳକଳ୍ପନା ନାହିଁ; କୌଣସି ପ୍ରକାର ଅତିରଞ୍ଜନ ନାହିଁ । ଏ ସମସ୍ତ ନିରାଟ ବାସ୍ତବ ସତ୍ୟ । ମାତ୍ର ଏ ସବୁର ଅବସାନ ହେଲା କେବେ ? କାହିଁକି ? ଆତ୍ମଦୋଷରୁ ନା ପର-ପୀଡ଼ନରେ ? ଭାରତର ସମ୍ମାନିତ ଦରବାରରେ ଓଡ଼ିଶା ଗୋଟିଏ ହେଲେ ନାମ ଯୋଗ କରିପାରି ନାହିଁ ବୋଲି ହଣ୍ଟର ସାହେବ ତାଙ୍କର ଓଡ଼ିଶା ଇତିହାସରେ ଲେଖିଲେ କିପରି ? ଭାରତର ବିଭିନ୍ନ

Digitized by srujanika@gmail.com

ପ୍ରାନ୍ତରେ, ପ୍ରଚଳିତ ପାଠ୍ୟପୁସ୍ତକରେ, ଭାରତ ଇତିହାସରେ, ଓଡ଼ିଶାର କୌଣସି ଅବଦାନ ସ୍ଥାନ ପାଇ ନାହିଁ କାହିଁକି ? ଦାରିଦ୍ର୍ୟ ଦୋଷରେ ଗୁଣରାଶିର ନାଶ ହୁଏ ।

ବହୁ ରାଜ୍ୟର ଇତିହାସରେ ପରିସ୍ଥିତିର ଚକ୍ରରେ ବିପର୍ଯ୍ୟୟ ଘଟିଛି । ଓଡ଼ିଶାରେ ମଧ୍ୟ ସେହିପରି । ସେ ସକଳ ଆଲୋଚନା ପାଇଁ, ଏ ପ୍ରବନ୍ଧ କ୍ଷେତ୍ର ନୁହେ । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଭାଗ୍ୟଚକ୍ର କିଭଳି ଦୁର୍ଗତି ହୋଇ ପଡ଼ିଲା, ଏଥିରେ ଅଛି ସେହି ଅଧ୍ୟାୟର ଶବ୍ଦ ।

୧୭୫୭ ମସିହାରେ ପଲାସୀ ଯୁଦ୍ଧରେ କ୍ଲାଇବ ବଙ୍ଗଦେଶ ଜୟ କଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ହେଲା ପ୍ରଥମ ଅଧିଷ୍ଠାନ । ପ୍ରାୟ ସେହି ସମୟରେ ମରହଟ୍ଟାମାନେ ଓଡ଼ିଶା ଦଖଲ କଲେ । ଜମିରୁ ଖଜଣା ଆଦାୟ କରିବା ଥିଲା ତାଙ୍କର ଏକାନ୍ତ ଅଭୀଷ୍ଟ । ଓଡ଼ିଶା ଜମିଦାରୀ-ଗୁଡ଼ିକରୁ ଖଜଣା ଆଦାୟ କରିବାର ଅଧିକାର ନାଗପୁରଠାରେ ନିଲାମ କରାଯାଉଥିଲା । ଦୁଇ ତିନି ଜଣ ଲୋକ ଏ ଅଧିକାର କ୍ରୟ କରି ଓଡ଼ିଶାକୁ ଆସୁଥିଲେ ଏବଂ ଯେଉଁ ଉପାୟରେ ଯେତେ ଅଧିକ ଖଜଣା ଆଦାୟ କରିପାରିବେ, ସେଥିଲାଗି ସକଳ ପନ୍ଥା ଅବଲମ୍ବନ କରୁଥିଲେ । ଜମି ମାଲିକମାନେ ଦେଇ ନ ପାରିଲେ ତାଙ୍କୁ ବେଦଖଲ କରୁଥିଲେ, ଜୋରିମାନା କରୁଥିଲେ, ଜେଲରେ ବନ୍ଦୀ କରୁଥିଲେ । ତଥାପି ଆଦାୟ ନ ହେଲେ, ମରହଟ୍ଟା ଅଶ୍ୱାରୋହୀ ଆସି ସବୁ ଲୁଣ୍ଠି କରି ନେଉଥିଲେ । ଏ ବର୍ଗୀଙ୍କ ଭୟରେ ଲୋକେ ଘରଦ୍ୱାର, ଗାଁଗଣ୍ଡା ଛାଡ଼ି, ଗୋରୁଗାଈ ଧରି ପଳାଇ ଯାଉଥିଲେ । ଜମି ପଡ଼ିଆ ପଡ଼ୁଥିଲା । ଫଳ ହେଲା, ପୂର୍ବରୁ ମୋଗଲ ସରକାର ଯେତେ ରାଜସ୍ୱ ଆଦାୟ କରୁଥିଲେ, ମରହଟ୍ଟାମାନେ ସକଳ ପ୍ରକାର ବଳପ୍ରୟୋଗ କରି, ସେତିକି ମଧ୍ୟ ଆଦାୟ କରିପାରିଲେ ନାହିଁ । ମରହଟ୍ଟା ରାଜତ୍ୱର ପଚାଶ ବର୍ଷ ମଧ୍ୟରେ କୃଷି ଭାଙ୍ଗିଗଲା । ବହୁ ଜମି ଗୋଚର ହୋଇଗଲା ।

୧୮୦୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲେ । ଓଡ଼ିଶାର ଦୁର୍ଭାଗ୍ୟ, ବଙ୍ଗଳା ଅଧିକୃତ ହେବାର ପ୍ରାୟ ପଚାଶ ବର୍ଷ ପରେ ଓଡ଼ିଶା କମ୍ପାନୀର କବଳିତ ହେଲା । ଏଇ ପଚାଶ

Digitized by srujanika@gmail.com

ବର୍ଷ ମଧ୍ୟରେ କଲିକତା ହେଲା ଏକ ନଗରୀ, ବନ୍ଦର, ବାଣିଜ୍ୟ କେନ୍ଦ୍ର, ବଙ୍ଗ ଦେଶର ରାଜଧାନୀ ଏବଂ ଭାରତବର୍ଷର ରାଜଧାନୀ । ସର୍ବୋପରି ଇତି ମଧ୍ୟରେ ଇଂରାଜୀ ଶିକ୍ଷା ପାଇଁ କଲକତାରେ ପ୍ରତିଷ୍ଠିତ ହୋଇଗଲା ଶିକ୍ଷାନୁଷ୍ଠାନ । ୧୮୦୩ ଖ୍ରୀଷ୍ଟାବ୍ଦରୁ ଓଡ଼ିଶାକୁ ଏହି ବଙ୍ଗ ଦେଶ ସହିତ ଯୋଡ଼ି ଦିଆଗଲା ।

ଓଡ଼ିଶା ଅଧିକାର କରି କମ୍ପାନୀ ଏକ ଘୋଷଣାପତ୍ର ପ୍ରକାଶ କଲେ । ସେ ଘୋଷଣାରେ ଥିଲା ସବୁ ପ୍ରକାର ସରକାରୀ ଆଦବ-କାଇଦା । ବ୍ରିଟିଶ ସରକାର ଦେଶର ଏବଂ ଅଧିବାସୀମାନଙ୍କର ମଙ୍ଗଳ ଏବଂ ସମୃଦ୍ଧି ପାଇଁ ଏକାନ୍ତ ଆଗ୍ରହୀ ଏବଂ ସେହି ଦୃଷ୍ଟିରୁ ସମସ୍ତ ଜମି ମାଲିକଙ୍କ ସହିତ ଜମିଜମା ନିର୍ଦ୍ଧାରଣ ଲାଗି ବ୍ୟବସ୍ଥା କରୁଛନ୍ତି ।

ଏ ବନ୍ଦୋବସ୍ତ ପ୍ରଥମେ ବର୍ଷକ ପାଇଁ, ତା' ପରେ ତିନିବର୍ଷ, ତା' ପରେ ଚାରି ବର୍ଷ ଏବଂ ଶେଷରେ ତିନି ବର୍ଷ ଏପରି ଏଗାର ବର୍ଷ ପରେ ଚିରସ୍ଥାୟୀ କରାଯିବ । ରାଜସ୍ୱ ଆଦାୟ ପାଇଁ ବଙ୍ଗଳାର ପ୍ରତି ଜିଲାରେ ନିଯୁକ୍ତ ହୋଇଥିଲେ କଲେକ୍ଟର । ସେହିପରି ଓଡ଼ିଶାର ପ୍ରତି ଜିଲାରେ ଜଣେ ଲେଖାଏଁ କଲେକ୍ଟର ନିଯୁକ୍ତ ହେଲେ । ସେମାନେ ସମସ୍ତେ ଇଂରେଜ ଅଫିସର । ଓଡ଼ିଶା ବିଷୟରେ ଅନଭିଜ୍ଞ । ତେଣୁ ମରହଟ୍ଟା ସରକାର ଯେଉଁ କର୍ମଚାରୀଙ୍କୁ ନିଯୁକ୍ତ କରିଥିଲେ, ଇଷ୍ଟ ଇଣ୍ଡିଆ କମ୍ପାନୀ ସେହି ଲୋକଙ୍କୁ ନିଯୁକ୍ତ କଲେ । ସେଥିରୁ ଅନେକେ ପ୍ରଜାମାନଙ୍କ ଉପରେ ବଳପ୍ରୟୋଗ କରିବାର ଅଭିଜ୍ଞତା ଆଗରୁ ଅର୍ଜନ କରିଥିଲେ ।

ଶତାଧିକ ବର୍ଷ ପରେ, ବିଂଶ ଶତାବ୍ଦୀରେ ଯେତେବେଳେ ପ୍ରତି କୋଡ଼ିଏ ବର୍ଷରେ ଥରେ ଲେଖାଏଁ ବନ୍ଦୋବସ୍ତ ହେଉଥିଲା, ପଣ୍ଡିତ ଗୋପବନ୍ଧୁ ଲେଖିଥିଲେ :—

"ବନ୍ଦୋବସ୍ତ ପରେ ଆସେ ବନ୍ଦୋବସ୍ତ; ପ୍ରଜାକୁଳ କ୍ରମେ ଲଭିଲେଣି ଅସ୍ତ ।" କମ୍ପାନୀ ସରକାର ଆରମ୍ଭ କଲେ ବର୍ଷିକିଆ, ତିନି ବର୍ଷିଆ, ଚାରି ବର୍ଷିଆ ଜମାବନ୍ଦି । ପ୍ରତି ଜମାବନ୍ଦିରେ ରାଜସ୍ୱ ବୃଦ୍ଧି ପାଇଲା । କମ୍ପାନୀର ହେଲା ଖେଳ । ଲୋକଙ୍କର ହେଲା କାଳ ।

Digitized by srujanika@gmail.com

ଓଡ଼ିଶାର ଜମି ମାଲିକମାନେ ଠିକ ନିୟମିତ ତାରିଖରେ ରାଜସ୍ୱ ଦେବାରେ ଅନଭ୍ୟସ୍ତ । ପୁଣି ଧୋଇ ଅଛି; ମରୁଡ଼ି ଅଛି । ଅନାଦେୟରେ ଜମି ମାଲିକଙ୍କୁ ବେଦଖଲ କରାଗଲା । ଇତିହାସ ପ୍ରଣେତା ଟଏନ୍‌ବି ଲେଖିଛନ୍ତି—ପଚିଶ ବର୍ଷ ମଧ୍ୟରେ ଓଡ଼ିଶା ଜମିଦାରୀର ଏକତୃତୀୟାଂଶ ବେଦଖଲ ହୋଇ କଲେକ୍‌ଟରଙ୍କ ଅଧୀନକୁ ଆସିଗଲା । ପ୍ରତି ବନ୍ଦୋବସ୍ତରେ ଜମା ବୃଦ୍ଧି ପାଇବାରେ ଲାଗିଲା । ବହୁ ଉଦ୍ୟମରେ ପ୍ରତି ବର୍ଷ ମୋଟ ଜମାର ଶତକଡ଼ା ୭୦/୭୫ ଭାଗ ଆଦାୟ ହୋଇପାରିଲା । ଜମା ବଢ଼ି ଚାଲିଲା । କମ୍ପାନୀର ଡିରେକ୍‌ଟରମାନେ ଚିରସ୍ଥାୟୀ ବନ୍ଦୋବସ୍ତ କରିବାକୁ ମନା କରି ଦେଲେ । କରଭାର ଅସହ୍ୟ ହେଲା । ଲୋକେ ଉତ୍ତ୍ୟକ୍ତ ହୋଇ ପଡ଼ିଲେ । ୧୮୧୭ ମସିହାରେ ଦେଶରେ ବିଦ୍ରୋହ ସଂଘଟିତ ହେଲା । ସରକାର ବିଦ୍ରୋହ ଦମନ କଲେ । ମାତ୍ର କଲିକତାରେ ସରକାର ବୁଝିଲେ ଯେ ଓଡ଼ିଶାରେ କରଭାର ଲୋକଙ୍କୁ ବାଧୁଛି ଏବଂ ଅସନ୍ତୋଷ ବ୍ୟାପି ଯାଇଛି ।

୧୯୦୦ ମସିହାରେ ମାଡକ୍‌ସ ସାହେବ (Maddox) ତାଙ୍କର ବନ୍ଦୋବସ୍ତ ରିପୋର୍ଟ ପ୍ରକାଶ କଲେ । ତାଙ୍କର ଏ ଚମତ୍କାର ରିପୋର୍ଟରେ କମ୍ପାନୀ ଅମଳର ବନ୍ଦୋବସ୍ତ ଏବଂ ତା'ର ପରିଣତି ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ୧୮୯୦ ମସିହାରେ ତିନି ହଜାର ଓଡ଼ିଆ ଭୂମ୍ୟଧିକାରୀଙ୍କ ମଧ୍ୟରୁ ଦଶବର୍ଷ ପରେ ଥିଲେ ୧୪୪୯ଟି ମାତ୍ର । ବ୍ରିଟିଶ ଶାସନର ବନ୍ଦୋବସ୍ତ ଏବଂ ଜମିଜମା ନୀତି ଫଳରେ ଓଡ଼ିଶାର ଅନେକ ପ୍ରାଚୀନ ପ୍ରତିଷ୍ଠିତ ପରିବାର ସର୍ବସ୍ୱାନ୍ତ ହୋଇଗଲେ ।

ଆଉ ଏକ ପରିଣତି ହେଲା ଗୁରୁତର । ରାଜସ୍ୱ ନିୟମିତ ରୂପେ ଯଥାସମୟରେ ଆଦାୟ କରିବା ପାଇଁ ସରକାର ବର୍ଷରେ ଗୋଟିଏ ମିଆଦୀ ଦିବସ ନିର୍ଦ୍ଦିଷ୍ଟ କଲେ । ସେ ଦିନ ସୂର୍ଯ୍ୟାସ୍ତ ପୂର୍ବରୁ ରାଜସ୍ୱ ଦାଖଲ ନ ହେଲେ, ଜମିଦାରୀ ନିଲାମ କରାଯାଇ ରାଜସ୍ୱ ଆଦାୟ କରାଗଲା । ଏହି "ସୂର୍ଯ୍ୟାସ୍ତ ଆଇନ" ପ୍ରଚଳନ କରାଗଲା ଓଡ଼ିଶାରେ ବ୍ରିଟିଶ ଶାସନର ପ୍ରାରମ୍ଭରେ ୧୮୦୬ ମସିହାରେ । କଲିକତାରେ

Digitized by srujanika@gmail.com

ରାଜଧାନୀ । ସେଠାରେ ଫୋର୍ଟ ଉଇଲିଅମ୍‌ରେ ନିର୍ଦ୍ଦିଷ୍ଟ ଦିନ ଠିକ ସୂର୍ଯ୍ୟାସ୍ତ ପରେ ଜମିଦାରୀ ନିଲାମ କରାଗଲା । ଓଡ଼ିଶାର ମାଲିକମାନେ ଜାଣିଲେ ନାହିଁ । ଓଡ଼ିଶାରେ ଇଂରେଜୀ ଶିକ୍ଷା ପ୍ରବେଶ କରି ନାହିଁ । ସେତେବେଳେ ରେଳ ଧୋଇ ନ ଥିଲା । କଟକକୁ ରେଳ ଆସିଲା ୧୯୦୦ ମସିହାରେ । କଲିକତାରେ ଜମିଦାରୀ ନିଲାମ ହେଲା । ବଙ୍ଗ ଦେଶର ଲୋକେ ଅଳ୍ପ ମୂଲ୍ୟରେ ମୂଲ୍ୟବାନ ଜମିଦାରୀ କିଣିଗଲେ । ଏ ଲୀଳା ଚାଲିଲା ବର୍ଷକୁ ବର୍ଷ ।

କଥା ଅଛି, ଓଡ଼ିଶାର ଜଣେ ଜମିଦାରଙ୍କର ଚତୁର ଦେବାନ ଟଙ୍କା କଉଡ଼ି ନେଇ ରାଜସ୍ୱ ଦାଖଲ କରିବା ପାଇଁ କଲିକତା ଗଲେ । ମିଆଦୀ ଦିବସର କିଛି ଦିନ ପୂର୍ବରୁ ପହଞ୍ଚିଲେ । ରାଜସ୍ୱ ଦେଲେ ନାହିଁ । ମିଆଦୀ ଦିନ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅପେକ୍ଷା କଲେ । ଜମିଦାରୀ ନିଲାମରେ ଉଠିଲା । ଦେବାନ ନିଜେ ତାକୁ କିଣିନେଲେ । ତାହାର ନାମ ହେଲା ନିମକହାରାମ ଜମିଦାରୀ ।

ବର୍ଷକୁ ବର୍ଷ ଜମିଦାରୀ ହସ୍ତାନ୍ତର ହେବାରେ ଲାଗିଲା । କଲିକତାର ଫାଟକାବାଜମାନେ ଏଥିରେ ଲାଗିଗଲେ । ଯେଉଁମାନେ କମ୍ପାନୀ ସରକାରଙ୍କର କର୍ମଚାରୀ ଥିଲେ, ତାଙ୍କୁ ଅପୂର୍ବ ସୁଯୋଗ ମିଳିଗଲା । କଲିକତାର ଲୋକେ ଓଡ଼ିଶାର ଜମିଦାରୀ କିଣିଗଲେ । ଓଡ଼ିଶାର ବହୁ ପ୍ରାଚୀନ ପରିବାର ଧ୍ୱଂସ ପାଇଗଲେ । ବ୍ରିଟିଶ ଶାସନର ପ୍ରଥମ ୧୫ ବର୍ଷ ମଧ୍ୟରେ ଓଡ଼ିଶା ଜମିଦାରୀର ଦୁଇତୃତୀୟାଂଶ କଲିକତାରେ ହସ୍ତାନ୍ତରିତ ହୋଇଗଲା । ପଚାଶ ବର୍ଷର ମରହଟ୍ଟା ଶାସନରେ ଓଡ଼ିଶାର ଅର୍ଥନୈତିକ ଆକାଶ ମେଘାଚ୍ଛନ୍ନ ହୋଇଥିଲା । ଊନବିଂଶ ଶତାବ୍ଦୀରେ ବ୍ରିଟିଶ ଶାସନରେ ହେଲା ତମସାଚ୍ଛନ୍ନ । ମେଘ ଚାଲିଯାଏ; ସୂର୍ଯ୍ୟ ଦେଖାଦିଏ । ମାତ୍ର ତମସା ମଧ୍ୟରୁ ଜ୍ୟୋତି ପାଇବା ପାଇଁ ଆବଶ୍ୟକ ବହୁ ସାଧନା ।

ଜମିଦାର ପ୍ରଜାଙ୍କଠାରୁ ଆଦାୟ କରନ୍ତି ଖଜଣା । ସେଥିରୁ କିଛି ଅଂଶ ସରକାରଙ୍କୁ ଦିଅନ୍ତି ରାଜସ୍ୱ । ଜମିରୁ ଉତ୍ପାଦନ କରିବା ପାଇଁ ଆବଶ୍ୟକ ଶ୍ରମ, ବିହନ, ସାର, ଜଳଯୋଗାଣ ଇତ୍ୟାଦି

Digitized by srujanika@gmail.com

ପରିବ୍ୟୟ । ଉତ୍ପାଦନରୁ ପରିବ୍ୟୟ ବାଦ ଦେଲେ ରହେ ଅଧିଶେଷ । କୃଷକ ନିଜେ ଜମିର ମାଲିକ ହେଲେ, ଏ ଅଧିଶେଷ ହୁଏ ତା'ର ପ୍ରାପ୍ୟ । ପ୍ରଜାଙ୍କ ଉପରେ ଜଣେ ଜମିଦାର ମାଲିକ ହେଲେ, ଏ ଅଧିଶେଷ ଯାଏ ଜମିଦାରଙ୍କ ପାଖକୁ ଖଜଣା ହିସାବରେ । ରାଜସ୍ୱ ଦେଇ ସାରି ଯାହା ଅବଶେଷ ରହେ, ସେତକ ଜମିଦାରଙ୍କର ଆୟ । ଏତକ ଜମିରୁ ଉଦ୍‌ବୃତ୍ତି । ଏ ଉଦ୍‌ବୃତ୍ତିରୁ ଯାହା ସଞ୍ଚିତ ହୁଏ, ସେଥିରେ ଗଢ଼ାଯାଏ ପୁଞ୍ଜି ବା ମୂଳଧନ । ଏ ପୁଞ୍ଜିର ବିନିଯୋଗ ହୁଏ ଉଦ୍ୟୋଗରେ ଏବଂ ବାଣିଜ୍ୟ ବ୍ୟବସାୟରେ । ଆଉ ଯାହା ଖର୍ଚ୍ଚ କରାଯାଏ, ସେଥିରେ ଦେଶର ପ୍ରସ୍ତୁତ ବିଭିନ୍ନ ପଦାର୍ଥ ଲାଗି ସୃଷ୍ଟି ହୁଏ ମାଗଣ ବା ଚାହିଦା । ଏହା ହିଁ ସାଧାରଣ ଅର୍ଥନୈତିକ ପ୍ରକ୍ରିୟା ।

ସେତେବେଳେ ଓଡ଼ିଶାରେ ବଡ଼ ଶିଳ୍ପ ଉଦ୍ୟୋଗ ନ ଥିଲା । କଳକାରଖାନା ନ ଥିଲା । ବାଣିଜ୍ୟ ଲୋପ ପାଇ ଯାଇଥିଲା । କୃଷି ଥିଲା ଏକମାତ୍ର ବୃତ୍ତି ଏବଂ ଭରସା । ଆଉ ଥିଲା କେତେକ କ୍ଷୁଦ୍ର ଶିଳ୍ପ—ବସ୍ତ୍ର ଶିଳ୍ପ, କାରିଗରୀ ଶିଳ୍ପ, ସୂକ୍ଷ୍ମକଳା ଶିଳ୍ପ । ଥିଲା ନାନା ପ୍ରକାର ବାଜା, ପାଲା, ଯାତ୍ରା, ଆଉ ନୃତ୍ୟ ସଙ୍ଗୀତ । ଏ ସମସ୍ତଙ୍କର ଆଧାର ଥିଲା କୃଷିର ସେଇ ଅଧିଶେଷ । ରାଜା, ଜମିଦାର ଥିଲେ ଏ ସବୁର ପୃଷ୍ଠପୋଷକ । କୃଷିର ଉଦ୍‌ବୃତ୍ତି ଥିଲା ଏ ସମସ୍ତର ଉତ୍ସ । ବହୁ ଲୋକେ ଏଥିରୁ ଜୀବିକା ଅର୍ଜନ କରୁଥିଲେ ।

କେହି କେହି ଜମିଦାର ବିଳାସବ୍ୟସନରେ ବୁଡ଼ିଥିଲେ । କେହି ପ୍ରଜାଙ୍କ ଉପରେ ଜୁଲମ କରୁଥିଲେ; ଅତ୍ୟାଚାର ମଧ୍ୟ କରୁଥିଲେ । ମାତ୍ର କୃଷିର ଅଧିଶେଷ ଦେଶ ଭିତରେ ଅର୍ଥନୈତିକ ପ୍ରକ୍ରିୟା ପ୍ରବାହିତ କରୁଥିଲା । ମରହଟ୍ଟା ଶାସକମାନେ ଲୁଟିକରି ସେ ଅଧିଶେଷ ନେଇ ଯାଉଥିଲେ । ଅର୍ଥନୈତିକ ପ୍ରକ୍ରିୟା ରୁଦ୍ଧ ହୋଇଗଲା । ଉତ୍ସ ପୁଣି ପ୍ରବାହିତ ହୋଇଥାନ୍ତା । ଫଳ ଚାଲି ଯାଉଥିଲା; କିନ୍ତୁ ଗଛ ରହିଥିଲା । ଫଳୁଥାନ୍ତା । ମାତ୍ର ବ୍ରିଟିଶ ଶାସନରେ ଫଳ ତୋଳିବାର ଅଧିକାର ଚାଲିଗଲା । ଫଳ ଫଳିବ; କିନ୍ତୁ

Digitized by srujanika@gmail.com

ବାହାରକୁ ଚାଲି ଯାଉଥିବ ।

ଆମ କୃଷିର ଉଦ୍‌ବୃତ୍ତି ପ୍ରବାହିତ ହେଲା ବଙ୍ଗଦେଶକୁ । ସେଠାରେ ପୁଞ୍ଜି ସୃଷ୍ଟିରେ ସହାୟକ ହେଲା । ବାଣିଜ୍ୟ ବ୍ୟବସାୟରେ ବିନିଯୋଗ କରାଗଲା । କଲିକତା ବଜାରରେ ଗୃହାଦାର ପରିମାଣ ବୃଦ୍ଧି ପାଇଲା । ବିନିମୟରେ କିଛି ମିଳିବାର ନୁହେ । ମିଳିଲା ନାହିଁ । ଜୁଲମ ନ ଥିଲା । ଜବରଦସ୍ତି ନ ଥିଲା । ମାଡ଼କ୍‌ସ ଲେଖିଛନ୍ତି— କେତେ ଓଡ଼ିଆ ଜମିଦାର ପ୍ରଜାଙ୍କ ଉପରେ ଅତ୍ୟାଚାର କରୁଥିଲେ । ମାତ୍ର ବଙ୍ଗୀୟ ଜମିଦାରଙ୍କ ବିରୋଧରେ ସେ ଅଭିଯୋଗ ନ ଥିଲା । ମାତ୍ର ବୋଝେଇ ଡଙ୍ଗାରେ ଧାନ ଗଲା, ଖାଲି ଡଙ୍ଗା ଫେରିଲା, ଡଙ୍ଗା ବୋହିବା ହେଲାସାର ।

୧୯୦୧ ମସିହାରେ ଦାଦାଭାଇ ନାଓରୋଜି ଏକ ତଥ୍ୟପୂର୍ଣ୍ଣ ପୁସ୍ତକ ଲେଖିଥିଲେ । ଦାରିଦ୍ର୍ୟ ଏବଂ ଭାରତରେ ଅଣବ୍ରିଟିଶ ଶାସନ (Poverty and Un-British rule in India) । ସେତେବେଳେ କ୍ରମାଗତ ଭାବରେ ଭାରତବର୍ଷର ଆମଦାନୀଠାରୁ ରପ୍ତାନିର ପରିମାଣ ବହୁତ ବେଶି ହେଉଥିଲା । ମାତ୍ର ସେ ଉଦ୍‌ବୃତ୍ତି ପାଇଁ ଭାରତ କିଛି ପାଉ ନ ଥିଲା । ବିଲାତି କମ୍ପାନୀମାନେ ଭାରତରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ତାଙ୍କର ଲାଭାଂଶ ବିଲାତକୁ ଯାଉଥିଲା । ଏହା ବ୍ୟତୀତ ନାନା ହିସାବରେ ଭାରତକୁ ଦେୟ ଦେବାକୁ ପଡ଼ିଲା । ଇଂରେଜୀ ଅଫିସର, ସୈନ୍ୟ, ସେନାପତି ଭାରତରେ ନିଯୁକ୍ତ ହେଉଥିଲେ । ସେମାନଙ୍କ ଉପାର୍ଜନରୁ କେତେକାଂଶ ତାଙ୍କ ଦେଶକୁ ପ୍ରେରଣ କରୁଥିଲେ । ବର୍ଷକୁ ବର୍ଷ ଚାକିରିରୁ ଅବସର ନେଇ ଇଂରେଜ ଅଫିସର ପ୍ରମୁଖ ସ୍ୱଦେଶକୁ ଫେରୁଥିଲେ । ସେମାନଙ୍କୁ ପେନସନ ଦେବାକୁ ହେଲା । ବିଲାତି କମ୍ପାନୀ ଭାରତରେ ରେଳପଥ ନିର୍ମାଣ କଲେ । ସରକାର ଚୁକ୍ତି କଲେ, ତାଙ୍କୁ ବାର୍ଷିକ ଅନ୍ୟୂନ ଶତକରା ପାଞ୍ଚ ହାରରେ ଲାଭ ଦେବାକୁ ହେବ ବିଲାତରେ । ଏଇଭଳି ଅନେକ କିସମର ଦେୟ ।

ଏଥିଲାଗି ଭାରତରୁ ବୋହିଲା ମାଲପତ୍ର । ରପ୍ତାନି ବୃଦ୍ଧି

Digitized by srujanika@gmail.com

କରାଗଲା । ମାଧ ଉଦ୍‌ବୃତ୍ତ ରପ୍ତାନର ବାନମସ୍ଥରେ କିଛୁ ମିଳିଲା ନାହିଁ । ଭାରତର ଲୋକେ ଖଟିଲେ, ଫଳେଇଲେ, ମାତ୍ର ଭୁଞ୍ଜିଲେ ନାହିଁ । ଦାଦାଭାଇ ଦୃଢ଼ ଭାବରେ ପ୍ରମାଣ କଲେ ଯେ ଭାରତରୁ ବିଲାତକୁ ଏହି ଏକମୁହାଁ ପ୍ରବାହ ଭାରତ ଲୋକଙ୍କ ଦାରିଦ୍ର୍ୟର ଏକ ମୁଖ୍ୟ କାରଣ । ଓଡ଼ିଶାର ଦାରିଦ୍ର୍ୟ ଭାରତର ଆଭ୍ୟନ୍ତରରେ ଏହାର ଏକ ରୂପାନ୍ତର ।

ଏହାର ପରିପୂରକ ଆଉର ଗୋଟିଏ ଦିଗ । ୧୮୦୩ ମସିହାରେ ଓଡ଼ିଶା ଅଧିକୃତ ହେଲାବେଳକୁ, ବେସରକାରୀ ଭାବରେ ବଙ୍ଗ ଦେଶରେ ଇଂରେଜୀ ଶିକ୍ଷା ପ୍ରବର୍ତ୍ତିତ ହେଲାଣି । ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଲାଗି ଆନ୍ଦୋଳନ ଚାଲିଛି । ରାଜା ରାମମୋହନ ରାୟ ଏଥିରେ ପୁରୋଧା ହୋଇଥିଲେ । ଇଂରେଜୀ ସ୍କୁଲ, କଲେଜ ପ୍ରତିଷ୍ଠିତ ହେଲା । କଲିକତା ବଙ୍ଗ ଦେଶର ରାଜଧାନୀ । ଭାରତର ମଧ୍ୟ ରାଜଧାନୀ । ଓଡ଼ିଶା ଏହି ବଙ୍ଗ ଦେଶର ଅଙ୍ଗୀଭୂତ ହେଲା । ୧୮୩୫ ମସିହାରେ ଲର୍ଡ଼ ବେଣ୍ଟିକ ବଡ଼ଲାଟ ଥିଲାବେଳେ, ମାକଲେଙ୍କ ନେତୃତ୍ୱରେ ପାଶ୍ଚାତ୍ୟ ଶିକ୍ଷା ସରକାରୀ ନୀତି ରୂପେ ଗୃହୀତ ହେଲା । ବଙ୍ଗୀୟ ଯୁବକମାନେ ଇଂରେଜୀ ଶିକ୍ଷାରେ ଆଗେଇଗଲେ । ଓଡ଼ିଶାରେ ଏହାର ପ୍ରତିଧ୍ୱନି ମଧ୍ୟ ହେଲା ନାହିଁ । କୌଣସି ସ୍ପନ୍ଦନ ଆସିଲା ନାହିଁ ।

୧୮୨୨ ମସିହାରେ କଟକରେ ଗୋଟିଏ ମାଇନର ସ୍କୁଲ ସ୍ଥାପିତ ହେଲା । ତିରିଶ ବର୍ଷ ପରେ ୧୮୫୧ ମସିହାରେ ସେଇଟି ହେଲା କଲେଜିଏଟ୍ ହାଇସ୍କୁଲ । ସେତେବେଳକୁ ବଙ୍ଗଦେଶ ବହୁଦୂର ଆଗେଇ ସାରିଲାଣି । ଭାରତରେ ବିଶ୍ୱବିଦ୍ୟାଳୟ ନ ଥିଲା । ତେଣୁ ଡିଗ୍ରୀ ମିଳୁ ନ ଥିଲା । ୧୮୫୭ ମସିହାରେ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରେ ତିନଗୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ତା' ପରବର୍ଷ ଦୁଇ ଜଣ ବି. ଏ. ପାଶ କଲେ । ତାଙ୍କ ମଧ୍ୟରୁ ଜଣେ ପ୍ରସିଦ୍ଧ ସାହିତ୍ୟିକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ । ସେ ଡେପୁଟି ମାଜିଷ୍ଟ୍ରେଟ୍ ହେଲେ । ତଥାପି ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍" ଲେଖିପାରିଲେ । ପାଶ୍ଚାତ୍ୟ ଶିକ୍ଷାର ପ୍ରଥମ ନିଦର୍ଶନ ।

Digitized by srujanika@gmail.com

୧୮୫୧ ମସିହାରେ ଯେଉଁ ପ୍ରଥମ ହାଇସ୍କୁଲଟି ସ୍ଥାପିତ ହୋଇଥିଲା, ଦୀର୍ଘ ଆଠବର୍ଷ ପରେ, ୧୮୫୯ ମସିହାରେ ସେଥିରୁ ପାଞ୍ଚଜଣ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଆହୁରି ଆଠବର୍ଷ ବିତିଗଲା । ୧୮୬୭ ମସିହାରେ ପ୍ରତିଷ୍ଠିତ ହେଲା ରେଭେନ୍ସା କଲେଜ । ଏ କଥା ଏବେ ବିଶ୍ୱାସ କରି ହେବ ନାହିଁ । ରେଭେନ୍ସା ସାହେବ ଓଡ଼ିଶାର କମିଶନର ଥିଲେ । ସେ ଲେଖିଛନ୍ତି :—ଗୋଟିଏ ପ୍ଲେଟ କରଣୀ ଗୃକେର ପାଇଁ ସାମାନ୍ୟ ଇଂରେଜି ଜାଣିଥିବା ଗୋଟିଏ ହେଲେ ପ୍ରାର୍ଥୀ ମିଳିଲେ ନାହିଁ । ଓଡ଼ିଶାରେ ଇଂରେଜି ଶିକ୍ଷାର ପ୍ରସାର ହେଲା ଶିଥିଳ, ଅତି ମନ୍ଥର । ଶତାବ୍ଦୀର ଶେଷ ବେଳକୁ ମଧ୍ୟ ଇଂରେଜୀରେ ଉଚ୍ଚଶିକ୍ଷିତ ଓଡ଼ିଆଙ୍କ ସଂଖ୍ୟା ମୁଷ୍ଟିମେୟ । ଗୋଟିଏ ଶତାବ୍ଦୀ ଲାଗିଗଲା ଶିକ୍ଷିତ ମଣିଷ ତିଆରି ଆରମ୍ଭ କରୁ କରୁ । ଆମେ ପଛରେ ପଡ଼ିରହିଲୁ । ସରକାରୀ, ବେସରକାରୀ ସକଳ କ୍ଷେତ୍ରରେ ବହୁ ସଂଖ୍ୟାରେ ପ୍ରବେଶ କଲେ ଓଡ଼ିଶା ବାହାରୁ ଶିକ୍ଷିତ ଲୋକେ । ଅବସ୍ଥା ଚକ୍ରରେ ଆମେ ହେଲୁ ଦୀର୍ଘସୂତ୍ରୀ । ଶତାବ୍ଦୀର ତମସା ଆହୁରି ଘନୀଭୂତ ହେଲା ।

ଡୋରି ଖସି ଗଲେ ପୁଣି ଟେଣାଯାଏ । ଥରକୁ ଥର ଖସିଗଲେ, ଥରକୁ ଥର ଟାଣିହୁଏ । ଛିଣ୍ଡିଗଲେ, ଯୋଡ଼ିବାକୁ ବହୁ ସମୟ ଲାଗେ । ମାତ୍ର ଅଙ୍ଗୁଳି ଅବଶ ହୋଇଗଲେ, ଅଙ୍ଗ ଅବସନ୍ନ ହୋଇଗଲେ, ଟାଣିବା କଷ୍ଟସାଧ୍ୟ ହୋଇ ପଡ଼େ । ମରହଟ୍ଟା ଶାସନର ପଚାଶ ବର୍ଷର ଘନ ଅନ୍ଧାର ପରେ, ଆସିଲା ଏକ ଶତାବ୍ଦୀ ବ୍ୟାପୀ ଘୋର ତମସା । ଓଡ଼ିଶାର ଲୋକେ ହେଲେ ପରମୁଖାପେକ୍ଷୀ । ଆତ୍ମବିଶ୍ୱାସ କମି ଗଲା । ବୌଦ୍ଧିକତାର ଆଦର ହ୍ରାସ ପାଇଲା । ପ୍ରାଚୀନ ଗୌରବ, ଉଦ୍‌ବୋଧନ ହେବା ପରିବର୍ତ୍ତେ, ହେଲା ଆଶ୍ୱାସନାର ପୀଠ । ପୂର୍ବଦୃଷ୍ଟି ବ୍ୟାହତ ହେଲା । ଏହି ତମସାଚ୍ଛନ୍ନ ଶତାବ୍ଦୀ ଓଡ଼ିଶାର ବିକାଶ ପଥରେ ହେଲା ଏକ ବିରାଟ ଅନ୍ତରାୟ ।

●

Digitized by srujanika@gmail.com

ଉତ୍କଳୀୟ ଆତିଥେୟତା

ପଣ୍ଡିତ ନୀଳକଣ୍ଠ ଭାରତୀୟ ଏବଂ ଉତ୍କଳୀୟ ସଂସ୍କୃତି ସମ୍ବନ୍ଧରେ ବହୁ ଅନୁଧ୍ୟାନ କରିଛନ୍ତି । ଭାରତୀୟ ଦର୍ଶନରେ ଥିଲା ତାଙ୍କର ଗଭୀର ଅଧ୍ୟୟନ । ଆଉ ଉତ୍କଳ ଇତିହାସରେ ଥିଲା ନିବିଡ଼ ଅଭିନିବେଶ । ସଂସ୍କୃତିର ବିଚାର କଲାବେଳେ ସେ ଆଚାର ଶୁଦ୍ଧି ଉପରେ ବିଶେଷ ଭାବରେ ଗୁରୁତ୍ୱ ଆରୋପ କରିଛନ୍ତି ।

ଏ ସକଳ ଦିଗରୁ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଦେଖିଛନ୍ତି ଉତ୍କଳୀୟ ସଂସ୍କୃତିରେ ମହନୀୟତା । ଏ ଉତ୍କର୍ଷର ଉତ୍ସ ହେଲା ଉଦାର ଜୀବନ ଦର୍ଶନ । ଆଉ ପ୍ରାଣପିଣ୍ଡ ଜଗନ୍ନାଥ ଧର୍ମ । ସେଥିରୁ ଉଦ୍ଭୂତ ହୋଇଥିଲା ସେବାଧର୍ମ ଏବଂ ଆତିଥେୟତା ।

ଏବେ ସଡ଼କକଡ଼ରେ "ପର୍ଯ୍ୟଟକମାନେ ଆମର ସମ୍ମାନିତ ଅତିଥି" ବୋଲି ଫଳକ ମରାଯାଇଛି । ଲୋକଙ୍କୁ ସଜାଗ କରାଯାଉଛି । ତାଙ୍କର କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଉଛି । ମାତ୍ର ବିଭିନ୍ନ ସ୍ଥାନରେ, ନାନା ତୀର୍ଥକ୍ଷେତ୍ରରେ ଅନାଚାର, କଦାଚାରର କାହାଣୀ ସମ୍ବାଦପତ୍ରରେ ପ୍ରକାଶ ପାଉଛି । ଲୋକମୁଖରେ ପ୍ରଚାରିତ ହେଉଛି । ସମ୍ବର୍ଦ୍ଧନା ମିଳୁଛି କେଉଁଠାରେ ? ଉତ୍କଳୀୟ ସଂସ୍କୃତିରେ ଆତିଥେୟତା ଗୁନ୍ଥା ହୋଇଥିଲା । ତା'ର ଆଧେୟ ସଂକୁଚିତ ହୋଇଯାଉଛି । ଆଧାର କ୍ଷୁଣ୍ଣ ହୋଇ ପଡ଼ୁଛି ।

ପଣ୍ଡିତ ନୀଳକଣ୍ଠ କେତୋଟି ସରଳ ଉଦାହରଣ ଦେଇ ଉତ୍କଳର ଆତିଥେୟତା ପ୍ରତିପାଦନ କରିଛନ୍ତି । ସମଗ୍ର ଭାରତରୁ ସାଧୁ, ସନ୍ଥ, ସନ୍ନ୍ୟାସୀ ଆଉ ବହୁ ଯାତ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିଲେ । ସେମାନେ ସମସ୍ତେ ଏଠାରେ ଉଚ୍ଛ୍ୱସିତ ଆତିଥେୟତା ଲାଭ କରିଛନ୍ତି । ନୀଳକଣ୍ଠ ପୁରୀ ଜିଲ୍ଲାସ୍କୁଲର ଛାତ୍ର ଥିଲେ । ଦିନେ ଦେଖିଲେ ତ୍ରିବାଙ୍କୁଡ଼ର ମହାରାଜା ତାଙ୍କର ବହୁ ଅନୁଚରଙ୍କ ସଙ୍ଗରେ ଆସିଛନ୍ତି ପୁରୀଧାମକୁ । ସେ ବଡ଼ ରାଜସଜ୍ଜାରେ ଆସିଥାନ୍ତି । କେତେକ ଛାତ୍ର ବନ୍ଧୁଙ୍କ ସହିତ ନୀଳକଣ୍ଠ ଗଲେ ଦେଖିବାକୁ । ଦେଖିଲେ

Digitized by srujanika@gmail.com

ଜଗନ୍ନାଥଙ୍କ ପଣ୍ଡା ସେମାନଙ୍କ ସଙ୍ଗେ ସ୍ୱଚ୍ଛନ୍ଦରେ ସେଇମାନଙ୍କ ଭାଷାରେ କଥାବାର୍ତ୍ତା କରୁଛନ୍ତି, କନ୍ନଡ଼ା ଏବଂ ମାଲୟାଲି ଭାଷାରେ । ବୁଝିଲେ, ମହାରାଜା ଏବଂ ତାଙ୍କ ଗହଣରେ ଥିବା ସବୁ ଲୋକଙ୍କ ପାଇଁ ପଣ୍ଡା ନିଜ ଖର୍ଚ୍ଚରେ ରସଦ, ଯାନବାହନ ଇତ୍ୟାଦି ବ୍ୟବସ୍ଥା କରିଛନ୍ତି । ପଚାରି ଜାଣିଲେ ଯେ ଯେଉଁ ଅଞ୍ଚଳ ପାଇଁ ପଣ୍ଡା, ସେ ସେଠାର ଭାଷା ଭଲ କରି ଅଭ୍ୟାସ କରିଛନ୍ତି; ବିଧିମତେ ଶିକ୍ଷକ ରଖି ଶିକ୍ଷା କରିଥାନ୍ତି । ଯଥାର୍ଥ ଆତିଥେୟ ହେବାର ଏହା ହେଲା ପ୍ରଥମ ସୋପାନ ।

ଜଗନ୍ନାଥ ଭୂମି ପୁରୁଷୋତ୍ତମ ପୁରୀର ଆନ୍ତରିକ ଆତିଥେୟତା ସୁବିଦିତ । ପୁରୀ ପଣ୍ଡାଙ୍କର ଚିରାଚରିତ ପ୍ରଥା ଅନୁଯାୟୀ ଯେଉଁଠାରୁ ଯାତ୍ରୀ ଆସିବେ, ସେ ଆସିବା ଦିନଠାରୁ ପୁରୀ ଛାଡ଼ିବା ପର୍ଯ୍ୟନ୍ତ ହେବେ ସମ୍ମାନିତ ଅତିଥି । ଯଥାର୍ଥ ଅତିଥି । ଶାସ୍ତ୍ରରେ ଯେଉଁ ସର୍ବଦେବମୟ ଅତିଥି ବର୍ଣ୍ଣିତ ହୋଇଛନ୍ତି, ସେଇଭଳି ଅତିଥି । ପୁରୀର ପଣ୍ଡା ଏଇ ଅତିଥିଙ୍କର ସବୁ ଖର୍ଚ୍ଚ ବହନ କରିବେ । ଯାତ୍ରୀମାନେ ସେଥିପାଇଁ କିଛୁ ଦେବେ ନାହିଁ । ଜଗନ୍ନାଥଙ୍କ ଭୋଗ ଏବଂ ଖଇରାତି ଲାଗି କୋଇଲି ବୈକୁଣ୍ଠରେ ପଣ୍ଡାଙ୍କୁ ଯାହା "ଆଟିକା" ଦେବେ, ସେତିକି । କୌଣସି ବାଧବାଧକତା ନାହିଁ । କିଏ କେତେ ଦେଲା, ସେ କଥା କେହି ଖୋଜିବେ ନାହିଁ କି କହିବେ ନାହିଁ । ନୀଳକଣ୍ଠ ଲେଖିଛନ୍ତି, ପନ୍ଦର ଦିନ ପୁରୀରେ ପଣ୍ଡାଙ୍କ ଅତିଥି ହୋଇ ମାତ୍ର ଟଙ୍କାଏ ଆଠଅଣା ଆଟିକା ଦେବାର ମଧ୍ୟ ଦୃଷ୍ଟାନ୍ତ ଅଛି । ଆବଶ୍ୟକ ପଡ଼ିଲେ ପଣ୍ଡାଙ୍କଠାରୁ ବାଟଖର୍ଚ୍ଚ ମଧ୍ୟ ନେଇକରି ଯିବେ । ଯାତ୍ରୀଙ୍କୁ ଜଗନ୍ନାଥ ଦର୍ଶନ କରାଇବା ପଣ୍ଡାଙ୍କର ପବିତ୍ର କର୍ତ୍ତବ୍ୟ ।

"ଏହା ହିଁ ଜଗନ୍ନାଥ ଭୂମିରେ ଭାରତ ସଙ୍ଗେ ଚିରନ୍ତନ ଅତିଥି-ଆତିଥେୟର ନିତ୍ୟ ସମ୍ବନ୍ଧ । ପ୍ରାଣ-ପ୍ରାଚୁର୍ଯ୍ୟର ପାବନ ପ୍ରତିଷ୍ଠାନ ଉପରେ ଆଦାନପ୍ରଦାନର ଏ ସରଳ, ସରସ ଓ ସ୍ୱଚ୍ଛନ୍ଦ ଲୀଳା କୌଣସି କୃତ୍ରିମ ଧର୍ମ-ସମନ୍ୱୟର ବହୁ ଦୂରରେ ।" ନୀଳକଣ୍ଠଙ୍କର ଏ ଆଲୋଚନାରେ ପ୍ରକଟିତ ହୋଇଛି ଉତ୍କଳୀୟ ସଂସ୍କୃତିର ମହନୀୟତା । ଅଖିଳ ଜାତୀୟ ସଂହତିରେ ଉତ୍କଳର ଆତିଥେୟତା ହୋଇଥିଲା ଏକ

Digitized by srujanika@gmail.com

ସାର୍ଥକ ଅବଦାନ ।

ପ୍ରସଙ୍ଗକ୍ରମେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଅନୁଭବର କଥା ଉଲ୍ଲେଖ କରିଛନ୍ତି । ୧୯୩୧ ମସିହା କଥା । କରାଚୀ କଂଗ୍ରେସ ପରେ ପୁରୀରେ କଂଗ୍ରେସ ଅଧିବେଶନ ବସିବାର କଥା । ପୂର୍ବରୁ ଗୟା, ପ୍ରୟାଗ ପ୍ରଭୃତି ତୀର୍ଥସ୍ଥାନରେ କଂଗ୍ରେସ ବସିଥିଲା । ସେଥିରେ ପଣ୍ଡାମାନେ ଯୋଗ ଦେଇ ନ ଥିଲେ କି ଅଭ୍ୟର୍ଥନା ସମିତିର ସଭ୍ୟ ହୋଇ ନ ଥିଲେ । ସବୁଆଡ଼େ ଲୋକଙ୍କର ଧାରଣା ପଣ୍ଡାମାନେ ତୀର୍ଥକାକ । ସମାଜର ଦୁଃଖ ସୁଖ, ସମସ୍ୟା ସୌହାର୍ଦ୍ଦ୍ୟ ସହିତ ତାଙ୍କର ସମ୍ବନ୍ଧ ନାହିଁ । ପୁଣି ପୁରୀ କଂଗ୍ରେସ ଅଭ୍ୟର୍ଥନା ସମିତିର ସଭ୍ୟ ହେବା ପାଇଁ ଚାନ୍ଦା ଜଣକୁ ପଚିଶ ଟଙ୍କା । ସେତେବେଳେ ଚାଉଳ କୁଇଣ୍ଟାଲ ମାତ୍ର ସାତଟଙ୍କା । ପଚିଶ ଟଙ୍କାକୁ ସାଢ଼େ ତିନି ବସ୍ତା ଚାଉଳ । ତଥାପି ଉତ୍କଳ ପ୍ରାଦେଶିକ କମିଟି ସ୍ଥିର କଲେ, ପୁରୀରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେବ । ପୁରୀ କଂଗ୍ରେସ ଲୋକଙ୍କର ଚିନ୍ତା ହେଲା । କିଏ ଏ ଦାୟିତ୍ୱ ବହନ କରିବେ ।

ଗୟା କଂଗ୍ରେସରେ ଗୟାର ପଣ୍ଡାମାନେ ସମ୍ପୃକ୍ତ ହେଲେ ନାହିଁ । ସେଥିରେ ଗୟା ବାହାରୁ ବହାରି ଲୋକେ ଅଧିବେଶନର ସବୁ ଦାୟିତ୍ୱ ବହନ କରିଥିଲେ । ପୁରୀଠାରେ କଂଗ୍ରେସ ହେବାର ସ୍ଥିର ହୋଇଥିଲା । ୧୯୩୨ ମସିହା ସେପ୍ଟେମ୍ବର ଆଠ ତାରିଖ ଦିନ ପ୍ରସ୍ତାବ ଗୃହୀତ ହେଲା । ଯେଉଁ ଜିଲାରୁ ଅଭ୍ୟର୍ଥନା ସମିତିର ସଭ୍ୟ ସର୍ବାଧିକ ହେବେ, ସେଇ ଜିଲାରୁ କଂଗ୍ରେସର ସର୍ବାଦ୍ଧ ଲାଗି କର୍ମକର୍ତ୍ତା ନିର୍ବାଚିତ ହେବେ । ନୀଳକଣ୍ଠଙ୍କ ପ୍ରାଣରେ ଆଘାତ ଲାଗିଲା । କଟକ ଜିଲାର ଲୋକସଂଖ୍ୟା ପୁରୀ ଜିଲାର ଅନ୍ତେଇ ଗୁଣ । କଟକ ଓଡ଼ିଶା ନଗରର ରାଜଧାନୀ । ଓଡ଼ିଶାର ଏକମାତ୍ର କଲେଜ, ଏକମାତ୍ର ଜଜକୋର୍ଟ କଟକରେ । ଏକମାତ୍ର ମେଡ଼ିକାଲ ସ୍କୁଲ, ଏକମାତ୍ର ଇଞ୍ଜିନିୟରିଙ୍ଗ ସ୍କୁଲ କଟକରେ । ସବୁ ଅନୁଷ୍ଠାନ ସେହିଠାରେ । କଟକ ଓଡ଼ିଶାର ରାଜନୀତିକ ପ୍ରାଣକେନ୍ଦ୍ର । ପ୍ରସ୍ତାବ ହେଲା, ସେପ୍ଟେମ୍ବର ୨୦ ତାରିଖରେ ଅର୍ଥାତ୍ ମାତ୍ର ବାରଦିନ ମଧ୍ୟରେ ବିଭିନ୍ନ ଜିଲାର ଅଭ୍ୟର୍ଥନା ସମିତିର ସଭ୍ୟସଂଖ୍ୟା ଅନୁଯାୟୀ କର୍ମକର୍ତ୍ତା

Digitized by srujanika@gmail.com

ନବ୍ଯାଚିତ ହେବେ । ଏ ପ୍ରସ୍ତାବ ଏକ ଷଡ଼ଯନ୍ତ୍ର । ନୀଳକଣ୍ଠ କିନ୍ତୁ ବିଚଳିତ ହେଲେ ନାହିଁ । ଏହାକୁ ଏକ ଚ୍ଯାଲେଞ୍ଜ ରୂପେ ଗ୍ରହଣ କଲେ ।

ପୁରୀ ପଣ୍ଡାଙ୍କ ଭିତରୁ ସଭ୍ୟ କରିବାର ସାକ୍ଷାତ ଭାର ନୀଳକଣ୍ଠ ଗ୍ରହଣ କଲେ । ପଣ୍ଡାଙ୍କର ଗୋଟିଏ ସଭା ଡାକିଲେ । ସେଥିରେ ଉଦ୍‌ବୋଧନ ଦେଲେ ।

ସାରା ଭାରତରୁ ବହୁ ମୁଖ୍ୟ ଲୋକେ କଂଗ୍ରେସରେ ଯୋଗ ଦେବାକୁ ତମ ଦ୍ଵାରକୁ ଆସିବେ । ଅନେକ ଜଗନ୍ନାଥ ଦର୍ଶନ କରିବେ । ସେମାନେ ଏ କ୍ଷେତ୍ରକୁ ଆସିଲେ ତାଙ୍କର ଅଭ୍ୟର୍ଥନା କରିବ କିଏ ? ପୁରୀକୁ ଲୋକେ ଆସିଲେ, ତାଙ୍କୁ ଅଭ୍ୟର୍ଥନା କରିବାର ଭାର ହଜାର ହଜାର ବର୍ଷ ଧରି ତମେ ନେଇ ଆସିଛ ।

ନୀଳକଣ୍ଠଙ୍କର ଭଙ୍ଗୀ ଯେ ଦେଖିଛନ୍ତି, ତାଙ୍କର ଭାଷା ଯେ ଶୁଣିଛନ୍ତି, ସେ ତାଙ୍କ ଭାଷଣର ପ୍ରବାହ ସହଜରେ ଉପଲବ୍ଧି କରି ପାରିବେ ।

"ଅଭ୍ୟର୍ଥନା କରିବାର ପୁଣ୍ୟ ଅଧିକାର ଏକା ତମରି । ତମରି ସେ ଗୌରବ । ତମରି ଏକା ସେ ପୈତୃକ ଧନ । ଆଜି କ'ଣ ତମେ ସେ ଅଧିକାର, ସେ ଗୌରବ, ସେ ଚିର-ସଞ୍ଚିତ ଧର୍ମ-ଧନ ଫିଙ୍ଗିଦେବ ? ଆଜି କଣ ସାରା ଭାରତର ଲୋକେ ଏଠି ରୁଣ୍ଡ ହୋଇ ଦେଖିବେ, ଜଗନ୍ନାଥ ପଣ୍ଡାଏ ଅଯୋଗ୍ୟ ତୀର୍ଥକାକ ? ତା' ହେଲେ ସେ କ'ଣ କହିବେ ? ତୁମର ପୂର୍ବପୁରୁଷ ହୁଏତ ଉପରୁ ତମରି ଏ ଅକୀର୍ତ୍ତି ଦେଖିବେ; ହୁଏତ ବ୍ୟଥିତ ହେବେ । ତମର ତର୍ପଣର ତିଳୋଦକ ଆଉ ତାଙ୍କୁ ହୁଏତ ରୁଚିବ ନାହିଁ । ମୈତ୍ରୀଦେବ ଜଗନ୍ନାଥ କଳଙ୍କିତ ହେବେ । ମୈତ୍ରୀଦେବଙ୍କର ଏ ବିଶ୍ଵସେବା ଧର୍ମ ହେଉଛି ତୁମ ପୂର୍ବପୁରୁଷଙ୍କର ଶ୍ରେଷ୍ଠ କୀର୍ତ୍ତି । ଏ ବିଶ୍ଵବାସୀ ତମରି ଅତିଥି । ତମ ପୂର୍ବପୁରୁଷଙ୍କର ଏ ମହାକୀର୍ତ୍ତି ତମେ କ'ଣ ଲୋପ କରିବ ? ତା' ହେବ ନାହିଁ । ଉଠ, ଧନୁ ଧର । ପୁରୀରେ ଆଗନ୍ତୁକଙ୍କର ଅଭ୍ୟର୍ଥନା ତମ କାର୍ଯ୍ୟ । × × × ।"

ପଣ୍ଡାଙ୍କ ପ୍ରାଣରେ ଚେତନା ଆସିଗଲା । ତାଙ୍କ ମୁହଁରେ ଜ୍ୟୋତି ଖେଳିଗଲା । ତାଙ୍କ ଭିତରେ ନୂତନ ଜୀବନ ଜାଗ୍ରତ ହୋଇଗଲା ।

Digitized by srujanika@gmail.com

ସେଇ ବାରବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରୁ ୨୫ ଟଙ୍କା ଲେଖାଏଁ ଦେଇ ସଭ୍ୟ ହୋଇଥିଲେ ୫୪୩ ଜଣ । ସେଥିରେ ପୁରୀ ଜିଲ୍ଲାରୁ ହେଲେ ୨୯୭ ଜଣ । ଅର୍ଥାତ୍ ଅଧାରୁ ବେଶୀ । ଆଉ ସେଥିମଧ୍ୟରୁ ପୁରୀ ପଣ୍ଡାଙ୍କ ସଂଖ୍ୟା ହେଲା ୧୬୬ ।

ଅପୂର୍ବ ଏ ଉଦ୍ଦୀପନା । ଚିରନ୍ତନ ସଂସ୍କୃତି ନ ଥିଲେ, ହଠାତ୍ ଏ ଜାଗରଣ ସମ୍ଭବ ହୋଇ ନ ଥାନ୍ତା । କାଳସ୍ରୋତରେ ହୁଏତ ସେ ଚେତନା କ୍ଷୁଣ୍ଣ ହୋଇ ଯାଇଛି । ତଥାପି ସେ ପରମ୍ପରା ଅପସରିଯାଇ ନାହିଁ । ଉତ୍କଳର ଏ ଉଦାର ଆତିଥେୟତା ସଂସ୍କୃତିର ଏକ ଜୀବନ୍ତ ପ୍ରବାହ । ଅନ୍ତଃସଲିଳା ହୋଇଯାଇଛି ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ଥିଲେ ପରମ ବୈଷ୍ଣବ । ତାଙ୍କର ରାଜ୍ୟ ଉତ୍ତର ଭାରତରେ । ସେ ସ୍ୱପ୍ନରେ କି ଧ୍ୟାନରେ ନୀଳମାଧବଙ୍କ ସଂକେତ ପାଇଲେ । ଅତି ପୁରାଣ କମ୍ବଦନ୍ତୀ । ମନ୍ତ୍ରୀ ବିଦ୍ୟାପତିଙ୍କୁ ପଠାଇଲେ ଉତ୍କଳଭୂମିକୁ । ବିଦ୍ୟାପତି ଗଲେ ନୀଳମାଧବଙ୍କର ସନ୍ଧାନରେ । ବୁଲି ବୁଲି ଯାଇ ଶବର ଅଞ୍ଚଳରେ ପହଞ୍ଚିଲେ । ଶବର ନାୟକ ବିଶ୍ୱାବସୁଙ୍କର ଅତିଥି ହେଲେ । ସେଇ ଆତିଥେୟତାର ସୁଯୋଗ ନେଇ ବିଦ୍ୟାପତି ତାଙ୍କ କନ୍ୟାର ପ୍ରଣୟୀ ହେଲେ । ପ୍ରେୟସୀର ସହାୟତାରେ ନୀଳମାଧବଙ୍କୁ ଅପହରଣ କରି ନେଇଗଲେ । ଇନ୍ଦ୍ରଦ୍ୟୁମ୍ନ ତାଙ୍କର ମନ୍ତ୍ରୀ ଶ୍ରୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତିଙ୍କୁ ଶବର କନ୍ୟା ଲଳିତାଙ୍କ ସହିତ ଯଥାବିଧି ବିବାହ ଦେଲେ । ଜଗନ୍ନାଥ ଧର୍ମରେ ଦୀକ୍ଷିତ ହେଲେ । ଏଇ ଉତ୍କଳଭୂମିରେ, ପ୍ରାଚୀନ କାଳରେ ବ୍ରାହ୍ମଣ ଯୁବକ ସହିତ ଆଦିବାସୀ କନ୍ୟାର ପରିଣୟ ହୋଇଥିଲା । ଏ ବିବାହର ଉତ୍ପତ୍ତି ବିଶ୍ୱାବସୁଙ୍କର ଆତିଥେୟତାରୁ । ଏଇ ଆତିଥେୟତାରେ ଥିଲା ମୈତ୍ରୀ ବନ୍ଧନ ।

ଭାରତୀୟ ସଂହତି ଲାଗି ଏହି ଉତ୍କଳୀୟ ସଂସ୍କୃତି ଥିଲା ଏକ ମହନୀୟ ଅବଦାନ । ଏବେ ପ୍ରଚେଷ୍ଟା କରାଯାଉଛି ଭାରତର ଏକୀକରଣ । ମାତ୍ର ଉତ୍କଳୀୟ ଆତିଥେୟତା ଭାରତକୁ ଏକୀକୃତ କରିଥିଲା ।

●

Digitized by srujanika@gmail.com

କଟକ ସହର

ଆଦ୍ୟପର୍ବ

ଗୋଟିଏ ଆଲୋଚନା ସଭାରେ ଜଣେ ପୂର୍ବତନ ପ୍ରାଧିକାରୀ ମନ୍ତବ୍ୟ ଦେଲେ ଯେ କଟକ ସହର ଗୋଟିଏ କୁକୁର ଲାଙ୍ଗୁଡ଼; କୌଣସି ବ୍ରହ୍ମା ଏହାକୁ ସଳଖି ପାରିବେ ନାହିଁ । ହୁଏତ ସତ; ମାତ୍ର ଏ କଥା ଅଧିକ ସତ୍ୟ ଯେ ଚୋଟିକ ପରେ ଗୋଟିଏ ଲେଖାଏଁ ବ୍ରହ୍ମା ଏହାକୁ ମାଡ଼ମୋଡ଼, ଚପିଚୁପି, ପୋଡପାଡ, ଭାଙ୍ଗିରୁଜ ଏପରି ଅବସ୍ଥାକୁ ଆଣିଲେଣି ଯେ ଏହାକୁ ସୁଧାରିବା ଅତି ଦୁରୂହ ହୋଇପଡ଼ିଛି ।

କଲମ୍ବସ୍ ଆମେରିକା ଆବିଷ୍କାର କରିବାର ଛଅ ଶହ ବର୍ଷ ପୂର୍ବରୁ କଟକ ସହର ସ୍ଥାପିତ ହୋଇଥିଲା । ସେତେବେଳେ କଟକ ଥିଲା ଏକ ରମଣୀୟ ସହର । ଚତୁର୍ପାର୍ଶ୍ୱରେ ଥିଲା ଅସରନ୍ତି ଶୋଭାର ଭଣ୍ଡାର । ଅନ୍ତରରେ ଥିଲା ପ୍ରଶସ୍ତ ସରଣୀ, ସୁରମ୍ୟ ବାଥିକା, ଆଉ ସ୍ଥାନେ ସ୍ଥାନେ ସୁଦୃଶ୍ୟ ଉପବନ । ସମଗ୍ର ସହର ଥିଲା ସ୍ୱାସ୍ଥ୍ୟକର; ସବୁଠାରେ ପବନ ସୁବାସ ବିତରଣ କରୁଥିଲା ।

କଟକ ଶବ୍ଦର ଅର୍ଥ ଦୁର୍ଗ । ସୋମବଂଶୀ କେଶରୀ ନରପତିଙ୍କ ରାଜତ୍ୱ କାଳରେ ବୈତରଣୀଠାରୁ କୁଆଖାଇ ମଧ୍ୟରେ ପାଞ୍ଚଟି କଟକ ନିର୍ମିତ ହୋଇଥିଲା । ଯାଜପୁର କଟକ, ଅମରାବତୀ କଟକ, ଚଉଦ୍ୱାର କଟକ, ବାରାଣସୀ କଟକ ଏବଂ ଶାରଙ୍ଗଗଡ଼ କଟକ । ଏଇ ପାଞ୍ଚଟିଯାକ କଟକ ଯାଜପୁରଠାରୁ ବାରଙ୍ଗ ମଧ୍ୟରେ ଅବସ୍ଥିତ ହୋଇଥିଲା । ଏ ପାଞ୍ଚଟି ଦୁର୍ଗର ଭଗ୍ନାବଶେଷ ଏବେ ମଧ୍ୟ ବିଦ୍ୟମାନ । ଗଙ୍ଗବଂଶର ସ୍ଥାପୟିତା ଚୋଡ଼ଗଙ୍ଗଦେବ ଓଡ଼ିଶା ଅଧିକାର କଲାବେଳେ ଏ ପାଞ୍ଚଟି ଦୁର୍ଗ ଅଧିକାର କରିଥିଲେ ।

ଏଥିରୁ ଚାରିଗୋଟି ଦୁର୍ଗ ସ୍ଥାନର ନାମ ଅନୁସାରେ ନାମିତ ହୋଇଥିଲା । କଟକକୁ ବାରାଣସୀ କଟକ କୁହାଗଲା କାହିଁକି ? ଏଥିରେ ନିଶ୍ଚୟ ତାତ୍ପର୍ଯ୍ୟ ଅଛି ।

Digitized by srujanika@gmail.com

ଭାରତବର୍ଷରେ ଗୟା ଏବଂ ବାରାଣସୀ ଦୁଇଟି ଅତି ପ୍ରାଚୀନ ନଗରୀ । ଗୌତମ ବୁଦ୍ଧଙ୍କ ବହୁ ପୂର୍ବରୁ ଏ ଦୁଇଟି ପ୍ରଖ୍ୟାତ ଧର୍ମପୀଠ ଥିଲା । ଗୌତମ ଏ ଦୁଇ ପୀଠକୁ ଯାଇଥିଲେ । ଗୟାଠାରୁ ଅନତି ଦୂରରେ ବୋଧଗୟାଠାରେ ଜ୍ଞାନାଲୋକ ପ୍ରାପ୍ତ ହୋଇଥିଲେ । ବାରାଣସୀଠାରୁ ଅଳ୍ପ ଦୂରରେ ସାରନାଥଠାରେ ତାଙ୍କର ବାଣୀ ପ୍ରଚାର କରିଥିଲେ । ଏ ଦୁଇଟି ନକ୍ଷତ୍ର ଅକ୍ଷୁଣ୍ଣ ରହିଛି । ବାରାଣସୀରେ ଥିଲା ମହନୀୟ ବିଶେଷତ୍ୱ ।

ବରଣା ଏବଂ ଅସୀ ନାମରେ ଦୁଇଟି ଉପନଦୀ ଅଛି ଗଙ୍ଗା ନଦୀର । ଗଙ୍ଗା ଏବଂ ଏ ଦୁଇଟି ଉପନଦୀ ମଧ୍ୟରେ ସୀମିତ ଭୂଭାଗକୁ ଦୁଇ ଉପନଦୀର ନାମାନୁସାରେ ବାରାଣସୀ ଦିଆଯାଇଛି । ଇଂରେଜ ଲୋକେ ଏହି ବାରାଣସୀ ଶବ୍ଦ ଠିକ୍ ରୂପେ ଉଚ୍ଚାରଣ କରିପାରିଲେ ନାହିଁ । ଏହାକୁ ବନାରସ କରିଦେଲେ । ଏବେ ପୁଣି ସ୍ୱାଧୀନତା ପରେ ସେ ବାରାଣସୀ ନାମ ଫେରିଆସିଛି । ବାରାଣସୀ ଖାଲି ଧର୍ମପୀଠ ନୁହେ । ବହୁ ମହନୀୟ ଆଦର୍ଶ ଏ କ୍ଷେତ୍ରରେ ସନ୍ନିବିଷ୍ଟ ହୋଇଛି ।

ଉତ୍କଳ ନରପତି ଉତ୍କଳରେ ଏକ ଅଭିନବ ବାରାଣସୀ ବା ବାରାଣସୀ ଶିବିର ଗଢ଼ିବା ପାଇଁ କଳ୍ପନା କଲେ । ଗଙ୍ଗା ଏବଂ ବରଣା ଓ ଅସୀ ଦ୍ୱାରା ବାରାଣସୀ ଆବଦ୍ଧ ହେଲା ପରି ଚାରିପାଖରେ ନଦୀ ପରିବେଷ୍ଟିତ ମହାନଦୀ ଦ୍ୱାରା ଆବଦ୍ଧ ଅଭିନବ ବାରାଣସୀ କଟକ ନିର୍ମାଣ କଲେ । କଲେ ଚିତ୍ରୋତ୍ପଳା ଗଙ୍ଗା । ଉତ୍କଳ ଦେଶରେ ଚିତ୍ରୋତ୍ପଳା ବା ମହାନଦୀ ହେଉଛି ଗଙ୍ଗା । ଅବସ୍ଥିତି ଠିକ ବାରାଣସୀ ପରି ।

ମାଦଳା ପାଞ୍ଜି ଅନୁସାରେ ନୃପ କେଶରୀ ବାରାଣସୀ କଟକ ସ୍ଥାପନ କରିଥିଲେ । ଏହିଠାରେ ହେଲା ତାଙ୍କର ରାଜଧାନୀ । ଦୁର୍ଗ ନିର୍ମାଣ ଥିଲା ମୁଖ୍ୟ ଅଭିପ୍ରାୟ । ତା' ପରେ ଆସିଲା "କଟକ ଚନ୍ଦ୍ରା ବାଇମୁଣ୍ଡିକ ।" କଟକର ଚାରିପଟେ ଘେରିଛି ମହାନଦୀ, କାଠଯୋଡ଼ି । କାଠଯୋଡ଼ିର ସ୍ରୋତ ଅତି ପ୍ରଖର । ପ୍ରତିବର୍ଷ ବର୍ଷାକାଳରେ ଆସେ ବଢ଼ି । ଏ ସହର ରକ୍ଷା ପାଇବ କିପରି ? ମକରଡ କେଶରୀ ତିଆରି କଲେ କାଠଯୋଡ଼ିରେ ପଥର ବନ୍ଧ । "ମର୍କଟ କେଶରୀ" ନୁହନ୍ତି ।

Digitized by srujanika@gmail.com

ଇଂରେଜ ଲେଖା ମର୍କତ (Markat) ଅନୁକରଣ କରି ଲେଖାଗଲା ମର୍କଟ । ଜଣେ ରାଜାଙ୍କର ନାମ ମର୍କଟକେଶରୀ ହୋଇ ନ ପାରେ । ସେ କିଷ୍କିନ୍ଧ୍ୟାର ବାନର ରାଜା ନ ଥିଲେ । ମର୍କତ ମଧ୍ୟ ନୁହେଁ । ମରକତ ଗୋଟିଏ ମଣିର ନାମ । କାଠଯୋଡ଼ି ପଥର ବନ୍ଧରେ ଥିଲା ଅସାଧାରଣ କୃତିତ୍ୱ । ନଅଶହ ବର୍ଷ ତଳେ ଏ ରାଜ୍ୟରେ ଇଞ୍ଜିନିୟରିଙ୍ଗ ବିଦ୍ୟା ବହୁତ ଉଚ୍ଚସ୍ତରକୁ ଉଠିଥିଲା । ଏବେ ମଧ୍ୟ ସେ ବନ୍ଧ ବିରାଜିତ । ଠାଆକୁ ଠାଆ ନଦୀ ମଧ୍ୟକୁ ଗୋଟିଏ ଲେଖାଏଁ ଗୋଲେଇ ବୁରୁଜ ତିଆରି ହୋଇଛି । ସେଥିରେ ନଈର ସୁଅ ଘୂରିଯାଇ ଦକ୍ଷିଣ ଦିଗକୁ ଚାଲିଯାଏ । କୁଆଖାଇ ବାହାରିଛି କାଠଯୋଡ଼ିରୁ । ଠିକ ତା'ରି ବିପରୀତ ସ୍ଥାନରେ ବଡ଼ ବୁରୁଜ । ସେଠାରେ ପାଣି ଭଉଁରୀ ଖେଳି କୁଆଖାଇ ଆଡ଼କୁ ବାହାରିଯାଏ । ଏ ପଥରବନ୍ଧ ନଦୀସ୍ରୋତକୁ ଆୟତ୍ତ କରି କଟକ ସହରକୁ ରକ୍ଷା କରି ଆସିଛି ।

କଟକ ସହରର ସୀମା ଥିଲା ଖାନନଗର ପର୍ଯ୍ୟନ୍ତ । ସେଠାପର୍ଯ୍ୟନ୍ତ ଯାଇଛି ପଥର ବନ୍ଧ । ସେଇଠାରେ ନଦୀବନ୍ଧ ଉତ୍ତରକୁ ବୁଲି ଯାଇଛି । ଏବେ ମଧ୍ୟ ଅଛି ସେଇ ଉଚ୍ଚ ବଜ୍ରକବାଟି ନଦୀବନ୍ଧ । ରେଭେନ୍ସା କଲେଜ, ଛତ୍ରବଜାର, ନୂଆବଜାର ପ୍ରଭୃତି ଥିଲା ମହାନଦୀ ଗର୍ଭରେ । ବଜ୍ରକବାଟି ବାଟେ କଟକ ସହରର ପାଣି ଯାଇ ନଦୀ-ଗର୍ଭରେ ପଡ଼ୁଥିଲା । ନଦୀଗର୍ଭ ପୋତି ହୋଇ ଆସିଲା । କଟକ ସହର ପଶ୍ଚିମକୁ ମାଡ଼ି ଚାଲିଲା । ଏବେ ବଜ୍ରକବାଟି ବନ୍ଧକୁ ଏତେ ଉଚ୍ଚ କରି ରଖିବାର କୌଣସି ପ୍ରୟୋଜନ ନାହିଁ । ଏ ବନ୍ଧର ଦୁଇମହଲା ତଳୁ ସଡ଼କ ପାଖରେ ଅକାରଣରେ ଘର କରିବାକୁ ପଡ଼ୁଛି । ବଜ୍ରକବାଟି ପରେ ସେ ନଳାର ବାଟ ବହୁ ସ୍ଥାନରେ ଅବରୁଦ୍ଧ ହୋଇ ଯାଇଛି । ବର୍ଷାର ଜଳ ନିଷ୍କାସିତ ହୋଇପାରୁ ନାହିଁ ।

ଯେଉଁମାନେ କଟକ ପାଇଁ ଏ ସ୍ଥାନ ନିରୂପଣ କରିଥିଲେ, ତାଙ୍କ ପ୍ରାଣରେ ଥିଲା କବିତାର ଉତ୍ସ । ସ୍ଥପତି, ଇଞ୍ଜିନିୟର, କୁଶଳୀ ଶ୍ରମିକ, ଅଧିବାସୀ ସମସ୍ତଙ୍କ ଅନ୍ତରରେ ରହିଥିଲା ସେଇ ଉତ୍ସ । ସମସ୍ତେ କାଠଯୋଡ଼ି ବନ୍ଧରୁ ଅସ୍ତଗାମୀ ସୂର୍ଯ୍ୟର ଦିଗନ୍ତବ୍ୟାପୀ ରକ୍ତିମାରେ ବିମୋହିତ ହେଉଥିଲେ । ମହାନଦୀ ବନ୍ଧରୁ ଶରତକାଳରେ ପାହାଡ଼କୁ

Digitized by srujanika@gmail.com

ଆଲିଙ୍ଗନ କରିଥିବା ମେଘମାଳା ଦେଖି ପୁଲକରେ ନାଚି ଉଠୁଥିଲେ । ଏବେ କାଠଯୋଡ଼ି ବା ମହାନଦୀ ବନ୍ଧରେ ଆଉ ବସିବାର କି ଠିଆ ହେବାର ଠାବ ନାହିଁ । ସବୁଠାରେ ମଳତ୍ୟାଗ ପାଇଁ ଅଖଣ୍ଡ ସ୍ୱାଧୀନତା । ନଦୀବନ୍ଧ ତଳେ ଧାଡ଼ିଧରି ବସିବାର ସୁଦୃଶ୍ୟ !

ବାରାଣସୀ କଟକର ପ୍ରତିଷ୍ଠାବେଳୁ ଦୁର୍ଗ ନିର୍ମାଣ ଲାଗି ଆୟୋଜନ କରାଯାଇଥିବ । ଏହା ହିଁ ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଏହି ଦୁର୍ଗ କିଏ କେତେବେଳେ କିପରି ପରିବର୍ତ୍ତନ ବା ପରିବର୍ଦ୍ଧନ କରିଥିଲେ, ସେ ବିଷୟ ଏଠାରେ ଅବାନ୍ତର । କାଳକ୍ରମେ ବାରାଣସୀ କଟକର ପରିସୀମା ଭଙ୍ଗ ହୋଇଗଲା; ବାରଣସୀରୁ ବିଡ଼ାନାସୀ ଏବଂ ମୁଖ୍ୟ ସହରଟିର ନାମ ରହିଲା କଟକ । ବାରବାଟୀ କେବଳ ପ୍ରତିରକ୍ଷା ଲାଗି ଶ୍ରେଷ୍ଠ ଦୁର୍ଗ ନ ଥିଲା, ଏ ଦୁର୍ଗ ଥିଲା ଉତ୍କଳର ପ୍ରାଣକେନ୍ଦ୍ର । ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ "ବାରବାଟୀ" ନିବନ୍ଧରେ ଏ ଦୁର୍ଗ ବିଷୟରେ ସବିଶେଷ ଆଲୋଚନା କରାଯାଇଛି । କେତେ ଯୁଦ୍ଧ ଅଭିଯାନ ଏହିଠାରୁ ବାହାରି ବିଜୟକେତନ ଉଡ଼ାଇଛି । କେତେ ପ୍ରତିବେଶୀ ରାଜ୍ୟର ନିର୍ବାସିତ ରାଜା ଏଠାରେ ଆଶ୍ରୟ ଗ୍ରହଣ କରିଛନ୍ତି । ଶ୍ରୀ ଚୈତନ୍ୟ ଏହି ଦୁର୍ଗରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଥିଲେ । ଆକବରନାମାରେ ଆବୁଲ୍‌ଫାଜଲ୍ ଏ ଦୁର୍ଗର ଭୂୟସୀ ପ୍ରଶଂସା କରିଛନ୍ତି । ଗଙ୍ଗବଂଶର ଶେଷ ରାଜା ମୁକୁନ୍ଦଦେବ କଳାପାହାଡ଼ ଦ୍ୱାରା ନିହତ ହେଲା ପରେ ଆସିଲେ ପଠାଣ, ମୋଗଲ, ମରହଟ୍ଟା । ସମସ୍ତେ କଟକ କରିଥିଲେ ରାଜଧାନୀ । ଏହି ବାରବାଟୀ ଦୁର୍ଗରେ ଅବସ୍ଥାନ କରୁଥିଲେ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ ଏବଂ ଏହି ଦୁର୍ଗକୁ ଭୂତଳଶାୟୀ କରି ଦେଲେ । ସେଠାରୁ ପଥର ବୁହାଯାଇ ବନ୍ଧନ କାର୍ଯ୍ୟରେ ନିୟୋଜିତ ହେଲା । ଏ ମହନୀୟ ଦୁର୍ଗ କେତେ ବିପ୍ଳବ କାଳି ଦେଖି ଆସିଲା । ଇଂରେଜ ଶାସନରେ ହେଲା ତାର ବିଲୋପ । ଐତିହାସିକ ଏ ଦୁର୍ଗ ବାରବାଟୀ । ବୀର ରକ୍ତ ସିଞ୍ଚେ ଗଢ଼ା ଯା'ର ମାଟି । କାଳେ ଏ ଦୁର୍ଗ ଓଡ଼ିଆଙ୍କ ପ୍ରାଣରେ ପୁଣି ବୀରତ୍ୱର ଉଦ୍‌ବୋଧନ ସୃଷ୍ଟି କରିବ, ସେଥିପାଇଁ ଇଂରେଜ ଶାସକମାନେ ଏହାକୁ ଧୂଳିସାତ୍ କରିଦେଲେ ।

Digitized by srujanika@gmail.com

ମାତ୍ର ସ୍ୱାଧୀନତା ପରେ ସେ ମାଟିକୁଦର ଖନନ କରାଗଲା ନାହିଁ । ଏ ଦୁର୍ଗ ପରିସର ମଧ୍ୟରେ କେଉଁଠାରେ କ'ଣ ଥିଲା, ତାହା ସୂଚିତ କରିବାଲାଗି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏସବୁ ହୋଇ ରହିବ ଖାଲି ଗବେଷଣାର । ସେ ଆବିଭର୍ବର ଆଉ ଉନ୍ମୋଚନ ହୋଇପାରିବ ନାହିଁ । କବି ଅନ୍ତରର ବ୍ୟଥାରେ ଲେଖିଛନ୍ତି—ଭାଙ୍ଗିଛି ସେ ବାରବାଟୀ; ସେ ଶିଖା ଯାଇଛି ତୁଟି; ରହିଛି ସେ ଯଶ ମିଶି ଜଳେ ସ୍ଥଳେ ପବନେ । ଆବିଭର୍ବରୁ ରହିଛି କେବଳ ମରକତକେଶରୀଙ୍କର ପ୍ରଖ୍ୟାତ କାଠଯୋଡ଼ିର ପଥରବନ୍ଧ ।

× × ×

ବାରାଣସୀ ଖାଲି ଧର୍ମପୀଠ ନ ଥିଲା । ପରିକଳ୍ପନା ଏବଂ ଆଦର୍ଶ ସୃଷ୍ଟି କରିବାରେ ଏ ନଗରୀ ଖ୍ୟାତିଲାଭ କରିଥିଲା । ଅଭିନବ ବାରାଣସୀ କଟକରେ ସେ ବୈଶିଷ୍ଟ୍ୟ କେତୁମାତ୍ରାରେ ପ୍ରବେଶ କରିଥିବ ବୋଲି ଆଶା କରିବାର କଥା ! ଗୋଟିଏ ଦୃଷ୍ଟାନ୍ତରୁ ଏହାର ବିଚାର କରାଯାଇ ପାରିବ ।

ମହାରାଜ ହରିଶ୍ଚନ୍ଦ୍ର ଥିଲେ ଦାନବୀର । ମହର୍ଷି ବିଶ୍ୱାମିତ୍ର ତାଙ୍କଠାରୁ ଦାନ ନେବା ପାଇଁ ଆସିଲେ । ହରିଶ୍ଚନ୍ଦ୍ର ତାଙ୍କର ସମସ୍ତ ଧନସମ୍ପତ୍ତି ଦାନ କରିଦେଲେ । ସେ ଥିଲେ ଭାରତବର୍ଷର ଅଧିପତି । ଅବଶେଷରେ ସମଗ୍ର ଭାରତଭୂମି ବିଶ୍ୱାମିତ୍ରଙ୍କୁ ଦାନ କଲେ । ବିଶ୍ୱାମିତ୍ର ଏ ସମସ୍ତ ଗ୍ରହଣ କରିସାରି କହିଲେ—ହରିଶ୍ଚନ୍ଦ୍ର, ଦାନ ପାଇଁ ଉପଯୁକ୍ତ ଦକ୍ଷିଣା ଆବଶ୍ୟକ । ଆପଣ ଯାହା ସବୁ ଦାନ କରିଛନ୍ତି, ତା' ଲାଗି ଦକ୍ଷିଣା କୋଡ଼ିଏ ହଜାର ସ୍ୱର୍ଣ୍ଣମୁଦ୍ରା । ଦକ୍ଷିଣା ନ ମିଳିଲେ ମୁଁ ଦାନ ଗ୍ରହଣ କରିବି ନାହିଁ । ହରିଶ୍ଚନ୍ଦ୍ର କହିଲେ, ମହର୍ଷି ମୋତେ ଗୋଟିଏ ଦିନ ସମୟ ଦିଅନ୍ତୁ । ସୂର୍ଯ୍ୟାସ୍ତ ପୂର୍ବରୁ ଦକ୍ଷିଣା ସଂଗ୍ରହ କରି ଆପଣଙ୍କୁ ଦେଇପାରିବି । ବିଶ୍ୱାମିତ୍ର କହିଲେ, ହରିଶ୍ଚନ୍ଦ୍ର ତୁମେ ସମଗ୍ର ଭାରତବର୍ଷ ମୋତେ ଦାନକରି ସାରିଛ । ଆଉ ଗୋଟିଏ ଦିନ ତୁମେ ରହିବ କେଉଁଠାରେ ? ହରିଶ୍ଚନ୍ଦ୍ର ଉତ୍ତର ଦେଲେ, ମୁଁ ରହିବି ବାରାଣସୀ କ୍ଷେତ୍ରରେ । ସେଇଠାରେ ସେ ନିଜକୁ, ପତ୍ନୀ ଶୈବ୍ୟା ଏବଂ ପୁତ୍ର ରୋହିତାଶ୍ୱଙ୍କୁ ଦାସ ରୂପେ ବିକ୍ରୟ କରି ମହର୍ଷିଙ୍କୁ ଦକ୍ଷିଣା ପ୍ରଦାନ କଲେ ।

ଏଠାରେ ଗୋଟିଏ ପ୍ରଶ୍ନ । ବାରାଣସୀ ତ ଭାରତର ଅଙ୍ଗ;

Digitized by srujanika@gmail.com

ସେଥିରୁ ପୃଥକ ବୋଲି ବିବେଚିତ ହେଲା କିପରି ? ଏକମାତ୍ର ଉତ୍ତର— ବାରବାଟୀର ଉତ୍କର୍ଷ ଏବଂ ବୈଶିଷ୍ଟ୍ୟ ଯୋଗୁଁ, ସେଠାରେ ଥିଲା ପୂର୍ଣ୍ଣ ସ୍ୱାୟତ୍ତ ଶାସନ । ତେବେ ଅଭିନବ ବାରବାଟୀ କଟକରେ ଏହାର କୌଣସି ପ୍ରଭାବ ପଡ଼ିଥିଲା କି ? ଆଠଶହ ବର୍ଷ ମଧ୍ୟରେ କଟକ ପ୍ରଶାସନରେ ଏଭଳି କୌଣସି ସୂଚନା ଥିବାର କିଛି ଦୃଷ୍ଟାନ୍ତ ବା କିମ୍ବଦନ୍ତୀ ନାହିଁ ।

ଆଧୁନିକ ଯୁଗରେ ଏଭଳି ବିଷୟର ଅନୁସନ୍ଧାନ କରାଯାଇ-ପାରେ । ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଭାରତ ସାମ୍ରାଜ୍ୟ ଗଢ଼ିଲେ । ସିପାହୀ ବିଦ୍ରୋହ ପରେ ବ୍ରିଟିଶ ସରକାର ଏ ସାମ୍ରାଜ୍ୟର ଅଧୀଶ୍ୱର ହେଲେ । ଅଳ୍ପ କେତୋଟି ବଡ଼ ବଡ଼ ଶାସନକେନ୍ଦ୍ରରୁ ଏତେ ବଡ଼ ସାମ୍ରାଜ୍ୟର ସକଳ ବିଷୟ ପ୍ରତି ଦୃଷ୍ଟି ଦେବା ସହଜ ନୁହେଁ । କେତୋଟି ବଡ଼ ବଡ଼ ସହରରେ ସରକାରୀ ଏବଂ ମନୋନୀତ ସଭ୍ୟଙ୍କୁ ନେଇ ସ୍ଥାନୀୟ ଶାସନର ବ୍ୟବସ୍ଥା ହେଲା । ୧୮୮୦ ମସିହାରେ ବଡ଼ଲାଟ ଲର୍ଡ଼ ରିପନ୍ ସ୍ଥାନୀୟ ସ୍ୱାୟତ୍ତ ଶାସନ ଭାରତବର୍ଷରେ ପ୍ରଚଳନ କଲେ । ଆନନ୍ଦର କଥା, ତାହାର ଚାରିବର୍ଷ ପୂର୍ବରୁ ୧୮୭୬ ମସିହାରେ କଟକ ମ୍ୟୁନିସିପାଲିଟି ଗଠିତ ହେଲା । ୧୯୭୬ ମସିହାରେ ତାହାର ଶତବାର୍ଷିକୀ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ଚାରିବର୍ଷ କଟକ ମ୍ୟୁନିସିପାଲିଟିର ପରିଚାଳନା ନ୍ୟସ୍ତ ହୋଇଥିଲା କେତେକ ସରକାରୀ ଏବଂ ମନୋନୀତ ବେସରକାରୀ ସଦସ୍ୟଙ୍କ ଉପରେ । ସ୍ୱାୟତ୍ତ ଶାସନ ନ ଥିଲା । ଲର୍ଡ଼ ରିପନ୍‌ଙ୍କ ବ୍ୟବସ୍ଥା ଅନୁଯାୟୀ କେତେଜଣ ନିର୍ବାଚିତ ବ୍ୟକ୍ତିଙ୍କୁ ମ୍ୟୁନିସିପାଲ କାଉନସିଲର ସଭ୍ୟ ରୂପେ ଗ୍ରହଣ କରାଗଲା; ମାତ୍ର ଏଥିରେ ବାସ୍ତବରେ ସ୍ୱାୟତ୍ତ ଶାସନ ନ ଥିଲା । ଜିଲାର କଲେକ୍ଟର ଏହାର ଚେୟାରମ୍ୟାନ ହୋଇ ରହିଲେ । ତଥାପି ଗଣତାନ୍ତ୍ରିକ ଭିତ୍ତିରେ ଅଗଷ୍ଟ ମାସ ୩୧ ତାରିଖକୁ ସ୍ୱାୟତ୍ତ ଶାସନ ଦିବସ ରୂପେ ପାଳନ କରାଯାଉଛି ।

ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା ୧୯୧୨ ମସିହାରେ । ଭାରତ ମନ୍ତ୍ରୀ ମର୍ଲେ ଏବଂ ବଡ଼ଲାଟ ମିଣ୍ଟୋଙ୍କ ଶାସନ ବିଧି ଅନୁସାରେ ନୂତନ ବିଧାନସଭା ଗଠିତ ହେଲା । ରାଜ୍ୟପାଳ ବିଧାନସଭାର ସଭାପତି ହେଉଥିଲେ । ବହୁ ଉଚ୍ଚପଦସ୍ଥ ଅଫିସର ସଦସ୍ୟ ହେଉଥିଲେ ।

Digitized by srujanika@gmail.com

କେତେ ଜଣ ବେସରକାରୀ ସଦସ୍ୟ ମନୋନୀତ ହେଉଥିଲେ । ଅଳ୍ପ କେତେ ଜଣ ସଭ୍ୟ ନିର୍ବାଚିତ ହେଉଥିଲେ । ପଣ୍ଡିତ ଗୋପବନ୍ଧୁ ୧୯୧୭ଠାରୁ ୧୯୨୦ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାରେ ନିର୍ବାଚିତ ସଦସ୍ୟ ହେଲେ । ଗୋପବନ୍ଧୁଙ୍କ ପ୍ରସ୍ତାବ, ଆଲୋଚନା, ବିଶ୍ଳେଷଣ ଅତି ଉଚ୍ଚକୋଟୀର ହେଉଥିଲା । ରାଜ୍ୟପାଳଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଆକୃଷ୍ଟ କରୁଥିଲା; ମାତ୍ର ସେସବୁ ଥିଲା ଖାଲି ଆବେଦନ । ସରକାର ଖାଲି ଶୁଣନ୍ତି; ମାତ୍ର କାର୍ଯ୍ୟବିଧି ତାଙ୍କର ସ୍ୱତନ୍ତ୍ର । ଏଥିରେ କୌଣସି ପ୍ରକାର ସ୍ୱାୟତ୍ତ ଶାସନ ନ ଥିଲା । ଗୋପବନ୍ଧୁ ରାଜ୍ୟପାଳଙ୍କୁ ଲେଖିଲେ, ସରକାରୀକଳ ଏକ ନିଦା ପଥର କାନ୍ଥ । ସେଥିରେ ମୁଣ୍ଡ ବାଡ଼େଇବା ହିଁ ହେଲା ସାର । ଆଉ ୧୯୨୧ ମସିହାରେ ସେ ପ୍ରାର୍ଥୀ ହେଲେ ନାହିଁ ।

ପ୍ରଥମ ମହାଯୁଦ୍ଧ ଶେଷ ହେଲା । ମଣ୍ଟେଗୁ-ଚେମ୍‌ସଫୋର୍ଡ଼ଙ୍କ ବିଧାନ ଅନୁଯାୟୀ ପ୍ରଦେଶମାନଙ୍କରେ କିଛି ପରିମାଣରେ ଶାସନ ଦାୟିତ୍ୱ ନିର୍ବାଚିତ ପ୍ରତିନିଧିଙ୍କୁ ହସ୍ତାନ୍ତର କରିଯିବାର ନିଷ୍ପତ୍ତି ହେଲା । ୧୯୨୧ ମସିହାରେ ଏ ଶାସନବିଧାନ ପ୍ରବର୍ତ୍ତିତ ହେଲା । ବିହାର ଓ ଓଡ଼ିଶାରେ ରହିଲେ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ଦୁଇଜଣ ମନ୍ତ୍ରୀ, ଅଉ ମନୋନୀତ ସଦସ୍ୟଙ୍କ ମଧ୍ୟରୁ ଦୁଇଜଣ କାର୍ଯ୍ୟକାରୀ ସଦସ୍ୟ । ବିଭାଗଗୁଡ଼ିକ ବଣ୍ଟନ କରାଗଲା । ଏହାକୁ କୁହାଯାଏ ଦ୍ୱୈତ ଶାସନ । ଏହି ସମୟଠାରୁ ରହିଲେ ମ୍ୟୁନିସିପାଲିଟି ଏବଂ ଜିଲ୍ଲା ବୋର୍ଡ଼ରେ ନିର୍ବାଚିତ ଚେୟାରମ୍ୟାନ । ବାସ୍ତବରେ ଏହି ୧୯୨୧ ମସିହାଠାରୁ ପ୍ରତିଷ୍ଠିତ ହେଲା ସ୍ଥାନୀୟ ସ୍ୱାୟତ୍ତ ସାସନ ।

ମିଷ୍ଟର ଦାସ ନାମରେ ସୁପରିଚିତ କଟକର ପ୍ରଖ୍ୟାତ ଆଡ଼ଭୋକେଟ ମଧୁସୂଦନ ଦାସ ବିହାର-ଓଡ଼ିଶାର ମନ୍ତ୍ରୀ ହେଲେ । ତାଙ୍କ ଅଧୀନରେ ରହିଲା ସ୍ୱାୟତ୍ତ ଶାସନ ବିଭାଗ । ମନ୍ତ୍ରୀଙ୍କର ଦରମା ମାସିକ ପାଞ୍ଚ ହଜାର ଟଙ୍କା । ସେତେବେଳର ପାଞ୍ଚ ହଜାର ଟଙ୍କା । ମିଷ୍ଟର ଦାସ କିଛିକାଳ ମନ୍ତ୍ରୀ ରହିଲେ । ଗଭର୍ଣ୍ଣରଙ୍କ ପାଖକୁ ଲେଖିଲେ "ମୁଁ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ; ମାସିକ ପାଞ୍ଚ ହଜାର ଦରମା । ମ୍ୟୁନିସିପାଲିଟି ଏବଂ ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ୍ ସମସ୍ତେ

Digitized by srujanika@gmail.com

ଅବୈତନିକ । ଏ ବ୍ୟବସ୍ଥା ଅତି ଅବାଞ୍ଛନୀୟ । ମୁଁ ଅବୈତନିକ ମନ୍ତ୍ରୀ ହୋଇ ରହିବି । ହାଇକୋର୍ଟରେ ଓକାଲତି କରିବି । ଗଭର୍ଣ୍ଣର ସମ୍ମତ ହେଲେ ନାହିଁ । ମିଷ୍ଟର ଦାସ ଇସ୍ତଫା ଦେଇ ବାହାରି ଆସିଲେ ।

ଭାରତରେ ଇଂରେଜ ଶାସନର ଇତିହାସରେ ମନ୍ତ୍ରିତ୍ୱରୁ ଇସ୍ତଫା ଦେଇଥିବା ପ୍ରଥମ ବ୍ୟବସ୍ଥାପକ ମିଷ୍ଟର ଦାସ । ସେ ମନ୍ତ୍ରିତ୍ୱରେ ଏକ ସୁସ୍ଥ ପରମ୍ପରା ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ହେଲା ନାହିଁ । ବାହାରି ଆସିଲେ । କିଛି କାଳ ପରେ ଅନ୍ୟ ଏକ କାରଣରୁ ଯୁକ୍ତ ପ୍ରଦେଶ (ଉତ୍ତର ପ୍ରଦେଶ)ର ସି. ଓ୍ୱାଇ ଚନ୍ତାମଣି ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ସାମ୍ବିଧାନିକ ପଞ୍ଜିକାରେ ଲିପିବଦ୍ଧ ହେଲା, ଚନ୍ତାମଣି ହେଉଛନ୍ତି ମନ୍ତ୍ରିତ୍ୱରୁ ଇସ୍ତଫା ଦେବାରେ ସର୍ବପ୍ରଥମ । ତାଙ୍କପୂ ଗୌରବ ମଧୁସୂଦନଙ୍କ ନାମ ସ୍ଥାନ ପାଇଲା ନାହିଁ । ଆମ ଘର ଏଇ ଓଡ଼ିଶା ରୀତିକି ।

୧୯୨୧ ମସିହାରେ ଯଥାର୍ଥରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ପ୍ରତିଷ୍ଠିତ ହେଲା । କଟକ ମ୍ୟୁନିସିପାଲିଟିରେ ରହିଲେ ନିର୍ବାଚିତ ଚେୟାରମ୍ୟାନ । ପ୍ରାଦେଶିକ ସରକାରଙ୍କର କ୍ଷମତା ରହିଲା, ଆବଶ୍ୟକ ହେଲେ ମ୍ୟୁନିସିପାଲିଟିର ସ୍ୱାୟତ୍ତଶାସନକୁ ବାତିଲ କରିଦେଇ ପାରିବେ । ସେତେବେଳେ କଲେକ୍ଟର ହେବେ ଚେୟାରମ୍ୟାନ୍ । ସ୍ୱାଧୀନ ଭାରତରେ ମଧ୍ୟ ଏ କ୍ଷମତା ବଳବତ୍ତର ରହିଛି । ୧୯୨୧ ଠାରୁ ଶତବାର୍ଷିକୀ ପର୍ଯ୍ୟନ୍ତ ୭୫ ବର୍ଷ ମଧ୍ୟରେ କଟକ ମ୍ୟୁନିସିପାଲିଟିର ସ୍ୱାୟତ୍ତ ଶାସନକୁ ବାତିଲ କରି ଦିଆଯାଇଛି ଅଠର ଥର । ତା' ପରେ ଥରେ ନିର୍ବାଚନ ହୋଇ ପୁଣି ବାତିଲ କରାଯାଇଛି । ସ୍ୱାୟତ୍ତ ଶାସନ ବାତିଲ ହୋଇଥିଲାବେଳେ ମଧ୍ୟ ଅଗଷ୍ଟ ମାସ ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ଏ ଉତ୍ସବରେ ଅଛି ପୁଣି ସମାରୋହ ! ଏ ପ୍ରତାରଣା କାହିଁକି ? ଏଇ କ'ଣ ପ୍ରଶାସନିକ ପରିଣତି ? ଏଇ କ'ଣ ଅଭିନବ ବାରାଣସୀ କଟକର ଉତ୍ତରାଧିକାର ?

●

Digitized by srujanika@gmail.com

ପାରାଦ୍ୱୀପର ଅଦୃଷ୍ଟ

ପାରାଦ୍ୱୀପର ଜନ୍ମ ୧୯୬୧ ମସିହାରେ । ଏଇଟି ଭାରତରେ ସବୁଠାରୁ ଅଧିକ ଗଭୀର ବନ୍ଦର । ଏହା ଭିତରକୁ ବଡ଼ ବଡ଼ ଜାହାଜ ପ୍ରବେଶ କରି ପାରିବେ । ଏ ବନ୍ଦରରୁ ଲୁହାପଥର ପ୍ରଭୃତି ଭାରି ମାଲ ସହଜରେ ରପ୍ତାନି ହୋଇପାରିବେ । ଏ ସବୁ ପଦାର୍ଥର ରପ୍ତାନି ପାଇଁ ପାରାଦ୍ୱୀପ ସବୁଠାରୁ ଅଧିକ ଉପଯୁକ୍ତ । "ଷ୍ଟେଟସ୍‌ମ୍ୟାନ୍" ଖବର କାଗଜରେ ଜାନୁଆରୀ ମାସ (୧୯୭୩) ୪ାତ ତାରିଖରେ ପାରାଦ୍ୱୀପ ସମ୍ପର୍କରେ ଏକ ଅଦ୍ଭୁତ ଖବର ପ୍ରକାଶ ପାଇଛି । ପଢ଼ିଲେ ପେଟ ପୂରିଯିବ ! ଶିରୋନାମା ଦିଆଯାଇଛି—Iron ore exports through Haladia, Paradeep ikely—ହଳଦିଆ ଏବଂ ପାରାଦ୍ୱୀପ ବନ୍ଦରରୁ ଲୁହା ପଥର ରପ୍ତାନିର ସମ୍ଭାବନା । ଭାରତ ସରକାରଙ୍କର ଜାହାଜ ଏବଂ ଚଳାଚଳ ବିଭାଗ ମନ୍ତ୍ରୀ ଶ୍ରୀ ରାଜବାହାଦୁର କହିଛନ୍ତି ଯେ ପଞ୍ଚମ ଯୋଜନାକାଳ ମଧ୍ୟରେ ହଳଦିଆ ଏବଂ ପାରାଦ୍ୱୀପ ବନ୍ଦର ବାଟେ ଲୁହାପଥର ରପ୍ତାନି ବିଷୟ ଗୋଟିଏ ଅନୁଧ୍ୟାନକାରୀ ଦଳ ବିଚାର କରୁଛନ୍ତି । ଏବେ ପାରାଦ୍ୱୀପରୁ ଦୁଇନିୟୁତ ଟନ ଲୁହାପଥର ରପ୍ତାନି କରାଯାଉଛି । ଓଡ଼ିଶାର ବିତ୍ତ, ଯୋଜନା ଏବଂ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ବାଙ୍କବିହାରୀ ଦାସ ଏ ବନ୍ଦରର ପ୍ରସାର କରି ପଞ୍ଚମ ଯୋଜନାକାଳ ମଧ୍ୟରେ ଆଠ ଦଶ ନିୟୁତ ଟନ ବାର୍ଷିକ ରପ୍ତାନି ଲାଗି ବ୍ୟବସ୍ଥା କରିବା ପାଇଁ ପତ୍ର ଲେଖିଥିଲେ । କେନ୍ଦ୍ର ସରକାରଙ୍କଠାରୁ ମିଳିଲା ଏଇ ଉତ୍ତର ।

ଶ୍ରୀ ରାଜବାହାଦୂର କହିଛନ୍ତି ଯେ ଏଇ ଅନୁଧ୍ୟାନୀ ଦଳର ରିପୋର୍ଟ ମିଳିଲେ, ପାରାଦ୍ୱୀପର ପ୍ରସାର ଲାଗି କି ପ୍ରକାର ବ୍ୟବସ୍ଥା କରାଯିବ, କେଉଁ ଖଣିରୁ କେତେ ପରିମାଣରେ ଲୁହାପଥର ଅଣାଯିବ କେଉଁଠାରେ ରେଲ ଲାଇନ ବସାଯିବ—ଏ ସବୁ ବିଷୟରେ ନିଷ୍ପତ୍ତି ଗ୍ରହଣ କରାଯିବ । ଅନୁଧ୍ୟାନୀ ଦଳ ହଳଦିଆ ଏବଂ ପାରାଦ୍ୱୀପ ବନ୍ଦର

Digitized by srujanika@gmail.com

ବନ୍ଦରର ଆପେକ୍ଷିକ ଆର୍ଥନୀତିକ ଉପଯୋଗିତା ବିଚାର କରି ତାଙ୍କର ରିପୋର୍ଟ ପ୍ରଣୟନ କରିବେ ।

ଏ କୌଣସି ଆଞ୍ଚଳିକ ସମ୍ବାଦ ବା ମନ୍ତବ୍ୟ ବା ମତାମତ ନୁହେ । ଏ ସମ୍ବାଦ ପି. ଟି. ଆଇ. ପରିବେଷଣ କରିଛନ୍ତି । କୌଣସି-ଠାରେ ଏହା ଖଣ୍ଡନ କରାଯାଇ ନାହିଁ କିମ୍ବା ଏହାର କୌଣସି ପ୍ରତିବାଦ ପ୍ରକାଶିତ ହୋଇ ନାହିଁ । ତେଣୁ ଏହା ସଠିକ ବିବରଣୀ । ଆଶ୍ଚର୍ଯ୍ୟର କଥା, ଏହାର କୌଣସି ପ୍ରତିକ୍ରିୟା ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ ।

ଗତ ବର୍ଷ ପାରାଦୀପ ବନ୍ଦର ସମ୍ବନ୍ଧରେ ଗୋଟିଏ ସ୍ମରଣିକା ପ୍ରକାଶ ପାଇଥିଲା । ଜୁଲାଇ ମାସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରାଜବାହାଦୁର ଏଥିପାଇଁ ଗୋଟିଏ ବାର୍ତ୍ତା ପ୍ରେରଣ କରିଥିଲେ । ସେଥିରେ ଲେଖିଥିଲେ ଯେ ଏବେ ପାରାଦୀପରେ ବର୍ଷକୁ ଅଢ଼େଇ ନିୟୁତ ଟନ ପର୍ଯ୍ୟନ୍ତ ଲୁହା ପଥର ବୋଝେଇ କରିବାର ବନ୍ଦୋବସ୍ତ ଅଛି ଏବଂ ଚତୁର୍ଥ ଯୋଜନା କାଳ ମଧ୍ୟରେ ଏହାର ସାମର୍ଥ୍ୟ ବୃଦ୍ଧି କରାଯାଇ ଚାରି ନିୟୁତ ଟନ୍ ବୋଝେଇ କରିବାର ବ୍ୟବସ୍ଥା କରାଯିବ । ଚତୁର୍ଥ ଯୋଜନା ଶେଷ ହବାକୁ ଆଉ ଗୋଟିଏ ମାତ୍ର ବର୍ଷ ବାକି ଅଛି । ଏ ଲକ୍ଷ୍ୟ ସମାହିତ ହେବାର କୌଣସି ସମ୍ଭାବନା ଅଛି କି ? ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଗଲାଣି କି ?

ଗତ ଅଗଷ୍ଟ ମାସରେ ପାରାଦୀପର ସାମୂହିକ ବିକାଶ ପାଇଁ ଭୁବନେଶ୍ୱରଠାରେ ଗୋଟିଏ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବହୁ ଅଭିଜ୍ଞ ପ୍ରାଧିକାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀ ମୁଖ୍ୟ ଅତିଥି ରୂପେ ଏବଂ ବିତ୍ତ ମନ୍ତ୍ରୀ ଶ୍ରୀ ବାଙ୍କବିହାରୀ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପ୍ରକାଶ କଲେ ଯେ ବନ୍ଦର ଟ୍ରଷ୍ଟ ପଞ୍ଚମ ଯୋଜନାକାଳ ମଧ୍ୟରେ ଆଠ ନିୟୁତ ଟନ ଲୁହାପଥର ବୋଝେଇ ପାଇଁ ଯୋଜନା ପ୍ରସ୍ତୁତ କରି ସାରିଛନ୍ତି । ବିତ୍ତମନ୍ତ୍ରୀ ଆଶା ପୋଷଣ କରିଥିଲେ ଯେ ଏଇ ସମୟ ମଧ୍ୟରେ ଏ ବନ୍ଦର ଆଠ ନିୟୁତ ଟନ୍‌ରୁ ଅଧିକ ଲୁହାପଥର ବୋଝେଇ କରିବା ଲାଗି ସମର୍ଥ ହେବ ଏବଂ ଏ ବ୍ୟବସ୍ଥା ପାଇଁ ଭାରତ ସରକାରଙ୍କୁ ବିଶେଷ ଭାବରେ

Digitized by srujanika@gmail.com

ଅନୁରୋଧ କରାଯାଇଛି । ବନ୍ଦର ଟ୍ରଷ୍ଟର ଅଧ୍ୟକ୍ଷ ବକ୍ତୃତା ଦେଲେ ଯେ ପଞ୍ଚମ ଯୋଜନା ମଧ୍ୟରେ ଏ ବନ୍ଦର ଏଥିପାଇଁ ଉପଯୋଗୀ ହୋଇ-ପାରିବ । ଆଲୋଚନାଚକ୍ରରୁ ପ୍ରକଟିତ ହେଲା ଯେ ଏ ବନ୍ଦର ପ୍ରତି ଆମୂଳ ଅବହେଳାର ଅବସାନ ନିଶ୍ଚିତ ଏବଂ ପଞ୍ଚମ ଯୋଜନାରେ ଏହାର ଯୌବନ ପ୍ରତିଷ୍ଠିତ ହେବ । ଏ ସମସ୍ତ ଆଶା ଓ ଆବେଦନ, କଳ୍ପନା ଓ କାର୍ଯ୍ୟସୂଚୀ, ବକ୍ତୃତା ଓ ବିବରଣୀ ପରିହିତ କରି ଉତ୍ତର ଆସିଲା—ହଳଦିଆ ଏବଂ ପାରାଦୀପର ଆପେକ୍ଷିକ ଉପଯୋଗିତା ଅନୁଧ୍ୟାନ କରାଯାଉଛି । ତଦନୁଯାୟୀ କେଉଁ ବନ୍ଦରରୁ କେତେ ଲୁହା-ପଥର ରପ୍ତାନି ହେବ ଏବଂ ସେଥିପାଇଁ କି ବ୍ୟବସ୍ଥା କରାଯିବ, ସେ ବିଷୟ ନିଷ୍ପତ୍ତି ହେବ ।

ଆଲୋଚନା ଚକ୍ରରେ ବିତ୍ତମନ୍ତ୍ରୀ କହିଲେ ଯେ ପାରାଦୀପର ପ୍ରସାରଣ ପାଇଁ ଏକାନ୍ତ ଆବଶ୍ୟକ ଯଖପୁରା ଏବଂ ବଂଶପାଣି ମଧ୍ୟରେ ରେଲ ସଂଯୋଗ । ଖଣି କର୍ପୋରେସନ୍ ଅଧ୍ୟକ୍ଷ କହିଲେ ଯେ ଏ ରେଲ ଲାଇନ୍ ଲାଗିଗଲେ, ଦୈତାରି, ଗନ୍ଧମାର୍ଦ୍ଦନ ଏବଂ ମଳଙ୍ଗଟୋଲିଠାରୁ ବର୍ଷକୁ ୭·୭ ଅର୍ଥାତ୍ ଆଠ ନିୟୁତ ଟନ ଲୁହାପଥର ପାରାଦୀପଠାରେ ପହଞ୍ଚି ପାରିବ । ଆଠ ବର୍ଷ ତଳେ କୁହାଯାଉଥିଲା ଯେ ଏ ଲାଇନ୍ ଲାଭଜନକ ହେବ ନାହିଁ । ବର୍ତ୍ତମାନ ଯେଉଁ ଅନୁଧ୍ୟାନ କରାଯାଉଛି, ସେ ରିପୋର୍ଟ ମିଳିଲେ କେଉଁଠାକୁ ରେଲ ଲାଇନ ବସିବ, ସେ କଥା ବିଚାର କରାଯିବ । ହଳଦିଆକୁ ରେଲ ଲାଇନ୍ ବହୁ ଦିନୁ ଯାଇ ସାରିଲାଣି । କଟକ-ପାରାଦୀପ ଲାଇନ୍ ବହୁ କଷ୍ଟରେ ମଞ୍ଜୁର ହେଲା । ଝିମେଇ ଝିମେଇ ଚାଲିଛି । ଦଇତାରି, ଗନ୍ଧମାର୍ଦ୍ଦନ ପଥର ପାରାଦୀପ ବାଟେ ଯିବ କି ହଳଦିଆ ବାଟେ ଯିବ, ସେ ବିଷୟ ନିଷ୍ପତ୍ତି ହେଲେ, କେଉଁ-ଠାରେ ରେଲ ଲାଇନ୍ ବସିବ ସେ କଥା ବିଚାର କରାଯିବ । ବିଚାର ଚାଲିଛି । ଅଦୃଷ୍ଟ କଥା କିଏ କହିବ ?

ପାରାଦୀପ ବାଟେ ଯାଏ ଗୋଟିଏ ମାତ୍ର ପଦାର୍ଥ—ଲୁହା-ପଥର । କୌଣସି କାରଣରୁ ଏ ଖଣିଜ ଦ୍ରବ୍ୟ ଖୋଳିବାରେ କି ଲଦିବାରେ କି ବୋହିବାରେ ଯଦି କିଛି ଅସୁବିଧା ଘଟେ, ତେବେ

Digitized by srujanika@gmail.com

ପାରାଦ୍ୱୀପ ବନ୍ଦ । ଏଇ ହେଲା ରପ୍ତାନିର ବ୍ୟବସ୍ଥା । ଆଉ ଆମଦାନୀ ? ସେ କଥା ପୂରାପୂରି ବନ୍ଦ । ଆମଦାନୀ ଆଦୌ ହୁଏ ନାହିଁ । ମଟର ଟ୍ରକ୍ ଲୁହା ପଥର ନେଇକରି ଯାଏ । ଖାଲି ଖାଲି ଫେରି ଆସେ । କଟକ-ପାରାଦ୍ୱୀପ ରେଲଗାଡ଼ି ପଥର ନେଇକରି ଯିବ । ଖାଲି ଖାଲି ଫେରି ଆସିବ । ଏପରି ସ୍ଥାନମାନ ହୋଇ ଏ ବନ୍ଦର କପରି ଚଳିବ ?

ଅଳ୍ପ ଦିନର ତଳର କଥା । ଭାରତରେ ଖାଦ୍ୟାଭାବ । ଆମେରିକାରୁ ଗହମ ଆଣି ଆସିଥିଲା ଏକ ବିରାଟ ଜାହାଜ । ଜାହାଜର ନାମ ମାନହାଟେନ୍ । ଓଜନ ଏକ ଲକ୍ଷ କୋଡ଼ିଏ ହଜାର ଟନ୍ । ଏଡ଼େ ବିରାଟ ଜାହାଜ ପ୍ରବେଶ କରିବା ପାଇଁ ଅତି ଗଭୀର ବନ୍ଦର ଆବଶ୍ୟକ । ପାରାଦ୍ୱୀପ ବ୍ୟତୀତ ଆଉ କୌଣସି ବନ୍ଦରରେ ପ୍ରବେଶ ସମ୍ଭବ ହେଲା ନାହିଁ । ମାତ୍ର ପାରାଦ୍ୱୀପ ଭିତରେ ପଶିଲେ, ଲାଗିବ କେଉଁଠାରେ ? ସେଇ ପାଇଁ ତ ଘାଟ ନାହିଁ ! ଲାଗିଲେ, ଗହମ ଓହ୍ଲାଇବ କପରି ? ରହିବ କେଉଁଠାରେ ? ବୁହାଯିବ କପରି ? ଜାହାଜ ବାହାରିଗଲା ବିଶାଖାପାଟଣା । ସେ ବନ୍ଦର ଏତେ ଗଭୀର ନୁହେଁ; ମାତ୍ର ଆଉ ସବୁ ବ୍ୟବସ୍ଥା ଅଛି । ଜାହାଜ ରହିଲା ଦରିଆ ମଝିରେ । ସେଥିରୁ ଛୋଟ ଛୋଟ ଜାହାଜରେ ଗହମ ବୁହା ହୋଇ ଆସିଲା ।

ପାରାଦ୍ୱୀପ ପାଇଁ ଯେଉଁ ଯୋଜନା ପ୍ରସ୍ତୁତ ହୋଇଛି ବା ହୋଇଥିଲା, ସେଥିରେ ସାଧାରଣ ପଣ୍ୟ ଦ୍ରବ୍ୟ ଆମଦାନୀ ରପ୍ତାନି ପାଇଁ ଊଣେଇଶ ଗୋଟି ଘାଟ ବା ବର୍ଥ ବା ପ୍ଲାଟ୍‌ଫର୍ମ ତିଆରି ହେବାର ପରିକଳ୍ପନା ଥିଲା । ସେଥିରୁ ଗୋଟିଏ ବର୍ଥ ପାଇଁ ଏବେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି । କାମ ଆରମ୍ଭ ହୋଇଛି । ତାର ଫଟୋ ଚିତ୍ର ପାରାଦ୍ୱୀପ ସ୍ମରଣିକାରେ ପ୍ରକାଶ ପାଇଥିଲା । ଏବେ ସମ୍ବାଦ ପ୍ରକାଶ ପାଉଛି ଯେ ଯେଉଁ ସାଧାରଣ ପଣ୍ୟବର୍ଥ ପାରାଦ୍ୱୀପ ପାଇଁ ନିର୍ଦ୍ଦିଷ୍ଟ ହୋଇଥିଲା, ତାହା ହଲଦିଆକୁ ସ୍ଥାନାନ୍ତର କରି ଦିଆଯାଉଛି । ବିଚିତ୍ର ଏ ଖବର ! ଅଦ୍ଭୁତ ଏ ସମ୍ବାଦ ! ହଲଦିଆରେ ଯେବେ ପଣ୍ୟବର୍ଥ ଆବଶ୍ୟକ, ତା' ହେଲେ କରାଯାଉ । ମାତ୍ର ପାରାଦ୍ୱୀପ ପାଇଁ ଉଦ୍ଦିଷ୍ଟ ବର୍ଥଟିକୁ ସେଠାକୁ ଉଠାଇ ନେବାରେ କି

Digitized by srujanika@gmail.com

ରହସ୍ୟ ଅଛି ? ପାରାଦୀପଠାରେ ପଣ୍ୟବର୍ଥଟିଏ ନିର୍ମାଣ କରାଯାଉଛି । କିଛି ଦୂର ଆଗେଇଗଲାଣି । ତା'କୁ କ'ଣ ବନ୍ଦକରି ଦିଆଯିବ ? ବୋଧହୁଏ ସତ୍ୟ ହୋଇ ନ ଥିବ । ହୋଇଥିଲେ, ସାଧାରଣଙ୍କ । ଅଦୃଷ୍ଟ ତ ଦୃଷ୍ଟିର ଅଗୋଚର । କିଏ କହିବ ?

ଶୈଶବରୁ ପାରାଦୀପ ସ୍ୱପ୍ନ ଦେଖି ଆସିଲା, ଗୋଟିଏ ଜାହାଜ ତିଆରି କାରଖାନା ହେବ ତା'ର ପରମ ସାଥୀ । ଥରକୁ ଥର ଆଶାର ବାଣୀ ସେ ଶୁଣି ଆସିଲା । ଏବେ କଲିକତାରୁ ଖବର ପ୍ରକାଶ ପାଇଛି ଯେ ପଞ୍ଚମ ଯୋଜନାକାଳ ମଧ୍ୟରେ ହଳଦିଆ ବନ୍ଦରରେ ଗୋଟିଏ ବୃହତ୍ ଜାହାଜ ତିଆରି କାରଖାନା ସ୍ଥାପିତ ହେବାକୁ ଯାଉଛି । ଗୋଟିଏ ଅନୁଧ୍ୟାନକାରୀ ଦଳ ହଳଦିଆ ଏବଂ ଆଖପାଖ ଅଞ୍ଚଳ ବୁଲି ମତ ଦେଇଛନ୍ତି ଯେ ପ୍ରସ୍ତାବିତ ଜାହାଜ କାରଖାନା ପାଇଁ ହଳଦିଆ ସବୁଠାରୁ ଉପଯୁକ୍ତ ସ୍ଥାନ ।

ଇଂରେଜ ରାଜତ୍ୱ ସମୟରେ ସରକାର ଆମ ଦେଶରେ ଜାହାଜ ତିଆରି କରାଇ ଦେଉ ନ ଥିଲେ । ଯୁଦ୍ଧ ସମୟରେ ବହୁ ଇଂରେଜ ଜାହାଜ ସମୁଦ୍ରରେ ଧ୍ୱଂସ ହେଲା । ସେଇ କାରଣରୁ ୧୯୪୧ ମସିହାରେ ସିନ୍ଧିଆ କମ୍ପାନୀକୁ ବିଶାଖାପାଟଣା ବନ୍ଦରରେ ଜହାଜ ତିଆରି ପାଇଁ ଅନୁମତି ମିଳିଲା । ତେବେ ମଧ୍ୟ ତାଙ୍କର ମାତ୍ର ଅ.୦ ହଜାର ଟନ୍ ବିଶିଷ୍ଟ ପ୍ରଥମ ଜାହାଜ "ଜଳ ଉଷା" ଆଠ ବର୍ଷ ପରେ ୧୯୪୮ ମସିହାରେ ସାଗର ବକ୍ଷରେ ଅବତୀର୍ଣ୍ଣ ହୋଇପାରିଲା । ୧୯୫୨ ମସିହାରେ ଏ ଅନୁଷ୍ଠାନ ହିନ୍ଦୁସ୍ଥାନ ଜାହାଜ ନାମ ଧରି ସରକାରୀ ସଂସ୍ଥାରେ ପରିଣତ ହେଲା ।

ବମ୍ବେ ବନ୍ଦରର ମେଜାଗନଠାରେ ଜାହାଜ ମରାମତି ପାଇଁ ଗୋଟିଏ କାରଖାନା ଥିଲା । ତାକୁ ଭାରତ ସରକାର ହାତକୁ ନେଲେ ୧୯୬୦ ମସିହାରେ । ଆନନ୍ଦର କଥା, ସେ କାରଖାନାରେ ଯାତ୍ରୀ ଜାହାଜ ଏବଂ ଯୁଦ୍ଧ ଜାହାଜ ମଧ୍ୟ ନିର୍ମାଣ କରାଯାଉଛି । ହୁଗୁଲି ନଦୀରେ ଗାର୍ଡେନ୍‌ରିଚ୍‌ଠାରେ ଜାହାଜ ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଗୋଟିଏ କାରଖାନା ଥିଲା । ନିଷ୍ପତ୍ତି ହୋଇଛି, ସେଠାରେ ଜାହାଜ

Digitized by srujanika@gmail.com

ନିର୍ମାଣ କରାଯିବ । ୧୯୭୨ ମସିହା ଅପ୍ରେଲ ମାସରେ କୋଚନ୍ ବନ୍ଦରରେ ବଡ଼ ବଡ଼ ଜାହାଜ ତିଆରି ପାଇଁ ଏକ କାରଖାନାର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ।

ପାରାଦୀପର ଆଶା ଥିଲା, ତା'ପରି ଏକ ଗଭୀର ବନ୍ଦରରେ ବଡ଼ ଧରଣର ଏକ ଜାହାଜ କାରଖାନା ବସିବ; ମାତ୍ର ହଳଦିଆରେ ସେ ଭଳି କାରଖାନା ବସିବାର ସମ୍ବାଦ ପ୍ରକାଶ ପାଇବାରୁ, ପାରାଦୀପର ସେ ଆଶା ମଉଳି ଯାଇଛି । କେହି କେହି ପରିହାସ କରି କହୁଛନ୍ତି—ତା'ର ଦେଖି, ଇଆର ଡେଉଁଛି ଡାହାଣ ଆଖି । ଅଦୃଷ୍ଟରେ ତ ନାହିଁ । ମୁଣ୍ଡ ବାଡ଼େଇଲେ ଆଉ ଆସିବ କାହୁଁ ?

ଆଶା ବୈତରଣୀ । ତା'ର ଥଳ ନାହିଁ କି କୂଳ ନାହିଁ । ଜ୍ୟୋତିଷମାନେ ପାରାଦୀପର ଜାତକ ଗଣନା କରି ତା'ର କାନରେ କହି ଲାଗିଲେ—ତୋର ଭାଗ୍ୟରେ ଅଛି ତୁ ହେବୁ ରାଜରାଣୀ । ଭାରତର ମାନଚିତ୍ରରେ ତୋର ନାମ ବଡ଼ ବଡ଼ ଅକ୍ଷରରେ ଛପା ହେବ । ପଶ୍ଚିମ ଉପକୂଳରେ ବମ୍ବେର ନାମ ଯେପରି ଆରବ ସାଗର ଭିତରକୁ ଲମ୍ବି ଯାଇଛି, ଠିକ୍ ତାର ସିଧା ପୂର୍ବ ଉପକୂଳରେ ପାରାଦୀପ ନାମ ବଙ୍ଗୋପ-ସାଗର ଭିତରକୁ ଲମ୍ବିଯିବ । ପାରାଦୀପ ଏକ ମହାନଗରୀ ରୂପରେ ଉଭା ହେବ ।

ଏଠାରେ ବସିବ ଏକ ବିରାଟ ଇସ୍ପାତ କାରଖାନା । ଓଡ଼ିଶାରେ ଅସରନ୍ତି ଲୁହାପଥର । ଏ କାରଖାନା ପାଇଁ ଉପଯୁକ୍ତ ସ୍ଥାନ ପାରାଦୀପ । ବିଳମ୍ବରେ ହେଲେ ମଧ୍ୟ ଏଥିଲାଗି ପ୍ରସ୍ତାବ ପଠାଗଲା । କେଉଁ ରାଜ୍ୟରେ ଇସ୍ପାତ କାରଖାନା ବସିବ, ସେ ନିଷ୍ପତ୍ତି ସରିଗଲାଣି । ପାରାଦୀପରେ ପ୍ରସ୍ତୁତ ହେବ ଡିଜେଲ୍, ପେଟ୍ରୋଲ, କିରାସିନି । ବସିବ ତୈଳଶୋଧନ କାରଖାନା । ଆଲୋଚନା ଚକ୍ରରେ ଉଦ୍ୟୋଗ ସଚିବ ଜଣାଇଲେ ଯେ ଭାରତ ସରକାର ନାସ୍ତି କରି ସାରିଲେଣି । ଶୋଧନ କାରଖାନା ହଳଦିଆଠାରେ ବସି ସାରିଲାଣି । ଉତ୍ପାଦନ ଆରମ୍ଭ ହେଲାଣି । ପୁଣି ପାରାଦୀପରେ ବସିବ ସାରକାରଖାନା । ଭାରତୀୟ ସାର କର୍ପୋରେସନ୍‌ର ଜଣେ ବିଶେଷଜ୍ଞ ମୁଖ୍ୟ ଇଞ୍ଜିନିୟରର ପରାମର୍ଶ

Digitized by srujanika@gmail.com

ଦେଲେ, ଏଥି ପାଇଁ ପାରାଦୀପ ଉତ୍କୃଷ୍ଟ କ୍ଷେତ୍ର । ଏବେ ଛଅଗୋଟି ସାର କାରଖାନା ବିଭିନ୍ନ ସ୍ଥାନରେ ବସିବାର ନିଷ୍ପତ୍ତି ପ୍ରକାଶ ପାଇଛି । ପାରାଦୀପର ନାମ ନାହିଁ । ସାର ହୋଇଛି ଖାଲି ପରାମର୍ଶ । ଅସରନ୍ତି ଆକାଂକ୍ଷା । ପାରାଦୀପରେ ଖୋଲିବ ଏକ ତାଲିମ କେନ୍ଦ୍ର । ଓଡ଼ିଆ ପୁଅଙ୍କୁ ନୌବାହିନୀରେ ପ୍ରବେଶ କରିବା ପାଇଁ ମିଳିବ ଅପୂର୍ବ ସୁଯୋଗ । କଳ୍ପନା ଅସୁମାର । ଲୋକହସା ପାଇଁ ଠିକଏ ହେଲେ ଭୟ ନାହିଁ ।

ପାରାଦୀପ ବନ୍ଦର ନିର୍ମାଣ କରିବା ପାଇଁ ଆସିଥିଲେ ଯୁଗୋ-ସ୍ଲାଭିଆର ମିସ୍ତ୍ରୀ, ଇଞ୍ଜିନିୟର । ତାଙ୍କର ବସବାସ ପାଇଁ ସମୁଦ୍ର କୂଳରେ କେତେଖଣ୍ଡି କୋଠାଘର ପ୍ରସ୍ତୁତ ହୋଇଥିଲା । ସହର ବୋଇଲେ ସେତିକି । ବାକି ସବୁ କଟକ ସହର କାଠ କ୍ୟାବିନ୍‌ର ପ୍ରସାରଣ । ଏତେ ବର୍ଷ ପରେ ଏହା ହିଁ ଉତ୍କଳ ତନୟା ପାରାଦୀପର ସମାରୋହ । ଏତିକିରେ ସମାପ୍ତ ତ୍ରୟୋଦଶ ବର୍ଷୀୟା କିଶୋରୀର ରୂପବର୍ଣ୍ଣନ ।

୧୯୬୧ ମସିହାରେ ଓଡ଼ିଶା ସରକାର ପାରାଦୀପ ବନ୍ଦର ନିର୍ମାଣ ଆରମ୍ଭ କରିଥିଲେ । ଏ ବନ୍ଦର ଭାରତ ସରକାରଙ୍କ ହାତକୁ ଗଲା ୧୯୬୫ ମସିହାରେ । ଏହାର ନିର୍ମାଣ ଲାଗି ଓଡ଼ିଶା ସରକାର ଭାରତ ସରକାରଙ୍କଠାରୁ ଷୋହଳକୋଟି ଟଙ୍କା ଋଣ କରିଥିଲେ । ଏ ଋଣରେ ନିର୍ମିତ ସମସ୍ତ ସମ୍ପଦ ନେଲେ ଭାରତ ସରକାର । ମାତ୍ର ନିଷ୍ପତ୍ତି କଲେ ଯେ ଓଡ଼ିଶା ସରକାର ଏ ଋଣ ପରିଶୋଧ କରିବେ । ବିଚିତ୍ର ବିଗ୍ରହ ! ବନ୍ଦର ପରିଚାଳନା ପାଇଁ ଭାରତ ସରକାର ଗଢ଼ିଲେ ପାରାଦୀପ ବନ୍ଦର ଟ୍ରଷ୍ଟ । ଏ ଟ୍ରଷ୍ଟ ଉପରେ ନ୍ୟସ୍ତ ହେଲା ଆୟବ୍ୟୟର ସମସ୍ତ ଦାୟିତ୍ୱ । ମାତ୍ର ଋଣ ପରିଶୋଧ ଦାୟିତ୍ୱ ଏ ଟ୍ରଷ୍ଟ ଉପରେ ମଧ୍ୟ ନ୍ୟସ୍ତ ହେଲା ନାହିଁ । ଏ ଷୋହଳ କୋଟି ଟଙ୍କା ଶତକରା ସାଢ଼େ ପାଞ୍ଚଟଙ୍କା ସୁଧ ସହିତ ଓଡ଼ିଶା ସରକାର ପରିଶୋଧ କରୁଛନ୍ତି ।

ଅଇ ପାରାଦୀପ ! ଏଇ ତୋର ଜନ୍ମ ପତ୍ରିକା । ଓଡ଼ିଶା ମାଟିରୁ ତୋର ଜନ୍ମ । ଓଡ଼ିଶା ଖର୍ଚ୍ଚରେ ତୁ ଗଢ଼ା । ଓଡ଼ିଶା ପାଣିରେ ସର ନାହିଁ । ଓଡ଼ିଶା ପବନରେ ସ୍ୱର ନାହିଁ । ଆଉ ତୁ ରାଜଜେମା ପର

Digitized by srujanika@gmail.com

ଏବେ ସ୍ୱପ୍ନ ଦେଖୁଛୁ କାହିଁକି ? ଅଦୃଷ୍ଟ କ'ଣ ତୋ ହାତରେ ଅଛି ? ତୁ ପଡ଼ିଥିବୁ ଅନ୍ଧକାର ଭିତରେ; ଆଲୋକର ବହୁ ଦୂରରେ; ଏଇ ଉତ୍କଳଭୂଇଁରେ । ପ୍ରାଚୀ ଗଗନର ଲଲାଟରେ ଅରୁଣ ତପନ ଉଠୁଥିବ । କନକ ନୀର ସ୍ରୋତରେ ଭାସୁଥିବ । ମାତ୍ର ଏ ଉତ୍କଳ ଭୁବନରେ ସହଜରେ କ'ଣ ସେ ତପନ ଉଇଁ ଆସି ପାରିବ ? ଏ ଭୁବନରେ ଘନ କୁଜ୍‌ଝଟିକା । ସେ କୁଜ୍‌ଝଟିକାର ଅବସାନ ହେଉ ନାହିଁ । ବାଲାର୍କର ଅରୁଣିମା ଏ ଘନ ତମସା ଭେଦ କରି ପାରୁ ନାହିଁ ।

ଅଇ ପାଗଳୀ ! ତୁ ଗୁଣବନ୍ତୀ, ସୁଲକ୍ଷଣା । ମାତ୍ର ହୀନ ତୋର କପାଳ; ମନ୍ଦ ତୋର ଅଦୃଷ୍ଟ । ଯାହାର ଆଖି ଥିବ, ଦେଖିପାରିବ ତୋଠାରେ ଠୁଳ ସବୁ ଗୁଣ, ସକଳ ଲକ୍ଷଣ । ତୋ ପରି କୋରକ ଦେଖିଲେ ଯେ କେହି ମୁଗ୍‌ଧ ହୋଇଯିବ । ତୋରି ପରି ଏ ଭୂଇଁରେ ଅସଂଖ୍ୟ କଶୋରୀ ସୁଶ୍ରୀ, ସୁଲକ୍ଷଣା । ମ୍ଲାନରତା ଏ କୁମାରୀମାନଙ୍କର ମୁଖମଣ୍ଡଳ ହେମନ୍ତ ରସ ପରି ଦଶୁଥିଲା କବିବର ରାଧାନାଥଙ୍କ ଆଖିରେ । ମାତ୍ର ଏ ପାଣି ପବନରେ ସେ କୋରକ ବିକଶିତ ହୋଇ ପାରନ୍ତି ନାହିଁ । ଶୁଖି ଯାଆନ୍ତି, ମଉଳି ପଡ଼ନ୍ତି । ତାଙ୍କର ଏପରି ଦଶା ଦେଖି ଗୋପବନ୍ଧୁ ବ୍ୟଥିତ ସ୍ୱରରେ ଗାଇଥିଲେ—

"ଲଜ୍ଜା ଢାଙ୍କିବାକୁ ନ ପାନ୍ତି ବସନ,
ଫୁଟେ ନାହିଁ କେବେ ଅଙ୍ଗେ ଯଉବନ ।"

ତୁ ଏଇ ଭୂଇଁର କୁମାରୀ । ଏହା ହିଁ ତୋର ଅଦୃଷ୍ଟ ଲିଖନ ।

• •

(ପ୍ରକାଶନ—ସମାଜ, ୧୬-୪-୧୯୭୩)

Digitized by srujanika@gmail.com

ଏ ପ୍ରବନ୍ଧଟି ବନ୍ଧୁ କବି ମାୟାଧରଙ୍କ ମନକୁ ପାଇଥିଲା । ଏଇଟିକୁ ପଢ଼ି ସେଇଦିନ ମାୟାଧର କବିତାରେ ଗୋଟିଏ ପତ୍ର ଲେଖିଥିଲେ :

କଟକ
୧୨-୪-୧୯୬୩

ପ୍ରିୟ କମ୍‌ରେଡ଼୍‌,
ପଢ଼ିଲି "ସମାଜେ ଆଜ" (୧୨-୪-୧୯୬୩)
ପାରାଦୀପ ଅନୁଚିନ୍ତା ତବ,
ପ୍ରବନ୍ଧର ଶେଷାଂଶ ହିଁ ଦେଲା ଚିତ୍ତେ ନବ ଅନୁଭବ ।
ମନେ ହେଲା, ଅର୍ଥଶାସ୍ତ୍ରୀ ବନ୍ଧୁଙ୍କର ପ୍ରବୁଦ୍ଧ 'ଲିବିଡ଼ୋ'
ଏତେ ଦିନେ ସହସା ବା ହେଲା ମୁକ୍ତ, ହୋଇଣ ଅସ୍ଥିର,
ହେଉଁ ନରମିତ ଏକ ଦୃଷ୍ଟା, ତ୍ୟକ୍ତା ବନ୍ଦରର ପ୍ରତି,
ନ ପାଉଁ ଉଚିତ ଶ୍ରଦ୍ଧା, ନେଇ ଯା'ର ଝର ଝର ମୋତି
ଅଶ୍ରୁର, ମିଳାଇ ଯାଏ ବାରିଧିର ବିପୁଳ ଝୀଡ଼ାରେ,
ବନ୍ଦର ସୁନ୍ଦରୀ ହେମ ତାମରସ ମୁଖ
ଝାଉଁଳଇ ଆହତ ବ୍ରୀଡ଼ାରେ ।
ଏତେ ଦିନେ ଯାହା ହେଉ,
ପାରାଦୀପ ପାଇଲା ତା ଅର୍ଥପୂର୍ଣ୍ଣ ପ୍ରେମମୟ କବି,
ଏଥର ତା' ପ୍ରାଚୀରାଲେ ଚୁମ୍ବି ଦେବେ ରସମୟ ରବି;
ଏଣିକ ପଢ଼ିବୁ ଆମେ ନବକାବ୍ୟ ଅର୍ଥ-ବଙ୍କାମାର
ବାନ୍ଦରିକ ପ୍ରେମ-ଗାଥା,—
ସିମେଣ୍ଟ—କଂକ୍ରିଟ—ସୌମ୍ୟା—ନବ-ଯୁବତୀର;
ପଣ୍ୟବର୍ତ୍ତ—ତାମରସ—ସୌନ୍ଦର୍ଯ୍ୟ ପାୟୀର ।
ଇତି—ଆଶୀର୍ବାଦୀ ବନ୍ଧୁ
ଡକ୍ଟର ଶ୍ରୀ ସଦାଶିବ ମିଶ୍ର ମାୟାଧର ମାନସିଂହ

●

ନବ କଳେବର

୧୯୭୭ ମସିହା । ଜୁଲାଇ ଅଠର ତାରିଖ ସୋମବାର । ଶ୍ରୀଗୁଣ୍ଡିଚା ଉତ୍ସବ । ପ୍ରତିବର୍ଷ ରଥ ଯାତ୍ରା ଅନୁଷ୍ଠିତ ହୁଏ । ଏ ବର୍ଷ ଉତ୍ସବରେ ଥିଲା ବିଶେଷ ଆକର୍ଷଣ । ମହାପ୍ରଭୁ ନବ କଳେବର ଧାରଣ କରି ରଥାରୂଢ଼ ହେବେ । ଦୂରଦୂରାନ୍ତରୁ ବହୁ ଭକ୍ତ, ଯାତ୍ରୀ, ଦର୍ଶକ ଆସିଛନ୍ତି । ନବ କଳେବରରେ ମହାବାହୁଙ୍କୁ ଦର୍ଶନ କରି ନେତ୍ର ପବିତ୍ର କରିବେ । ରଥଟେଣାରେ ରଥ ଦଉଡ଼ି ସ୍ପର୍ଶକରି ଜୀବନ ସାର୍ଥକ କରିବେ ।

ଆଷାଢ଼ ଦୋମାସୀ ପଡ଼ିଲେ ମହାପ୍ରଭୁଙ୍କର ନବ କଳେବର ହୁଏ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ସ୍ନାନମଣ୍ଡପକୁ ଆସନ୍ତି ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ । ପନ୍ଦର ଦିନ ପରେ ନେତ୍ରୋତ୍ସବ । ତା’ ପରଦିନ ରଥଯାତ୍ରା । ଏଇ ଦୁଇସପ୍ତାହ ମଧ୍ୟରେ ନବ କଳେବର ସୃଜନା ହୋଇ ପାରିବ ନାହିଁ । ଦୋମାସୀ ଆଷାଢ଼ ପଡ଼ିଲେ ଆଉ ମାସେ ଅଧିକ ସମୟ ମିଳେ । ସେଇ ବର୍ଷ ମହାପ୍ରଭୁ ନବ କଳେବର ଧାରଣ କରନ୍ତି । ଏ ବର୍ଷ ଆଷାଢ଼ ଦୋମାସୀ ପଡ଼ିଥିଲା । ନବ କଳେବର ସମାହିତ ହେଲା । ବହୁ ପୂର୍ବରୁ ଯଥାବିଧି ଦାରୁ ଅନ୍ୱେଷଣ ଆରମ୍ଭ ହୋଇଥିଲା । ସେହି ଦିନଠାରୁ ସକଳ କାର୍ଯ୍ୟକ୍ରମ ସମାରୋହରେ ପାଳିତ ହେଲା । ତିନି ମୂର୍ତ୍ତି ନବ କଳେବର ଧାରଣ କଲେ । ଶ୍ରୀଗୁଣ୍ଡିଚା ଦିନ ରଥରେ ବିଜେ କରି ଅଗଣିତ ଦର୍ଶନାକାଂକ୍ଷୀଙ୍କ ସମକ୍ଷରେ ଆବିର୍ଭୂତ ହେବେ ।

ବହୁଦିନ ଆଗରୁ ବିଜ୍ଞାପନ ପ୍ରଚାରିତ ହୋଇଥିଲା । ସମଗ୍ର ଭାରତରେ ଏ ବୃତ୍ତାନ୍ତ ପରିବେଷଣ କରାଗଲା । ବସ୍ତୁତଃ ସମଗ୍ର ଦେଶରେ ଉତ୍କଳରୁ ହାର୍ଦ୍ଦିକ ନିମନ୍ତ୍ରଣ ପ୍ରେରଣ କରାଗଲା । ବହୁ ଲୋକଙ୍କର ସମାଗମ ହେଲା । ସରକାରୀ ସୂତ୍ରରେ ଆଗତ ଜନସଂଖ୍ୟାର କଳନା କରାଯାଇ ନ ଥିଲେ ମଧ୍ୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଲା— ସମାଗତ ଲୋକଙ୍କର ସଂଖ୍ୟା ପଞ୍ଚଲକ୍ଷରୁ ଛଅଲକ୍ଷ ମଧ୍ୟରେ ହେବ । ପୂର୍ବେ ଶ୍ରୀଗୁଣ୍ଡିଚା ପୂର୍ବରୁ ପ୍ରାୟ ଆଠଦିନ ଧରି ପ୍ରତ୍ୟହ କଲିକତାରୁ

Digitized by srujanika@gmail.com

ସ୍ୱତନ୍ତ୍ର ରେଲଗାଡ଼ି ଆସୁଥିଲା ପୁରୀ । ସେସବୁ ବନ୍ଦ ହୋଇ ଯାଇଛି । ରଥଯାତ୍ରା ପୂର୍ବଦିନ ଗୋଟିଏ ମାତ୍ର ସ୍ୱତନ୍ତ୍ର ଗାଡ଼ି ଆବଶ୍ୟକ ହେଉଛି । ବହୁଭାଗ ଯାତ୍ରୀ ଆସୁଛନ୍ତି ସଡ଼କ ପଥରେ, ମୋଟର ଗାଡ଼ିରେ ।

ଭାରତବର୍ଷରେ ବହୁ ଲୋକ ବିଭିନ୍ନ ପୁଣ୍ୟଧାମରେ ତୀର୍ଥ କରିବା ଲାଗି ସମବେତ ହେଉଥିଲେ । ଏବେ ମଧ୍ୟ ହେଉଛନ୍ତି । ହଣ୍ଟର୍ ସାହେବ ତାଙ୍କ ଓଡ଼ିଶା ଇତିହାସରେ ଲେଖିଛନ୍ତି—ଯୁଗ ଯୁଗ ଧରି ଭାରତବର୍ଷର ତୀର୍ଥଧାମ ଏହି ଶ୍ରୀକ୍ଷେତ୍ରରେ କେନ୍ଦ୍ରୀଭୂତ ହୋଇ ରହିଛି । ଓଡ଼ିଶାରେ ରେଲ୍‌ପଥର ସଞ୍ଚାର ହେଲା ୧୯୦୦ ଖ୍ରୀଷ୍ଟାବ୍ଦରେ । ମାତ୍ର ଶହ ଶହ ବର୍ଷ ଧରି ଲୋକେ ଆସୁଥିଲେ ପଦବ୍ରଜରେ, ସ୍ଥାନେ ସ୍ଥାନେ ନୌକାରେ, ଟୋଂରୁଗାଡ଼ିରେ । ଉତ୍କଳ ରାଜ୍ୟ ନଦୀ ବହୁଳ । ନଦୀ ଉପରେ ପୋଲ ନାହିଁ । ଆଷାଢ଼ ମାସରେ ସବୁ ନଦୀରେ ବଢ଼ି । ଏସବୁ ପାରି ହୋଇ ଆସୁଥିଲେ ଲକ୍ଷ ଲକ୍ଷ ଯାତ୍ରୀ ।

ପୁରୀଧାମରେ ଦୁଇଟି ପ୍ରବେଶ ପଥ । ଉତ୍ତର ଦିଗରୁ ଅଠରନଳା ବାଟରେ । ଦକ୍ଷିଣ ଏବଂ ପଶ୍ଚିମ ଦିଗରୁ ଲୋକନାଥଙ୍କ ରାସ୍ତାରେ । ମରହଟ୍ଟା ଶାସକମାନେ ଯାତ୍ରୀମାନଙ୍କଠାରୁ କର ଆଦାୟ କରୁଥିଲେ । ୧୮୦୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲେ । ଅଠରନଳା ଏବଂ ଲୋକନାଥ ରାସ୍ତାରେ ଫାଟକ ବନ୍ଧା ଯାଉଥିଲା, କର ଆଦାୟ କରିବା ପାଇଁ । କମ୍ପାନୀର ଟିକସ କଲେକ୍ଟର ଲେଖିଛନ୍ତି, ଏକାଦିନକେ ୫୦ ହଜାରରୁ ଦୁଇଲକ୍ଷ ଲୋକ ଅଠରନଳାରେ ଜମା ହୋଇ ଯାଉଥିଲେ । ତେଣୁ କର ଆଦାୟ କରିବା ଅତି କଷ୍ଟସାଧ୍ୟ ହେଉଥିଲା । ଏହି ଲୋକାରଣ୍ୟ ମଧ୍ୟରେ ଠେଲାପେଲି ହୋଇ କେତେ ଲୋକ ମୃତ୍ୟୁମୁଖରେ ପଡ଼ିବାର ଦୃଷ୍ଟାନ୍ତ ଅଛି । ସେ ସମୟରେ ଏତେ କଷ୍ଟ, ଅସୁବିଧା, ବାଧାବିଘ୍ନ ସତ୍ତ୍ୱେ ଦୀର୍ଘପଥ ଅତିକ୍ରମ କରି ଯେବେ ଲକ୍ଷ ଲକ୍ଷ ଯାତ୍ରୀଙ୍କର ସମାଗମ ହେଉଥିଲା, ଆଜିକାଲି ଯୁଗରେ ଗମନାଗମନର ସକଳ ସୁବିଧା ଥାଇ ,ମାତ୍ର ପାଞ୍ଚଲକ୍ଷ ଯାତ୍ରୀଙ୍କର ସମାଗମ ହେଲେ ବୁଝିବାକୁ ହେବ, ଲୋକଙ୍କର ଶ୍ରୀକ୍ଷେତ୍ର ପ୍ରତି ଆକର୍ଷଣ ଶିଥିଳ ହୋଇଯାଇଛି । ଆଉ ଆମେ ଏ ମହିମାମୟ

Digitized by srujanika@gmail.com

ଧାମକୁ ଆକର୍ଷଣୀୟ କରିବାରେ କ୍ରମାଗତ ଅବହେଳା କରି ଲାଗିଛୁ । ପ୍ରୟାଗଠାରେ ଅନୁଷ୍ଠିତ ଗତ କୁମ୍ଭମେଳାରେ ଭାରତର ବିଭିନ୍ନ ପ୍ରାନ୍ତରୁ ଏକ କୋଟିରୁ ଅଧିକ ଲୋକ ପୁଣ୍ୟ ସ୍ନାନ କରିବାଲାଗି ରୁଣ୍ଡ ହୋଇଥିଲେ । କେନ୍ଦ୍ରୀଭୂତ ତୀର୍ଥଭୂମି ଜଗନ୍ନାଥ ଧାମ ପ୍ରତି ଲୋକେ ବୀତସ୍ପୃହ ହେବେ କାହିଁକି ?

ଶ୍ରୀଗୁଣ୍ଡିଚା କାର୍ଯ୍ୟକ୍ରମ ଆଗରୁ ନିରୂପିତ ହୋଇଥିଲା । ପ୍ରଚାର ମଧ୍ୟ କରାଯାଇଥିଲା । ସାଢ଼େ ନଅଟା ବେଳେ ମହାପ୍ରଭୁଙ୍କର ପହଣ୍ଡି ବିଜେ ଆରମ୍ଭ ହେବ । ପୂର୍ବବର୍ଷମାନଙ୍କ ପରି ଆକାଶବାଣୀରୁ ଧାରାବାହିକ ବିବରଣୀ ପ୍ରଚାର କରିବାର ବ୍ୟବସ୍ଥା ହୋଇଥିଲା । ଚାରି ପାଞ୍ଚ ଜଣ ପ୍ରଚାରକ ସେଥିପାଇଁ ନିଯୁକ୍ତ ହୋଇଥିଲେ । ଓଡ଼ିଶାର ସର୍ବତ୍ର ଲୋକେ ରେଡ଼ିଓ ଖୋଲି ବସିଥିଲେ । ବିବରଣୀ ଶୁଣିବା ପାଇଁ ଉଦ୍‌ଗ୍ରୀବ । ପ୍ରଥମ ବକ୍ତା ତାଙ୍କ ଭାଷଣରେ ନବ କଳେବର ବିଷୟରେ ବିବରଣୀ ଦେଇଥିଲେ । ଶ୍ରୋତାମାନେ ନିଶ୍ଚୟ ଆଗ୍ରହରେ ଶୁଣିଥିବେ । ତା' ପରେ ଜଣକ ପରେ ଜଣେ ବିବରଣୀ ଦେଇ ଚାଲିଲେ । ତିନି ରଥର ନାମକରଣ । ଲୋକାରଣ୍ୟ ବର୍ଣ୍ଣନା । ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟର କାହାଣୀ । ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷର ତାତ୍ପର୍ଯ୍ୟ । କାଞ୍ଚି ଅଭିଯାନରେ ଜଗନ୍ନାଥ ବଳଭଦ୍ର କଳା ଧଳା ଘୋଡ଼ାରେ ଚଢ଼ି ରଣକ୍ଷେତ୍ରକୁ ଯାଇଥିଲେ । କାଞ୍ଚି ରାଜା ରାଜକନ୍ୟା ପଦ୍ମାବତୀଙ୍କୁ ଚଣ୍ଡାଳ ହସ୍ତରେ ପରକେ ସମର୍ପଣ କରିବେ, ପୁରୀ ରାଜାଙ୍କ ସହିତ ବିବାହ କରାଇ ଦେବେ ନାହିଁ । ବିଜ୍ଞ ପାତ୍ରମନ୍ତ୍ରୀ ଗଜପତି ରଥ ଉପରେ ଛେରାପହଁରା କଲାବେଳେ ସେ ଚଣ୍ଡାଳର କର୍ମ କରୁଛନ୍ତି ବୋଲି ଦର୍ଶାଇ ପଦ୍ମାବତୀଙ୍କୁ ବିବାହ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ ।

ଏସବୁ ବିବରଣୀ ଶ୍ରୋତାମାନଙ୍କ କାନରେ ପଡ଼ୁଥାଏ । ମାତ୍ର ମହାପ୍ରଭୁ କେତେବେଳେ ପହଣ୍ଡି ବିଜେ କରିବେ, ସେଇ ବିବରଣୀ ଶୁଣିବା ପାଇଁ ସମସ୍ତେ ଉତ୍କଣ୍ଠିତ । କୌଣସି ସଙ୍କେତ ମିଳୁନାହିଁ କାହିଁକି ? ଏତେ ବିଳମ୍ବ ହେଉଛି କାହିଁକି ? ବିବରଣୀର ପ୍ରବାଚକମାନେ କୌଣସି ବିବରଣୀ ଦେଇ ପାରିଲେ ନାହିଁ । ସେଇ କାଞ୍ଚିଯୁଦ୍ଧ,

Digitized by srujanika@gmail.com

ଲୋକାରଣ୍ୟର ବିବରଣୀ ଶୁଭୁଥାଏ । ମଝିରେ ମଝିରେ ସେମାନେ କହୁଥିବାର ଶୁଣାଗଲା—ପହଣ୍ଡି କାହିଁକି ଏତେ ବିଳମ୍ବ ହେଉଛି, ଆମେ କିଛି ଜାଣିପାରୁ ନାହୁଁ । ଶ୍ରୋତାମାନଙ୍କର ଉତ୍କଣ୍ଠା ବଢ଼ିଲା ।

ପୂର୍ବେ କେତେ ବର୍ଷ ଆକାଶବାଣୀରୁ ବର୍ଣ୍ଣନା କରାଯାଉଥିଲା କେଉଁ ବିଶିଷ୍ଟ ଲୋକେ ପହଣ୍ଡି ଦେଖିବା ପାଇଁ ଆସିଛନ୍ତି । ସେମାନଙ୍କ ନାମ ଥରକୁ ଥର ଘୋଷଣା କରାଯାଉଥିଲା । ସେମାନେ ପହଣ୍ଡି ଦେଖିବା ପାଇଁ ବହୁ ସମୟ ଅପେକ୍ଷା କରି ବସିଲେଣି । ଆମର ପରମ୍ପରାରେ ନିର୍ଦ୍ଦେଶ ଅଛି, ଯେତେ ବିଶିଷ୍ଟ ଲୋକ, ବୟୋଜ୍ୟେଷ୍ଠ ଲୋକ ହେଲେ ମଧ୍ୟ ମନ୍ଦିର ମଧ୍ୟରେ ତାଙ୍କୁ ନମସ୍କାର କରାଯାଏ ନାହିଁ । ମହାପ୍ରଭୁଙ୍କ ମନ୍ଦିରରେ ଏକା ମହାପ୍ରଭୁ ହିଁ ନମସ୍ୟ । ଲୋକଙ୍କ ମଧ୍ୟରେ ସାନ ବଡ଼ ଭେଦ ନାହିଁ । ପୂର୍ବରୁ କେତେ ବର୍ଷ ବିବରଣୀରେ ଏ ସଂସ୍କୃତିର ବିଗ୍ରହ ନ ଥିଲା । ଏ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି । କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ନାମ ଘୋଷିତ ହୋଇ ନାହିଁ । ଆକାଶବାଣୀର ବିବରଣୀ ଏଥିରୁ ମୁକ୍ତ ହୋଇ ପାରିଛି । ପାରମ୍ପରିକ ସଂସ୍କୃତି ପ୍ରକଟିତ ହୋଇଛି ।

ଧାରା ବିବରଣୀରେ ଥିଲା ଆଉ ଦୁଇଟି ବିଷୟ । ପ୍ରଚଣ୍ଡ ସୂର୍ଯ୍ୟ ଆଉ ଅସହ୍ୟ ଯାତନା । ସାରାଦିନ ଭୀଷଣ ସୂର୍ଯ୍ୟତାପ । ଆକାଶରେ ଖଣ୍ଡେ ବାଦଲ ଉଡ଼ି ଯାଉଛି । ବୃଷ୍ଟିର ସଞ୍ଚାର ନାହିଁ । ପ୍ରଚଣ୍ଡ ଗ୍ରୀଷ୍ମର ଅବସାନ ନାହିଁ । ଲୋକେ କଲବଲ ହୋଇ ଯାଉଛନ୍ତି । ଠାଏ ଠାଏ ଅଚେତ ହୋଇ ପଡ଼ି ଯାଉଛନ୍ତି । ସ୍ୱେଚ୍ଛାସେବକମାନେ ସହାୟତା କରୁଛନ୍ତି । ଅଚେତ ହୋଇ ପଡ଼ିଲେ ଯାତ୍ରୀଙ୍କୁ ଡାକ୍ତରଖାନା ନେଇ ଯାଉଛନ୍ତି । ଜନଗହଳରେ ଏସବୁ କିଛି ବିଚିତ୍ର ନୁହେ । ପ୍ରଚଣ୍ଡ ସୂର୍ଯ୍ୟ । ସେଥିରେ ମଣିଷର ଉପାୟ ନାହିଁ । ମାତ୍ର ବଡ଼ଦାଣ୍ଡରେ ପାଣିର ଉତ୍କଟ ଅଭାବ । ପାଞ୍ଚ ଲକ୍ଷ ଲୋକ ଆସିବେ । ମାତ୍ର ସେଥିପାଇଁ ପାଣିର ବ୍ୟବସ୍ଥା ହୋଇପାରି ନ ଥିଲା । ପ୍ରତିବର୍ଷ ଏ ଅବ୍ୟବସ୍ଥା । ଏଥିରୁ କ'ଣ ନିସ୍ତାର ନାହିଁ ?

ଖାଲି ବଡ଼ଦାଣ୍ଡରେ ନୁହେ, ସମଗ୍ର ପୁରୀ ସହରରେ ପାଣି

Digitized by srujanika@gmail.com

ମିଳିବା କଷ୍ଟକର ହେଲା । ଦୋକାନମାନଙ୍କରେ ଖାଦ୍ୟପଦାର୍ଥର ଅଭାବ । ପାଣିପିଇ ଜଳ ଦୁଷ୍ପ୍ରାପ୍ୟ । ମନ୍ଦିର ମଧ୍ୟରେ ପ୍ରବେଶ ଦୁଃସାଧ୍ୟ । ପହଣ୍ଡି ବିଜେ କରିବାରେ ଅକାରଣ ବିଳମ୍ବ । ଯାତ୍ରୀମାନଙ୍କର ରହିବାର ସୁବିଧା ନାହିଁ । ମଳମୂତ୍ର ତ୍ୟାଗ ଲାଗି ବ୍ୟବସ୍ଥା ନାହିଁ । କୌଣସିମତେ ମହାପ୍ରଭୁଙ୍କ ଦର୍ଶନ ମିଳିଗଲେ, ରଥ ଦଉଡ଼ି ସ୍ପର୍ଶ କରି ଦେଲେ, ଏ ପୁଣ୍ୟକ୍ଷେତ୍ର ଛାଡ଼ି ବାହାରିଯିବେ । ଏ ଯାତ୍ରୀମାନେ ପ୍ରଚାର କରିବେ—ଶ୍ରୀଧାମକୁ ନମସ୍କାର । ପୁଣ୍ୟ ଅର୍ଜନ ପଛକେ ନ ହେଲା, ସେ ଆଡ଼କୁ ଆଉ ମନ କରି ନାହିଁ ।

ଆକାଶବାଣୀରେ କୁହା ଯାଉଥାଏ—ମନ୍ଦିର ଭିତରେ କଅଣ ହେଉଛି ଜଣାଯାଉ ନାହିଁ । କେହି ଜାଣିଲେ ନାହିଁ । ବେଳ ଗଡ଼ିଲା ବେଳକୁ ପହଣ୍ଡି ଆରମ୍ଭ ହେଲା । ଅଗଣିତ ଜନତା ମଧ୍ୟରେ ଖେଳିଗଲା ଉଲ୍ଲାସର ଢେଉ । ଆଶାର ସଞ୍ଚାର ହେଲା । ରଥ ଚଳିବ । ପହଣ୍ଡି ଶେଷ ହେଲାବେଳକୁ ସୂର୍ଯ୍ୟାସ୍ତ ନିକଟ ହୋଇ ଆସିଲାଣି ।

ତା'ପରେ ହେବ ଛେରାପହଁରା । କାଞ୍ଚି ବିଜୟର ଯେଉଁ କାହାଣୀ ଆବେଗମୟୀ ଭାଷାରେ ଆକାଶବାଣୀ ବିବରଣୀରେ ପ୍ରଚାରିତ ହେଉଥିଲା, ସେଇ ସଂସ୍କୃତିର ଏକ ଜୀବନ୍ତ ଅଭିନୟ ଏ ଛେରାପହଁରା । ଦେଖିବା ପାଇଁ ସମସ୍ତେ ଉଦ୍‌ଗ୍ରୀବ । ଆକାଶବାଣୀରୁ ଶୁଣାଗଲା—ରାଜା ଆସିବାରେ କାହିଁକି ବିଳମ୍ବ ହେଉଛି ଜଣାଯାଉ ନାହିଁ । ମୁଦିରଥ ମହାପ୍ରସାଦ ଏବଂ ଫୁଲମାଳ ସହିତ ଖୀରୋଦ୍ର ଯୋଡ଼ ଧରି ରାଜବାଟୀକୁ ଯାଇ ଗଜପତି ମହାରାଜାଙ୍କୁ ଅଭିବାଦନ କରି ଛେରାପହଁରାକୁ ବିଜେ କରିବା ପାଇଁ ଅନୁରୋଧ ଜଣାନ୍ତି । ଶୁଣାଗଲା, ଏଥର ଜଣେ ସରକାରୀ କର୍ମଚାରୀ ଗଲେ ଠାକୁର ରାଜାଙ୍କୁ ନିମନ୍ତ୍ରଣ କରିବା ପାଇଁ । ରାଜା ଆସିବେ କାହିଁକି ? ଏ ବିଭ୍ରାଟ କାହିଁକି ? ଭାଗ୍ୟର କଥା, ତା'ପରେ ବିଧି ଅନୁଯାୟୀ ସକଳ କର୍ମ ସମାହିତ ହେଲା । ଠାକୁର ରାଜା ଆସିଲେ । ଛେରାପହଁରା ସମାହିତ ହେଲା ।

ସେତେବେଳକୁ ପ୍ରାୟ ସୂର୍ଯ୍ୟାସ୍ତ । ସୂର୍ଯ୍ୟାସ୍ତ ପରେ ରଥ ଚଳେ ନାହିଁ । ତେଣୁ ଚଳିଲା ନାହିଁ । ଅଗଣିତ ଲୋକଙ୍କ ମଧ୍ୟରେ ଗଭୀର

Digitized by srujanika@gmail.com

ଅସନ୍ତୋଷ । ଶ୍ରୀଗୁଣ୍ଡିଚାରେ ରଥ ଚଳା ହୋଇପାରିଲା ନାହିଁ । ଅବଶ୍ୟ କେହି ବିକ୍ଷୋଭ ପ୍ରଦର୍ଶନ କରିନାହାନ୍ତି । ଧର୍ମବିଶ୍ୱାସୀ ବହୁ ଲୋକ କହିଲେ—ଆମ ଭାଗ୍ୟରେ ନାହିଁ; ରଥ ଦଉଡ଼ି ଧରିବାର ପୁଣ୍ୟ ଆମକୁ ପ୍ରାପ୍ତ ହେବ କପରି ? ବହୁ ଲୋକ ଶ୍ରୀଧାମରୁ ଫେରିଗଲେ । ରଥଚଳା ଦେଖିବାରୁ ବଞ୍ଚିତ ହେଲେ ।

ମନେଅଛି, ଗୃହାବସ୍ଥାରେ ଉତ୍ତର ପ୍ରଦେଶରେ ଭ୍ରମଣ ଲାଗି ଗଲାବେଳେ, ଗାଡ଼ି ଭିତରେ ସହଯାତ୍ରୀମାନେ ପରିଚୟ ପଚାରନ୍ତି । କେଉଁଠାରୁ ଆସିଛ ବୋଲି ପ୍ରଶ୍ନ କରନ୍ତି । "କଟକ" ବୋଲି କହିଲେ ଆଶ୍ଚର୍ଯ୍ୟ ହୋଇ ଚାହାନ୍ତି । ଓଡ଼ିଶା ବୋଲି କହିଲେ, "ସେ କେଉଁଠାରେ" ବୋଲି ପଚାରନ୍ତି । ପୁରୁଷୋତ୍ତମ ପୁରୀ ବୋଲି କହିଲେ, ଆଳାପ କରନ୍ତି । ଶ୍ରୀକ୍ଷେତ୍ର ବିଷୟରେ ବହୁ କଥା ଜାଣିବାକୁ ଇଚ୍ଛା କରନ୍ତି । ପ୍ରାଚୀନ ଉତ୍କଳର ବହୁ ଗୌରବ ଗାଥା ଥାଉ ପଛକେ ଓଡ଼ିଶାକୁ ଭାରତରେ ସର୍ବତ୍ର ପରିଚିତ କରାଇଛି ଶ୍ରୀକ୍ଷେତ୍ର ପୁରୀ ।

ପର୍ଯ୍ୟଟନ ଆୟର ଏକ ବିଶିଷ୍ଟ ଉତ୍ସ । ଇଉରୋପ ମହାଦେଶରେ ଜଣ ପିଚ୍ଛା ଆୟ ହିସାବରେ ସୁଇଜରଲ୍ୟାଣ୍ଡର ସ୍ଥାନ ଅତି ଉଚ୍ଚରେ । ଏ ଦେଶର କେବେ ସାମ୍ରାଜ୍ୟ ନ ଥିଲା । ଏ ଦେଶ ଶିଳ୍ପ ସମୃଦ୍ଧିରେ ଉଚ୍ଚ ସ୍ଥାନ ଅଧିକାର କରି ନାହିଁ । ମାତ୍ର ବିଦେଶୀ ପର୍ଯ୍ୟଟକଙ୍କର ଆକର୍ଷଣୀୟ କ୍ଷେତ୍ର ହୋଇ ଏ ରାଜ୍ୟର ଉପାର୍ଜନ ବହୁ ଉଚ୍ଚକୁ ଉଠି ପାରିଛି । ଭାରତବର୍ଷରେ କାଶ୍ମୀର ରାଜ୍ୟ ବହୁ ପର୍ଯ୍ୟଟକଙ୍କୁ ଆକର୍ଷଣ କରି ପାରୁଛି । ସର୍ବତ୍ର ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଯୁଗ ଯୁଗ ଧରି ଯେଉଁ ଶ୍ରୀକ୍ଷେତ୍ର ତୀର୍ଥଧାମର କେନ୍ଦ୍ର ବୋଲି ବିବେଚିତ ହେଉଥିଲା, ଯେଉଁ ଧାମକୁ କେବଳ ଗୁଣ୍ଡିଚା ଉପଲକ୍ଷେ ରେଲ ଲାଇନ୍ ହେବା ପୂର୍ବରୁ ଚାରି ପାଞ୍ଚ ଲକ୍ଷ ଯାତ୍ରୀ ଆସୁଥିଲେ, ସେ ଧାମକୁ ପର୍ଯ୍ୟଟକ ଆକୃଷ୍ଟ ହେବେ ନାହିଁ କାହିଁକି ? ଏ ବର୍ଷ ପାଞ୍ଚ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ହୋଇଥିବେ ସ୍ଥାନୀୟ ବାସିନ୍ଦା ଏବଂ ଉତ୍କଳର ବିଭିନ୍ନ ସ୍ଥାନରୁ ଆଗତ ଭକ୍ତ ଓ ଦର୍ଶକ । ଶ୍ରୀଧାମକୁ ଆକର୍ଷଣୀୟ ହେବା ତ ଦୂରର କଥା, ନବ କଳେବର ସମାରୋହର ବିବରଣୀ ଲୋକ ମୁଖରେ

Digitized by srujanika@gmail.com

ପ୍ରତ୍ୟାହୃତ ହେବା ଫଳରେ ଆକୃଷ୍ଟ ହେବେ କିପରି ?

ଆହ୍ଲାବାଦ ସହରରେ ଲୋକ ସଂଖ୍ୟା ପାଞ୍ଚ ଲକ୍ଷ । ସେଠାରେ କୁମ୍ଭମେଳାରେ ଏକ କୋଟି ଲୋକଙ୍କ ପାଇଁ ସକଳ ବ୍ୟବସ୍ଥା ହୋଇ ପାରିଲା । ପୁରୀ ସହରର ଲୋକ ସଂଖ୍ୟା ୭୩ ହଜାର । ସେଠାରେ ଚାରି ପାଞ୍ଚ ଲକ୍ଷ ଲୋକଙ୍କର ତିନି ଚାରି ଦିନ ରହଣି ପାଇଁ ନିଶ୍ଚୟ ବ୍ୟବସ୍ଥା ହୋଇପାରନ୍ତା । ପୁରୀ ସହରରେ ଜଗନ୍ନାଥ ମନ୍ଦିର ସହିତ ଯୋଡ଼ ହୋଇ ରହିଛି ଏକ ଅପୂର୍ବ ବିସ୍ତୀର୍ଣ୍ଣ ବେଳାଭୂମି । ଗ୍ରୀଷ୍ମ ଆବାସ ହିସାବରେ ପୁରୀଧାମ ପ୍ରଶସ୍ତି ଲାଭ କରିଛି । ଏ ଧାମ ପର୍ଯ୍ୟଟକଙ୍କୁ ବର୍ଷସାରା ଆକର୍ଷଣ କରନ୍ତା । ଓଡ଼ିଶା ବାହାରୁ ଯଦି ପାଞ୍ଚ ଲକ୍ଷ ଲୋକ ଗୁଣ୍ଡିଚା ଲାଗି ଆସନ୍ତି, ତେବେ ସାରା ବର୍ଷରେ ପର୍ଯ୍ୟଟକଙ୍କ ସଂଖ୍ୟା ଅନ୍ୟୂନ ଆଠ ଲକ୍ଷ ହୋଇ ପାରିବ । ପ୍ରତ୍ୟେକ ଲୋକ ହାରାହାରି ଯଦି ମାତ୍ର ଶହେ ଟଙ୍କା ଖର୍ଚ୍ଚ କରନ୍ତି, ତେବେ ପୁରୀ ସହରରେ ପର୍ଯ୍ୟଟକଙ୍କଠାରୁ ଆୟ ହୋଇପାରିବ ଅନ୍ତତଃ ଆଠ କୋଟି । କେବଳ ମନ୍ଦିର ସେବା ନୁହେଁ, ଦୋକାନି, ବ୍ୟବସାୟୀ, ଡାକ୍ତର, କବିରାଜ, ଯାନବାହନ, କ୍ଷୁଦ୍ର ଶିଳ୍ପପ୍ରତିଷ୍ଠାନ—ସମସ୍ତଙ୍କର ଆର୍ଥିକ ଉନ୍ନତି ସାଧିତ ହୋଇ ପାରିବ । ଜଗନ୍ନାଥ କେବଳ ଆରାଧ୍ୟ ଦେବତା ନୁହନ୍ତି, ଶ୍ରୀମନ୍ଦିର ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ଲାଗି ଏକ ବିସ୍ମୃତ ଅନୁଷ୍ଠାନ । ଏ ଅନୁଷ୍ଠାନର ବିନିଯୋଗ କରି ନ ପାରିବା ଆମର ଅଯୋଗ୍ୟତା ।

ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ବରାବର କହୁଥିଲେ ପର୍ଯ୍ୟଟକମାନେ ଆମର ସମ୍ମାନନୀୟ ଅତିଥି । ଏ ଉକ୍ତି ଖାଲି ବିଦେଶୀ ପର୍ଯ୍ୟଟକଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ସ୍ୱଦେଶର ପର୍ଯ୍ୟଟକଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଶ୍ରୀକ୍ଷେତ୍ର ବହୁକାଳ ଧରି ଅତିଥେୟତାରେ ସୁଖ୍ୟାତି ଅର୍ଜନ କରିଥିଲା । ସେ ନିର୍ମଳିତ ହୋଇଯିବ କାହିଁକି ? ସୁଖ ସମ୍ଭୋଗ ତ ଦୂରର କଥା, ପିଇବା ପାଇଁ ପାଣି ଯେବେ ନ ମିଳେ, ଖାଇବା ପାଇଁ ଖାଦ୍ୟ ଯେବେ ନ ମିଳେ, ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥଳ ଯେବେ ନ ମିଳେ ଏବଂ ଏ ସକଳ ଅଭାବ ଅସୁବିଧା ସତ୍ତ୍ୱେ ମହାପ୍ରଭୁଙ୍କର ଦର୍ଶନ ମିଳିବା

Digitized by srujanika@gmail.com

ଯେବେ କଷ୍ଟସାଧ୍ୟ ହୁଏ, ତେବେ ପୁରୀଧାମକୁ ପର୍ଯ୍ୟଟକ ଆକୃଷ୍ଟ ହେବେ କିପରି ? ଶ୍ରୀଗୁଣ୍ଡିଚାକୁ ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ବୋଲି ଶିରୋନାମା ଦେଇ ବାରମ୍ବାର ସମ୍ବାଦପତ୍ରରେ ପ୍ରକାଶ କଲେ କଣ ଲୋକ ମାଡ଼ିଆସିବେ ? ଜଗନ୍ନାଥ ସଂସ୍କୃତିର ଉତ୍କର୍ଷ ସମ୍ବନ୍ଧରେ ଖାଲି ବକ୍ତୃତା ବା ଭାଷଣ ପରିବେଷଣ କରି ନାନା ଅପକର୍ମ ଦ୍ୱାରା ସେ ସଂସ୍କୃତିର ବିରୁଦ୍ଧାଚରଣ କଲେ ତା'ର କି ପରିଣତି ହେବ ?

ପଣ୍ଡିତ ଗୋପବନ୍ଧୁ ଭାବବିହ୍ୱଳ ହୋଇ ଲେଖିଥିଲେ :—

"ଭାରତ ସରସେ ଉତ୍କଳ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।"

ସେ କହୁଥିଲେ—ଆମ ଠାକୁରେ ବଡ଼ ଠାକୁର, ଆମ ଦେଉଳ ବଡ଼ ଦେଉଳ, ଅମ ଦାଣ୍ଡ ବଡ଼ଦାଣ୍ଡ । ଆମେ ଏ ସବୁ ଶୁକପକ୍ଷୀ ପରି ପାରାୟଣ କଲେ, କ'ଣ ତା'ର ଦାୟାଦ ହୋଇ ପାରିବା ? ଆମର ଯେବେ ବଡ଼ ହେବାର ପ୍ରୟାସ ନାହିଁ, ଆଗ୍ରହ ନାହିଁ କି ଅଭିଳାଷ ନାହିଁ, ତେବେ କେଉଁଠାରୁ କେହି ଅଜ୍ଞାତରେ ଉଡ଼ିଆସି ଆମକୁ ଟେକି ଧରି ବଡ଼ କରି ଦେଇ ପାରିବ ନାହିଁ । "ଆମର ଥିଲା"—ଏଇ ରୋଦନ ସାର ହୋଇ ରହିଥିବ ।

●

(୧୯୭୮—'ସମାଜ'—ଗୋପବନ୍ଧୁ ସଂଖ୍ୟା)

Digitized by srujanika@gmail.com

କଟକ ଲେଭଲ୍ କ୍ରସିଂ

କଟକ ଗୋଟିଏ ସହର । ଅବଶ୍ୟ ବାହାରୁ କେହି ଆସିଲେ ଏହାକୁ ସହର ବୋଲି କହିବେ ନାହିଁ । ପୌର ସେବା ପାଇଁ ଯେଉଁଭଳି ବ୍ୟବସ୍ଥା ଏବଂ ସୌଷ୍ଠବ ଥିଲେ, କୌଣସି ଜନପଦକୁ ସହର ଆଖ୍ୟା ଦିଆଯାଏ, ସେସବୁ ବ୍ୟବସ୍ଥା କଟକରେ ନାହିଁ । ତଥାପି କଟକ ଗୋଟିଏ ସହର । ବିଦେଶରୁ କିମ୍ବା ଅନ୍ୟ ରାଜ୍ୟରୁ ଏଠାକୁ କ୍ୱଚିତ ଲୋକ ଆସନ୍ତି । ମାତ୍ର ଗାଁ ମଫସଲରୁ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏଠାରେ ପ୍ରତିଦିନ ବହୁ ଲୋକଙ୍କର ସମାଗମ ହୁଏ । ନଳାନର୍ଦ୍ଦମା, ମଇଳା ଆବର୍ଜନା ଏବଂ ମଳମୂତ୍ର ତ୍ୟାଗ ପାଇଁ ଅବାଧ ଓ ଅବାରିତ ଏ ସହରରେ ଯେଉଁଭଳି ପରିପୂର୍ଣ୍ଣ; ଏକବଳଦିଆ ଶଗଡ଼, ଦୁଇ ବଳଦିଆ ଶଗଡ଼, ହାତଟଣା ରିକ୍ସା, ସାଇକଲ ରିକ୍ସା, ମଣିଷବସା ରିକ୍ସା, ମାଲବୁହା ରିକ୍ସା, ଯାତ୍ରୀବାହୀ ବସ, ମାଲବାହୀ ଟ୍ରକ, ସରକାରୀ ବେସରକାରୀ ଜିପ୍, ସାଇକେଲ, ସ୍କୁଟର, କାର ଏବଂ ଟ୍ୟାକ୍ସି ପ୍ରଭୃତି ଯାନବାହନରେ ସେହିପରି ପରିପୂର୍ଣ୍ଣ । ଏସବୁ ଯାନବାହନ ଯେ-କୌଣସି ସ୍ଥାନରେ, ଯେକୌଣସି ସମୟରେ, ଯେତେ ଇଚ୍ଛା ସେତେ କାଳ ଠିଆ ହେବାର ସ୍ୱାଧୀନତା ଏ ସହରରେ ଅକ୍ଷୁଣ୍ଣ । ତଥାପି ଏସବୁ ଯାନ ଯିବା ଆସିବା କରନ୍ତି । ଦୁଇ ତିନି ଘଣ୍ଟା ଧରି ରାସ୍ତା ମଝିରେ ଠିଆ ହୋଇ ପାରନ୍ତି । ରାସ୍ତାରେ ଘଟଣା-ଅଘଟଣ ମଧ୍ୟ ଘଟନ୍ତି ।

କଟକ ଗୋଟିଏ ସହର । ରେଲ ଲାଇନର ଦୁଇ ପାଖରେ ଏ ସହର ଲମ୍ବିଛି । କଟକ ସହରରୁ ବାହାରିଲେ ନଦୀ ପାର ନ ହେଲେ ଉତ୍ତର, ଦକ୍ଷିଣ କିମ୍ବା ପଶ୍ଚିମ ଦିଗକୁ ଯାଇ ହେବ ନାହିଁ । ମାତ୍ର ରେଲ ଲାଇନ ଅତିକ୍ରମ ନ କଲେ କୌଣସି ଦିଗକୁ ଯାଇ ହେବ ନାହିଁ । ରେଲ ଲାଇନ କଟକ ସହରର ଭୂଷଣ ନ ହେଲେ ମଧ୍ୟ ଏକ ବିଶିଷ୍ଟ ଅଙ୍ଗ ।

କଲିକତା ଏବଂ ଓ୍ୱାଲ୍‌ଟେୟାର ମଧ୍ୟରେ ଯେତେ ରେଲ ଷ୍ଟେସନ

Digitized by srujanika@gmail.com

ଅଛି, ସେମାନଙ୍କ ମଧ୍ୟରେ କଟକ ଷ୍ଟେସନରୁ ଦକ୍ଷିଣ ପୂର୍ବ ରେଲପଥର ସବୁଠାରୁ ଅଧିକ ଆୟ ହୁଏ । ଅଥଚ କଟକ ଷ୍ଟେସନରେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବାପାଇଁ ଗୋଟିଏ ଓଭରବ୍ରିଜ୍ କରିବା ଲାଗି ବର୍ଷ ବର୍ଷ ଧରି ଆନ୍ଦୋଳନ କରିବାକୁ ହେଲା । କଟକ ପ୍ଲାଟଫର୍ମ ଲାଇନ ସାଙ୍ଗରେ ପ୍ରାୟ ସମତୁଲ । ରେଲଗାଡ଼ି ଭିତରକୁ ଉଠିବା ପାଇଁ ବା ତହିଁରୁ ଓହ୍ଲାଇବା ପାଇଁ ଗାଡ଼ିଗୁଡ଼ିକରେ ତିନୋଟି ପାହାଚ କାହିଁକି ଖଞ୍ଜାଯାଇଛି, ସେ କଥା ବୁଝିବା ପାଇଁ କଟକ ପ୍ଲାଟଫର୍ମ ଦେଖିବା ଆବଶ୍ୟକ ହୁଏ । କଲିକତାରୁ ଓ୍ୱାଲ୍‌ଟେୟାର ମଧ୍ୟରେ ଅଧିକ ଗାଡ଼ି ପ୍ରଚଳନ ପାଇଁ ରେଲ୍‌ଲାଇନ ଦୋହରି କରାଗଲେ କଟକ ଷ୍ଟେସନକୁ ବାଦ ଦେଇ ଦ୍ୱିତୀୟ ଲାଇନଟିକୁ ନରାଜ ବାଟେ ବୁଲାଇ ନିଆଯାଏ । ସେ ବାଟରେ ଜଗନ୍ନାଥ ଏକ୍‌ସପ୍ରେସକୁ ବୁଲାଇ ନେବାରେ କୌଣସି ଯାତ୍ରୀ ନ ହେବାରୁ ପୁଣି କଟକ ବାଟେ ନେବା ଆବଶ୍ୟକ ହୁଏ । ଯେତେ ଅବହେଳିତ ହେଲେ ମଧ୍ୟ କଟକ ଗୋଟିଏ ସହର ।

କଟକ ସହରକୁ ରେଲ ଲାଇନ ଆସିଲା ୧୯୦୦ ମସିହାରେ ଅବଶ୍ୟ ଅନିବାର୍ଯ୍ୟ କାରଣରୁ । କଟକ ବା ଓଡ଼ିଶାର ସୁବିଧା ଲାଗି ନୁହେ । କିଛି ବର୍ଷ ପରେ ଷ୍ଟେସନରୁ ଅଳ୍ପ ଦୂରରେ ସ୍ଥାପିତ ହେଲା ମାଲଗୋଦାମ । କଟକରୁ ନଦୀପଥରେ ଏବଂ ସଡ଼କ ପଥରେ ବହୁ ଅଭ୍ୟନ୍ତର ଅଞ୍ଚଳ ସହିତ ଯୋଗାଯୋଗ ଚାଲି ଆସିଛି ଏବଂ ବୃଦ୍ଧି ପାଉଛି । କଟକ ବାହାରୁ ଏବଂ ଦୂରଦୂରାନ୍ତରୁ ବହୁ ଜିନିଷ କଟକ ବାଟେ ରାଜ୍ୟର ଅଭ୍ୟନ୍ତରରେ ପ୍ରବେଶ କରେ ଏବଂ ସେସବୁ ଅଞ୍ଚଳରୁ ନାନା କୃଷିଜାତ ଏବଂ ବନଜାତ ପଦାର୍ଥ ଏହି ସହର ବାଟେ ବାହାରକୁ ପ୍ରେରିତ ହୁଏ । ମାଲଗୋଦାମ ହୋଇଛି ବ୍ୟବସାୟ ଏବଂ କାରବାର ଲାଗି ବିଶିଷ୍ଟ କେନ୍ଦ୍ର ।

ଏହି ମାଲଗୋଦାମ ପାଖରେ ସବୁବେଳେ ଭିଡ଼ । ସବୁ ପ୍ରକାର ଯାନବାହନ ଏଇଠାରେ ଠୁଳ । ମାଲଗୋଦାମକୁ ଯାଇଛି ଖଣ୍ଡିଏ ରେଲ ଲାଇନ । ମାଲଗାଡ଼ିରେ ଜିନିଷ ଆସେ, ଜିନିଷ ଯାଏ । ଏ ଗାଡ଼ିର ଡବା ସବୁ ମାଲଗୋଦାମ ଭିତରକୁ ଠେଲିକରି ପଠାଯାଏ ।

Digitized by srujanika@gmail.com

ଖାଲି ଡବା କମ୍ପା ବୋଝେଇ ଡବା ପୁଣି ଷ୍ଟେସନକୁ ଅଣାଯାଏ । ଦିନ ରାତି ସବୁବେଳେ ଲାଗିଥାଏ ଡବା ଯିବା ଆସିବା ଶଣ୍ଟିଂ । ଏଇଠାରେ ଲେଭଲ କ୍ରସିଂ । ଏଇ କ୍ରସିଂ ପାର ନ ହେଲେ କଟକରୁ ବାହାର ହେବ ନାହିଁ; କଟକରେ ପଶି ହେବ ନାହିଁ । ସବୁବେଳେ ଏଇ କ୍ରସିଂ ଫାଟକ ଦୁଇ ପାଖରେ ଯାବତୀୟ ପ୍ରକାର ଗାଡ଼ି ଜମା ହୋଇଥିବ । ଦିନ ରାତି ଏ ଗୋଟାଏ ଅଦ୍ଭୁତ ଦୃଶ୍ୟ । ଫାଟକ ବନ୍ଦ । ସମସ୍ତେ ନିରୂପାୟ । କେତେବେଳେ ଫାଟକ ଠିକଏ ଖୋଲିଯିବ । ସମସ୍ତେ ବ୍ୟଗ୍ର । ସମସ୍ତେ ବ୍ୟାକୁଳ । ସମସ୍ତେ ମାଡ଼ି ପଶିଯିବେ ।

କଟକ ଷ୍ଟେସନ ବାଟରେ ମେଲ୍, ଏକ୍ସପ୍ରେସ୍, ପାସେଞ୍ଜର ହୋଇ ଚଉଦ ଗୋଟି ଗାଡ଼ି ଉତ୍ତରକୁ ଯାଏ । ଚଉଦ ଗୋଟି ଦକ୍ଷିଣକୁ । ଏପରି ଅଠେଇଶଟି ଯାତ୍ରୀ ଗାଡ଼ି । ଲୁହାପଥର ବୋଝେଇ କରି ତିନୋଟି ମାଲଗାଡ଼ି ପାରାଦୀପ ଯାଏ, ତିନୋଟି ଖାଲି ଗାଡ଼ି ଫେରି ଆସେ । ଅଧିକ ବେଶି ମାଲଗାଡ଼ି ପାରାଦୀପ ଯିବାଆସିବା କରନ୍ତା । ହାଳଦିଆ ବାଟେ ଲୁହାପଥର ଅଉ ବଣାଖାପାଟଣା ବାଟେ ମାଙ୍ଗାନିଜ ପଠାଯାଉ ଥିବାରୁ ପାରାଦୀପକୁ ଅଧିକ ମାଲଗାଡ଼ି ଯାଉ ନାହିଁ । ସିଧାସଳଖ ଯାଉଥିବା ମାଲଗାଡ଼ି ମଧ୍ୟରୁ ଅନେକ ମାଲଗାଡ଼ି ନରାଜ ବାଟେ ଯାଉଥିବାରୁ କଟକ ବାଟେ ଦୁଇ ତିନୋଟି ମାଲଗାଡ଼ି ଯା'ଆସ କରୁଛି । କଟକ ବାଟେ ଦୈନିକ ଯିବାଆସିବା କରୁଥିବା ଗାଡ଼ିର ସଂଖ୍ୟା ହେଲା ଅଠତିରିଶ ।

ଲେଭଲ କ୍ରସିଂ ଫାଟକ ପାଖରେ ନୋଟିସ ଲେଖାଯାଇଛି— କୌଣସି ସମୟରେ ଫାଟକ ପନ୍ଦର ମିନିଟରୁ ଅଧିକ ସମୟ ବନ୍ଦ ହେବ ନାହିଁ । କେତେବେଳେ କମ ହୁଏ, କେତେବେଳ ବେଶି ମଧ୍ୟ ହୁଏ । ହାରାହାରି ଯେବେ ପନ୍ଦର ମିନିଟ ହୁଏ, ତେବେ ଅଠତିରିଶଟି ଗାଡ଼ି ପାଇଁ ଦିନ ଭିତରେ ସାଢ଼େ ନଅଘଣ୍ଟା ଫାଟକ ବନ୍ଦ ରହିବ । ଏସବୁ ସାଙ୍ଗକୁ ଅଛି ମାଲଗୋଦାମ ଭିତରକୁ ମାଲ୍‌ଡବା ଶଣ୍ଟିଂ । ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଗୋଟିଏ ଗୋଟିଏ ଡବା ନେଇ ଇଞ୍ଜିନ ଯାଉଥିବ ଆସୁଥିବ । ଦୁଇପଟେ ଗାଡ଼ି ସବୁ କଲବଲ ହୋଇ

Digitized by srujanika@gmail.com

ଚାହିଁ ଥିବେ । ସଟିଂରେ ଯେବେ ପାଞ୍ଚ ଛଅ ଘଣ୍ଟା ଫାଟକ ବନ୍ଦ ରହେ, ତେବେ ଦିନ ରାତି ଚବିଶ ଘଣ୍ଟା ମଧ୍ୟରୁ ଚଉଦ ପନ୍ଦର ଘଣ୍ଟା ଫାଟକ ବନ୍ଦ ରହୁଛି । ରାତିଅଧରୁ ପାହାନ୍ତା ପର୍ଯ୍ୟନ୍ତ ଶଣ୍ଟିଂ ହୁଏ ନାହିଁ କି ଯାନବାହନ ବିଶେଷ ଯାତାୟାତ କରନ୍ତି ନାହିଁ । ଏଥିପାଇଁ ପ୍ରାୟ ଚାରିଘଣ୍ଟା ବାଦ ଦେଲେ, ଯେଉଁ ସମୟରେ ଯାନବାହନ ଯିବ ଆସିବା କରନ୍ତି, ସେଇ କୋଡ଼ିଏ ଘଣ୍ଟା ମଧ୍ୟରୁ ଫାଟକ ବନ୍ଦ ରହେ ପ୍ରାୟ ଚଉଦ ଘଣ୍ଟା । ଯେଉଁ ଅଳ୍ପ କିଛି ସମୟ ମଝିରେ ମଝିରେ ଫାଟକ ଖୋଲେ, ସେଥିରେ ଧସାଧସି ହୋଇ ଗାଡ଼ି ସବୁ ଏପଟସେପଟ ହୁଅନ୍ତି ।

ଲେଭଲ କ୍ରସିଂ କଟକ ସହର ପାଇଁ କିଭଳି ଅବସ୍ଥା ସୃଷ୍ଟି କରୁଛି, ତାହା କର୍ତ୍ତାମାନେ ବୁଝି ନ ପାରିବା ଅତି ବିସ୍ମୟର କଥା କିମ୍ବା ଅବହେଳାର ଚୂଡ଼ାନ୍ତ ନିଦର୍ଶନ । ଗତ ବର୍ଷ ଦକ୍ଷିଣ-ପୂର୍ବ ରେଲ ସଂସ୍ଥାର ଜେନେରାଲ ମ୍ୟାନେଜର ଶ୍ରୀ ମେଟେଞ୍ଜିସ କଟକ ଆସିଥିଲେ । ତାଙ୍କୁ କଟକ ବ୍ୟବସାୟୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ଶ୍ରୀ ମେଟେଞ୍ଜିସ ପ୍ରାୟ ଅଧଘଣ୍ଟାଏ ବିଳମ୍ବରେ ଆସି ପହଞ୍ଚିଲେ । ଦୁଃଖ ପ୍ରକାଶ କରି କହିଲେ ଯେ ଲେଭଲ କ୍ରସିଂ ଅନ୍ୟ ପଟରେ ସେ ଏତେ ସମୟ ପଡ଼ି ରହିଗଲେ । ଜଣେ ନିମନ୍ତ୍ରିତ ବ୍ୟକ୍ତି କହିଲେ, ଆମ୍ଭେମାନେ ଆପଣଙ୍କର ଏ ଦୁର୍ଦ୍ଦଶା ଶୁଣି ଆନନ୍ଦିତ ହେଲୁ । ଯେଉଁ ଦୁର୍ଦ୍ଦଶା ଆମେ ପ୍ରତିଦିନ ବହୁବାର ଭୋଗ କରୁଛୁ, ଆପଣ ଥରେ ହେଲେ ତାହାର ଆସ୍ୱାଦନ କଲେ । କିନ୍ତୁ ପ୍ରତ୍ୟୁତ୍ତର ମିଳିଲା ନାହିଁ । କଥା ଖାଲି ରହସ୍ୟରେ ହିଁ ଆବଦ୍ଧ ହୋଇ ରହିଗଲା ।

ଲେଭଲ କ୍ରସିଂ ଉପରେ ପୋଲ ହୋଇ ରାସ୍ତା ତିଆରି ହେବ ବୋଲି ଅନ୍ତତଃ ପଚିଶ ବର୍ଷ ହେଲା ବିଚାର ହେଲାଣି । ସମ୍ବାଦପତ୍ର-ମାନଙ୍କରେ ଯେତେ ବିବୃତି, ବିବରଣୀ, ଯୋଜନା, କଳ୍ପନା, ଅଭିଭାଷଣ, ଉଦ୍‌ବୋଧନ ପ୍ରକାଶ ପାଇଛି ଏବଂ ସେଥିସଙ୍ଗେ ଯେତେ ମହାମୁଦ୍ରା, ଧେନୁମୁଦ୍ରା ପ୍ରଭୃତି ପ୍ରକଟିତ ହୋଇଛି, ସେସବୁ ସଂଗ୍ରହ କଲେ ଦେଶରେ ଯୋଜନାର ଏକ ନିଖୁଣ ପ୍ରତିବିମ୍ବ ପ୍ରତିଫଳିତ ହେବ ।

Digitized by srujanika@gmail.com

ବେଳେ ବେଳେ ବନ୍ଧୁତ ଦେଖିବାକୁ ମିଳିବ, ସରକାର କଟକ ଓଭର ବ୍ରିଜ ବିଷୟ ତଦନ୍ତ କରି ଦେଖୁଛନ୍ତି । ତା'ର କିଛି ବର୍ଷ ପରେ ସମ୍ବାଦପତ୍ରରେ ପ୍ରକାଶ ପାଇବ, ଦୁଇ ତିନି ବର୍ଷ ମଧ୍ୟରେ ଏ ବ୍ରିଜ ସମ୍ପୂର୍ଣ୍ଣ ହୋଇଯିବ । ତା' ପରେ ସ୍ଥାନ ନିର୍ବାଚନ ଚାଲିଛି, ତା'ର କିଛି ବର୍ଷ ପରେ—ସରକାର ଜମି ଦେଇପାରୁ ନାହାନ୍ତି । କିଛିକାଳ ପରେ ଉପଯୁକ୍ତ ସ୍ଥାନ ପାଇଁ ସର୍ବେକ୍ଷଣ ଚାଲିଛି । ତା'ର କିଛି ବର୍ଷ ପରେ ବିଜ୍ଞପ୍ତି ପ୍ରକାଶ ପାଇବ—ଏଥିରେ ବହୁ ଅର୍ଥ ବ୍ୟୟିତ ହେବ, ତେଣୁ ନିକଟରେ ହୋଇ ପାରିବ ନାହିଁ । ଅବଶ୍ୟ ବିନା ଅର୍ଥ ବ୍ୟୟରେ ଓଭର ବ୍ରିଜ ନିର୍ମାଣର ଦୃଷ୍ଟାନ୍ତ କୌଣସିଠାରେ ଦେଖାଯାଇ ନାହିଁ ।

ଭାରତରେ, ବିଭିନ୍ନ ରାଜ୍ୟରେ କେତେ ନୂଆ ରେଲ ଲାଇନ ତିଆରି କରାଗଲା । କିନ୍ତୁ କଟକରୁ ପାରାଦୀପ ପର୍ଯ୍ୟନ୍ତ ମାତ୍ର ନବେ କିଲୋମିଟର ଲାଇନ ପାଇଁ ବର୍ଷ ବର୍ଷ ଧରି ଆବେଦନ, ନିବେଦନ କରିବାକୁ ପଡ଼ିଲା । କେତେ ମିଟର ଗେଜ ଲାଇନ, ସଂକୀର୍ଣ୍ଣ ଗେଜ ଲାଇନ ପ୍ରଶସ୍ତ ଗେଜରେ ପରିଣତ ହୋଇଗଲା । ଓଡ଼ିଶା ଭିତରେ ଏ ସବୁର ନାମ ଗନ୍ଧ ମଧ୍ୟ ମିଳିଲା ନାହିଁ । ୧୯୭୭ ମସିହା ଅକ୍ଟୋବର ପହିଲା ଦିନ ଭାରତବର୍ଷରେ ୫୫ ଗୋଟି ନୂଆ ଯାତ୍ରୀଗାଡ଼ିର ପ୍ରଚଳନ ହେଲା । ବିଧିରକ୍ଷା ପାଇଁ ଓଡ଼ିଶାରେ କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ମାତ୍ର ତିରିଶ କିଲୋମିଟର ରାସ୍ତାରେ ଖଣ୍ଡିଏ ଟ୍ରେନିଆ ଗାଡ଼ି ସେଥିରେ ଅନ୍ତର୍ଭୁକ୍ତ ହେଲା । ସେଥିରେ ପୁଣି କଟକ ସହରରେ ରେଲ ଲାଇନ ଉପରେ ବସିବ ଓଭର ବ୍ରିଜ ?

କଟକ ଗୋଟିଏ ସହର । ସହର ହୋଇ ରହିଥିବ । ଲୋକ ସଂଖ୍ୟା ମାଡ଼ିଥିବ । ଯାନବାହନ ବଢ଼ିଥିବ । ଲେଭଲ କ୍ରସିଂ ଦୁଇପଟେ ଗାଡ଼ି, ଶଗଡ଼, ରିକ୍ସା, ମଟର ଜମା ହେଉଥିବ । ଓଭର ବ୍ରିଜ ତିଆରି ହେବ ନାହିଁ । ନିକଟଭବିଷ୍ୟତରେ ହେବାର କୌଣସି ସମ୍ଭାବନା ନାହିଁ । ଦୂର ଭବିଷ୍ୟତରେ ମଧ୍ୟ ଆଶା କ୍ଷୀଣ । ଓଡ଼ିଶା ପରି ରାଜ୍ୟରେ କଟକ ପରି ସହର ଭାରତର ମାନଚିତ୍ରରେ ଦିଲ୍ଲୀରେ ଦୃଷ୍ଟି-

Digitized by srujanika@gmail.com

ଗୋଚର ହେବ ନାହିଁ । ଓଡ଼ିଶା ରାଜ୍ୟରେ ପ୍ରଭାବିତ ଜଡ଼ତାର ଅବସାନ ହେବ ନାହିଁ । କଟକ ସହରରେ ଦୁର୍ଦ୍ଦଶାର ଅବସାନ ହେବ ନାହିଁ ।

●

(ଏ ଲେଖାଟି ୧୯୭୮ ମସିହା ଡିସେମ୍ବର ୧୦ ତାରିଖ 'ସମାଜ'ରେ ପ୍ରକାଶିତ ହୋଇଥିଲା । ପାଠକ ବନ୍ଧୁମାନଙ୍କର ମନକୁ ପାଇଥିଲା । ଶୁଣିଲି, ଉପର ମହଲରେ ଆଲୋଚିତ ହୋଇଥିଲା । ଛଅବର୍ଷ ପରେ ୧୯୮୪ ମସିହା ଅକ୍ଟୋବର ମାସରେ କଟକ ଓଭର ବ୍ରିଜ ନିର୍ମିତ ହେଲା ।)

Digitized by srujanika@gmail.com

ଲବଣ ଶିଳ୍ପ

କେନ୍ଦ୍ର ସରକାରଙ୍କର ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ଓଡ଼ିଶା ଆସିଥିଲେ । ମେ ମାସ ୨୩ ତାରିଖରେ (୧୯୭୪) ଭୁବନେଶ୍ୱରଠାରେ ଲବଣ ଶିଳ୍ପ ସମ୍ବନ୍ଧରେ ଏକ କମିଟିର ବୈଠକ ବସିଥିଲା । ସେଥିରେ ସେ ପୌରୋହିତ୍ୟ କରିଥିଲେ । ଲବଣ ଉଦ୍ୟୋଗୀ, ବ୍ୟବସାୟୀ, ସମବାୟ ସମିତି ଏବଂ ରାଜ୍ୟ କର୍ମଚାରୀମାନଙ୍କ ସହିତ ଆଲୋଚନା ହେଲା । ରାଷ୍ଟ୍ରମନ୍ତ୍ରୀ ମତ ପ୍ରକାଶ କଲେ ଯେ ଓଡ଼ିଶା ପରି ରାଜ୍ୟରେ ସମସ୍ତ ଓଡ଼ିଶାବାସୀଙ୍କ ଲାଗି ଓଡ଼ିଶା ଭିତରେ ଲବଣ ଉତ୍ପାଦନ ହେଉ ନ ଥିବା ଦୁଃଖର ବିଷୟ । ଓଡ଼ିଶାବାସୀଙ୍କର ବର୍ଷକୁ ଆବଶ୍ୟକ ଦୁଇ ଲକ୍ଷ ଟନ ଲୁଣ । କିନ୍ତୁ ଓଡ଼ିଶାରେ ପ୍ରସ୍ତୁତ ହୁଏ ମାତ୍ର ୭୬ ହଜାର ଟନ । ଆବଶ୍ୟକ ପରିମାଣର ମାତ୍ର ଏକତୃତୀୟାଂଶ ।

ଓଡ଼ିଶାର ଚାରିଗୋଟି ଜିଲା ସମୁଦ୍ର କୂଳରେ । ବାଲେଶ୍ୱର ଜିଲାଠାରୁ ଆରମ୍ଭ କରି କଟକ, ପୁରୀ, ଗଞ୍ଜାମ ପର୍ଯ୍ୟନ୍ତ ଲମ୍ବିଛି ଉପକୂଳ ଭୂମି । ସୁଦୀର୍ଘ, ପ୍ରଶସ୍ତ । ପାହାଡ଼ିଆ ନୁହେଁ; ନିମ୍ନଭୂମି । ସମୁଦ୍ରରୁ ଜୁଆର ଉଠେ । ଉପକୂଳ ଭିତରକୁ ପାଣି ମାଡ଼ିଆସେ । ହ୍ରଦ ବା ହୁଦା ହୋଇଥିଲେ ସେ ପାଣି ଅଟକି ରହେ । ଖରାରେ ସେ ପାଣି ଶୁଖିଯାଏ । ଲୁଣ ଜମିଯାଏ । ଅନେକ ସ୍ଥାନରେ ସମୁଦ୍ର ପାଣି ରନ୍ଧା ଯାଇ ପଙ୍ଗାଲୁଣ ମଧ୍ୟ ପ୍ରସ୍ତୁତ ହୁଏ । ବହୁକାଳରୁ ଓଡ଼ିଶାରେ ଲୁଣମରା ଥିଲା ଏକ ବିଶିଷ୍ଟ ଶିଳ୍ପ । ଓଡ଼ିଶା ଲୋକଙ୍କର ଗୁଜୁରାଣ ମେଣ୍ଟାଇ ସାରି ବହୁ ପରିମାଣରେ ଲୁଣ ବାହାରକୁ ରପ୍ତାନି କରାଯାଉଥିଲା । ବହୁ ଲୋକଙ୍କୁ ଏଥିରେ କାମ ମିଳୁଥିଲା । ଏ ଶିଳ୍ପ ବ୍ୟବସାୟରୁ ଉପାର୍ଜନ ଥିଲା ଓଡ଼ିଶାର ଏକ ପ୍ରଧାନ ସମ୍ବଳ ।

ଏବେ ମଧ୍ୟ ସମୁଦ୍ର ପାଣି ସେହିପରି ଲୁଣିଆ ଅଛି । ଜୁଆର ଉଠୁଛି । ପ୍ରଶସ୍ତ ଉପକୂଳ ଅଛି । ସେସବୁ ଅଞ୍ଚଳରେ ଜୁଆର ପାଣି ମାଡ଼ୁଛି । ସୂର୍ଯ୍ୟର ତାପ କ୍ଷୀଣ ହୋଇ ନାହିଁ । ମାତ୍ର ଆମେ ଅନ୍ୟ

Digitized by srujanika@gmail.com

ରାଜ୍ୟରୁ ଲୁଣ କିଣୁଛୁ । ଆମର ବେକାର ସଂଖ୍ୟା ବଢ଼ୁଛି । ଦରିଦ୍ରଙ୍କ ସଂଖ୍ୟା ବଢ଼ି ଚାଲିଛି । ବହୁକାଳରୁ ପ୍ରଚଳିତ ଏବଂ ପ୍ରତିଷ୍ଠିତ ଏ ଲବଣ ଶିଳ୍ପର ଅଧୋଗତି ହେଲା କିପରି ? ଏହାକୁ ପୁଣି ଗଢ଼ି ତୋଳିବା ପାଇଁ ଉଦ୍ୟମ ହେଲା ନାହିଁ କାହିଁକି ?

ବିଲାତର ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଜୟ କଲେ ୧୮୦୩ ମସିହାରେ । ସେହି ଦିନଠାରୁ ଚାଲିଲା ଲବଣ ଶିଳ୍ପର ଅଧୋଗତି । ପୂର୍ବେ ଜମି ସବୁ ଥିଲା ରାଜା ଜମିଦାରମାନଙ୍କର । ସମୁଦ୍ର କୂଳରେ ତାଙ୍କର ଜମିରେ ଲୁଣମରା ଯାଉଥିଲା । ସରକାରଙ୍କର କୌଣସି ଦାୟିତ୍ୱ ବା କର୍ତ୍ତୃତ୍ୱ ନ ଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଜୟ କରି ଲୁଣମରା ଶିଳ୍ପକୁ କମ୍ପାନୀର ଏକଚାଟିଆ ଉଦ୍ୟୋଗରେ ପରିଣତ କରି ଦେଲେ । ଲୋକଙ୍କର ଉଦ୍ୟମ, ଉପାର୍ଜନ ସଂକୁଚିତ ହୋଇଗଲା । ସିପାହୀ ବିଦ୍ରୋହ ପରେ ବିଲାତ ସରକାର ଭାରତ ଶାସନର ଦାୟିତ୍ୱ ନେଲା ପରେ କମ୍ପାନୀର ଏକାଧିକାର ଉଠାଇ ଦିଆଗଲା । ତା ପରିବର୍ତ୍ତେ ଲୁଣ ଉତ୍ପାଦନ ଉପରେ ଧାର୍ଯ୍ୟ କରାଗଲା ଉତ୍ପାଦନ ଶୁଳ୍କ । ସେତେବେଳେ ସରକାରଙ୍କର ଥିଲା ଦୁଇଟି ମୁଖ୍ୟ ଆୟ ପନ୍ଥା । ଭୂରାଜସ୍ୱ ଏବଂ ଲବଣ ଶିଳ୍ପ ! ଟିକସର ଆୟକୁ ଲକ୍ଷ୍ୟ ରଖି ଲବଣ ଶିଳ୍ପ ନିୟନ୍ତ୍ରଣ କରାଗଲା ।

ଉଇଲିଅମ୍ ହଣ୍ଟର ଓଡ଼ିଶାର ଇତିହାସ ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ପ୍ରତିବର୍ଷ ମଧ୍ୟପ୍ରଦେଶଆଡ଼ୁ ଏବଂ ବିଭିନ୍ନ ଦେଶୀୟ ରାଜ୍ୟମାନଙ୍କରୁ ଓଡ଼ିଶାର ଉପକୂଳ ଅଞ୍ଚଳକୁ ଆସୁଥିଲା ଚାଉଳ, ମୁଗ, ବିରି, ତୈଳବୀଜ, କପାତୂଳା ପ୍ରଭୃତି ବିଭିନ୍ନ ପଦାର୍ଥ । ବିନିମୟରେ ଯାଉଥିଲା କେବଳ ଲବଣ । ଏଥିରୁ ଓଡ଼ିଶା ଅର୍ଥନୀତିରେ ଲବଣ ଶିଳ୍ପର ପ୍ରାଧାନ୍ୟ ସହଜରେ ବୁଝାଯିବ ।

ମାତ୍ର ଓଡ଼ିଶାର ଏ ଶିଳ୍ପ ଅସ୍ତମିତ ହୋଇ ଆସିଲା । ଓଡ଼ିଶା ହୋଇଥିଲା ବଙ୍ଗ ପ୍ରଦେଶରେ ଅନ୍ତର୍ଭୁକ୍ତ । ରାଜଧାନୀ କଲିକତା । ଗଞ୍ଜାମ ଜିଲା ଥିଲା ମାନ୍ଦ୍ରାଜ ପ୍ରଦେଶରେ । ରାଜଧାନୀ ମାନ୍ଦ୍ରାଜ । ଦୁଇ ପ୍ରଦେଶରେ ଶୁଳ୍କର ହାର ଥିଲା ପୃଥକ । ବଙ୍ଗ ପ୍ରଦେଶରେ

Digitized by srujanika@gmail.com

ଲୁଣ ଉପରେ ଉତ୍ପାଦନ ଶୁଳ୍କର ହାର ମାନ୍ଦ୍ରାଜ ଅପେକ୍ଷା ଅଧିକ । ଓଡ଼ିଶା ଉପକୂଳରେ ବେଶି ଭାଗ ପ୍ରସ୍ତୁତ ହେଉଥିଲା ପଙ୍ଗାଲୁଣ । ସେଥିରେ ଲାଗୁଥିଲା ଜାଳେଣି ଖର୍ଚ୍ଚ । ମାନ୍ଦ୍ରାଜ ପ୍ରଣାଳୀରେ ସୂର୍ଯ୍ୟ ତାପରେ ପାଣି ଶୁଖିଯାଇ ଲୁଣ ଜମି ଯାଉଥିଲା । ଓଡ଼ିଶା ଲୁଣ ତା ସହିତ ପ୍ରତିଯୋଗିତାରେ ସମର୍ଥ ହୋଇପାରିଲା ନାହିଁ । ଓଡ଼ିଶା ଉପକୂଳର ଲୁଣ ଶିଳ୍ପ ତିଷ୍ଠିବା କଷ୍ଟକର ହୋଇ ପଡ଼ିଲା ।

ଏସବୁ ସାଙ୍ଗକୁ ଆସିଲା ବିଲାତରୁ ଏକ ପ୍ରବଳ ଆକ୍ରମଣ । ଭାରତରୁ ବିଲାତକୁ ରପ୍ତାନି ହେଉଥିଲା ଅତି ଓଜନଦାର ପଦାର୍ଥ । ଖୋଟ, ଚମଡ଼ା, ତୈଳବୀଜ ପ୍ରଭୃତି କଞ୍ଚାମାଲ । ବିଲାତରୁ ଆମଦାନୀ ହେଉଥିଲା କଳକାରଖାନାରେ ପ୍ରସ୍ତୁତ ସୌଖୀନ ସାମଗ୍ରୀ । ସୂକ୍ଷ୍ମ ପଦାର୍ଥ; ଆକାରରେ କ୍ଷୁଦ୍ର; ମାତ୍ର ମୂଲ୍ୟବାନ । ରପ୍ତାନି ବେଳକୁ ଜାହାଜ ଭର୍ତ୍ତି । ସବୁ ଓଜନିଆ ପଦାର୍ଥ । ଆମଦାନୀ ବେଳକୁ ସବୁ ହାଲୁକା ପଦାର୍ଥ । ଜାହାଜ ଟଳମଳ ହେଲା । ଜାହାଜକୁ ନିରାପଦ କରିବାକୁ ହେବ । ତେଣୁ ସେଥିରେ ମାଟି ଲଦିକରି ଆଣିବାକୁ ହେଲା । କିଛିକାଳ ପରେ ମାଟି ପରିବର୍ତ୍ତେ ବୋଝେଇ ହେଲା ଲିଭରପୁଲର ପଥର ଲୁଣ । ବିନା ଭଡ଼ାରେ ଜାହାଜରେ ସୁଦୀର୍ଘ ଜଳପଥ ଅତିକ୍ରମ କରି ଭାରତକୁ ବୋହିଲା ପଥର ଲୁଣର ସମ୍ଭାର । ତା' ସାଙ୍ଗରେ ଭାରତୀୟ ଲୁଣ ପ୍ରତିଯୋଗିତାରେ ସମକକ୍ଷ ହୋଇ ପାରିବା ଅତି କଷ୍ଟସାଧ୍ୟ ହେଲା ।

ଇଷ୍ଟ ଇଣ୍ଡିଆ କମ୍ପାନୀ ଏବଂ ପରେ ବ୍ରିଟିଶ ସରକାରଙ୍କର ଶୁଳ୍କ-କ୍ଷୁଧା ଓ ବାଣିଜ୍ୟ-ପିପାସା ଦାଉରେ ପ୍ରପୀଡ଼ିତ ହୋଇ ଓଡ଼ିଶାର ଲବଣ ଶିଳ୍ପ ୧୮୯୮ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କଲା ।

୧୯୧୨ ମସିହାରେ ବଙ୍ଗଦେଶରୁ ପୃଥକ କରାଯାଇ ସୃଷ୍ଟି କରାଗଲା ବିହାର ଓଡ଼ିଶା ପ୍ରଦେଶ । ପଣ୍ଡିତ ଗୋପବନ୍ଧୁ ବିହାର-ଓଡ଼ିଶା କାଉନସିଲର ସଦସ୍ୟ ଥିଲେ ଚାରିବର୍ଷ । ୧୯୧୭ ମସିହାରୁ ୧୯୨୦ ମସିହା ପର୍ଯ୍ୟନ୍ତ । ସେତେବେଳେ କେନ୍ଦ୍ର ବିଧାନସଭାର ଅଧ୍ୟକ୍ଷ ହେଉଥିଲେ ବଡ଼ଲାଟ; ପ୍ରଦେଶ ବିଧାନସଭାରେ ପ୍ରଦେଶର ଛୋଟଲାଟ । ବିହାର-ଓଡ଼ିଶାର ଛୋଟଲାଟ ସେତେବେଳେ ଥିଲେ ସାର ଏଡ଼ୱାର୍ଡ଼

Digitized by srujanika@gmail.com

ଗେଟ୍ । ସେ କାଉନସିଲରେ ଅଧ୍ୟକ୍ଷତା କରୁଥିଲେ । ୧୯୧୯ ମସିହା ମାର୍ଚ୍ଚ ମାସରେ ପଣ୍ଡିତ ଗୋପବନ୍ଧୁ ବିଧାନସଭାରେ ଓଡ଼ିଶାର ଲବଣ ଶିଳ୍ପ ସମ୍ବନ୍ଧରେ ଏକ ଭାଷଣ ଦେଇଥିଲେ ।

ଭାଷଣ ପରି ସେ ଭାଷଣ । ଯୁକ୍ତି ବାଢ଼ିବାରେ, ତଥ୍ୟ ପରିବେଷଣ କରିବାରେ, ବିଶ୍ଳେଷଣ ପ୍ରତିପାଦନ କରିବାରେ ସେ ଭାଷଣ ହୋଇଥିଲା ଅଦ୍ୱିତୀୟ । ଇଂରେଜୀରେ ଭାଷଣ । ଚମତ୍କାର ଭାଷା ଶୈଳୀ । ସେତେବେଳେ ବିଧାନସଭାରେ ଅଧିକ ମାତ୍ରାରେ ସଂଖ୍ୟାଗରିଷ୍ଠ ସରକାରୀ ସଭ୍ୟ ଏବଂ ସରକାରଙ୍କ ଦ୍ୱାରା ମନୋନୀତ ସଭ୍ୟ । ଅଳ୍ପ କେତେ ଜଣ ମାତ୍ର ନିର୍ବାଚିତ ବେସରକାରୀ ସଦସ୍ୟ । ସେମାନଙ୍କ ଭାଷଣ ଥିଲା ସରକାରଙ୍କ ନିକଟରେ କେବଳ ଆବେଦନ ମାତ୍ର । ୧୯୧୪ଠାରୁ ୧୯୧୮ ପର୍ଯ୍ୟନ୍ତ ଚାରିବର୍ଷ ପ୍ରଥମ ମହାସମର । ବିଲାତରୁ ଲୁଣ ଆସିପାରୁ ନ ଥିଲା । ଆମ ଦେଶରେ ହେଲା ଲୁଣର ଅନାଟନ । ଗୋପବନ୍ଧୁଙ୍କ ଭାଷଣ ଫଳରେ ଗ୍ଲେଟଲିଟ ଗେଟ୍ ସାହେବ ସ୍ୱୟଂ ଚିଲିକା ପରିଦର୍ଶନ କଲେ ଏବଂ ଲବଣ ଶିଳ୍ପର ପୁନଃ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଲେ । ମାତ୍ର ଯୁଦ୍ଧ ଶେଷ ହୋଇ ଆସୁଥିଲା । ଲିଭରପୁଲ୍ ଲୁଣ ଭାରତକୁ ପ୍ରବାହିତ ହେଲା । ଗେଟ୍ ସାହେବଙ୍କ ପ୍ରତିଶ୍ରୁତି ଶୀତଳଭଣ୍ଡାରରେ ନିକ୍ଷିପ୍ତ ହେଲା ।

ଏହା ଅସହଯୋଗ ଆନ୍ଦୋଳନର ପୂର୍ବ ଘଟଣା । ଏହାର ବାରବର୍ଷ ପରେ ଏହି ଲବଣକୁ କେନ୍ଦ୍ର କରି ପ୍ରଥମ ଆଇନ ଅମାନ୍ୟ ଗଣସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀ ବହୁ ଜନସମାଗମ ମଧ୍ୟରେ ଦାଣ୍ଡିଯାତ୍ରା କରି ସେଠାରେ ଲବଣ ଆଇନ ଲଙ୍ଘନ କରିଥିଲେ । ଓଡ଼ିଶାରେ ମଧ୍ୟ ଏ ଲବଣ ସତ୍ୟାଗ୍ରହ ଗଣଆନ୍ଦୋଳନରେ ପରିଣତ ହୋଇଥିଲା । ଲବଣ ଆଇନ ପ୍ରଣୟନ କରାଯାଇଥିଲା ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଁ ଏବଂ ବିଲାତର ଲୁଣ ବ୍ୟବସାୟୀଙ୍କ ସହାୟତା ପାଇଁ । ଏଥିରେ ଭାରତର ପରମ୍ପରାଗତ ଏକ ପ୍ରତିଷ୍ଠିତ ଶିଳ୍ପକୁ ପ୍ରତିହତ କରାଯାଇଥିଲା । ଧନୀ ଦରିଦ୍ର ନିର୍ବିଶେଷରେ ସର୍ବସାଧାରଣଙ୍କଠାରୁ କର ଆଦାୟ କରିବା ଲାଗି ଏ ଶୁଳ୍କର ବ୍ୟବସ୍ଥା

Digitized by srujanika@gmail.com

କରାଯାଇଥିଲା । ଲବଣ ସତ୍ୟାଗ୍ରହ ହେଲା ସ୍ୱାଧୀନତା ସଂଗ୍ରାମର ଏକ ବଶିଷ୍ଟ ଆୟୁଧ । ସ୍ୱାଧୀନ ଭାରତରେ ଲବଣ ଶୁଳ୍କ ପ୍ରତ୍ୟାହାର କରିଦେଲେ । ଲବଣ ଶିଳ୍ପ ଉପରେ ଅଉ କୌଣସି ପ୍ରକାର ନିବନ୍ଧନ ରହିଲା ନାହିଁ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାଣି ୧୯୩୬ ମସିହାରୁ । ଭାରତ ସ୍ୱାଧୀନ ହେଲାଣି ୧୯୪୭ ମସିହାରୁ । ଯୋଜନା ପ୍ରବର୍ତ୍ତିତ ହେଲାଣି ୧୯୫୧ ମସିହାରୁ । ସକଳ ପ୍ରକାର ବାଧାବିଘ୍ନ ଦୂରୀଭୂତ ହୋଇ ମଧ୍ୟ ଓଡ଼ିଶାର ଲୋକେ ବହୁଭାଗ ଲୁଣ ବାହାରୁ କିଣୁଛନ୍ତି । ଏ ଅତି ଦୁଃଖର କଥା । ସକଳ ସୁବିଧା ସୁଯୋଗ ଥାଇ ଯେବେ ବହୁକାଳର ପ୍ରତିଷ୍ଠିତ ଲବଣ ଶିଳ୍ପର ଏତାବତ୍ ପୁନଃପ୍ରତିଷ୍ଠା ହୋଇ ନ ପାରିଲା, ତେବେ ମନ୍ଦ ଗ୍ରହ ଉପରେ ଅଗତ୍ୟା ବିଶ୍ୱାସ କରିବାକୁ ହେବ । ଭାରତବର୍ଷର ଅନ୍ୟ ପ୍ରାନ୍ତରେ ଲବଣ ଶିଳ୍ପର ପ୍ରସାର ହେଉଥିବାବେଳେ ଯେଉଁ ଓଡ଼ିଶା ଏକ ସମୟରେ ଅନ୍ୟ ପ୍ରାନ୍ତକୁ ଲୁଣ ଯୋଗାଇ ପାରୁଥିଲା, ତା'ର ଦୁର୍ଗତି ଆମର ଅଯୋଗ୍ୟତାର ପରିଚୟକ ବୋଲି ବିବେଚିତ ହେବ ।

ବହୁ ବିଳମ୍ବରେ ହେଲେ ମଧ୍ୟ ଏବେ ଲବଣ ଶିଳ୍ପର ପ୍ରସାର ପାଇଁ ଯେଉଁ ଯୋଜନା ପ୍ରସ୍ତାବ କରାଯାଉଛି, ସେଥିରେ ଆଶାର ସଞ୍ଚାର ହେବ । ଓଡ଼ିଶା ସରକାର ଯୋଜନା କରୁଛନ୍ତି ଯେ ଷଷ୍ଠ ଯୋଜନାକାଳ ମଧ୍ୟରେ ଦୁଇକୋଟି ଟଙ୍କା ପରିବ୍ୟୟରେ ଦୁଇ ଲକ୍ଷ ଅଶୀ ହଜାର ଟନ ଲୁଣ ଉତ୍ପାଦନ କରାଯିବ । ସୁବର୍ଣ୍ଣରେଖା ଉପକୂଳ ଅଞ୍ଚଳରେ ୪୮ ହଜାର ଏକର ଜମି ଲୁଣ ମାରିବା ପାଇଁ ମିଳିପାରିବ । ଷଷ୍ଠ ଯୋଜନାରେ ଗ୍ରାମାଞ୍ଚଳରେ ବହୁଳ କର୍ମଯୋଗାଣ ପାଇଁ ଯେଉଁ ଅଭୀଷ୍ଟ ନିର୍ଦ୍ଧାରିତ ହୋଇଛି, ସେ ଅଭୀଷ୍ଟ ସାଧନ ଲାଗି ଏ ଲବଣ ଯୋଜନା ଏକ ଉପଯୁକ୍ତ ପରିକଳ୍ପନା । ଦୁଇ କୋଟି ଟଙ୍କା ପରିବ୍ୟୟରେ ୩୨ ହଜାର ଲୋକଙ୍କ ପାଇଁ କର୍ମସଂସ୍ଥାନ ନିଶ୍ଚୟ ବ୍ୟବସାୟ ଦୃଷ୍ଟିରୁ ମଧ୍ୟ ଅତି ଆକର୍ଷଣୀୟ ବିନିଯୋଗ ।

ଏ ହେଲା ଯୋଜନାର କଥା । ବିଚାର ହେବ । ରୂପ ଦିଆଯିବ । ଚୂଡ଼ାନ୍ତ କରାଯିବ । କାମ ଆରମ୍ଭ ହେବ । ଯଥାଶୀଘ୍ର ସୃଷ୍ଟି

Digitized by srujanika@gmail.com

ରହିବ । ତେବେ ଯାଇ ଫଳ ଫଳିବ । ମାତ୍ର ଏବଂ କୃତି ଭିତରେ ବହୁ ତାରତମ୍ୟ । ତୃତୀୟ ଯୋଜନା ବେଳଠାରୁ ଏ ତାରତମ୍ୟ ବରାବର ଲାଗି ରହିଛି । ଅଶୋକ ମେହେଟା ଚତୁର୍ଥ ଯୋଜନା କମିଶନର ଉପାଧ୍ୟକ୍ଷ ଥିଲାବେଳେ ଏ କଥା ବିଶେଷ ଭାବରେ ବର୍ଣ୍ଣନା କରିଥିଲେ । ପ୍ରଣୟନ କଲାବେଳେ ସବୁ ଯୋଜନା ସୁନ୍ଦର, ଶ୍ଳାଘ୍ୟ, ତ୍ରୁଟିହୀନ, ବିରଣୀୟ । ମାତ୍ର ସରକାରୀ କଳ ଏବଂ ସଂସ୍ଥା, ପ୍ରଣାଳୀ ଏବଂ ପଦ୍ଧତି ମଧ୍ୟରେ ସେସବୁ ଯଥାରୀତି କାର୍ଯ୍ୟକାରୀ ହୋଇପାରୁ ନାହିଁ । ବିବୃତି, ବିବରଣୀରେ ଯେତେ ପରିକଳ୍ପନା ପ୍ରକାଶ ପାଉଛି, ସେଥିମଧ୍ୟରୁ କେତେ ଜନ୍ମଗ୍ରହଣ କରିପାରୁ ନାହିଁ; ଅଉ କେତେ ଅସରନ୍ତି ଗତିପଥରେ ଧିମେଇ ଧିମେଇ ଚାଲିଛି ।

ଏ ଶିଳ୍ପ ପାଇଁ ଅଛି ଅସରନ୍ତି କଞ୍ଚାମାଲ—ଲୁଣିଆ ପାଣି । ଅସରନ୍ତି ଜାଳେଣି—ସୂର୍ଯ୍ୟତାପ । ଏ ଶିଳ୍ପ ପ୍ରକଳ୍ପରେ ବାଧାବିଘ୍ନ ଉପୁଜିବାର କୌଣସି କାରଣ ନାହିଁ । ପରିବ୍ୟୟର ପରିମାଣ ମାତ୍ର ଦୁଇକୋଟି ଟଙ୍କା । ପ୍ରତିବର୍ଷ ନୁହେଁ । ଷଷ୍ଠ ଯୋଜନାକାଳ ମଧ୍ୟରେ । ବିଦେଶରୁ ଲୁଣ ଶିଳ୍ପର ପ୍ରବିଧି ଆହରଣ କରିବାକୁ ହେବ ନାହିଁ । ଆମମାରେ ପ୍ରବିଧି ପ୍ରଚଳିତ ରହିଛି । ବହୁଲୋକ ଅକର୍ମା ଅଛନ୍ତି । ଶ୍ରମିକଙ୍କର ଅଭାବ ନାହିଁ । ଓଡ଼ିଶା ଭିତରେ ବଜାର ପାଇଁ ପ୍ରଶସ୍ତ କ୍ଷେତ୍ର ଅଛି । ବାହାରୁ କଣିବାକୁ ପଡ଼ୁଛି । ପୁରୀ ଜିଲାର ଉପକୂଳରେ ୪୮ ହଜାର ଏକର ଜମି ମିଳିପାରିବ ବୋଲି ଜଣାଯାଇଛି । ଷଷ୍ଠ ଯୋଜନା ଭିତରେ ଆବଶ୍ୟକ ହେବ ୧୬ ହଜାର ଏକର । ତେଣୁ ଜମି ପାଇବା କୌଣସି ସମସ୍ୟା ନୁହେଁ । ବେଳାଭୂମି ଉନ୍ନୟନ ପାଇଁ ଏକ ସଂସ୍ଥା ଗଢ଼ାଯାଇଛି । ତା' ସହିତ ଲୁଣମରା ପ୍ରକଳ୍ପ ଯୋଡ଼ିହୋଇ ହୋଇ ପାରେ । ଖାଲି ସମସ୍ୟା ହେଉଛି ମନୋଭାବ, ଆନ୍ତରିକତା, କର୍ତ୍ତବ୍ୟ-ବୋଧ ।

ଷଷ୍ଠ ଯୋଜନା ଆରମ୍ଭ ହୋଇଥିଲା ୧୯୮୦ ମସିହା ଅପ୍ରେଲ ମାସରେ । ୧୪ ମାସ ଅତିବାହିତ ହୋଇଗଲାଣି । ପ୍ରକଳ୍ପର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଚାରିମାସ ସମୟ ଲାଗିପାରେ । ଯୋଜନାକାଳ

Digitized by srujanika@gmail.com

ମଧ୍ୟରୁ ଅବଶିଷ୍ଟ ରହିବ ତିନିବର୍ଷ ଛଅମାସ । ପ୍ରକଳ୍ପଟିର ପ୍ରଗତି ସାତଗୋଟି ଷାଣ୍ମାସିକ ପର୍ଯ୍ୟାୟରେ ପରିଣତ କରାଯାଉ । ପ୍ରତି ପର୍ଯ୍ୟାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉ । ତାହା ସର୍ବସାଧାରଣରେ ବିଜ୍ଞାପିତ ହେଉ । ଲୋକେ ଯୋଜନା ସହିତ ସମ୍ପୃକ୍ତ ହେବେ । ସହଯୋଗ କରିବେ । ପ୍ରତି ଛଅମାସ ଶେଷରେ ପ୍ରଗତି ଏବଂ ଫଳାଫଳ ସମ୍ବାଦ-ପତ୍ରରେ ପ୍ରକାଶ କରାଯାଉ । ଏ ପ୍ରକଳ୍ପର ଅଧିକାରୀମାନଙ୍କୁ ଯୋଜନା ଶେଷ ପର୍ଯ୍ୟନ୍ତ ସ୍ଥାନାନ୍ତରିତ କରା ନ ଯାଉ । ତାଙ୍କୁ କ୍ଷମତା ଦିଆଯାଉ ଏବଂ ତାଙ୍କ ଉପରେ ପ୍ରଗତିର ଦାୟିତ୍ୱ ନ୍ୟସ୍ତ କରାଯାଉ । ତାହାହେଲେ ଯୋଜନା ସ୍ୱୟଂଗୃହୀତ ହୋଇ ପାରିବ । ନିଶ୍ଚୟ ଫଳବତୀ ହେବ । ସମାଜର ମଙ୍ଗଳ ହେବ । ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହୋଇ ପାରିବ । ନ ହେଲେ ପ୍ରକଳ୍ପଟି ଖାଲି କଳ୍ପିତ ସର୍ବସ୍ୱ ହୋଇ ରହିବ ।

●

(ଲେଖା—୧୯୭୯ ମସିହା ଜୁନ ମାସ ।
ପ୍ରକାଶ—ସମାଜ ୩-୬-୧୯୭୯)

Digitized by srujanika@gmail.com

ହୀରାକୁଦ ବନ୍ଧ

ଅନେକ ଦିନର ତଳର କଥା । ପ୍ରାୟ ପନ୍ଦର ବର୍ଷ ହୋଇଯିବ ! ସମ୍ବଲପୁର ଯାଉଥିଲୁ । ମଟର ଗାଡ଼ିରେ । ସାଙ୍ଗରେ ଥିଲେ ଜଣେ ପଞ୍ଜାବୀ ବନ୍ଧୁ । ଗାଡ଼ି ଢେଙ୍କାନାଳ ଟପିଗଲାଣି । ପଞ୍ଜାବୀ ବନ୍ଧୁ ଜଣକ କହିଲେ, ତମ ସରକାର ଯେବେ ରାସ୍ତା ଦୁଇ ପାଖରେ ସବୁତକ ଜମି ଆମକୁ ଦେଇ ଦିଅନ୍ତେ, ଆମେ ଏ ଅଞ୍ଚଳର ସବୁ ଲୋକଙ୍କୁ ବିନା ମେହେନତରେ ସବୁଦିନ ପାଇଁ ଖାଇବାକୁ ଦିଅନ୍ତୁ । କହିଲି, ହଁ କରି ପାରିବ । ତମେ ପାରିବାର । ପଞ୍ଜାବକୁ ଶସ୍ୟଭଣ୍ଡାରରେ ପରିଣତ କରି ପାରିଛ । ଏଠାରେ ନିଶ୍ଚୟ ପାରିବ । ତା' ହେଲେ ଆମେ ଆଉ କରିବୁ କ'ଣ ? ଏ ରାଜ୍ୟରେ ଖାଲି ପତର ଗୋଟାଇବୁ, ନ ହେଲେ ପାନ ଗୁଣ୍ଡାଖୁ ବିକିବୁ ।

ଚଉଦୁଆରରୁ ଖଣ୍ଡେ ଦୂର ଗଲେ ଅନୁଗୁଳ ପର୍ଯ୍ୟନ୍ତ ଖାଲି ସବୁଜ ପାହାଡ଼ । ଟାଙ୍ଗର ହୋଇ ନାହିଁ । ସବୁ ଗଛ କଟା ହୋଇ ଗଲାଣି । କାଁ ଭାଁ ଖଣ୍ଡେ ଖଣ୍ଡେ ଚାଷଜମି । ନ ହେଲେ ଆଉ ସବୁଆଡ଼େ ବୁଦବୁଦିଆ ଗୁଳ୍ମକଣ୍ଟା । ମାଟିର କିଛି ଦୋଷ ନାହିଁ । ଥିଲେ ରାସ୍ତା ଦୁଇ ପାଖରେ ବଡ଼ ବଡ଼ ଝଙ୍କା ବୃକ୍ଷ ନ ଥାନ୍ତା । ଡାହାଣ ପାଖକୁ ସମାନ୍ତରାଳ ଭାବରେ ବହିଯାଉଛି ବ୍ରାହ୍ମଣୀ ନଦୀ । ଡକ୍ଟର ଖୋସଲା ଜଣେ ପ୍ରଖ୍ୟାତ ଇଞ୍ଜିନିୟର । ନଦୀପ୍ରବାହ ବିଷୟରେ ବିଶାରଦ । ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଛନ୍ତି । ଶେଷରେ ଓଡ଼ିଶାର ରାଜ୍ୟପାଳ ହୋଇଥିଲେ । ସେ ହିସାବ କରି ଦେଖାଇଲେ ଯେ ହୀରାକୁଦ ବନ୍ଧ ନିର୍ମିତ ହେଲା ପରେ ମଧ୍ୟ ସମଗ୍ର ଓଡ଼ିଶାରେ ଯେତେ ନଦୀଜଳ ପ୍ରବାହିତ ହୁଏ, ସେଥିରୁ ମାତ୍ର ଆଠଭାଗ ଆମେ ଉପଯୋଗ କରି ପାରିଛୁ । ଆଉ ୯୨ ଭାଗ ଜଳ ସମୁଦ୍ରକୁ ବହିଯାଉଛି ।

Digitized by srujanika@gmail.com

ଯୋବ୍ରା ଆନିକଟ ତିଆରି ହୋଇଥିଲା ୧୮୭୬ ମସିହାରେ। ନଅଙ୍କ ଦୁର୍ଭିକ୍ଷ ବର୍ଷ। ସେଥିରୁ କଟକ ଜିଲାର ଉପକୂଳ ଅଞ୍ଚଳରେ ଜଳ ଯୋଗାଣର ବ୍ୟବସ୍ଥା ହେଲା। ବୈତରଣୀ ଆନିକଟ ଦ୍ୱାରା ଯାଜପୁର ଅଞ୍ଚଳ ପାଣି ପାଇଲା। ସେତିକି। ତା' ପରେ ଅଶୀବର୍ଷ ବିତିଗଲା। ୧୯୪୮ ମସିହାରେ ଆରମ୍ଭ ହେଲା ହୀରାକୁଦ ପ୍ରକଳ୍ପ। ମହାନଦୀରେ ଏକ ପ୍ରକାଣ୍ଡ ବହୁମୁଖୀ ଯୋଜନା। ଓଡ଼ିଶା ଅର୍ଥନୈତିକ ବିକାଶରେ ଆଦିପର୍ବ। ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ଏ ସବୁକୁ ନୂତନ ଭାରତର ଆଧୁନିକ ମନ୍ଦିର ବୋଲି ଅଭିହିତ କରିଥିଲେ।

ଏବେ ମଧ୍ୟ ନାଳ ପାଣି, କୁହାପାଣି, ଉଠାପାଣି, ଟେକା ପାଣି ସବୁ ମିଶି ଓଡ଼ିଶାର ସମଗ୍ର କୃଷି ଜମିରୁ ମାତ୍ର ୧୮ ଭାଗ ଜମିରେ ପାଣି ମଡ଼ାଯାଇ ପାରୁଛି। ହୀରାକୁଦର ପଚିଶ ବର୍ଷ ପରେ, ୧୯୭୩ ମସିହାରେ ରେଙ୍ଗାଲି ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା। ଏ ପ୍ରକଳ୍ପ ମହାନଦୀରେ ହୀରାକୁଦ ପରି ବ୍ରାହ୍ମଣୀ ନଦୀରେ ଏକ ବହୁମୁଖୀ ଯୋଜନା। ରେଙ୍ଗାଲି ଗୋଟିଏ ଗ୍ରାମ। ବ୍ରାହ୍ମଣୀ କୂଳରେ। ଢେଙ୍କାନାଳ ଜିଲାରେ। ଏଠାରୁ କେନାଲ ଖୋଲାଯାଇ କଟକ ଜିଲାର ମହାନଦୀ ଉତ୍ତର ଦିଗରେ ଆଠଗଡ଼, ନରସିଂହପୁର ପର୍ଯ୍ୟନ୍ତ ଜମିରେ ଜଳ ଯୋଗାଣ ହୋଇ ପାରିବ। କେନ୍ଦୁଝର ଜିଲାର ଆନନ୍ଦପୁର ପର୍ଯ୍ୟନ୍ତ ଢେଙ୍କାନାଳ ଜିଲାର ବିସ୍ତୃତ ଅଞ୍ଚଳ ଏହି ରେଙ୍ଗାଲି ଯୋଜନାରୁ ଜଳ ସେଚନର ସୁବିଧା ପାଇ ପାରିବ। ଯୁଗ ଯୁଗ ଧରି ତୃଷିତ ଏ ଭୂମିଭାଗ ଶସ୍ୟସମ୍ଭାର ସୃଷ୍ଟି କରିବ।

ମହାନଦୀଠାରୁ ଆକାରରେ କ୍ଷୁଦ୍ର ଏ ବ୍ରାହ୍ମଣୀ। ମାତ୍ର ତାର ବିଷ କିଛି କମ ଉତ୍କଟ ନୁହେ। ଖରସ୍ରୋତା ଭଳି ଲୁଚିଥାଏ। ଶ୍ରାବଣ ଭାଦ୍ରବ ମାସକୁ ଡାକିନା ପରି ମାଡ଼ି ଆସେ। ବିଲବାଡ଼ି ବୁଡ଼ିଯାଏ। ଘରଦ୍ୱାର ଭାସିଯାଏ। ପୋଲ, ସଡ଼କ ଭାଙ୍ଗିଯାଏ। ବ୍ରାହ୍ମଣୀର ବନ୍ୟା ବାରମ୍ବାର ଏ ବିପତ୍ତି ସୃଷ୍ଟି କରି ଲାଗିଛି। ପଣ୍ଡିତ ଗୋପବନ୍ଧୁ ବହୁଥର ଯାଇଛନ୍ତି ଏ ଅଞ୍ଚଳକୁ ବନ୍ୟା ବିପତ୍ତିବେଳେ। ଥରକର କଥା। ଗୋପବନ୍ଧୁ ଯାଇଥାନ୍ତି ରିଲିଫ୍ ବାଣ୍ଟିବାକୁ। ସଙ୍ଗରେ ଅଛନ୍ତି କେତେ

Digitized by srujanika@gmail.com

ଜଣ ସହକର୍ମୀ । ରେଲ ପୋଲ ଦବାଯାଇଥାଏ । ଗାଡ଼ି ଗୁଲୁ ନ ଥାଏ । ଲୋକେ ଡଙ୍ଗାରେ ନଈପାର ହେଉଥାନ୍ତି । ପୋଲ ଉପରେ ଖଣ୍ଡିଏ ଠେଲାଗାଡ଼ି ଏପଟସେପଟ ହେଉଥାଏ । ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ପାଇଁ ଖଣ୍ଡିଏ ଠେଲାଗାଡ଼ି ଟିକେଟ କରି ତାଙ୍କୁ ଦେଇ ଆସିଲେ । ଆସି ଡଙ୍ଗାରେ ବସିଲେ । ଡଙ୍ଗା ଗୁଡ଼ାଇଲାବେଳକୁ ଗୋପବନ୍ଧୁ ଆସି ହାଜର । ଆପଣଙ୍କୁ ଆମେ ଠେଲାଗାଡ଼ି ଟିକେଟ ଦେଇ ଆସିଥିଲୁ । ହେଲା କ'ଣ ? ପଚାରିଲେ ଜଣେ ସହକର୍ମୀ । ଜଣେ ଅକ୍ଷମ ଲୋକ ଠିଆ ହୋଇଥିଲା । ତାକୁ ଟିକେଟ ଖଣ୍ଡିକ ଦେଇ ଦେଲି । ଉତ୍ତର ଦେଲେ ଗୋପବନ୍ଧୁ । ବ୍ରାହ୍ମଣୀର ଏ ତାଣ୍ଡବ ଲୀଳା ଲାଗିଛି । ପ୍ରତିକାର ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ । ରେଙ୍ଗାଲି ବନ୍ଧ ଏହାର ମୁକାବିଲା କରିବ ।

ହୀରାକୁଦ ବନ୍ଧରୁ ନିର୍ଗତ ହେଲା ଜଳ-ବିଦ୍ୟୁତ୍ । ପୂର୍ବରୁ ମାଛକୁଣ୍ଡ ନଦୀରେ ଡୁଡୁମାରୁ ବିଦ୍ୟୁତ୍ ଆହରଣ କରିବାର ବ୍ୟବସ୍ଥା ହୋଇଥିଲା । ଆମେ ହିସାବ କଲୁ, ଏତେ ବିଦ୍ୟୁତ୍‌ଶକ୍ତି ଆମର ଲୋଡ଼ା ନାହିଁ । ଡୁଡୁମାର ଅବସ୍ଥିତି ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସୀମାରେ । ତାଙ୍କ ସାଙ୍ଗରେ ଚୁକ୍ତି ହେଲା, ସେମାନେ ଡୁଡୁମାରୁ ବହୁଭାଗ ବିଦ୍ୟୁତ୍ ନେବେ । ହୀରାକୁଦ ପରେ ହେଲା ବାଲିମେଳା ପ୍ରକଳ୍ପ । ବାଲିମେଳା ସେଇ ମାଛକୁଣ୍ଡ ନଦୀର ଆହୁରି ତଳକୁ । ସେଠାରେ ମଧ୍ୟ ଆନ୍ଧ୍ର ପ୍ରଦେଶ ସଙ୍ଗେ ବିଦ୍ୟୁତ୍‌ଶକ୍ତି ବଣ୍ଟନ ଲାଗି ସେହିଭଳି ଚୁକ୍ତି ହେଲା । କଥା ଉଠିଥିଲା, ଆମେ ବିହାର ଏବଂ ବଙ୍ଗଦେଶକୁ କିଛି ବିଦ୍ୟୁତ୍‌ଶକ୍ତି ବିକ୍ରୟ କରିବୁ । ଶିଳ୍ପ ଉଦ୍ୟୋଗ ବୃଦ୍ଧି ପାଇଲେ ଅଧିକ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରାଯିବ । ଆମର ଯୋଜନା ପାଇଁ ଦୂରଦୃଷ୍ଟିର ଅଭାବ ହେଲା । କୁକୁଡ଼ା ଆଗ କି ଅଣ୍ଡା ଆଗ, ଏ କଥା ଆମେ ନିର୍ଣ୍ଣୟ କରିପାରିଲୁ ନାହିଁ । ଏବେ ପଡ଼ୁଛି ଆମର ବିଦ୍ୟୁତ୍ ସଂକଟ । ହୀରାକୁଦରେ ପାଣି ଅଭାବ ହୋଇ ଯାଉଛି । ଡୁଡୁମା, ବାଲିମେଳାର ଉତ୍ସ ମାଛକୁଣ୍ଡ ଶୁଖିଯାଉଛି । ବିଦ୍ୟୁତ୍ ଯୋଗାଣ କାଟି ଦିଆଯାଉଛି । କଳକାରଖାନା ଖରାଦିନରେ ବନ୍ଦ ହୋଇ ଯାଉଛି ।

Digitized by srujanika@gmail.com

ରେଙ୍ଗାଲି ବନ୍ଧରୁ ବିଦ୍ୟୁତ୍ ଶକ୍ତି ନିର୍ଗତ ହେବ । ଏଥିରୁ ଷାଠିଏ ମେଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପନ୍ନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆମର ବହୁତ ଅଧିକ ମାତ୍ରାରେ ବିଦ୍ୟୁତ୍‌ଶକ୍ତି ଲୋଡ଼ା । କିଞ୍ଚିତ ପରିମାଣରେ ରେଙ୍ଗାଲି ବିଦ୍ୟୁତ୍ ସହାୟକ ହେବ ।

ରେଙ୍ଗାଲି ବନ୍ଧ ତିଆରି ଚାଲିଛି । ଦେଖିଲେ ଆନନ୍ଦ ଲାଗିବ । ଆମ ଇଞ୍ଜିନିଅରଙ୍କ କୃତିତ୍ୱରେ ମନରେ ଗର୍ବ ଆସିବ । ହୀରାକୁଦ ତିଆରି-ବେଳେ ବଡ଼ ବଡ଼ ସୌଧ ନିର୍ମିତ ହୋଇଥିଲା । କୋଠି, ଅଫିସ, ଅତିଥି ଭବନ ଇତ୍ୟାଦି । ରେଙ୍ଗାଲିରେ ସେ ଆଡ଼ମ୍ବର ନାହିଁ । ହୀରାକୁଦକୁ ଅଭିଜ୍ଞ ଇଞ୍ଜିନିଅର ଆସିଥିଲେ ଭାରତର ବିଭିନ୍ନ ପ୍ରାନ୍ତରୁ ଏବଂ ବିଦେଶରୁ । ରେଙ୍ଗାଲିରେ ଇଞ୍ଜିନିଅର, ମିସ୍ତ୍ରୀ, କାରିଗର— ସମସ୍ତେ ଓଡ଼ିଶାର ଲୋକ । ହୀରାକୁଦବେଳକୁ ଓଡ଼ିଶାରେ ଗୋଟିଏ ଇଞ୍ଜିନିଅରିଂ କଲେଜ ନ ଥିଲା । ରାଉରକେଲା ତିଆରି ବେଳକୁ ବୁର୍ଲା କଲେଜରୁ ଇଞ୍ଜିନିଅର ଉତ୍ତୁରି ନ ଥିଲେ । ରେଙ୍ଗାଲି ବେଳକୁ ବୁର୍ଲା ଏବଂ ରାଉରକେଲା କଲେଜରୁ ବହୁ ଇଞ୍ଜିନିଅର ବାହାରି ସାରିଛନ୍ତି । ରେଙ୍ଗାଲିରେ କୃତିତ୍ୱର ପରିଚୟ ଦେଇଛନ୍ତି । ଏହିଠାରେ ଯୋଜନାର ସାଫଲ୍ୟ । ତାଙ୍କର ନିଯୁକ୍ତି ପାଇଁ ସ୍ଥାନ ସଂରକ୍ଷଣ ହୋଇ ନାହିଁ । ଲୋଡ଼ା ନାହିଁ । ସେମାନେ ପ୍ରତିଯୋଗିତାରେ ସଫଳ ହୋଇଛନ୍ତି ।

ଏବେ ଆରମ୍ଭ ହୋଇଛି ଏକ ବିରାଟ ପ୍ରକଳ୍ପ—ନାଲକୋ । କୋରାପୁଟର ଡାମନଯୋଡ଼ରେ ହେଉଛି ଅାଲୁମିନା କାରଖାନା । ଅନୁଗୁଳରେ ଆଲୁମିନିଅମ କାରଖାନା । ଆଉ ସେଥିପାଇଁ ଏକ ଅତିକାୟ ତାପଜ କେନ୍ଦ୍ର । ବହୁ ଇଞ୍ଜିନିଅର ଆବଶ୍ୟକ । ବିଶେଷଜ୍ଞ ଲୋଡ଼ା । ମିଳିପାରିବେ ନାହିଁ । ଅନେକ ଆଗରୁ ଏ ବିଗ୍ଭର ହୋଇଥାନ୍ତା । ତାଲିମ ପାଇବା ପାଇଁ ଓଡ଼ିଶାର କେତେକ ଇଞ୍ଜିନିଅର ଫ୍ରାନ୍ସ ପଠାଯାଇ ପାରିଥାନ୍ତେ । ପୁଣି ସେଇ ଦୁର୍ଦ୍ଦଶା । ହୀରାକୁଦ, ରାଉରକେଲାର ପୁନରାବୃତ୍ତି ।

ରେଙ୍ଗାଲିରେ ବନ୍ଧ ବାନ୍ଧିବାରେ, ବିଦ୍ୟୁତ୍‌ଯନ୍ତ୍ର ଖଞ୍ଜିବାରେ ପରିବ୍ୟୟର ଅଟକଳ ହୋଇଥିଲା ୫୮ କୋଟି ଟଙ୍କା । କେନାଲ

Digitized by srujanika@gmail.com

ଖୋଲାର ପରିବ୍ୟୟ ସ୍ୱତନ୍ତ୍ର । ଏ ହିସାବ ହୋଇଥିଲା ୧୯୭୨ ମସିହା ଦରଦାମ ଅନୁସାରେ । ଗତ ଦଶବର୍ଷ ଭିତରେ ମୂଲ୍ୟସୂଚୀ ତିନିଗୁଣ ହୋଇ ଯାଇଛି । ଲୁହା, ସିମେଣ୍ଟ ଏ ବନ୍ଧର ମୁଖ୍ୟ ଉପାଦାନ । ଏ ପଦାର୍ଥର ମୂଲ୍ୟ ପାଞ୍ଚ ଛଅ ଗୁଣ ହୋଇ ଯାଇଛି । ସେ ସବୁ ପୁଣି ହୋଇଗଲା ଦୁଷ୍ପ୍ରାପ୍ୟ । କାମ ଧିମେଇଗଲା । ଖର୍ଚ୍ଚ ବଢ଼ିଚାଲିଲା । ଯୋଜନାର ବହୁ ପ୍ରକଳ୍ପରେ ଏଇ ସ୍ଥିତି, ଏଇ ପ୍ରବାହ । ତଥାପି ଦୁଇ ତିନି ବର୍ଷ ମଧ୍ୟରେ ବୋଧହୁଏ ରେଙ୍ଗାଲିର କାମ ସରିଯିବ ।

ଖାଲି ଷାଠିଏ ମେଗାଓ୍ୱାଟ ବିଦ୍ୟୁତ୍ ପାଇଁ ଏ ନଦୀବନ୍ଧର ଯୋଜନା ହୋଇ ନାହିଁ । ଏଇ ଜଳଭଣ୍ଡାରରୁ କଟକ ଜିଲ୍ଲାର, ଢେଙ୍କାନାଳ ଜିଲ୍ଲାର ଏବଂ କେନ୍ଦୁଝର ଜିଲ୍ଲାର ବହୁ ଅଞ୍ଚଳରେ ଜଳ ସେଚନର ବ୍ୟବସ୍ଥା ଏହାର ମୁଖ୍ୟ ଅଭୀଷ୍ଟ । ତାହାର କୌଣସି ସୂତ୍ରପାତ ହୋଇ ନାହିଁ । ଅଟକଳ ମଧ୍ୟ ପ୍ରସ୍ତୁତ ହୋଇ ନାହିଁ । ମହାନଦୀ ତ୍ରିକୋଣଭୂମି ଯୋଜନା ଆରମ୍ଭ ହୋଇଥିଲା ଦ୍ୱିତୀୟ ଯୋଜନାକାଳ ମଧ୍ୟରେ । ପଚିଶ ବର୍ଷ ପୂର୍ଣ୍ଣ ହୋଇଗଲାଣି । ସେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ । ରେଙ୍ଗାଲିର ଜଳସେଚନ କାର୍ଯ୍ୟକ୍ରମ ବହୁକାଳ ଲାଗିଯିବ । ତାର ଚତୁର୍ଦ୍ଦିଗରେ ତୃଷାର୍ତ୍ତ ଭୂମିଖଣ୍ଡ କେତେକାଳ ଅହଲ୍ୟା ହୋଇ ରହିଥିବ ?

ଡକ୍ଟର ଅଯୋଧ୍ୟାନାଥ ଖୋସଲା ହୀରାକୁଦ ଯୋଜନାର ରିପୋର୍ଟ ପ୍ରଣୟନ କରିଥିଲେ ୧୯୪୭ ମସିହାରେ । ତାଙ୍କର ପରାମର୍ଶ ଅନୁଯାୟୀ ଏ ପ୍ରକଳ୍ପ କାର୍ଯ୍ୟକାରୀ କରାଗଲା ।

ସେ ଉଲ୍ଲେଖ କରିଥିଲେ, ହୀରାକୁଦ ବନ୍ଧରୁ ତିନିଶହ ମେଗାଓ୍ୱାଟ ବିଦ୍ୟୁତ୍‌ଶକ୍ତି ନିର୍ଗତ ହେବ । ତାହାକୁ କେନ୍ଦ୍ର କରି ଏ ଅଞ୍ଚଳରେ ଏକ ବିସ୍ତୀର୍ଣ୍ଣ ଶିଳ୍ପାଞ୍ଚଳ ଗଢ଼ାଯାଇ ପାରିବ । ଶସ୍ତାରେ ବିଦ୍ୟୁତ୍ ମିଳିବ । ଦୂରକୁ ନେବାକୁ ଖର୍ଚ୍ଚ ମଧ୍ୟ ପଡ଼ିବ ନାହିଁ । ନିକଟରେ ଅଛି ବନ୍ୟସମ୍ପଦ । କୋଇଲା ଏବଂ ଅନ୍ୟାନ୍ୟ ଖଣିଜ ସମ୍ପଦ । ଏ ଅଞ୍ଚଳରେ ସିମେଣ୍ଟ, ଲୁହା, ଇସ୍ପାତ, ଆଲୁମିନିୟମ, କାଗଜ, ଲୌହମିଶ୍ରିତ ଦ୍ରବ୍ୟ, ବସ୍ତ୍ର ଶିଳ୍ପ, ଚିନି, ସାର ଏବଂ ରସାୟନିକ

Digitized by srujanika@gmail.com

ପଦାର୍ଥ ଉତ୍ପାଦନ କରାଯାଇ ପାରିବ । ହୀରାକୁଦ ଶେଷ ହେବା ପର୍ଯ୍ୟନ୍ତ ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ବନ୍ଧ ନିର୍ମାଣ ସହିତ ଏ ସବୁ କାରଖାନାର ବ୍ୟବସ୍ଥା ହୋଇ ପାରିବ । ମାଟିଖୋଳା ଏବଂ ପଥର କଟା ସହିତ ଗୋଟିଏ ସିମେଣ୍ଟ କାରଖାନା ବସାଯିବ । ସେଥିରୁ ସିମେଣ୍ଟ ପ୍ରସ୍ତୁତ ହେବାକୁ ଅଠର ମାସ ଲାଗିବ । ସେହି ସିମେଣ୍ଟରେ ହୀରାକୁଦ ବନ୍ଧ ଗଢ଼ାଯିବ ।

ଡକ୍ଟର ଖୋସଲା ପ୍ରଖ୍ୟାତ ଇଞ୍ଜିନିୟର । ଯୋଜନାରେ ତାଙ୍କର ନବଡ଼ ଅଧ୍ୟବସାୟ ଥିଲା । ଏ ଶିଳ୍ପାଞ୍ଚଳ ଅଧାଯୁକ୍ତି କର୍ତ୍ତାମାନେ ଅବହେଳାରେ, ଅଜ୍ଞାତରେ କମ୍ବା ଅବଜ୍ଞାରେ ଭୁଲିଗଲେ । ଏଥିଲାଗି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଅନେକ ବର୍ଷ ପରେ ଗୋଟିଏ କେବଳ ଆଲୁମିନିଅମ କାରଖାନା ବସିଲା । ମାତ୍ର ସେତିକି । ସେଇଠାରେ ପୂର୍ଣ୍ଣଚ୍ଛେଦ ।

ରେଙ୍ଗାଲି ବନ୍ଧ ସରି ଆସିଲାଣି । ଆଉ ତିନି ବର୍ଷ ମଧ୍ୟରେ ଶେଷ ହୋଇଯିବ । ସେଠାରେ ଗୋଟିଏ ଶ୍ରେଷ୍ଠ ଅଥଚ ସୁନ୍ଦର ସହର ଗଢ଼ା ଯାଇଛି । ଦୁଇ ବର୍ଷ ତଳେ ଲୋକସଂଖ୍ୟା ଥିଲା ବାର ହଜାର । ସେଠାରେ ସ୍କୁଲ ଅଛି; ଡାକ୍ତରଖାନା ଅଛି । ସହରରେ ପାଣି କଳ ବସିଛି; ବିଜୁଳି ଆଲୁଅ ଲାଗିଛି । ରାସ୍ତାଘାଟ ତିଆରି ହୋଇଛି । ପାର୍କ ଅଛି; ଉଦ୍ୟାନ ଅଛି । ତିନି ବର୍ଷ ପରେ ଏସବୁ କି କାମରେ ଲାଗିବ ? ବନ୍ଧର ପରିଚାଳନା ପାଇଁ ଗୋଟିଏ ଦପ୍ତର ରହିବ; ଗୋଟିଏ ଯନ୍ତ୍ରଶାଳା ବସିବ । କେବେ କେନାଲ ତିଆରି ହେଲେ, କେନାଲ ପରିଚାଳନା ପାଇଁ ଗୋଟିଏ ଅଫିସ ଖୋଲିବ । ଏତିକି । ଏଇ କଣ ରେଙ୍ଗାଲିର ସାର୍ଥକତା ?

ଏଠାରେ ବନସମ୍ପଦ ଅଛି । ନିକଟରେ ଖଣିଜ ସମ୍ପଦ ଅଛି । ବିଦ୍ୟୁତଶକ୍ତି ମିଳିବ । ତାଲିମପ୍ରାପ୍ତ ଜନଶକ୍ତି ଅଛି । ବସତି ନିର୍ମିତ ହୋଇଛି । ଏହାର କ'ଣ କୌଣସି ଉପଯୋଗ ହୋଇପାରିବ ନାହିଁ ? ଏଥିପାଇଁ ଅନୁଧ୍ୟାନ କରାଯାଇ ନାହିଁ । କୌଣସି ଅନୁଷ୍ଠାନର ବ୍ୟବସ୍ଥା ହେଉ ନାହିଁ । ପୁଣି ହେବ ସେଇ ହୀରାକୁଦ କଳ୍ପିତ

Digitized by srujanika@gmail.com

ଶିଳ୍ପାଞ୍ଚଳର ପୁନରାବୃତ୍ତି ।

ରେଙ୍ଗାଲି ସହରର ଲୋକସଂଖ୍ୟା ବାର ହଜାର । ସେଥିରେ ଅଛନ୍ତି ଅତି ନିପୁଣ ମିସ୍ତ୍ରୀ, କାରିଗର, ସୁଦକ୍ଷ ଶ୍ରମିକ । କାମ ଶିଖିଛନ୍ତି । ତାଲିମ ପାଇଛନ୍ତି । ଦକ୍ଷତା ଅର୍ଜନ କରିଛନ୍ତି । ତିନିବର୍ଷ ପରେ ସେମାନେ କରିବେ କ'ଣ ? ଯିବେ କେଉଁଆଡ଼େ ? ଏଇ କ'ଣ ରେଙ୍ଗାଲିର ପରିଣତି ?

●

(ପ୍ରକାଶନ—'ସମାଜ'—୧୮-୧୦-୮୬)

Digitized by srujanika@gmail.com

ସମ୍ବଲପୁରୀ ଶାଢ଼ୀ

କେତେ ବର୍ଷ ବିତିଗଲାଣି । ସେତେବେଳେ ଓଡ଼ିଶାରୁ ଦିଲ୍ଲୀ ଯିବା ପାଇଁ ସିଧାସଳଖ ରେଲଗାଡ଼ି ନ ଥାଏ । ଉତ୍କଳ, କଳିଙ୍ଗ, ନୀଳାଚଳ ଏକ୍‌ସପ୍ରେସ କଳ୍ପନାକୁ ମଧ୍ୟ ଆସି ନ ଥାଏ । ପୁରୀ ଏକ୍‌ସପ୍ରେସ ଯାଇ କଲିକତାରେ ପହଞ୍ଚେ ବଡ଼ିସକାଳେ । ସେଠାରୁ ସନ୍ଧ୍ୟାରେ ଛାଡ଼େ ଦିଲ୍ଲୀ ମେଲ ଗାଡ଼ି ।

ଦିଲ୍ଲୀ ଯାଉଥିଲି । ପୁରୀ ଏକ୍‌ସପ୍ରେସରେ ଯାଇ ସକାଳେ ଓହ୍ଲାଇଲି ହାବଡ଼ା ଷ୍ଟେସନରେ । ଉପର ମହଲରେ ପ୍ରଥମ ଶ୍ରେଣୀ ପ୍ରତୀକ୍ଷାଗାର । ସେଠାରେ ଦିନଯାକ ଅପେକ୍ଷା କରିବାକୁ ହେବ । କଲିକତା ସହରରେ କିଛି କାମ ନାହିଁ । ଦିନଯାକ ଖାଲି ହୁଗୁଳିନଦୀକୁ ଚାହିଁ କେତେ ବସିଥିବ ? ସାଙ୍ଗସାଥି କେହି ନାହାନ୍ତି । ଚିହ୍ନାପରିଚୟ କାହାକୁ ଦେଖୁନାହିଁ । ଦିନଟାଯାକ କଟିବ କପରି ? ବାହାରେ ଯାଇ କିଛି ସମୟ ଠିଆ ହେଲି । ମଣିଷ ସ୍ରୋତ । ଘୋଡ଼ାଗାଡ଼ି; ମଣିଷଗାଡ଼ି; ମଟର ଗାଡ଼ି । କେତେ ଆଉ ଦେଖିବ ? ଭିତରକୁ ଫେରି ଆସିଲି । ଦେଖିଲି, ଗୋଟିଏ କଡ଼ରେ ଜିନିଷପତ୍ର ଜମା ହୋଇଛି । ବସିଛନ୍ତି ଜଣେ ଭଦ୍ରଲୋକ । ସାଙ୍ଗରେ ଜଣେ ମହିଳା । ନିଶ୍ଚୟ ତାଙ୍କର ସ୍ତ୍ରୀ ହୋଇଥିବେ ।

ଦେଖିଲା ପରି ଲାଗିଲା । ଧୀରେ ଧୀରେ ତାଙ୍କ ପାଖକୁ ଗଲି । ଭଦ୍ରଲୋକ ମୋ ଆଡ଼କୁ ଚାହିଁଲେ । ପଚାରିଲି, ଆପଣ ପୁରୀ ଏକ୍‌ସପ୍ରେସରେ ଆସିଲେ କି ? କିଛି ସେ କହିଲେ ନାହିଁ । ଭାବିଲି; ବୋଧହୁଏ ସେ ଗାଡ଼ିରେ ଜାଗା ପାଇଲେ ନାହିଁ । ମେଲରେ ଆସିଲେ । ପୁଣି ପଚାରିଲି, ଆଉ କ'ଣ ମାନ୍ଦ୍ରାଜ ମେଲରେ ଆସିଲେ ? ସେ କିଛି ଉତ୍ତର ଦେଲେ ନାହିଁ । ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ପଚାରିଲି, ଏ

Digitized by srujanika@gmail.com

ଭଦ୍ରଲୋକ, ବୋଧହୁଏ ଓଡ଼ିଶା ବାହାରୁ ଆସିଛନ୍ତି । ଭୁବନେଶ୍ୱର କମ୍ବା କଟକ ବିଦ୍ୟାଧରପୁର ଫାର୍ମରେ ଚାକିରି କରୁଛନ୍ତି । ଓଡ଼ିଆ ଭାଷା ଶିଖି ନାହାନ୍ତି । ପୂର୍ବ ପ୍ରଶ୍ନଗୁଡ଼ିକ ପୁଣି ଇଂରେଜୀରେ ପଚାରିଲି । ମହିଳାଙ୍କ ଆଖିରେ ବିସ୍ମୟର ଭାବ । ଭଦ୍ରଲୋକ ବିରକ୍ତିର ଭାବ ପ୍ରକଟ କଲେ । ଆପଣ କିଏ ? ଏସବୁ ପ୍ରଶ୍ନ ପଚାରୁଛନ୍ତି କାହିଁକି ? କ'ଣ ଆପଣଙ୍କର ଅଭିପ୍ରାୟ ?

ବୁଝି ପାରିଲି, ସେ ଓଡ଼ିଆ ଜାଣନ୍ତି ନାହିଁ, ଓଡ଼ିଶାର ଲୋକ ନୁହନ୍ତି । ଓଡ଼ିଶାର କଳା, କୃଷ୍ଟି ବିଷୟରେ ଅବହିତ ନୁହନ୍ତି । ବିମୀତ ଭାବରେ ହାତଯୋଡ଼ି କହିଲି, କ୍ଷମା କରିବେ । ମୋର ବୋଧହୁଏ ଭ୍ରମ ହୋଇ ଯାଇଛି । ଆପଣଙ୍କ ସ୍ତ୍ରୀ କୁମ୍ଭପକା ଖଣ୍ଡିଏ ସମ୍ବଲପୁରୀ ଶାଢ଼ୀ ପିନ୍ଧିଛନ୍ତି । ଏ ଶାଢ଼ୀ ଓଡ଼ିଶାର ଗୌରବ । ଏ ପ୍ରଖ୍ୟାତ ଶାଢ଼ୀରେ ଅଛି ଓଡ଼ିଶୀ କଳା । ଏ ଶାଢ଼ୀ ଖାଲି ବସନ ନୁହେଁ, ନାରୀଙ୍କର ଭୂଷଣ । ଏଇ ଭୂଷଣଟିକୁ ଦେଖି ଭାବିଲି ଆପଣ ଓଡ଼ିଶାର ଲୋକ କମ୍ବା ଓଡ଼ିଶୀ କଳାର ଗ୍ରାହକ । ଆପଣଙ୍କ ପରିଚୟ ପାଇବାର ଚେଷ୍ଟା କଲି । ମୋତେ ଭୁଲ ବୁଝିବେ ନାହିଁ ।

ଭଦ୍ରଲୋକ ଉତ୍ତର ଦେଲେ । ସମ୍ବଲପୁରୀ ଶାଢ଼ୀ କ'ଣ ଆମେ ଜାଣୁ ନାହିଁ । ଏ ନାମ ଆମେ କେବେ ହେଲେ ଶୁଣି ନାହୁଁ । ହାଇଦ୍ରାବାଦରେ ଏ ଶାଢ଼ୀ ତିଆରି ହେଉଛି । ଏଇ ଜାତିର ଶାଢ଼ୀ । ସେଥିରେ ଅଛି ନାନାପ୍ରକାର ରଙ୍ଗ, ନାନା କିସମର ଫଲୁ । ଏସବୁ ଶାଢ଼ୀର ଖୁବ କାଟତି । ଖାଲି ଅନ୍ଧ୍ର ପ୍ରଦେଶରେ ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ଏ ଶାଢ଼ୀର ଆଦର ବଢ଼ୁଛି । ଭଦ୍ରଲୋକ ଏ ହାଇଦ୍ରାବାଦ ଶାଢ଼ୀର ତାରିଫ କଲେ । ଦରଦାମ ପଚାରିଲି । ତାରତମ୍ୟ ବହୁତ । ସମ୍ବଲପୁରୀ ଶାଢ଼ୀ ପାଇଁ ଏକ ମସ୍ତବଡ଼ ଚାଲେଞ୍ଜ ।

ଦିଲ୍ଲୀରୁ ଫେରି କେତେକ ବନ୍ଧୁଙ୍କ ସହିତ ପରାମର୍ଶ କଲି । ହାଇଦ୍ରାବାଦ ଶାଢ଼ୀ ମାଡ଼ି ଆସୁଛି । ଓଡ଼ିଶା ଶାଢ଼ୀ ଏ ପ୍ରତିଯୋଗିତାରେ ଜୟଯୁକ୍ତ ହୋଇପାରିବ ତ ? ଉତ୍ତର ପାଇଲି, ଆମ ଶାଢ଼ୀ ଅସଲି, ଅଉ ସେସବୁ ଶାଢ଼ୀ ଶସ୍ତା, ନକଲି । ଆମ ସାଙ୍ଗରେ ସେସବୁ କେବେ

Digitized by srujanika@gmail.com

ହେଲେ ସରସମ ହୋଇପାରିବ ନାହିଁ । ଆମ ଶାଢ଼ୀର ସୌଷ୍ଠବ କଦାପି କ୍ଷୁଣ୍ଣ ହେବ ନାହିଁ । ଖାଲି ଅନୁକରଣ କରି କେହି କେବେ ମୁଣ୍ଡଟେକି ପାରେ ନାହିଁ । ଏ ଦେଶରେ ଶାଢ଼ୀର ଗ୍ରାହକ ଅଛନ୍ତି । ସେମାନେ ଗୁଣ ଚାହାନ୍ତି ।

ଏ ସମସ୍ତ ଯଥାର୍ଥ । ତଥାପି ଏ ବସ୍ତ୍ରଶିଳ୍ପ ବହୁ ଲୋକଙ୍କର ଜୀବିକା । ତେଣୁ ଟିକେ ବଢ଼ିବା ଆବଶ୍ୟକ । ଜଣେ ପାଶ୍ଚାତ୍ୟ ସମାଲୋଚକ ଜାପାନୀମାନଙ୍କୁ ଲକ୍ଷ୍ୟ କରି କହିଲେ, ତୁମ କୃତିତ୍ୱରେ କୌଣସି ମୌଳିକତା ନାହିଁ, ସେସବୁ ଖାଲି ଅନୁକରଣ । ଜାପାନୀ ତା'ର ଜବାବ ଦେଲେ—ସେ ଅନୁକରଣରେ ଅଛି ଆମର ବିରାଟ ମୌଳିକତା । ଏବେ ଜାପାନ ଯାନ୍ତ୍ରିକ ବିଭବରେ ପାଶ୍ଚାତ୍ୟଦେଶମାନଙ୍କୁ ଅତିକ୍ରମ କରି ଯାଇଛି । ଆମେରିକା ପରି ଦେଶ ମଧ୍ୟ ତାଙ୍କ ସହିତ ପ୍ରତିଯୋଗିତାରେ ସମକକ୍ଷ ହୋଇପାରୁ ନାହିଁ ।

ଜାତୀୟ ଗୌରବ ମଧୁସୂଦନ କଟକରେ ପ୍ରତିଷ୍ଠା କରିଥିଲେ ଉତ୍କଳ ଟାନେରୀ । ସେ ନିଜେ ଏହାର ତତ୍ତ୍ୱାବଧାନ କରୁଥିଲେ । ଉତ୍କଳ ଟାନେରୀର ଜୋତା ଇଂଲଣ୍ଡରେ ଏବଂ ୟୁରୋପର ଅନ୍ୟ କେତେକ ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲା । ଓଡ଼ିଶା କାରିଗରଙ୍କର ଦକ୍ଷତା ଏଥିରେ ପ୍ରକଟିତ ହୋଇଥିଲା । ମଧୁବାବୁ ସର୍ବଦା ଦେଖୁଥିଲେ, ଓଡ଼ିଶାର ଜୋତା ଯେପରି ପ୍ରଥମ ଶ୍ରେଣୀରୁ ବିଚ୍ୟୁତ ନ ହୁଏ । ଥରେ ଦେଖିଲେ, ଦୁଇଶହ ଯୋଡ଼ା ଜୋତାରେ ଟିକିଏ କପରି ଦାଗ ଦେଖା ଯାଉଛି । ସବୁତକ ଜୋତା ନିଆଁରେ ପକାଇ ଜାଳି ଦେଲେ । ଓଡ଼ିଶା କାରିଗରଙ୍କର ଖ୍ୟାତି ଅକ୍ଷୁଣ୍ଣ ରହିଲା । ମାତ୍ର ତାଙ୍କୁ ମଜୁରି ଦେବା ସମ୍ଭବ ହେଲା ନାହିଁ ।

ବ୍ରହ୍ମପୁରୀ ପାଟ ସୁଖ୍ୟାତି ଲାଭ କରିଥିଲା । ଦେବତାଙ୍କ ଶ୍ରୀଅଙ୍ଗଲାଗି ସେ ପଟ୍ଟବସ୍ତ୍ର । ଅନ୍ଧାର ରାତିରେ ସେ ବସ୍ତ୍ରକୁ ସ୍ପର୍ଶ କଲେ ଜାଣି ହେବ ସେ ବ୍ରହ୍ମପୁରୀ ପାଟ । ସୁନା ବୋଇଲେ ଯେପରି ଜମ୍ବୁପୁରୀ ସୁନା, ପାଟ କହିଲେ ସେଇପରି ବ୍ରହ୍ମପୁରୀ ପାଟ । ବିବାହ ବେଳେ କନ୍ୟା ପାଇଁ ଲୋଡ଼ା ନାଲିରଙ୍ଗର ବ୍ରହ୍ମପୁରୀ ପାଟଶାଢ଼ୀ, ଆଉ

Digitized by srujanika@gmail.com

ଜାମାତାଙ୍କ ପାଇଁ ଶୁକ୍ଳ କ୍ଷୀରେନ୍ଦ୍ର ଯୋଡ଼ । ଏଥିରେ ଥିଲା ଆଭିଜାତ୍ୟ । ଏବେ କେହି କେହି ବଧିରକ୍ଷା ପାଇଁ ଖଣ୍ଡିଏ ପାଟଶାଢ଼ୀ ଦେଉଛନ୍ତି । ବ୍ରହ୍ମପୁରୀ ପାଟରେ ଥିଲା ମାତ୍ର ଦୁଇଟି ରଙ୍ଗ—ଲାଲ ଏବଂ ନୀଳ । ସବୁ ଶାଢ଼ୀରେ ପ୍ରାୟ ଏକାପ୍ରକାର ଧଡ଼ି । ସେଇ ପୁଚୁଣିକାକଳିଆ । ଆଧୁନିକ ପରିପାଟୀ ସହିତ ତାଳ ପକାଇ ପାରିଲା ନାହିଁ । ସେ ପୂର୍ବ ଖ୍ୟାତି ଅପସରିଗଲା ।

ଜିନିଷ ଉତ୍କୃଷ୍ଟ ହେଲେ ଗ୍ରାହକ ଆଦର କରିବେ । କାଟତି ବଢ଼ିବ । ଉତ୍କର୍ଷ ଏବଂ ମାଗଣ ମଧ୍ୟରେ ଘନିଷ୍ଠ ସମ୍ପର୍କ । ମାତ୍ର ପ୍ରତିଯୋଗିତାରେ ମୁଣ୍ଡ ଟେକି ନ ପାରିଲେ ଜୀବିକା ରହିବ କିପରି ? ଏବେ କେତେ ବର୍ଷ ହେଲା ସମ୍ବଲପୁରୀ ବୟନଶିଳ୍ପରେ ନବଜାଗରଣ ଆସିଛି । ତନ୍ତୁବାୟମାନେ ସଂଗଠିତ ହୋଇଛନ୍ତି । ନୂତନ ପ୍ରବିଧିର ପ୍ରବର୍ତ୍ତନ ହୋଇଛି । ପାରମ୍ପରିକ ବୟନ କଳାରେ ନବୀନତାର ସଂଯୋଗ ହୋଇଛି । ପ୍ରତିଷ୍ଠିତ କଳା ନୂତନ ଡିଜାଇନରେ ବିମଣ୍ଡିତ ହୋଇଛି । ସମ୍ବଲପୁରୀ ବସ୍ତ୍ରବିଭବ ସୁରକ୍ଷିତ ହୋଇଛି । ମାତ୍ର ସେଥି ସଙ୍ଗେ ସଙ୍ଗେ ସମ୍ବଲପୁରୀ ଢାଞ୍ଚାରେ ପ୍ରସ୍ତୁତ ଦକ୍ଷିଣୀ ଶାଢ଼ୀ ଓଡ଼ିଶା ବଜାରରେ ମଧ୍ୟ ପ୍ରସାରିତ ହୋଇ ଗୁଲିଛି ।

ହୀରାକୁଦ ବନ୍ଧ ନିର୍ମିତ ହେଲାବେଳେ ଯେଉଁ ସବୁ ଅଞ୍ଚଳ ଜଳ ଭଣ୍ଡାରରେ ନିମଜ୍ଜିତ ହେବ, ସେସବୁ ଗାଁଗଣ୍ଡା ବୁଲି ଦେଖିବାର ସୁଯୋଗ ପାଇଥିଲି । ଏ ସମସ୍ତ ଅଞ୍ଚଳ ଥିଲା ସମୃଦ୍ଧ । ଗଉଁତିଆଙ୍କ ଘରକୁ ଯାଇଛି । କୃଷୀଙ୍କ ଘର ବୁଲିଛି । ବୁଣାଳୀଙ୍କ ଘରେ ବହୁସମୟ ବସି ଲୁଗାବୁଣା ଦେଖିଛି । ଓତ ଏବଂ ପ୍ରୋତ ମଧ୍ୟରେ ଛନ୍ଦଣୀ କରିବା ପାଇଁ ସୂତା କଣ୍ଡାକୁ ଏପଟୁ ସେପଟ ନିକ୍ଷେପ କଲେ ଲୁଗାବୁଣା ହୁଏ । ମାତ୍ର ସମ୍ବଲପୁରୀ ଶାଢ଼ୀ ପ୍ରସ୍ତୁତ ହୁଏ ନାହିଁ । ଏ ଶାଢ଼ୀ ମେହେର ଶ୍ରେଣୀର ଖାଲି ଜୀବିକା ନୁହେ, ପୁରନ୍ତ ଜୀବନ । ସେମାନେ ଚିତ୍ରଶିଳ୍ପୀଙ୍କ ପରି ଧ୍ୟାନମଗ୍ନ ହୋଇ ସୂକ୍ଷ୍ମ କଳାର ସୃଷ୍ଟି କରନ୍ତି । ସେମାନେ ଖାଲି ବୁଣାଳୀ ନୁହନ୍ତି, ସେମାନେ ଯଥାର୍ଥରେ କଳାକାର ।

ସମ୍ବଲପୁରୀ ବୟନ ଶିଳ୍ପ ଓଡ଼ିଶୀ କଳାର ଏକ ବଶିଷ୍ଟ ଅଙ୍ଗ ।

Digitized by srujanika@gmail.com

ଓଡ଼ିଶୀ ନୃତ୍ୟ ସମଗ୍ର ଭାରତରେ, ବିଦେଶରେ ମଧ୍ୟ ପ୍ରଖ୍ୟାତ ହୋଇଛି । ଓଡ଼ିଶୀ ନୃତ୍ୟ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ସମ୍ବଲପୁରୀ ଶାଢ଼ୀ । କୋଣାର୍କର କାରିଗର ପଥରରେ କବିତା ପ୍ରକଟ କଲା ପରି ସମ୍ବଲପୁରର ତନ୍ତୁବାୟ ଶାଢ଼ୀରେ ପ୍ରକଟ କରିଛି କବିତା ।···ବିନାଶ୍ରୟଂ ନ ବର୍ତ୍ତନ୍ତେ କବିତା । ଏହାର ସଂରକ୍ଷଣ ଏବଂ ଉନ୍ନୟନ ସମାଜର ଦାୟିତ୍ୱ । ଏଥିପାଇଁ ଲୋଡ଼ା ସୂକ୍ଷ୍ମ ଶକ୍ତ ସୂତା, ଅସଲ ପକ୍କା ରଙ୍ଗ, ଆଉ ପ୍ରସାରିତ ବିପଣୀ । ଅନ୍ତତଃ ଏତିକି ସହାୟତା ଲୋଡ଼େ କଳାକାର ହକଦାର ।

Digitized by srujanika@gmail.com

ତ୍ରୟୋଦଶ କିସ୍ତି

ଡକ୍ଟର ଅଯୋଧ୍ୟାନାଥ ଖୋସଲା ଓଡ଼ିଶାର ରାଜ୍ୟପାଳ ଥିଲେ । ସେ ଜଣେ ପ୍ରଖ୍ୟାତ ଇଞ୍ଜିନିୟର । ଜଳପ୍ରବାହ ବିଷୟରେ ବିଶେଷଜ୍ଞ । ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ । ୧୯୪୬ ମସିହାରେ ହୀରାକୁଦ ଯୋଜନା ପ୍ରସ୍ତୁତ କରିଥିଲେ । ରାଜ୍ୟପାଳ ହୋଇ ଆସିବା ପୂର୍ବରୁ ସେ ଥିଲେ ରୁର୍କି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ତାପରେ ହେଲେ ଯୋଜନା କମିଶନର ସଦସ୍ୟ । ଏତିକରେ ସେ ସୀମିତ ହୋଇ ରହି ନ ଥିଲେ । ତାଙ୍କର ଦୃଷ୍ଟିକୋଣ ଥିଲା ବିସ୍ତୀର୍ଣ୍ଣ ।

ଏ ଲେଖକ ଥିଲା ଶିକ୍ଷା ବିଭାଗର ଡିରେକ୍ଟର । ବିଭାଗୀୟ ଆନୁଷ୍ଠାନିକ ଉତ୍ସବରେ ରାଜ୍ୟପାଳଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା ପାଇଁ ସୁଯୋଗ ମିଳୁଥିଲା । ଆଉ ରାଜଭବନରେ ରେଡ଼କ୍ରସ, ଯକ୍ଷ୍ମା ନିବାରଣ, ଯୁବଜନ ହଷ୍ଟେଲ ସଂସ୍ଥା ପ୍ରଭୃତି ବିଭିନ୍ନ ସମିତିର ଅଧିବେଶନ ହୁଏ । ଡକ୍ଟର ଖୋସଲା ସଭ୍ୟମାନଙ୍କୁ ତାଙ୍କର ମତାମତ ବ୍ୟକ୍ତ କରିବା ପାଇଁ ଉତ୍ସାହିତ କରନ୍ତି । ଶୁଣନ୍ତି; ବିଚାର କରନ୍ତି । ଏଥିରେ ତାଙ୍କ ସହିତ ପରିଚିତ ହେବାର ସୁଯୋଗ ମିଳୁଥିଲା ।

ଦିନେ ଖବର ଆସିଲା ରାଜ୍ୟପାଳଙ୍କ ସହିତ ସାକ୍ଷାତ କରିବା ପାଇଁ । ଜାଣିପାରିଲି ନାହିଁ, କ'ଣ ପଚାରିବେ, କେଉଁ ବିଷୟ ଆଲୋଚନା କରିବେ । ରାଜଭବନରେ ଯାଇ ପହଞ୍ଚିଲି । ପ୍ରାରମ୍ଭିକ କଥାବାର୍ତ୍ତା ପରେ ପଚାରିଲେ, ତମେ କେତେ ଥର ଫୁଲବାଣୀ ଯାଇଛ ? ପୂର୍ବରୁ ଚାରି ପାଞ୍ଚ ଥର ଯାଇଥିଲି । ୧୯୫୪-୫୬ ମସିହାରେ ଓଡ଼ିଶାର ଅର୍ଥନୈତିକ ସର୍ବେକ୍ଷଣ କଲାବେଳେ ଫୁଲବାଣୀ ଜିଲ୍ଲାର ବହୁ ଅଞ୍ଚଳକୁ ଯାଇଛି । ଡିରେକ୍ଟର ହୋଇ ବହୁବାର ଯିବାକୁ ପଡ଼ିଛି । ସେଠାରେ କଲେଜ ଘର ନିର୍ମିତ ହେଉଛି । କାମର ଗତି ଅତି ମନ୍ଥର । ଇଂରାଜୀତ

Digitized by srujanika@gmail.com

କରିବା ପାଇଁ ଅନେକ ଥର ଯିବାକୁ ହେଉଛି । ଲଗିଲା, ମୋ କଥା ସେ ମନ ଦେଇ ଶୁଣିଲେ । କେତେ ଦୂର କଲେଜ ବିଲ୍ଡିଂ ଗଲିଣି ବୋଲି ପଚାରିଲେ ।

ଟିକିଏ ରହିଯାଇ ଡକ୍ଟର ଖୋସଲା ତାଙ୍କର ମନର କଥା ଗମ୍ଭୀର ଭାବରେ ଆରମ୍ଭ କଲେ । ସେ ଦିନର କଥା ମୋର କେବେ ପାଶୋରିଯିବ ନାହିଁ । କହିଲେ, "କିଛି ଦିନ ତଳେ ମୁଁ ଯାଇଥିଲି ଫୁଲବାଣୀ । କେତେଗୁଡ଼ିଏ ଅନୁଷ୍ଠାନ ଦେଖିଲି । ପ୍ରତ୍ୟେକ ସ୍ଥାନରେ ଶୁଣିଲି ଅଭିଯୋଗ । କୌଣସି ବିଭାଗୀୟ ମୁଖ୍ୟ ଏଠାରେ କେବେ ହେଲେ ପଦାର୍ପଣ କରନ୍ତି ନାହିଁ । କାହାରି ଅଖି ଏ ପଟେ ପଡ଼େ ନାହିଁ । ଏଇଟି ଗୋଟିଏ ପରିତ୍ୟକ୍ତ ଜିଲା, ଏକ ଉପେକ୍ଷିତ ଅଞ୍ଚଳ । ଲୋକଙ୍କର ଗଭୀର ଅସନ୍ତୋଷ । ଆମେ ସବୁ ଏ ଅଞ୍ଚଳର ଅସନ୍ତୋଷର ଆୟୁଧ ହେବା ଅତି ଦୁଃଖଦାୟକ ।"

ତାଙ୍କର ମନୋଭାବ ସେ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କଲେ । "ରାଜ୍ୟସ୍ତରୀୟ ଅଫିସରମାନେ ବୁଲନ୍ତି, ଉପକୂଳବର୍ତ୍ତୀ ଗୁରିଗୋଟି ଜିଲା ହେଉଛି ଓଡ଼ିଶା । ମଝିରେ ମଝିରେ ଯା'ନ୍ତି ସମ୍ବଲପୁର ଏବଂ ରାଉରକେଲା । ଅନ୍ୟ ଆଠଟି ଜିଲା ଅନ୍ତରାଳରେ ରହିଯାଏ । ଯଦି କେବେ ସେଠାକୁ ଗସ୍ତରେ ଯାଆନ୍ତି, ତେବେ ସର୍କିଟ ଭବନରେ ରହି ବିଭାଗୀୟ କର୍ମଚାରୀଙ୍କ ସଙ୍ଗେ ଆଲୋଚନା କରି ଫେରି ଆସନ୍ତି । ସେଠାର ଲୋକଙ୍କ ସଙ୍ଗେ ମିଶନ୍ତି ନାହିଁ; ତାଙ୍କ କଥା ଶୁଣିବା ପାଇଁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ଏଥିରୁ ପ୍ରସୂତ ହୁଏ ସନ୍ଦେହ ଏବଂ ଅସନ୍ତୋଷ । ଏହା ସେ ଅଞ୍ଚଳ ପାଇଁ ଉଦ୍ବେଗର ଏବଂ ସମଗ୍ର ରାଜ୍ୟ ପ୍ରତି ଅବାଞ୍ଛନୀୟ ।"

ସେ ଭାବପ୍ରବଣ ହୋଇ ଏସବୁ ବର୍ଣ୍ଣନା କରିଗଲେ । କୌଣସି ଆଦେଶ ଦେଇ ନାହାନ୍ତି । ତାଙ୍କ କଣ୍ଠରେ ଥିଲା ପ୍ରେରଣା । ସେ ପ୍ରଶାସକମାନଙ୍କୁ ତାଙ୍କର ସାମାଜିକ ଦାୟିତ୍ୱ ବିଷୟରେ ସଚେତନ କରାଉଥିଲେ ।

ଦୁଇ ସପ୍ତାହ ପରେ ଗଲି ଫୁଲବାଣୀ । ପୂର୍ବରୁ ଦୁଇଜଣ

Digitized by srujanika@gmail.com

ଆଦିବାସୀଙ୍କୁ ଫୁଲବାଣୀ କଲେଜର ପରିଚାଳନା ସମିତିର ସଦସ୍ୟ କରାଯାଇଥିଲା । ଗଞ୍ଜାମରୁ ଭଞ୍ଜନଗର ବାଟେ ଗଲି ଫୁଲବାଣୀ । ବାଟରେ ନଈ । ତା' ଉପରେ ଘୋଷରା ପୋଲ । ଗଞ୍ଜାମ ଜିଲ୍ଲା ଶେଷ ହେଲା । ପଡ଼ିଲା ଫୁଲବାଣୀ । କିଛି ଦୂର ଗଲା ପରେ ଦେଖିଲି ଗୋଟିଏ ହାଟ ଲାଗିଛି । ହାଟ ଭିତରକୁ ଗଲି । ଆଦିବାସୀ ସ୍ତ୍ରୀଲୋକମାନେ ମୁଣ୍ଡରେ ବୋଝ ବୋଝ କରି ଆଣୁଛନ୍ତି ଡାଲି କାନ୍ଦୁଲ, ଅଦା, ହଳଦୀ । ଗଞ୍ଜାମଆଡ଼ୁ ଆସିଛନ୍ତି ବ୍ୟବସାୟୀ । ଆଣିଛନ୍ତି ବସ୍ତା ବସ୍ତା ଲୁଣ । ଖାଲି ମାପରେ ଜିନିଷ ବଦଳ ହୁଏ । ମାଣେ କାନ୍ଦୁଲ, ଅଦା ବା ହଳଦୀ ପାଇଁ ମାଣେ ଲୁଣ । ଲୁଣ ଯେତିକି, ଡାଲି ସେତିକି । କେତେ ବେଳ ଠିଆ ହେଲି । ଏ ଦୃଶ୍ୟ ଦେଖିଲି । ୧୯୬୫ ମସିହା । ସ୍ୱାଧୀନତା ପ୍ରାପ୍ତିର ଅଠର ବର୍ଷ ପରେ ମଧ୍ୟ ଏହାର ପ୍ରତିରୋଧ ଲାଗି କୌଣସି ଉଦ୍ୟମ ହୋଇ ନାହିଁ ।

ଦଶ ବାର ବର୍ଷ ପରେ ସମ୍ବଲପୁରରୁ କଟକ ଫେରିଲାବେଳେ ବାଟରେ ଗୋଟିଏ ହାଟ ଭିତରକୁ ଗଲି । ଦେଖିଲି, ଆଦିବାସୀ ସ୍ତ୍ରୀ ଲୋକମାନେ ଟୋକେଇରେ ବୋଝ ବୋଝ କରି ମୁଣ୍ଡରେ ଆଣୁଛନ୍ତି ମହୁଲ । ଧାଡ଼ି ଲାଗିଛି । ବାସ ମହକୁଛି । ବ୍ୟବସାୟୀ ତରାଜୁ ବାନ୍ଧିଛନ୍ତି । ବସ୍ତା ବସ୍ତା ଲୁଣ ରଖିଛନ୍ତି । ଏଠାରେ ଓଜନରେ ଦିଆନିଆ । ଯେତିକି ଓଜନର ମହୁଲ, ସେତିକି ଓଜନର ଲୁଣ । ସବୁଠାରେ କାରସାଦି । ଲୁଚିଛପିକରେ ନୁହେଁ । ବଡ ସଡ଼କ ପାଖ ହାଟରେ । ମହୁଲରୁ ପ୍ରସ୍ତୁତ ହୁଏ ମଦ୍ୟ । ମହୁଲ ବଜାର ଖୁବ ତେଜ । ଆଦିବାସୀଙ୍କ ଭାଗ୍ୟରେ ଖାଲି ଅଛି ଲୁଣ ।

ଫୁଲବାଣୀ ସଦରରେ ପହଞ୍ଚିଲି । କଲେଜ ପ୍ରିନ୍ସିପାଲଙ୍କୁ ଅନୁରୋଧ କଲି, ପରିଚାଳନା ସମିତିର ସମସ୍ତ ସଭ୍ୟଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରିବାକୁ । କଲେକ୍ଟର ଏ ସମିତିର ଅଧ୍ୟକ୍ଷ । ପ୍ରିନ୍ସିପାଲ ସେକ୍ରେଟାରୀ । ସବୁ ସଦସ୍ୟ ଯୋଗ ଦେଲେ । ଦୁଇଜଣ ଆଦିବାସୀ ସଭ୍ୟଙ୍କ ସହିତ ପରିଚିତ ହେଲି । କଥାବାର୍ତ୍ତା କଲି । ସରକିଟ ଭବନରେ ସମସ୍ତେ ଏକାଠି ବସି ଭୋଜନ କଲୁ ।

Digitized by srujanika@gmail.com

ସେ ଦିନର ଅଭିଜ୍ଞତା ପାଶୋରି ଯିବ ନାହିଁ । ଭୋଜନବେଳେ କଥାବାର୍ତ୍ତା ଚାଲିଥାଏ । ଦୁଇଜଣ ଯାକ ଆଦିବାସୀ ବନ୍ଧୁ ସ୍ୱଚ୍ଛନ୍ଦରେ ଆମ୍ଭମାନଙ୍କ ସହିତ କଥାଭାଷା କରି ଲାଗିଲେ । ତାଙ୍କ ମୁହଁରେ ଦେଖିଲି ଆନନ୍ଦର ଆଭାସ । ଆଖିରେ ଦେଖିଲି କୃତଜ୍ଞତାର ପରପ୍ରକାଶ । ଖୁବ୍ ଆନନ୍ଦ ଲାଗିଲା । ସେମାନେ କଲେକ୍ଟର, ପ୍ରିନ୍‌ସିପାଲ ଏବଂ ଡିରେକ୍ଟରଙ୍କ ସହିତ ଏକତ୍ର ସହଭୋଜନ କରିବାର ସୁଯୋଗ ପାଇ ନ ଥିଲେ । ଅତି ଉଲ୍ଲାସରେ ତାଙ୍କର ଗୌରବ କାହାଣୀ ବର୍ଣ୍ଣନା କଲେ ।

— ଆମର ବଳୀଆର ରାଜା ଥିଲେ ବାଳୀ । ସେ ଥିଲେ ପରମ ବୀର । ଏଇଟି ତାଙ୍କର ରାଜ୍ୟ । ଟିକାବାଲିରେ ତାଙ୍କର ଟିକାଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଇଟି ସିଂହାସନରେ ଅଭିଷେକ ଉତ୍ସବ । ଏହିପରି ଭାବରେ ସେ ବାଲିଗୁଡ଼ା ପ୍ରଭୃତି ବାଳୀଙ୍କ ନାମ ସହିତ ସମ୍ପୃକ୍ତ ବିଭିନ୍ନ ଜନପଦର ତାତ୍ପର୍ଯ୍ୟ ବର୍ଣ୍ଣନା କରି ଲାଗିଲେ । ସେତେବେଳେ ଧର୍ମଯୁଦ୍ଧ ଥିଲା । କେଉଁଠାରେ ବାଳୀ ସମର ଅଭ୍ୟାସ କରୁଥିଲେ, କେଉଁଠାରେ ସହଚରମାନଙ୍କ ସଙ୍ଗେ ବିଚାର ଆଲୋଚନା କରୁଥିଲେ, ଏ ସବୁର ସୂଚନା ଦେଲେ । କଥାଭାଷା ଭିତରେ ମୁଁ କହିଲି, ଏ କଲେଜ କୋଠା ପାଖରେ ଆମେ ଗୋଟିଏ ହଷ୍ଟେଲ କରିବା, ସେଠାରେ ଆଦିବାସୀ ଏବଂ ଅଣ-ଆଦିବାସୀ ଛାତ୍ରମାନେ ଏକାଠି ରହିବେ । ସେମାନେ ଅତି ଆନନ୍ଦରେ ମାନିଗଲେ ।

ପରଦିନ ସକାଳେ ସେମାନେ ମୋ ପାଖକୁ ଆସିଲେ । ତାଙ୍କ ଗ୍ରାମକୁ ଯିବାକୁ ଅନୁରୋଧ କଲେ । ସେମାନଙ୍କୁ ସଙ୍ଗରେ ନେଇ ମୁଁ ଗଲି ଗାଡ଼ିରେ । ଗାଡ଼ିକୁ ରାସ୍ତାକଡ଼ରେ ରଖି ବଣ ଭିତରକୁ ଆମେ ସମସ୍ତେ ଚାଲିକରି ଗଲୁ । କହିଲେ, ଅଳ୍ପ ବାଟ । ମାତ୍ର ବହୁତ ବାଟ ଚାଲିବାକୁ ପଡ଼ିଲା । ଠାଏ ଠାଏ ଘଞ୍ଚଜଙ୍ଗଲ । ମଝିରେ ମଝିରେ ଗୋଟିଏ ଗୋଟିଏ ଛୋଟ ଛୋଟ ବସତି ପଡ଼ୁଥାଏ । ତାଙ୍କ ଗ୍ରାମରେ ଯାଇ ପହଞ୍ଚିଲୁ ।

ଖୁବ୍ ଆନନ୍ଦ ଲାଗିଲା । ଅଳ୍ପ ଦୂରରେ ପାହାଡ଼ ଶ୍ରେଣୀ । ବଡ଼

Digitized by srujanika@gmail.com

ବଡ଼ ଗଛ ବୃକ୍ଷରେ ପରିପୂର୍ଣ୍ଣ । ଗ୍ରାମ ଭିତରେ ମଧ୍ୟ ସେହିପରି ଦ୍ରୁମ । ସବୁଆଡ଼ ଶ୍ୟାମଳ, ଶୀତଳ । ପାହାଡ଼ରୁ ଦୁଇଧାର ଝରଣା ବହି ଆସୁଛି । ଗ୍ରାମ ନିକଟରେ ଗୋଟିଏ ଛୋଟ ହ୍ରଦ । ସେଥିରେ ପାଣି ଭରା । ତାହାର ପାଖରୁ କେତେକ ଶସ୍ୟକ୍ଷେତ୍ର । ରାମାୟଣ ଯୁଗର ଆଶ୍ରମ ପରି ସୁନ୍ଦର ପରିବେଶ । ଯେପରି ଅକ୍ଷୁଣ୍ଣ ହୋଇ ରହିଛି ।

ଘରଦ୍ୱାର ଦେଖି ଦୁଃଖ ଲାଗିଲା । ଅନେକଗୁଡ଼ିଏ ଘର । ସବୁଗୁଡ଼ିକ କୁଟୀର । ଝାଟିମାଟି ବାଉଁଶର କାନ୍ଥ । ଛାତ ବୋଇଲେ ଚାଟି ଉପରେ ତାଳପତ୍ରରେ ଛାଆଣି ଆଚ୍ଛାଦନ । ମାଟି ପିଣ୍ଡା । ଲିପାପୋଛା ହୋଇଛି । ସେଥିରେ ପଟି ଦୁଇଖଣ୍ଡ ପଡ଼ିଲା । ଆମେ ସମସ୍ତେ ସେହିଠାରେ ବସିଲୁ । ସମ୍ପଦ ବୋଇଲେ ମାଟିରେ ତିଆରି ବାଦାମୀ ରଙ୍ଗର ହାଣ୍ଡି, ମାଠିଆ, ଧୂମା । ବଡ଼ ବଡ଼ ଗଛ ଡାଳରୁ ବାଉଁଶ ଟୋକେଇରେ ବନ୍ଧା ହୋଇ ଛୋଟ ପିଲାଗୁଡ଼ିଏ ଠାଏ ଠାଏ ଓହଳିଛନ୍ତି । କୋଡ଼ିଏ ବର୍ଷର ସ୍ୱାଧୀନତା ପରେ ଏଇ ତାଙ୍କର ସମ୍ବଳ । ଘର ଭିତର ଦେଖିଲି । ସଫାସୁତରା । ଲୋକେ ଦିଗମ୍ବର ନୁହନ୍ତି । ମାତ୍ର ସ୍ୱଳ୍ପ ପରିଧାନ, ସମ୍ବଳହୀନ ।

ଦୁଇଜଣ ଆଦିବାସୀ ବନ୍ଧୁ କେତେ ଜଣ ଯୁବକଙ୍କୁ ଡାକିଲେ ଆମ ପାଖକୁ ଆସିବା ପାଇଁ । ସେମାନେ ଓଡ଼ିଆ କହନ୍ତି । ମଝିରେ ମଝିରେ ତାଙ୍କର ଆଦିବାସୀ ଭାଷା ମଧ୍ୟ କହନ୍ତି । ଯୁବକମାନେ ଆମ ପାଖରେ ଆସି ବସିଲେ । ସେମାନଙ୍କର ନାମ ସବୁ ରାମାୟଣର ଜଣାଶୁଣା । ସୁଗ୍ରୀବ, ହନୁମାନ, ସୁଷେଣ, ଜାମ୍ବବ ଇତ୍ୟାଦି । ପ୍ରଶ୍ନ ହେଲା, ଏହିଠାରେ ଥିଲା ରାମାୟଣ ଯୁଗର କିଷ୍କିନ୍ଧ୍ୟା । ଶ୍ରୀରାମ ସୁଗ୍ରୀବଙ୍କ ସହିତ ବନ୍ଧୁତା କରିଥିଲେ । ଏବେ ପୁଣି ପାର୍ଥକ୍ୟ କାହିଁକି ?

× × ×

ରେଭେନ୍ସା କଲେଜରେ ପ୍ରଫେସର ଏବଂ ପ୍ରିନ୍ସିପାଲ ଭାବରେ ବହୁ ଛାତ୍ରଙ୍କ ସମ୍ପର୍କରେ ଆସିଥିଲି । ପ୍ରିନ୍ସିପାଲ ହେଲା ପରେ କେତେକ ପ୍ରାର୍ଥୀ ଏବଂ ଅଭିଭାବକଙ୍କ ସହିତ ପରିଚିତ ହେବାର ସୁଯୋଗ ପାଇଲି । ଥରେ ଶିକ୍ଷାବର୍ଷ ଆରମ୍ଭରେ ଜଣେ ଶିକ୍ଷାର୍ଥୀ ମୋ ସହିତ

Digitized by srujanika@gmail.com

ସାକ୍ଷାତ କଲେ । କହିଲେ, ମୁଁ ଏଠାରେ ନାମ ଲେଖାଇବା ପାଇଁ ଜଣେ ପ୍ରାର୍ଥୀ । ମୁଁ ତାଙ୍କୁ ବୁଝାଇଲି, ଏ କଲେଜରେ ପୂର୍ବ ପରୀକ୍ଷାର ମାର୍କ ଅନୁଯାୟୀ ଛାତ୍ର ଗ୍ରହଣ କରାଯାଉ । ସେସବୁ ପ୍ରସ୍ତୁତ କରାଯାଉଛି । ତାଙ୍କ ମୁହଁ ଶୁଖିଗଲା । ସେ କାନ୍ଦକାନ୍ଦ ହୋଇ କହିଲେ, ସାର, ମୋ କଥା ଟିକଏ ବିଚାର କରନ୍ତୁ । ମୁଁ ଓଡ଼ିଶାର ତ୍ରୟୋଦଶ ଜିଲାରୁ ଆସିଛି । ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଲି ।

ସେ କହି ଲାଗିଲେ । ଆମ ଜିଲାଟି ପରିତ୍ୟକ୍ତ ଅଞ୍ଚଳ । ବାଟ ନାହିଁ, ଘାଟ ନାହିଁ । ଖଣ୍ଡିଏ ବୋଲି ସଡ଼କ । ନଈ ଉପରେ ପୋଲ ନାହିଁ । ଠାଏ ଠାଏ କଚ୍ଚାରାସ୍ତା ! ବର୍ଷାଦିନରେ ପାଣି କାଦୁଅ । ରେଲ ରାସ୍ତା ଆମ ଜିଲାକୁ ଛୁଇଁ ନାହିଁ । ପଢ଼ିବାକୁ କାଁ ଭାଁ କେତୋଟି ସ୍କୁଲ । ତିନୋଟି ହାଇସ୍କୁଲ । ସବୁବେଳେ ଶିକ୍ଷକ ନ ଥାନ୍ତି । ଏବେ ଗୋଟିଏ କଲେଜ ଆରମ୍ଭ ହୋଇଛି । ଘର ନାହିଁ, ଦ୍ୱାର ନାହିଁ, ଅଧ୍ୟାପକ ନାହାନ୍ତି ।

ଡକ୍ଟର ଖୋସଲା ସେଦିନ ଉପଦେଶ ଦେଲାବେଳେ ଏଇ ତ୍ରୟୋଦଶ ଜିଲା କଥା ମନେ ପଡ଼ୁଥିଲା । ସେ ପ୍ରାର୍ଥୀଙ୍କ ମୁହଁ ଏବେ ମଧ୍ୟ ମନେପଡ଼ୁଛି । ତାଙ୍କ ସ୍ୱରରେ ଆକ୍ଷେପ ନ ଥିଲା, ଅଭିଯୋଗ ନ ଥିଲା । ଥିଲା ଅବଶୋଷ, ଅସନ୍ତୋଷ । ଏସବୁ ଶୁଭ ଲକ୍ଷଣ ନୁହେଁ । ଏହାର ନିରାକରଣ କ'ଣ କରାଯାଇ ପାରିବ ନାହିଁ ?

× × ×

ଡକ୍ଟର ଖୋସଲାଙ୍କର ଓଡ଼ିଶାରେ କାର୍ଯ୍ୟକାଳ ଶେଷ ହେଲା । ସେ ଓଡ଼ିଶା ଛାଡ଼ି ଦିଲ୍ଲୀ ଫେରିଗଲେ । କିଛି ଦିନ ପୂର୍ବରୁ ତାଙ୍କ ପତ୍ନୀ ସୁଶୀଲାବାଳାଙ୍କର ଦେହାନ୍ତ ହୋଇ ଯାଇଥିଲା । ସେ ପୂର୍ବରୁ ଆଦିବାସୀଙ୍କର କଲ୍ୟାଣ ପାଇଁ ଦୁଇଲକ୍ଷ ଟଙ୍କା ରଖି ଯାଇଥିଲେ । ସେଥିଲାଗି କିଛି ସଂସ୍ଥା ଗଢ଼ିବାକୁ ହେବ । ଫୁଲବାଣୀରୁ ଅନୁଷ୍ଠାନ ଆରମ୍ଭ ହେଲା । ଉପକୂଳ ଅଞ୍ଚଳରୁ କେହି ସେବିକା ଆଦିବାସୀ ଅଞ୍ଚଳକୁ ଯିବା ପାଇଁ ମଙ୍ଗୁ ନ ଥିଲେ । ଫୁଲବାଣୀରେ ଗୋଟିଏ ସେବିକା ତାଲିମ କେନ୍ଦ୍ର ସ୍ଥାପିତ ହେଲା । ସୁଶୀଲାବାଳାଙ୍କ ନାମରେ ନାମିତ

Digitized by srujanika@gmail.com

ହେଲା । ପ୍ରାଥମିକ ବା ନିମ୍ନମାଧ୍ୟମିକ ଶିକ୍ଷା ପାଇଥିବା ଆଦିବାସୀ କିଶୋରୀମାନଙ୍କୁ ଏଥିରେ ଗ୍ରହଣ କରାଗଲା । ଗୃହବର୍ଷ ପରେ ସେଥିରୁ ସେବିକା ଉତ୍ତୀର୍ଣ୍ଣ ହେଲେ । ବିଭିନ୍ନ ଆଦିବାସୀ ଜିଲ୍ଲା ଡାକ୍ତରଖାନାରେ ନିଯୁକ୍ତ ହେଲେ । ଫୁଲବାଣୀ ଜିଲ୍ଲାରେ ଜି. ଉଦୟଗିରି ଗୋଟିଏ ପେଣ୍ଠ । ସେଠାରେ ଗୋଟିଏ ଡାକ୍ତରଖାନା ଏକାନ୍ତ ଆବଶ୍ୟକ । ଡାକ୍ତରଖାନା ବସିଲା । ପ୍ରତିଦିନ ଖାଲି ସେଇ ସ୍ଥାନରୁ ନୁହେଁ, ଦୂର-ଦୂରାନ୍ତରୁ ରୋଗୀ ଆସିଲେ । ଜିଲ୍ଲାରେ ଆଦିବାସୀଙ୍କ ପାଇଁ ସ୍କୁଲ ଆବଶ୍ୟକ । ଦୂରରୁ ଶିକ୍ଷକ ଆସୁ ନାହାନ୍ତି । ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଯୁବକମାନଙ୍କ ପାଇଁ ଗୋଟିଏ ଟ୍ରେନିଂ ସ୍କୁଲ ସ୍ଥାପିତ ହେଲା ସେଇ ଉଦୟଗିରିରେ ।

ରାଉରକେଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏଠାରେ ଲୁହା ଇସ୍ପାତ କାରଖାନା ପ୍ରତିଷ୍ଠିତ ହେଲା । ବହୁ କୁଶଳୀ ଶ୍ରମିକ ଲୋଡ଼ା । ସେଥିପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ବିଭିନ୍ନ ଯାନ୍ତ୍ରିକ କର୍ମରେ ତାଲିମ ଦେବାପାଇଁ ଗୋଟିଏ ପଲିଟେକ୍‌ନିକ୍ ସ୍ଥାପିତ ହେଲା । ସୁନ୍ଦରଗଡ଼ ଜିଲ୍ଲାରେ ନାରୀଶିକ୍ଷା ଥିଲା ଅତି ନିମ୍ନସ୍ତରରେ । ରାଉରକେଲାରେ ପ୍ରତିଷ୍ଠିତ ହେଲା ଏକ ମହିଳା କଲେଜ ।

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଥିଲେ ଜଣେ ସନ୍ନ୍ୟାସୀ, ପଣ୍ଡିତ, ସଂସ୍କାରକ । ସେ ଆର୍ଯ୍ୟସମାଜ ପ୍ରତିଷ୍ଠା କରିଥିଲେ । ସ୍ୱାମିଜୀଙ୍କ ଅନ୍ତେ ଆର୍ଯ୍ୟସମାଜୀମାନେ ଦୟାନନ୍ଦ ଆଙ୍ଗ୍ଲୋ ବୈଦିକ (D. A. V.) ସ୍କୁଲ-କଲେଜ ସ୍ଥାପନ କଲେ । ଡକ୍ଟର ଖୋସଲା ଏ ଅନୁଷ୍ଠାନର ସଦସ୍ୟ ହେଲେ । ପରେ ଏହାର ଉପସଭାପତି ହେଲେ । ତାଙ୍କ ଉଦ୍ୟମରେ ଓଡ଼ିଶାରେ ଡି. ଏ. ଭି. ଅନୁଷ୍ଠାନର ଶାଖା ପ୍ରତିଷ୍ଠିତ ହେଲା । ସେ ଓଡ଼ିଶା ଶାଖାର ସଭାପତି ହେଲେ । ଅନୁଷ୍ଠାନଗୁଡ଼ିକ ଡି. ଏ. ଭି. ନାମରେ ନାମିତ ହେଲା । କେନ୍ଦ୍ର କାର୍ଯ୍ୟାଳୟ ସହିତ ଏହାର ଯୋଗାଯୋଗ ରହିଲା । ସେଥିରୁ ସାହାଯ୍ୟ ମିଳିଲା ।

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ଠାରେ ଏବଂ କୋରାପୁଟ ଜିଲ୍ଲାର କୋରାପୁଟ ସହରର ଉପାନ୍ତରେ ଗୋଟିଏ ଲେଖାଏଁ

Digitized by srujanika@gmail.com

ଡ଼. ଏ. ଭି. କଲେଜ ସ୍ଥାପିତ ହେଲା । ପ୍ରତ୍ୟେକ ଅନୁଷ୍ଠାନ ପାଇଁ ଗୋଟିଏ ଲେଖାଏଁ ସ୍ଥାନୀୟ ପରିଚାଳନା କମିଟି ନିଯୁକ୍ତ ହେଲା । ଡକ୍‌ଟର ଖୋସଲା ସବୁ ଖବର ବୁଝନ୍ତି । ଦିଲ୍ଲୀରୁ ଏସବୁ ପରିଦର୍ଶନ କରିବା ପାଇଁ ଆସନ୍ତି ।

ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅବ୍ୟାହତି ନେଇ ଆସିଲା ପରେ ମୋତେ ଡକାଇ ପଠାଇଲେ । ତାଙ୍କର ସହକାରୀ ହେବା ପାଇଁ ଇଚ୍ଛା ପ୍ରକାଶ କଲେ । ଡ଼. ଏ. ଭି. ଓଡ଼ିଶା ଶାଖାର ଉପସଭାପତି କରି ଦେଲେ । ତାଙ୍କ ସଙ୍ଗରେ କିଛି ଦିନ କାମ କରିବାର ସୁଯୋଗ ପାଇଥିଲି ।

ପ୍ରତ୍ୟେକ ଡ଼. ଏ. ଭି. ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ବିଚାର କରାଯାଏ । ପରିବେଶ ସହିତ ଖାପ ଖୁଆଇ ବ୍ୟବସ୍ଥା କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା ଉପଯୁକ୍ତ । ଝାରସୁଗୁଡ଼ାରୁ ସମ୍ବଲପୁର ପର୍ଯ୍ୟନ୍ତ ରେଲ ଆସିଥିଲା । ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ଥିଲାବେଳେ ଏ ରେଲ ଲାଇନକୁ ବଲାଙ୍ଗୀର ବାଟେ ନେଇ ବିଜୟନଗର ରାୟପୁର ଲାଇନରେ ଟିଟିଲାଗଡ଼ଠାରେ ସଂଯୋଗ କରାଗଲା । ଏହି ଶ୍ରେଷ୍ଠ ଷ୍ଟେସନକୁ ଗୋଟିଏ ଜଙ୍କସନ୍ କରିବା ପାଇଁ ଯନ୍ତ୍ରଶାଳା, ଗୋଦାମ ଘର, ଅଫିସ ଘର, ବାସଗୃହ ପ୍ରଭୃତି ନିର୍ମାଣ କରାଗଲା । ଏଠାରେ ଗୋଟିଏ କଲେଜ ଏକାନ୍ତ ଆବଶ୍ୟକ । ଜଙ୍କସନ୍ ତିଆରି ହେଲା ପରେ ସେ ସମସ୍ତ ଘରଦ୍ୱାର ଡ଼. ଏ. ଭି. ଅନୁଷ୍ଠାନକୁ ସହଜରେ ମିଳିଗଲା । କଲେଜ, ହଷ୍ଟେଲ, ବାସଗୃହ ପାଇଁ ପ୍ରଶସ୍ତ କୋଠାବାଡ଼ି । ଏଠାରେ ମିଳିବ ନିଯୁକ୍ତି ପାଇଁ ବହୁବିଧ କ୍ଷେତ୍ର ।

କୋରାପୁଟ ସହରର ଉପକଣ୍ଠରେ ସୁନାବେଡ଼ା ଆଡ଼କୁ ଗୋଟିଏ ଅନୁଚ୍ଚ ପାହାଡ଼ ପଛାରେ ନିଆଗଲା । ପାଖରେ ଗୋଟିଏ ନାଳ ବହି ଯାଉଛି । ପାହାଡ଼ ଉପରକୁ ବିଦ୍ୟୁତ୍‌ଶକ୍ତି ନିଆଗଲା । ପମ୍ପ ବସାଇ ପାଣି ଉଠାଗଲା । ଗୃହର ବ୍ୟବସ୍ଥା ହେଲା । ଯନ୍ତ୍ରପାତି କିଣାଗଲା । ଆଖୁଚାଷ ହେଲା । ଗୁଡ଼ ପ୍ରସ୍ତୁତ କରାଗଲା । ବିଭିନ୍ନ ଶସ୍ୟ ଉତ୍ପାଦନ କରାଗଲା । ସେହି ଫାର୍ମ ଭିତରେ କଲେଜ ଏବଂ ହଷ୍ଟେଲ ନିର୍ମିତ

Digitized by srujanika@gmail.com

ହେଲା । ବ୍ୟବସ୍ଥା ହେଲା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କଲେଜ ସ୍ତରରେ କୃଷି ଗୋଟିଏ ବିଷୟ ରୂପେ ଗ୍ରହଣ କରିବେ । ଏ କଲେଜର ସମସ୍ତ ଛାତ୍ର କୃଷିବିଜ୍ଞାନ ଗୋଟିଏ ପ୍ରଧାନ ବିଷୟ ଭାବରେ କମ୍ବା ଇଚ୍ଛାଧୀନ ବିଷୟ ଭାବରେ ଅଧ୍ୟୟନ କରିବେ । କୃଷି କ୍ଷେତ୍ରରେ କାମ କରିବେ । ସେଥିପାଇଁ ପାରିଶ୍ରମିକ ପାଇବେ । ଏଥିରୁ ତାଙ୍କର ସମସ୍ତ ଖର୍ଚ୍ଚ ମିଳିପାରିବ ।

ଡକ୍ଟର ଖୋସଲାଙ୍କର ଶିକ୍ଷାକ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିବାର ଯୋଗ୍ୟତା ଥିଲା । ସେସବୁ ପରିଦର୍ଶନ କରିବା ଲାଗି ଆଗ୍ରହ ଥିଲା । ସବୁ ସେ ବୁଝୁଥିଲେ । ବର୍ଷକେ ଥରେ ଦିଲ୍ଲୀରୁ ଆସୁଥିଲେ । ଆସି ଭୁବନେଶ୍ୱରରେ ରାଜଭବନରେ ଅତିଥି ନ ହୋଇ ରାଜ୍ୟ ଅତିଥି ଭବନରେ ରହୁଥିଲେ । ସବୁ ଅନୁଷ୍ଠାନ ବୁଲି ଦେଖୁଥିଲେ । ତାଙ୍କ ସହିତ ସବୁ ଡ଼. ଏ. ଭି. ଅନୁଷ୍ଠାନ ଦେଖିବାର ସୁଯୋଗ ପାଇଛି । ଶିକ୍ଷା ବିଷୟରେ, ସେବା ବିଷୟରେ ବହୁ ତତ୍ତ୍ୱ ଏବଂ ତଥ୍ୟର ଆଲୋଚନା ଶୁଣିଛି । ସବୁଠାରେ ଏକା ପ୍ରକାର ସ୍କୁଲ କଲେଜ ସ୍ଥାପନ କରିବାରେ ସାର୍ଥକତା ନାହିଁ । ପରିବେଶ ସମ୍ବନ୍ଧ ଶିକ୍ଷାନୁଷ୍ଠାନ ଗଢ଼ିତ ହେବା ଏକାନ୍ତ ଆବଶ୍ୟକ । ସେ ଦୟାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଦୀକ୍ଷିତ ହୋଇଥିଲେ । ଶିକ୍ଷାୟତନରେ ଯେ କୌଣସି ସ୍ତରର ନୈତିକ ଆଦର୍ଶ ନିହିତ ନ ଥିଲେ, ଶିକ୍ଷା ନିରର୍ଥକ ହୁଏ ।

ଶିକ୍ଷାକ୍ଷେତ୍ରରେ ସମସ୍ତେ ଧୁରନ୍ଧର । ଶିକ୍ଷା ଭିତରେ ରାଜନୀତିର ଅନୁପ୍ରବେଶ ଦୁର୍ଗତିର ଲକ୍ଷଣ । ଗତାନୁଗତିକ ଶିକ୍ଷା ଗୋଟିଏ ଲମ୍ବା ବାଉଁଶ ନଳୀ । ମଝିରେ ଅସଂଖ୍ୟ ରନ୍ଧ୍ର । ଅଣ୍ଟାକୁ ଦଳି, ବେଲଣାରେ ବେଲି, ନିଆଁରେ ସେକିଲେ ସେ ହୁଏ ରୁଟି । ପ୍ରାଥମିକ ଶିକ୍ଷାକୁ ଅଣ୍ଟା ପରି ଚକଟି ସେ ବାଉଁଶ ନଳୀ ଭିତରେ ଧେସି ଲଗିଲେ, ସେ ସବୁ ଠେଲି ହୋଇପାଏ । ମଝିରେ ମଝିରେ ସେ ରନ୍ଧ୍ର ଭିତରେ ଠାଆକୁ ଠାଆ ଅନେକ ବାହାରିପଡ଼େ । ଶେଷରେ ବାହାରେ ଶୁଖିଲି ଅଣ୍ଟା, ଏମ୍. ଏ. ଭାବରେ ।

ଓଡ଼ିଶାରେ ଡ଼. ଏ. ଭି. ନାମରେ ଯେତେଗୁଡ଼ିଏ ଅନୁଷ୍ଠାନ

Digitized by srujanika@gmail.com

ପ୍ରତିଷ୍ଠିତ ହେଲ, ସେଥିରେ ଥିଲ ମୌଳିକତା, ବସ୍ତୁରଧାର, ଆନ୍ତରିକତା । ନାମକରଣ ଯାହାହେଉ ଶିକ୍ଷାକୁ ସାର୍ଥକ କରିବା ପାଇଁ ନୂତନତାର ପ୍ରକରଣ ଆବଶ୍ୟକ । ସେଥିପାଇଁ ନୂତନ ପ୍ରୟୋଗ ଧାର ଉଦ୍ଭାବିତ କରିବା ସମାଜର ଦାୟିତ୍ୱ । ଯେତେ ଡ଼. ଏ. ଭି. ଅନୁଷ୍ଠାନ ସ୍ଥାପିତ ହୋଇଥିଲ, ସେଥିରେ ଡ଼. ଏ. ଭି. ନାମ ରହିଛି । ସେଗୁଡ଼ିକ ସରକାରୀ ଅଧୀନକୁ ଚାଲିଯାଇଛି । ଡ଼. ଏ. ଭି.ର କୌଣସି ପରିଚାଳନା ଓଡ଼ିଶାରେ ନାହିଁ । ମାତ୍ର ଡ଼. ଏ. ଭି.ର ପ୍ରକରଣ ଓଡ଼ିଶାରେ ପ୍ରବେଶ କରିଛି ।

●

Digitized by srujanika@gmail.com

ନୂତନତାର ଅନୁସନ୍ଧାନ

୧୯୫୮ ମସିହାରେ ଆମେରିକା ଶିକ୍ଷା ପରିଷଦର ନିମନ୍ତ୍ରଣକ୍ରମେ ଭାରତ ସରକାର ଉଚ୍ଚଶିକ୍ଷା ସହିତ ସମ୍ପୃକ୍ତ ବିଭିନ୍ନ ରାଜ୍ୟରୁ ଦଶଜଣଙ୍କୁ ଆମେରିକା ଯିବା ପାଇଁ ମନୋନୀତ କଲେ । ଏ ଲେଖକ ଏଥିରେ ଅନ୍ତର୍ଭୁକ୍ତ ହୋଇଥିଲା । ସେତେବେଳେ ସେ ରେଭେନ୍ସା କଲେଜର ପ୍ରିନ୍ସିପାଲ । ପୂର୍ବରୁ ଏପରି ଡେଲିଗେସନର କୌଣସି ସୂଚନା ନ ଥିଲା । ଅଗଷ୍ଟ ମାସ ଶେଷ ସପ୍ତାହରେ ଆମେରିକାରେ ପହଞ୍ଚିବାର କଥା । ମାତ୍ର ଦୁଇ ସପ୍ତାହ ପୂର୍ବରୁ ନିଯୁକ୍ତି ପତ୍ର ଆସି ପହଞ୍ଚିଲା । ଏତିକି ସମୟ ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ଭବ ହୋଇ ପାରିଲା ।

ଆମେ ଦଶଜଣ । କାହାରି ସଙ୍ଗେ କାହାରି ପରିଚୟ ନ ଥିଲା । ଦିଲ୍ଲୀରେ ଯାଇ ସମବେତ ହେଲୁ । ସେଇଠାରେ ପ୍ରଥମ ସାକ୍ଷାତ । ସେଇଠାରେ ଘନିଷ୍ଠ ପରିଚୟ । ଶିକ୍ଷା ମନ୍ତ୍ରଣାଳୟର ମୁଖ୍ୟ ସଚିବଙ୍କ ସହିତ ଆଲୋଚନା ହେଲା । ଆମେରିକାର ଡିରେକ୍ଟରଙ୍କ ସହିତ ମଧ୍ୟ ଆଲୋଚନା ହୋଇ ଆମର କାର୍ଯ୍ୟସୂଚୀ ସମ୍ବନ୍ଧରେ ପରାମର୍ଶ ମିଳିଲା । ନିର୍ଦ୍ଦେଶ ଦିଆଗଲା, ଆମ୍ଭେମାନେ ଆମେରିକାର ବିଭିନ୍ନ କଲେଜରେ, ବିଶ୍ୱବିଦ୍ୟାଳୟରେ ଶିକ୍ଷାପଦ୍ଧତି ଏବଂ ପରୀକ୍ଷା ପ୍ରଣାଳୀ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦେବୁ ।

ସବୁ କୃତ୍ୟ, କର୍ମ, ପାଥେୟ ସଂଗ୍ରହ ପ୍ରଭୃତି ସମାହିତ ହୋଇଗଲା ଗୋଟିଏ ମାତ୍ର ଦିନରେ । ସନ୍ଧ୍ୟାରେ ଦିଲ୍ଲୀରୁ ବାହାରିଲୁ ବିମାନରେ । ରୋମରେ ବିମାନ ପରିବର୍ତ୍ତନ । ସେଠାରୁ ୟୁରୋପ ପାର ହୋଇ ଦୀର୍ଘ ଆଟଲାଣ୍ଟିକ ମହାସାଗର ଅତିକ୍ରମ କରି ଅବତରଣ କଲୁ ନିଉ ୟର୍କ ନଗରୀରେ । ଅଳ୍ପ ସମୟ ପରେ ପୁଣି ବିମାନରେ ଯାଇ ପହଞ୍ଚିଲୁ ଯୁକ୍ତରାଷ୍ଟ୍ରର ରାଜଧାନୀ ୱାସିଂଟନ ନଗରୀରେ । ସେଠାରେ କିଛି ଦିନ ଅବସ୍ଥାନ କରିବାକୁ ହେଲା । ଆମେରିକା ଶିକ୍ଷା ପରିଷଦ

Digitized by srujanika@gmail.com

ଏବଂ ବୈଦେଶିକ ବିଭାଗ ପକ୍ଷରୁ ଆମକୁ ଆମେରିକା ବିଷୟରେ ଅବହିତ ହେବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଆମେରିକାର ଶିକ୍ଷା ପଦ୍ଧତି, ଆମେରିକାର ସମାଜ ଓ ସଂସ୍କୃତି, ସେ ଦେଶର ଅର୍ଥନୀତି ଓ ସମ୍ବିଧାନ ବିଷୟରେ ବହୁ ତଥ୍ୟ ଜାଣିବାର ସୁଯୋଗ ମିଳିଲା । ଆଲୋଚନା ମଧ୍ୟ କରାଗଲା ।

ଆମେରିକାର ପ୍ରାଥମିକ ଶିକ୍ଷା ସାଧାରଣତଃ ଆଠ ବର୍ଷ । ହାଇସ୍କୁଲ ବା ମାଧ୍ୟମିକ ଶିକ୍ଷା ଚାରି ବର୍ଷ । ଆମ ଦେଶରେ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହେବାଲାଗି ସ୍କୁଲ ଶିକ୍ଷାର କାର୍ଯ୍ୟକାଳ ଥିଲା ସେହିପରି ବାରବର୍ଷ । ଆମେରିକାରେ ହାଇସ୍କୁଲ ଶିକ୍ଷା ସମାପ୍ତ ହେଲେ କଲେଜ ବା ୟୁନିଭର୍ସିଟିରେ ସ୍ନାତକ ଶିକ୍ଷା ଚାରିବର୍ଷ । ତା’ ପରେ ସ୍ନାତକୋତ୍ତର ଶିକ୍ଷାକାଳ ଅନ୍ୟୂନ ତିନିବର୍ଷ । ଏଥିରେ ଅନ୍ତର୍ଭୁକ୍ତ ଏମ୍. ଏ. ଏବଂ ପିଏଚ. ଡି. । ଆମେରିକାରେ କଲେଜ ଏବଂ ୟୁନିଭର୍ସିଟିର ସଂଖ୍ୟା ପ୍ରାୟ ଦୁଇ ହଜାର । ଯେଉଁ ଅନୁଷ୍ଠାନରେ କେବଳ ସ୍ନାତକ ଶିକ୍ଷାର ବ୍ୟବସ୍ଥା ଅଛି, ତାହାକୁ କଲେଜ କୁହାଯାଏ । ଯେଉଁଠାରେ ସ୍ନାତକ ଶିକ୍ଷା ସହିତ ସ୍ନାତକୋତ୍ତର ଶିକ୍ଷାର ମଧ୍ୟ ବ୍ୟବସ୍ଥା ଅଛି, ତାହାର ନାମ ୟୁନିଭର୍ସିଟି । ଏଥିମଧ୍ୟରୁ କେହି କାହାର ଅନୁଗତ ବା ଅଧୀନସ୍ଥ ନୁହନ୍ତି । ପ୍ରତ୍ୟେକଟି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ । କଲେଜ ଏବଂ ୟୁନିଭର୍ସିଟି ପ୍ରତ୍ୟେକେ ନିଜ ନିଜର ପାଠ୍ୟକ୍ରମ ପ୍ରସ୍ତୁତ କରନ୍ତି, ଶିକ୍ଷାଦାନ ପ୍ରଣାଳୀ ନିର୍ଣ୍ଣୟ କରନ୍ତି, ପରୀକ୍ଷା କରନ୍ତି, ଉପାଧି ପ୍ରଦାନ କରନ୍ତି । ଆଫିଲିଏଟେଡ୍ ବା ସ୍ୱୀକୃତିପ୍ରାପ୍ତ କଲେଜର ପ୍ରଚଳନ ଅଛି କେବଳ ଭାରତରେ ଏବଂ ତହିଁରୁ ଉଦ୍ଭୂତ ଶ୍ରୀଲଙ୍କା, ପାକିସ୍ଥାନ ଏବଂ ବଙ୍ଗଳାଦେଶରେ ।

କେବଳ ଏଇତକ ଦେଶରେ ୟୁନିଭର୍ସିଟି କଲେଜମାନଙ୍କୁ ସ୍ୱୀକୃତି ଦିଅନ୍ତି, ପାଠ୍ୟକ୍ରମ ନିର୍ଦ୍ଧାରଣ କରନ୍ତି, ପରୀକ୍ଷା କରନ୍ତି, ଉପାଧି ବିତରଣ କରନ୍ତି । ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଯେଉଁ ୟୁନିଭର୍ସିଟି କମିଶନ ନିଯୁକ୍ତ ହୋଇଥିଲା, ସେ କମିଶନ ୧୯୪୯ ମସିହାରେ ତାଙ୍କ ରିପୋର୍ଟରେ ଲେଖିଥିଲେ—ଭାରତୀୟ ଭୂଭାଗରୁ ସ୍ୱୀକୃତିପ୍ରାପ୍ତ କଲେଜ

Digitized by srujanika@gmail.com

ଅପସାରିତ ନ ହେଲେ ଏ ଦେଶରେ ଉଚ୍ଚଶିକ୍ଷା ମୁଣ୍ଡ ଟେକି ପାରିବ ନାହିଁ । ମାତ୍ର ଏ ମନ୍ତବ୍ୟ ତାଙ୍କ ରିପୋର୍ଟରେ ସମାଧିସ୍ଥ ହେଲା । ସେଇ ସ୍ୱୀକୃତିପ୍ରାପ୍ତ କଲେଜ ମାଡ଼ି ଚାଲିଛି ।

ବିଲାତରେ, ୟୁରୋପରେ ସ୍ୱୀକୃତିପ୍ରାପ୍ତ କଲେଜ କୌଣସିଠାରେ ନାହିଁ । କେବଳ ଲଣ୍ଡନ ସହରରେ ଅଛି ସାମାନ୍ୟ ପରିବର୍ତ୍ତନ । ଏଠାରେ ଗୋଟିଏ ୟୁନିଭର୍ସିଟି । ଅନେକଗୁଡ଼ିଏ କଲେଜ ଅଛି । ମାତ୍ର ସେ କଲେଜଗୁଡ଼ିକ ସବୁ ସ୍ୱତନ୍ତ୍ର, ସ୍ୱୟଂଚାଳିତ । ଉପରୁ କୌଣସି ନିର୍ଦ୍ଦେଶ ଆସେ ନାହିଁ । ସେମାନେ ପାଠ୍ୟକ୍ରମ ପରିଚାଳନା ଇତ୍ୟାଦି ସକଳ ବିଷୟରେ ଆତ୍ମନିର୍ଭରଶୀଳ ।

ଓ୍ୱାଶିଙ୍ଗଟନ୍‌ରେ ବିଭିନ୍ନ ଆଲୋଚନା ଶେଷ ହେଲା । ସମଗ୍ର ଯୁକ୍ତରାଷ୍ଟ୍ରରେ କେତେଗୁଡ଼ିଏ କଲେଜ ଏବଂ ୟୁନିଭର୍ସିଟିକୁ ଯାଇ ଆଲୋଚନା କରିବାକୁ ହେବ । ଦଶଜଣଯାକ ଦଳ ବାନ୍ଧି ଗୁଡ଼ିଏ ଅନୁଷ୍ଠାନକୁ ଗଲେ, ଅନୁଷ୍ଠାନର ସୁବିଧା ହେବ ନାହିଁ କି ଆମ୍ଭମାନଙ୍କର ମଧ୍ୟ ସୁବିଧା ହେବ ନାହିଁ । ଆମେ ଦଶଜଣ ବିଭିନ୍ନ ବିଷୟରେ ଅଧ୍ୟାପକ । ତଦନୁଯାୟୀ ଆମେରିକାର ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିବା ଫଳପ୍ରଦ । ଆମକୁ ତିନୋଟି ଦଳରେ ବାଣ୍ଟିଦେବା ପାଇଁ ପରାମର୍ଶ ଦିଆଗଲା । ଗୋଟିଏ ଦଳରେ ଚାରିଜଣ । ଅନ୍ୟ ଦୁଇଟି ଦଳରେ ତିନିଜଣ ଲେଖାଏଁ ବାଣ୍ଟି ହୋଇଗଲୁ । ଆମ ଦଳରେ ରହିଲୁ ତିନିଜଣ । ଦିଲ୍ଲୀର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡକ୍ଟର୍ ଆଉଲକ୍, କେରଳର ପ୍ରଶିକ୍ଷଣ ଅଧ୍ୟାପକ ଡକ୍ଟର ପିଟେଲଇ ଏବଂ ମୁଁ । କିଏ କେଉଁଠାକୁ ଯିବେ ସେଥିଲାଗି ପରାମର୍ଶ ଦିଆଗଲା । ହାର୍ଭର୍ଡ୍, ପ୍ରିନ୍‌ସିଟନ୍, ସିକାଗୋ ପ୍ରଭୃତି ପ୍ରଖ୍ୟାତ ୟୁନିଭର୍ସିଟିକୁ ଯିବା ପାଇଁ ପ୍ରତ୍ୟେକ ଦଳ ଆକାଂକ୍ଷିତ । ସେମାନେ ପୃଥକ ଭାବରେ ସେଠାକୁ ଯିବା ଲାଗି ବ୍ୟବସ୍ଥା କରାଗଲା ।

ଆମ ଦଳର ପରିକ୍ରମା ମଧ୍ୟରେ ମୁଁ ଆଣ୍ଟିଅକ୍ କଲେଜ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେଲି । ଆମ ପାଇଁ ଯେ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିଲେ, ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—ଆଣ୍ଟିଅକ୍

Digitized by srujanika@gmail.com

କଲେଜ କେଉଁଠାରେ ? ସେଠାକୁ ତୁମେ ଯିବ କାହିଁକି ?

ମୁଁ ଉତ୍ତର ଦେଲି—ଆଣ୍ଟିଅକ୍ କଲେଜରେ ଜଣେ ପ୍ରଖ୍ୟାତ ଶିକ୍ଷାବତ୍ ଅଛନ୍ତି । ତାଙ୍କର ନାମ ଡକ୍ଟର ଆର୍ଥର ମର୍‌ଗାନ (Arthur Morgan) । ସେ ଜଣେ ପ୍ରବୀଣ ଇଞ୍ଜିନିୟର । ଟେନେସି ନଦୀ ବନ୍ଧ ଯୋଜନା, ଆମେରିକାରେ ନଦୀବନ୍ଧ ଯୋଜନାର ପ୍ରଥମ ପ୍ରକଳ୍ପ । ମରଗାନ ଏହାର ଅଧ୍ୟକ୍ଷ ହୋଇଥିଲେ । ତା’ ପରେ ସେ ଆଣ୍ଟିଅକ୍ କଲେଜର କୁଳପତି ହେଲେ । ସେ ରାଧାକୃଷ୍ଣନ କମିଶନର ସଦସ୍ୟ ରୂପେ ଭାରତକୁ ଆସିଥିଲେ । ଅନୁଗୁଳଠାରେ ବାଜିରାଉତ ଛାତ୍ରାବାସ ଦେଖି ତାହାର ଭୂୟସୀ ପ୍ରଶଂସା କରିଥିଲେ । ପରିଦର୍ଶକ ପୁସ୍ତିକାରେ ତାଙ୍କର ଅଭିମତ ଲେଖିଛନ୍ତି । କମିଶନର ସଦସ୍ୟ ଭାବରେ ସେ ରେଭେନ୍‌ସା କଲେଜକୁ ଆସିଥିଲେ । ଭାଷଣ ଦେଇଥିଲେ । ସେଇଠାରେ ଏ ଲେଖକ କିଛି ସମୟ ଲାଗି ତାଙ୍କର ସାନ୍ନିଧ୍ୟ ଲାଭ କରିଥିଲା ।

ଆଣ୍ଟିଅକ୍ କଲେଜଟି ଆମେରିକା ଓହାଇଓ (Ohio) ରାଜ୍ୟରେ । ଏ ରାଜ୍ୟର ପ୍ରଧାନ ସହର ଡେଟନ୍ (Dayton) । ସେଠାରୁ ପ୍ରାୟ ତିରିଶ କିଲୋମିଟର ଦୂରରେ ଗୋଟିଏ କ୍ଷୁଦ୍ର ଜନବସତି । ଲୋକସଂଖ୍ୟା ମାତ୍ର ସାଢ଼େ ତିନି ହଜାର । ବସତିର ନାମ ପୀତନିର୍ଝର (Yellow Spring) । ଆଣ୍ଟିଅକ୍ କଲେଜ ଆମର କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ ହେଲା । କେତେଗୁଡ଼ିଏ କଲେଜ ଏବଂ ୟୁନିଭରସିଟିରେ ଅନୁଧ୍ୟାନ କରି ସାରି ଯାଇ ପହଞ୍ଚିଲୁ ଓହାଇଓ ରାଜ୍ୟର ଡେଟନ ସହରରେ । ସେଠାରୁ ମଟରଗାଡ଼ିରେ ଯାଇ ପହଞ୍ଚିଲୁ ପୀତନିର୍ଝର ବସତିରେ । ଏଇଟି ବାସ୍ତବରେ ଗୋଟିଏ ଗ୍ରାମାଞ୍ଚଳ । ମାତ୍ର ସହରର ସମସ୍ତ ପ୍ରକାର ଉପଯୋଗ ଲାଗି ବ୍ୟବସ୍ଥା କରାଯାଇଛି । ଗ୍ରାମୀଣ ପରିବେଶ । ବୃକ୍ଷଲତାରେ ପରିପୂର୍ଣ୍ଣ ଶ୍ୟାମଳିମା । ପାଖରେ ବନ, ପାହାଡ଼, ନିର୍ଝର । ଆଣ୍ଟିଅକ୍ କଲେଜ ଏହାର ପ୍ରାଣକେନ୍ଦ୍ର । ସାମାଜିକ ଜୀବନର ବିକାଶ ପାଇଁ ଏଠାରେ ଏକ ଆଦର୍ଶ ସୃଷ୍ଟି କରାଯାଇଛି ।

Digitized by srujanika@gmail.com

କଲେଜ ପରିସର ମଧ୍ୟରେ ଗୋଟିଏ ଗ୍ରେଷ୍ଟ ହୋଟେଲ । ସେହିଠାରେ ରହିବା ଲାଗି ଆମ ପାଇଁ ବ୍ୟବସ୍ଥା କରାଯାଇଛି । ବାହାର ଭିତର ସବୁଆଡ଼େ ସୁରୁଚିର ପରିବେଶ । ଡକ୍ଟର ମରଗାନ କଲେଜରୁ ଅବସର ନେଲେଣି । ଗୋଟିଏ ଗ୍ରେଷ୍ଟ ସଦନ ତାଙ୍କର ବାସଗୃହ । ତାଙ୍କ ସହିତ ଦେଖାକରିବାକୁ ଗଲୁ । ଆଣ୍ଟିଅକ୍‌ର ଉପକୁଳପତି ଡସନ୍ (Dawson) ସେଠାରେ ଉପସ୍ଥିତ ଥିଲେ । ଆଣ୍ଟିଅକ୍‌ର ଉଦ୍ଦେଶ୍ୟ, ଆଭିମୁଖ୍ୟ, ପାଠ୍ୟକ୍ରମ, ଶିକ୍ଷାପ୍ରଣାଳୀ ବିଷୟରେ ଡକ୍ଟର ମରଗାନ୍ ଅତି ସୁନ୍ଦର ଭାବରେ ଆମ୍ଭମାନଙ୍କୁ ଏକ ବିବରଣୀ ଦେଲେ ।

ସ୍ଥାନ, କାଳ, ପରିବେଶ, ପରିସ୍ଥିତି ବିଚାର ନ କରି ସବୁଠାରେ ଗୋଟିଏ ନିର୍ଦ୍ଦିଷ୍ଟ ଗତାନୁଗତିକ ଧାରାରେ ଶିକ୍ଷାନୁଷ୍ଠାନ ଗଢ଼ିବା ଖାଲି ଅସଙ୍ଗତ ନୁହେଁ, କ୍ଷତିକାରକ । ବ୍ରିଟେନର କେମ୍ବ୍ରିଜ୍, ଅକ୍‌ସଫୋର୍ଡ଼ ପରି ଆମେରିକାର ହାରଭାର୍ଡ୍, ପ୍ରିନ୍‌ସଟନ ପରି କିମ୍ବା ଭାରତର ପ୍ରାଚୀନ ନାଳନ୍ଦା, ତକ୍ଷଶିଳା ପରି ଦେଶସାରା ଶିକ୍ଷାନୁଷ୍ଠାନ ଗଢ଼ିବା ଅବାଞ୍ଛନୀୟ । ଖାଲି ଦାର୍ଶନିକ ଭାଷାରେ ଶିକ୍ଷାର ମହତ୍ତ୍ୱ ବର୍ଣ୍ଣନା କରିବା ନିରର୍ଥକ । ଶିକ୍ଷା କାହା ପାଇଁ, କିପରି ପରିସ୍ଥିତିରେ, କି ଉଦ୍ଦେଶ୍ୟ ସାଧନ ପାଇଁ ପ୍ରୟୋଜନ, ତାହାର ବାସ୍ତବ ରୂପରେଖ ନିର୍ଦ୍ଦେଶ କରିବା ଆବଶ୍ୟକ । ଡକ୍ଟର ମରଗାନ୍ ନିଜେ ମୁଗ୍ଧ ହୋଇ ବର୍ଣ୍ଣନା କରିଗଲେ । କେତୋଟି ଉଦାହରଣରୁ ଏ ସମସ୍ତ ପ୍ରକଟିତ ହେବ ।

ଆଣ୍ଟିଅକ୍ କଲେଜର ଅଳ୍ପ ଦୂରରେ ଅଛି ଏକ ସଂରକ୍ଷିତ ବଣଭୂଇଁ । ନାମ ତା'ର ଗ୍ଲେନ୍ ହେଲେନ୍ (Glen Helen) । ଜଣେ ଭଦ୍ରଲୋକ ତାଙ୍କ କନ୍ୟା ହେଲେନଙ୍କ ସ୍ମୃତିରକ୍ଷା ଲାଗି ଏ ବନ-ଭୂମି ଆଣ୍ଟିଅକ୍ କଲେଜକୁ ଦାନ କରିଛନ୍ତି । ଲମ୍ବ ପ୍ରାୟ ଛଅ କିଲୋମିଟର । ପ୍ରସ୍ଥ ଦେଢ଼ କିଲୋମିଟର । ଏ ଅରଣ୍ୟକୁ ପ୍ରାକୃତିକ ଅବସ୍ଥାରେ ରଖାଯାଇଛି । ଏଥିରେ ପାହାଡ଼, ଝରଣା, ଜଳପ୍ରପାତ ନାନା ଜାତିର ଗ୍ରେଷ୍ଟ ବଡ଼ ବୃକ୍ଷରାଜି ସବୁ ପ୍ରାକୃତିକ ଅବସ୍ଥାରେ ରହିଛି । ଏଥିରୁ କେହି ଗଛ କାଟନ୍ତି ନାହିଁ । ଗଛ ମରିଯାଏ, ଭାଙ୍ଗି

Digitized by srujanika@gmail.com

ପଡ଼େ । ସେହିପରି ପଡ଼ୁଥାଏ । ପ୍ରାକୃତିକ ପ୍ରକ୍ରିୟାରେ ଯାହା ହେବାର ହେଉଥାଏ । ଏହାର ଭିତରେ ଅଛି ପୀତନିର୍ଝର । ଏ ନିର୍ଝରଟି ଯେଉଁ ବାଟରେ ଯାଇଛି, ସେ ବାଟ ପୀତବର୍ଣ୍ଣ । ଏହା ଭିତରେ ରାସ୍ତା ତିଆରି ହୋଇ ନାହିଁ । ଠାଆକୁ ଠାଆ ପାଣି କାଦୁଅ, ଖାଲ ଢିପ ।

ଦୁଇଟି ସ୍ଥାନରେ ୪୮ ଜଣ ଲୋକ ରହିବା ପାଇଁ ଦୁଇ ସାହାଲି ଘର ତିଆରି ହୋଇଛି । ଛାତ୍ରଛାତ୍ରୀ ଆସନ୍ତି । ସାଙ୍ଗରେ ଶିକ୍ଷକ ଆସନ୍ତି । ଦୁଇ ସପ୍ତାହ ରହନ୍ତି । ଗଛପତ୍ର, ପାହାଡ଼, ଜୀବଜନ୍ତୁ ଦେଖନ୍ତି । ପିଲାଙ୍କ ଶିକ୍ଷାର ଏହା ଏକ ବିଶିଷ୍ଟ ଅଙ୍ଗ । କଲେଜ ଛାତ୍ର ଏଠାରେ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଭୂତତ୍ତ୍ୱ ଅନୁଧ୍ୟାନ କରନ୍ତି । ବହୁ ଦୂରରୁ ମଧ୍ୟ ଛାତ୍ରମାନେ ଆସନ୍ତି । ଏକବର୍ଷ ଆଗରୁ ସ୍ଥାନ ପାଇଁ ଆବେଦନ କରିବାକୁ ହୁଏ । ଛାତ୍ରମାନେ ନିଜ ନିଜର ବ୍ୟବସ୍ଥା କରନ୍ତି । ଏ ଦୁଇ ସପ୍ତାହ ତାଙ୍କର ଅତି ମୂଲ୍ୟବାନ କର୍ମଶାଳା । ଆମେ ରବର ବୁଟ ଯୋତା ପିନ୍ଧି ଚାରି ଘଣ୍ଟା ସେଇ ବନଭୂମିରେ ବୁଲିଲୁ । ଏଠାରେ ଶିକ୍ଷା ଏବଂ ଆମୋଦ ପାଇଁ ବିସ୍ତୃତ କ୍ଷେତ୍ର । ପ୍ରାକୃତିକ ପରିସ୍ଥିତି ଶିକ୍ଷାର ପ୍ରକୃଷ୍ଟ ଅଙ୍ଗ ।

ତା' ପରଦିନ ରବିବାର । କଲେଜ ପରିସର ମଧ୍ୟରେ ବୁଲୁଥାଏ । ଗୋଟିଏ ଶ୍ରେଷ୍ଠ ଭବନ ନିକଟରେ ବହୁ ମଟର ଗାଡ଼ି ଜମା ହୋଇଥାଏ । କିଛି ଗୋଟାଏ ସଭାସମିତି ବା ଆଲୋଚନା ଚକ୍ର ଅନୁଷ୍ଠିତ ହେଉଥିବ । ବାହାରେ କେହି ନ ଥାନ୍ତି । ସେ ଭବନର ପ୍ରବେଶଦ୍ୱାରରେ ଲେଖା ହୋଇଥାଏ—"ଭିତରକୁ ଆସନ୍ତୁ, ଗୋଟିଏ ଚଉକିରେ ସ୍ଥିର ଭାବରେ ବସନ୍ତୁ ।" କ'ଣ ଏ ଲେଖାର ଉଦ୍ଦେଶ୍ୟ ? କାହାର ସଙ୍ଗରେ ପରିଚୟ ନାହିଁ । ଭିତରକୁ ଯିବୁ କିପରି ? ଠିକ ବାରଟା ବେଳକୁ ଦ୍ୱାର ଖୋଲିଲା । ଅନେକ ଲୋକ ବାହାରି ଆସିଲେ ।

ତାଙ୍କ ମଧ୍ୟରୁ ଜଣେ ଲୋକ ମୋ ପାଖକୁ ଆସିଲେ । ପଚାରିଲେ, ତମେ କେଉଁଠାରୁ ଆସିଛ ? ମୁଁ ଉତ୍ତର ଦେଲି, ଭାରତବର୍ଷରୁ । "ସେ କଥା ମୁଁ ଦେଖି ପାରୁଛି । ମାତ୍ର କେଉଁ ସ୍ଥାନରୁ ?" ପଚାରିଲେ । ମୁଁ କହିଲି, ଓଡ଼ିଶାରୁ । ସେ ଅତି ଆନନ୍ଦରେ କହି ଉଠିଲେ—"ଆଚ୍ଛା,

Digitized by srujanika@gmail.com

ବଡ଼ ଆନନ୍ଦର ଦିନ । ମୋର ବନ୍ଧୁ ଦାସ, ମହାନ୍ତି, ପଟ୍ଟନାଏକମାନେ କିପରି ଅଛନ୍ତି ? ମୁଁ ଅବାକ । ବିଶ୍ୱାସ କରି ପାରିଲି ନାହିଁ । ତାଙ୍କର ପରିଚୟ ପଚାରିଲି । ସେ ପରିଚୟ ଦେଲେ । ମୋର ନାମ ମାଟ୍ ଟମ୍ସନ୍ (Matt Thomson) । ମୁଁ ଦୁଇବର୍ଷ ସମ୍ବଲପୁର ବରପାଲିଠାରେ କାମ କରିଛି । ଆଦର୍ଶ ପଲ୍ଲୀ-ସମାଜ ଗଢ଼ିବା ପାଇଁ ଆମ ସଂସ୍ଥା ସେଠାରେ ଉଦ୍ୟମ କରିଛି । ସମ୍ବଲପୁରର ବହୁ ଲୋକଙ୍କ ସହିତ ମୋର ବନ୍ଧୁତା ହୋଇଛି । ମୋର ପରିବାର ବରପାଲିରେ ଥିଲେ । ଆମ ସଂସ୍ଥାର ନାମ କ୍ୱେକର ସମାଜ (Quakers) । ଏଇଟି ଗୋଟିଏ ସେବା-ସଂଘ । ଆର୍ଲ୍ହମ୍ କଲେଜ ଆମର ଦୀକ୍ଷା କ୍ଷେତ୍ର । ଆମେ ରବିବାର ଦିନ ଆମର ଏଇ ଗୀର୍ଜାକୁ ଆସୁ । ସେଇ ସଦନଟି ଆମର ଗୀର୍ଜା । ସେଥିରେ ପ୍ରତିମା ନାହାନ୍ତି । ଦେବଦେବୀ ନାହାନ୍ତି । ପ୍ରତିକୃତି ନାହିଁ, ପ୍ରତିମୂର୍ତ୍ତି ନାହିଁ, ଶୂନ୍ୟ ମନ୍ଦିର । ଆମେ ଏଠାରେ ନିଶ୍ଚଳ ଭାବରେ ଉପାସନା କରୁ ।

ଡେଟନ୍ ସହରରେ ତାଙ୍କ ଘର । ତିରିଶ କିଲୋମିଟର ବାଟ । ମଟର ଗାଡ଼ିରେ କୋଡ଼ିଏ ମିନିଟର ରାସ୍ତା । ଆମ ତିନିଜଣଙ୍କୁ ସାଙ୍ଗରେ ନେଇ ଗଲେ । ସମ୍ବଲପୁର ବିଷୟରେ, ଅନେକ ଲୋକଙ୍କ ବିଷୟରେ ନାନା ପ୍ରଶ୍ନ ପଚାରିଲେ । ସବୁ ମନେ ରଖିଛନ୍ତି । ଜୀବନରେ ଆଦର୍ଶର ଦୀକ୍ଷା ଗ୍ରହଣ କରି, ଆଦର୍ଶରେ ଅନୁପ୍ରାଣିତ ହୋଇ, କର୍ତ୍ତବ୍ୟ କରିବା ଲାଗି କେତେ ଜଣ ବାହାରି ପାରନ୍ତି ? ଆମେରିକାର ସୁଖସମ୍ଭୋଗ ପରିହାର କରି, ବନ୍ଧୁବର୍ଗଙ୍କୁ ଛାଡ଼ି, ସୁଦୂର ବରପାଲିଠାରେ ବର୍ଷ ବର୍ଷ ଧରି ସେବାରତ ହେବା ଅତି ଆଶ୍ଚର୍ଯ୍ୟ । ତଥାପି ଏଇ କେତେ ଜଣ ଏଭଳି ଧର୍ମରେ ଦୀକ୍ଷିତ ହୋଇଛନ୍ତି ।

ମାଟ୍ ଟମସନ୍‌ଙ୍କ ସାଙ୍ଗରେ କେତୋଟି କୃଷି କ୍ଷେତ୍ରକୁ ଯାଇଛୁ । ପ୍ରାଥମିକ ସ୍କୁଲ୍ ଏବଂ ମାଧ୍ୟମିକ ସ୍କୁଲ୍ ଦେଖିଛୁ । ଶିକ୍ଷା ସହିତ ସମାଜ କିପରି ସମ୍ପୃକ୍ତ, ପରିବେଶରୁ ବିଚ୍ଛିନ୍ନ ହୋଇ ଶିକ୍ଷାଲାଭ କରିବା କିପରି ଅବାନ୍ତର, ସେ ସମସ୍ତ ଲକ୍ଷ୍ୟ ରଖି ସବୁଠାରେ ନୂତନତାର ସନ୍ଧାନ କରାଯାଉଛି ।

Digitized by srujanika@gmail.com

ଆଣ୍ଟିଅକ୍ କଲେଜରେ ଯେଉଁମାନେ ପ୍ରଥମ ବର୍ଷରେ ପ୍ରବେଶ କରନ୍ତି, ସେମାନଙ୍କର ରହିବା ପାଇଁ କେତୋଟି ପ୍ରଶସ୍ତ ପ୍ରକୋଷ୍ଠ ବା ହଲ ନିର୍ମିତ ହୋଇଛି । ସବୁ ଛାତ୍ର-ଛାତ୍ରୀ ହଷ୍ଟେଲରେ ରହିବେ । ଏହି ହଷ୍ଟେଲଗୁଡ଼ିକରେ ଛାତ୍ର ବା ଛାତ୍ରୀ ଏକତ୍ର ରହନ୍ତି । ସେଠାରେ କୌଣସି ସେବାକାରୀ ରହନ୍ତି ନାହିଁ । ଅନ୍ତେବାସୀମାନେ ସବୁକାମ କରିବେ । ଘର ସଫା ରଖିବେ । ଗାଧୁଆ ଘର, ପାଇଖାନା ସଫା କରିବେ । ବଜାରରୁ ରସଦ ଆଣିବେ । ରନ୍ଧନ କରିବେ । ଆପଣାର ପରିଧେୟ ସଫା କରିବେ । ସବୁ କାମ ନିଜେ ନିଜେ କରିବେ । କୌଣସି ପ୍ରକାର ସହାୟକ ଦିଆଯାଆନ୍ତି ନାହିଁ । ସେଥିରେ ଆସେ ଆତ୍ମବିଶ୍ୱାସ । ସମସ୍ତେ ଏକତ୍ର ରହିବେ, ଆପଣା ଭିତରେ କାମ ବାଣ୍ଟିବେ । ଏଥିରୁ ଉପୁଜେ ସାମାଜିକ ଜୀବନ । ଦ୍ୱିତୀୟ ବର୍ଷଠାରୁ ଦିଆଯାଏ ଦୁଇ ତିନି ଜଣ ଲେଖାଏଁ ରହିବା ପାଇଁ ପୃଥକ ସଦନ ।

ଶିକ୍ଷାର ଅଭିମୁଖ୍ୟ, ପୂର୍ଣ୍ଣାଙ୍ଗ ମଣିଷ ଗଢ଼ିବାକୁ ହେବ । ଏ ଚେତନା ପ୍ରବର୍ତ୍ତିତ ନ ହେଲେ ସମାଜଦୃଷ୍ଟି ସୃଷ୍ଟି ହୋଇପାରିବ ନାହିଁ । ଶିକ୍ଷାର ପ୍ରତ୍ୟେକ ସ୍ତରରେ ନୂତନ ସନ୍ଧାନ କରାଯାଉଛି । ଆମେ କେତୋଟି ପ୍ରଶସ୍ତ ହଲ ଛାତ୍ରାବାସ ଏବଂ କେତୋଟି ସ୍ୱତନ୍ତ୍ର ନିବାସ ଦେଖିଲୁ । ପରିପାଟୀ ଦେଖି ମୁଗ୍ଧ ହେଲୁ । କୌଣସି ସ୍ଥାନରେ ଅଳିଆ ପଡ଼ିନାହିଁ, ଚିରିକନା କି କାଗଜ ପଡ଼ିନାହିଁ । କେହି ଅଧ୍ୟାପକ ପରାମର୍ଶ ଦେଉ ନାହାନ୍ତି । ଛାତ୍ରଛାତ୍ରୀଙ୍କ ଉପରେ ସମସ୍ତ ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ପରିବେଶ ସୃଷ୍ଟି କରାଯାଇଛି । ଖାଲି ପାଠପଢ଼ା ନୁହେଁ, ଜୀବିକା ନିର୍ବାହ, ସାମାଜିକ ଦାୟିତ୍ୱ, ସ୍ୱାୟତ୍ତ ଶାସନ, ଆତ୍ମନିର୍ଭର-ଶୀଳତା—ଏ ସକଳ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ । ଖାଲି ଶିକ୍ଷା ଦାନ କଲେ ଶିକ୍ଷକର କର୍ତ୍ତବ୍ୟ ସମ୍ପାଦିତ ହେବ ନାହିଁ । ଏହି ଆଦର୍ଶରେ ସୃଷ୍ଟି ହୋଇଛି ଆଣ୍ଟିଅକ୍ କଲେଜ ।

ଆମେ ଯେଉଁ ହୋଟେଲରେ ଥିଲୁ, ତାହାର ପ୍ରବେଶ ଦ୍ୱାରରେ ଲେଖାଅଛି—ଆଣ୍ଟିଅକ୍ ହୋଟେଲ ଆପଣଙ୍କୁ ସ୍ୱାଗତ କରୁଛି । ଭିତରେ ସ୍ୱାଗତିକା ପରିପୁଷ୍ଟ । ପରିଚ୍ଛନ୍ନ ସମାବେଶ । ସ୍ୱାଚ୍ଛନ୍ଦ୍ୟ ଲାଗି ସକଳ

Digitized by srujanika@gmail.com

ବ୍ୟବସ୍ଥା । କେତେ ଜଣ ସେବକା ସବୁବେଳେ କର୍ମରତ । ସେମାନଙ୍କର ବୟସ ପ୍ରାୟ ସତର ଅଠର । ସମସ୍ତେ ସୁଶ୍ରୀ, ସ୍ମାର୍ଟ, ସମବୟସୀ । ନିର୍ଦ୍ଦିଷ୍ଟ ସମୟରେ ଆମ କକ୍ଷରେ ଚା', କଫି ଦେଇ ଯାଉଛନ୍ତି । ବିଭିନ୍ନ ଜାତିର ଫଳ ରଖି ଯାଉଛନ୍ତି । କଥାଭାଷା, ବ୍ୟବହାର, ସବୁଥିରେ ସୁରୁଚି । ଏଭଳି ଏକାପରି ଗୁଡ଼ିଏ ସେବକା ଏମାନେ ପାଇଲେ କେଉଁଠାରୁ ?

ଜଣେ ସେବକାଙ୍କ ସଙ୍ଗେ କଥାବାର୍ତ୍ତା କଲି । ତମେ ଏଠାରେ କେତେ ଦିନ ହେଲା ରହିଲଣି ? କେତେ ବେତନ ଏଠାରେ ମିଳୁଛି ? ଏ ସେବକା ବୃତ୍ତି ଲାଗି ତମର ଆଗ୍ରହ ହେଲା କାହିଁକି ? ସେବକା ଜଣକ ଏହାର ଉତ୍ତର ଦେଲେ । ଆମେ ସମସ୍ତେ ଏଠାରେ ଦୁଇମାସ ହେଲା ରହିଲୁଣି । ଆହୁରି ଗୋଟିଏ ମାସ ରହିବୁ । ଅଭିଜାତ ହୋଟେଲରେ ଯାହା ଦରମା ଦିଆଯାଏ, ଆମକୁ ସେଇ ହାରରେ ପାରିଶ୍ରମିକ ମିଳେ । ଆମେ ସବୁ କଲେଜ ଛାତ୍ରୀ । ଆମେ ସବୁ ଗୃହ ବିଜ୍ଞାନ ଗୋଟିଏ ବିଷୟ ନେଇଛୁ । ଗୋଟିଏ ବର୍ଷ ପରେ ତିନି ମାସ ଏଠାରେ ସେବକା କାର୍ଯ୍ୟ କରୁଛୁ । ମନ୍ତବ୍ୟ ପୁସ୍ତିକାରେ ଆପଣଙ୍କର ମତାମତ ଅନୁଯାୟୀ ଆମକୁ ନମ୍ବର ମିଳିବ । ତା' ପରେ ଯାଇ ଦ୍ୱିତୀୟ ବର୍ଷ ଶ୍ରେଣୀରେ ଗୋଟିଏ ବର୍ଷ ଅଧ୍ୟୟନ କରିବୁ । ତାହା ଶେଷ କରି ଗୋଟିଏ ହାସପାତାଳରେ ସେବକା ହେବୁ ତିନି ମାସ । ତୃତୀୟ ବର୍ଷ ପାଠ୍ୟକ୍ରମ ଶେଷ କରି ଗୋଟିଏ ଖାଦ୍ୟପଦାର୍ଥ କର୍ମଶାଳା ବା ଲାବୋରେଟୋରୀରେ ସହାୟକ ଭାବେ ତିନି ମାସ ନିଯୁକ୍ତି ମିଳିବ । ଚତୁର୍ଥ ବର୍ଷର ପାଠ୍ୟ ଶେଷ କରି ଗୋଟିଏ ପରିଚାଳନା ବା ମାନେଜମେଣ୍ଟ ଅନୁଷ୍ଠାନରେ ତିନି ମାସ ଶିକ୍ଷାନବୀଶ ଭାବରେ କାର୍ଯ୍ୟ କରିବୁ । ଏ ସମସ୍ତ ଶେଷ କଲାବେଳକୁ ଆମକୁ କୌଣସି ଅନୁଷ୍ଠାନରେ ସ୍ୱତଃ ନିଯୁକ୍ତି ମିଳିଯିବ ।

ମୁଗ୍ଧ ହୋଇ ଶୁଣୁଥିଲି । ଅଭିନବ ପରିକଳ୍ପନା । ଆମେରିକାରେ ସବୁ ଶିକ୍ଷାନୁଷ୍ଠାନରେ ସ୍ନାତକ ଶିକ୍ଷାକାଳ ଚାରିବର୍ଷ । ଆଣ୍ଟିଅକ୍‌ରେ ପାଞ୍ଚବର୍ଷ । ଆମ ଦେଶରେ ପନ୍ଦର ବର୍ଷର ଶିକ୍ଷାକାଳକୁ

Digitized by srujanika@gmail.com

ଘଣ୍ଟାଚକଟା କରି ଥରକୁଥର ଭିନ୍ନ ଭିନ୍ନ ଖଣ୍ଡରେ ଭାଗ ଭାଗ କରାଗଲା । ଏବେ କରାଯାଇଛି ଦଶ ଯୁକ୍ତ ଦୁଇ ଯୁକ୍ତ ତିନି । ଦୁଇ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷାବର୍ଷରେ ଅର୍ଦ୍ଧେକ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତିଗତ ଶିକ୍ଷା ଦାନର ବ୍ୟବସ୍ଥା ହେବ ବୋଲି ସ୍ଥିର ହେଲା । ବର୍ଷ ପରେ ବର୍ଷ ଗଡ଼ି ଚାଲିଲା । ବୃତ୍ତିଭିତ୍ତିକ ଶିକ୍ଷା ଆରମ୍ଭ ହେଲା ନାହିଁ । ଯେଉଁ କେତୋଟି ରାଜ୍ୟରେ ବା କରାଗଲା, ସେଠାରେ ଅତି ଅଳ୍ପ ଛାତ୍ର ଏଥିରେ ଯୋଗ ଦେଲେ ।

ସନ୍ଧ୍ୟାରେ ଉପକୁଳପତି ଡଟନ୍‌ଙ୍କ ସଙ୍ଗେ ଆଲୋଚନା କରିବାକୁ ଗଲୁ । ଆପଣଙ୍କ ଶିକ୍ଷା ପ୍ରକରଣରେ ମୌଳିକତା ଅଛି, ନୂତନତାର ସନ୍ଧାନ ଅଛି । ଚମତ୍କାର ବ୍ୟବସ୍ଥା । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତି ବର୍ଷର ଶେଷରେ କିପରି ତିନି ମାସର କର୍ମଯୋଜନା ପ୍ରସ୍ତୁତ କରାଯାଇଛି, ତାହାର ବିଶଦ ବିବରଣୀ ଦେଲେ । ଜୀବିକା ନିର୍ବାହର ବ୍ୟବସ୍ଥା ନ ଥିଲେ ଶିକ୍ଷା ସର୍ବାଙ୍ଗୀନ ହୋଇପାରିବ ନାହିଁ । ଯୁକ୍ତରାଷ୍ଟ୍ରର ବହୁ ସ୍ଥାନରେ ଆଣ୍ଟିଅକ୍ ଛାତ୍ରମାନଙ୍କର ତାଲିମ ନିଯୁକ୍ତି ପାଇଁ ସଂସ୍ଥାନ ହୋଇ ପାରୁଛି । ସେ ବହୁ ଉଦାହରଣ ଦେଲେ । ପଚାରିଲି, ଇତିହାସର ଛାତ୍ରଙ୍କ ପାଇଁ କି ପ୍ରକାର ନିଯୁକ୍ତି ସମ୍ଭବ ହୋଇପାରୁଛି ? ସେ ନିଯୁକ୍ତି ଫର୍ଦ୍ଦ ବାହାର କଲେ । ତିନି ଜଣ ଛାତ୍ରଙ୍କୁ ପ୍ରତ୍ନତତ୍ତ୍ୱ ବିଭାଗରେ ସହକାରୀ ନିଯୁକ୍ତ କରାଯାଇଛି । କେତେକ ସ୍ଥାନରେ ଖୋଦନ କାର୍ଯ୍ୟ ଚାଲିଛି । ସେଠାରେ ସେମାନେ ନିଯୁକ୍ତି ପାଇଛନ୍ତି । ଆଉ ଦୁଇ ଜଣଙ୍କୁ ଇତିହାସ ଗବେଷଣା ପତ୍ରିକା ପ୍ରକାଶନରେ ସହାୟକ ରୂପେ ନିଯୁକ୍ତି ମିଳିଛି ।

ଅନ୍ୟାନ୍ୟ କଲେଜ ପରି ଆଣ୍ଟିଅକ୍ ଶିକ୍ଷାରେ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ ହୋଇଛି । ରସାୟନ, ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ସାହିତ୍ୟ ଇତ୍ୟାଦି । ସବୁଥିରେ ପ୍ରୟୋଗବିଧି ସନ୍ନିବିଷ୍ଟ । ଜଣେ ଛାତ୍ର ଚାରି ପାଞ୍ଚଟି ବିଷୟ ନିଅନ୍ତି । ସେଥିରୁ ଗୋଟିକରେ ସେ ପ୍ରୟୋଗ ବିଧିରେ ତାଲିମ ପାଆନ୍ତି । ଆଣ୍ଟିଅକ୍ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ନୁହେଁ । ମାତ୍ର ସାଧାରଣ ଶିକ୍ଷାରେ ଜୀବିକା

Digitized by srujanika@gmail.com

ନିର୍ବାହର ପନ୍ଥା ନ ରହିଲେ, ସେ ଶିକ୍ଷା ବିକଳାଙ୍ଗ ହୋଇଯିବ । ଶିକ୍ଷାରେ ଜୀବିକାର ବ୍ୟବସ୍ଥା ଖୋଜା ଯାଇଛି । ଜନସେବାର ଆକାଂକ୍ଷା ନ ଥିଲେ ଶିକ୍ଷା କଳୁଷିତ ହୁଏ । ସାମାଜିକ ଚେତନାରେ ଅଧ୍ୟୁଷିତ ନ ହେଲେ ଶିକ୍ଷା ଅବାନ୍ତର ହୁଏ । ଆତ୍ମନିର୍ଭରଶୀଳତା ଶୃଙ୍ଖଳାର ମୁଖ୍ୟ ଅଙ୍ଗ । ସେଥିରେ ତାଲିମ ନ ହେଲେ ତଥାକଥିତ ଶିକ୍ଷିତ ଯୁବଶକ୍ତିର ମେରୁଦଣ୍ଡ ଦୁର୍ବଳ ହୋଇ ପଡ଼ିବ । ସାମାଜିକ ଏବଂ ପ୍ରାକୃତିକ ପରିବେଶ ଶିକ୍ଷାର କର୍ମଭୂମି । ଏ ସକଳ ଆଦର୍ଶକୁ ସମନ୍ୱିତ କରି ଆଣ୍ଟିଅକ୍ ଶିକ୍ଷାର ଯୋଜନା କରାଯାଇଛି ।

ଏଥିରେ ଉପରୁ ବା ବାହାରୁ କେହି ହସ୍ତକ୍ଷେପ କରନ୍ତି ନାହିଁ । ଏଥିରେ ରାଜନୀତିର ଅନୁପ୍ରବେଶ ନାହିଁ । କୌଣସି ରାଜନୀତିକ ଦଳ ସହିତ ଏହାର ସମ୍ପର୍କ ନାହିଁ । ଆମେରିକାରେ ଅନ୍ୟ କୌଣସି କଲେଜରେ ଏପରି ବ୍ୟବସ୍ଥା ଅଛି କି ? ପଚାରିଲି । ଅନ୍ୟ କୌଣସି ସ୍ଥାନରେ ନାହିଁ । ଆର୍ଥର ମର୍ଗାନ ଏ ଶିକ୍ଷାପଦ୍ଧତି ଆମେରିକାର ବିଭିନ୍ନ ସ୍ଥାନରେ ଅନୁସୃତ ହେଉ ବୋଲି କେବେହେଁ କହି ନାହାନ୍ତି । ଏହି ପଦ୍ଧତିଟି ଆଣ୍ଟିଅକ୍‌ରେ ଚିରଦିନ ରହିବ ବୋଲି ମତ ବ୍ୟକ୍ତ କରି ନାହାନ୍ତି । ପରିବେଶ ଅନୁଯାୟୀ ଅନୁସନ୍ଧାନ ଶିକ୍ଷା ପଦ୍ଧତିର ସଞ୍ଚାଳକ ହୋଇ ରହିବ । ସେଇ ଅନୁସନ୍ଧାନରେ ନିହିତ ବିକାଶର ଧାରା ।

ଆମ ଦେଶରେ ଚିନ୍ତାଧାରାର ଅଭାବ ନାହିଁ । ମାତ୍ର ଗତାନୁଗତିକ ପନ୍ଥାରେ ଆମେ ନିବିଡ଼ ଭାବରେ ଜଡ଼ିତ । ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଶିକ୍ଷା ମଧ୍ୟରେ ଦ୍ୱନ୍ଦ୍ୱ ବହୁକାଳ ଲାଗିଲା । ମାତ୍ର ଖାଲି ଶିକ୍ଷା ରାଜ୍ୟରେ ନୁହେଁ, ସକଳ ସ୍ତରରେ ସେ ପ୍ରାଚ୍ୟ-ପାଶ୍ଚାତ୍ୟ ବିରୋଧ ବହୁକାଳରୁ ଅପସୃତ ହୋଇଗଲାଣି । ପୃଥିବୀପୃଷ୍ଠରେ ଦୂରତା ଏବଂ ସମୟର ବ୍ୟବଧାନ ଦୂରୀଭୂତ ହୋଇ ଯାଇଛି । ସବୁଆଡ଼େ କମ୍ପ୍ୟୁଟର ସଭ୍ୟତାର ପ୍ରସାର । ପନ୍ଦର ବର୍ଷର ଶିକ୍ଷାକାଳକୁ ଦଶ, ଦୁଇ, ତିନି ବର୍ଷରେ ଭାଗ ଭାଗ କରି ଭାରତରେ ସର୍ବତ୍ର ଏହାର ପ୍ରବର୍ତ୍ତନ କଲେ ଦେଶରେ ସଂହତି ବୃଦ୍ଧି ପାଇବ ବୋଲି ଯୁକ୍ତି ବାଢ଼ିବା ଖାଲି ଅବାନ୍ତର ବକ୍ତୃତା । ସ୍ଥାଣୁ ଏବଂ ଗତାନୁଗତିକ ବ୍ୟବସ୍ଥା କେବଳ ପ୍ରତିକୂଳ ସ୍ରୋତରେ ସନ୍ତରଣ ।

Digitized by srujanika@gmail.com

ନୂତନତାର ସନ୍ଧାନ ବିକାଶର ମୂଳମନ୍ତ୍ର । ମାତ୍ର ଏବେ ମଧ୍ୟ ନୂତନତା ପ୍ରତି ଆମେ ବିମୁଖ ।

ଆର୍ଥର ମରଗାନ୍ ରାଧାକୃଷ୍ଣନ୍ ୟୁନିଭର୍ସିଟି କମିଶନର ସଦସ୍ୟ ଥିଲେ । ତାଙ୍କର ପ୍ରରୋଚନାରେ କମିଶନଙ୍କ ରିପୋର୍ଟରେ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ବିଷୟରେ ଗୋଟିଏ ଅଧ୍ୟାୟ ସ୍ଥାନ ପାଇଛି । ସେଥିରେ ଭାରତୀୟ ପରିପ୍ରେକ୍ଷୀରେ ଆଣ୍ଟିଅକ୍ ଶିକ୍ଷାପ୍ରଣାଳୀ ଭିତ୍ତିରେ ଏକ ସ୍ୱତନ୍ତ୍ର ସୁପାରିଶ ସନ୍ନିବିଷ୍ଟ ହୋଇଛି । ମାତ୍ର ସେହି ରିପୋର୍ଟ ହିଁ ହୋଇଛି ତାର ଶୀତଳ ଭଣ୍ଡାର । ସେଇଠାରେ ବନ୍ଧା ହୋଇରହିଛି ।

ଆଣ୍ଟିଅକ୍‌ରେ ଆଉର ଏକ ବିଶେଷତ୍ୱ ଅଛି । ଭାରତବର୍ଷରେ ୟୁନିଭର୍ସିଟିମାନେ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି । ସ୍ୱୀକୃତିପ୍ରାପ୍ତ କଲେଜରେ ପରୀକ୍ଷା କରନ୍ତି । ପାଠ୍ୟ ନିର୍ଦ୍ଧିଷ୍ଟ ଗ୍ରନ୍ଥମାନେ କି ପରିମାଣରେ ଆୟତ୍ତ କରିଛନ୍ତି, ତାହାର ମୂଲ୍ୟାଙ୍କନ ହୁଏ ପରୀକ୍ଷାରେ । ଆଣ୍ଟିଅକ୍‌ରେ ପରୀକ୍ଷା ଶିକ୍ଷାଦାନର ଅଙ୍ଗବିଶେଷ । ମୂଲ୍ୟାଙ୍କନ ଲାଗି ଅଭିପ୍ରେତ ନୁହେଁ । ପରୀକ୍ଷା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଲୋଡ଼ା ହୁଏ ନାହିଁ କି ପରୀକ୍ଷା ପୂର୍ବରୁ ପ୍ରଗାଢ଼ ପରିଶ୍ରମ କରିବାକୁ ପଡ଼େ ନାହିଁ । ପରୀକ୍ଷା ଶିକ୍ଷାପ୍ରକରଣରେ ଅନ୍ତର୍ଭୁକ୍ତ । ଏ ପ୍ରଣାଳୀ ଭାରତବର୍ଷରେ ପ୍ରବର୍ତ୍ତନ କରିବା କଳ୍ପନାର ବହିର୍ଭୂତ ।

ଆଣ୍ଟିଅକ୍ ଶିକ୍ଷା-ପଦ୍ଧତିର ଅନୁକରଣ ବା ଅନୁସରଣ ଆମ ଦେଶରେ ପ୍ରଯୁଜ୍ୟ ନ ହୋଇପାରେ । ମାତ୍ର ଗୋଟିଏ ପଦ୍ଧତି ସମଗ୍ର ଦେଶରେ ଆରୋପ କରିଦେବା ଅବାଞ୍ଛନୀୟ । ବିଭିନ୍ନ ଅନୁଷ୍ଠାନରେ ଶିକ୍ଷା ପ୍ରକରଣ ପାଇଁ ବାସ୍ତବ ପନ୍ଥାର ଅନ୍ୱେଷଣ ଏକାନ୍ତ ଆବଶ୍ୟକ । ସେ ପନ୍ଥାରେ ପରିବେଶ, ସାମାଜିକ ଚେତନା, ଜୀବିକା ଅର୍ଜନ, ଜନସେବା, ଆତ୍ମନିର୍ଭରଶୀଳତା ପୂର୍ଣ୍ଣ ମାତ୍ରାରେ ଜଡ଼ିତ ହେବା ପ୍ରୟୋଜନ । ଏଥିରେ କ'ଣ ମତାନ୍ତର ରହିପାରେ ? ପନ୍ଥାର ସନ୍ଧାନ ଶିକ୍ଷାନୁଷ୍ଠାନର କର୍ତ୍ତବ୍ୟ । ସେ ସନ୍ଧାନ ଥରକରେ ଶେଷ ହୁଏ ନାହିଁ । ଅବିରତ ଲାଗିଥାଏ । ଏଇ ଅବିରତ ସନ୍ଧାନରୁ ଉଦ୍ଭୂତ ବିକାଶର ଧାରା ।

●

ଯୋଡ଼ିବ ଆମକୁ କିଏ ?

ଦେଖା ନ ଥିଲି ! କୁଆଡ଼େ ଯାଇଥିଲ ? ପଚାରିଲେ ଜଣେ ବନ୍ଧୁ ।

ଅନେକ ଦୂରକୁ ଯାଇଥିଲି । ଓଡ଼ିଶା ବାହାରକୁ । ଉତ୍ତର ଦେଲି ।

କୁଆଡ଼େ ? ଦିଲ୍ଲୀ, ବମ୍ବେଇ ନା ଭାରତ ବାହାରକୁ ?

ନାଇଁ । ଯାଇଥିଲି ଖଡ଼ଗପୁରକୁ ।

କହୁଛ ଅନେକ ଦୂର ଦେଶକୁ । ଓଡ଼ିଶା ବାହାରକୁ ? ବନ୍ଧୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ହଁ, ଅନେକ ଦୂର । ପୁରୀରୁ ଏକ୍‌ସପ୍ରେସରେ କଲିକତା ଯିବାକୁ ଲାଗେ ଏଗାର ଘଣ୍ଟା । ଉତ୍କଳ ଏକ୍‌ସପ୍ରେସରେ ପୁରୀରୁ ଖଡ଼ଗପୁର ଯିବାକୁ ଲାଗେ ପନ୍ଦର ଘଣ୍ଟା । ଏ ଗାଡ଼ିଟି ପୁରୀରୁ ଆସି କଟକରେ ରାତି ଦଶଟାରେ ପହଞ୍ଚିବାର କଥା । ମାତ୍ର ସବୁଦିନ ବିଳମ୍ବ ହୁଏ । ମୁଁ ଗଲାଦିନ ରାତିଅଧରେ ପହଞ୍ଚିଲା । ଗାଡ଼ିରେ ଚଢ଼ିଲି । ଖଡ଼ଗପୁରରେ ରାତି ଥାଇ ପହଞ୍ଚିବାର କଥା । ସକାଳ ହୋଇଗଲା । ଚାହାବାଲାକୁ ଡାକିଲି । ଓଡ଼ିଆରେ କହିଲି; ସେ ବୁଝିଲା ନାହିଁ । ବଙ୍ଗଳାରେ କହିଲି । ଟାଟାନଗର ଷ୍ଟେସନରେ ଗାଡ଼ି ଲାଗିଲା ବେଳକୁ ଦିନ ଅନେକ ହୋଇ-ଗଲାଣି । ଜଳଖିଆ ଦୋକାନକୁ ଗଲି । ଓଡ଼ିଆରେ କହିଲି । ଶୁଣିଲା ନାଇଁ, ବଙ୍ଗଳାରେ କହିଲି । ବୁଝିଲା । ହିନ୍ଦୀରେ କହିଲି । ମିଳିଲା ।

ଗାଡ଼ି ଯାଇ ଠିଆହେଲା ଚକ୍ରଧରପୁର ଷ୍ଟେସନରେ । ଓଡ଼ିଶା କେତେବେଳୁ ଛାଡ଼ି ଆସିଲିଣି । ହଠାତ୍ ଆଖିରେ ପଡ଼ିଲା ପ୍ଲାଟଫର୍ମ ପଟାରେ ଲେଖାଯାଇଛି ଓଡ଼ିଆ ଅକ୍ଷରରେ "ଚକ୍ରଧର ପୁର" ଗାଡ଼ିରୁ ଓହ୍ଲାଇ ପଡ଼ିଲି । ପୁଣି କଣ ଓଡ଼ିଶା ଆସିଗଲା କି ? କୁଲିଆଡ଼କୁ ଚାହିଁଲି, ଓଡ଼ିଆ କଥାବାର୍ତ୍ତା କାନରେ ବାଜିଲା । ଗାଡ଼ି ଯାଇ ଖଡ଼ଗପୁରରେ ପହଞ୍ଚିଲା ବେଳକୁ ଦିନ ଦୁଇପ୍ରହର । ଓହ୍ଲାଇଲି । କୁଲିକୁ ଓଡ଼ିଆରେ

Digitized by srujanika@gmail.com

କହିଲି । ବୁଝିଲି ନାହିଁ । ଭଙ୍ଗା ହିନ୍ଦୀରେ କହିଲି । ବାହାରକୁ ଆସିଲି ।

ସନ୍ଧ୍ୟାରେ ଗଲି ଦେଖିବାକୁ ବଜାର । ପୁରୁଣା ରାଉରକେଲା । ଷ୍ଟିଲ୍‌ପ୍ଲାଣ୍ଟ ସାମନାରେ ଅନେକ ଦୂର ଲମ୍ବିଯାଇଛି । ଖୁବ୍ ବଡ଼ ବଜାର । ବଡ଼ ବଡ଼ ଦୋକାନ । ଆଲୋକରେ ଝଲକ ପଡୁଛି । ଯେଉଁ ଦୋକାନକୁ ଗଲି, ହିନ୍ଦୀରେ କଥାବାର୍ତ୍ତା । ଓଡ଼ିଶା ରାଇଜ ପରି ଲାଗିଲା ନାହିଁ ।

ଇସ୍ପାତ ନଗରୀ ଭିତରକୁ ଗଲି । ଷ୍ଟିଲ୍ ଟାଉନ୍‌ସିପ୍ । ସୁନ୍ଦର ଢାଞ୍ଚାରେ ତିଆରି ହୋଇଛି । ମନୋରମ ନଗରୀ । ସେଠାରେ ମଧ୍ୟ ଅଣଓଡ଼ିଆ ପରିବେଶ । ହାଟ ବଜାରରେ ହିନ୍ଦୀରେ କଥାବାର୍ତ୍ତା । ହେଲେ, ଓଡ଼ିଆ ଲୋକେ ଗଢିଛନ୍ତି ଏକ ଓଡ଼ିଆ ସମାଜ । ଏ ସମାଜ ସୃଷ୍ଟି କରିଛି ଏକ ଓଡ଼ିଆ ସଂସ୍କୃତିର ସମାବେଶ । ଓଡ଼ିଆ ସାହିତ୍ୟ, ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି । ଦେଖିଲେ ଆନନ୍ଦ ଲାଗିବ । ପ୍ରାଣରେ ପୁଲକ ଆସିବ । ସତେ ଯେପରି ବିରାଟ ମରୁଭୂମିରେ ଏକ ଶ୍ୟାମଳ ଉଦ୍ୟାନ ।

ସବୁଆଡ଼ ବୁଲି ଦେଖିବ । ରିକ୍‌ସା ଡାକିଲି । ସାଙ୍ଗରେ ଥିଲେ ସେଠାର ଜଣେ ଓଡ଼ିଆ ବନ୍ଧୁ । ସେ କହିଲେ, ରିକ୍‌ସାବାଲାକୁ ଓଡ଼ିଆରେ କହିଲେ, ସେ ବେଶୀ ଭଡ଼ା ମାଗିବ । ଜାଣିବ, ଇଏ ଜଣେ ବିଦେଶୀ । କିନ୍ତୁ କାହିଁକି ? ଓଡ଼ିଆ ଏଠାରେ ପରଦେଶୀ କାହିଁକି ? ଓଡ଼ିଆଭାଷୀ ଅଞ୍ଚଳ ମିଶି ଓଡ଼ିଶା ରାଜ୍ୟ ସୃଷ୍ଟି କରାଯାଇଛି ; ମାତ୍ର ଓଡ଼ିଶାର ପ୍ରାଣ ସମନ୍ୱିତ ହୋଇପାରି ନାହିଁ । କାହିଁକି ?

ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଆସିଥିଲା ବାଣିଜ୍ୟ କରିବା ପାଇଁ । ଆମ ଅବସ୍ଥାର ସୁଯୋଗ ନେଇ ରାଜ୍ୟ ଜୟ କଲା । ତାର କାର୍ଯ୍ୟକାଳ ପୂରିଲା । ବ୍ରିଟିଶ୍ ସରକାର ଭାରତ ଶାସନ କଲେ । ଶାସନ ସଙ୍ଗେ ମିଶିଲା ସେଇ ନୀତି—ବାଣିଜ୍ୟ ବ୍ୟବସାୟ । ରେଳପଥ ତିଆରି କଲେ । ବାଣିଜ୍ୟର ସୁବିଧା ପାଇଁ ବନ୍ଦରକୁ ବନ୍ଦର ସଂଯୋଗ କଲେ ।

କଲିକତାରୁ ମାନ୍ଦ୍ରାଜ ରେଳପଥ ବନ୍ଧା ହେଲା । ବଙ୍ଗୋପ-

Digitized by srujanika@gmail.com

ସାଗର ଭିତରେ ଲାଇନ ଯାଇପାରିଲା ନାହିଁ । ଓଡ଼ିଶା ଉପକୂଳକୁ ସ୍ପର୍ଶ କରି ବାହାରିଗଲା । କଲିକତା ସାଙ୍ଗରେ ବମ୍ବେ ଯୋଡ଼ିବାକୁ ହେବ । ଓଡ଼ିଶାର ଉତ୍ତର ପଶ୍ଚିମ ପ୍ରାନ୍ତକୁ ସ୍ପର୍ଶ କରି ବାହାରିଗଲା ରେଲପଥ । ବିଶାଖାପାଟଣାରେ ତିଆରି ହେଲା ବନ୍ଦର । ତାକୁ ଯୋଡ଼ିବାକୁ ହେବ ବମ୍ବେ ସାଙ୍ଗରେ । ବିଜୟନଗରଠାରୁ ଲାଇନ୍ ଯାଇ ବମ୍ବେ ଲାଇନ୍‌ରେ ମିଶିଲା ରାୟପୁରଠାରେ । ଏଇଟି ଓଡ଼ିଶାର ଦକ୍ଷିଣକୁ ଛୁଇଁ ଦେଇଗଲା । ରେଲପଥ ହେଲା ଓଡ଼ିଶାର ସ୍ପର୍ଶକ ।

ଦକ୍ଷିଣ ଭାରତରେ କୋଇଲା ଖଣି ନାହିଁ । ସେ ଅଞ୍ଚଳରେ ରେଲ ଇଞ୍ଜିନ୍ ଚାଲିବ କିପରି ? ଦକ୍ଷିଣ ଭାରତୀୟ ରେଲ କମ୍ପାନୀ କଟକରୁ ତାଳଚେର ଲାଇନ୍ ତିଆରି କଲେ କୋଇଲା ନେବା ପାଇଁ । ଟାଟା କମ୍ପାନୀ ଜାମସେଦ୍‌ପୁରଠାରେ ଗଢ଼ିଲେ ଇସ୍ପାତ କାରଖାନା । ଲୁହାପଥର ନେବେ ମୟୂରଭଞ୍ଜର ବାଦାମପାହାଡ଼ ଅଞ୍ଚଳରୁ । ଜାମସେଦ୍‌ପୁରରୁ ରାୟରଙ୍ଗପୁର ପର୍ଯ୍ୟନ୍ତ ରେଲ ଲାଇନ୍ ତିଆରି କଲେ । ଓଡ଼ିଶାର ହିତ ପାଇଁ, କଲ୍ୟାଣ ପାଇଁ, ଓଡ଼ିଶାର ବିକାଶ ପାଇଁ କୌଣସି ରେଲପଥ ତିଆରି ହେଲା ନାହିଁ ।

ପାରାଦ୍ୱୀପ ବନ୍ଦର ତିଆରି ହେଲା । ବହୁ ଅନୁନୟ ବିନୟ କରାଗଲା । ପାରାଦ୍ୱୀପକୁ ରେଲ ଲାଇନଟିଏ ପଡ଼ିପାରିଲା ନାହିଁ । ଟ୍ରକ୍‌ରେ ଲୁହାପଥର ବୁହାଗଲେ ଭଡ଼ା ବହୁତ ବେଶୀ । ସେଥିରେ ପାରାଦ୍ୱୀପରୁ ଲୁହାପଥର ବୋଝେଇ କରାଗଲେ ବିଦେଶୀ ବଜାରରେ ତା'ର କାଟତି ହେବ କିପରି ? ବହୁ ବର୍ଷ ପରେ କଟକରୁ ରେଲ ଲାଇନ୍‌ଟିଏ ଗଲା ପାରାଦ୍ୱୀପ । ଏବେ ଯକ୍ଷପୁରଠାରୁ ଦୈତାରି ଲୁହାପଥର ଖଣି ପର୍ଯ୍ୟନ୍ତ ଯାଇଛି ଲାଇନ୍ । ବହୁ ଉଦ୍ୟମ ଫଳରେ ସମ୍ବଲପୁରଠାରୁ ରେଲପଥ ଯାଇଛି ବଲାଙ୍ଗୀର ଜିଲାର ଟିଟିଲାଗଡ଼ ପର୍ଯ୍ୟନ୍ତ । ଯାଇ ରାୟପୁର ଲାଇନ୍‌ରେ ମିଶିଛି । ଆନନ୍ଦର କଥା । ମାତ୍ର ଏଇ ଲାଇନ୍ ଖଣ୍ଡିକ ଯୋଡ଼ିଦେଇ ପାରାଦ୍ୱୀପର ଶ୍ୱାସରୁଦ୍ଧ ହୋଇଯାଇଛି । ମଧ୍ୟ-ପ୍ରଦେଶରୁ ଲୁହାପଥର, ମାଙ୍ଗାନିଜ ଯାଉଛି ବିଶାଖାପାଟନା ବନ୍ଦରକୁ । ପାରାଦ୍ୱୀପ ଆସିବାକୁ ବାଟ ନାହିଁ ।

Digitized by srujanika@gmail.com

ଏସବୁ ଅର୍ଥନୈତିକ ବଗୃର । ପାହାଡ଼ ହାଣି ଲୁହାପଥର ପ୍ରଭୃତି ଖଣିଜପଦାର୍ଥ ବିଦେଶକୁ ରପ୍ତାନି କରିବା ଅଯୋଗ୍ୟତାର ପରିଚୟକ । ରାଜଗୋପାଳାଚାରୀ କହିଥିଲେ, ସେସବୁ ଖଣିଜ ଦ୍ରବ୍ୟ ପଡ଼ି ରହିଥାଉ । ଆମ ବଂଶଧରମାନେ ଯୋଗ୍ୟ ହେବାର ସମ୍ଭାବନା ଅଛି । ସେତେବେଳେ ସେମାନେ ଲୁହାପଥର ପରିବର୍ତ୍ତେ ଲୁହା ଇସ୍ପାତ ରପ୍ତାନି କରିବେ ।

ସଂଯୋଗର ମାର୍ଗ ନ ଥାଇ ଓଡ଼ିଶାର ସାମାଜିକ ବନ୍ଧନ କ୍ଷୁଣ୍ଣ ହୋଇଯାଇଛି । ଭିତରଟାଯାକ ଅନ୍ଧକାର । ଭାରତକୁ ଏକ ରାଷ୍ଟ୍ରରେ ପରିଣତ କରିବାରେ ଏକ ମହନୀୟ ସହାୟକ ରେଳପଥ । ଓଡ଼ିଶାର ଏକୀକରଣରେ ପ୍ରଧାନ ଅନ୍ତରାୟ ରେଳପଥର ଅଭାବ ।

ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ବହୁ ବର୍ଷଧରି ଆନ୍ଦୋଳନ ଚାଲିଲା । କେହି କର୍ଣ୍ଣପାତ କଲେ ନାହିଁ । ଭାରତକୁ କପରି ଭାବରେ, କେତେ ମାତ୍ରାରେ କ୍ଷମତା ହସ୍ତାନ୍ତର କରାଯାଇ ପାରିବ, ସେ ବିଷୟ ତଦନ୍ତ କରିବା ପାଇଁ ୧୯୨୮ ମସିହାରେ ଆସିଲେ ସାଇମନ କମିଶନ । ଏଥିରେ ସାତଜଣ ସଭ୍ୟ । ସମସ୍ତେ ଇଂରେଜ । ଓଡ଼ିଶାର ଦାବୀକୁ ପ୍ରଥମେ ସମର୍ଥନ କଲେ ଏଇ କମିଶନ । ସକଳ ଦିଗରୁ ଆଲୋଚନା କରି, ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ଉଚିତ ବୋଲି କମିଶନ ସୁପାରିଶ କଲେ ।

ସେତେବେଳେ ବିହାର-ଓଡ଼ିଶା ଗୋଟିଏ ପ୍ରଦେଶ । କମିଶନ ଓଡ଼ିଶା ଆସି ନ ଥିଲେ । ଓଡ଼ିଶାର କେତେକ ନେତା ରାଜଧାନୀ ପାଟନାକୁ ଯାଇ ଓଡ଼ିଶାର ଦାବୀ ଉପସ୍ଥାପନ କରିଥିଲେ । ସେମାନେ କଲିକତା ବାଟେ ଯାଇଥିଲେ ପାଟନା । ଏ କଥା ଶୁଣି କମିଶନ ଆଶ୍ଚର୍ଯ୍ୟ ହୋଇଗଲେ । ଗୋଟିଏ ପ୍ରଦେଶ ଭିତରେ ଏକ ଅଞ୍ଚଳ ସହିତ ଅନ୍ୟ ଏକ ଅଞ୍ଚଳର ଯୋଗାଯୋଗ ନାହିଁ । ଓଡ଼ିଶାର ଲୋକେ ବଙ୍ଗଦେଶ ବାଟେ ବିହାର ଆସୁଛନ୍ତି । ଏହା ଏକ ଅକ୍ଷମଣୀୟ ବିଡ଼ମ୍ବନା ବୋଲି କମିଶନ ଉଲ୍ଲେଖ କରିଥିଲେ ।

ଏବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୪୭ ବର୍ଷ ପରେ, ଭାରତ ସ୍ୱାଧୀନ ହେବାର ୩୬ ବର୍ଷ ପରେ ଏ ଅବସ୍ଥା ଅଧିକ ଉତ୍କଟ

Digitized by srujanika@gmail.com

ହୋଇପଡ଼ୁଛି । ଭୁବନେଶ୍ୱରଠାରୁ ରାଉରକେଲା ଯିବାକୁ ହେଲେ ଉତ୍ତର ବାଟେ ପଶ୍ଚିମବଙ୍ଗ ଏବଂ ବିହାର ମଧ୍ୟରେ ପଶିବାକୁ ପଡୁଛି । ଦକ୍ଷିଣ ବାଟେ ଗଲେ ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶ ଭିତରେ ଯିବାକୁ ପଡୁଛି । ଏଥିରେ ଓଡ଼ିଶାର ଲୋକେ ଓଡ଼ିଶା ଭିତରେ ପରଦେଶୀ ହେବା ଛଡ଼ା କ'ଣ ? ଓଡ଼ିଶାର ସାଂସ୍କୃତିକ ଡୋର ଠାଆକୁ ଠାଆ ଛିଣ୍ଡିଯାଉଛି

ମୟୂରଭଞ୍ଜ ମହାରାଜା ରୂପ୍‌ସାରୁ ବାରିପଦା ବାଟେ ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଲ ଲାଇନ କରିଥିଲେ । ସଂକୀର୍ଣ୍ଣ ଗେଜ୍ ରେଳପଥ । ପାରଳାଖେମୁଣ୍ଡି ମହାରାଜା ନୂଆପଡ଼ାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସେଇପରି ସରୁ ଗେଜ୍ ଲାଇନ ତିଆରି କରିଥିଲେ । ଏ ଦୁଇଟି ଏବେ ମଧ୍ୟ ସେହିପରି ରହିଛି । ସଂଗ୍ରହାଳୟରେ ରହିବାର କଥା । ଭାରତରେ କେତେ ସଂକୀର୍ଣ୍ଣ ପଥ ପ୍ରଶସ୍ତ ଗେଜ୍‌ରେ ପରିଣତ ହୋଇଚାଲିଣି । ବକ୍ତିଆରପୁରଠାରୁ ରାଜଗିରି ପର୍ଯ୍ୟନ୍ତ ସଂକୀର୍ଣ୍ଣ ଗେଜ୍ ପ୍ରଶସ୍ତ ଗେଜ୍ ହୋଇପାରିଲା । ମାତ୍ର ରୂପ୍‌ସା–ବାଙ୍ଗିରିପୋଷି ଲାଇନକୁ ପ୍ରଶସ୍ତ ଗେଜ କରି ରାୟରଙ୍ଗପୁର ସଙ୍ଗେ ଯୋଡ଼ିଦେବା ପ୍ରସ୍ତାବ ଅଗ୍ରାହ୍ୟ ହୋଇ ପଡ଼ିରହିଛି ।

ବର୍ଷ ବର୍ଷ ଧରି ଓଡ଼ିଶାରେ ରେଳପଥର ପ୍ରସାର ଲାଗି ନାନା ଆଲୋଚନା ପ୍ରକାଶ ପାଉଛି । ତାଳଚେର ଲାଇନ ସମ୍ବଲପୁର ସଙ୍ଗେ ଲାଗିଯିବ । ଦୈତାରି ଲାଇନ ବଣାଇ ପର୍ଯ୍ୟନ୍ତ ଚାଲିଯିବ । ରାୟଗଡ଼ା କୋରାପୁଟ ସଙ୍ଗେ ଯୋଡ଼ି ହୋଇଯିବ । ଖୋର୍ଦ୍ଧାରୋଡ଼ରୁ ନୟାଗଡ଼ ବାଟେ ଲାଇନ ବଲାଙ୍ଗୀର ପହଞ୍ଚିଯିବ—ଇତ୍ୟାଦି, ଇତ୍ୟାଦି । ସମ୍ବାଦ ପତ୍ରରେ ଯେତେ ବକ୍ତୃତା, ପ୍ରସ୍ତାବ, ଆଲୋଚନା ପ୍ରକାଶିତ ହେଉଛି, ସେ ସବୁ ଏକାଠି କରି ଦେଖିଲେ ଜଣାଯିବ, ଓଡ଼ିଶାର ବିଲ, ବନ, ପାହାଡ଼, ପ୍ରାନ୍ତର ସବୁଆଡ଼େ ରେଳପଥ ଖେଳିଯାଇଛି ।

ବିହାରରୁ ପାଟିକରି କହିଲେ ରାଉରକେଲା, ବାରିପଦାପୁରକୁ ଶୁଣାଯାଏ । ଆମେ ଶୁଣିବା ପାଇଁ ପ୍ରସ୍ତୁତ । ରାୟପୁରର ଆଦିବାସୀ ନାଚ ସମ୍ବଲପୁରକୁ ଦେଖାଯାଏ । ଆମେ ଦେଖିବା ପାଇଁ ପ୍ରସ୍ତୁତ ।

Digitized by srujanika@gmail.com

ଆନ୍ଧ୍ର ପ୍ରଦେଶର କର୍ଣ୍ଣାଟକ ଭଗିନୀ ବ୍ରହ୍ମପୁରକୁ ଭସି ଆସେ । ଆମେ ଆହରଣ କରିବା ପାଇଁ ପ୍ରସ୍ତୁତ । ସେଥିରେ ସଂସ୍କୃତି ବ୍ୟାହତ ହୁଏ ନାହିଁ । ମାତ୍ର ଯାହା ଆମର, ତା'କୁ ଆମ ଘରର ଭିତରେ ଶୁଣି ନ ପାରିଲେ, ଦେଖି ନ ପାରିଲେ, ଜାଣି ନ ପାରିଲେ, ସଂସ୍କୃତି ବାଧା ପାଏ । ଓଡ଼ିଶାର ଧର୍ମ, ଭାଷା, କଳା, ସାହିତ୍ୟ, ନୃତ୍ୟସଙ୍ଗୀତ, ପୁରାଣ ଇତିହାସ, ଦେବଦେବୀ, ପର୍ବପର୍ବାଣି—ଏ ସମସ୍ତ ଗଢ଼ି ଥୋଇଛନ୍ତି ଏକ ବିରାଟ ସଂସ୍କୃତି । ସେଥିରେ ମିଶିଛି ବିଭିନ୍ନ ଅଞ୍ଚଳର ଅବଦାନ । ସଂଯୋଗର ଅଭାବରେ ସେ ସମସ୍ତ ସଙ୍କୁଚିତ ହୋଇପଡ଼ୁଛି । ଓଡ଼ିଆ ସମାଜ ଖଣ୍ଡିତ ହୋଇଯାଉଛି । ଆଞ୍ଚଳିକ ସଂକୀର୍ଣ୍ଣତା ମୁଣ୍ଡ ଟେକୁଛି । ଉଦ୍ଭୂତ ହେଉଛି, ଉପକୂଳ ଓଡ଼ିଶା, ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା । ଏ ଉଚ୍ଛେଦ ପରିପୁଷ୍ଟ କରୁଛି ରେଳପଥର ଅଭାବ, ରେଲ ଦପ୍ତରର ଅବହେଳା ।

ସନ୍ନିଧିରୁ ଉପୁଜେ ସଦ୍ଭାବ । ଦୂରତ୍ୱରୁ ଉପୁଜେ ସନ୍ଦେହ । ସଂଯୋଗ ଆଣିଦିଏ ସାନ୍ନିଧ । ରେଳପଥ ଓଡ଼ିଶାରେ ସଂଯୋଗ ସ୍ଥାପନ କରିନାହିଁ । ପୁରୀ କଟକରୁ କନ୍ୟା ପିତା ଜୁଆଇଁ ଖୋଜିବାକୁ ଯାଆନ୍ତି ନାହିଁ କଳାହାଣ୍ଡି, ବଲାଙ୍ଗୀର । କଲିକତାରେ ଫୁଟବଲ ଖେଳ ଦେଖିବାକୁ କଟକ ଭୁବନେଶ୍ୱରରୁ ଯାଆନ୍ତି ଅନେକ କିଶୋର ଯୁବକ । ମାତ୍ର ବାରବାଟୀ ଷ୍ଟେଡ଼ିଅମ୍‌ରେ ଅଷ୍ଟ୍ରେଲିଆ ସହିତ କ୍ରିକେଟ ଖେଳ ଦେଖିବାକୁ ସମ୍ବଲପୁର ଆଡ଼ୁ କେହି ଆସନ୍ତି ନାହିଁ । ରେଳପଥରେ ସଂଯୋଗ ନାହିଁ । ତାହା ହିଁ ମୁଖ୍ୟ ଅନ୍ତରାୟ । ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ । ଆମେ ସମସ୍ତେ ଏକ ଶାସନର ଅଙ୍ଗୀଭୂତ । ମାତ୍ର ବିଭିନ୍ନ ଅଞ୍ଚଳ ଭିତରେ ଅନ୍ତରର ବିନିମୟ ପାଇଁ ଲୋଡ଼ା ସୁଗମ ସଂଯୋଗ । କେବଳ ରେଳପଥ ଏ ସଂଯୋଗ ଆଣି ପାରିବ । ରେଲ ବିଭାଗ କ'ଣ ଏ ଦାୟିତ୍ୱ ଉପଲବ୍ଧି କରିବ ନାହିଁ ?

●

(—୧୯୮୩ ଉତ୍କଳ ଦିବସ । ମାତୃଭୂମି)

Digitized by srujanika@gmail.com

ବାଲିଯାତ୍ରା

କାର୍ତ୍ତିକ ପୂର୍ଣ୍ଣିମା ଆମର ଗୋଟିଏ ପୁଣ୍ୟତିଥି । ଏହି ଦିନ ଚତୁର୍ଦ୍ଦିଗରୁ ବହୁ ଲୋକ, ବିଶେଷତଃ ନାରୀମାନେ ସ୍ନାନ କରନ୍ତି; କଦଳୀ ଗଛଚଡ଼ାରେ ତିଆରି ଛୋଟ ଛୋଟ ଡଙ୍ଗାରେ ଦୀପ ଜାଳି, ଗୁଆ ପାନ ଥୋଇ ଗାଧୁଆ ଘାଟରେ ଭସାନ୍ତି । ମହାଦେବଙ୍କୁ ପୂଜା ଆରାଧନା କରି ଘରକୁ ଆସନ୍ତି । ଅନେକେ ଦିନସାରା ଉପବାସ କରନ୍ତି । ସନ୍ଧ୍ୟାରେ ହବିଷ୍ୟ ଗ୍ରହଣ କରନ୍ତି । ଗଡ଼ିଆ, ପୋଖରୀ, ନଦୀ, ନାଳ, ମହୋଦଧିରେ ସେଦିନ ଭରି ଉଠେ । କାଳକ୍ରମେ ଏଥିରେ କେତେକ ଆନୁଷଙ୍ଗିକ ବ୍ୟବସ୍ଥା ବା ଅବ୍ୟବସ୍ଥା ପ୍ରବେଶ କରିଛି । ଯେଉଁଠାରେ ବହୁଲୋକ ରୁଣ୍ଡ ହୁଅନ୍ତି, ମହାଦେବ ମନ୍ଦିର ଥାଏ, ସେଠାରେ ଭୋଗସାମଗ୍ରୀ ବିକ୍ରୀ ହୁଏ । ନାନା ପଦାର୍ଥ ବିକାକିଣା ହୁଏ । ବଜାର ବସେ । ଯାତ୍ରା ଲାଗିଯାଏ । ମାତ୍ର ଏହି ସ୍ନାନରେ, ଡଙ୍ଗା-ଭସାରେ, ମହାଦେବ ଦର୍ଶନରେ, ଉପବାସରେ ଅଛି ଏକ ମହାନ ଆଦର୍ଶ, ଏକ ମହାମୂଲ୍ୟ ସଂସ୍କୃତି ।

ମହାଦେବଙ୍କର ଗୌରକାନ୍ତି, ଅନୁପମ ରୂପସୌଷ୍ଠବ । ତାଙ୍କର ପୁଣି ଅଛି ଅନନ୍ତ ଦିବ୍ୟଦୃଷ୍ଟି ଏବଂ ସେ ଅଲୌକିକ ବିଚକ୍ଷଣତାରେ ଉଦ୍‌ଭାସିତ । ସେ ବିତ୍ତହୀନ; ମାତ୍ର ତ୍ୟାଗପୂତ, ଯୋଗୀପ୍ରବର । ପାର୍ବତୀ ତାଙ୍କୁ ମନେ ମନେ ପତି ରୂପେ ବରଣ କଲେ । ମାତ୍ର ଅନିନ୍ଦ୍ୟସୁନ୍ଦରୀ ହିମାଳୟ-ତନୟାଙ୍କର ରୂପ ଲାବଣ୍ୟ ମହାଦେବଙ୍କୁ ମୋହିତ କରିପାରିଲା ନାହିଁ । ମହାଦେବଙ୍କର କାମନା ନ ଥିଲା । ତେଣୁ ସେ ହେଲେ ଅଧିକ କାମ୍ୟ । କଠୋର ତପସ୍ୟା କରି ପାର୍ବତୀ ତାଙ୍କୁ ପତି ରୂପେ ଲାଭକଲେ ।

ଉତ୍କଳୀୟ ଲଳନା ଏହି ଆଦର୍ଶରେ ଦୀକ୍ଷିତ ହୋଇଥିଲେ । ମହାଦେବଙ୍କ ପରି ପତି ଲାଭକରିବା ପାଇଁ ବ୍ରତ ପାଳନ କରୁଥିଲେ; ତାଙ୍କୁ ଆରାଧନା କରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରାତଃସ୍ନାନ, ଡଙ୍ଗାଭସାଣ, ମହାଦେବ ପୂଜା ଏହି ଆଦର୍ଶ ଏବଂ ସଂସ୍କୃତିର ପ୍ରତୀକ ।

Digitized by srujanika@gmail.com

ଗଡ଼ଗଡ଼ିଆ ଘାଟରେ, ଗଡ଼ଗଡ଼ିଆ ମହାଦେବ ମନ୍ଦିରରେ, ତା'ର ସନ୍ନିଧିରେ, ମହାନଦୀର ବାଲି ପ୍ରାନ୍ତରରେ, କାର୍ତ୍ତିକ ପୂର୍ଣ୍ଣିମାର ସକଳ ବ୍ରତ ଏବଂ କୃତ୍ୟ ସମାହିତ ହୁଏ । କଟକ ସହରରେ ଏ ବାଲିଯାତ୍ରା ଏଇ ପୂର୍ଣ୍ଣିମା ସଂସ୍କୃତିର ସ୍ଥାୟୀ ପରିପ୍ରକାଶ । ସମୟ ପ୍ରବାହରେ ଏ ଯାତ୍ରାର ପରିବେଶ ବଦଳିଯାଇଛି । ନାନା ଆମୋଦ-ପ୍ରମୋଦର ବ୍ୟବସ୍ଥା ହେଉଛି । ବହୁପ୍ରକାର ପରିପ୍ରଚାର କରାଯାଉଛି । ଡାକବାଜ ଯନ୍ତ୍ରରେ ପ୍ରଚାରିତ ଶ୍ରାବ୍ୟ ଏବଂ ଅଶ୍ରାବ୍ୟ ବିବିଧ ସଙ୍ଗୀତରେ ଯାତ୍ରାସ୍ଥଳୀ ମୁଖରିତ ହେଉଛି । ଗଡ଼ଗଡ଼ିଆ ମନ୍ଦିର ଅପେକ୍ଷା କଟକ ଚୂଟ୍ ଦୋକାନ ଅଧିକ ଜନାକୀର୍ଣ୍ଣ । କଲିକତା ସହରରେ ସରସ୍ୱତୀ ପୂଜା ଏକ ପ୍ରଖ୍ୟାତ ଉତ୍ସବ । ବେଳେ ବେଳେ କେତେ ସ୍ଥାନରେ ସ୍ୱଳ୍ପବସ୍ତ୍ରାନ୍ୱିତା, ଜ୍ୟାନ୍ଫ୍ୟାଣ୍ଟ୍ ପରିହିତା, ଆଧୁନିକା ସରସ୍ୱତୀ ମୂର୍ତ୍ତି ମଧ୍ୟ ନିର୍ମିତ ହେଉଛି । ମାତ୍ର ସରସ୍ୱତୀ ପୂଜାର ମହାତ୍ମ୍ୟ ହ୍ରାସ ପାଇ ନାହିଁ । ବାଲିଯାତ୍ରାରେ ପରିବେଶର ନାନା ପରିବର୍ତ୍ତନ ସତ୍ତ୍ୱେ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ କ୍ଷୁଣ୍ଣ ହୋଇନାହିଁ ।

ଭାରତର ପ୍ରାଚୀନ ଇତିହାସରେ, ନୌବାଣିଜ୍ୟରେ କଳିଙ୍ଗ ଥିଲା ଅଗ୍ରଗଣ୍ୟ । କଳିଙ୍ଗର ନାବିକ ଏବଂ ବଣିକମାନେ ସୁଦୂର ପୂର୍ବାଞ୍ଚଳରେ ଇଣ୍ଡୋନେସିଆ ସହିତ ବାଣିଜ୍ୟ କାରବା'ର କରୁଥିଲେ । ଜର୍ଭାଦ୍ୱୀପରେ ଉପନିବେଶ ସ୍ଥାପନ କରିଥିଲେ । ଖ୍ରୀଷ୍ଟଜନ୍ମର ମାତ୍ର ୭୫ ବର୍ଷ ପରେ, କଳିଙ୍ଗର ନାବିକ ଏହି ଦ୍ୱୀପରେ ଉପନୀତ ହୋଇଥିଲେ । ଦୁଇ ହଜାର ବର୍ଷ ତଳର କଥା । ଏମାନେ କଳିଙ୍ଗ ସହିତ ନିବିଡ଼ ସମ୍ପର୍କ ରଖିଥିଲେ । ବାଣିଜ୍ୟ-ଲବ୍ଧ ସମ୍ପଦ କଳିଙ୍ଗ ରାଜ୍ୟକୁ ପ୍ରେରଣ କରୁଥିଲେ ।

ଅଧ୍ୟାପକ ରାଧାକୁମୁଦ ମୁଖାର୍ଜି ପ୍ରାଚୀନ ଭାରତର ନୌବାଣିଜ୍ୟ ପୁସ୍ତକରେ ଏ ବିଷୟରେ ବହୁ ତଥ୍ୟ ପ୍ରକାଶ କରିଛନ୍ତି । ଅନନ୍ଦା କୁମାର ଗାଙ୍ଗୁଲି କେତେ ବର୍ଷ ତଳେ ରେଭେନ୍ସା କଲେଜରେ ଇଣ୍ଡୋନେସିଆରେ କଳିଙ୍ଗ ସଭ୍ୟତା ବିଷୟରେ ଭାଷଣ ଦେଇଥିଲେ । କଳିଙ୍ଗର ଦେବଦେବୀ, ଭାସ୍କର୍ଯ୍ୟ ସେଠାରେ କପରି ଏବେ ମଧ୍ୟ ରହିଛି,

Digitized by srujanika@gmail.com

ତାହା ବର୍ଣ୍ଣନା କରିଥିଲେ । ସେସବୁ ସ୍ଲାଇଡ୍ ଚିତ୍ର ସାହାଯ୍ୟରେ ପ୍ରଦର୍ଶନ କରିଥିଲେ ।

ମହାକବି କାଳିଦାସ ତାଙ୍କର ମହାକାବ୍ୟ ରଘୁବଂଶରେ କଳିଙ୍ଗର ସାମରିକ କୃତିତ୍ୱ ବର୍ଣ୍ଣନା କରିଛନ୍ତି । ସେ ପଞ୍ଚମ ଶତାବ୍ଦୀରେ ପ୍ରଣୀତ କାବ୍ୟ । କଳିଙ୍ଗର ନରପତି ହେମାଙ୍ଗଦଙ୍କୁ ସେ ଖାଲି ମହେନ୍ଦ୍ର ଗିରି ନୁହେଁ ମହୋଦଧିର ଅଧୀଶ୍ୱର ବୋଲି ବର୍ଣ୍ଣନା କରିଛନ୍ତି । ସାଗର କୂଳରେ ଥିଲା କଳିଙ୍ଗର ରାଜଧାନୀ ଏବଂ ଚିଲିକା ହ୍ରଦ ଥିଲା ବୋଇତର ବନ୍ଦର । ଚିଲିକା ଥିଲା ସୁଗଭୀର ପୋତାଶ୍ରୟ । ସମୁଦ୍ର ସହିତ ସଂକୀର୍ଣ୍ଣ ସଂଯୋଗ ଏ ହ୍ରଦକୁ ନିରାପଦ ପୋତାଶ୍ରୟ କରିଥିଲା । କମାଣ୍ଡର ଶ୍ରୀଧରନ୍ ଭାରତର ସାମୁଦ୍ରିକ ଇତିହାସରେ ଏସବୁ ଉଲ୍ଲେଖ କରିଛନ୍ତି ।

ଏବେ ଦୟା, ଭାର୍ଗବୀ ଏବଂ କୁଶଭଦ୍ରାର ପଟୁମାଟିରେ ଚିଲିକା ହ୍ରଦ ପୋତିହୋଇ ପଡ଼ିଛି ଏବଂ ସମୁଦ୍ର ବାଲିରେ ସଂଯୋଗ ସ୍ଥଳ ରୁଦ୍ଧ ହୋଇଯାଇଛି । ସ୍ଥାନେ ସ୍ଥାନେ ବାଲୁଅ ବିଲ ମଧ୍ୟ ସୃଷ୍ଟି ହୋଇ ଯାଇଛି । ମାତ୍ର ପ୍ରାଚୀନ କାଳରେ ଏଇ ହ୍ରଦ ଥିଲା କଳିଙ୍ଗ ସମୃଦ୍ଧିର କେନ୍ଦ୍ର ।

କଳିଙ୍ଗର ଥିଲା ନୌବାହିନୀ, ନୌସେନାନୀ । ଚିଲିକା ଥିଲା ତା'ର କେନ୍ଦ୍ର । ଖ୍ରୀଷ୍ଟପୂର୍ବ ୨୬୭ ମସିହାରେ ଅଶୋକ ଯେତେବେଳେ କଳିଙ୍ଗ ଅଭିଯାନରେ ଆସିଥିଲେ, ସେ ସାଙ୍ଗରେ ଆଣିଥିଲେ ତାଲିମପ୍ରାପ୍ତ ନୌସେନା, କାରଣ କଳିଙ୍ଗରେ ସମୁଦ୍ର ବକ୍ଷରେ ସମର କରିବାକୁ ପଡ଼ିପାରେ ବୋଲି । ଜଳ ଯୁଦ୍ଧରେ କଳିଙ୍ଗ ପାରଙ୍ଗମ ଥିଲା । କଳିଙ୍ଗର ରାଜକନ୍ୟା ହେମମାଳା ଯୁଦ୍ଧ ବୋଇତରେ ଦନ୍ତପୁରରୁ ବୁଦ୍ଧଙ୍କର ଦନ୍ତ ସିଂହଳକୁ ନେଇ ଯାଇଥିଲେ ବୋଲି ଉଲ୍ଲେଖ ଅଛି ।

କଳିଙ୍ଗ ସଭ୍ୟତାରେ ଥିଲା ସଂସ୍କୃତି ଏବଂ ସମୃଦ୍ଧିର ଅପୂର୍ବ ସମାବେଶ । ଏ ସଭ୍ୟତା ଖାଲି ଭାରତବର୍ଷରେ ନୁହେଁ, ସମଗ୍ର ପୂର୍ବ ଭୂଭାଗରେ ଖ୍ୟାତି ଅର୍ଜନ କରିଥିଲା । ଜାଭାଦ୍ୱୀପରେ କଳିଙ୍ଗକୁ କହୁଥିଲେ କ୍ଲିଙ୍ଗ୍ (KLING) । ଚୀନ ଭାଷାରେ ଏହାର ନାମ ଥିଲା ହୋଲିଙ୍ଗ୍

Digitized by srujanika@gmail.com

(HOLING) ଅର୍ଥାତ୍ କଳିଙ୍ଗ । ବହୁ ଶତାବ୍ଦୀ ବ୍ୟାପୀ ଏ କଳିଙ୍ଗ ସଭ୍ୟତା ଏବେ ଅବରୁଦ୍ଧ ହୋଇଯାଇଛି । ତାହାର ଅବସାନ ହୋଇ ଯାଇଛି । ଆଧୁନିକ ଓଡ଼ିଶା ଭାରତବର୍ଷରେ ନିମ୍ନସ୍ତରକୁ ଖସିଆସିଛି । ସେ ଶିଳ୍ପ ଭୁଟିଯାଇଛି । ମାତ୍ର ସେ ଅଖଣ୍ଡ ଯଶ ଜଳ, ସ୍ଥଳ, ପବନରେ ମିଶି ରହିଛି ।

× × × ×

ଆଉ ଏକ ପର୍ବ । ଏକ ନୂତନ ଆବିଷ୍କାର । ଜଣେ ଗବେଷକ ନିବିଡ଼ ଅଧ୍ୟୟନରେ ଲାଗିପଡ଼ିଲେ । ମୌଳିକ ତଥ୍ୟ ଆବିଷ୍କାର କରିବେ । ସୁଧୀ ମହଲରେ ପ୍ରତିଷ୍ଠା ଲାଭ କରିବେ । ଦିନେ ମନକୁ ଆସିଲା, ଗଡ଼ଗଡ଼ିଆଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ହୁଏ ବାଲିଯାତ୍ରା । ଏ ବାଲିଯାତ୍ରାର ତାତ୍ପର୍ଯ୍ୟ କ'ଣ ? ବହୁତ ବହୁତ ଗୋଟିଏ ନୂଆ ତଥ୍ୟରେ ଉପନୀତ ହେଲେ । ଶୁଣିଥିଲେ, ଇଣ୍ଡୋନେସିଆରେ ବାଲି ନାମରେ ଗୋଟିଏ ଦ୍ୱୀପ ଅଛି । ପଢ଼ିଥିଲେ, କଳିଙ୍ଗର ନାବିକ, ସାଧବ ସେ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିଲେ । ତେବେ ବାଲିଯାତ୍ରା ବାଲିରେ ଯାତ୍ରା ନୁହେଁ, ବାଲିକୁ ଯାତ୍ରା । ସପ୍ତମୀ ତତ୍ପୁରୁଷ ନୁହେଁ, ଦ୍ୱିତୀୟା ତତ୍ପୁରୁଷ । ଗଡ଼ଗଡ଼ିଆଠାରେ ମହାନଦୀ ବାଲି ପ୍ରାନ୍ତରରେ ଏ ଯାତ୍ରା ମହାଦେବଙ୍କ ଆରାଧନା ଉତ୍ସବ ନୁହେଁ, ଏ ଉତ୍ସବ ଇଣ୍ଡୋନେସିଆର ବାଲି ଦ୍ୱୀପକୁ ଯାତ୍ରାର ପ୍ରକରଣ । ପ୍ରାଚୀନ ଇତିହାସର ଏହା ଏକ ମହନୀୟ ସ୍ମୃତି । ଓଡ଼ିଆ ଗୌରବର ଏକ ପୁଣ୍ୟ ତୀର୍ଥ । ଏଇ ମହାନଦୀରେ ଏଇ ଘାଟରୁ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବାହି ଓଡ଼ିଆ ନାବିକ ଯାଉଥିଲେ ବାଲିଦ୍ୱୀପ ଅଭିମୁଖରେ ।

ଅନେକଙ୍କ ମନକୁ ପାଇଲା । ଏ ତଥ୍ୟ ପ୍ରସାରିତ ହୋଇଗଲା । ନୃତ୍ୟ ନାଟକର ସୃଷ୍ଟି ହେଲା । ଏହାକୁ ଆଧାର କରି ରୋମାଣ୍ଟିକ୍ ସାହିତ୍ୟ ଆବିର୍ଭୂତ ହେଲା । ଡଙ୍ଗା ଭସାଣ ହେଲା ବୋଇତ ବନ୍ଦାଣ । ଏବେ ବମ୍ବେ, ମାନ୍ଦ୍ରାଜ ପ୍ରଭୃତି ବନ୍ଦରରୁ ଯାତ୍ରୀ-ଜାହାଜ ବାହାରିବା ବେଳେ ବହୁ ଲୋକ ରୁଣ୍ଡ ହୁଅନ୍ତି । ବହୁ ମହିଳାଙ୍କର ସମାବେଶ ହୁଏ । ଯାତ୍ରୀମାନଙ୍କୁ ପୁଷ୍ପହାର, ପୁଷ୍ପସ୍ତବକ ଅର୍ପଣ କରାଯାଏ । ନଡ଼ିଆ ଭାଙ୍ଗି

Digitized by srujanika@gmail.com

ଶୁଭ କାମନା ଈପ୍‌ସିତ ହୁଏ । କୋଳାକୋଳ । ବିଦାୟ ସମ୍ଭାଷଣ । ସୁଖମୟ ଯାତ୍ରା ପାଇଁ ଭଗବତ୍ ପ୍ରାର୍ଥନା ।

ମହାନଦୀରୁ ବାଲିଦ୍ୱୀପକୁ ଯାତ୍ରାବେଳେ ଏହି ଭଳି ଉତ୍ସବ ଅନୁଷ୍ଠିତ ହୋଇଥିବ । ସାଧବ ଝିଅ, ବୋହୂ ଆସି ଘାଇ, ସ୍ୱାମୀଙ୍କୁ ନିରାମୟ ଜଳଯାତ୍ରା ଲାଗି ଶୁଭେଚ୍ଛା ଜ୍ଞାପନ କରିଥିବେ । ମଥାରେ ମହାଦେବଙ୍କର ଫୁଲ ବେଲପତ୍ର ଥାପିଥିବେ । ସାଙ୍ଗରେ ଗୁଆ ପାନ ବଢ଼ାଆ ଦେଇଥିବେ । ସୁଖମୟ ନିର୍ବିଘ୍ନ ଯାତ୍ରା ପାଇଁ ମହାଦେବଙ୍କୁ ଆରାଧନା କରିଥିବେ ।

ଏସବୁ ସ୍ୱାଭାବିକ ଏବଂ ପ୍ରିୟଜନଙ୍କ ପାଇଁ ଅନୁରକ୍ତ ପାଥେୟ । ମାତ୍ର ଗବେଷଣା ଆହୁରି ଗଭୀର ହେଲା । ପ୍ରାତଃସ୍ନାନ ସାରି କଦଳୀ ପୈରଡ଼ା ଡଙ୍ଗା ଭସାଣବେଳେ ବୋଲିଯାଏ—ଆ, କା, ମା ବୈ । ପ୍ରତିପାଦନ କରାଗଲା—ମା ଭୈ, ଭୟ ନାହିଁ, ଆସୁ ବର୍ଷା, ବତାସ, ମହୋର୍ମି । ତାହାର ସମ୍ମୁଖୀନ ହେବା ପାଇଁ ତୁମର ଶକ୍ତି ଅଛି, ବୁଦ୍ଧି ଅଛି, କୌଶଳ ଅଛି । ମା ଭୈ । ଜଳଦସ୍ୟୁ ଆୟତ୍ତ କରିବା ପାଇଁ ତୁମର ଶକ୍ତି ଅଛି । ମା ଭୈ ।

'ମା ଭୈ'ର ଆବିଷ୍କାର ଗବେଷଣାର ଆହୁରି ଏକ ଉତ୍କଟ ସାଫଲ୍ୟ । ତେବେ ଆ କା ଦୁଇଟି ଅକ୍ଷରର ଅର୍ଥ କଅଣ ? ନଈ ପୋଖରୀରେ, ମହୋଦଧିରେ ଡଙ୍ଗା ଭସାଣବେଳେ ବୋଲିଯାଏ, ଆ କା ମା ବୈ । ଚାରୋଟି ମାସର ପ୍ରଥମ ଅକ୍ଷର । ଆଷାଢ଼, କାର୍ତ୍ତିକ, ମାଘ, ବୈଶାଖ । ଏଇ ଚାରିମାସ ଧର୍ମ ମାସ । ଏଇଥିରେ ବଡ଼ ଏକାଦଶୀ, ବ୍ରତ, ହବିଷ୍ୟ, ଉପବାସ, ପ୍ରାତଃସ୍ନାନ, ଦେବଦର୍ଶନ । ଗାଁ ଗଣ୍ଡାରେ ସମସ୍ତେ ଜାଣନ୍ତି ଆ କା ମା ବୈ ।

ଆ କା ମା ବୈ ସାଙ୍ଗରେ ବୋଲିଯାଏ, 'ଗୁଆ ପାନ ଥୋଇ ।' ବ୍ରତ ଉପବାସରେ ଗୁଆ ପାନ ପରିହାର କରାଯାଏ । ତାକୁ ରୂପାନ୍ତର କରି 'ଥୋଇ' ସ୍ଥାନରେ କରାଗଲା 'ଦେଇ' । ପାନ ଗୁଆ ଦେଇ । ଗବେଷଣାରେ ଆହୁରି ଏକ ଅପଚେଷ୍ଟା । ଚାରୋଟି ପଂକ୍ତିର ଅର୍ଥ ସୁସ୍ପଷ୍ଟ । "ଆ କା ମା ବୈ; ଗୁଆ ପାନ ଥୋଇ; ଗୁଆ ପାନ ତୋର;

Digitized by srujanika@gmail.com

ମାସକ ଧରମ ମୋର ।" ଏଥିରେ ପଦାନ୍ତର ଭଣ୍ଡି କରି କଦର୍ଥ କରିବା କଣ ଯଥାର୍ଥ ?

× × × ×

ଇଣ୍ଡୋନେସିଆ ଗୁଡ଼ାଏ ବଡ଼ ବଡ଼ ଦ୍ୱୀପର ସମଷ୍ଟି । ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସେଲେବସ୍ । ଆମେ ଇଂରେଜୀ ଲେଖାରୁ ଓଡ଼ିଆ ନାମକରଣ ସୃଷ୍ଟି କଲୁ । ଜାଭାର ପ୍ରକୃତ ନାମ ଜଓ୍ୱ । ଇଂରେଜୀରେ ଜଓ୍ୱ ଲେଖାଯାଏ JAVA, ଓ୍ୱ ଉଚ୍ଚାରଣ ଆମ ଭାଷାରୁ ଲୋପ ପାଇଯାଇଛି । ଆମେ Java (ଜଓ୍ୱ)କୁ ପଢ଼ିଲୁ ଜାଭା । ଉତ୍କଳର ନରପତି ମରକତ କେଶରୀ କାଠଯୋଡ଼ିର ପଥର ବନ୍ଧ ନିର୍ମାଣ କରିଥିଲେ । ଆମେ ଇଂରେଜୀରେ ପଢ଼ିଲୁ Markat Keshari । ଓଡ଼ିଆରେ ଲେଖିଲୁ ମର୍କଟ କେଶରୀ । କୌଣସି ନରପତିଙ୍କର ନାମ ମର୍କଟ କେଶରୀ ହୋଇ ନ ପାରେ । ସେ କିଷ୍କିନ୍ଧ୍ୟାର ରାଜା ନ ଥିଲେ ।

ଜଓ୍ୱଦ୍ୱୀପକୁ ଲାଗି ଦକ୍ଷିଣ ପୂର୍ବରେ ଅଛି ଗୋଟିଏ ଛୋଟ ଦ୍ୱୀପ । ନାମ ତାର ବାଲି (BALI) । ସେଇ ଇଂରେଜୀରୁ ପଢ଼ା ଏ ନାମ । ତା'ର ନାମ ବାଲି କି ବଳି, ଏ କଥା ଅନୁସନ୍ଧାନ କରାଗଲା ନାହିଁ । ଖାଲି ପ୍ରତିପାଦନ କରାଗଲା, ଗଡ଼ଗଡ଼ିଆ ଘାଟରୁ କଳିଙ୍ଗର ସାଧବ ବାଲିଦ୍ୱୀପକୁ ଯାତ୍ରା କରିଥିଲେ ।

କଟକ ସହର ସ୍ଥାପିତ ହେଲା ଏକାଦଶ ଶତାବ୍ଦୀରେ । ଖ୍ରୀଷ୍ଟଜନ୍ମର ମାତ୍ର ୭୫ ବର୍ଷପରେ କଳିଙ୍ଗ ନାବିକ ଜଓ୍ୱଦ୍ୱୀପରେ ପ୍ରବେଶ କରିଥିଲେ । ବହୁ କାଳ ଧରି ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ନୌବାଣିଜ୍ୟ ଚାଲିଲା, ବାଣିଜ୍ୟ ଚାଲିଲା । ଜଓ୍ୱଦ୍ୱୀପରେ କଳିଙ୍ଗ ସାଧବ ବସତି ସ୍ଥାପନ କଲେ । କଟକ ସହର ସ୍ଥାପିତ ହୋଇ ରାଜଧାନୀ ହେବାର ବହୁ ଶତାବ୍ଦୀ ପୂର୍ବରୁ ଇଣ୍ଡୋନେସିଆ ସମ୍ପର୍କର ଅବସାନ ହୋଇଯାଇଥିଲେ । ହଜାର ବର୍ଷରୁ ଅଧିକ କାଳ ପୂର୍ବର ସେ ସ୍ମୃତି ।

× × × ×

ମହାକବି କାଳିଦାସଙ୍କର ସମୟ ପଞ୍ଚମ ଶତାବ୍ଦୀ । ସେତେବେଳେ ମଧ୍ୟ ଭାରତର ଭୂଗୋଳ ସମ୍ବନ୍ଧରେ ତାଙ୍କର ଥିଲା ଅପରିମିତ

Digitized by srujanika@gmail.com

ଜ୍ଞାନ । ଶ୍ରୀ ରାମଚନ୍ଦ୍ର, ସୀତାଙ୍କୁ ଘେନି ବିମାନରେ ବ୍ୟୋମମାର୍ଗରେ ଲଙ୍କାରୁ ଅଯୋଧ୍ୟା ଫେରିଲାବେଳେ, ଭାରତର ଦୃଶ୍ୟ କାଳିଦାସ ଯେପରି ବର୍ଣ୍ଣନା କରିଛନ୍ତି, ତାହା ଅକଳନୀୟ । ସେ କଳିଙ୍ଗ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଛନ୍ତି । ଚିଲିକା, ମହେନ୍ଦ୍ରଗିରି ଉଲ୍ଲେଖ କରିଛନ୍ତି । ବାଲେଶ୍ୱର ଉପକୂଳ ଆକାରରେ ଖଣ୍ଡିଏ ବୃତ୍ତାଂଶ ପରି । ସେ ତାର ଅପୂର୍ବ ବର୍ଣ୍ଣନା କରିଛନ୍ତି । ଦୂରରୁ ଅୟସ୍‌ଚକ୍ର ନିଭ ଆଭାତିବେଳା ଲବଣାମ୍ବୁରାଶେଃ । ଦୂରରୁ ଆକାଶମାର୍ଗରୁ ଏ ଉପକୂଳ ଏକ ଲୌହ ଚକ୍ରର ପରିଧି ଖଣ୍ଡ ପରି ଦେଖାଯାଉଛି । ଯେଉଁସହିତ ବର୍ଣ୍ଣନା କରିଛନ୍ତି ବେଳାଭୂମିରେ ଘଞ୍ଚ ତମାଳତାଳୀବନ । ମାତ୍ର ସେ କୌଣସିଠାରେ ମହାନଦୀର ମୁହାଣ ଉଲ୍ଲେଖ କରିନାହାନ୍ତି ।

କବିବର ରାଧାନାଥଙ୍କର ନିବାସ ଥିଲା କଟକ ସହର । ସେ ମହାନଦୀର ବିସ୍ତୃତ ବର୍ଣ୍ଣନା କରିଛନ୍ତି । ସେ କ୍ଷୋଭ କରି ଲେଖିଛନ୍ତି—

କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ;
ମହାନଦୀ ନାମ ରହିଲା ଗୁପତେ ।

ସିପ୍ରା ଗୋଟିଏ କ୍ଷୁଦ୍ର ନଦୀ । ଭାରତର ଭୂଗୋଳରେ ସେଇଟି ଅତି ନଗଣ୍ୟ । ମାତ୍ର ସେ ନଦୀତୀରରେ ଉଜ୍ଜୟିନୀ । ସେ ନଗରୀରେ ଥିଲେ କାଳିଦାସ । କାଳିଦାସଙ୍କର ଜନ୍ମ କାର୍ତ୍ତିକ ଶୁକ୍ଳ ଏକାଦଶୀ ବୋଲି ନିର୍ଣ୍ଣୟ କରାଯାଇଛି । ଉଜ୍ଜୟିନୀରେ ପ୍ରତିବର୍ଷ କାର୍ତ୍ତିକ ମାସରେ, ବିଶେଷତଃ ପଞ୍ଚକ ପାଞ୍ଚ ଦିନଯାକ କାଳିଦାସ ଜୟନ୍ତୀ ପାଳିତ ହୁଏ । ମୋର ବନ୍ଧୁ ସଂସ୍କୃତ ଓ ଓଡ଼ିଆ ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଏ ଜୟନ୍ତୀ ଉତ୍ସବରେ ଗତବର୍ଷ ଯୋଗ ଦେଇଛନ୍ତି । ସେ ଦେଖିଛନ୍ତି, ସେଠାରେ ସିପ୍ରା ନଦୀ କୂଳରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଯାତ୍ରା ହୁଏ । ତାର ନାମ ମଧ୍ୟ ବାଲିଯାତ୍ରା । ସିପ୍ରା ନଦୀରେ ଡଙ୍ଗା ଭସାଣ ମଧ୍ୟ ହୁଏ; ଠିକ୍ ଯେପରି ହୁଏ ସମଗ୍ର ଉତ୍କଳ ରାଜ୍ୟରେ । ମାତ୍ର ମଧ୍ୟପ୍ରଦେଶର କ୍ଷୁଦ୍ର ସିପ୍ରା ନଦୀରୁ କୌଣସି ବୋଇତ ବାଲିଦ୍ୱୀପକୁ ଯାତ୍ରା କରୁଥିବା କଳ୍ପନାତୀତ ।

ଗଣେଶ ଚତୁର୍ଥୀ ପୂର୍ବଦିନ ଓଡ଼ିଶାରେ ହୁଏ ବାଲିତୃତୀୟା

Digitized by srujanika@gmail.com

ବ୍ରତ । ସେଦିନ ନାରୀମାନେ ବ୍ରତ କରନ୍ତି । ଅନେକେ ନିର୍ଜଳ ଉପବାସ କରନ୍ତି । ଘରେ ଘରେ ବାଲିରେ ଶିବ ସ୍ଥାପନା କରି ତାଙ୍କର ଆରାଧନା କରନ୍ତି । କେହି କେହି ପୂଜା ସମାପନ କରି ଭୋଗ କୈବଲ୍ୟ ଗ୍ରହଣ କରନ୍ତି । ସେଇ ଆଦର୍ଶ । ହେ ଦେବ ଦେବ ମହାଦେବ, ଜନ୍ମ ଜନ୍ମାନ୍ତରରେ ମୋତେ ତୁମରି ଅନୁରୂପ, ତୁମରି ପରି ସୁନ୍ଦର, ଗୁଣୀ, ସଚ୍ଚରିତ୍ର ସ୍ୱାମୀ ମିଳନ୍ତୁ । ମାତ୍ର ସେଦିନ ଘରେ ପତ୍ନୀମାନେ ସ୍ୱାମୀଙ୍କୁ ବାଲିଦ୍ୱୀପକୁ ବିଦାୟ କରୁଥିଲେ ବୋଲି ତଥ୍ୟ ପ୍ରଚାର କଲେ, ତାହା ହେବ ଉଦ୍ଭଟ କଳ୍ପନା ।

ମହାଦେବ ଆମର ଆରାଧ୍ୟ ଦେବତା । କାର୍ତ୍ତିକ ପୂର୍ଣ୍ଣିମା କାର୍ତ୍ତା, ବ୍ରତ, ଉପବାସ, ସକଳ ପ୍ରକ୍ରିୟା ତାଙ୍କର ଆରାଧନା ଲାଗି ଉଦ୍ଦିଷ୍ଟ । ଏଥିରେ ନିହିତ ଏ ଜାତିର ମହତ୍ତ୍ୱ ଆଦର୍ଶ, ମହନୀୟ ସଂସ୍କୃତି ।

ଜାଭା ଏବଂ ବାଲିଦ୍ୱୀପରେ କଳିଙ୍ଗର ବାଣିଜ୍ୟ ଏବଂ ଉପନିବେଶ ଐତିହାସିକ ସତ୍ୟ । ଏଥିରେ ଏ ଦେଶର ପ୍ରାଚୀନ କୃତିତ୍ୱ ଏବଂ ସମୃଦ୍ଧି ପରିସ୍ଫୁଟ । ଇତିହାସର ଘଟଣାଗୁଡ଼ିକ ସୁବିଦିତ, ଲିପିବଦ୍ଧ । ଗବେଷଣାର ପ୍ରହସନରେ ଏ ଗୌରବ ପ୍ରତିହତ ହେବ ।

କାର୍ତ୍ତିକ ପୂର୍ଣ୍ଣିମାର ମହାଦେବ ଆରାଧନା ଏବଂ ବାଲିଦ୍ୱୀପକୁ ନୌଯାତ୍ରା—ଏ ଦୁଇଟି ଏକାତ୍ମ ନୁହଁନ୍ତି; ଆତ୍ମୀୟ ମଧ୍ୟ ନୁହନ୍ତି ।

●

ପୌରୁଷ—୧୯୮୪
ଜାନୁ-୪ର୍ଥ ସଂଖ୍ୟା

Digitized by srujanika@gmail.com

ମାନସିଂ ପ୍ରତିଭା

—୧—

କବି ମାନସିଂ ଚାଲି ଯାଇଛନ୍ତି । ମାତ୍ର ମୋ ପରି ତାଙ୍କର ସହାଧ୍ୟାୟୀ ଯେଉଁମାନେ ତାଙ୍କର ସାନ୍ନିଧ୍ୟ ଲାଭ କରିଥିଲେ, ତାଙ୍କର ସୌରଭରେ ମୁଗ୍ଧ ହୋଇଥିଲେ, ତାଙ୍କ କବିତାର ରୂପ, ରସ, ଛନ୍ଦରେ ଆକୃଷ୍ଟ ହୋଇଥିଲେ, ତାଙ୍କର ତରୁଣ କବିତା କଲେଜ ଦିନରୁ ଏ ପର୍ଯ୍ୟନ୍ତ ଏକାନ୍ତରେ ଏବଂ ବନ୍ଧୁ ମେଳରେ ଆବୃତ୍ତି କରିବାରେ ଅପାର ଆନନ୍ଦ ଉପଲବ୍ଧି କରୁଛନ୍ତି, ତାଙ୍କ ପାଖରୁ ସେ ଅପସରି ଯିବେ କପରି ?

ମୋର ବର୍ଷକ ପୂର୍ବରୁ ମାନସିଂ କୃତୀ ଛାତ୍ର ହିସାବରେ ସୁନାମ ଅର୍ଜନ କରି କଲେଜ ଆସି ସାରିଥିଲେ । ସ୍କୁଲ ଜୀବନରେ ତାଙ୍କ ସହିତ ମୋର ପରିଚୟ ନ ଥିଲା । ସେତେବେଳର ଏକମାତ୍ର କଲେଜ ରେଭେନ୍ସା କଲେଜର ପଶ୍ଚିମ ଛାତ୍ରାବାସରେ ଦୁହିଁଙ୍କର ରହଣି । ସେହି ଦିନଠାରୁ ବନ୍ଧୁତା । ସେ ବନ୍ଧୁତାର ଅବସାନ ହୋଇଗଲା । ଛାତ୍ର ଜୀବନରେ, ଦୁର୍ଦ୍ଦିନରେ, ଦୁଃଖଧନ୍ଦାରେ, ସହକର୍ମୀ ଭାବରେ, ସହଯାତ୍ରୀ ଭାବରେ, ବହୁ ମଧୁମନ୍ତ ସ୍ମୃତି ନିବିଡ଼ ଭାବରେ ଆଙ୍କି ହୋଇ ରହିଛି ।

କଲେଜ ଜୀବନର ଆରମ୍ଭ ବେଳକୁ ସେ କବି ରୂପରେ ପରିଚିତ ହୋଇ ଯାଇଥିଲେ । ତାଙ୍କ କବିତାର ପରିପାଟୀ ସୃଷ୍ଟି କରିଥିଲା ଆଲୋଡ଼ନ । ସେ ଭାଷା, ସେ ରସ, ସେ ଛନ୍ଦ ପାଠକ ମହଲରେ ଆଣିଥିଲା ଅପୂର୍ବ ପୁଲକ । ମାତ୍ର ସେଥି ସଙ୍ଗେ ସଙ୍ଗେ କୁହୁଳିଲା ଅସହିଷ୍ଣୁତାର ଆକ୍ରମଣ । ମନେ ଅଛି, ମାୟାଧରଙ୍କର କମନୀୟ କବିତା, ତରୁଣ କବିର ଆଶା, ଯେତେବେଳେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହେଲା, କବି ତ ଶରବ୍ୟ ହେଲେ, ପତ୍ରିକାର ସମ୍ପାଦକ ବିଶ୍ୱନାଥ କର ସୁଦ୍ଧା ବାଦ ପାଇଲେ ନାହିଁ । ସେ ଦିନଠାରୁ

Digitized by srujanika@gmail.com

ବହୁବାର ଏ କବିତା ପଢ଼ିଛି । ବୁଝିପାରି ନାହିଁ, କାହିଁକି ଏ ତାଡ଼ନାର ସ୍ୱର ଉଠିଥିଲା । ମାତ୍ର ତରୁଣ କବିର ବରିଷ୍ଠ ଆଶା ଏଥିରେ ପ୍ରତିହତ ହେଲା ନାହିଁ । ବି. ଏ. ପଢ଼ିଲାବେଳେ ପ୍ରକାଶ ପାଇଲା ରମ୍ୟ ନାଟିକା "ପୂଷ୍ପିତା" । ଅପୂର୍ବ ପଦ୍ୟାଳାପ । କଲେଜ ହଷ୍ଟେଲ୍‌ରେ ବନ୍ଧୁ-ମେଳରେ ବହୁବାର ପଢ଼ିଛି । ମନେ ଅଛି, ତାର ମଧ୍ୟ ପ୍ରତିକୂଳ ସମାଲୋଚନା ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ କବି ଏ ସମାଲୋଚନାର କୈଫିୟତ ମଧ୍ୟ ପ୍ରକାଶ କରିଥିଲେ ସେହି ପତ୍ରିକାରେ ।

ତା'ପରେ ବିକଶିତ ହେଲା କବିତା ଉଦ୍ୟାନରେ ଏକ ଅପରୂପ ସୁମନ—'ଧୂପ' । ଏ କବିତାପୁଞ୍ଜର ପ୍ରତ୍ୟେକଟି କବିତା କଲେଜ ହଷ୍ଟେଲରେ ବହୁବାର ଆମ୍ଭମାନେ ଆବୃତ୍ତି କରିଛୁ । ଅନୁପମ ଛନ୍ଦ, ରସ, ଶୈଳୀ । କଣ୍ଠସ୍ଥ ହୋଇଗଲା । ଏବେ ମଧ୍ୟ ଅନେକ କବିତା ମନେ ଅଛି । ପରବର୍ତ୍ତୀ କାଳରେ ବହୁ ଲେଖକ ଲେଖିକା ଏହି ମାୟାଧରୀ ଛନ୍ଦରେ କବିତା ଲେଖିବାର ପ୍ରୟାସ କରିଛନ୍ତି । ମାତ୍ର 'ଧୂପ'ର କବିତା ଉତ୍କର୍ଷ ପ୍ରତିଦ୍ୱନ୍ଦ୍ୱୀରୁ ତ୍ରାହି ପାଇଲା ନାହିଁ । କବି ପୂର୍ବରୁ ସଚେତନ ଥିଲେ । ଗୋଟିଏ କବିତାରେ ଲେଖିଥିଲେ,—
"ନିର୍ମମ ଖାଲି ଖୋଜେ ଅପରାଧ; ସୃଷ୍ଟି କରିବ ମିଛ ଅପବାଦ ।"

ଅପବାଦରେ କବିଙ୍କର ଲେଖନୀ ନିବୃତ୍ତ ହେଲା ନାହିଁ । ମାତ୍ର ସେ ବ୍ୟଥିତ ହେଲେ । ଅନ୍ତରରେ ଆଘାତ ଲାଗିଲା । କବିତାର ଧାରା ପରିବର୍ତ୍ତିତ ହୋଇଗଲା । ବହୁ ଦିନପରେ 'ହେମଶସ୍ୟ' ପ୍ରକାଶ ପାଇଲା । ତା'ର ଆଦ୍ୟାଭାସ ଲେଖାଯାଇଥିଲା କବିତା ଆକାରରେ । ଜଣେ "ବନ୍ଧୁ" ଲେଖିଛନ୍ତି ସେ ଆଦ୍ୟାଭାସ । ଲେଖାଥିଲା, ମାୟାଧର ନାମରେ ଜଣେ କବି ଥିଲେ । ତାଙ୍କ କବିତା ଆଦୃତ ହୋଇଥିଲା । ରମ୍ୟ ଲଳିତ କବିତା ଭବରେ ଖ୍ୟାତି ଅର୍ଜନ କରିଥିଲା । ମାତ୍ର କେତେକ ତଥାକଥିତ ମିତବାଦୀଙ୍କର ତାଡ଼ନାରେ ଜର୍ଜରିତ ହୋଇ କବି ସହର ଛାଡ଼ି ବାହାରିଗଲେ ନିଭୃତ ପଲ୍ଲୀକୋଳକୁ । ସେଠାରେ ସେ ଆତ୍ମହତ୍ୟା କଲେ । ମୁଁ ଯାଇଥିଲି, କବି ବନ୍ଧୁଙ୍କର

Digitized by srujanika@gmail.com

ଯେଉଁ ନିଭୃତ ନିବାସକୁ । ଦେଖିଲି, ଏଣୁ ତେଣୁ ଗୁଡ଼ିଏ କବିତା ଛିନ୍ନଭିନ୍ନ ହୋଇ ଘରସାରା ପଡ଼ିରହିଛି । କବିଙ୍କର ସେହି ଲେଖାଗୁଡ଼ିକ ସଂଗ୍ରହ କରି ମୁଁ ଏ କବିତା ଗୁଚ୍ଛରେ ପ୍ରକାଶ କରୁଛି ।

ବହୁଦିନ ପୂର୍ବର ଏ ସ୍ମୃତି । ପ୍ରତିଭାର ବିଲୟ ହୁଏ ନାହିଁ । କାହାରି ତାଡ଼ନାରେ ପ୍ରତିଭା ଶ୍ୱାସରୁଦ୍ଧ ହୁଏ ନାହିଁ । ପଥ ମାର୍ଗରେ ଅଚଳ ପର୍ବତ ତଟିନୀର ସ୍ରୋତକୁ ଆକୁଳିତ କରେ । ମାତ୍ର ପ୍ରତିହତ କରିପାରେ ନାହିଁ । ମାନସିଂଙ୍କର ପ୍ରତିଭା କାବ୍ୟ କବିତା, ପ୍ରବନ୍ଧ, ନାଟକ, ସାହିତ୍ୟ ଆଲୋଚନା, ଜୀବନୀ ପୁରାତତ୍ତ୍ୱ ସନ୍ଧାନ, ତତ୍ତ୍ୱଦର୍ଶନର ବିଗ୍ରହ—ସକଳ କ୍ଷେତ୍ରରେ ପ୍ରସାରିତ ହୋଇଗଲା । ମାତ୍ର ତାଙ୍କର ଏ ସକଳ ଅମୂଲ୍ୟ ଅବଦାନ ପାଇଁ, ସେ ପାଇଥିଲେ ବ୍ୟକ୍ତିଗତ ଜୀବନରେ ବହୁ ପ୍ରତିଘାତ, ବିପର୍ଯ୍ୟୟ, ନିର୍ଯ୍ୟାତନା ।

୧୯୩୩ ମସିହାରେ ମାନସିଂ ଇଂରେଜରେ ଏମ୍. ଏ. ପାଶ୍ କଲେ । ସେ ବର୍ଷ ସମସ୍ତ ବିଷୟରେ, ଓଡ଼ିଶାରୁ ଏମ୍.ଏ. ଏମ୍. ଏସ୍‌ସି. ପାଶ କରିଥିଲେ ସର୍ବମୋଟ ମାତ୍ର ନଅ ଜଣ । ମାତ୍ର ସେତେବେଳେ ଉତ୍କଟ ଆର୍ଥିକ ସଙ୍କଟ । ଚାକିରି ବଜାର ଅବରୁଦ୍ଧ । କୌଣସି ସ୍ଥାନରେ କିଛି ମିଳିଲା ନାହିଁ । କଳାହାଣ୍ଡି ହାଇସ୍କୁଲରେ ଶିକ୍ଷକତା କରିବାକୁ ଗଲେ । କିଛି କାଳ ପରେ, ବହୁ କଷ୍ଟରେ, ନାନା ଉଦ୍ୟମ କରି ବିଲାତ ଗଲେ । ସେଠାରେ ହାତରେ ରାନ୍ଧି ଖାଇଲେ । ଗୋଟିଏ ମାତ୍ର ପୋଷାକ । ଯେଉଁଦିନ ସଫା କରିବାକୁ କିମ୍ବା ଇସ୍ତ୍ରୀ କରିବାକୁ ଦିଅନ୍ତି, ସେଦିନ ବାଧ୍ୟ ହୋଇ ଘର ଭିତରେ ରହନ୍ତି ।

କାଳିଦାସ ଏବଂ ସେକ୍ସପିଅର୍‌ଙ୍କ ବିଷୟରେ ସନ୍ଦର୍ଭ ଲେଖିଲେ । ଡରହାମ ବିଶ୍ୱବିଦ୍ୟାଳୟରୁ ପିଏଚ୍. ଡ଼ି. ଉପାଧି ଅର୍ଜନ କଲେ । ଫେରିଲେ ।

୧୯୩୯ ମସିହା । ରେଭେନ୍‌ସା କଲେଜରେ ଅସ୍ଥାୟୀ ନିଯୁକ୍ତି ପାଇଲେ । ମାଟ୍ରିକଠାରୁ ଏମ୍ ଏ. ପର୍ଯ୍ୟନ୍ତ, ସବୁ ସ୍ତରରେ କୃତୀ ଛାତ୍ର । ବିଲାତରୁ ପିଏଚ୍. ଡ଼ି. । ମାତ୍ର ସ୍ଥାୟୀ ନିଯୁକ୍ତି ମିଳିଲା ନାହିଁ । ପୁଣି ଯାଇ ବିଭିନ୍ନ ବେସରକାରୀ ହାଇସ୍କୁଲରେ ଶିକ୍ଷକତା କଲେ । ବହୁ ଘାତ

Digitized by srujanika@gmail.com

ପ୍ରତିଘାତ ମଧ୍ୟରେ ଗତି କରି ଶେଷରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଅଧ୍ୟକ୍ଷ ହେଲେ ।

ଯେତେଦିନ ସେଠାରେ ଅଧ୍ୟକ୍ଷତା କରିଥିଲେ, ସେତିକ ତାଙ୍କ ଜୀବନର ଶ୍ରେଷ୍ଠ ଅଧ୍ୟାୟ । ଏ କଥା ସେ ବହୁବାର ବ୍ୟକ୍ତ କରିଛନ୍ତି । ସେଠାରେ ଶିକ୍ଷାବିତ୍ ଭାବରେ ଶ୍ରଦ୍ଧା ଏବଂ ଖ୍ୟାତି ଅର୍ଜନ କଲେ । ତା'ପରେ ପୁଣି ଅପଯଶ, ନିର୍ଯ୍ୟାତନା । ଲେଖନୀ କେବେହେଁ ସ୍ତମ୍ଭିତ ହୋଇ ନାହିଁ । ମାତ୍ର ତିକ୍ତତା ପ୍ରକଟିତ ହୋଇଛି । ପ୍ରତିଭା କେବେହେଁ କ୍ଷୁଣ୍ଣ ହୋଇ ନାହିଁ । ଲେଖନୀର ଧାରା ଭିନ୍ନ ମାର୍ଗରେ ପ୍ରସାରିତ ହୋଇଛି । ମଝିରେ ମଝିରେ ପାଶ୍ଚାତ୍ୟ ସାହିତ୍ୟ ବିଷୟରେ ଆଲୋଚନା ହୁଏ । କିଛି ଦିନ ତଳେ କଥାବାର୍ତ୍ତାରେ ଦିନେ ପଚାରିଲି—ମାୟାଧର ବାବୁ, ଭିକ୍ଟର୍ ହ୍ୟୁଗୋଙ୍କର ଲେ ମିଜରବ୍ଲରେ ଫାଣ୍ଟାଇନ୍ କଥା ମନେ ଅଛି ? ଉତ୍ତର ଦେଲେ—ଯେଉଁ ମହୀୟସୀ ନାରୀ ନିଜର କନ୍ୟା କସେଟ୍‌କୁ ପତିତ ସମାଜରୁ ରକ୍ଷାକରିବା ପାଇଁ ନିଜର ଦାନ୍ତ ବିକ, ମଥାର କେଶ ବିକ, କଳଙ୍କିତ ପରିବେଷ୍ଟନୀରୁ ଦୂରରେ ରଖିବାର ପ୍ରୟାସ କରେ, ସେ ଚରିତ୍ର କ'ଣ ପାଶୋରି ଯାଏ ?

'ସାଧବ ଝିଅ' ଏକ ଅନବଦ୍ୟ ରସ ସୃଷ୍ଟି । ସମଗ୍ର କାବ୍ୟରେ ଗୋଟିଏ ଯୁକ୍ତାକ୍ଷର ବାହାର କରିପାରିବ ? କି କମନୀୟ ଛନ୍ଦ ! ଭାଇଙ୍କି ବନ୍ଦାଇବାକୁ ଆସିଥିଲା ସାଧବ ବାଳା । ଦୃଷ୍ଟି ପଡ଼ିଲା, ଭାଇଙ୍କ ପାଖରେ ତାଙ୍କର ଜଣେ ବନ୍ଧୁ, ଜଣେ ସୁଠାମ ଯୁବକ । ହାତରୁ ଖସିଲା ଫୁଲ ହଳଦୀ; ହାତରୁ ଖସିଲା ଗୁଞ୍ଜଳ ସରୀ । ମହାନଦୀରେ ଜ୍ୟୋତ୍ସ୍ନା ବିହାର କବିକୁ ଉଦ୍‌ବେଳିତ କରିଛି । ହୁଅନ୍ତା ଏହି ନିର୍ମଳା ରଜନୀ ଅସରନ୍ତି । ଏ ସୁନ୍ଦର ଜ୍ୟୋତ୍ସ୍ନାତଳେ ମୁଁ ବାହୁଥାନ୍ତି ଏ ତରଣୀ । ନ ଫେରେ ସେ ମହା ଅନ୍ଧକାରେ । ବିଗତ ଯୌବନା କୋଣାର୍କର ଜୀର୍ଣ୍ଣ ଦେହ ଭିତରେ କବିଙ୍କର ବିମୁଗ୍‌ଧ ନୟନ ଦେଖିଥିଲା ଅପରୂପ ବିଭବ ।

ପ୍ରତ୍ୟେକଟି କବିଙ୍କର ଅପୂର୍ବ ସୃଷ୍ଟି, ଅଭିନବ ଅବଦାନ । କୌଣସି ତାଡ଼ନା, ନିର୍ଯ୍ୟାତନା, ବିପର୍ଯ୍ୟୟ ତାଙ୍କର ପ୍ରତିଭାକୁ ପ୍ରତିହତ

Digitized by srujanika@gmail.com

କରି ପାରି ନାହିଁ । ସେ ପ୍ରତିଭା ଜୀବନ୍ତ, ଅମର, ଶାଶ୍ୱତ । ତା'ର କ'ଣ ଅବସାନ ହୁଏ ?

• •

ପ୍ରକାଶ—୧୪-୧୦-୧୯୭୩

—୨—

ବର୍ଷ ପରେ ବର୍ଷ ଗଳିଯାଉଛି । ୧୯୭୩ ମସିହା । ସେ ଦିନ କୁମାର ପୂର୍ଣ୍ଣିମା । ଆକାଶରେ କନ୍ତୁ ଚନ୍ଦ୍ର ନାହିଁ । ଚାରିଆଡ଼ ଶୂନଶାନ । ଆନନ୍ଦ ନାହିଁ । ଉତ୍ସବ ନାହିଁ । ଅବିରତ ବର୍ଷା । ପ୍ରବଳ ତୋଫାନ । କରାଳ ରଜନୀ । ଏହି ଘନ ତମିର ମଧ୍ୟରେ, ନିର୍ଜନ ନଶୀଥରେ କବି ମାନସିଂଙ୍କର ପରଲୋକ ହୋଇଗଲା । ଓଡ଼ିଆ ସାହିତ୍ୟ ଗଗନରୁ ସୁଧାସିକ୍ତ କବିଙ୍କର ତିରୋଧାନ ହୋଇଗଲା । କେହି ଜାଣିଲେ ନାହିଁ । ବନ୍ଧୁବର୍ଗଙ୍କର ଗୋଚର ହେଲା ନାହିଁ । ଅଗଣିତ ଗୁଣମୁଗ୍ଧ ପାଠକ ସନ୍ଧାନ ପାଇଲେ ନାହିଁ । ଶବଯାତ୍ରା ହେଲା ନାହିଁ । ଶେଷ ଦର୍ଶନ ମିଳିଲା ନାହିଁ । ଦୁର୍ଗମ ନିଶାର୍ଦ୍ଧରେ, ଖାନ୍‌ନଗର ଶ୍ମଶାନରେ ଚିତା ସଂଯୋଗ କରାଗଲା । ମାନସିଂଙ୍କର ମରଦେହ ଭସ୍ମବହ୍ନିରେ ପରିଣତ ହୋଇଗଲା ।

ଚତୁର୍ମାସ୍ୟା ପରେ ଆସେ ଶରତ ପୂର୍ଣ୍ଣିମା । ନିର୍ମଳ ଆକାଶ; ପରିପୂର୍ଣ୍ଣ ଚନ୍ଦ୍ରମା; ଅସରନ୍ତି ଜ୍ୟୋତ୍ସ୍ନା; କୁମାର କୁମାରୀଙ୍କର ଅପୂର୍ବ ଉଲ୍ଲାସ । ସବୁରି ପ୍ରାଣରେ ପୁଲକ । ମାତ୍ର ପ୍ରତି ବର୍ଷ ପୂର୍ଣ୍ଣିମାରେ ଏ ସୌଭାଗ୍ୟ ମିଳେ ନାହିଁ । ବର୍ଷେ ବର୍ଷେ, ଅସିଯାଏ ବର୍ଷା, ତୋଫାନ, ଅନ୍ଧକାର, କାଳରାତ୍ରି । ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲାବେଳେ ପୂଜା ଅବକାଶରେ କେତେକ ଛାତ୍ରଙ୍କୁ ଘେନି

Digitized by srujanika@gmail.com

କୋଣାର୍କ ଯାଇଥିଲେ । କୁମାର ପୂର୍ଣ୍ଣିମା ତିଥିରେ ଦେଖିବେ ଅପୂର୍ବ ଏ କୀର୍ତ୍ତିସୌଧ । ହେଲା ପ୍ରବଳ ବର୍ଷା, ବତାସି । ଯାଇ ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ଗ୍ରହଣ କଲେ । ପିଲାମାନେ କ୍ଲାନ୍ତ ହୋଇ ପଡ଼ିଥିଲେ । ମନ୍ଦିର ମଣ୍ଡପରେ ଶୋଇ ପଡ଼ିଲେ ।

ପଣ୍ଡିତ ନୀଳକଣ୍ଠଙ୍କୁ ନିଦ ହେଲା ନାହିଁ । ସେଥିରୁ ନିର୍ଗତ ହେଲା "କୋଣାର୍କେ" କାବ୍ୟର "ରାମଚଣ୍ଡୀଠାରେ ରାତ୍ର" । ପିଲାମାନଙ୍କଠାରେ ଉରଗୀ ହୋଇ ଗାଇଲେ—

ରହ ରହ ବାଆ ବତାସି ରହ ବରଷା ଧାର;
କୁମାର ପୁନିଅ ହେଉ ରେ ଆଜ ରଜନୀ ପାର ।

ସେଇ ମୂଷଳ ଧାର ମଧ୍ୟରୁ, ଘନ ଆଚ୍ଛାଦିତ ଜୀର୍ଣ୍ଣ କୀର୍ତ୍ତିର ଅନ୍ତରାଳ ଭିତରୁ, ତାଙ୍କ ମାନସପଟରେ ନାଚି ଉଠିଲା ଉତ୍କଳର ପ୍ରାଚୀନ ଶୌର୍ଯ୍ୟ । ରୂପାୟିତ ହେଲା ଏକ ଅନୁପମ କାବ୍ୟରେ ।

ଏହି "କୋଣାର୍କେ" କାବ୍ୟ ମାୟାଧରଙ୍କୁ ମୁଗ୍ଧ କରିଥିଲା । ସେ ଲେଖିଲେ ଏହାର ଏକ ଭୂମିକା । ଭଗ୍ନ କୋଣାର୍କକୁ ସ୍ମରଣ କରୁ କରୁ ଓଡ଼ିଆ ଜାତିର ବିସ୍ମୃତ ଗୌରବମୟ ପ୍ରାଚୀନ କୀର୍ତ୍ତି ନୀଳକଣ୍ଠଙ୍କ ମାନସପଟରେ ଦିଶି ଉଠିଥିଲା । ସେଥିରୁ ପ୍ରସୂତ ହୋଇଥିଲା ରାମଚଣ୍ଡୀ-ଠାରେ ରାତ୍ର ଓ ସକାଳ । ମାୟାଧର ଲେଖିଛନ୍ତି, ଓଡ଼ିଆରେ ଗତାନୁଗତିକ କାବ୍ୟର ସ୍ଥାପତ୍ୟଠାରୁ କୋଣାର୍କେ କାବ୍ୟର ସ୍ଥାପତ୍ୟ ସମ୍ପୂର୍ଣ୍ଣ ଭିନ୍ନ । ଏ କାବ୍ୟର କାରୁକାର୍ଯ୍ୟ ବହୁ ମାତ୍ରାରେ ନୀଳକଣ୍ଠଙ୍କର ନିଜସ୍ୱ ।

ମାୟାଧରଙ୍କର କାବ୍ୟ କବିତାର କାରୁକାର୍ଯ୍ୟ ପ୍ରତି ଏ ମନ୍ତବ୍ୟ ପ୍ରଭୂତ ମାତ୍ରାରେ ପ୍ରଯୁଜ୍ୟ । ଓଡ଼ିଆ ସାହିତ୍ୟରେ ଗଢ଼ି ଉଠିଥିବା ଧାରା ଏବଂ ପରମ୍ପରାଠାରୁ ମାୟାଧରଙ୍କର ଭାଷା, ଛନ୍ଦ ଏବଂ ଶୈଳୀ ହେଲା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ତହିଁରେ ବିକଶିତ ହୋଇଛି ଏକ ଅଭିନବ ପ୍ରବାହ । ସେ କାବ୍ୟକବିତାରେ ପ୍ରକଟିତ ହୋଇଛି ପ୍ରେମର ତରଙ୍ଗ, ଜାତୀୟତାର ଉଚ୍ଛ୍ୱାସ, ଓଡ଼ିଆର ପ୍ରାଣପ୍ରାଚୁର୍ଯ୍ୟ ଏବଂ ବୌଦ୍ଧିକତାର ଐଶ୍ୱର୍ଯ୍ୟ ।

କୋଣାର୍କେ କାବ୍ୟରେ "ମାୟାଦେବୀ" ପଦର ପ୍ରକାଶ ଭଙ୍ଗୀରେ

Digitized by srujanika@gmail.com

ମାୟାଧର ଯଥାର୍ଥରେ ଲକ୍ଷ୍ୟ କରିଥିଲେ ବିଭିନ୍ନ ଗୀତର ବୈଚିତ୍ର୍ୟ । ଛନ୍ଦରେ ସେ କାବ୍ୟ ହୋଇଥିଲା ସମୃଦ୍ଧ । ମାୟାଧରଙ୍କର କାବ୍ୟ, କବିତା ଏବଂ ଗୀତି-ନାଟକରେ ବିଷୟବସ୍ତୁର ପରିସର ଦେଖି ପାଠକ ଅଭିଭୂତ ହୁଏ; ପ୍ରକାଶର ସାବଲୀଳ ଭଙ୍ଗୀରେ ବିମୋହିତ ହୁଏ । କଲେଜ ଜୀବନରେ ରଚିତ କବିବନ୍ଧୁଙ୍କର କବିତା ଏବଂ ଗୀତି-ନାଟକ ରେଭେନ୍‌ସା ଛାତ୍ରାବାସରେ, ବନ୍ଧୁମେଳରେ ଆବୃତ୍ତି କରିବାର ସଂଯୋଗ ଏବେ ମଧ୍ୟ ସଦ୍ୟ ଆସ୍ୱାଦ ପରି ମାନସରେ ଜାଗରୂକ ରହିଛି ।

ମାନସିଂଙ୍କର କବିପ୍ରାଣ ଧବଳ ଜ୍ୟୋତ୍ସ୍ନା ଭିତରେ ପାଇଛି ପୁଲକ ଏବଂ ପ୍ରେରଣା । ତାହାରି ମଧ୍ୟରୁ ଆହରଣ କରିଛି ସୃଷ୍ଟିର ସୌନ୍ଦର୍ଯ୍ୟ ଏବଂ ସତ୍ୟର ସନ୍ଧାନ । ତାଙ୍କର ବହୁ କାବ୍ୟକବିତା ଏବଂ ନାଟକରେ ଜ୍ୟୋତ୍ସ୍ନାମୟୀ ରଜନୀ ପୃଷ୍ଠଭୂମି । ତରୁଣ ବୟସରେ ରଚିତ "ପୁଷ୍ପିତା" ନାଟକର ରଙ୍ଗଭୂମି ବାସନ୍ତୀ କୌମୁଦୀ । ଏହି ଲୀଳାମୟୀ କୌମୁଦୀ ଆଣିଛି କିଶୋରୀ ପ୍ରାଣରେ ପ୍ରଥମ ଶିହରଣ । "ପୂଜାରିଣୀ" ଗୀତି-ନାଟକରେ ଚନ୍ଦ୍ରିକା ମୁଦିର ବକୁଳ ବନରେ ସାକ୍ଷୀଗୋପାଳ ଏବଂ ଦ୍ୱିଜକନ୍ୟା ଲକ୍ଷ୍ମୀଙ୍କର ଅଭିସାର । ତାହାରି ମଧ୍ୟରୁ ଉଦ୍ଭୂତ ନାଟକର ପରିଣତି ।

ଆଦିକବି ବାଲ୍ମୀକି ଲକ୍ଷ୍ମଣଙ୍କ ପତ୍ନୀ ଊର୍ମିଳାଙ୍କ ପ୍ରତି ହୋଇଥିଲେ ସମ୍ପୂର୍ଣ୍ଣ ଉଦାସୀନ । ଏଥିରେ ରବୀନ୍ଦ୍ରନାଥଙ୍କର କ୍ଷୋଭ ହେଲା । ସେ ଲେଖିଲେ ଏକ କାବ୍ୟ—ଉପେକ୍ଷିତା ନାୟିକା । ରାଜକୁମାରୀ ସୂର୍ପଣଖାର ଅବ୍ୟକ୍ତ ବେଦନାକୁ ରୂପାୟିତ କରି ମାନସିଂ ଲେଖିଛନ୍ତି ଏକ କାବ୍ୟ —ଉପେକ୍ଷିତା । ପୂର୍ଣ୍ଣିମା ରଜନୀରେ, ପଞ୍ଚବଟୀ ତପୋବନରେ, ଚନ୍ଦ୍ରିକାର ମଧୁକ୍ରୀଡ଼ା ଏହି ଉପେକ୍ଷିତାର ପ୍ରାଣରେ ଆଣିଛି ଅସହ୍ୟ ବେଦନା ।

କ୍ରମେ ବୟସ ଅଗ୍ରସର ହେଲା । ଚନ୍ଦ୍ରିକାର ପରିବଳୟ ପ୍ରସାରିତ ହେଲା । କବିଙ୍କର ଅଭିବ୍ୟକ୍ତି ରୂପାନ୍ତରିତ ହୋଇ ଲାଗିଲା । 'କୋଣାର୍କ' ମାନସିଂଙ୍କର ଲେଖନୀରୁ ନିସୃତ ହେଲା ଏକ ଅଭିନବ କବିତା ରୂପରେ । ଓଡ଼ିଶାର ଏ ଅପୂର୍ବ ସ୍ଥାପତ୍ୟ ହୋଇ ଯାଇଛି ଜୀର୍ଣ୍ଣ, ଭଗ୍ନ । ତେବେ ମଧ୍ୟ

Digitized by srujanika@gmail.com

ବିଗତ ଯୌବନା ଏ କୋଣାର୍କର ସୂକ୍ଷ୍ମ କାରୁକଳା ସାରା ଜଗତକୁ କରୁଛି ମୁଗ୍‌ଧ ! କବିଙ୍କ କଳ୍ପନାରେ ପ୍ରସୂତ ହେଲା କୋଣାର୍କର ଲାସ୍ୟଲୀଳା । ବିସ୍ତାରିତ ଜ୍ୟୋତ୍ସ୍ନାର ମୃଦୁ ଆହ୍ୱାନରେ ମନ୍ଦିର ଗାତ୍ରର ପାଷାଣ ବିଗ୍ରହମାନ ଜୀବନ୍ତ ହୋଇଉଠିଲେ । ଚନ୍ଦ୍ରିକା ସହ ଜଡ଼ିତ ହୋଇ ସାରା ରାତି ଲାଗିଲା ଅସରନ୍ତି ନର୍ତ୍ତନ । ମାନସିଂଙ୍କର ଭାଷା, ଭଙ୍ଗୀ, ଛନ୍ଦ ଏବଂ କବି କଳ୍ପନାରେ ଏ କବିତା ରସାପ୍ଳୁତ ହୋଇ ଉଠିଲା ।

ଏହାକୁ ଅବଲମ୍ବନ କରି ପ୍ରଣୀତ ହେଲା ଏକ ନୃତ୍ୟ-ନାଟିକା । କୋଣାର୍କ ଜାଗରଣ । କଟକ ସହରରେ ଏକ କୁମାର ଉତ୍ସବ ସମିତି ଗଠିତ ହୋଇଥିଲା । କୁମାର ଉତ୍ସବର ପ୍ରଥମ ବର୍ଷ କୁମାର ପୂର୍ଣ୍ଣିମା ଦିନ ନାରୀସଙ୍ଘ ସଦନରେ ଏ ନୃତ୍ୟନାଟିକା ଅଭିନୀତ ହୋଇଥିଲା । ଚମତ୍କାର ସେ ଭାଷା, ସେ ଛନ୍ଦ, ସେ ଅଭିନୟ, ସେ ନର୍ତ୍ତନ । ଦର୍ଶକମଣ୍ଡଳୀ ବିମୋହିତ ହୋଇ ଯାଇଥିଲେ । କୋଣାର୍କ ଜାଗରଣ ହେଲା ଓଡ଼ିଶୀ ନୃତ୍ୟ-ନାଟିକାରେ ଏକ ନବ ଜାଗରଣ । ୧୯୫୬ ମସିହାରେ ରେଭେନ୍‌ସା କଲେଜରେ ଅନୁଷ୍ଠିତ ହୋଇଥିଲା ଭାରତୀୟ ଅର୍ଥନୀତି ସମ୍ମେଳନ । ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ବିଦ୍ୱାନ ପ୍ରତିନିଧି ଆସିଥିଲେ । ବିଦେଶରୁ ମଧ୍ୟ ଆସିଥିଲେ କେତେକ ଅର୍ଥଶାସ୍ତ୍ରୀ ପଣ୍ଡିତ । ଗୋଟିଏ ସନ୍ଧ୍ୟାରେ ସେମାନଙ୍କ ପାଇଁ ପରିବେଷଣ କରାଯାଇଥିଲା କୋଣାର୍କ ଜାଗରଣ ନୃତ୍ୟ-ନାଟିକା । ଦର୍ଶକ ବନ୍ଧୁଗଣ ମନ୍ତ୍ରମୁଗ୍‌ଧ ହୋଇ ଯାଇଥିଲେ । ଭୂୟସୀ ପ୍ରଶଂସା କରିଥିଲେ ।

ଆହୁରି ଏକ ପର୍ଯ୍ୟାୟ । ମହାନଦୀରେ ଜ୍ୟୋତ୍ସ୍ନା ବିହାର । ମହାନଦୀ ବକ୍ଷରୁ ଜ୍ୟୋତ୍ସ୍ନା-ପ୍ଳାବିତ ପ୍ରକୃତିର ବୈଭବରେ କବିଙ୍କ ମାନସରେ ଜାଗି ଉଠିଛି ସୃଷ୍ଟିର ରହସ୍ୟ ଏବଂ ସର୍ଜନାର ମହିମା । ଭଗ୍ନାବଶେଷ ବାରବାଟୀର ପରିଖା ସନ୍ନିଧିରେ ତରଣୀ ଚଳିଲାବେଳେ ବାରବାଟୀ ଯୁଗର ଶୌର୍ଯ୍ୟ, ପରାକ୍ରମ, ବିଳାସବ୍ୟସନ, ବୋଇତ ବାଣିଜ୍ୟ—ସକଳ ଉଦ୍‌ଭାସିତ ହୋଇ ଉଠିଛି କବିଙ୍କ ଚେତନାରେ । ଏହି ଦିଗନ୍ତ-ବ୍ୟାପୀ ଜ୍ୟୋତ୍ସ୍ନା-ବିତାନ ମଧ୍ୟରେ କବି ସତ୍ୟ ଶିବ ସୁନ୍ଦରର ସନ୍ଧାନ କରିଛନ୍ତି । ବନ୍ଧୁଙ୍କୁ କହିଛନ୍ତି କବି—ଫେରିବା କହୁଛ

Digitized by srujanika@gmail.com

ବନ୍ଧୁ ପୁଣି ଅନ୍ଧକାରେ ? ଫେରିବାକୁ ହେବ ସତେ ? ମନରେ ତାଙ୍କର ଅଭିଳାଷ ଜାଗିଛି ନଦୀ ବକ୍ଷରେ ଜୀବନର ଶେଷପର୍ଯ୍ୟନ୍ତ ଏହି ଅସରନ୍ତି ଜ୍ୟୋତ୍ସ୍ନା ତଳେ ଭାସିଯିବା ପାଇଁ ।

ଜ୍ୟୋତ୍ସ୍ନା ସହିତ କବି ମାନସିଂଙ୍କର ନିବିଡ଼ ବନ୍ଧନ । ବିଭିନ୍ନ ପରିବେଶରେ କୈଶୋରରୁ ପରିଣତ ବୟସ ପର୍ଯ୍ୟନ୍ତ । ଜ୍ୟୋତ୍ସ୍ନାର ସାଥୀମେଳରେ ସେ କବିପ୍ରାଣର ସାର୍ଥକତା ଉପଲବ୍ଧି କରି ପାରିଥିଲେ । ଅଭେଦ୍ୟ ସେ ବନ୍ଧନ । ସେ ବନ୍ଧନ ଛିନ୍ନ କରିବାର ସାମର୍ଥ୍ୟ କାହାରି ନ ଥିଲା । ମୃତ୍ୟୁର ମଧ୍ୟ ନ ଥିଲା । ୧୯୭୩ ମସିହା କୁମାର ପୂର୍ଣ୍ଣିମାରେ, କୃଷ୍ଣମେଘର ତମସା ମଧ୍ୟରେ, ଜ୍ୟୋତ୍ସ୍ନାର ଅଜ୍ଞାତରେ କବି ମାନସିଂଙ୍କର ତିରୋଧାନ ହୋଇଗଲା ।

●

ପ୍ରକାଶ—୫-୧୦-୧୯୭୯

ନମୁନା

—୧—

ଆଚାର୍ଯ୍ୟ ହରିହର ସ୍ୱର୍ଗକୁ ଗଲେଣି । କିଛି ବର୍ଷ ପୂର୍ବର କଥା । ଆଚାର୍ଯ୍ୟ ମହାଶୟ ଯାଉଥିଲେ ପୁରୀରୁ ବ୍ରହ୍ମଗିରି । ସାଙ୍ଗରେ କେତେ ଜଣ ସହକର୍ମୀ । ଖରାଦିନ । ସକାଳୁ ବାହାରି ପଡ଼ିଛନ୍ତି । କଚ୍ଚାରାସ୍ତା । ବିଲବାଟ । ଚାଲିଛନ୍ତି । ଆଗରେ ପଡ଼ିବ ଗୋଟିଏ ଦଣ୍ଡା । ଦେଖିଲେ, ଦଣ୍ଡା ପାଖରେ କେତେଜଣ ସ୍ତ୍ରୀଲୋକ ବସିଛନ୍ତି । ପାଖରେ ଥୁଆ ହୋଇଛି କେତେ ଖଣ୍ଡି ଗରା ଆଉ ଡାଲା । ବିଚାରିଲେ, ସେମାନେ ଥକ୍କା ବସିଛନ୍ତି । କେହି ବାଟରେ ଗଲେ, ଖାଲି ମଫସଲରେ ନୁହେଁ, ସହରରେ ମଧ୍ୟ ସେମାନେ ଉଠନ୍ତି ନାହିଁ । ଯିବା ଲୋକଙ୍କର ମାନସମ୍ମାନ ବିଚାର ଥିଲେ, ଠିଆ ହେବେ ସେମାନେ ଉଠିବା ଯାଏ ; ଆଚାର୍ଯ୍ୟ ମହାଶୟ ଆଉ ତାଙ୍କର ବନ୍ଧୁମାନେ ଠିଆ ହେଲେ । ଅନେକ ବେଳ ଗଲା । ସେମାନେ ଉଠିଲେ ନାହିଁ । ଆଉ କେତେ କାଳ ସେମାନେ ଅପେକ୍ଷା କରି ଠିଆ ହେବେ ! ଗୋଟିଏ ଗୋଟିଏ ଚାଲିଲେ । ସେମାନଙ୍କ ପାଖରେ ପହଞ୍ଚି ଯାହା ଦେଖିଲେ, ସେ ଅତି କରୁଣ ଦୃଶ୍ୟ ।

ସେ ଅଞ୍ଚଳରେ ଖରାଦିନରେ ପାଣି ମିଳେ ନାହିଁ । ଲୋକେ କଲ୍‌ବଲ୍ ହୁଅନ୍ତି । ପୂର୍ବ ଦିନ ଅସରାଏ ବର୍ଷା ହୋଇ ଯାଇଛି । ବିଲ ଭିତରେ ସାନ ସାନ ଖାତରେ କିଛି ପାଣି ଜମିଯାଇଛି । ଗିନା ଡାଟିଆରେ ସେଇ ପାଣି ସଂଗ୍ରହ କରି ସ୍ତ୍ରୀଲୋକଗୁଡ଼ିକ ଗରା ଡାଲରେ ରଖୁଛନ୍ତି । ସେଥିରେ କିଛି ହେଲେ କୃତ୍ୟ ଚଳିଯିବ । ଆଚାର୍ଯ୍ୟ ମହାଶୟଙ୍କଠାରୁ ଶୁଣି ନ ଥିଲେ ଏ କଥା ବିଶ୍ୱାସ କରିବା ସମ୍ଭବ ହୁଅନ୍ତା ନାହିଁ । ପାଣିର ଅନ୍ୟ ନାମ ଜୀବନ । ମାତ୍ର ଗୋରୁଖୋଜ ଖାତରେ ଜମିଥିବା ଜଳ ଆହରଣ କରି ଯେବେ ଜୀବନଧାରଣ କରିବାକୁ ପଡ଼େ, ତେବେ "ଜଳଂ ନନ୍ଦନ୍ତି ରୋଗିଣଃ" ନୀତିବାକ୍ୟ ଉଦ୍ଧାର କରିବା ହିଁ ହେବ ଏକ-

Digitized by srujanika@gmail.com

ମାତ୍ର ପନ୍ଥା ।

ଏଇ ପୃଷ୍ଠଭୂମିରେ ଆମର ଜନକଲ୍ୟାଣ ରାଷ୍ଟ୍ର ପ୍ରଣୟନ; ଅର୍ଥନୈତିକ ଯୋଜନାର ପ୍ରଣୟନ; ଆଉ ଗ୍ରାମଗୋଷ୍ଠୀ ବିକାଶର ପରିକଳ୍ପନା ।

— ୨ —

ମହାତ୍ମା ଗାନ୍ଧିଙ୍କର ମୃତ୍ୟୁସମ୍ବାଦ ପାଇ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଲେଖିଥିଲେ, ଜନସମାଜ ଭିତରେ ଏପରି ଜଣେ ମୂର୍ତ୍ତିମନ୍ତ ବିବେକ ଯେ ବାସ୍ତବରେ ରକ୍ତମାଂସର ଶରୀର ଧରି ଏ ପୃଥିବୀରେ ଜନ୍ମଗ୍ରହଣ କରିଥିଲେ, ଏହା ଆମର ପରପୁରୁଷ ସହଜରେ ବିଶ୍ୱାସ କରିପାରିବେ ନାହିଁ । ଆମେ ସବୁ ତାଙ୍କର ଦାୟାଦ ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍‌ଙ୍କର ଏ ଆଶଙ୍କା ଚରିତାର୍ଥ କରି ଦେଇଛୁ । ଗୋଟିଏ ପୁରୁଷ ମଧ୍ୟ ଅପେକ୍ଷା କରି ନାହୁଁ । ଗାନ୍ଧିଜୀଙ୍କର ଚିତାଭସ୍ମ ସହିତ ତାଙ୍କୁ ସଂପୂର୍ଣ୍ଣ ନିଃଶେଷ କରି ଦେଇଛୁ । ରଖିଛୁ କେବଳ ବର୍ଷ ମଧ୍ୟରେ ଦୁଇ ଦିନ ଛୁଟିର ଉପଭୋଗ । ଗୋଟିଏ ଦିନ ତାଙ୍କର ଜନ୍ମବାସରରେ ଆଉ ଗୋଟିଏ ଦିନ ତାଙ୍କର ହତ୍ୟା ତିଥିରେ ।

ଗାନ୍ଧିଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଥିଲା ୧୯୬୯ ମସିହାରେ । ଭାରତବର୍ଷରେ ଦୁଇ ବର୍ଷ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ଓଡ଼ିଶା ରାଜ୍ୟରେ ଏଥିପାଇଁ ଗୋଟିଏ କମିଟି ଗଠିତ ହୋଇଥିଲା । ଥରେ ବିଚାର ହେଲା ଏଇ ଶତବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଦୁଇ ହଜାର ଗ୍ରାମରେ କୂଅ ଖୋଳାଯିବ । ସ୍ୱାଧୀନତା ମିଳିଥିଲା ୧୯୪୭ ମସିହାରେ । ବାଇଶ ବର୍ଷ ବିତିଗଲାଣି । ରାଜ୍ୟସାରା ପଞ୍ଚାୟତିଶାସନ ଚାଲି ହୋଇଯାଇଛି । ଲୋକଙ୍କୁ ପାଣି ମୁନ୍ଦାଏ ମିଳି ପାରି ନାହିଁ । ଗାନ୍ଧିଜୟନ୍ତୀ କାର୍ଯ୍ୟକ୍ରମରେ ଯେବେ ଦୁଇ ହଜାର କୂଅ ଅନ୍ତର୍ଭୁକ୍ତ ହୁଏ, ତେବେ ଜୟନ୍ତୀ କିଛି ମାତ୍ରାରେ ସାର୍ଥକ ହେବ । ବିଚାର ହେଲା । ଆଲୋଚନା ହେଲା । କୂଅର ପରିଧି, ଗଭୀରତା ଇତ୍ୟାଦି

Digitized by srujanika@gmail.com

ବିଷୟରେ ସମୀକ୍ଷା ହେଲା । ଖର୍ଚ୍ଚର ଅଟକଳ ପ୍ରସ୍ତୁତ ହେଲା । ସମ୍ବାଦ ପତ୍ରରେ ଏ ମହତ୍ତ୍ୱ କଳ୍ପନା ପ୍ରକାଶ ପାଇଲା । ଏତିକରେ ସମାପ୍ତି ।

ଭାଗ୍ୟର କଥା, ଏ ଯୋଜନା ଜୟନ୍ତୀ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେଲା ନାହିଁ । ହୋଇଥିଲେ, ଜୟନ୍ତୀର ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥାନ୍ତା । କେତେକ ସ୍ଥାନରେ ଶିଳାନ୍ୟାସ ହୋଇଥାନ୍ତା । ଧାଁଧପଡ଼, ତଦବିର କରିବାରେ, ଜୟନ୍ତୀର ଦୁଇବର୍ଷ ମଧ୍ୟରେ ବହୁ ଅର୍ଥ ବରବାଦ ହୋଇଥାନ୍ତା । ଶେଷରେ କାହିଁକି ହୋଇ ନ ପାରିଲା, ସେ ବିଷୟରେ ଏକ ରିପୋର୍ଟ ପ୍ରକାଶ ପାଇଥାନ୍ତା । ବିଶେଷ ଆଶ୍ୱାସନାର କଥା, ବାଇଶ ବର୍ଷର ସଜସାଜ, ହାଣ୍ଡିଛତି, ବିଧିବିଧାନ, ବିବୃତି ବକ୍ତୃତା ଏବଂ ବସ୍ତ୍ରର ବିତ୍ତର ବିନିଯୋଗ ପରେ, ମହାତ୍ମାଜୀଙ୍କର ଜନ୍ମବାର୍ଷିକୀ ଉପଲକ୍ଷେ ଯେବେ ପାଣି ମୁନ୍ଦାଏ ମାତ୍ର ଦେବାର ଉପକ୍ରମ ହୋଇଥାନ୍ତା, ତେବେ ସେ ଯୋଜନା ହୋଇଥାନ୍ତା ବିକାଶର ଏକ ପ୍ରହସନ ଏବଂ ଜନତାର ସେଇ ମହମାପ୍ରୁ ବିବେକ ପ୍ରତି ଏକ ବିରାଟ ଉପହାସ ।

— ୩ —

ଗତ ମାର୍ଚ୍ଚ ମାସରେ (୧୯୭୩) ବାହାରିଛି ଖଣ୍ଡିଏ ଅଡ଼ିଟ୍ ରିପୋର୍ଟ । ସେଥିର କେତୋଟି କଥା ସଂକ୍ଷେପରେ ସମ୍ବାଦ୍ ପତ୍ରରେ ପ୍ରକାଶ ପାଇଛି । ଅଡ଼ିଟ୍ ରିପୋର୍ଟରେ ରସ ନ ଥାଏ, ପ୍ରେମ ନ ଥାଏ । କବିତା କି ମୂର୍ଚ୍ଛନା ନ ଥାଏ । ଏ ରିପୋର୍ଟର ବିଷୟବସ୍ତୁ—ସେଇ ପୁରୁଣା ପ୍ରସଙ୍ଗ । ପାଣି ମୁନ୍ଦାଏ । ୧୯୫୬ ମସିହାଠାରୁ ୧୯୭୧ ପର୍ଯ୍ୟନ୍ତ ପନ୍ଦର ବର୍ଷ ଭିତରେ ପାଣି ମୁନ୍ଦାଏ ଦେବା ପାଇଁ ଓଡ଼ିଶାର ପଞ୍ଚାୟତ ସମିତିମାନେ ତିନ କୋଟି ଚେୟାଳିଶ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି । କୂଅ ଖୋଳାରେ ଖର୍ଚ୍ଚ ହୋଇଛି ଏତିକ ଟଙ୍କା । ନିଶ୍ଚୟ ଅନେକ ଗ୍ରାମରେ ଲୋକେ ପାଣି ମୁନ୍ଦାଏ ପାଇଥିବେ ।

Digitized by srujanika@gmail.com

ଅଡ଼ିଟ୍ ରିପୋର୍ଟରେ କୁହାଯାଇଛି — ଏଇ ପନ୍ଦର ବର୍ଷ ମଧ୍ୟରେ ୭,୪୬୫ଟି କୂଅ ଅଧାଖୋଲା ହୋଇ ଛାଡ଼ି ଦିଆଯାଇଛି । ଏଥିରେ ୫୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଆହୁରି ଟଙ୍କା ଆବଶ୍ୟକ ହେଲା । ଏ ଆମର ଏକ ସାଧାରଣ ଗତି । ଗୋଟିଏ ଅଟକଳ ସ୍ଥିର କରାଯାଇ କାମ ଆରମ୍ଭ ହୁଏ । କାମ ସରେ ନାହିଁ । ଲାଗିଥାଏ । ଅଟକଳ ବଦଳୁଥାଏ । ବଢ଼ି ଚାଲିଥାଏ । ଆହୁରି ୪୪ ଲକ୍ଷ ଟଙ୍କା ଆବଶ୍ୟକ ହେଲା । ସେ ଟଙ୍କା ମଞ୍ଜୁର ହେଲା ନାହିଁ । ୭,୪୬୫ଟିଯାକ କୂଅ ଅଧାଖୋଲା ହୋଇ ପରିତ୍ୟକ୍ତ ହେଲା ।

ଆଉ ୧୯୦୦ ଗୋଟି କୂଅ । ସେ ଗୁଡ଼ିକରେ ଖୋଳା କାମ ଶେଷ ହେଲା । ଟଙ୍କାତକ ଖର୍ଚ୍ଚ ହେଲା । ମାତ୍ର ସେଗୁଡ଼ିକ ସବୁ ଅନ୍ତ ଅଗଭୀର । ସେଥିରୁ ପାଣି ମିଳିଲା ନାହିଁ । ଯାହା ପାଣି ମିଳିଲା, ସେ ପାଣି ବ୍ୟବହାର ଲାଗି ଅନୁପଯୁକ୍ତ । ଏଥିରେ ୧୪ ଲକ୍ଷ ଟଙ୍କା ବ୍ୟୟିତ ହୋଇଛି; ମାତ୍ର ସେ ସବୁ ମଧ୍ୟ ପରିତ୍ୟକ୍ତ ହେଲା ।

ରିପୋର୍ଟରେ ପୁଣି କୁହାଯାଇଛି, ଆହୁରି ୧୯୦୦ଟି କୂଅ ଖୋଳାଗଲା କେତେକ ଲୋକଙ୍କ ବ୍ୟକ୍ତିଗତ ଜମିରେ । ସେମାନେ ନିଶ୍ଚୟ ସେଠାର ପ୍ରଭାବଶାଳୀ ଲୋକ ହୋଇଥିବେ । ସେ ସବୁ ଜମି ପଞ୍ଚାୟତ ସମିତିକୁ ହସ୍ତାନ୍ତରିତ ହୋଇ ନାହିଁ । ଆଠ ଦଶ ବର୍ଷ ହୋଇ-ଗଲାଣି । ସର୍ବସାଧାରଣ ସେସବୁ କୂଅ ବ୍ୟବହାର କରିବାରୁ ବଞ୍ଚିତ । ଯେ ପାରିବାର, ତାକୁ କିଏ ପାରିବ ? ସେ ସବୁ ବ୍ୟକ୍ତିଗତ ସମ୍ପତ୍ତି ହୋଇ ରହିଯିବ ।

କୂଅ ଖୋଳାରେ ଖର୍ଚ୍ଚ ହୋଇଛି ତିନି କୋଟି ୪୩ ଲକ୍ଷ ଟଙ୍କା । ଏ ହେଲା ପ୍ରାୟ ବାର ହଜାର କୂଅର ତାଲିକା । ଆଉ ଅଧିକ ହିସାବ ବାଢ଼ିବା ଦରକାର ନାହିଁ । ଅଡ଼ିଟ୍ ହୁଏ । ରିପୋର୍ଟ ବାହାରେ । ଆଇନ୍ କାନୁନ୍‌ରେ ଏ ପଦ୍ଧତି ବନ୍ଧା ହୋଇଛି । ସେ ଗୋଟାଏ ଗତାନୁଗତିକ ରୀତି । ସେ ସବୁ ବେଳେ ବେଳେ କାହାର ଦୃଷ୍ଟିରେ ପଡ଼େ । ମାତ୍ର ସେଥିରେ କୌଣସି ଚହଲ ପଡ଼େ ନାହିଁ । କେହି ବିଚଳିତ ହୁଅନ୍ତି ନାହିଁ । ଚକ ଗଡ଼ି ଚାଲିଥାଏ । ବହୁ କାଳରୁ ଶଗଡ଼

Digitized by srujanika@gmail.com

ଗୁଳା ପଡ଼ ଆସିଛୁ । ବର୍ଷା ଦିନରେ, କ ଷେତ ଥିଲା ବେଳେ, ସେ ଗୁଳା କଚ୍ଛୁ ଦିନ ବନ୍ଦ ହୋଇଯାଏ । ପୁଣି ସେଇ ଧରାବନ୍ଧା ଗୁଳା । ଏପଟ ସେପଟ ନାହିଁ । ହଲଚଲ ନାହିଁ । ବ୍ୟତକ୍ରମ ନାହିଁ । ସେ ବିପଣି ଅବ୍ୟାହତ ।

—୪—

ପଞ୍ଚମ ଯୋଜନା ଆରମ୍ଭ ହେଲା ୧୯୭୪ ମସିହା ଏପ୍ରିଲ ମାସ ପହିଲାରେ । ଏ ଯୋଜନାର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି—"ଗରିବୀ ହଟାଓ" । ଦାରିଦ୍ର୍ୟ ଅପସାରଣ । ଏଥିପାଇଁ ଯୋଜନାରେ କେତୋଟି ବ୍ୟବସ୍ଥା ଖଞ୍ଜାଯାଇଛି । ଗୋଟିଏ ବ୍ୟବସ୍ଥା ହେଲା—ଲୋକଙ୍କର ନ୍ୟୂନତମ ଆବଶ୍ୟକତା ପୂରଣ କରିବାକୁ ହେବ । ପ୍ରାଥମିକ ଶିକ୍ଷା, ଗାଁଗହଳରେ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ, ଗରିବ ବାସହୀନ ଲୋକଙ୍କ ପାଇଁ ଖଣ୍ଡିଏ ଘରଡ଼ିହ ଇତ୍ୟାଦି ଏଇ ନ୍ୟୂନତମ ଆବଶ୍ୟକତା ମଧ୍ୟରେ ଅନ୍ତର୍ଭୁକ୍ତ । ପାଣି ମୁନ୍ଦାଏ ଦେବାର ବ୍ୟବସ୍ଥା ମଧ୍ୟ ଏଥିରେ ସ୍ଥାନ ପାଇଛି । ଏ ସମସ୍ତ ନୂଆ କଥା ନୁହେଁ, ପୂର୍ବ ଯୋଜନାମାନଙ୍କରେ ଥିଲା । ପଞ୍ଚମ ଯୋଜନାରେ ତାର ନୂତନ ନାମକରଣ ହୋଇଛି—ନ୍ୟୂନତମ ଆବଶ୍ୟକତା ।

ତେଇଶ ବର୍ଷ ଯୋଜନା ପରେ ବହୁ ଗ୍ରାମରେ ଯେ ପାଣି ମୁନ୍ଦାଏ ଦିଆଯାଇ ପାରି ନାହିଁ, ଏତକ ପଞ୍ଚମ ଯୋଜନାବେଳକୁ ଉପଲବ୍ଧି କରାଯାଇଛି । ଦାରିଦ୍ର୍ୟ ଅପସାରଣ ପାଇଁ ପାଣି ମୁନ୍ଦାଏ ଯେ ଏକାନ୍ତ ଆବଶ୍ୟକ, ଏ କଥା ବରିରକୁ ନିଆଯାଇଛି ଏବଂ ଏହାକୁ ନ୍ୟୂନତମ ଆବଶ୍ୟକତା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି । ବହୁ ରାଜ୍ୟରେ ଏଥିପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ । ଓଡ଼ିଶାରେ ମଧ୍ୟ ।

ଓଡ଼ିଶାରେ ଗ୍ରାମ ସଂଖ୍ୟା ସତଗ୍ରଳିଶ ହଜାର (୪୬,୯୯୨) । ଏଥିମଧ୍ୟରୁ ଅନେକ ଗ୍ରାମରେ ଅତି ଉତ୍କଟ ଜଳାଭାବ । ଏଠାରେ ହଇଜା

Digitized by srujanika@gmail.com

ଆମାଶୟ ପ୍ରଭୃତି ମହାମାରୀ ବସା ବାନ୍ଧିଛନ୍ତି । ଅତି କରୁଣ ଲୋକଙ୍କର ଅବସ୍ଥା । ସରକାରଙ୍କ ସ୍ୱାସ୍ଥ୍ୟ ସଂସ୍ଥା ଅନୁସନ୍ଧାନ କରି ହିସାବ କରିଛନ୍ତି ଯେ ଏପରି ଗ୍ରାମର ସଂଖ୍ୟା ଅନ୍ତତଃ କୋଡ଼ିଏ ହଜାର । ସେଥିରୁ ଦଶ ହଜାର ଗ୍ରାମରେ ପଞ୍ଚମ ଯୋଜନାକାଳ ମଧ୍ୟରେ ପିଇବା ପାଣି ଯୋଗାଇ ଦିଆଯିବ । ସବୁ ଗ୍ରାମରେ ପହଞ୍ଚିବା ତ କଳ୍ପନାତୀତ । ଯାହା ହେଉ, ଅତି ଅଳ୍ପ ହେଲେ ମଧ୍ୟ ବହୁ ବିଳମ୍ବ ହେଲେ ସୁଦ୍ଧା, ସାଧୁ ଉଦ୍ୟମ ।

ଓଡ଼ିଶା ସରକାର ହିସାବ କଲେ, ଏଥିପାଇଁ ଆବଶ୍ୟକ ହେବ ୨୫ କୋଟି ଟଙ୍କା । ଯୋଜନା କମିଶନ ମଞ୍ଜୁର କରିଛନ୍ତି ତାହାର ଅଧା; ସାଢ଼େ ବାର କୋଟି । ଏଥିରେ ପ୍ରସ୍ତାବିତ ଦଶ ହଜାର ଗ୍ରାମରୁ ପାଞ୍ଚ ହଜାର ଗ୍ରାମରେ ପାଣି ମୁହଁଏ ଦେବା ସମ୍ଭବ ହୋଇପାରିବ । ସରକାର ଆଶା କରୁଛନ୍ତି, ୨୫ କୋଟି ଟଙ୍କାର ସଂସ୍ଥାନ ଲାଗି ଉଦ୍ୟମ କରାଯାଉ, ଦେଖାଯାଉ ।

ଏ ସବୁ ଏବେ ଚଳନ୍ତି ଟଙ୍କାର ହିସାବ । ଟଙ୍କାର ମାନ ବଦଳିବାରେ ଲାଗିଛି । ପନ୍ଦର ବର୍ଷ ତଳର ଟଙ୍କା ଏବଂ ଏବର ଟଙ୍କା ଏକା ପଦାର୍ଥ ନୁହେ । ୧୯୬୧-୬୨ ବର୍ଷଟିକୁ ମେରୁବର୍ଷ ରୂପେ ଧରିଲେ, ୧୯୭୪ ମସିହା ମାର୍ଚ୍ଚ ମାସବେଳକୁ ମୂଲ୍ୟସୂଚୀ ହେଲା ୨।୩ । ବାର ବର୍ଷ ତଳେ ଶହେ ଟଙ୍କା ଯେତିକ କାମ ଦେଉଥିଲା, ପଞ୍ଚମ ଯୋଜନା ଆରମ୍ଭ ହେବା ପୂର୍ବରୁ ସେଥିପାଇଁ ଆବଶ୍ୟକ ହେଲା ୨।୩ ଟଙ୍କା । ଦରଦାମ ଉତ୍ତରୋତ୍ତର ବଢ଼ି ଚାଲିଛି । ପଞ୍ଚମ ଯୋଜନାରେ ମଧ୍ୟ ବଢ଼ିବ । ମୂଲ୍ୟସୂଚୀ ତିନ ଗୁଣକୁ ଟପିଯିବ । ପନ୍ଦର ବର୍ଷର କୂଅ ଖୋଳା ଖର୍ଚ୍ଚ ହୋଇଥିଲା ୩ କୋଟି ୪୩ ଲକ୍ଷ ଟଙ୍କା । ସେତିକ କାମ କରିବା ପାଇଁ ପଞ୍ଚମ ଯୋଜନାରେ ଲାଗିବ ପ୍ରାୟ ଦଶ କୋଟି । ତେଣୁ ଯେଉଁ ସାଢ଼େ ବାର କୋଟି ଟଙ୍କା ମିଳିବାର ଆଶା ରହିଛି, ସେଥିରେ ତହିଁରୁ ଅଧିକ କାମ ହେବାର ସମ୍ଭାବନା ଥିଲା ପରି ଜଣାଯାଉ ନାହିଁ । ଟଙ୍କାର ତେଜ ଯେପରି ବେଗରେ ମଳିନ ହୋଇଯାଉଛି, ସେଥିରୁ ଏତିକ ସୁସ୍ପଷ୍ଟ ଯେ ପଞ୍ଚମ ଯୋଜନାରେ ଯେତିକ ଅର୍ଥ ଯୋଗାଣ

Digitized by srujanika@gmail.com

କରାଯାଉଛି, ସେଥିରେ ପାଞ୍ଚ ହଜାର ଗ୍ରାମରେ ପାଣି ମୁନ୍ଦାଏ ମିଳିବାର ଆଶା କ୍ଷୀଣ ।

ଏ ହେଲା ଟଙ୍କାପଇସାର ହିସାବ । ଶୁଖିଲା, ପ୍ରାଣହୀନ କାଗଜ ପତ୍ରର ହିସାବ । ଅସଲ ପ୍ରଶ୍ନ—ଯୋଜନା ପାଇଁ ହିସାବ ନା ହିସାବ ପାଇଁ ଯୋଜନା ? ହିସାବ ମାଧ୍ୟମରେ ଯୋଜନା ପ୍ରସ୍ତୁତ ହୁଏ; ମାତ୍ର ଖାଲି ହିସାବରେ ଯୋଜନା ସାର୍ଥକ ହୁଏ ନାହିଁ । ପନ୍ଦର ବର୍ଷର କୂଅ ଖୋଳା ହିସାବ ତାହାର ନମୁନା । କୂଅ ଖୋଳା ହୁଏ । ପାଣି ପଡ଼େ ନାହିଁ । ଖୋଳା ହୁଏ; ଅଧା ଖୋଳାରେ ରହିଯାଏ । ଖୋଳା ହୁଏ; କାହାର ନିଜ ବାଡ଼ି ବଗିଚା ଭିତରେ । ଖୋଳା ହୁଏ ନାହିଁ ମାତ୍ର ଟଙ୍କା ଖର୍ଚ୍ଚ ହୁଏ । ହିସାବରେ ରହେ ପାଣିର ଯୋଜନା । ଟଙ୍କା ପାଣି ପରି ବହିଯାଏ । ପାଣି ମୁନ୍ଦାଏ ଲୋକଙ୍କ ଭାଗ୍ୟରେ ଜୁଟେ ନାହିଁ ।

ଆଶ୍ଚର୍ଯ୍ୟ ମହାଶୟ ! ଏବେ ମଧ୍ୟ ବହୁ ଲୋକଙ୍କର ଭରସା ସେଇ ଗୋରୁ ଖୋଜରେ ଜମିଥିବା ବର୍ଷା ପାଣି ଟିକକ ଶୋଷୀ ଲୋକଙ୍କୁ ପାଣି ମୁନ୍ଦାଏ ଦେଲେ ଧର୍ମ ହୁଏ । ପୁରୁଣା ପାଠ । ଆମେ ଧର୍ମକୁ ମୁଣ୍ଡିଆ ମାରିବାରେ ପରିଣତ କରିଛୁ । ଖାଲି ଆଖିମିଟିକାର ପ୍ରତିଯୋଗିତା । ଏ ଧର୍ମରେ ମତିର ସ୍ଥାନ ନାହିଁ; କର୍ତ୍ତବ୍ୟର ତାଡ଼ନା ନାହିଁ; ବିବେକର ଦଂଶନ ନାହିଁ । ଏଥିରେ ଅନୁଶୋଚନା ମଧ୍ୟ ଉଦ୍ରେକ ହୁଏ ନାହିଁ ।

●

ପ୍ରକାଶ-'ସମାଜ'—୯-୫-୧୯୬୪

Digitized by srujanika@gmail.com

ଉଟପକ୍ଷିତା ନଗରୀ

୧୮୫୭ ମସିହା । ସିପାହୀ ବିଦ୍ରୋହ । ସେଇ ବର୍ଷ ଭାରତରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । କଲିକତା, ବମ୍ବେ, ମାଦ୍ରାଜ । ତା'ପର ବର୍ଷ କଲିକତାରେ ହେଲା ଭାରତବର୍ଷର ପ୍ରଥମ ବି.ଏ. ପରୀକ୍ଷା, ଦୁଇଜଣ କୃତକାର୍ଯ୍ୟ ହେଲେ । ସେଥିମଧ୍ୟରୁ ଜଣେ ବଙ୍କିମଚନ୍ଦ୍ର ଚାଟାର୍ଜି । ସେ ଥିଲେ ଜଣେ ପ୍ରଖ୍ୟାତ ଉପନ୍ୟାସ ରଚୟିତା । 'ଆନନ୍ଦମଠ' ତାଙ୍କର ଏକ ମହାମୂଲ୍ୟ ଉପନ୍ୟାସ । ଭାରତର ପ୍ରଥମ ଜାତୀୟ ସଂଗୀତ ଲେଖିଲେ "ବନ୍ଦେ ମାତରମ୍ ।"

ସେତେବେଳେ ଭାରତୀୟ କୃତୀ ଯୁବକମାନଙ୍କ ପାଇଁ ଶ୍ରେଷ୍ଠ ନିଯୁକ୍ତି ଥିଲା ଡେପୁଟି ମାଜିଷ୍ଟ୍ରେଟ୍ ଚାକିରି । ବଙ୍ଗ, ବିହାର, ଓଡ଼ିଶା, ଆସାମ ଏବଂ ଉତ୍ତରପ୍ରଦେଶର ବହୁ ଅଂଶ ମିଶି ହୋଇଥିଲା ଗୋଟିଏ ପ୍ରଦେଶ—ବେଙ୍ଗଲ ପ୍ରେସିଡେନ୍‌ସି । କଲିକତା ରାଜଧାନୀ । ବଙ୍କିମଚନ୍ଦ୍ର ଓଡ଼ିଶାରେ ଅବସ୍ଥାପିତ ହେଲେ । ଯାଜପୁରର ଏସ୍. ଡି. ଓ ହେଲେ । କଟକରେ କମିସନର ଅଫିସ । ବଙ୍କିମଚନ୍ଦ୍ର ପୁରୀ, କଟକ, ବାଲେଶ୍ୱର ସମ୍ବନ୍ଧରେ ଆହରଣ କଲେ ପ୍ରଭୂତ ଅଭିଜ୍ଞତା ।

କଲିକତାରୁ ଅନେକ ଯୁବକ କ୍ରମେ କ୍ରମେ ପାଠ ପଢ଼ିବାକୁ ବିଲାତ ଗଲେ । ବଙ୍କିମଚନ୍ଦ୍ରଙ୍କର ଜଣେ ସମ୍ପର୍କୀୟ ଯୁବକ ବନ୍ଧୁ ଯାଇଥିଲେ ବିଲାତ । ସେଠାରେ ଜଣେ ଶ୍ୱେତାଙ୍ଗୀ ବିବାହ କରି ସ୍ୱଦେଶକୁ ଫେରିଲେ । ନବବିବାହିତା ପତ୍ନୀଙ୍କୁ ସଙ୍ଗରେ ଧରି ଆସିଲେ ବଙ୍କିମଚନ୍ଦ୍ରଙ୍କ ପାଖକୁ । ନୂଆ ବୋହୂଟିଏ ପ୍ରଥମେ ଗୁରୁଜନଙ୍କ ପାଖକୁ ଆସିଲେ ଅଧୋମୁଖୀ ହୋଇ ଠିଆ ହୁଏ । ଗୁରୁଜନ ତାହାର ମୁହଁ ଦେଖନ୍ତି । ହାତଗୋଡ଼ରେ ଆଖି ବୁଲାନ୍ତି । ବଙ୍ଗଦେଶରେ ପ୍ରଚଳିତ ପ୍ରଥା ଅନୁଯାୟୀ ସ୍ନେହରେ ଆଶୀର୍ବାଦ କରି କହନ୍ତି,—ଅୟି ସୁଲକ୍ଷଣୀ, ତୋର ସିନ୍ଥିର ସିନ୍ଦୂର ଚିରସ୍ଥାୟୀ ହେଉ ।

Digitized by srujanika@gmail.com

ନବାଗତା ଶ୍ୱେତାଙ୍ଗୀ ଆସି ବଙ୍କିମଚନ୍ଦ୍ରଙ୍କ ସମକ୍ଷରେ ଉଭା ହେଲେ । ଅଧରରେ ରଞ୍ଜିତ ରଙ୍ଗିମା ଝଲସି ପଡ଼ୁଛି । ସେ ଝଲକରେ ମୁହଁ ଦେଖି ହେଉ ନାହିଁ । ଗ୍ରେଟା କି କାଶୀ କି କୁଣ୍ଡା ବାରି ହେଉ ନାହିଁ । ବଙ୍କିମଚନ୍ଦ୍ର ରସଗ୍ରାହୀ । ସୌଜନ୍ୟ ରକ୍ଷା କରି ଅସ୍ପଷ୍ଟ ସ୍ୱରରେ ଆଶୀର୍ବାଦ କଲେ, —ଅୟି ନବାଗତା, ତୁମ ଅଧରର ଏ ଝଲସିତ ରକ୍ତିମା ଚିରସ୍ଥାୟୀ ହେଉ ।

କଟକ ସହରରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ବାସଭବନ ମହାନଦୀ କୂଳରେ । ଯେଉଁଠାରେ ଏବେ ହୋଇଛି ରକ୍ତଭଣ୍ଡାର, କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର । କମିସନ୍‌ଙ୍କର ବାସଭବନ କାଠଯୋଡ଼ି କୂଳରେ । ଯେଉଁଠାରେ ଏବେ ହୋଇଛି ଶିଶୁଭବନ । କଲେକ୍ଟର ଏବଂ କମିସନରଙ୍କ ଅଫିସ ଯେଉଁଠାରେ ଥିଲା, ସେହିଠାରେ ଅଛି । ବଙ୍କିମଚନ୍ଦ୍ର ବହୁବାର କଟକ ଆସିଛନ୍ତି । ସେତେବେଳେ ରେଲ ଲାଇନ୍ କଟକ ଆସି ନ ଥିଲା । ମଟରଗାଡ଼ିର ଉଦ୍ଭାବନ ହୋଇ ନ ଥିଲା । ବ୍ରାହ୍ମଣୀ, ବିରୂପା, ମହାନଦୀରେ ସେତୁ ହୋଇ ନ ଥିଲା । ନଈ ପାରି ହୋଇ ଆସିବାକୁ ପଡ଼ୁଥିଲା ।

ବଙ୍କିମଚନ୍ଦ୍ର କଟକର ଅବସ୍ଥିତି ଦେଖି ମୁଗ୍ଧ ହୋଇଥିଲେ । କାଠଯୋଡ଼ି କୂଳରୁ ସୂର୍ଯ୍ୟାସ୍ତ ଦେଖି ବିମୋହିତ ହୋଇଥିଲେ । ବର୍ଷା ଦିନରେ ମହାନଦୀର ଅପର ପାର୍ଶ୍ୱରେ ସବୁଜ ପାହାଡ଼କୁ ଆଲିଙ୍ଗନ କରିଥିବା ମେଘମାଳା ଦେଖି ଆତ୍ମହରା ହୋଇଥିଲେ । କାଠଯୋଡ଼ି ପଥର ବନ୍ଧର ନିର୍ମାଣ କୌଶଳ ଦେଖି ବିଜ୍ଞାନୀର ଉଦ୍ଦେଶ୍ୟରେ ପ୍ରଣିପାତ କରିଥିଲେ । ବାରବାଟୀର ଭଗ୍ନସ୍ତୂପ ମଧ୍ୟରୁ ଓଡ଼ିଆ ଶୌର୍ଯ୍ୟର ପ୍ରତିଧ୍ୱନି ଶ୍ରବଣ କରିଥିଲେ ।

ଅନେକ ଦିନ ତଳର କଥା । ଇତିମଧ୍ୟରେ ଶହେ ବର୍ଷରୁ ଅଧିକ କାଳ ବିତିଯାଇଛି । ବଙ୍କିମଚନ୍ଦ୍ର ପୁନର୍ଜନ୍ମ ଲାଭ କରିଛନ୍ତି । ଯୌବନରେ ଉପନୀତ ହୋଇଛନ୍ତି । ମନେପଡ଼ିଲା ପୂର୍ବ ଜନ୍ମର ସ୍ମୃତି । କଟକ ନଗରୀର ସୌଷ୍ଠବ, ସଂସ୍କୃତି । ମନ ହେଲା, ଆସି ଦେଖିଯିବେ । ପୂର୍ବଜନ୍ମରେ ଉଡ଼ାଜାହାଜ ଦେଖି ନ ଥିଲେ । ଏଥର ବିମାନରେ ଆସି

Digitized by srujanika@gmail.com

ଭୁବନେଶ୍ୱର ପତ୍ତନରେ ଅବତୀର୍ଣ୍ଣ ହେଲେ । ଦେଖିଲେ; ଏକ ନୂଆ ସହର । ପୂର୍ବ ଜନ୍ମରେ ଭୁବନେଶ୍ୱର କଳା କ୍ଷେତ୍ର ଦେଖିଥିଲେ । କୋଣାର୍କ ବାଲିକୁଦର ଅନ୍ତରାଳରେ ଥିଲା । ଏବେ ତା'ର ଛବି ଦେଖିଛନ୍ତି । ତା'ର ସ୍ଥାପତ୍ୟ, ଇତିହାସ ଅଧ୍ୟୟନ କରିଛନ୍ତି । ଏ ନୂତନ ସହରର ଚାରିଆଡ଼େ ଆଖି ବୁଲାଇଲେ । କୌଣସିଠାରେ ଉତ୍କଳୀୟ ସ୍ଥାପତ୍ୟର ସଙ୍କେତ ମଧ୍ୟ ଦେଖିଲେ ନାହିଁ । ସେ ସବୁ କ'ଣ ବିଲୀନ ହୋଇ ଯାଇଛି ? କଟକ ଦେଖିବା ପାଇଁ ମନରେ ଉଦ୍‌ବେଗ । ଖଣ୍ଡିଏ ମଟରଗାଡ଼ି ଭଡ଼ା କରି ଆସିଲେ କଟକ ।

ବାଟରେ ଦେଖିଲେ ଅବିରତ ଚାଲିଛି ବଳଦଗାଡ଼ି, ମଣିଷଗାଡ଼ି, ରିକ୍‌ସା, ସ୍କୁଟର, ଟ୍ରକ୍, ବସ୍ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ବଙ୍କିମଚନ୍ଦ୍ର ଓଡ଼ିଶାରେ ଡେପୁଟି ମାଜିଷ୍ଟ୍ରେଟ୍ ଥିଲେ । ଦେଖିଛନ୍ତି ସେ ମର୍ମଭେଦୀ ଅନାହାର ତାଣ୍ଡବ । ରାସ୍ତାରେ ଅସରନ୍ତି ଯାନବାହନ ଦେଖି ଭାବିଲେ, ଓଡ଼ିଶା କ'ଣ ବଦଳି ଯାଇଛି ? ସତେ କ'ଣ ଏ ରାଜ୍ୟରୁ ଦାରିଦ୍ର୍ୟ ଅପସରି ଯାଇଛି ? ମନ ଧାଇଁଛି, କିପରି ଶୀଘ୍ର କଟକରେ ପହଞ୍ଚିବେ । ଗାଡ଼ି ଚାଳକକୁ ମଝିରେ ମଝିରେ ପଚାରୁଥାନ୍ତି । ଅନେକ ସମୟ ପରେ ଚାଳକ କହିଲା —ଏଇ ଲିଙ୍କରୋଡ଼୍ ଆସିଗଲା । ବଙ୍କିମ-ଚନ୍ଦ୍ର ଲିଙ୍କ୍‌ରୋଡ଼ ନାମ ଶୁଣି ନ ଥିଲେ । ଚାକିରି କାଳ ମଧ୍ୟରେ ଦେଖିଥିଲେ ଓଡ଼ିଶାରେ ଅନେକ ହାଟ । ଲିଙ୍କ୍‌ରୋଡ଼୍ ନାମରେ ଆଉରି ଏକ ବିରାଟ ହାଟ କାହିଁକି ?

ଏଇ ହାଟ ଭିତରେ ଡ୍ରାଇଭର ରହି ସମ୍ଭାଳି ଗାଡ଼ି ଚଳାଉଥାଏ । ପଚାରିଲା, କେଉଁଠାକୁ ଯିବେ ? କିଛି ଉତ୍ତର ନ ପାଇ ଗାଡ଼ି ରଖି ଦେଲା ଛକ ପାଖରେ, —ଯେଉଁଠାରେ ଲିଙ୍କ୍‌ରୋଡ଼ ଦୋଳମୁଣ୍ଡାଇ-ଖାନନଗର ରାସ୍ତାରେ ମିଶିଛି । ବଙ୍କିମଚନ୍ଦ୍ର ଓହ୍ଲାଇଲେ । ଦେଖିଲେ, ଛକ ଉପରେ ଜଳନ୍ତା ନିଆଁପରି ଆଲୋକ ସଜ୍ଜା କରା-ଯାଇଛି । ସେ ଆଲୋକର ପ୍ରଚଣ୍ଡ ନିଆଁରେ ଆଖିବୁଜି ହୋଇ ଯାଉଛି । ସେ ଅସହ୍ୟ ତେଜରେ ସବୁଆଡ଼ ଏକାକାର ହୋଇ ଯାଇଛି । ଖାଲି ଡିପ ଦିଶୁନାହିଁ । ମଣିଷ ଚିହ୍ନି ହେଉ ନାହିଁ । ନାଳନର୍ଦ୍ଦମା ଜଣା

Digitized by srujanika@gmail.com

ପଡ଼ୁନାହିଁ । ଅଳଆ ଆବର୍ଜନା ଆଖିରେ ପଡ଼ୁନାହିଁ । ଗୋ-ମହୂଷ କି ନର-ପୁରୀଷ ବାରି ହେଉ ନାହିଁ । ବଙ୍କିମଚନ୍ଦ୍ର ଖୁବ ବ୍ୟସ୍ତ ହୋଇ ପଡ଼ିଲେ । ଶଙ୍କିତ ମନରେ ଜିଜ୍ଞାସା କଲେ—ବନ୍ଦମାତୃ। କଟକ ମହାନଗରୀ, ତୋର ବକ୍ଷରେ ଏହି ଆଲୋକ ଦୁଳା କ'ଣ ଚିରସ୍ଥାୟୀ ହେବ ?

କେଉଁ ଆଡ଼କୁ ଯିବେ ? ଦେଖିଲେ, ରାସ୍ତାମଝିରେ କେତେ ଜଣ ପ୍ୟାଣ୍ଟ-କମିଜ ପିନ୍ଧା କିଶୋର ସାଇକେଲ ଧରି ଠିଆ ହୋଇ ଗଳ୍ପ କରୁଛନ୍ତି । ପଚାରିଲେ, ବାବୁମାନେ, ସେ ମୃତ୍ୟୁଞ୍ଜୟ କୀର୍ତ୍ତିମନ୍ତ ମରକତ କେଶରୀଙ୍କର ବଡ଼ ବୁରୁଜକୁ ବାଟ କୁଆଡ଼େ ? ଟୋକାଏ ଠାପରି କଲେ । ଏଇଟା କିଏ ଗୋଟାଏ ବାଉଯାଗଲ । ମନେପଡ଼ିଲା, ପୂର୍ବ ଜନ୍ମରେ ବହୁବାର ସେ ପୁରୀଘାଟରେ କାଠଯୋଡ଼ି ପାରି ହୋଇ ଯାଇଛନ୍ତି ଶ୍ରୀଧାମକୁ । ସେଇ ପୁରୀଘାଟ ନିକଟରେ ବଡ଼ ବୁରୁଜ । ଜଣେ ରିକ୍ସା-ବାଲାକୁ ଡାକିଲେ । ମୋତେ ପୁରୀଘାଟ ନେଇ ଚାଲ । ରିକ୍ସାବାଲା ଜାଣିଛି ପୁରୀଘାଟ ଫାଣ୍ଡି । ସେଇଠାରେ ନେଇ ଓହ୍ଲାଇଦେଲା । ଦେଖିଲେ, ଜଣେ ଶୁଭ୍ର ଧୋତି ପଞ୍ଜାବୀ ପରିହିତ ବୟସ୍କ ଭଦ୍ରବ୍ୟକ୍ତି ହାତରେ ଖଣ୍ଡିଏ ବାଡ଼ିଧରି ବିହରଣ କରୁଛନ୍ତି । ତାଙ୍କୁ ପଚାରିଲେ, ବଡ଼ ବୁରୁଜକୁ ବାଟ କିଏ ? ଭଦ୍ରବ୍ୟକ୍ତି ଜାଣି ପାରିଲେ, ଏ ଜଣେ ଆଗନ୍ତୁକ । ସାଙ୍ଗରେ ନେଇ ବଡ଼ ବୁରୁଜ ଉପରେ ଛାଡ଼ିଦେଲେ ।

କଟକ ସହରକୁ କାଠଯୋଡ଼ି ବଢ଼ିରୁ ରକ୍ଷାକରିବା ପାଇଁ ମରକତ କେଶରୀ ପଥର ବନ୍ଧ ନିର୍ମାଣ କରିଥିଲେ । ଏ ବନ୍ଧରେ ମଝିରେ ମଝିରେ ଗୋଟିଏ ଲେଖାଏଁ ବୁରୁଜ ତିଆରି ହୋଇଛି । ସେଥିରେ ପାଣି ବାଡ଼େଇ ହୋଇ ଦକ୍ଷିଣ ଆଡ଼କୁ ଚାଲିଯାଏ । ଶେଷଟି ବଡ଼ ବୁରୁଜ । କୁଆଖାଇର ଠିକ୍ ସମକ୍ଷରେ । ଏ ବୁରୁଜଟି ନଦୀ ଭିତରକୁ ପଶି ଯାଇଛି । ସେଥିରେ ବଢ଼ିପାଣି ବାଡ଼େଇ ହୋଇ କୁଆଖାଇ ଆଡ଼କୁ ବାହାରିଯାଏ । ଏ ବୁରୁଜରେ ଅଛି ଉନ୍ନତ ଇଞ୍ଜିନିୟରିଙ୍ଗ କୃତିତ୍ୱ । ମରକତ କେଶରୀଙ୍କର ଏ ଅମର କୀର୍ତ୍ତି ଏକ ହଜାର ବର୍ଷ ହେଲା କଟକ ସହରକୁ ବଢ଼ି ମୁହଁରୁ ରକ୍ଷା କରି ଆସିଛି ।

ବୁରୁଜ ଉପରେ ଠିଆ ହୋଇ ଚାରିଆଡ଼କୁ ଚାହିଁଲେ । ଏଇ

Digitized by srujanika@gmail.com

କ'ଣ ବଡ଼ ବୁରୁଜ ? କି ଐଶ୍ୱର୍ଯ୍ୟ, କି ବିକୃତ, କି କୁତ୍ସିତ ଏ ପରିବେଶ ! ଏଇ ବୁରୁଜରୁ ସେ ଅସ୍ତଗାମୀ ସୂର୍ଯ୍ୟର ରକ୍ତିମା ଦର୍ଶନ କରି ନାଚି ଉଠିଥିଲେ । ସନ୍ଧ୍ୟାର ଅନ୍ଧକାର ମଧ୍ୟରେ କାଠଯୋଡ଼ିର ଅପର ପାର୍ଶ୍ୱରୁ ସଙ୍ଗୀହୀନ ଏକମାତ୍ର କ୍ଷୀଣ ପ୍ରଦୀପର ଆଲୋକ ଦେଖି କବିତା ରଚନା କରିଥିଲେ । ଅନ୍ୟ କେଉଁ ଦେଶ ହୋଇଥିଲେ, ହଜାର ବର୍ଷ ତଳର କୀର୍ତ୍ତି ଏହି ବୁରୁଜ ଉପରେ ଏକ ମାନମନ୍ଦିର ନିର୍ମିତ ହୋଇଥାନ୍ତା । ଏ ଅମର ପୀଠକୁ ନରକରେ ପରିଣତ କରି ବକ୍ତୃତା-ସର୍ବସ୍ୱ ନେତୃବର୍ଗ ଉତ୍କଳର ପ୍ରାଚୀନ ଗାଥା ବଖାଣ କରୁଛନ୍ତି କାହିଁକି ? ରାଧାନାଥ ପଢ଼ିଥିଲେ, ତାଙ୍କ ମୁହଁରୁ ବାହାରି ପଡ଼ିଥାନ୍ତା—

ଦେଖୁ ନାହାନ୍ତି କି ମନେ ବହି ଲାଜ;
କି ମହା ବୁରୁଜ କି ହୋଇଛୁ ଆଜ !

ଏହି ପରିବେଶ ମଧ୍ୟରେ ଅଧିକ ସମୟ ରହିବା ସମ୍ଭବ ହେଲା ନାହିଁ । ମନେ ପଡ଼ିଲା ରେଭେନ୍‌ସା କଲେଜ । ନଅଙ୍କ ଦୁର୍ଭିକ୍ଷ ବର୍ଷ ଏଇ କଲେଜର ପ୍ରତିଷ୍ଠା । ସେତେବେଳେ ବଙ୍କିମଚନ୍ଦ୍ର ତରୁଣ ଅଫିସର । ଭାବିଲେ, ଯେଉଁ ଲୋକେ ମରକତ କେଶରୀଙ୍କୁ ଭୁଲିଗଲେଣି, ସେମାନେ ଜଣେ ସାମାନ୍ୟ କମିଶନର ରେଭେନ୍‌ସାଙ୍କୁ ନିଶ୍ଚୟ ପାଶୋରି ଯାଇଥିବେ । ରେଭେନ୍‌ସା କଲେଜ ଥିଲା କଟକଚଣ୍ଡୀ ପାଖରେ । ଗୋଟିଏ ରିକ୍‌ସାକୁ ଡାକି କହିଲେ, କଟକଚଣ୍ଡୀ ପାଖକୁ ଯିବା ପାଇଁ । ସେଠାରେ ଶୁଣିଲେ, ରେଭେନ୍‌ସା କଲେଜ ଉଠିଯାଇଛି ଷ୍ଟେସନ ପାଖକୁ । ଯାହା ହେଉ, ସହର ପ୍ରସାରିତ ହୋଇଛି ।

ଧୀରେ ଧୀରେ ଆଗକୁ ଚାଲିଲେ । ମନେ ଅଛି, ଲାଲବାଗଠାରେ କମିଶନର କୋଠି । ସେ କୋଠି ଭିତରକୁ ସେ କେତେ ଥର ଯାଇଛନ୍ତି । ଯାଇ ପହଞ୍ଚିଲେ । ଏହିଠାରେ ରହୁଥିଲେ ରେଭେନ୍‌ସା ସାହେବ । ଏ କ'ଣ ! ଗୃହପଟ ପାଚେରୀ ଭାଙ୍ଗିରୁଜିଯାଇଛି । ଭୂତକୋଠି ପରି ଦେଖାଯାଉଛି । ଏହା ଭିତରେ ଥିଲା ରମଣୀୟ ଉପବନ । ଗଛ ବୃକ୍ଷରେ ଏ ଆସ୍ଥାନ ପୂରି ରହିଥିଲା । ସେ ସବୁ ଗଲା କୁଆଡ଼େ ? ଭର୍ତ୍ତି ହୋଇଛି ଗୁଳ୍ମ ଲତା, କଣ୍ଟାବୁଦା । ଭିତରେ ଥିଲେ ହରିଣ ପଲ ।

Digitized by srujanika@gmail.com

ଗୋଟିଏ ହେଲେ ଦେଖା ନାହାନ୍ତି । ପରବର୍ତ୍ତୀ କାଳରେ କମିଶନର ରମେଶ ଚନ୍ଦ୍ର ଦତ୍ତ ଏହି କୋଠି ଭିତରେ ସମଗ୍ର ମହାଭାରତକୁ ଇଂରେଜ ପଦ୍ୟରେ ଅନୁବାଦ କରିଥିଲେ । ତାଙ୍କ ରଚିତ ଭାରତର ଅର୍ଥନୈତିକ ଇତିହାସରେ ଫୁଟିଥିଲା ଅଗାଧ ପାଣ୍ଡିତ୍ୟ । ସିଭିଲ ସର୍ଭିସରୁ ଅବସର ଗ୍ରହଣ କଲା ପରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ତାଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତ କରିଥିଲେ । ଶୁଣିଛନ୍ତି, ଏହି ଭବନରେ, ୧୯୪୮ ସିହାରେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓଡ଼ିଶାର ଚବିଶ ଗଡ଼ଜାତକୁ ଓଡ଼ିଶା ପ୍ରଦେଶରେ ସାମିଲ କରିଥିଲେ । ଏ ସକଳର ସ୍ମୃତି ବୋଧହୁଏ ତିରୋହିତ ହୋଇଯାଇଛି ।

ପାଠକ ନିକଟରେ ଟିକିଏ ଠିଆ ହେଲେ । ଦୀର୍ଘ ନିଃଶ୍ୱାସ ପକାଇ କେଉଟିଲେ ।

ବାହୁଡ଼ିଲେ ଟିକିଏ ରେଭେନ୍‌ସା କଲେଜକୁ ଚାହିଁପିବେ । ଏହି କଲେଜରେ ଉଠିଥିଲା ଉତ୍କଳର ଶିକ୍ଷା ତପନ । ଏହି କଲେଜ ଭାରତରେ ସୁଖ୍ୟାତି ଅର୍ଜନ କରିଥିଲା । ଅଧ୍ୟାପକମାନେ କଲିକତା ବିଶ୍ୱବିଦ୍ୟାଳୟରେ ସୁଖ୍ୟାତି ଅର୍ଜନ କରିଥିଲେ । ଏହି କଲେଜର ଛାତ୍ରମାନେ ଓଡ଼ିଶାର ସକଳ ଅଗ୍ରଗତିରେ ପୁରୋଧା ହୋଇଥିଲେ । ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ଗ୍ରୀଷ୍ମାବକାଶରେ ଛାତ୍ରମାନଙ୍କୁ ସାଙ୍ଗରେ ନେଇ ଗଡ଼ଜାତ ଭ୍ରମଣରେ ଯାଇ, ଜ୍ୟୋତିର୍ବିଦ୍ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖରଙ୍କୁ ଆବିଷ୍କାର କରିଥିଲେ । ନିଶ୍ଚୟ ଦେଖିପିବେ ଏ କଲେଜକୁ । ରିକ୍‌ସା ଖଣ୍ଡିଏ ଧରି ଚାଲିଲେ ଚାଉଳିଆଗଞ୍ଜ ।

ଗଳିକନ୍ଦିରେ, ଖାଲ ଢିପରେ ଧକ୍‌କରଚକ୍‌କର ହୋଇ ଚାଲିଲା ରିକ୍‌ସା ଗାଡ଼ି । ବାଟରେ ଗୋଟାଏ ଜାଗାରେ ଅଟକିଗଲା । ଆଉ ଯାଇପାରିଲା ନାହିଁ । ଟିକିଏ ଭିତରକୁ ଗୁମୁଣ୍ଡିଆ ବନ୍ଧା ହୋଇଛି । ନାଲି ନେଳି ଆଲୋକରେ ମଣ୍ଡିତ ହୋଇଛି । ଭିତରେ କିଛି ସମାରୋହ ଚାଲିଛି । ବାଟୋଇମାନେ ରାସ୍ତା ଉପରେ ସାଇକେଲ, ଗାଡ଼ି, ରିକ୍‌ସା ରଖି ଠିଆ ହୋଇଛନ୍ତି । ଚାହିଁଛନ୍ତି । ଶୁଣୁଛନ୍ତି । କ୍ରମେ କ୍ରମେ ଗହଳି ଆହୁରି ଜମିଗଲା । ଗାଡ଼ି, ସାଇକେଲ ଆଉ ଚାଲିପାରିଲା ନାହିଁ ।

Digitized by srujanika@gmail.com

ଯିବାଲୋକେ ଅଗତ୍ୟା ଠିଆ ହୋଇ ଶୁଣିଲେ । ରାସ୍ତା ବନ୍ଦ । ବଙ୍କିମଚନ୍ଦ୍ର ମଧ୍ୟ ଓହ୍ଲାଇଲେ । ରିକ୍‌ସାକୁ ବିଦାୟ କରିଦେଲେ ।

ପଚାରିଲେ, ଏଠାରେ କଣ ହେଉଛି ? ଜଣେ କର୍ମରତ ଉଦ୍ୟୋକ୍ତା ଉତ୍ତର ଦେଲେ—ଆଜି ଶିଶୁଦିବସ । ସମସ୍ତ ଓ୍ୱାର୍ଡର ଛାତ୍ର ଏବଂ ଶିକ୍ଷକ ଏଇ ପ୍ରାଇମେରୀ ସ୍କୁଲରେ ସମବେତ ହୋଇଛନ୍ତି । ଆମର ନେତାମାନେ ଆସିଛନ୍ତି । ଭାଷଣ ଦେବେ । ଉଦ୍‌ବୋଧନ ଦେବେ । ଶିଶୁମାନଙ୍କୁ ପୁରସ୍କାର ବିତରଣ କରିବେ । ବଙ୍କିମଚନ୍ଦ୍ର ରାସ୍ତାକଡ଼ରେ ଲୋକଗହଳରେ ଠିଆ ହେଲେ । ଦେଖିଲେ, ଭିତରେ ବହୁ ଲୋକ ଆଙ୍ଗୁଠିରେ, ରୁମାଲ୍‌ରେ, ଲୁଗା କାନିରେ ନାକ ବନ୍ଦ କରିଛନ୍ତି । ପୂର୍ବ ଜନ୍ମରେ ବଙ୍କିମଚନ୍ଦ୍ର ଗାନ୍ଧିଜୀଙ୍କୁ ଦେଖି ନ ଥିଲେ । ଏବେ ତାଙ୍କର ଛବି ଦେଖିଛନ୍ତି; ମୂର୍ତ୍ତି ଦେଖିଛନ୍ତି; ବହୁ ଲେଖା ପଢ଼ିଛନ୍ତି । ଗାନ୍ଧିଜୀଙ୍କର ଉପାସ୍ୟ ଥିଲ ତିନଟୋଟି ଚୀନ ଦେଶୀୟ ବାନର । ମୁହଁ ବନ୍ଦ, କାନ ବନ୍ଦ, ଆଖି ବନ୍ଦ । ମନ୍ଦ କଥା କହିବ ନାହିଁ । ମନ୍ଦ କଥା ଶୁଣିବ ନାହିଁ । ମନ୍ଦ ଦୃଶ୍ୟ ଦେଖିବ ନାହିଁ । ଏ ଆଦର୍ଶ ତାଙ୍କର ପାଖରେ ଆବଦ୍ଧ ହୋଇ ରହିଲା । ତାଙ୍କର ଦାୟାଦମାନଙ୍କୁ ମଧ୍ୟ ସ୍ପର୍ଶ କରି ପାରିଲା ନାହିଁ । ମାତ୍ର କଟକ ନଗରୀରେ, ଶିଶୁ ଦିବସରେ, ଏ ନାସାରୋଧ ଯୋଗ ଏଭଳି ଶୃଙ୍ଖଳିତ ଭାବରେ ପ୍ରସରି ଯାଇଛି କିପରି ? ଅଭିନବ ଏ ଯୋଗ ସାଧନା ।

ଦେଖିଲେ ରାସ୍ତାକଡ଼ଯାକ ଧଳା ଧଳା ବ୍ଲିଚିଂ ପାଉଡ଼ର ପଡ଼ିଛି । ସେଇ ନେତୃ-କାମୀ ଉଦ୍ୟୋକ୍ତା ପାଖରେ ଠିଆ ହୋଇଥିଲେ । ତାଙ୍କୁ ପଚାରିଲେ, ଏଠାରେ କଣ ହଇଜା ଲାଗିଛି କି ? ଏ ପାଉଡ଼ର ପଡ଼ିଛି କାହିଁକି ? ଉଦ୍ୟୋକ୍ତା ଉତ୍ତର ଦେଲେ—ନା, ହଇଜା କାହିଁକି ଲାଗିବ ! ଏ ପ୍ରାଇମେରୀ ସ୍କୁଲରେ ଆଜି ଶିଶୁଦିବସ ସମାରୋହ । ବହୁ ଲୋକଙ୍କର ସମାଗମ । ଆମର ନେତାମାନେ ଆସୁଛନ୍ତି । ସେଥିଲାଗି ସ୍କୁଲପାଖ ପରିଷ୍କାରପରିଚ୍ଛନ୍ନ କରାଯାଇଛି । ସ୍କୁଲ ପଛକୁ ଲାଗିଛି ପାଇଖାନା । ପାଇଖାନା ଭିତରେ, ଉପରେ, ବାହାରେ, ରାସ୍ତାକଡ଼ରେ ଲୋକେ ବରାବର ମଳମୂତ୍ର ତ୍ୟାଗ କରୁଛନ୍ତି । ଏ ଲୋକଙ୍କର କ'ଣ ସିଭିକ୍

Digitized by srujanika@gmail.com

ସେନ୍ସ ଅଛି ? କଥାରେ ବାଧାଦେଇ ଆଗନ୍ତୁକ ପଚାରିଲେ, ତେବେ ଅନ୍ୟ କୌଣସି ପ୍ରାଇମେରି ସ୍କୁଲରେ ଏ ସଭାର ବ୍ୟବସ୍ଥା କଲେ ନାହିଁ ? ଉଦ୍ୟୋକ୍ତା ଉତ୍ତର ଦେଲେ, କଟକ ସହରରେ ସବୁ ପ୍ରାଇମେରି ସ୍କୁଲର ଅବସ୍ଥିତି ଏହିପରି । ଏଠାରେ ଟିକିଏ ପ୍ରଶସ୍ତ ପଡ଼ିଆ ଅଛି । ଆଉ, ମୋର ଏ ଓ୍ୱାର୍ଡ୍ । କାର୍ଯ୍ୟବ୍ୟସ୍ତତାର ଅଭିନୟ କରି ଚାଲିଗଲେ ଭିତରକୁ ।

ବଙ୍କିମଚନ୍ଦ୍ର ଠିଆ ହୋଇ ଶୁଣିଲେ । ଭାଷଣ ଚାଲିଛି । ଡାକବାଜ ଯନ୍ତ୍ରରେ ସ୍ୱରଲହରୀ ଭାସି ଲାଗିଛି । ଶିଶୁମାନଙ୍କର ଅବୋଧ୍ୟ, ବଡ଼ ବଡ଼ ପ୍ରସଙ୍ଗ । କଳିଙ୍ଗର ପ୍ରାଚୀନ କୀର୍ତ୍ତି । ଉତ୍କଳର ସ୍ଥାପତ୍ୟ । ଦେଶରେ ଘଡ଼ସନ୍ଧି । ଯୁବ ସମ୍ପ୍ରଦାୟର କର୍ତ୍ତବ୍ୟ । ଘନଘନ କରତାଳି । ତା'ପରେ ଉଠିଲେ ଆଉ ଜଣେ ସମ୍ମାନିତ ଅତିଥି । ସ୍ୱର ଗମ୍ଭୀର । ଭାଷାରେ ଅଛି ଆଭିଜାତ୍ୟ । ସଘନ କରତାଳି । 'ସ୍ନେହର ଶିଶୁଗଣ; ପ୍ରିୟ ଭ୍ରାତୃଭଗ୍ନୀଗଣ; ଆଜି ସାରା ବିଶ୍ୱରେ ଶିଶୁଦିବସ ପାଳନ କରାଯାଉଛି । ଏହି ପୁଣ୍ୟ ଅବସରେ, ମୁଁ ତୁମ୍ଭମାନଙ୍କୁ ମୋର ସ୍ନେହାଶୀର୍ବାଦ ପ୍ରଦାନ କରୁଛି । ଶିଶୁଗଣ, ତୁମ୍ଭେମାନେ ଏ ଦେଶର ଭବିଷ୍ୟତ; ତୁମ୍ଭେମାନେ ଏ ଜାତିର, ଏ ସମାଜର ଭବିଷ୍ୟତ ।' ବଙ୍କିମଚନ୍ଦ୍ର ସ୍ତମ୍ଭୀଭୂତ ହୋଇଗଲେ । କି ଚମତ୍କାର ମୌଳିକ ତଥ୍ୟ । ଭଗବାନଙ୍କୁ ଧନ୍ୟବାଦ ଦେଲେ । ବକ୍ତାଙ୍କୁ ସୁବୁଦ୍ଧି ଦେଇଛନ୍ତି । ସେ ନିଜେ ଏ ଦେଶର ଭବିଷ୍ୟତ ବୋଲି ଅଭିହିତ କରିନାହାନ୍ତି ।

ଭାଷଣ ଚାଲିଛି । ପିଲଗୁଡ଼ିଏ ବାହାରକୁ ଚାଲି ଆସୁଛନ୍ତି । ରାସ୍ତାକଡ଼ରେ, ବାଲିମାଟି ଉପରେ, ବ୍ଲିଚିଂ ପାଉଡ଼ର ପାଖରେ ବିକ୍ରି ହେଉଛି ବରା, ପିଆଜି, ଦହିବରା । ପିଲାଏ ରୁଣ୍ଡ ହେଉଛନ୍ତି । ବଙ୍କିମଚନ୍ଦ୍ର ସେଠାକୁ ଗଲେ । ପଞ୍ଚାଏ ପିଲା । ସମସ୍ତଙ୍କ ମୁହଁ ଶୁଖିଯାଇଛି । ପଚାରିଲେ, ତମେ ସବୁ ବାହାରି ଆସିଲ କାହିଁକି ? ସମସ୍ତେ ଏକାବେଳକେ କହି ପକାଇଲେ, ଆଉ କ'ଣ କରିବୁ ? ଆମକୁ ଭାରି ଭୋକ । "ତମେ ସବୁ କେତେବେଳେ ଖାଇଥିଲ ?" ଏଗାରଟାବେଳେ ଭାତ ଖାଇ ସ୍କୁଲକୁ ଆସିଥିଲୁ । କାନ୍ଦ କାନ୍ଦ ହୋଇ କହିଲି ପିଲାଟିଏ । ଅନ୍ଧାରରେ

Digitized by srujanika@gmail.com

ବଙ୍କିମଚନ୍ଦ୍ରଙ୍କର ହାତ ଉଠିଗଲା ଉପରକୁ । ତା'ର ମୁଣ୍ଡଆ ଉଁସି ଦେଲେ । ଶିଶୁ ହବସର କି ଅପୂର୍ବ ସାର୍ଥକତା ! କାହା ପାଇଁ ଏ ସମାରୋହ ? ଜାନ ନାହିଁ । ତୁମେ ପୁଣି ଏ ଦେଶର ଭବିଷ୍ୟତ !

ଆଉ ଠିଆ ହେବାକୁ ମନ ହେଲା ନାହିଁ । ପୂର୍ବ ଜନ୍ମର ସ୍ମୃତି ତାଙ୍କୁ ଟାଣି ଆଣିଥିଲା ଦେଖିବାକୁ ଏ ନଗରୀର ସୌଷ୍ଠବ । ଭାବିଥିଲେ, କିଛି ଦିନ ଏଠାରେ ରହି ଦେଖିପିବେ ସେ ବିପୁଳ ସଂସ୍କୃତିର ଆଧାର ଉପରେ କିପରି ଗଢ଼ି ଉଠିଛି ଏ ନଗରୀର ସମୃଦ୍ଧି । ବାରବାଟୀ ଦୁର୍ଗ ଉତ୍କଳ ଇତିହାସରେ ଏକ ଦୀର୍ଘ ମହିମାମୟ ଅଧ୍ୟାୟ । ଏହାର ବକ୍ଷରେ କେତେ ବୀରଗାଥା ସଞ୍ଚିତ ହୋଇ ରହିଛି । କେତେ ବିଜୟ ବିଭବ, ପ୍ରଣୟ ପ୍ରଣତି, ଅଭିଯାନ ଅଭ୍ୟୁଦୟର ପ୍ରାଣକେନ୍ଦ୍ର ଥିଲା ଏହି ବାରବାଟୀ ।

ଇଂଲଣ୍ଡର ବନ୍ଦଶାଳା ଲଣ୍ଡନ ଟାଓ୍ୱାରରେ, କେଉଁଠାରେ କେଉଁ ଷଡ଼ଯନ୍ତ୍ର ଅଭିନୀତ ହୋଇଥିଲା, କେଉଁଠାରେ କେଉଁ ରାଜପୁତ୍ରଙ୍କୁ ହତ୍ୟା କରାଯାଇଥିଲା, କେଉଁଠାରେ ଆଜୀବନ ବନ୍ଦୀ ଓ୍ୱାଲଟର ରାଲେ ଆବଦ୍ଧ ରହି ପୃଥିବୀର ଇତିହାସ ରଚନା କରିଥିଲେ—ଏ ସକଳ ଇତିହାସ ନିର୍ଦ୍ଦେଶିତ ହୋଇ ରହିଛି । ପରିଖା ପରିବୃତ ବାରବାଟୀ ମଧ୍ୟରେ, କେଉଁଠାରେ କି ବ୍ୟବସ୍ଥା ଖଞ୍ଜାଯାଇଥିଲା; କାଞ୍ଚି ଅଭିଯାନ ଲାଗି କେଉଁଠାରୁ ରଣଦୁନ୍ଦୁଭି ନିନାଦିତ ହୋଇଥିଲା; କେଉଁ ଗୁପ୍ତଦ୍ୱାର ବାଟେ ଦୁର୍ଗରୁ ବାହାରି ନନ୍ଦିକା ଆତ୍ମୋତ୍ସର୍ଗ କରିଥିଲେ; ଗଡ଼ଗଡ଼ିଆରେ ମହାନଦୀ ପାର ହୋଇ ଗଡ଼ ମଧ୍ୟରେ କେଉଁ ସ୍ଥାନରେ ଶ୍ରୀ ଚୈତନ୍ୟ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଥିଲେ; ଆହୁରି କେତେ କ'ଣ—ଏ ସମସ୍ତ ସ୍ମୃତି ଫଳକରେ ବର୍ଣ୍ଣିତ ହୋଇ ରହିଥିବ ସମସ୍ତ ଦୁର୍ଗ ମଧ୍ୟରେ । ଏ ଜୀବନ୍ତ ଇତିହାସ ହୋଇଥିବ ଯୁବଶକ୍ତିର ତୀର୍ଥଭୂମି ।

ଅଳୀକ ଏ କଳ୍ପନା । ଖାଲି ଏକ ଅକାଳ ଦୁଃସ୍ୱପ୍ନ । ପରିମଳ ଦେଖିଲେଣି । ଆସ୍ଫାଳନ ଶୁଣିଲେଣି । ଆସ୍ୱାଦ ମଧ୍ୟ ପାଇଲେଣି । ଆଉ ଆଗ୍ରହ ନାହିଁ । ଯେଉଁମାନେ ହଜାର ବର୍ଷର ଇଞ୍ଜିନିୟରିଂ ମଉଡ଼ମଣି ବଡ଼ ବୁରୁଜକୁ ନରକରେ ପରିଣତ କରିଛନ୍ତି, ସେମାନଙ୍କ

Digitized by srujanika@gmail.com

ପାଖରେ ବାରବାଟୀର ଚେତନା ମଧ୍ୟ ଲୁପ୍ତ ହୋଇ ଯାଇଥିବ । ତା'ର ମହିମାମୟ ସ୍ମୃତି ବିସ୍ମୃତିର ଗର୍ଭରେ ଲୀନ ହୋଇ ଯାଇଥିବ । ଏ ବାରବାଟୀ ଗଡ଼ ଏକ ମରୁସ୍ତୂପରେ ପରିଣତ ହୋଇ ସାରିଥିବ ।

ଭାବିଥିଲେ, ଦେଖିପିବେ ଯୋବ୍ରା ଆନିକଟ । ୧୮୬୭ ମସିହା ଗଜପତିଙ୍କର ନଅ ଅଙ୍କ ବର୍ଷ ଦୁର୍ଭିକ୍ଷରେ ଓଡ଼ିଶାର ଏକପଞ୍ଚମାଂଶ ଲୋକ ପ୍ରାଣ ହରାଇଥିଲେ । ଏଥିରେ ଇନ୍ଧନ ହୋଇଥିଲା ସରକାରୀ ଅବହେଳା । ଏହି ଅକ୍ଷମଣୀୟ ଅବହେଳାର ପ୍ରାୟଶ୍ଚିତ୍ତ ରୂପେ ନିର୍ମିତ ହେଲା ଯୋବ୍ରା ଆନିକଟ । ଭବିଷ୍ୟତରେ ଅନାବୃଷ୍ଟିର ମୁକାବିଲା କରିବା ପାଇଁ ତହିଁରୁ ନିଃସୃତ ହେଲା କଟକ ଜିଲ୍ଲାର କେନାଲ । ଏହି ଦୁର୍ଦ୍ଦଶାରୁ ପ୍ରସୂତ ହୋଇଥିଲା ସେହି ବର୍ଷ ରେଭେନ୍ସା କଲେଜ । ବଙ୍କିମଚନ୍ଦ୍ର ଏ ସମସ୍ତର ପ୍ରତ୍ୟକ୍ଷଦର୍ଶୀ । ଏ ତିନିଗୋଟି ଆଣିଲା ଓଡ଼ିଶାର ଇତିହାସରେ ଏକ ନୂତନ ଅଧ୍ୟାୟ । ଯୋବ୍ରା ଆନିକଟ ଓଡ଼ିଶାର ପ୍ରଥମ ଅର୍ଥନୈତିକ ଯୋଜନା । ଏହି ଭିତ୍ତି ଉପରେ ଗଢ଼ି ଉଠିଥିବ କେତେ କ'ଣ । ଓଡ଼ିଶାର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇ ଯାଇଥିବ । ଆଉ ସେଥି ସଙ୍ଗେ ମହାନଦୀର ବିସ୍ତୀର୍ଣ୍ଣ ଜଳାଧାର କାଶ୍ମୀରର ପ୍ରଖ୍ୟାତ ଡାଲ୍ ହ୍ରଦ ପରି ମନୋଜ୍ଞ ହୋଇ ଯାଇଥିବ ।

ପୁଣି ସେଇ ଅହେତୁକୀ କଳ୍ପନା । କିଏ ଜାଣେ, ସେଠାରେ ସୃଷ୍ଟି ହୋଇଥିବ ଆବର୍ଜନାର ଏକ ବିରାଟ ଆବର୍ତ୍ତ । ନଦୀବନ୍ଧ ଏବଂ ଯୋବ୍ରାତଟ ବଡ଼ ବୁରୁଜ ପରି ପୂତିଗନ୍ଧରେ ପରିପୂର୍ଣ୍ଣ ହୋଇ ଯାଇଥିବ । ଯୋବ୍ରା ଜଳାଧାର ବୋଳଖାଞ୍ଜି, ଟଙ୍ଗୁଡ଼ିଆ ଦଳରେ ପୋତି ହୋଇ ଯାଇଥିବ । ରଜତ ଜ୍ୟୋତ୍ସ୍ନା ଲଜ୍ଜାରେ ମହାନଦୀ ବକ୍ଷରୁ ଅପସରି ଯାଇଥିବ ।

ଆଉ ଧୈର୍ଯ୍ୟ ନାହିଁ । ପୂର୍ବ ଜନ୍ମର ସ୍ମୃତି ଭୂତପ୍ରେତରେ ପରିଣତ ହୋଇଯାଇଛି । ବଙ୍କିମଚନ୍ଦ୍ର ରିକ୍ସା ଧରିଲେ । ଶିଶୁ ସମାବେଶର ଉଜ୍ଜ୍ୱଳ, ରଙ୍ଗୀନ ଆଲୋକ ସଜ୍ଜାର ନିକଟରୁ ବାହାରିଗଲେ । ଅଳ୍ପ ସମୟ ପରେ ପଡ଼ିଲା ନିରାଟ ଅନ୍ଧକାର । ରିକ୍ସାରେ ମଧ୍ୟ ଆଲୋକ ନାହିଁ । ରାସ୍ତାରେ କି ବେରାସ୍ତାରେ କେଉଁଆଡ଼େ ରିକ୍ସା ଯାଉଛି

Digitized by srujanika@gmail.com

ଜାଣିବାର ଉପାୟ ନାହିଁ । ତା' ସାଙ୍ଗକୁ ଉତ୍କଟ ଦୁର୍ଗନ୍ଧ । ବଙ୍କିମଚନ୍ଦ୍ର ନାସା-ରୋଧ ଯୋଗରେ ରକ୍ଷିତ ହେଲେ ।

ସମାରୋହ ମଣ୍ଡପରେ ଭାଷଣ ଚାଲିଛି । ଏହି ନଗ୍ନ ଅନ୍ଧକାର ଏବଂ ଉତ୍କଟ ଦୁର୍ଗନ୍ଧ ଭେଦ କରି ଡାକବାଜ ଯନ୍ତ୍ରରେ ଭାସି ଆସୁଛି ସେ ଭାଷଣ । ପ୍ରବାହ ଚାଲିଛି । ଉତ୍କୃଷ୍ଟ କଳାର କ୍ଷେତ୍ର ଏହି ଉତ୍କଳଭୂମି । ଜାଭା ଦ୍ୱୀପରେ ଏବେ ମଧ୍ୟ କଳିଙ୍ଗର ସଂସ୍କୃତି ବିଦ୍ୟମାନ । ଖାରବେଳ ପଞ୍ଜାବ ପର୍ଯ୍ୟନ୍ତ ଦିଗ୍‌ବିଜୟ କରିଥିଲେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଉତ୍କଳର ସାମ୍ରାଜ୍ୟ ବିସ୍ତୃତ ହୋଇଥିଲା । ଜଗନ୍ନାଥ ଦେବଙ୍କର ରଥଯାତ୍ରା ପୃଥିବୀରେ ସର୍ବତ୍ର ପ୍ରସାରିତ ହୋଇଛି । ବକ୍ତୃତାର ଅନ୍ତ ନାହିଁ । ଛଳନାର ଅବସାନ ନାହିଁ ।

ପାର୍ବତୀ ମହାଦେବଙ୍କୁ ପାଇବା ପାଇଁ ତପସ୍ୟା କରୁଥିଲେ । ମହାଦେବ ଛଦ୍ମବେଶରେ ଆସି ପାର୍ବତୀଙ୍କ ସମକ୍ଷରେ ମହାଦେବଙ୍କର ଅପଭାଷଣ କଲେ । ପାର୍ବତୀଙ୍କର ଅସହ୍ୟ ହେଲା । ସଖୀଙ୍କୁ ଆଦେଶ ଦେଲେ, ତାଙ୍କୁ ବାରଣ କର । କାଳିଦାସ ଲେଖିଛନ୍ତି, ମହତ୍ ଲୋକଙ୍କର ଯେ ନିନ୍ଦା କରେ ସେ କେବଳ ପାପ ଭାଗୀ ନୁହେଁ; ଯେ ଶୁଣେ ସେ ମଧ୍ୟ ପାପ ଭାଗୀ ।

ବଙ୍କିମଚନ୍ଦ୍ର କହି ଉଠିଲେ,—ଶୀଘ୍ର ଚଳାଅ ରିକ୍‌ସାବାଲା । ଉତ୍କଟ ଛଳନା ଯେ କରେ, ସେ ପାତକୀ; ଯେ ଶୁଣେ ସେ ମଧ୍ୟ ପାତକୀ । ମହିମାମୟୀ କଟକ ନଗରୀ, ତୋର ବକ୍ଷରେ ଏହି ଉତ୍କଟ ଛଳନା କ'ଣ ଚିରସ୍ଥାୟୀ ହୋଇଯିବ ?

●

Digitized by srujanika@gmail.com

ତମାଲତାଳୀବନରାଜିନୀଳା

ରାମ-ରାବଣ ଯୁଦ୍ଧ ରାମାୟଣର ଶେଷ ପର୍ଯ୍ୟାୟ । ରାବଣ ନିହତ ହେଲେ । ବିଭୀଷଣ ଲଙ୍କାର ସିଂହାସନରେ ଅଧିଷ୍ଠିତ ହେଲେ । ସତୀ ସାଧ୍ୱୀ ଜାନକୀ ଅଗ୍ନିପରୀକ୍ଷା ମଧ୍ୟରୁ ଯାଇ ସୁବର୍ଣ୍ଣ ଭଳି ଅବତୀର୍ଣ୍ଣ ହେଲେ । ଏହିଠାରେ ବାସ୍ତବରେ ରାମାୟଣର ସମାପ୍ତି । ରାଜଗୋପାଳାଚାରୀ ଯଥାର୍ଥରେ ଲେଖିଛନ୍ତି—ରାବଣ ନିହତ ହେବା ସଙ୍ଗେ ସଙ୍ଗେ ଶ୍ରୀରାମଙ୍କର ଅବତାରତ୍ୱ ସମାପିତ ହେଲା ।

ତା'ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ । ଶ୍ରୀରାମ, ଲକ୍ଷ୍ମଣ, ସୀତା ପଦବ୍ରଜରେ ସମଗ୍ର ମଧ୍ୟ-ଭାରତରେ ବିଚରଣ କରିଥିଲେ । ଓଡ଼ିଶା ଏବଂ ମଧ୍ୟ ପ୍ରଦେଶରେ ଦଣ୍ଡକାରଣ୍ୟ । ମହାରାଷ୍ଟ୍ରରେ ପଞ୍ଚବଟୀ । ସବୁଆଡ଼େ ଘନ ଅରଣ୍ୟ, ପାହାଡ଼, ପର୍ବତ, ଦୁର୍ଗମ ପଥ । ବନବାସ ଜୀବନରେ ଯାନବାହନର ବ୍ୟବସ୍ଥା ଅସମ୍ଭବ । ରାବଣ ସୀତାଙ୍କୁ ଅପହରଣ କରି ନେଲା ପରେ ଦୁଇ ଭାଇ ପୁଣି ବଣଜଙ୍ଗଲରେ ସୀତାଙ୍କୁ ଖୋଜି ବୁଲିଲେ । ସୁଗ୍ରୀବଙ୍କ ସହିତ ସଖ୍ୟ ସ୍ଥାପନ କଲେ । ସୈନ୍ୟ, ସାମନ୍ତ, ସରଞ୍ଜାମ ସଙ୍ଗରେ ଧରି ରାମ ଲକ୍ଷ୍ମଣ ସାରା ଦାକ୍ଷିଣାତ୍ୟ ଅତିକ୍ରମ କରି ଧନୁଷ୍କୋଟିଠାରେ ଉପନୀତ ହେଲେ । ଏ ସମସ୍ତ ଦୀର୍ଘ ବନପଥରେ ସେହି ପଦଯାତ୍ରା । ମାତ୍ର ରାବଣକୁ ସଂହାର କରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ ଆକାଶମାର୍ଗରେ ପୁଷ୍ପକ ବିମାନରେ ।

ରାମାୟଣ ଯୁଗରେ ବ୍ୟୋମଯାନ ଥିଲା କି ନାହିଁ ? ଯେବେ ଥିଲା, ତେବେ ମାତ୍ର ଗୋଟିଏ ଯାନ ଖାଲି ଲଙ୍କା ରାଜ୍ୟରେ ଥିଲା କାହିଁକି ? ସେ ଯୁଗରେ ଏ ଭଳି ବୈଜ୍ଞାନିକ ପ୍ରତିଷ୍ଠାର କୌଣସି ପ୍ରମାଣ ଅଛି କି ? ରାମାୟଣ ଗାଥାରେ ଗୋଟିଏ କଥା ସୁସ୍ପଷ୍ଟ ଯେ ଦକ୍ଷିଣ ଭାରତରେ, ବିଶେଷତଃ ଲଙ୍କାରେ, ବିଜ୍ଞାନର ବିଶେଷ ଅଭ୍ୟୁଦୟ ଘଟିଥିଲା । ସେତୁବନ୍ଧ ନିର୍ମାଣ କରିଥିଲେ ନଳ । ଲକ୍ଷ୍ମଣଙ୍କର ଶକ୍ତିଭେଦ ବେଳେ ଔଷଧର ବ୍ୟବସ୍ଥା କରିଥିଲେ ସୁଷେଣ । ପୂର୍ତ୍ତ ଏବଂ ଚିକିତ୍ସା ଶାସ୍ତ୍ରରେ

Digitized by srujanika@gmail.com

ସେମାନେ ଥିଲେ ସୁନିପୁଣ । ଅଗ୍ନି, ବାୟୁ, ଜଳ ପ୍ରଭୃତିଙ୍କ ନିକଟରେ ସେମାନଙ୍କର ପରି ଖଟୁଥିଲେ । ଅର୍ଥାତ୍ ଏ ସକଳ ପ୍ରାକୃତିକ ଶକ୍ତିକୁ ଆୟତ୍ତ କରି ସେ ସବୁର ଯଥାର୍ଥ ବିନିଯୋଗ କରାଯାଉଥିଲା । ମାତ୍ର ବ୍ୟୋମଯାନର କୌଣସି ଆନୁଷଙ୍ଗିକ ପ୍ରମାଣ ମିଳେ ନାହିଁ । ତଥାପି ମଣିଷର ବିହଙ୍ଗମ ପରି ବିହାୟସରେ ବିହାର ଏବଂ ରଣକୌଶଳ ବାଲ୍ମୀକିଙ୍କର କଳ୍ପନାବିଳାସରେ ରୂପାୟିତ ହୋଇଛି ପୁଷ୍ପକ ବିମାନରେ ।

ମହାକବି କାଳିଦାସଙ୍କର ପ୍ରତ୍ୟେକଟି କାବ୍ୟ ନାଟକ ଗୋଟିଏ ଲେଖାଏଁ ଅମର ସୃଷ୍ଟି । ରଘୁବଂଶ ତହିଁରୁ ଅନ୍ୟତମ । ଏ ମହାକାବ୍ୟର ତ୍ରୟୋଦଶ ସର୍ଗରେ ସେ ଶ୍ରୀରାମଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବର୍ଣ୍ଣନା କରିଛନ୍ତି । ପଣ୍ଡିତମାନେ କାଳିଦାସଙ୍କର ସମୟ ପଞ୍ଚମ ଶତାବ୍ଦୀ ବୋଲି ନିରୂପଣ କରିଛନ୍ତି । ରାମାୟଣ ଯୁଗରେ ନୁହେ । ଭାରତ ଇତିହାସର ବାସ୍ତବ ସ୍ୱର୍ଣ୍ଣଯୁଗରେ । ତାହାର ସାତ ଶହ ବର୍ଷ ପୂର୍ବରୁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଆହୁରି ପୂର୍ବରୁ ଆଲେକଜାଣ୍ଡର ଭାରତ ଅଭିଯାନରେ ଆସିଥିଲେ । କାଳିଦାସଙ୍କର ସମୟ ଇତିହାସର କଥାବସ୍ତୁ । ସେତେବେଳେ ପୃଥିବୀରେ ବ୍ୟୋମଯାନ ନ ଥିଲା । ରାଇଟ୍ ଭ୍ରାତୃଦ୍ୱୟ ବ୍ୟୋମଯାନ ଉଦ୍ଭାବନ କଲେ ୧୯୦୩ ମସିହାରେ ।

ଚୀନ ପରିବ୍ରାଜକ ଫାହିଏନ୍ ପଞ୍ଚମ ଶତାବ୍ଦୀ ଆରମ୍ଭରେ ଭାରତ ପର୍ଯ୍ୟଟନରେ ଆସିଥିଲେ । ସେତେବେଳେ ଆଧୁନିକ ବିଜ୍ଞାନର ସଞ୍ଚାର ମଧ୍ୟ ହୋଇ ନ ଥିଲା । ତେଣୁ କାଳିଦାସଙ୍କ ସମୟରେ କିମ୍ବା ଅନ୍ୟ କୌଣସି ଦେଶରେ ବ୍ୟୋମଯାନର ପ୍ରାଥମିକ ବିଚାର ମଧ୍ୟ ହୋଇ ନ ଥିଲା । ମାତ୍ର ରଘୁବଂଶ ମହାକାବ୍ୟରେ ପୁଷ୍ପକ ବିମାନରୁ କାଳିଦାସ ଭୂପୃଷ୍ଠର ଯେଉଁ ନିଖୁଣ ଚିତ୍ର ବର୍ଣ୍ଣନା କରିଛନ୍ତି, ତାକୁ ପାଠ କଲେ କେହି କ'ଣ ବିଶ୍ୱାସ କରିପାରିବ ଯେ ସେ ଆକାଶମାର୍ଗରେ ବିହରଣ କରି ନ ଥିଲେ ?

ସୀତାଙ୍କୁ ସଙ୍ଗରେ ନେଇ ଶ୍ରୀରାମ ଶ୍ରୀଲଙ୍କାରୁ ବାହାରିଲେ ପୁଷ୍ପକ ରଥରେ । ସେତୁବନ୍ଧ ଉପରେ ଉଡ଼ି ଏ ଯାନ ସମୁଦ୍ର ଅତିକ୍ରମ

Digitized by srujanika@gmail.com

କରୁଥାଏ । ବିମାନରୁ ରତ୍ନାକରର ଅପୂର୍ବ ଶୋଭା ଦର୍ଶନ କରି ଶ୍ରୀରାମ ପ୍ରିୟତମା ସୀତାଙ୍କୁ କହିଲେ, "ହେ ବୈଦେହୀ, ଦେଖ ଏ ମଳାମ୍ବୁରାଶି । ତୁମକୁ ଉଦ୍ଧାର କରିବା ପାଇଁ ମୁଁ ଏ ସେତୁବନ୍ଧ ନିର୍ମାଣ କରିଥିଲି । ଫେନପୁଞ୍ଜ ବିରାଜିତ ଅନନ୍ତ ସମୁଦ୍ରକୁ ଏ ବନ୍ଧ ବିଭକ୍ତ କରି ଦେଇଛି । ଦେଖାଯାଉଛି, ଯେପରି ନିର୍ମଳ ତାରକାଖଚିତ ଶରତ ଆକାଶକୁ ଛାୟାପଥ ବିଭକ୍ତ କରି ଦେଇଛି ।" ତା'ପରେ ସମୁଦ୍ରର ମହିମାକୀର୍ତ୍ତନ । ଅନନ୍ତ ଜଳଧିର ଅପରୂପ ଶୋଭା ବର୍ଣ୍ଣନ । ଆଉ ସେଥି ସଙ୍ଗେ ସେ ସମସ୍ତ ବର୍ଣ୍ଣନାରେ ପରିବ୍ୟାପ୍ତ ଚୂଡ଼ାନ୍ତ ରସିକତା ।

କାଳିଦାସଙ୍କର ଭୂଗୋଳ ଜ୍ଞାନ ଅସାଧାରଣ । ମେଘଦୂତ କାବ୍ୟରେ ମୌସୁମୀ ବାୟୁ ସଙ୍ଗେ ମେଘର ଗତିପଥ ବର୍ଣ୍ଣନାରେ ସେ ଜ୍ଞାନ ବିସ୍ତୃତ ଭାବରେ ପ୍ରକଟିତ ହୋଇଛି । ରଘୁବଂଶରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ବର୍ଣ୍ଣନାରେ ମଧ୍ୟ ପ୍ରତିଫଳିତ ହୋଇଛି ଆକାଶମାର୍ଗରୁ ବିମାନ ଗତିପଥର ନିର୍ଖୁଣ ଚିତ୍ର । ସମୁଦ୍ର ଅତିକ୍ରମ କରି ପୁଷ୍ପକ ଯାନ ପହଞ୍ଚିଲା ଭାରତର ପୂର୍ବ ଉପକୂଳରେ । ସୀତାଙ୍କୁ ସଙ୍ଗରେ ଘେନି ଫେରୁଛନ୍ତି । ତାଙ୍କୁ ଉଦ୍ଧାର କରିବା ପାଇଁ ଯେଉଁ ପଥରେ ଶ୍ରୀରାମ ଯାଇଥିଲେ, ସେ ପଥର ବିଭିନ୍ନ ସ୍ଥାନ ଉପରେ ବ୍ୟୋମଯାନ ଗତି କଲା । ସୀତାଙ୍କୁ ହରାଇ ଯେଉଁସବୁ ସ୍ଥାନ ରାମଲକ୍ଷ୍ମଣ ଖୋଜି ବୁଲିଥିଲେ, ଆକାଶମାର୍ଗରୁ ସେ ସବୁ ଦେଖାଇଲେ ପୂର୍ବ ସ୍ମୃତି ଉଜ୍ଜୀବିତ କରି । ବିମାନ ଚାଲିଥାଏ । ସମୁଦ୍ର କୂଳେ କୂଳେ, ଉତ୍କଳର ଉପକୂଳରେ ଯାଇ ପ୍ରବେଶ କଲା ଭୂଭାଗ ଉପରେ । ଗଙ୍ଗାନଦୀର ଧାରେ ଧାରେ ସୁପରିଚିତ ଜନପଦମାନ ଦର୍ଶନ କରି, ପ୍ରୟାଗରେ ଗଙ୍ଗାଯମୁନାର ଅପୂର୍ବ ଆଲିଙ୍ଗନରେ ବିମୁଗ୍ଧ ହୋଇ, ଜାନକୀ ଶ୍ରୀରାମ ବିମାନରୁ ଅବତରଣ କଲେ ଅଯୋଧ୍ୟା ନଗରୀରେ ।

ଓଡ଼ିଶା ଉପକୂଳର ବର୍ଣ୍ଣନା ଅତି ଚମତ୍କାର । ଭାରତରେ କେବଳ ନର୍ମଦା ଏବଂ ତାପ୍ତି ଏଇ ଦୁଇଟି ନଦୀ ବ୍ୟତୀତ ଆଉ ସମସ୍ତ ନଦୀ ପ୍ରବାହିତ ହେଉଛନ୍ତି ବଙ୍ଗସାଗରକୁ । ଓଡ଼ିଶାର ଉପକୂଳରେ ମାଳ ମାଳ ନଦୀ । ସେ ସମସ୍ତ ତଟିନୀଗୁଡ଼ିକ ଯେପରି କାମିନୀଙ୍କ ପରି ନାଚ

Digitized by srujanika@gmail.com

ନୀଳ ଅଧର ଦାନ କରିବା ଲାଗି ଉଦ୍‌ବଗ୍ନ । ଆଉ ସାଗର ବନ୍ଧୁ କଳଙ୍କ ଗ୍ରହଣ କରିବାରେ ସିଦ୍ଧି ଲାଭ କରିଛି । ସେ ତାର ଅସଂଖ୍ୟ ତରଙ୍ଗାଧର ଦାନ କରି ନିଜେ ଉପଭୋଗ କରୁଛି, ଆଉ ସବୁ ତଟିନୀଙ୍କ କାମନା ପୂର୍ଣ୍ଣ କରୁଛି ।

ଓଡ଼ିଶାର ଉପକୂଳ ଚନ୍ଦ୍ରାକାର ପରିଧିର ଅଂଶ ସଦୃଶ । ଏ ଚିତ୍ର କାଳିଦାସଙ୍କ ବର୍ଣ୍ଣନାରେ ଚମତ୍କାର ଭାବରେ ରୂପାୟିତ ହୋଇଛି । ଓଡ଼ିଶାର ମହୋଦଧି ଏବଂ ସୁଦୂର ପ୍ରସାରିତ ଉପକୂଳର ବନାନୀ କାଳିଦାସଙ୍କୁ ମୁଗ୍ଧ କରିଛି । ଏହି ଶୋଭାର ବର୍ଣ୍ଣନା କରି ସେ ଲେଖିଛନ୍ତି—

ଦୂରାଦୟଶ୍ଚକ୍ରନିଭସ୍ୟ ତନ୍ୱୀ
ତମାଳତାଳୀବନରାଜିନୀଲା
ଆଭାତି ବେଳା ଲବଣାମ୍ବୁରାଶେ—
ର୍ଧାରା ନିବଦ୍ଧେବ କଳଙ୍କ ରେଖା ।

ଶ୍ରୀରାମ କହୁଛନ୍ତି, ଅୟି ଜାନକୀ । ଦେଖ, ଏଇ ଦୂରରେ, ଅତି ଦୂରରେ, ଅଧୋଦେଶରେ ଦେଖାଯାଉଛି ମହୋଦଧିର ବଳୟାକାର ବେଳାଭୂମି । ତମାଳ ଓ ତାଳୀ ବନମାଳାର ଏ ବିସ୍ତୀର୍ଣ୍ଣ ତୀରଭୂମି ଅତି ଗାଢ଼ ନୀଳବର୍ଣ୍ଣ ଦେଖାଯାଉଛି । ଲବଣାମ୍ବୁରାଶି ସୂର୍ଯ୍ୟକିରଣରେ ଉଦ୍ଭାସିତ ଚକ୍ର ପରି ଦେଦୀପ୍ୟମାନ ହେଉଛି । ଆଉ ବେଳାଭୂମିର ସେ ନୀଳ ବନରାଜି ଦେଖାଯାଉଛି ଉଦ୍ଭାସିତ ଖଡ୍‌ଗାଧାରରେ କଳଙ୍କ-ରେଖା ସଦୃଶ । ଉପମା କାଳିଦାସସ୍ୟ ।

ପଞ୍ଚମ ଶତାବ୍ଦୀର ଏ ବର୍ଣ୍ଣନା ! ଓଡ଼ିଶାର ସମୁଦ୍ର କୂଳରେ ଥିଲା ସୁଦୂରବ୍ୟାପୀ ଅନବଚ୍ଛିନ୍ନ ଘଞ୍ଚ ବନରାଜି । ବ୍ୟୋମଯାନରୁ ଦେଖାଯାଉଥିଲା ଗାଢ଼ ନୀଳବର୍ଣ୍ଣ । କାଳିଦାସଙ୍କର ଏ ବର୍ଣ୍ଣନାର ପ୍ରତିଧ୍ୱନି କରିଥିଲେ ଓଡ଼ିଆ କବି ଉତ୍କଳଜନନୀଙ୍କ ବର୍ଣ୍ଣନାରେ ।

ନୀଳପୟୋଧି ବିଧୌତ ଶରୀର
ତାଳ ତମାଳ ସୁଶୋଭିତ ତୀର ।

ଯେଉଁ ନୀଳ ବନାନୀ କାଳିଦାସଙ୍କୁ ମୁଗ୍ଧ କରିଥିଲା । ସେ ଘଞ୍ଚ-

Digitized by srujanika@gmail.com

ବନାଥିଲା ଉତ୍କଳ ଉପକୂଳରେ ଦୁର୍ଭେଦ୍ୟ ପ୍ରାଚୀର । ଭୁବନେଶ୍ୱର-ଠାରୁ କଲିକତା ପର୍ଯ୍ୟନ୍ତ ବିମାନ ଯାତ୍ରାର ବ୍ୟବସ୍ଥା କରାଯାଇଛି । ସେଥିରେ ଯାତ୍ରା କଲେ, ଓଡ଼ିଶା ଉପକୂଳରେ କୌଣସି ବନରାଜି ଦୃଷ୍ଟି-ଗୋଚର ହୁଏ ନାହିଁ । ଗାଢ଼ ନୀଳ ନିବିଡ଼ ବନଭୂମି ଲୁପ୍ତ ହୋଇ-ଗଲାଣି । ଦେଖାଯାଏ ଖାଲି ନଙ୍ଗଳା ପରେ ନଙ୍ଗଳା; ଆଉ ବୃକ୍ଷଲତାହୀନ ଗୋଚରଭୂମି । ନିର୍ବିଚାରରେ, ନିର୍ବିକାରରେ ଲୋକେ ସାଗରତୀରର ବନ-ସମ୍ପଦ ଧ୍ୱଂସ କରି ଲାଗିଛନ୍ତି ।

ଓଡ଼ିଶାର ଉପକୂଳରେ ଝଡ଼ତୋଫାନ ହୁଏ । ଏବେ କେତେ ବର୍ଷ ହେଲା ଏ ତୋଫାନ ସହିତ ମାଡ଼ି ଆସୁଛି ଭୟାବହ ଜୁଆର— ଉତ୍ତୁଙ୍ଗ ଜଳରାଶି । ବ୍ୟାପି ଯାଉଛି ପ୍ରଳୟର ଲୀଳା । କୁହାଯାଉଛି, ଓଡ଼ିଶାର ଏ ଦୁର୍ଭାଗ୍ୟ । ମାତ୍ର ଏ ଦୁର୍ଭାଗ୍ୟ ନୁହେଁ; ପ୍ରକୃତି ସହିତ ବ୍ୟଭିଚାରର ଅନିବାର୍ଯ୍ୟ ପରିଣତି । ବିଗତ ଏକ ଶତ ବର୍ଷର ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ ସମୁଦ୍ର ବହୁବାର ଝଡ଼ତୋଫାନରେ ସ୍ଫୀତ ହୋଇ, ବେଳା ଲଙ୍ଘନ କରି ପ୍ରବଳବେଗରେ ବହୁ ଭିତରକୁ ମାଡ଼ି ଆସିଛି । ଭୟାବହ କ୍ଷୟକ୍ଷତି ସଂଘଟିତ ହୋଇଛି । ଏ ସବୁ ଆଧୁନିକ ଇତିହାସ । ସେତେବେଳକୁ ତମାଳତାଳୀବନ ବହୁ ସ୍ଥାନରେ ଲୁପ୍ତ ହୋଇଗଲାଣି । ଏବେ ତରଙ୍ଗ ସାମାନ୍ୟ ଉଦ୍‌ବେଳିତ ହେଲେ, ତା'ପାଇଁ ଉନ୍ମୁକ୍ତ ଅବାରିତ କ୍ଷେତ୍ର । ତୋଫାନ ପ୍ରବଳ ହେଲେ, ସମୁଦ୍ର ସ୍ଫୀତିର ଆକ୍ରମଣ ଭୟାବହ ଆକାର ଧାରଣ କରୁଛି ।

ପୂର୍ବେ ମଧ୍ୟ ଝଡ଼ତୋଫାନ ହେଉଥିଲା । ପ୍ରକୃତିର ଧାରା ପରିବର୍ତ୍ତିତ ହୋଇ ନାହିଁ । ତହିଁରୁ ଉଦ୍‌ଭୂତ ହେଉଥିଲା ମହୋର୍ମି । ମାତ୍ର ତା'ର ପ୍ରତିରୋଧ କରୁଥିଲା ତମାଳତାଳୀବନରାଜି । ତାହାର ମଧ୍ୟରେ ସେ ପ୍ରବାହ ସଞ୍ଚରି ଯାଉଥିଲା । ତାକୁ ଅତିକ୍ରମ କରି ଦୂରକୁ ପ୍ରବେଶ କରିପାରୁ ନ ଥିଲା । ଏ ଘଞ୍ଚ ବନାନୀ ମଧ୍ୟରେ ତୋଫାନର ଗତି ମଧ୍ୟ ଶିଥିଳ ହୋଇ ପଡ଼ୁଥିଲା । ଏ ବନରାଜି ନ ଥିଲେ, ସମୁଦ୍ରର ଉତ୍ତରୋତ୍ତର ବାଧାହୀନ ପ୍ଳାବନ ଏ ଉପଦ୍ରୁତ ଅଞ୍ଚଳକୁ ରସହୀନ କରିଥାନ୍ତା । ମାତ୍ର ଏ ଅଞ୍ଚଳ ଥିଲା ଋଦ୍ଧିମନ୍ତ । ଏହାକୁ ସ୍ପନ୍ଦହୀନ

Digitized by srujanika@gmail.com

କରିଥାନ୍ତା; ମାତ୍ର ଏ ଅଞ୍ଚଳ ଥିଲା ସଂସ୍କୃତିର ପୀଠ । ବିରୂପା ନଦୀର ଅଳ୍ପ ଦୂରରେ ଅଛି ଦୁଇଟି ଅନୁଚ୍ଚ ପାହାଡ଼—ରତ୍ନଗିରି ଏବଂ ଲଳିତଗିରି । କିଛି ବର୍ଷ ତଳେ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ଖୋଦନ କରାଇଥିଲେ । ଏହି ସ୍ତୂପ ମଧ୍ୟରୁ ବାହାରିଛି ଏକ ପ୍ରାଚୀନ ବୌଦ୍ଧ ବିହାର । ଏଠାରେ ଥିଲା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ । ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଏ ପୀଠ ପରିଦର୍ଶନ କରିଥିଲେ । ତେଣୁ ନିଃସନ୍ଦେହରେ ଏ ଅଞ୍ଚଳ ଜନାକୀର୍ଣ୍ଣ ଥିଲା, ସମୃଦ୍ଧିଶାଳୀ ଥିଲା ଏବଂ ସାଂସ୍କୃତିକ ପ୍ରତିଷ୍ଠା ଲାଭ କରିଥିଲା ।

ସମୁଦ୍ରର ଉତ୍ତରୋତ୍ତର ଉପଦ୍ରବ ସଂଘଟିତ ହେଉଥିଲେ ଏହା ସମ୍ଭବ ହୋଇ ନ ଥାନ୍ତା । ଏ ଉପଦ୍ରବର ପ୍ରତିରୋଧ କରୁଥିଲା ନିବିଡ଼ ତମାଳତାଳୀବନରାଜି । ଯୁଗ ଯୁଗ ଧରି ପ୍ରକୃତିର କ୍ରମବିକାଶ ସୃଷ୍ଟି କରିଥିଲା ଏ ଅପୂର୍ବ ସମ୍ଭାର । ଏ ସମସ୍ତ ଲୁପ୍ତ ହୋଇଯାଇଛି । ଏ ସମ୍ପଦର ପୁନର୍ବିକାଶ ଅସାଧ୍ୟ ନ ହେଲେ ମଧ୍ୟ ଅତି ଦୁଃସାଧ୍ୟ । ଯୋଜନା ପ୍ରସ୍ତୁତ କରାଯାଇଛି । ଦୁଇ ଦଶନ୍ଧି ଅତିକ୍ରାନ୍ତ ହୋଇଗଲାଣି । ଏ ବନରାଜିର ପୁନଃ ପ୍ରତିଷ୍ଠା ଲାଗି ପରିକଳ୍ପନା ପ୍ରାଥମିକ ସୋପାନ ମଧ୍ୟ ଅତିକ୍ରମ କରି ନାହିଁ । ସେ ବନରାଜିର ନୀଳିମାରୁ ନିସୃତ ହେଉଥିଲା ବିମୋହିନୀ କବିତା । ଆଉ ଏ ବନହୀନ ରୁକ୍ଷତାରୁ ନିର୍ଗତ ହେବ ଧ୍ୱଂସମୁଖୀ ନିଃଶ୍ୱାସ ।

●

ପୌରୁଷ—ସେପ୍‌ଟେମ୍ବର ୧୯୭୩

Digitized by srujanika@gmail.com

ଶିଳାନ୍ୟାସ

୧୯୭୭ ମସିହା ମାର୍ଚ୍ଚ ମାସ । ସେ ଦିନ ଜାଗର । ରାଉରକେଲାରୁ କଟକ ଫେରୁଥିଲି । ଆସୁଥିଲି ସଡ଼କ ବାଟରେ । ରାଉରକେଲାରୁ ପୁରୀ ପର୍ଯ୍ୟନ୍ତ ଆସିବା ପାଇଁ ସିଧାସଳଖ ରେଳଗାଡ଼ି ଚାଲୁଛି । ବୁଲି ବୁଲି ଖଡ଼ଗପୁର ବାଟେ ଯାଏ । ଗାଡ଼ି ବଦଳ କରିବାକୁ ହୁଏ ନାହିଁ । ମାତ୍ର ବହୁତ ବାଟ । କଟକରୁ ରାଉରକେଲା ପ୍ରାୟ ପନ୍ଦର ଘଣ୍ଟା ଲାଗେ । କଟକରୁ କଲିକତା ଲାଗେ ନଅ ଘଣ୍ଟା । ବିହାର-ଓଡ଼ିଶା ଗୋଟିଏ ପ୍ରଦେଶ ଥିଲାବେଳେ ଓଡ଼ିଶାରୁ ପ୍ରଦେଶର ରାଜଧାନୀ ପାଟନା ଯିବା ପାଇଁ ବଙ୍ଗଦେଶ ବାଟେ ଯିବାକୁ ପଡ଼ୁଥିଲା । ସତେ ଯେପରି ଆମେ ଦେଶାନ୍ତର ଭ୍ରମଣରେ ଯାଉଥିଲୁ । ଏବେ କଟକ, ଭୁବନେଶ୍ୱରରୁ ରାଉରକେଲା ଗଲେ ଲାଗେ ଠିକ୍ ସେଇପରି ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ଇତି-ମଧ୍ୟରେ ଏକଚାଳିଶ ବର୍ଷ ଅତିବାହିତ ହୋଇଗଲାଣି । ସ୍ୱାଧୀନ ସରକାର ଗାଦିନସୀନ ହେବାର ତିରିଶ ବର୍ଷ ହୋଇଗଲାଣି । କଟକରୁ ରେଳ-ପଥରେ ରାଉରକେଲା ଯିବାକୁ ହେଲେ, ଗୋଟିଏ ନୁହେଁ, ବଙ୍ଗଳା ଏବଂ ବିହାର ଦୁଇଟି ରାଜ୍ୟ ଭିତରେ ଯିବାକୁ ହେବ । ଦକ୍ଷିଣ ବାଟେ ଗଲେ ଆନ୍ଧ୍ର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ଭିତରେ ପଶି ଯିବାକୁ ହେବ । ସ୍ୱାଧୀନ ଭାରତରେ ଏଇ ଗୋଟିଏ କଥା ଏ ପର୍ଯ୍ୟନ୍ତ ବିଚାରଯୋଗ୍ୟ ହୋଇ ପାରିଲା ନାହିଁ ।

ସ୍ୱାଧୀନତା ପରେ ଭାରତବର୍ଷରେ ବହୁ ସ୍ଥାନରେ ରେଳପଥ ପ୍ରସାରିତ ହେଲା । ବହୁ ସ୍ଥାନରେ ସଂକୀର୍ଣ୍ଣ ଗେଜ ଏବଂ ମିଟର ଗେଜ ପ୍ରଶସ୍ତ କରାଯାଇ ବ୍ରଡ଼ ଗେଜରେ ପରିଣତ ହେଲାଣି । ଆମର ତାଳଚେର ଲାଇନ୍‌ଟି ସମ୍ବଲପୁର ପର୍ଯ୍ୟନ୍ତ ଯାଇପାରିଲା ନାହିଁ । ଓଡ଼ିଶା ଭିତରେ ରେଳପଥର ପ୍ରସାର ପାଇଁ ଯେଉଁ ଅନାଗତ ଏବଂ ଅକଳ୍ପିତ ଯୋଜନା ବା କଳ୍ପନା ଥରକୁ ଥର ବକ୍ତୃତାରେ ବା ସମ୍ବାଦ

Digitized by srujanika@gmail.com

ପତ୍ରରେ ପ୍ରକାଶିତ ହେଉଛି, ସେ ସବୁ କେବଳ କଥା ଘା'ରେ ଚୂନ । ଆମର କନ୍ତୁ ଚମ ବଧିର ହୋଇଗଲାଣି । ରାଉରକେଲାଠାରୁ କଲିକତା ଅଳ୍ପ ବାଟ । ପାରାଦୀପ ବନ୍ଦର ବହୁତ ଦୂର । ରାଉରକେଲା ଉତ୍ପାଦ ବାଣିଜ୍ୟ ନିର୍ଗତ ହେବ କଲିକତା ବନ୍ଦରରୁ । ଆମେ ଅଦାବେପାରୀ; ଜାହାଜ ମୂଲ କରିବା କାହିଁକି ?

ରାଉରକେଲାରୁ ସଡ଼କରେ କଟକ ଆସିବାକୁ ହେଲେ ସମ୍ବଲପୁର ବାଟେ ଗାଡ଼ି ମଟର ଆସେ । ରାସ୍ତା ମନ୍ଦ ନୁହେଁ । ମାତ୍ର ବହୁତ ବୁଲାବାଟ । ୪୮୫ କିଲୋ ମିଟର । କେନ୍ଦୁଝର ରାସ୍ତାରେ ଆସିଲେ ଅନେକ ବାଟ କମ୍ । ୪୩୭ କିଲୋମିଟର । ମାତ୍ର ରାସ୍ତା ଅତି ଖରାପ । ତାଳଚେର ବାଟେ ଆସିଲେ ବାଟ ବହୁତ କମିଯିବ । ୩୬୩ କିଲୋ ମିଟର । ମାତ୍ର ରାସ୍ତା ନାହିଁ । ଏ ରାସ୍ତା ତିଆରି ହୋଇଯିବ ବୋଲି ମଝିରେ ମଝିରେ ସମ୍ବାଦପତ୍ରରେ କଳ୍ପନା, ବିବୃତି ଏବଂ ଯୋଜନା ପ୍ରକାଶ ପାଏ । ମାତ୍ର ଆଉ ଅଧିକ ଅଗ୍ରସର ହୋଇପାରି ନାହିଁ ।

କେନ୍ଦୁଝର ବାଟରେ ଆସିଲି । ରାସ୍ତା ଖରାପ ହେଲେ ମଧ୍ଯ ଦେଢ଼ ଘଣ୍ଟା ସମୟ କମିଯିବ । ପୌଷ, ମାଘ ମାସ ଦୁଇଟିକୁ ଶିଶିର ଋତୁ କୁହାଯାଏ । ମାଘ ମାସ ଯିବାର ମାତ୍ର ଦୁଇ ସପ୍ତାହ ହୋଇଛି । ତଥାପି ଖୁବ୍ ଖରା ପଡ଼ି ଆସିଥାଏ । ଆନନ୍ଦପୁରରେ ପହଞ୍ଚିଲାବେଳକୁ ଦ୍ୱିପ୍ରହର ଗଡ଼ିଗଲାଣି । ବାରଟା ବାଜି ସାରିଲାଣି । ବେଶ ଗରମ । ସେ ଦିନ ଜାଗର ଉତ୍ସବ । ସବୁଆଡ଼େ ମହାଦେବଙ୍କ ମନ୍ଦିରରେ ପୂଜା ଆରାଧନା, ସାଜସଜ୍ଜା । ବହୁ ଲୋକଙ୍କର ସମାବେଶ । ସକାଳୁ ସ୍ନାନସାରି ଅସ୍ଥି ମନ୍ଦିରରେ ଅସ୍ଥିଶମ୍ଭୁ ଦର୍ଶନ ନ କଲେ ଅନେକେ କୌଣସି ପ୍ରକାର ଖାଦ୍ୟ ସ୍ପର୍ଶ କରନ୍ତି ନାହିଁ । ଗାଡ଼ିର ଡ୍ରାଇଭର ରାଉରକେଲାରୁ ଆସିଛନ୍ତି । କୁଶଳେଶ୍ୱର ମହାଦେବଙ୍କୁ ଦର୍ଶନ ନ କଲେ ଜଳ ସ୍ପର୍ଶ କରିବେ ନାହିଁ ।

ଉତ୍କଳରେ ଗୋଟିଏ ମାତ୍ର ପୁରାଣ-ଖ୍ୟାତ ନଦୀ । ପୁଣ୍ୟତୋୟା ବୈତରଣୀ । କେନ୍ଦୁଝର ଜିଲ୍ଲାର ସବୁ ସବ୍‌ଡିଭିଜନ ଭିତରେ ବୁଲିବୁଲି, ଯାଜପୁର ବାଟେ ଆସି ବ୍ରାହ୍ମଣୀ ସଙ୍ଗରେ ମିଶି ସମୁଦ୍ରରେ ପ୍ରବେଶ

Digitized by srujanika@gmail.com

କରିଛି । ଏହି ଯାଜପୁରଠାରେ ବୈତରଣୀ କୂଳରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆନନ୍ଦପୁରଠାରେ ବୈତରଣୀ ନଦୀକୂଳରେ କୁଶଳେଶ୍ୱରଙ୍କର ମନ୍ଦିର । ଅବସ୍ଥିତି ସୁନ୍ଦର । ନଦୀର ତୀର ମନୋଜ୍ଞ । ମନ୍ଦିର ଚତୁର୍ଦ୍ଦିଗରେ ପ୍ରଶସ୍ତ ଉପବନ । ମୋତେ ସର୍କାରୀ ଡାକବଙ୍ଗଳାରେ ଛାଡ଼ିଦେଇ ଡ୍ରାଇଭର ଗଲେ କୁଶଳେଶ୍ୱରଙ୍କର ଦର୍ଶନ ପାଇବା ପାଇଁ । ସ୍ନାନ, ଦର୍ଶନ ଏବଂ ପୂଜା ପାଇଁ କିଛି ବିଳମ୍ବ ହେବ ବୋଲି କହି ଗଲେ ।

ଡାକବଙ୍ଗଳା ପରିସର ମଧ୍ୟରେ କେତେଗୁଡ଼ିଏ ବଡ଼ ବଡ଼ ବୃକ୍ଷ ଅଛି । ଖରାବେଳ । ନଈକୂଳ । ଗଛତଳ । ଆରପଟେ ଦିଶୁଥାଏ ଆନନ୍ଦପୁର ସହର । ଡାକବଙ୍ଗଳା ଚାଖରେ ଏପଟସେପଟ ହେଉଥାଏ । ଏକୁଟିଆ । ଆଳାପ କରିବା ପାଇଁ କେହି ନାହାନ୍ତି । ଏପରି ଭାବରେ ପ୍ରାୟ ଅଧଘଣ୍ଟାଏ କଟିଗଲା । ଡ୍ରାଇଭର ଫେରିବାରେ ବିଳମ୍ବ ହେଉଛି କାହିଁକି ? ଅପେକ୍ଷା କରି ମଝିରେ ମଝିରେ ସେଇ ଦିଗକୁ ଚାହୁଁଥାଏ ।

ଜଣେ ଭଦ୍ରଲୋକ ଆସି ପହଞ୍ଚିଲେ । ପରିଧାନ ଖଦଡ଼ । ଲମ୍ବା କୁର୍ତ୍ତା । କାନ୍ଧରେ ଚାଦର । ତାଙ୍କ ସହିତ ମୋର ପରିଚୟ ନାହିଁ । ପରିଚୟ ମଧ୍ୟ ପରସ୍ପରର ହୋଇ ନାହିଁ । ତାଙ୍କ ସଙ୍ଗରେ ଆଉ କେହି ନାହାନ୍ତି । ମୋ ପାଖକୁ ଆସି ସେ କଥା ଆରମ୍ଭ କଲେ । ବୈତରଣୀ ନଦୀର ବାମପାଖରେ ଆନନ୍ଦପୁର ସହର । ସ୍କୁଲ, କଲେଜ, ବସ୍ତି, ବଜାର, ବସ୍‌ଷ୍ଟାଣ୍ଡ—ସବୁ ସେଇ ପାଖରେ । ନଦୀର ଦକ୍ଷିଣ ପାଖରେ ଯାଇଛି କଟକ-ସମ୍ବଲପୁର ରାସ୍ତା । ଡାକବଙ୍ଗଳା ଅଛି ଏଇ ପାଖରେ । ଆନନ୍ଦପୁର ସହରକୁ ଯିବାକୁ ହେଲେ ଏଇଠାରେ ଓହ୍ଲାଇ ନୌକାରେ ନଦୀପାର ହୋଇ ଯିବାକୁ ହୁଏ । ଖରାଦିନେ ନଦୀ ଭିତରେ ବାଲିମାଟି ପକାଇ ଖରାଦିନଆ ରାସ୍ତାଟିଏ ତିଆରି କରାଯାଏ । ସ୍କୁଲ, କଲେଜ ପରିଦର୍ଶନ ପାଇଁ ମୁଁ କେତେଥର ଆରପାଖକୁ ଯାଇଛି । ଏ ପାଖରେ କେତେଗୁଡ଼ିଏ ସରକାରୀ କର୍ମଚାରୀଙ୍କ ପାଇଁ ଘର ତିଆରି ହୋଇଛି । ଏ କର୍ମଚାରୀମାନେ ପ୍ରତିଦିନ ନଦୀ ପାର ହୋଇ ତାଙ୍କର କର୍ମକ୍ଷେତ୍ରକୁ

Digitized by srujanika@gmail.com

ଯିବା ଆସିବା କରନ୍ତି ।

ଏଠାରେ ବୈତରଣୀ ନଦୀ ଉପରେ ଯେ ଗୋଟିଏ ପୋଲ ଏକାନ୍ତ ଆବଶ୍ୟକ, ସେଥିପାଇଁ ଗବେଷଣା ଆବଶ୍ୟକ ନାହିଁ କି ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ ଦରକାର ନାହିଁ । ସେଠାର ଜନ-ସାଧାରଣ ବହୁ ଦିନରୁ ଗୋଟିଏ ପୋଲ ପାଇଁ ଦାବୀ କରି ଆସୁଛନ୍ତି । ଏ ଦାବୀ ଅଯଥାର୍ଥ ବୋଲି କେହି କହିପାରିବେ ନାହିଁ । ଯଦି ନିଷ୍ପତ୍ତି କରାଯାଏ ଯେ ସେଠାରେ ପୋଲଟିଏ ଆବଶ୍ୟକ ହୋଇଥିଲେ ମଧ୍ୟ ସରକାରଙ୍କର ସମ୍ବଳ ଅଭାବ ଯୋଗୁ ପୋଲ ନିର୍ମାଣ କରାଯାଇପାରୁ-ନାହିଁ କିମ୍ବା ଯେବେ ଜଣାଇ ଦିଆଯାଏ ଯେ ରାଜ୍ୟରେ ଆହୁରି ଅଧିକ ଜରୁରୀ କାର୍ଯ୍ୟସମ୍ପନ୍ନ କରିବାକୁ ଥିବାରୁ ଏ ପୋଲ ନିକଟରେ କରିବା ସମ୍ଭବ ହୋଇପାରୁ ନାହିଁ, ତା'ହେଲେ ଲୋକଙ୍କର ଯେତେ ଅସୁବିଧା ଏବଂ ଅସନ୍ତୋଷ ହେଲେ ମଧ୍ୟ ସେଥିରେ କୌଣସି ପ୍ରତାରଣା ଥିବାର ଅଭିଯୋଗ ହୁଅନ୍ତା ନାହିଁ ।

ମାତ୍ର ଗତ ଆଠ ବର୍ଷ ଭିତରେ ଚାରିଗୋଟି ଶିଳାନ୍ୟାସ ଏହିଠାରେ କରାଯାଇଛି—ବୈତରଣୀ ଉପରେ ପୋଲ ନିର୍ମାଣ ପାଇଁ । ଏଗୁଡ଼ିକ ସେଇ ଡାକବଙ୍ଗଳା ପରିସରକୁ ଲାଗିକରି ଏବଂ ଅତି ନିକଟରେ । ପ୍ରଥମଟି ନ୍ୟାସ କରିଥିଲେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ କୃତବିଦ୍ ଡକ୍ଟର ଖୋସଲା । ସେ ରାଜ୍ୟପାଳ । ଯଜ୍ଞର ହୋତା । ଆହୁତି କରିବେ । ତାଙ୍କ କର୍ତ୍ତବ୍ୟ ସମାପନ କଲେ । ଘୃତ, ସମିଧ, ପୂଜା ନୈବେଦ୍ୟର ବ୍ୟବସ୍ଥା କଲେ ଯଜମାନ । ସରକାର ପୋଲ ନିର୍ମାଣ ପାଇଁ ନିଷ୍ପତ୍ତି କରିଥିବେ; ସେଥିପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିଥିବେ । ନ ହେଲେ ଡକ୍ଟର ଖୋସଲାଙ୍କ ପରି ଜଣେ ନଦୀ ନିୟନ୍ତ୍ରଣ ବିଶାରଦ ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଇଞ୍ଜିନିୟର ରାଜ୍ୟପାଳଙ୍କୁ ଆଣି ଶିଳାନ୍ୟାସ କରାନ୍ତେ କାହିଁକି ? ତା'ପରେ ଦ୍ୱିତୀୟଟି କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ । ସେଆଉ ଇହଧାମରେ ନାହାନ୍ତି । ମୁଖ୍ୟମନ୍ତ୍ରୀ ଯେତେବେଳେ ଶିଳାନ୍ୟାସ କଲେ, ଏଥିପାଇଁ ସରକାର ନିଶ୍ଚୟ ନିଷ୍ପତ୍ତି ଚୂଡ଼ାନ୍ତ କରିଥିବେ, ଯୋଜନା ପ୍ରସ୍ତୁତ କରିଥିବେ ।

Digitized by srujanika@gmail.com

ତା'ପରେ ଆଉ ଦୁଇ କିସ୍ତିରେ, ଦୁଇଜଣ ବିଶିଷ୍ଟ ମନ୍ତ୍ରୀ ପୁଣି କରିଗଲେ ସେଇଠାରେ ଶିଳାନ୍ୟାସ । ଜଣେ ଦାୟିତ୍ୱରୁ ଅପସରି ଗଲେଣି; ଆଉ ଜଣେ ମନ୍ତ୍ରିମଣ୍ଡଳରେ ଅଛନ୍ତି ।

ଏ କଥା କ'ଣ ବିଶ୍ୱାସ କରି ହେବ ଯେ ସରକାର କୌଣସି ନିଷ୍ପତ୍ତି ଚୂଡ଼ାନ୍ତ ନ କରି, କୌଣସି ବ୍ୟବସ୍ଥା ପ୍ରସ୍ତୁତ ନ କରି, ଖାଲି ଥରକୁ ଥର ଗୋଟିକ ପରେ ଗୋଟିଏ ଏଭଳି ଶିଳାନ୍ୟାସ କରିଗଲେ ? ଆଠ ବର୍ଷ ଭିତରେ ରାଜ୍ୟର ଶୀର୍ଷସ୍ଥାନୀୟ ଚାରିଜଣ କର୍ମକର୍ତ୍ତା ଚାରିଗୋଟି ସ୍ଥାନରେ, ଅତି ନିକଟ ବ୍ୟବଧାନରେ ଚାରିଗୋଟି ଶିଳା ସ୍ଥାପନ କରିଗଲେ । ପ୍ରଥମ ଶିଳାନ୍ୟାସ ପରେ କେହି ପଚାରିଲେ ନାହିଁ, ଅତି ନିକଟରେ ଏଇ ପୋଲ ପାଇଁ ଶିଳାନ୍ୟାସ କରିଯାଇ ସାରିଛି, ସେ ଶିଳା ଦେଖାଯାଉଛି; ନିଖୁଣ ହୋଇ ରହିଛି, ଆଉରି ଗୋଟିଏ ଶିଳାନ୍ୟାସ କରାଯିବ କିପରି ବା କାହିଁକି ? ଏ ପର୍ଯ୍ୟନ୍ତ ବୈତରଣୀ ସେତୁ କେବଳ ଏହି ଚାରିଗୋଟି ଶିଳା ମଧ୍ୟରେ ପର୍ଯ୍ୟବସିତ ହୋଇ ରହିଛି । ଭଦ୍ର ଲୋକ ପ୍ରତ୍ୟେକଟି ହାତ ବଢ଼ାଇ ମୋତେ ଦେଖାଇଲେ । ତାଙ୍କ ସ୍ୱରରେ ଦୁଃଖ, ବିରକ୍ତି, କ୍ରୋଧ ଏବଂ ଶଠତାର ଅଭିଯୋଗ ।

ଡାକବଙ୍ଗଳା ପରିସର ମଧ୍ୟରେ ଅଛି ଦୁଇଟି ଶିଳା । ପାଖକୁ ପାଖ । ମୋତେ ସେଠାକୁ ନେଇଗଲେ । ପ୍ରତ୍ୟେକଟି ଶିଳାରେ ମାର୍ବଲ ପ୍ରସ୍ତରରେ ସ୍ଥାପୟିତାଙ୍କର ନାମ, ଦିନ, ବାର, ତିଥି, ମାସ, ବର୍ଷ ଖୋଦିତ ହୋଇ ରହିଛି । ପ୍ରତ୍ୟେକ ଶିଳାନ୍ୟାସ ଉତ୍ସବରେ କୁଶଳେ-ଶ୍ୱରଙ୍କର ଜାଗର ମେଳା ଲୋକ ସମାଗମର ପଚିଶ ଗୁଣ ବା ତତୋଧିକ ଲୋକ ଆସିଥିବେ ବା ଅଣାଯାଇଥିବେ । ସରକାରୀ ଖର୍ଚ୍ଚରେ ବା ବ୍ୟକ୍ତିଗତ ଖର୍ଚ୍ଚରେ । ଜନ୍ମସ୍ଥଳୀ ମୁଖରିତ ହୋଇଥିବ । ଯଜ୍ଞପୂତ ବୈତରଣୀ ତୀର ନିନାଦିତ ହୋଇଥିବ । ବହୁ ଅର୍ଥ ବ୍ୟୟିତ ହୋଇଥିବ । ବହୁ ସରକାରୀ କର୍ମଚାରୀଙ୍କର ସରକାରୀ ସମୟ ନିୟୋଜିତ ହୋଇଥିବ । ସାଜସଜ୍ଜା, ଯାନବାହନ, ଉତ୍ସବ ପରିପାଟୀରେ ବହୁ ଅର୍ଥ ବରବାଦ ହୋଇଥିବ । ସରକାରୀ ସ୍ତରରେ ଏ ପୋଲ ନିର୍ମାଣ ଲାଗି ନିଷ୍ପତ୍ତି କରା ନ ଯାଇ, ଏ ସବୁ ଶିଳାନ୍ୟାସ କଦାପି କରାଯାଇ ନ

Digitized by srujanika@gmail.com

ଥିବ । ମାତ୍ର ବୈତରଣୀ ସେତୁ ସେହି ଶିଳା ମଧ୍ୟରେ ଅଦ୍ୟାପି ଆବଦ୍ଧ ହୋଇ ରହିଛି । କି ଉଦ୍ଦେଶ୍ୟରେ ଏ ସବୁ ଉତ୍ସବ ବହୁ ଅର୍ଥବ୍ୟୟରେ ଉପର୍ଯ୍ୟୁପରି ସମାହିତ ହୋଇଗଲା ? ଅର୍ଥ ଶ୍ରାଦ୍ଧ ହେଲା । ପ୍ରଶସ୍ତିର ଧ୍ୱନି ଉଠିଲା । ରାଜନୀତିକ ବାର୍ତ୍ତା ପ୍ରଶୃତ ହେଲା । ପ୍ରତାରଣାର ବାଣୀ ପ୍ରସାରିତ ହେଲା । ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସିଦ୍ଧି ଲାଗି କ୍ଷେତ୍ର ପ୍ରସ୍ତୁତ ହେଲା । ଅତି ପରିତାପର ବିଷୟ, ଏହାର ଦାୟିତ୍ୱ କାହାରିଠାରେ ଆରୋପ କରାଗଲା ନାହିଁ ।

କେବଳ ବୈତରଣୀ କୂଳରେ ଆନନ୍ଦପୁର ଏ ଶିଳାନ୍ୟାସର ଏକମାତ୍ର କ୍ଷେତ୍ର ହୋଇ ନାହିଁ । ରାଜ୍ୟର ବହୁ ସ୍ଥାନରେ ବିଲ, ବୁଦା, ବଣ, ପାହାଡ଼, ଗ୍ରାମାଞ୍ଚଳ, ସହରାଞ୍ଚଳରେ, ବହୁ ସମାରୋହରେ ଏଭଳି ଉତ୍ସବ ସମାହିତ ହୋଇଛି । ବସ୍ତି ବଜାର, ସେତୁ ସଡ଼କ, କଳ କାରଖାନା, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟଭବନ ପ୍ରଭୃତି ନାନାବିଧ କଳ୍ପିତ ଅକଳ୍ପିତ ଯୋଜନା ଲାଗି ଭିତ୍ତି ପ୍ରସ୍ତର ବିଚ୍ଛୁରିତ ହୋଇସାରିଛି ।

ବହୁ ବର୍ଷ ତଳର କଥା । ପଣ୍ଡିତ ଗୋପବନ୍ଧୁଙ୍କ ସମୟ । ରାଜ୍ୟରେ ବନ୍ୟାର କରାଳରେ ବହୁ ଅଞ୍ଚଳ ବିପନ୍ନ । ରେଭେନ୍‌ସା କଲେଜରେ ସେତେବେଳେ ଛାତ୍ରସଂଖ୍ୟା ପ୍ରାୟ ଚାରିଶହ । ହଷ୍ଟେଲରେ ଗଣେଶପୂଜା ହେଉଥାଏ । ସେଇ ଉପଲକ୍ଷେ ଗୋଟିଏ ଥିଏଟର କରିବାର ଆୟୋଜନ କରିଥାନ୍ତି । ଛାତ୍ରମାନଙ୍କ ଦ୍ୱାରାରେ ଏ ଥିଏଟର ଅନୁଷ୍ଠିତ ହୁଏ । ଏଥିପାଇଁ ସରକାରୀ ସାହାଯ୍ୟ ଆସେ ନାହିଁ । ଏ ବନ୍ୟା ବିପତ୍ତିବେଳେ କଲେଜ ଛାତ୍ରଙ୍କର ଏ ଥିଏଟର ଆମୋଦ ପ୍ରମୋଦ ଗୋପବନ୍ଧୁଙ୍କ ପ୍ରାଣରେ ଆଘାତ କଲା । ସେ ଲେଖିଲେ, କୁଳବୁଡ଼ାଲବେଳକୁ ଘୋଡ଼ାମୁହାଁ ପୁଅଙ୍କର ଜନ୍ମ । ଛାତ୍ରମାନଙ୍କର ଯେ ଥିଏଟର ଆମୋଦରେ ନ ଥିଲା ବିପୁଳ ଅର୍ଥବ୍ୟୟ, ନ ଥିଲା ପ୍ରତାରଣା, ନ ଥିଲା ପ୍ରଚ୍ଛନ୍ନ ଉଦ୍ଦେଶ୍ୟସିଦ୍ଧି । ଗୋପବନ୍ଧୁଙ୍କୁ ବାଧିଥିଲା କଲେଜ ଛାତ୍ରଙ୍କର ହୃଦୟହୀନତା, ଦେଶବାସୀଙ୍କର ବିପତ୍ତିବେଳେ ଉତ୍କଟ ଉଦାସୀନତା । ସେଥିରେ ସେ ବ୍ୟଥିତ ହୋଇ ଘୋଡ଼ାମୁହାଁ ପୁଅ ବୋଲି ସେମାନଙ୍କୁ ଭର୍ତ୍ସନା କରିଥିଲେ ।

Digitized by srujanika@gmail.com

ମାତ୍ର ସେ ଯେବେ ଉତ୍କର୍ଷ୍ୟପର ଏହ ଅକ୍ଷମଣୀୟ ଶିଳାନ୍ୟାସର ଉଦ୍ଦାମ ଉତ୍ସବ ଦେଖିଥାନ୍ତେ, ତେବେ ସେ ମୂକ, ହତବାକ୍ ହୋଇ ଯାଇଥାନ୍ତେ । ହାତ ତାଙ୍କର ଜଡ଼ ପାଲଟି ଯାଇଥାନ୍ତା । ତାଙ୍କ ମୁଖରୁ କମ୍ବା ଲେଖନୀରୁ କୌଣସି ପ୍ରକାର ଭର୍ତ୍ସନା ମଧ୍ୟ ନିଃସୃତ ହୋଇ ପାରନ୍ତା ନାହିଁ ।

(୧୯୬୭-ସମାଜ-ଗୋପବନ୍ଧୁ ସଙ୍ଖ୍ୟା)
—ଏବେ ୧୯୮୪ ମସିହାରେ ଅନନ୍ତପୁରଠାରେ ବୈତରଣୀ ପୋଲ ଆରମ୍ଭ ହୋଇଛି ।—

Digitized by srujanika@gmail.com

ବୈରାଗୀ ମିଶ୍ର

ବୈରାଗୀଚରଣ ମିଶ୍ରଙ୍କର ପରଲୋକ ହେଲା ୧୯୭୭ ମସିହା ଫେବ୍ରୁୟାରୀ ୧୯ ତାରିଖରେ । ମୃତ୍ୟୁ ପୂର୍ବରୁ ସେ କହି ଯାଇଥିଲେ, ତାଙ୍କର ଶବକୁ କୋକେଇରେ ବାନ୍ଧି ମଣିଷଙ୍କ କାନ୍ଧରେ ଶ୍ମଶାନକୁ ନିଆଯିବ ନାହିଁ । କୌଣସି ପ୍ରକାର କ୍ରିୟାକର୍ମ, ଶୁଦ୍ଧିଶ୍ରାଦ୍ଧ କରାଯିବ ନାହିଁ । ତାଙ୍କର ଅଭିଳାଷ ଅନୁଯାୟୀ ଡାକ୍ତର ବିଭୂତି ତ୍ରିପାଠୀଙ୍କ ମଟର ଗାଡ଼ିରେ ବୈରାଗୀ ମିଶ୍ରଙ୍କର ଶବ ଶ୍ମଶାନକୁ ନିଆଗଲା । ସେଠାରେ ଅଗ୍ନି ସଂଯୋଗ କରାଗଲା । ମରଶରୀର ଭସ୍ମୀଭୂତ ହୋଇଗଲା । ଏଥିରେ ସମାପ୍ତ ହେଲା ତାଙ୍କ ଜୀବନଯୁଦ୍ଧର ସଫଳ ସମାପ୍ତି । ତାଙ୍କର ଜୀବନବ୍ୟାପୀ ଅଭିଯାନର ପରିପୂର୍ଣ୍ଣ ପରିଣତି ।

ବୈରାଗୀଚରଣ ମିଶ୍ରଙ୍କୁ ତାଙ୍କ ଅଫିସରେ ଲୋକେ ବୈରାଗୀ ବାବୁ ବୋଲି ଡାକୁଥିଲେ । ମାତ୍ର ସାଧାରଣରେ ତାଙ୍କର ନିନ୍ଦୁକ ଏବଂ ସମର୍ଥକ ସମସ୍ତେ ବୈରାଗୀ ମିଶ୍ର ବୋଲି କହୁଥିଲେ । ବୈରାଗୀ ମିଶ୍ର ବିଶ୍ୱବିଦ୍ୟାଳୟରୁ ଉପାଧି ପାଇ ନ ଥିଲେ । ବିଦ୍ୱାନ ପଣ୍ଡିତ ନ ଥିଲେ; ପଦସ୍ଥ ଅଫିସର ନ ଥିଲେ; କୌଣସି ମର୍ଯ୍ୟାଦା, କ୍ଷମତା କିମ୍ବା ପଦବୀର ଅଧିକାରୀ ହୋଇ ନ ଥିଲେ । ଥିଲେ କଚେରୀରେ ସ୍ୱଳ୍ପବେତନଭୋଗୀ ଜଣେ କିରାଣୀ । ଚାକିରି ଶେଷବେଳକୁ ମାସିକ ବେତନ ଥିଲା ସତୁରି ଟଙ୍କା । ମାତ୍ର ପଞ୍ଚତିରିଶ ଟଙ୍କା ପେନ୍‌ସନ୍‌ରେ ଅବସର ଗ୍ରହଣ କଲେ । ଜନ୍ମ ହୋଇଥିଲେ ଏବଂ ଅପୂର୍ବ ସଂଗ୍ରାମ କରିଥିଲେ ଏକ ରାଜ୍ୟରେ, ଯେଉଁଠାରେ ଅଛି ସମ୍ପଦ, କ୍ଷମତା, ପଦବୀ ଏବଂ ଆସନର ପ୍ରତିଷ୍ଠା । ନାହିଁ ସାଧନା ଏବଂ କୃତିତ୍ୱର ମୂଲ୍ୟାୟନ ।

ପରିବାରର ଚଳଣି ଏବଂ ଗ୍ରାମର ମିତ ଅମିତରେ ବ୍ୟସ୍ତ ହୋଇ ଘର ଛାଡ଼ି ସହରକୁ ଆସିଲେ । ସହରରେ ଦେଖିଲେ ନାନା କଷଣ, ଦୂଷଣ, ଆଚାର ଅନାଚାର । ଏ ସମସ୍ତ ଭିତରେ ବୈରାଗୀ

Digitized by srujanika@gmail.com

ମିଶ୍ରଙ୍କର ତରୁଣ ପ୍ରାଣ ବିଦ୍ରୋହ କରି ଉଠିଲା । ସମାଜରେ ନାନା ଆବର୍ଜନା ହୋଇଛି ଶୋଷଣର ଆୟୁଧ । ସୃଷ୍ଟି କରିଛି ଅହମିକା ଏବଂ ନିର୍ଯ୍ୟାତନା । ବ୍ୟାଧିର ସଂଖ୍ୟା ତିନିଗୋଟି । ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଏବଂ ବୃଥା ଆଡ଼ମ୍ବର । ଏ ସମସ୍ତ ବିରୋଧରେ ସଂଗ୍ରାମ କରିବାକୁ ହେବ । ସୁସ୍ଥ ସମାଜ ଗଢ଼ିବାକୁ ହେବ । ବୈରାଗୀ ମିଶ୍ରେ ଅଭିଯାନ ଆରମ୍ଭ କଲେ ।

ବ୍ରତ, ବିବାହ, ଶୁଦ୍ଧି ଶ୍ରାଦ୍ଧ ଏବଂ ଏ ସବୁର ଆନୁଷଙ୍ଗିକ ଓ ପରିପୂରକ ବିଭିନ୍ନ ଆଚାର ଏବଂ ନିମିତ୍ତ ଭିତରେ ଏ ତିନିଗୋଟି ବ୍ୟାଧି ବ୍ୟାପକ ଭାବରେ ପ୍ରବେଶ କରିଛି । ଯାହା ପୁରୁଣା, ସେଥିରେ ଅନ୍ଧ-ବିଶ୍ୱାସ । ଯାହା ଚଳିଲାଣି, ତାକୁ ଅନୁସରଣ କରିବାକୁ ହେବ । ଏଥିସଙ୍ଗେ ନାନା ପ୍ରକାର କର୍ମକାଣ୍ଡର ସମାରୋହରେ ଅକାରଣ ଆଡ଼ମ୍ବର ପ୍ରଦର୍ଶନ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରିବାର ନିର୍ଲଜ ପ୍ରୟାସ । ବୁଦ୍ଧି, ବିବେକ, ବିଚାର ଅପସରି ଯାଇଛି । ବୈରାଗୀ ମିଶ୍ରେ ଲାଗି ପଡ଼ିଲେ ସେଇ ତିନୋଟି ବ୍ୟାଧିର ନିରାକରଣ ପାଇଁ । ଏ ସଂସ୍କାର ପାଇଁ ଲୋଡ଼ା ଆତ୍ମ-ବିଶ୍ୱାସ । ଏ ସଂଗ୍ରାମ ପାଇଁ ଲୋଡ଼ା ନିର୍ଯ୍ୟାତନା ପାଇଁ ପ୍ରସ୍ତୁତ । ନ୍ୟସ୍ତସ୍ୱାର୍ଥ ବହୁ ତଥାକଥିତ ମାନ୍ତ ନିର୍ଦ୍ଦେଶକଙ୍କର ପ୍ରତିରୋଧ ବିରୁଦ୍ଧରେ ଅଟଳ ରହିବାକୁ ହେବ ।

ବୈରାଗୀ ମିଶ୍ରେ ସମାଜର ନାନା କଳଙ୍କ ଦୂରକରିବା ପାଇଁ ଅଭିଯାନ ଚଳାଇଲେ । ଜାତି, ଧର୍ମ ଏବଂ ସମ୍ପ୍ରଦାୟରେ ବିଭକ୍ତ ସମାଜକୁ ଏକ ସୁସ୍ଥ ମାନବସମାଜରେ ପରିଣତ କରିବା ପାଇଁ ଅଣ୍ଟା ଭିଡ଼ିଲେ । ସେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇଥିଲେ । ପ୍ରତି ମାସରେ ଥରେ ସମବେତ ଭୋଜନ କରାଯାଉଥିଲା । ସେ ପ୍ରସ୍ତାବ କଲେ, ଥରେ ଜଣେ ମୁସଲମାନ ପାଚକ ରୋଷେଇ କରିବେ । ଏଥିରେ ଦୁଇଜଣ ସଭ୍ୟ ସମ୍ମତ ହେଲେ ନାହିଁ । ବୈରାଗୀ ମିଶ୍ରେ ସେ ସମିତିରୁ ବାହାରିଗଲେ । ନିଜ ଘରେ ଶୁଣ୍ଢି ସମ୍ପ୍ରଦାୟର ଗୋଟିଏ ଦମ୍ପତିଙ୍କୁ ନେଇ ଗୋଟିଏ ଏକାନ୍ନ ପରିବାର ସୃଷ୍ଟି କଲେ । ଘୋର ପ୍ରତିବାଦ ହେଲା । ବୈରାଗୀ ମିଶ୍ରେ ହୋଇବାର ଲୋକ ନୁହନ୍ତି । ସେ ଲେଉଥିଲେ ଏଇ ନିର୍ଲଜ

Digitized by srujanika@gmail.com

ପ୍ରତିବାଦ । ଉପବୀତ ଗ୍ରହଣରେ ଗରିବ ଲୋକେ ଗୋରୁଗାଈ ବିକି, ଘରଡ଼ିହ ବନ୍ଧା ଦେଇ, ମହାଜନ ପାଖରେ ମୁଣ୍ଡ ବିକି, ଭିକ୍ଷା ମାଗି, ଅକାରଣରେ ଘିଅପୋଡ଼ି ନିର୍ଯ୍ୟାତନା ଭୋଗୁଥିଲେ । ବୈରାଗୀ ମିଶ୍ରେ କୋଡ଼ିଏ ପଚିଶ ଜଣ ପିଲାଙ୍କୁ ଏକାଠି ବସାଇ, ଜଣପିଛା ମାତ୍ର ଟଙ୍କାଟିଏ ଖର୍ଚ୍ଚରେ ପଇତା ପିନ୍ଧାଇଲେ ।

ବୈରାଗୀ ମିଶ୍ରଙ୍କର ସବୁ ପ୍ରକାର ସଂସ୍କାର ଅଭିଯାନ ଗୋଟି ଗୋଟି କରି ଆଲୋଚନା କରିବା ଆବଶ୍ୟକ । ସେ ସବୁ ଗୋଟିଏ କ୍ଷୁଦ୍ର ପ୍ରବନ୍ଧରେ ସମ୍ଭବ ନୁହେଁ । ତାଙ୍କର ସବୁଠାରୁ ବଡ଼ ଅଭିଯାନ ବିବାହ ପଦ୍ଧତିର କଳଙ୍କ ଦୂର କରିବାଲାଗି । ଯେଉଁ ଗୋଟିକରେ ବୈରାଗୀ ମିଶ୍ରଙ୍କର ନିଷ୍ଠା, ସାହସ ଏବଂ ଅବଦାନ ଏ ସମାଜ କଦାପି ଭୁଲି ପାରିବ ନାହିଁ ।

ସେତେବେଳେ ବାଲ୍ୟବିବାହ ପ୍ରଚଳିତ ଥିଲା । ବହୁ ସମ୍ପ୍ରଦାୟରେ; ବିଶେଷତଃ ବ୍ରାହ୍ମଣ ସମାଜରେ । ଯୌତୁକ, ଗହଣା ଏବଂ ସମାବେଶର ଆଡ଼ମ୍ବର ପୁଞ୍ଜୀଭୂତ କଳଙ୍କରେ ପରିଣତ ହୋଇ-ଥିଲା । ପରଦା, ଓଢ଼ଣା ଏବଂ ନିରକ୍ଷରତା ଆହୁରି ପରିବ୍ୟାପ୍ତ । ଏ ସମସ୍ତ ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ୧୯୩୦ ମସିହାରେ ବୈରାଗୀ ମିଶ୍ରେ ଏକ ନାରୀମଙ୍ଗଳ ସମିତି ଗଢ଼ିଲେ । ସ୍ଥାନ—ତାଙ୍କର ଘର । ସେକ୍ରେଟେରୀ ଏବଂ ପରିଚାଳକ—ସେ ନିଜେ ।

୧୯୩୦ ମସିହାରେ ହରବିଲାସ ଶାରଦା ଆଣିଥିବା ଏକ ବେସରକାରୀ ପ୍ରସ୍ତାବ କେନ୍ଦ୍ର ବିଧାନ ସଭାରେ ଗୃହୀତ ହେଲା । ଚଉଦ ବର୍ଷରୁ ଅଳ୍ପ ବୟସର କନ୍ୟାଙ୍କୁ ବିବାହ ଦିଆଯାଇ ପାରିବ ନାହିଁ । ବାଲ୍ୟବିବାହ କରୁ ଗଲା । କନ୍ୟା ଏବଂ ବରର ପିତାଙ୍କୁ, ପୁରୋହିତଙ୍କୁ, ବିବାହରେ ଜଡ଼ିତ ଅନ୍ୟମାନଙ୍କୁ ଦଣ୍ଡବିଧାନ କରିବା ଲାଗି ବ୍ୟବସ୍ଥା ହେଲା । ନଅ ବର୍ଷରୁ ଅଳ୍ପ ବୟସର କନ୍ୟାଦାନ କଲେ ସୁକୃତ ହୁଏ । ନଅ ବର୍ଷରୁ ଅଧିକ ବୟସ ପର୍ଯ୍ୟନ୍ତ କନ୍ୟା ଅବିବାହିତ ରହିଲେ, ପିତୃ ପୁରୁଷମାନେ ନରକଗାମୀ ହେବେ । କି ମହାପାପ ! ବାଲ୍ୟ ବିବାହ ବନ୍ଦ ହେଲା ନାହିଁ । ଗୋପନରେ, ପ୍ରକାଶ୍ୟରେ ମଧ୍ୟ ବାଲ୍ୟ

Digitized by srujanika@gmail.com

ବିବାହ ଚାଲିଲା । ବନ୍ଦ ହେଲା ନାହିଁ । କେହି ଏ ବିବାହରେ ମକଦ୍ଦମା କରିବାକୁ ବା ସାକ୍ଷ୍ୟ ଦେବାକୁ ବାହାରିଲେ ନାହିଁ । ବୈରାଗୀ ମିଶ୍ରେ ସାହସରେ ବାହାରି ପଡ଼ିଲେ । ଗୋଟିକ ପରେ ଗୋଟିଏ ଲେଖାଏଁ ମକଦ୍ଦମା କଚେରୀରେ ଆଣି ଥୋଇଲେ । ସବୁଥିରେ ବରକର୍ତ୍ତା ଏବଂ କନ୍ୟାପିତାଙ୍କ ଉପରେ ଜୋରିମାନା ଦଣ୍ଡ ମିଳିଲା । ଅନ୍ଧବିଶ୍ୱାସୀ ଲୋକେ ବାଲ୍ୟବିବାହ ଲାଗି ବୈରାଗୀ ମିଶ୍ରଙ୍କର ଅନୁମତି ଭିକ୍ଷା କଲେ । ଉତ୍କୋଚ ଯାଚିଲେ । ଅନୁନୟ ବିନୟ କଲେ । ହତାଶ ହେଲେ । ବୈରାଗୀ ମିଶ୍ରଙ୍କୁ ମାଡ଼ ମାରିବା ପାଇଁ, ତାଙ୍କ ଉପରେ ଅତ୍ୟାଚାର କରିବା ପାଇଁ ଧମକ ଦେଲେ । କିଛି ଦିନ ସେ ରାତିରେ ବସାରୁ ବାହାରି ପାରିଲେ ନାହିଁ । ମାତ୍ର ସେ କ'ଣ ଟଳିବାର ଲୋକ ? କ୍ରମେ ସହରରୁ ବାଲ୍ୟବିବାହ ବନ୍ଦ ହୋଇ ଆସିଲା ।

କେତେକ ବାଲ୍ୟ ବିବାହିତା କନ୍ୟା ଦ୍ୱିରାଗମନ ପୂର୍ବରୁ ବରର ତିରୋଧାନରେ ବିଧବା ହୋଇଥିଲେ ଏବଂ ହେଉଥିଲେ । ସମାଜର ବ୍ୟବସ୍ଥାଦାତାମାନେ ଏମାନଙ୍କ ଲାଗି ସାରା ଜୀବନ ବୈଧବ୍ୟ ଦଣ୍ଡର ବ୍ୟବସ୍ଥା କରୁଥିଲେ । ତାହା ଫଳରେ ବଙ୍ଗଦେଶରେ ଯେଉଁ ବ୍ୟଭିଚାର ପ୍ରବେଶ କରିଥିଲା, ଶରତଚନ୍ଦ୍ରଙ୍କର ଅନେକ ଉପନ୍ୟାସରେ ସେ କରୁଣ ଏବଂ ବୀଭତ୍ସ କାହାଣୀ ଚିତ୍ରିତ ହୋଇଛି । ବୈରାଗୀ ମିଶ୍ରେ ଏହି ବାଲ୍ୟ ବିଧବାଙ୍କର ବିବାହ ପାଇଁ ବଦ୍ଧପରିକର ହେଲେ । ବର ଶବ୍ଦର ଅର୍ଥ ଶ୍ରେଷ୍ଠ, ଯାହାକୁ ବରଣ କରାଯାଏ । ବେଦୀ ଉପରେ ମନ୍ତ୍ରରେ ବୋଲା ଯାଏ, "ଆବୟୋଃ ବରକନ୍ୟୟୋଃ" । ସେ ଦିନ ବିବାହ କର୍ମ ଆରମ୍ଭ ହୁଏ । ରହେ ଦ୍ୱିରାଗମନ ପର୍ଯ୍ୟନ୍ତ । ଦ୍ୱିରାଗମନ ପରେ "ବର" ହୁଏ "ଧବ", ଅର୍ଥାତ୍ ସ୍ୱାମୀ । ବାଲ୍ୟବିଧବା ବାସ୍ତବରେ ଧବ ପାଇ ନାହିଁ, ପାଇଥିଲା ବର । ତେଣୁ ହୋଇଛି "ବିବର୍ା" । ବୈରାଗୀ ମିଶ୍ରେ ଶାସ୍ତ୍ରରୁ ମତିସୂତ୍ର ବାହାର କଲେ । ଏମାନଙ୍କୁ ପୁଣି ବିବାହ ଦେବା ଶାସ୍ତ୍ରାନୁ-ମୋଦିତ । ବୈରାଗୀ ମିଶ୍ରେ ଏ ପଦ୍ଧତି ପରିବେଷଣ କଲେ ।

ବିବର୍ା କନ୍ୟାମାନଙ୍କର ବିବାହ ପାଇଁ ବୈରାଗୀ ମିଶ୍ରେ ଅଦମ୍ୟ ଅଭିଯାନରେ ଲାଗି ପଡ଼ିଲେ । ଶୁଣିଲେ ନାନା ନିନ୍ଦା, ଅପବାଦ, କଟୂକ୍ତି

Digitized by srujanika@gmail.com

ଏବଂ ଭର୍ତ୍ସନା । ମିଶ୍ରେ ଖୋଜି ବୁଲିଲେ । କେଉଁଠାରେ କିଏ ଅଛି ଅଭାଗୀ ବିଧବା କନ୍ୟା । ସେମାନଙ୍କୁ ଆଣି ରଖିଲେ ନାରୀମଙ୍ଗଳ କେନ୍ଦ୍ରରେ, ଅର୍ଥାତ୍ ଆପଣା ଘରେ । ବରପାତ୍ର ଖୋଜି ଗୋଟିକ ପରେ ଗୋଟିଏ ବିବାହ ଦେଲେ ଏହି ନାରୀମଙ୍ଗଳ କେନ୍ଦ୍ରରେ । ଭର୍ତ୍ସନା ବଢ଼ିଲା । ନାରୀମଙ୍ଗଳ ସମିତିର କୃତ୍ୟ ପ୍ରସାରିତ ହେବାରେ ଲାଗିଲା ।

କେତୋଟି ଦୃଷ୍ଟାନ୍ତ ଉଲ୍ଲେଖଯୋଗ୍ୟ । ଗୋଟିଏ ଗ୍ରାମର ଗୋଟିଏ ବିଧବା କନ୍ୟାର ମାଆ ବୈରାଗୀ ମିଶ୍ରଙ୍କୁ ସମ୍ବାଦ ଦେଲେ । ବୈରାଗୀ ମିଶ୍ରେ ପହଞ୍ଚିଲେ । ମାଆ ତାଙ୍କୁ ଘରକୁ ନେବାକୁ ଭୟ କଲେ । ସେ ଅନ୍ୟ ଜଣଙ୍କ ଘରେ ରହିଲେ । ଝିଅର ମାଆ ସେଠାକୁ ଆସିଲେ । ଝିଅର ବିବାହ ପାଇଁ ଅନୁରୋଧ କଲେ । ବୈରାଗୀ ମିଶ୍ରେ ପଚାରିଲେ—ଏଥିରେ ଝିଅ ବାପାଙ୍କର ମତ ଅଛି ତ ? ମାଆ କହିଲେ—ନା, ସେ ଏହାର ବିରୋଧୀ । ସେଥିପାଇଁ ମୁଁ ଆପଣଙ୍କୁ ଆମ ଘରକୁ ନେଇ ନାହିଁ । ମୁଁ ମାଆ, ଝିଅର ବୈଧବ୍ୟବେଦନା ମୁଁ ଅନୁଭବ କରୁଛି । ପୁରୁଷ ଲୋକେ ସେ କଥା ବୁଝିବେ କିପରି ? ବୈରାଗୀ ମିଶ୍ରଙ୍କ ପ୍ରାଣରେ ଖେଳିଗଲା ଅସୀମ ପ୍ରେରଣା; ମାଆର ବ୍ୟଥା ପ୍ରତି ଅପୂର୍ବ ସମ୍ମାନ ।

କଟକ ସହର ଭିତରେ ଗୋଟିଏ ପୁରାତନ ପ୍ରତିଷ୍ଠିତ ହାଇସ୍କୁଲ । ସେଥିରେ ଜଣେ ସଂସ୍କୃତ ଶିକ୍ଷକ । ଏ ଲେଖକ ସେ ପଣ୍ଡିତଙ୍କ ସହିତ ପରିଚିତ । ପଣ୍ଡିତେ ଅତିମାତ୍ରାରେ ରକ୍ଷଣଶୀଳ । ସେ ନିରନ୍ତର, ଯତ୍ରତତ୍ର ବୈରାଗୀ ମିଶ୍ରଙ୍କର କୁତ୍ସାରଟନା କରନ୍ତି । ଏହାଙ୍କ ଯୋଗୁଁ ଧର୍ମ ନଷ୍ଟ ହୋଇଗଲା ବୋଲି ଗାଳିବର୍ଷଣ କରନ୍ତି । ଦୁର୍ଭାଗ୍ୟ-ବଶତଃ ତାଙ୍କର ଗୋଟିଏ ବାଲ୍ୟବିବାହିତା କନ୍ୟା ବିଧବା ହୋଇଗଲା । ଏ ଦୁଃସମ୍ବାଦ ପଣ୍ଡିତେ ବୈରାଗୀ ମିଶ୍ରଙ୍କ ପାଖକୁ ପଠାଇଲେ । ପ୍ରତିକାର ଲୋଡ଼ିଲେ । ବୈରାଗୀ ମିଶ୍ରେ ଉତ୍ତର ଦେଲେ । ଗୋଟିଏ ନିର୍ଦ୍ଦିଷ୍ଟ ଦିନ ପଣ୍ଡିତେ ସନ୍ଧ୍ୟାବେଳେ ଘରୁ ଅନୁପସ୍ଥିତ ରହିବେ । ବୈରାଗୀ ମିଶ୍ରେ ତାଙ୍କ ଘରୁ କନ୍ୟାଟିକୁ ନେଇ ଆସିବେ । ପଣ୍ଡିତେ ସାଇପଡ଼ିଶାରେ କହିବେ—ତାଙ୍କ ଝିଅ ସ୍ୱଇଚ୍ଛାରେ ଚାଲିଗଲା । ଝିଅ

Digitized by srujanika@gmail.com

ସେତେବେଳକୁ ଯୁବତୀ ହୋଇଥିଲା । ବୈରାଗୀ ମିଶ୍ର ତାଙ୍କୁ ନିଜ ଘରକୁ ନେଇ ଆସିଲେ । ଗୁରି ମାସ ପରେ ନିଜ ପୁଅ ସଙ୍ଗେ ବିବାହ କରିଦେଲେ । ଏଭଳି ଆଦର୍ଶ କେହି କେବେ କେଉଁଠାରେ ଦେଖାଇ ପାରିଛି କି ?

ବୈରାଗୀ ମିଶ୍ରଙ୍କର ଅନ୍ତରରେ ଥିଲା ସାମାଜିକ ବ୍ୟଥାର ଦହନ । ତାଙ୍କର ଜନ୍ମ ଏଇ ଓଡ଼ିଶା ଭୂଇଁରେ । କଟକ ସହର ତାଙ୍କର କର୍ମଭୂମି ।

ବୈରାଗୀ ମିଶ୍ରଙ୍କର ଦୁଇଟିଯାକ ପୁଅ ବିଧବା ବିବାହ କରିଛନ୍ତି । ଖାଲି ସଂସ୍କାର ପାଇଁ ସେ ସଂସ୍କାର କରି ନ ଥିଲେ । ସମାଜର ଦୁର୍ଗତି ତାଙ୍କୁ ବାଧିଥିଲା । ସଂସ୍କାର ଧର୍ମରେ ସେ ଦୀକ୍ଷିତ ହୋଇଥିଲେ । ଆପଣାକୁ ସେଥିରେ ଉତ୍ସର୍ଗ କରିଥିଲେ । କାହାରି ତାଡ଼ନାକୁ ଖାତିର କରି ନ ଥିଲେ । ଏବେ ମଧ୍ୟ ସମାଜରୁ ଅନ୍ଧବିଶ୍ୱାସ ଯାଇ ନାହିଁ । ଏବେ ମଧ୍ୟ ଅନ୍ଧାନୁସରଣର ଅବସାନ ହୋଇ ନାହିଁ । ମାତ୍ର ବୈରାଗୀ ମିଶ୍ରଙ୍କର ଅଭିଯାନ ସଫଳ ହୋଇଛି । ସେ ବହୁ ହତଭାଗିନୀଙ୍କ ଆଖିରୁ ଲୁହ ପୋଛିଛନ୍ତି । ପୁରୁଷର ପାଶବିକ ନିଷ୍ଠୁରତା ହ୍ରାସ ପାଇଛି । ସେ ବହୁ କନ୍ୟାଦାନର ସୁକୃତି ଅର୍ଜନ କରିଛନ୍ତି । ଅଭୂତପୂର୍ବ ତାଙ୍କର ମହନୀୟ ଅବଦାନ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବଙ୍ଗଦେଶରେ ବିଧବା ବିବାହ ପ୍ରଚଳନ କରି କୀର୍ତ୍ତି ଅର୍ଜନ କଲେ । ବୈରାଗୀ ମିଶ୍ର ତାହାଠାରୁ ଅଧିକ ଅସାଧ୍ୟ ସାଧନ କରି ନିକ୍ଷିପ୍ତ ହୋଇଗଲେ ବିସ୍ମୃତିର ଗର୍ଭରେ !

●

Digitized by srujanika@gmail.com

ଅଶନ ସଂକେତ

୧୯୭୫ ମସିହା

ସାରା ଓଡ଼ିଶାରେ ପଡ଼ୁଛି ବିପତ୍ତି । ଉତ୍କଟ ଖାଦ୍ୟାଭାବ । ବ୍ୟାପକ ମରୁଡ଼ି ଫଳରେ ଅବସ୍ଥା ସାଂଘାତିକ ହୋଇ ପଡ଼ୁଛି । ତେର ଗୋଟି ଜିଲ୍ଲାରୁ ନଅଟି ଜିଲ୍ଲାରେ ଲୋକେ ହାହାକାର କଲେଣି । ସରକାରୀ ହିସାବରେ ରାଜ୍ୟର ୯୦ ଲକ୍ଷ ଲୋକ ଘୋର ମରୁଡ଼ିରେ ବିପନ୍ନ । ଅର୍ଥାତ୍ ରାଜ୍ୟର ଅନ୍ତତଃ ଶତକଡ଼ା ୪୦ ଭାଗ ଲୋକ ଅନ୍ନ-କଷ୍ଟରେ ବା ଅନାହାରରେ ପ୍ରପୀଡ଼ିତ ।

ଓଡ଼ିଶାର ସମ୍ବାଦପତ୍ରମାନଙ୍କରେ ଏ ମରୁଡ଼ି, ଦୁର୍ଭିକ୍ଷ, ଅନାହାର ସମ୍ବାଦ ପ୍ରକାଶ ପାଉଛି । କରୁଣ ଫଟୋଚିତ୍ର ମଧ୍ୟ ପ୍ରକାଶିତ ହେଉଛି । ମାତ୍ର ଭାରତବର୍ଷର ଅନ୍ୟ ସ୍ଥାନରେ ଓଡ଼ିଶାର ଏ ଚିତ୍ର ପ୍ରଚାରିତ ହେଉ ନାହିଁ । ଓଡ଼ିଶାର ଅବସ୍ଥା ଓଡ଼ିଶା ବାହାରେ ଲୋକଙ୍କ ପାଖରେ ପ୍ରବେଶ କରୁ ନାହିଁ । ଆମର ବେଦନା ଆମରି ଘର ଭିତରେ ଆବଦ୍ଧ । ଅନ୍ୟ ରାଜ୍ୟର ଅନାଟନ ବିସ୍ତୃତ ଆକାରରେ ସାରା ଭାରତରେ ପ୍ରସାରିତ ହେଉଛି ।

ଭାରତର ବହୁ ରାଜ୍ୟରେ ଖାଦ୍ୟାଭାବ । ଗୁଜରାଟରେ ଅବସ୍ଥା ସାଂଘାତିକ । ଯେଉଁ ମାନ୍ଦ୍ରାଜ ସହରରେ ବହୁ କାଳ ଧରି ଚାଉଳ କଲେ ଏକ ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଥିଲା, ସେଇ ତାମିଲ-ନାଡ଼ୁରେ ଏବେ ପଡ଼ୁଛି ଘୋର ଅନାଟନ । କେରଳ ଏବଂ କର୍ଣ୍ଣାଟକରେ ମଧ୍ୟ ଅନୁରୂପ ଅବସ୍ଥା । ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ବହୁ ଅଞ୍ଚଳରେ ଦୁର୍ଭିକ୍ଷ । ବଙ୍ଗ, ବିହାର, ରାଜସ୍ଥାନ, ଉତ୍ତରପ୍ରଦେଶ—ସମସ୍ତେ ଚିତ୍କାର କରୁଛନ୍ତି, ଆମକୁ ଖାଦ୍ୟ ଯୋଗାଅ । ମାତ୍ର ଅଳ୍ପଦିନ ତଳେ ନୂଆ ରାଜ୍ୟ ରୂପେ ମିଶିଥିବା ସିକିମ ମଧ୍ୟ ମାଗିଲାଣି ଖାଦ୍ୟ ସାହାଯ୍ୟ । ସର୍ବେ ହୋଇଣ ଏକ ମୁଖ । ଡାକନ୍ତି ଆହେ କେନ୍ଦ୍ର, ରଖ ।

ଲୋକସଭାର ଗତ ବଜେଟ୍ ଅଧିବେଶନରେ ଖାଦ୍ୟ ବିଭାଗ

Digitized by srujanika@gmail.com

ଆଲୋଚନାବେଳେ, ସବୁଆଡ଼ୁ ଅଭିଯୋଗ ଆସିଲା—ଖାଦ୍ୟାଭାବ । ଖାଦ୍ୟ ମନ୍ତ୍ରୀ ଉତ୍ତରରେ କହିଲେ,—ଅନାଟନ ନାହିଁ; ଆତଙ୍କର କାରଣ ନାହିଁ; ଦେଶରେ ଯଥେଷ୍ଟ ଖାଦ୍ୟଦ୍ରବ୍ୟ ରହିଛି । ସଦନରେ ପ୍ରତିବାଦ ହେଲା—ଚାଉଳ ଅତି ଦୁଷ୍ପ୍ରାପ୍ୟ । ମନ୍ତ୍ରୀ ଉତ୍ତର ଦେଲେ—ମୁଁ ଖାଦ୍ୟ ମନ୍ତ୍ରୀ; ଚାଉଳ ମନ୍ତ୍ରୀ ନୁହେଁ । ଉତ୍ତରରେ ଥିଲା ସଙ୍ଗତି । ସବୁ ପ୍ରକାର ଖାଦ୍ୟଶସ୍ୟର ଉତ୍ପାଦନ ଦେଖି ଖାଦ୍ୟ ସମସ୍ୟା ବିଚାର କରିବାକୁ ହେବ । କୌଣସି ଅଞ୍ଚଳରେ ଖାଲି ଚାଉଳର ଅଭାବ ହୋଇଗଲେ ଦୁର୍ଭିକ୍ଷ ପଡ଼ିଯିବ କାହିଁକି ?

ଗତ ବର୍ଷ ଅନାବୃଷ୍ଟି ଯୋଗୁ ବହୁ ରାଜ୍ୟରେ ଖରିଫ ଫସଲ ନଷ୍ଟ ହୋଇଥିଲା । ସରକାରୀ ତଥ୍ୟ ଅନୁସାରେ, ଏ ବର୍ଷ ରବି ଫସଲ ସେ ନିଅଣ୍ଟ ପୂରଣ କରି ଦେଇଛି । ଏ ବର୍ଷ ବଜେଟ ପୂର୍ବରୁ ଯେଉଁ ଅର୍ଥନୈତିକ ସର୍ବେକ୍ଷଣ ପ୍ରକାଶିତ ହୋଇଥିଲା, ସେଥିରେ ଥିଲା, ୧୯୭୪-୭୫ ମସିହାରେ ଖରିଫ ଏବଂ ରବି ଫସଲ ମିଶି ଖାଦ୍ୟଶସ୍ୟର ଉତ୍ପାଦନ ହୋଇଛି ୧୦୪ ନିୟୁତ ଟନ । ତିନି ବର୍ଷ ତଳେ, ଅର୍ଥାତ୍ ୧୯୬୯-୭୦ ପର୍ଯ୍ୟନ୍ତ ଖାଦ୍ୟଶସ୍ୟର ଉତ୍ପାଦନ ୧୦୦ ନିୟୁତ ଟନରେ ପହଞ୍ଚି ନ ଥିଲା । ଖାଦ୍ୟ ଉତ୍ପାଦନରେ ଆମେ ସ୍ୱଚ୍ଛଳ ଅବସ୍ଥାରେ ପହଞ୍ଚି ପାରିଛୁ । ବକ୍ତୃତାରେ ବାହୁଲ୍ୟ ଆମର ବିଶେଷତ୍ୱ । ଖାଦ୍ୟ କର୍ପୋରେସନ ଅଧ୍ୟକ୍ଷ ବିବୃତି ଦେଲେ—ଜୁନ୍ ମାସଠାରୁ ଆମେ ବିଦେଶକୁ ଗହମ ରପ୍ତାନି କରିବୁ । ହେଲା ନାହିଁ । ଗତ ବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି ୧୦୪ ନିୟୁତ ଟନ୍ । ତା'ପୂର୍ବ ବର୍ଷ ମଧ୍ୟ ଏହି ପରିମାଣର ଉତ୍ପାଦନ ହୋଇଥିଲା । ତଥାପି ଏ ବର୍ଷ ୫ ନିୟୁତ ଟନ୍ ଚାଉଳ ଆମଦାନୀ କରାଯାଉଛି । ଏ ହିସାବ ଫର୍ଦ୍ଦରୁ ଦେଖାଯିବ ଯେ ଉଦ୍‌ବେଗର କୌଣସି କାରଣ ନାହିଁ । ଏବର୍ଷ ଖାଦ୍ୟଶସ୍ୟର ଅନାଟନ ଘଟିବ ନାହିଁ ।

ସରକାରୀ ହିସାବରୁ ଦେଖାଯାଉଛି, ଦେଶରେ ଖାଦ୍ୟଶସ୍ୟର ଅନାଟନ ନାହିଁ । ବାସ୍ତବରେ ଦେଖାଯାଉଛି, ବହୁ ରାଜ୍ୟରେ ଉତ୍କଟ ଅନାଟନ । ହିସାବ ଫର୍ଦ୍ଦ ଏବଂ ବାସ୍ତବତାର ମଧ୍ୟରେ ଏ ତାରତମ୍ୟ

Digitized by srujanika@gmail.com

କାହିଁକି ? ପଞ୍ଜାବ ଏବଂ ହରିଆନାରେ ଅଛି ଉଦ୍‌ବୃତ୍ତ ଖାଦ୍ୟଶସ୍ୟ । ବହୁ ପରିମାଣରେ ଅଛି । ଆନ୍ଧ୍ରପ୍ରଦେଶରେ ଅଛି ବାହାରେ ବିକବା ପାଇଁ ପ୍ରଚୁର ଧାନ ଚାଉଳ । ଆଜି ପ୍ରାୟ ସବୁ ରାଜ୍ୟରେ ଅନାଟନ । ଖାଲି ଓଡ଼ିଶାରେ ନୁହେଁ, ଭାରତର ବହୁ ଅଞ୍ଚଳର ଲୋକେ ଖାଦ୍ୟାଭାବରୁ କଙ୍କାଳସାର ହେଲେଣି, ଅଖାଦ୍ୟ ଖାଇଲେଣି, ଇହଲୀଳା ସାଙ୍ଗ କଲେଣି ।

କୌଣସି ଅଞ୍ଚଳରେ ଖାଦ୍ୟ ଅଭାବ ହେଲେ ବିରୋଧୀ ଦଳରୁ ପ୍ରଶ୍ନ କରାଯାଏ—ସରକାର ଜାଣନ୍ତି କି ଅମୁକ ସ୍ଥାନରେ ଦୁଇଜଣ ଅନାହାରରେ ପ୍ରାଣତ୍ୟାଗ କରିଛନ୍ତି । ସରକାର ବହୁ ଅର୍ଥବ୍ୟୟ କରି, ତଥ୍ୟ ସଂଗ୍ରହ କରି, ଉତ୍ତର ଦିଅନ୍ତି—ସେ ମୃତ୍ୟୁ ହୋଇଛି ନାଳରକ୍ତ ଝାଡ଼ାରେ । ଏ ଗୋଟାଏ ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ମାମୁଲି ପ୍ରଥା; ଏକ ପ୍ରକାର କର୍ମକାଣ୍ଡ । ଏଭଳି ପ୍ରଶ୍ନର ଉତ୍ତର ହୁଅନ୍ତା—ଯେବେ ମାତ୍ର ଦୁଇଜଣ ଲୋକ ଅନାହାର ଯୋଗୁ ମୃତ୍ୟୁମୁଖରେ ପଡ଼ିଛନ୍ତି, ତେବେ ଏ ଦେଶ ସ୍ୱର୍ଗରେ ପରିଣତ ହୋଇଯାଇଛି । ଏ ଦେଶରେ ଯେତେ ପ୍ରାଣହାନି ଘଟେ, ସେଥିରୁ ବହୁଭାଗ ହୁଏ କ୍ରମାଗତ ଖାଦ୍ୟାଭାବରୁ । ଯେତେ ବ୍ୟାଧି ପ୍ରସରେ, ସେଥିରୁ ବହୁଭାଗ ଉପୁଜେ ଖାଦ୍ୟାଭାବରୁ, ଅଖାଦ୍ୟ ଭକ୍ଷଣରୁ ।

ଓଡ଼ିଶା ରାଜ୍ୟରେ ଏ ବର୍ଷ ଉତ୍କଟ ଖାଦ୍ୟାଭାବ ଘଟିଛି କାହିଁକି ? ଅର୍ଥନୈତିକ ସର୍ବେକ୍ଷଣରୁ ପ୍ରକାଶ ଯେ ଚତୁର୍ଥ ଯୋଜନାର ଶେଷବର୍ଷ, ଅର୍ଥାତ୍ ୧୯୭୩-୭୪ ମସିହାରେ ଓଡ଼ିଶାରେ ୫୩ ଲକ୍ଷ ଟନ ଖାଦ୍ୟଶସ୍ୟ ଉତ୍ପନ୍ନ ହୋଇଥିଲା । ତାହାର ପୂର୍ବ କୋଡ଼ିଏବର୍ଷ ମଧ୍ୟରେ ଏତେ ପରିମାଣରେ ଉତ୍ପାଦନ କୌଣସି ବର୍ଷ ହୋଇ ନ ଥିଲା । ଏଥିରେ ଆନନ୍ଦିତ ହେବାର କଥା । ମାତ୍ର ଏତେ ଉତ୍ପାଦନ ହୋଇ ମଧ୍ୟ ସରକାର ଆଶାନୁରୂପ ଧାନଚାଉଳ ସଂଗ୍ରହ କରିପାରିଲେ ନାହିଁ । ପଶ୍ଚିମବଙ୍ଗ ଏବଂ ବିହାରରେ ଚାଉଳର ମୂଲ୍ୟ ଅତ୍ୟଧିକ । ତେଣୁ ଚୋରାଣରେ ସେଠାକୁ ଓଡ଼ିଶାରୁ ବହୁ ପରିମାଣର ଚାଉଳ ବାହାରିଗଲା । ଏ ବର୍ଷ ବ୍ୟାପକ ମରୁଡ଼ି ଯୋଗୁ ଖରିଫ ଫସଲ ବହୁ ଅଞ୍ଚଳରେ

Digitized by srujanika@gmail.com

କ୍ଷତଗ୍ରସ୍ତ ହୋଇଛୁ । ବଢ଼ି, ମରୁଡ଼ି ଆମର ସହଚର । ଯୋଜନାର ରଜତ ଜୟନ୍ତୀ ହେବାକୁ ବସିଲାଣି । ତଥାପି ଅନାବୃଷ୍ଟି ହେଲେ ଯଜ୍ଞ କରାଯାଏ; ଅଷ୍ଟପ୍ରହରୀ କୀର୍ତ୍ତନ ହୁଏ; ଭୋଳାନାଥ ମହାଦେବଙ୍କୁ ଜଳଶାୟୀ କରିବାକୁ ହୁଏ । ଗତ ଖରିଫ ଋତୁରେ ଦଶ ବାର ଲକ୍ଷ ଟନ ଶସ୍ୟହାନି ହୋଇଥିବା ଅନୁମାନ କରାଯାଏ । କେନାଲ ପାଣି ମିଳୁଥିବା ଅଞ୍ଚଳରେ କେତେ ରବିଫସଲ ହୋଇଛି । ଖରିଫ ଶସ୍ୟହାନି କେତେ ମାତ୍ରାରେ ଲାଘବ ହୋଇଥିବ ।

ଭାରତର ଖାଦ୍ୟଶସ୍ୟ ମାନଚିତ୍ରରେ ଓଡ଼ିଶା ବଳକା ରାଜ୍ୟ ରୂପେ ବିଦିତ । ସମସ୍ତଙ୍କୁ ପେଟ ପୂରାଇ ଖାଇବାକୁ ଦେଲେ, ବଳକା ତ ଦୂରର କଥା, ବହୁ ଲୋକଙ୍କୁ ପଇଡ଼ ଦେବାକୁ ହେବ । ମାତ୍ର ବାହାରୁ ବିଭିନ୍ନ ଜିନିଷ ଆଣିବା ପାଇଁ ଆମକୁ ତା’ର ମୂଲ୍ୟ ଦେବାକୁ ହେବ । ସେ ମୂଲ୍ୟ ଦିଆଯାଏ ଚାଉଳ ବିକ୍ରୀକରି । ପ୍ରାୟ ପାଞ୍ଚ ଛଅ ଲକ୍ଷ ଟନ ଚାଉଳ ବିଭିନ୍ନ ରାଜ୍ୟକୁ ରପ୍ତାନି କରିବାକୁ ହୁଏ । ଏ ବର୍ଷ ସେ ରପ୍ତାନି ଅବରୋଧ କରିବା ଆବଶ୍ୟକ । ଓଡ଼ିଶାର ବହୁ ଅଞ୍ଚଳରେ ଅନାହାର, ହାହାକାର, ଦୁର୍ଭିକ୍ଷର ପଦଧ୍ୱନି ଶୁଣାଯାଉଛି; ପ୍ରଚାରିତ ହେଉଛି । ...

ମେ ମାସରେ ଏଭଳି ଅବସ୍ଥା । ମାତ୍ର ତିନି ମାସ ତଳେ ଧାନ ଅମଳ ସରିଛି । ମେ ମାସରେ ଦୁର୍ଭିକ୍ଷର ପଦଧ୍ୱନି ବହୁ ଦୂରରେ ବଙ୍ଗୋପସାଗରରେ ଅତିଶୟ ଲଘୁଚାପ ପରି ଘୂର୍ଣ୍ଣିବାତ୍ୟାର ନିଶ୍ଚିତ ସଙ୍କେତ । ଯେତେବେଳେ ଦୁର୍ଭିକ୍ଷ ଆସେ, ତା’ର ତାଣ୍ଡବ ନର୍ତ୍ତନ ହୁଏ ସେପ୍ଟେମ୍ବର ଅକ୍ଟୋବର ମାସରେ । ଅଶନିର ଗର୍ଜନ ଆସନ୍ନ ମୂଷଳ-ଧାରାର ଆଗମବାର୍ତ୍ତା । ଏଭଳି ସଂକେତ ଅତୀତରେ ବହୁବାର ଉପେକ୍ଷିତ ହୋଇଛି । ପରିଣତି ହୋଇଛି ଅତି ଭୟାବହ ।

ତିରିଶ ବର୍ଷ ତଳର ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ୧୯୪୩ ମସିହାରେ ବଙ୍ଗଦେଶରେ ପଡ଼ିଥିଲା ଭୀଷଣ ଦୁର୍ଭିକ୍ଷ । ଓଡ଼ିଶାକୁ ମଧ୍ୟ ସେ ଦୁର୍ଭିକ୍ଷ ବ୍ୟାପିଥିଲା । ଓଡ଼ିଶାର ଦୁର୍ଦ୍ଦଶା ବାହାରେ କାହାରି

Digitized by srujanika@gmail.com

ଦୃଷ୍ଟି ଆକର୍ଷଣ କଲା ନାହିଁ । ବଙ୍ଗଦେଶରେ ଏ ଦୁର୍ଭିକ୍ଷ ପରେ ସରକାର ଗୋଟିଏ କମିସନ୍ ନିଯୁକ୍ତ କଲେ । ତା'ର ଅଧ୍ୟକ୍ଷ ହେଲେ ସାର୍ ଜନ୍ ଉଡ୍‌ହେଡ଼୍ । କମିସନ୍ ରିପୋର୍ଟ ଦାଖଲ କଲେ ୧୯୪୫ ମସିହାରେ ।

କମିସନ୍ ହିସାବ କରି ଦେଖାଇଲେ ଯେ ପୂର୍ବ ପାଞ୍ଚ ବର୍ଷରେ ହାରାହାରି ମୃତ୍ୟୁସଂଖ୍ୟା ଯାହା ହୋଇଥିଲା, ଏ ଦୁର୍ଭିକ୍ଷ ବର୍ଷ ହେଲା ତାଠାରୁ ପନ୍ଦର ଲକ୍ଷ ଅଧିକ । ଅର୍ଥାତ୍ ଏ ଭୟାବହ ଦୁର୍ଭିକ୍ଷ ଯୋଗୁଁ ବଙ୍ଗଦେଶରେ ଅନାହାରରେ, ଅଭକ୍ଷ ଭକ୍ଷଣରେ ଏବଂ ତହିଁରୁ ଉଦ୍ଭୂତ ରୋଗବ୍ୟାଧିରେ ପନ୍ଦର ଲକ୍ଷ ଲୋକ ପ୍ରାଣ ହରାଇଲେ ଏବଂ ଏ ପନ୍ଦର ଲକ୍ଷ ମଧ୍ୟରୁ ଅଧିକାଂଶ ମୃତ୍ୟୁ ଘଟିଛି ବର୍ଷର ଶେଷଭାଗରେ, ଅଗଷ୍ଟ ମାସ ପରେ ।

ମେ ମାସରୁ କେତେକ ଜିଲ୍ଲାର କଲେକ୍ଟର ଖାଦ୍ୟାଭାବ ବିଷୟ ସରକାରଙ୍କୁ ରିପୋର୍ଟ କଲେ । ଜୁନ ଜୁଲାଇ ମାସରେ ଅଧିକ ରିପୋର୍ଟ ପଠାଗଲା । କୌଣସି ଉତ୍ତର ଆସିଲା ନାହିଁ । ଭାରତ ସରକାରଙ୍କ ସହାୟତାରେ ପ୍ରଚାର କରାଗଲା—ଦେଶରେ ଖାଦ୍ୟର ଅଭାବ ନାହିଁ । ବହୁ ବିଳମ୍ବରେ ସେପ୍‌ଟେମ୍ବର ମାସ ଶେଷବେଳକୁ ଜଣେ ରିଲିଫ୍ କମିଶନର୍ ନିଯୁକ୍ତ ହେଲେ । କାମ ଅତି ମନ୍ଥର । ରୋଗବ୍ୟାଧିର ନିବାରଣ ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ । ଅନାଟନ ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ପହଞ୍ଚିଲା ନାହିଁ । ଅକ୍‌ଟୋବର ଶେଷ ବେଳକୁ ବଡ଼ଲାଟ୍ ଲର୍ଡ଼ ଓ୍ୱେଭେଲ ଅବସ୍ଥା ଦେଖିବାକୁ ଆସିଲେ । ତା'ପରେ ଅଣାଗଲେ ସୈନ୍ୟବାହିନୀ, ରିଲିଫ୍ କାମ ପାଇଁ । ଅବସ୍ଥା ଆୟତ୍ତ ହେଲା । ସେତେବେଳକୁ ଡ଼ିସେମ୍ବର ମାସ । ତଥାପି ରୋଗବ୍ୟାଧି ନିବାରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିଲା । ମହାମାରୀ ମୃତ୍ୟୁ ବହୁ ଦିନ ଯାଏ ଲାଗିଲା ।

ମାତ୍ର ତିରିଶ ବର୍ଷ ତଳର ଏ ପ୍ରଶାସନିକ ବ୍ୟବସ୍ଥା । ଏ ପ୍ରାଣହାନି ପ୍ରକ୍ରିୟାର କ'ଣ ଅବସାନ ହେଲାଣି ?

ଉଡ୍‌ହେଡ଼୍ କମିସନ ସରକାରୀ ଅବହେଳା ସମ୍ବନ୍ଧରେ ବିଶେଷ ଆଲୋଚନା କରିଛନ୍ତି । ସେ ସବୁ ଏବେ ମଧ୍ୟ ପ୍ରଣିଧାନଯୋଗ୍ୟ ।

Digitized by srujanika@gmail.com

ସେତେବେଳେ ୧୯୩୫ ମସିହା ଶାସନ ବିଧାନ ଅନୁଯାୟୀ ବଙ୍ଗଦେଶରେ ରାଜ୍ୟପାଳ ଥାନ୍ତି; ମନ୍ତ୍ରିମଣ୍ଡଳ ଥାଏ; ବିଧାନ ସଭା ଥାଏ। ରାଜ୍ୟପାଳଙ୍କର ବହୁ କ୍ଷମତା । ଇଂରେଜ ରାଜ୍ୟପାଳ । ତାଙ୍କ ସହିତ ମନ୍ତ୍ରିମଣ୍ଡଳର ନାନା ମତଭେଦ। ମନ୍ତ୍ରିମଣ୍ଡଳ ସହିତ ବିଭିନ୍ନ ବିରୋଧୀ ଦଳ ସଭ୍ୟ-ମାନଙ୍କର ତିକ୍ତ ସମ୍ପର୍କ; ଉତ୍କଟ ମନାନ୍ତର । ଲୋକଙ୍କ ଦୁର୍ଦ୍ଦଶାରୁ ଫାଇଦା ଉଠାଇବା ପାଇଁ ନାନା କୌଶଳ । ପ୍ରଶାସନିକ ସଂସ୍ଥା ଏବଂ ଲୋକସାଧାରଣଙ୍କ ମଧ୍ୟରେ ଅତି କ୍ଷୀଣ ସମ୍ପର୍କ। ସହଯୋଗର ଏକାନ୍ତ ଅଭାବ। ପ୍ରାଧିକାରୀମାନେ ଆପଣାର ଆଭ୍ୟନ୍ତରୀଣ ସମସ୍ୟାରେ ନିମଜ୍ଜିତ। ଛଅ ମାସ ମଧ୍ୟରେ ସିଭିଲ ସପ୍ଲାଇ ବିଭାଗର ଡିରେକ୍ଟର ତିନିଥର ପରିବର୍ତ୍ତିତ ହୋଇଛନ୍ତି। ଏ ସମସ୍ତ ଆଲୋଚନା କରି କମିସନ ମତ ଦେଲେ, ବଙ୍ଗଦେଶରେ ଏ ଅନାହାର ମୃତ୍ୟୁ ଅକ୍ଷମଣୀୟ। ଅନାୟାସରେ ନ ହେଲେ ମଧ୍ୟ ଅଳ୍ପାୟାସରେ, ଯଥାସମୟରେ ଏ ବିପତ୍ତିର ପ୍ରତିରୋଧ କରାଯାଇ ପାରିଥାନ୍ତା ।

ଏ କ'ଣ ତିରିଶ ବର୍ଷ ତଳର ବିଗତ କାହାଣୀ ? ବିସ୍ମୃତ ଇତିହାସ ? ଏହାର କ'ଣ ଅବସାନ ହେଲାଣି ? ପ୍ରବଳ ଝଡ଼ତୋଫାନ-ବେଳେ ଆକାଶରୁ ମୁଷଳଧାର ସଙ୍ଗେ ଗୋପବନ୍ଧୁ ଦାସଙ୍କ ଆଖିରୁ ବହିଥିଲା ଲୋତକ ଧାର । ଜେନାପୁର ଜଳମଗ୍ନ; ବ୍ରାହ୍ମଣୀ ନଦୀର ରେଳସେତୁ ଅଚଳ, ଲୋକଙ୍କ ଦୁର୍ଦ୍ଦିନରେ ସାଥୀ ହେବା ପାଇଁ ଡଙ୍ଗା ଖଣ୍ଡିକରେ ନଦୀପାର ହେଲାବେଳେ ଗାମୁଛା କାନରେ ଆଞ୍ଜୁଳାଏ ଚୁଡ଼ା ବାନ୍ଧି ନଦୀରେ ପକାଇ ଦେଉଥିଲେ ଦାସେ ଆପଣେ । ଲୁଣ, ଲଙ୍କା, ଭଜାଚୁଡ଼ା—ଏଇ ଥିଲା ଆହାର। ପ୍ରତ୍ୟକ୍ଷଦର୍ଶୀ ଏବେ ମଧ୍ୟ ଅଛନ୍ତି । ତଥାପି ସେ ସବୁ ବିଗତ ଇତିହାସର କାହାଣୀ । ବିସ୍ମୃତିର ଗର୍ଭରେ ଲୀନ ହୋଇଯାଇଛି ।

୧୯୪୨ ମସିହାରେ ବଙ୍ଗଦେଶରେ ବହୁସ୍ଥାନରେ ମରୁଡ଼ି ଯୋଗୁ ଖରଫ୍ ଫସଲ ନଷ୍ଟ ହୋଇ ଯାଇଥିଲା । ଭାରତର ବିଭିନ୍ନ ସ୍ଥାନରୁ ଖାଦ୍ୟଶସ୍ୟ ଆସିଲା । କିଛି ସରକାରୀ ଉଦ୍ୟମରେ। ବହୁ ମାତ୍ରାରେ ବ୍ୟବସାୟୀଙ୍କ ଦ୍ୱାରା। ଉଡ୍‌ହେଡ୍ କମିସନ ହିସାବ କରି ଦେଖାଇଛନ୍ତି

Digitized by srujanika@gmail.com

ଯେ ୧୯୪୩ ମସିହାରେ ଯେତିକି ଖାଦ୍ୟଶସ୍ୟ ଥିଲା, ସେଥିରେ ସମଗ୍ର-ବଙ୍ଗଦେଶର ଲୋକସଂଖ୍ୟା ପାଇଁ ମାତ୍ର ତିନି ସପ୍ତାହର ଖାଦ୍ୟ ନିଅଣ୍ଟ ହୁଅନ୍ତା । ଆଶ୍ଚର୍ଯ୍ୟର କଥା, ତିରିଶ ଲକ୍ଷ ଲୋକ ଅନାହାରରେ ମରିଗଲେ ।

ଖାଦ୍ୟଦ୍ରବ୍ୟ ଯାହାର ଲୋଡ଼ା, ତାଙ୍କୁ ମିଳିଲା ନାହିଁ । ଯେଉଁଠାରେ ଆବଶ୍ୟକ, ସେଠାରେ ପହଞ୍ଚିଲା ନାହିଁ । ରିଲିଫ୍ ବ୍ୟବସ୍ଥା କେବଳ ନାମକୁମାତ୍ର । ସରକାରୀ ସଂସ୍ଥା ଅଚେତନ । ନିୟନ୍ତ୍ରଣ କଳ ଉଦାସୀନ ! ବଣ୍ଟନ ମାତିହୀନ । ଦରଦାମ ଇଚ୍ଛାଧୀନ । ଏ ଦୁର୍ଦ୍ଦିନରେ ବ୍ୟବସାୟୀଙ୍କୁ ମିଳିଲା ଅପୂର୍ବସୁଯୋଗ । ଦରଦାମ ବଢ଼ି ଚାଲିଲା । ୧୯୪୨ ମସିହାରେ ଚାଉଳ ଗହମର ମୂଲ୍ୟ ଯାହା ଥିଲା, ସେସବୁ ହୋଇଗଲା ଛଅ ଗୁଣ । ଲୋକଙ୍କର ଦୁର୍ଦ୍ଦଶାକୁ ଆଧାର କରି ନିର୍ଲ୍ଲଜ୍ଜ ଭାବରେ ବ୍ୟବସାୟୀମାନେ ବିପୁଳ ଅର୍ଥ ଉପାର୍ଜନ କଲେ । ଅନାହାରରେ ଅଗଣିତ ଲୋକ ମରିପଡ଼ିଲା ବେଳେ, ଏମାନେ ଉପଭୋଗ କଲେ କଲିକତା ସହରରେ ପରିପୂର୍ଣ୍ଣ ବିଳାସ ବ୍ୟସନ । ଏଇମାନେ ମନ୍ଦିର ତୋଳନ୍ତି । ଦାନଧର୍ମ କରନ୍ତି । ପୁଣ୍ୟ ଅର୍ଜନ୍ତି । ପ୍ରତିଷ୍ଠା ଲାଭ କରନ୍ତି । ଲୋକ ମୁଖରେ ପ୍ରଶଂସିତ ହୁଅନ୍ତି; ସ୍ୱର୍ଗପ୍ରାପ୍ତି ଲାଗି ପ୍ରମାଣପତ୍ର ଆହରଣ କରନ୍ତି । ଏହାର କ'ଣ ଅବସାନ ହେଲାଣି ?

ପ୍ରାୟ ଶତାଧିକ ବର୍ଷ ତଳର କଥା । କେନ୍ଦ୍ରାପଡ଼ାରେ ରାଧାଶ୍ୟାମ ନରେନ୍ଦ୍ର ନାମରେ ଜଣେ ଜମିଦାର ଥିଲେ । ସେ ଥିଲେ ଅତି ଧାର୍ମିକ, ଦାନଶୀଳ । ଅତିଥି ସେବା ଥିଲା ତାଙ୍କର ପୁଣ୍ୟ ବ୍ରତ । ବୟସ ହେଲା । ସେ ବୃନ୍ଦାବନ ଧାମକୁ ବାହାରି ଗଲେ । ୧୮୬୬ ମସିହାରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ । ଓଡ଼ିଶାରୁ ଏ ସମ୍ବାଦ ପାଇ ସେ ବୃନ୍ଦାବନରୁ ତାଙ୍କ ପୁତ୍ରଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିଲେ । "ଲୋକେ ଅନାହାରରେ ପୋକମାଛି ପରି ମରି ପଡ଼ୁଛନ୍ତି । ଏତେବେଳେ ଯାହା ଶସ୍ତାରେ ମିଳିବ, କିଣିନେବୁ ।" ବାପଙ୍କର ଯୋଗ୍ୟପୁତ୍ର । ପିତାଙ୍କର ନିର୍ଦ୍ଦେଶ ବୁଝିଲେ । ସମସ୍ତ ଧାନ ଅମାର ଲୋକଙ୍କ ପାଇଁ ଖୋଲି ଦେଲେ । ସବୁଠାରୁ ଶସ୍ତାରେ ମିଳିଲା ପୁଣ୍ୟ । ସମସ୍ତ ଗଚ୍ଛିତ ଧାନ ବିନିମୟରେ

Digitized by srujanika@gmail.com

କିଣିନେଲେ ପ୍ରଚୁର ପରିମାଣରେ ସେଇ ଶସ୍ତା ସାମଗ୍ରୀ । ଏବେ ତାଙ୍କର ବଂଶଧରମାନେ ଅଛନ୍ତି । ଶହେ ବର୍ଷ ତଳର ଏଇ ଭୂଇଁର ଏ କାହାଣୀ । ତା'ର ଅବସାନ ହୋଇ ଯାଇଛି ।

ଉଡ୍‌ହେଡ୍ କମିଶନକୁ ନିର୍ଦ୍ଦେଶ ଦିଆଯାଇଥିଲା ବିଗ୍ଭର କରିବା ପାଇଁ, ଏ ଘୋର ବିପତ୍ତି ପାଇଁ ଦାୟୀ କିଏ ? ପ୍ରକୃତି ନାଁ ମଣିଷ । ସକଳ ପ୍ରସଙ୍ଗ ଆଲୋଚନା କରି କମିଶନ୍ ମତ ପ୍ରକାଶ କଲେ—ଏଥିପାଇଁ ଦାୟୀ ମୁଖ୍ୟତଃ ମଣିଷ । ସରକାର ନିଷ୍କ୍ରିୟ; ପ୍ରଶାସନ ଶିଥିଳ; ରାଜନୀତିକ ଦଳମାନଙ୍କ ମଧ୍ୟରେ ଉତ୍କଟ ମନାନ୍ତର; ବ୍ୟବସାୟୀ-ଗୋଷ୍ଠୀଙ୍କ ମଧ୍ୟରେ ଲୋକଙ୍କ ଦୁର୍ଦ୍ଦଶାରୁ ବିପୁଳ ଅର୍ଥ ଉପାର୍ଜନର ଉଦ୍ୟମ । ସମବେତ ପରିଣତି—ପନ୍ଦର ଲକ୍ଷ ଲୋକଙ୍କର ଜୀବନ ।

ରିପୋର୍ଟରେ ଉଲ୍ଲେଖ ଅଛି—ଖାଦ୍ୟ ଅଭାବରୁ ଯେତେ ପ୍ରାଣହାନି ଘଟିଲା, ତା'ଠାରୁ ଅଧିକ ପ୍ରାଣହାନି ହେଲା ଖାଦ୍ୟ ଦୁର୍ମୂଲ୍ୟ ହେବା ଯୋଗୁଁ । ଖୋଲା ବଜାରରେ ପ୍ରଚୁର ଚାଉଳ ଗହମ । ମାତ୍ର ଦରଦାମ ଛଅ ଗୁଣ ହୋଇ ଯାଇଛି । ଖାଦ୍ୟଦ୍ରବ୍ୟ ଆଖିରେ ଚାହିଁ ଚାହିଁ ଅନାହାରରେ ଲୋକେ ମରିଗଲେ ।

ଓଡ଼ିଶାର ଲୋକ ସଂଖ୍ୟାରୁ ଶତକଡ଼ା ତିରିଶ ଭାଗ ଭୂମିହୀନ କୃଷି ଶ୍ରମିକ । ତାଙ୍କୁ ରୋଜଗାର ମିଳିବା କଷ୍ଟକର । ସରକାରୀ ହିସାବରେ, ତିନି ଭାଗରୁ ଦୁଇଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ତଳେ । ୧୯୬୦-୬୧ ମସିହା ଦରଦାମ ଅନୁଯାୟୀ ଦାରିଦ୍ର୍ୟ ସୀମା ପାର ହେବା ପାଇଁ ଜଣ ପିଚ୍ଛା ମାସିକ ଖର୍ଚ୍ଚ ଲାଗି ଆବଶ୍ୟକ ହେଉଥିଲା କୋଡ଼ିଏ ଟଙ୍କା । ଏଥିରେ ଥିଲା ମୁଖ୍ୟତଃ ଖାଦ୍ୟଶସ୍ୟ । ସେତେବେଳର କୋଡ଼ିଏ ଟଙ୍କା ୧୯୭୫ ମସିହା ବେଳକୁ ପ୍ରାୟ ଷାଠିଏ ଟଙ୍କା ସଙ୍ଗେ ସମାନ ହେଲାଣି । ଗୋଟିଏ ପରିବାରରେହାରାହାରି ପାଞ୍ଚଜଣ ମଣିଷ । ମାସିକ ରୋଜଗାରର ପରିମାଣ ତିନିଶହ ଟଙ୍କା ହେଲେ ଦାରିଦ୍ର୍ୟ ସୀମାରେଖା ପାର ହେବା ସମ୍ଭବ ହୋଇ ପାରିବ ।

Digitized by srujanika@gmail.com

ମେ ଜୁନ ମାସରେ ଆମ ବଜାରରେ ସରକାରୀ ଗୁଡ଼ଳ କଲେ ହେଲାଣି ତିନଟଙ୍କାରୁ ସାଢ଼େ ତିନିଟଙ୍କା । ସେପ୍‌ଟେମ୍ବର ଅକ୍‌ଟୋବର ତ ଅଛି । ଯେଉଁମାନେ ଦାରିଦ୍ର୍ୟ ସୀମାର ତଳେ ଅଛନ୍ତି, ତାଙ୍କୁ ଯେବେ ଆଶ୍ୱାସନା ଦିଆଯାଏ ଯେ ଦେଶରେ ଯଥେଷ୍ଟ ଖାଦ୍ୟଶସ୍ୟ ମହଜୁଦ ଅଛି, ତେବେ କ'ଣ ତାଙ୍କ ପେଟରେ ଅନ୍ନ ପଡ଼ିବ ?

× × × ×

ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଳ୍ପୀବର ସତ୍ୟଜିତ ରାୟ ଗୋଟିଏ ଅପୂର୍ବ ଚଳଚ୍ଚିତ୍ର ପ୍ରଣୟନ କରିଛନ୍ତି— "ଅଶନ ସଙ୍କେତ" । କାହାଣୀ ନୁହେଁ । ବାସ୍ତବତାର ଏକ ନଗ୍ନ ନିଖୁଣ ସମାଜଚିତ୍ର । ୧୯୪୩ ମସିହା ଦୁର୍ଭିକ୍ଷ ବିପତ୍ତିର ପ୍ରଥମ ପର୍ଯ୍ୟାୟ —ଅଶନ ସଙ୍କେତ । ଏ ସଙ୍କେତ ବହୁବାର ଉପେକ୍ଷିତ ହୋଇଛି । ତା'ର ପୁନରାବୃତ୍ତି ନ ହେଉ ।

●

('ସମାଜ'—୧୫ ଜୁନ ୧୯୭୫)

Digitized by srujanika@gmail.com

ବିଲାତ ମାଟି

କଲିକତା ନଗରୀର କେନ୍ଦ୍ରସ୍ଥଳୀ ଚୌରଙ୍ଗୀ । ଏହାଟି ମୁଖ୍ୟ ରାଜପଥ । ସୁନ୍ଦର, ସୁଦୃଶ୍ୟ, ବହୁଦୂର ପ୍ରସାରିତ । ଏହାର ଦୁଇ ପଟେ ମନୋରମ ଅଟ୍ଟାଳିକା, ମନୋହର ସାଜସଜ୍ଜା । ଏହିଠାରେ ବିବିଧ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ । କଲିକତା ସହର ପ୍ରତିଷ୍ଠା କରିଥିଲେ ଇଂଲଣ୍ଡର ଇଷ୍ଟ ଇଣ୍ଡିଆ କମ୍ପାନୀ । ୧୭୫୭ ମସିହାରେ, ପଲାସୀ ଯୁଦ୍ଧରେ କମ୍ପାନୀ ଜୟଲାଭ କଲା ପରେ, କଲିକତା ହେଲା କମ୍ପାନୀ ଶାସନର ରାଜଧାନୀ । ଏଥି ପୂର୍ବରୁ ବଙ୍ଗଦେଶର ରାଜଧାନୀ ଥିଲା ମୁର୍ଶିଦାବାଦ ।

ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଆସିଥିଲେ ବ୍ୟବସାୟ କରିବା ପାଇଁ । ସମୁଦ୍ର କୂଳରେ ଭାରତର ବିଭିନ୍ନ ପ୍ରାନ୍ତରେ ନିର୍ମାଣ କଲେ ତାଙ୍କର ମାଲଗୋଦାମ । ଯେଉଁଠାରେ ଆବଶ୍ୟକ, କାରଖାନା ମଧ୍ୟ ତିଆରି କଲେ । ବାଲେଶ୍ୱର ସହର ନିକଟରେ ସମୁଦ୍ର କୂଳରେ ବସାଇଲେ ତାଙ୍କର ଗୋଦାମ । ସେଇଠାରେ ସେମାନେ ଆମଦାନୀ ଜିନିଷ ରଖୁଥିଲେ । ସେହିଠାରୁ ନାନା ପଦାର୍ଥ ରପ୍ତାନି କରୁଥିଲେ । ଭାରତୀୟ ବସ୍ତ୍ର ଥିଲା ସୂକ୍ଷ୍ମ, ସୁନ୍ଦର, ଉପଭୋଗ୍ୟ । ବିଲାତ ବଜାରରେ ଏହାର ଆଦର ଥିଲା । ବହୁ ପରିମାଣରେ କାଟତି ହେଉଥିଲା । କମ୍ପାନୀ ବିଭିନ୍ନ କିସମର ବସ୍ତ୍ର ବିଲାତକୁ ରପ୍ତାନି କରୁଥିଲେ । ବାଲେଶ୍ୱର ଅଞ୍ଚଳରେ କମ୍ପାନୀ ଲୋକେ ଦେଖିଲେ ଝୋଟ । "ଝୋଟ" ଶବ୍ଦଟି ଉଚ୍ଚାରଣ କରିପାରିଲେ ନାହିଁ । କହିଲେ "ଜୁଟ୍‌" । ଏ "ଜୁଟ୍‌" ଶବ୍ଦଟି ଓଡ଼ିଆ ଝୋଟ ଶବ୍ଦର ଅନୁକରଣ । (Jute : from Oriya Jhot-Chambers dictionary—1950)

ବାଲେଶ୍ୱର ନିକଟରେ ସମୁଦ୍ର କୂଳରେ କୌଣସି ଗଭୀର ପୋତାଶ୍ରୟ ନ ଥିଲା । ଜେଟି ମଧ୍ୟ ହୋଇ ନ ଥିଲା । ସେତେବେଳକୁ ବାଷ୍ପୀୟ ପୋତର ଉଦ୍ଭାବନ ହୋଇ ନ ଥିଲା । ପାଲବନ୍ଧା ବୋଇତରେ

Digitized by srujanika@gmail.com

ନାବିକମାନେ ଜଳଯାତ୍ରା କରୁଥିଲେ । ଏଇ ପାଲବନ୍ଧା ବୋଇତରେ କଲମ୍ବସ ଆଟଲାଣ୍ଟିକ ମହାସାଗର ଅତିକ୍ରମ କରି ଆମେରିକା ଆବିଷ୍କାର କରିଥିଲେ । ଏହିପରି ବୋଇତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ନାବିକ ଏବଂ ବ୍ୟବସାୟୀମାନେ ଭାରତବର୍ଷକୁ ଆସିଥିଲେ । ଏଥିପାଇଁ ସମୁଦ୍ର ତଟରେ ଗଭୀର ବନ୍ଦର ଆବଶ୍ୟକ ହେଉ ନଥିଲା । ଉତ୍ତର-ପୂର୍ବ ଉପକୂଳରେ ବାଲେଶ୍ୱର ହେଲା କମ୍ପାନୀ ବାଣିଜ୍ୟର ଆସ୍ଥାନ ।

ବ୍ୟବସାୟର ପ୍ରସାର ପାଇଁ ଅଭ୍ୟନ୍ତରରେ ପ୍ରବେଶ କରିବା ଏକାନ୍ତ ଆବଶ୍ୟକ । ସେଥିପାଇଁ ବାହକ ସ୍ଥଳଭାଗରେ ଗୋରୁଗାଡ଼ି, ନଦୀପଥରେ ନୌକା । ଆମଦାନୀ ପଦାର୍ଥର ପ୍ରସାର ପାଇଁ, ରପ୍ତାନି ଲାଗି ପଦାର୍ଥ ଆହରଣ କରିବା ପାଇଁ ନୌକା ହିଁ ଉପଯୋଗୀ । କମ୍ପାନୀ ଲୋକେ ଉପଯୁକ୍ତ ନଦୀପଥ ଅନୁସନ୍ଧାନ କଲେ । ପାଲବନ୍ଧା ବୋଇତ ଧରି ହୁଗୁଳି ନଦୀରେ ପ୍ରବେଶ କଲେ । ବହୁ ଦୂର ଗଲେ । ଦେଖିଲେ ନଦୀ ପ୍ରଶସ୍ତ; ଗଭୀର । ଜାଣିଲେ ଏଥିରେ ବାର ମାସ ପାଣି ରହେ, ବୋଇତ ଚାଲି ପାରିବ । ନଦୀ କୂଳରେ ମାଲଗୋଦାମ ନିର୍ମାଣ କଲେ । ବାଲେଶ୍ୱର ଉପରେ ଶନି ଦୃଷ୍ଟି ପଡ଼ିଲା ।

ବଙ୍ଗୋପସାଗରଠାରୁ ଶହେ କିଲୋମିଟର ଦୂରରେ ହୁଗୁଳି ନଦୀ କୂଳରେ କମ୍ପାନୀର ବ୍ୟବସାୟ ଆସ୍ଥାନ ପ୍ରତିଷ୍ଠିତ ହେଲା । ଏହି ଆସ୍ଥାନକୁ କେନ୍ଦ୍ର କରି ଗଢ଼ିଉଠିଲା ଏକ ସହର । ବିଲାତର ଟେମ୍ସ ନଦୀକୂଳରେ ଲଣ୍ଡନ ସହର ପରି ହୁଗୁଳି ତୀରରେ ଏ ସହରର ନାମ ହେଲା କଲିକତା । ତିନି ଶହ ବର୍ଷ ତଳେ ଏ ସହର ସ୍ଥାପିତ ହୋଇଥିଲା । ଟେମସ୍ ନଦୀକୂଳରେ ଲଣ୍ଡନ ସହରର ମୁଖ୍ୟରାସ୍ତାର ନାମ ଷ୍ଟ୍ରାଣ୍ଡ । ହୁଗୁଳି ନଦୀକୂଳରେ ମୁଖ୍ୟରାସ୍ତାର ନାମ ଦିଆଗଲା ଷ୍ଟ୍ରାଣ୍ଡ ।

ଏହି ଷ୍ଟ୍ରାଣ୍ଡରୋଡ଼ ନିକଟରେ କମ୍ପାନୀ ଗଢ଼ିଲେ ଏକ ଦୁର୍ଗ । ଫୋର୍ଟ ଉଇଲିୟମ । ସୁଦୃଢ଼ ଦୁର୍ଗ । ଲୋକେ ଜାଣିଲେ, କମ୍ପାନୀ ତାଙ୍କର ବାଣିଜ୍ୟ ବ୍ୟବସାୟର ସୁରକ୍ଷା ପାଇଁ ଏହି ଦୁର୍ଗ ନିର୍ମାଣ କରିଛନ୍ତି । ଏଥିରେ ରହିଲେ ଇଂରେଜ ସେନାନୀ; ରହିଲା ଅସ୍ତ୍ରଶସ୍ତ୍ର, ଗୁଳି ବାରୁଦ । ଆଗାମୀ ସାମ୍ରାଜ୍ୟର ଭିତ୍ତି ସ୍ଥାପିତ ହେଲା ଏହି ଦୁର୍ଗରେ । ହୁଗୁଳି ନଦୀ

Digitized by srujanika@gmail.com

ପାଲବନ୍ଧା ବଲାଡ ବୋଇତରେ ଝୁଲସି ଲଗିଲା । କମ୍ପାନୀର ବାଣିଜ୍ୟ ପ୍ରସାରିତ ହେଲା । ସମୃଦ୍ଧି ବଢ଼ି ଚାଲିଲା । ବାଲେଶ୍ୱର ଗୋଦାମଟି ସଂକୁଚିତ ହୋଇ ପଡ଼ିଲା ।

କଲିକତାରେ ବହୁତ ଖାଲୁଆ ଅଞ୍ଚଳ । ଏବର ଚୌରଙ୍ଗୀ ଥିଲା ଗୋଟିଏ ଦୀର୍ଘ, ପ୍ରଶସ୍ତ, ଗଭୀର, ନର୍ଦ୍ଦମା ନାଳ । ହୁଗୁଳି ନଦୀରେ ଜୁଆର ଉଠିଲେ, ଏଇ ନାଳରେ ପାଣି ଭର୍ତ୍ତି ହୋଇଯାଏ; ଜୁଆର ଛାଡ଼ିଗଲେ ପୁଣି ସେଇ କାଦୁଅ ସନ୍ତସନ୍ତିଆ ନାଳ । ପଚା ସଢ଼ା, ଦୁର୍ଗନ୍ଧ । ବିଲାତରୁ ମାଟି ଆସି ଏଇ ନର୍ଦ୍ଦମା ପୋତାଗଲା । ବହୁ ବର୍ଷ ଲଗିଲା । କ୍ରମେ କ୍ରମେ ପୋତା ହୋଇଗଲା ବିଲାତି ମାଟିରେ । ଏହାର ଦୁଇ ପଟରେ ଉଚ୍ଚ ହେଲା ଅଟ୍ଟାଳିକା, ସୌଖୀନ ସଦନ । ପଲାସୀ ଯୁଦ୍ଧ ପରେ କମ୍ପାନୀ ସରକାର ପ୍ରତିଷ୍ଠିତ ହେଲା । ଚୌରଙ୍ଗୀ ହେଲା ଇଂରେଜ ଶାସକ ଏବଂ କମ୍ପାନୀ ବ୍ୟବସାୟୀଙ୍କ ଆସ୍ଥାନ । ଏହିଠାରେ ହେଲା ଇଂରେଜମାନଙ୍କର କ୍ଲବ, ଆମୋଦ ପ୍ରମୋଦର ଆୟୋଜନ । ଚୌରଙ୍ଗୀ ହେଲା ଲଣ୍ଡନ ସହରର ପ୍ରସାରଣ ।

ଏତେ ଦୂର ରାଜ୍ୟରୁ; ସମୁଦ୍ର ପଥରେ ବୁହାହୋଇ, ବିଲାତରୁ ମାଟି ଆସିଲା କାହିଁକି ? କଲିକତା ଭିତରେ ନ ମିଳିଲା, ଆଉ କ'ଣ ବଙ୍ଗଦେଶରେ, କି ଭାରତବର୍ଷରେ ମାଟି ମିଳିଲା ନାହିଁ ? ବିଲାତି ଲୋକଙ୍କୁ କ'ଣ ବିଲାତି ମାଟି ଉପରେ ନ ଶୋଇଲେ ନିଦ ଲାଗିଲା ନାହିଁ ? ତାଙ୍କର ଥିଲା ବସ୍ତୁର କ୍ଷମତା, ପ୍ରଚୁର ଉପାର୍ଜନ, ସାଥୀ, ସଙ୍ଗୀ, ସଙ୍ଗିନୀ । ଉପଭୋଗ ଲାଗି ନାନାପ୍ରକାର ବ୍ୟବସ୍ଥା । ବିଲାତି ମାଟିର ଆକର୍ଷଣ ଏହାର କାରଣ ହୋଇ ନ ପାରେ ।

ବିଲାତରେ ଜନ୍ମ ଗ୍ରହଣ କଲେ, ଶିଶୁ ବିଲାତର ନାଗରିକ ହୁଏ । ଅନ୍ୟ ଦେଶରେ ଜନ୍ମ ହେଲେ; ପିତାମାତା ଉଭୟେ ଇଂରେଜ ହୋଇଥିଲେ ମଧ୍ୟ, ଶିଶୁ ଇଂଲଣ୍ଡର ନାଗରିକ ହୋଇପାରେ ନାହିଁ । ଚୌରଙ୍ଗୀରେ ବିଲାତି ମାଟି ଉପରେ ନିର୍ମିତ ହର୍ମ୍ୟରେ ଜନ୍ମଲାଭ କଲେ, ଶିଶୁ କ'ଣ ବିଲାତ ଭୂଇଁରେ ପ୍ରସୂତ ବୋଲି ପରିଗଣିତ ହୋଇ ଯିବ ? ତା'ହେଲେ, ଇଂଲଣ୍ଡରେ ବିବାହିତ ସ୍ତ୍ରୀ ପୁରୁଷ ବିଲାତରୁ

Digitized by srujanika@gmail.com

ପିଣ୍ଡ୍ରଳାଏ ମାଟି ସାଙ୍ଗରେ ଆଣି ଯେକୌଣସି ଦେଶରେ ନିଜ ବାସ-ଭବନରେ ରଖିଦେଲେ ସନ୍ତାନ ବିଳାତି ନାଗରିକ ହୋଇ ପାରନ୍ତା । ଅବାନ୍ତର ଏ ବଚ୍ଚର । ଏଥିପାଇଁ ବିଳାତି ମାଟିରେ ଚୌରଙ୍ଗୀ ପୋତା ଯାଇ ନ ଥିଲା । ସେଥିପାଇଁ ବ୍ରିଟିଶ ସରକାର ଅନ୍ୟ ବିଧାନ ଖଞ୍ଜିଥିଲେ ।

ସେତେବେଳକୁ ବ୍ୟୋମଯାନ ସ୍ୱପ୍ନରାଜ୍ୟକୁ ମଧ୍ୟ ଆସି ନ ଥିଲା । ଷ୍ଟିମର୍ ବା ବାଷ୍ପୀୟ ପୋତ କଳ୍ପନା କରାଯାଇ ନ ଥିଲା । ସୁଏଜ କେନାଲ ଖୋଲାଗଲା ୧୮୬୯ ମସିହାରେ, ଇଷ୍ଟ ଇଣ୍ଡିଆ କମ୍ପାନୀ ଆସିବାର ଅଡ଼େଇ ଶହ ବର୍ଷ ପରେ । ଜଳଯାତ୍ରା ହେଉଥିଲା ପାଲବନ୍ଧା ବୋଇତରେ । ଏହି ବୋଇତଗୁଡ଼ିକ ଦଳବାନ୍ଧି ସମୁଦ୍ରପଥରେ ଯାତାୟାତ କରୁଥିଲେ । ଏହି ଦଳରେ ଥିଲେ ନାବିକ, ବ୍ୟବସାୟୀ, ନୌସେନା ଏବଂ ସଙ୍ଗରେ ଥିଲା ଅସ୍ତ୍ରଶସ୍ତ୍ର । ବାଟରେ ଜଳଦସ୍ୟୁ । ସବୁ ଲୁଟି କରି ନେଇ ଯିବେ । ତାହାର ମୁକାବିଲା କରିବାକୁ ହେବ । ସେଥିଲାଗି ସଜ୍ଜିତ ନୌସେନା ବୋଇତ ଦଳରେ ଯାଉଥିଲେ । ଇଂଲଣ୍ଡରୁ ଭାରତବର୍ଷ ବହୁଦୂର ଜଳପଥ । ସମଗ୍ର ଆଫ୍ରିକା ମହାଦେଶ ପ୍ରଦକ୍ଷିଣ କରିବାକୁ ହେବ । ସେତେବେଳେ ନାବିକମାନେ ଉତ୍ତରରେ ଧ୍ରୁବତାରା ଲକ୍ଷ୍ୟ କରି ଦିଗ ନିର୍ଣ୍ଣୟ କରୁଥିଲେ । ବିଷୁବ ରେଖାର ଦକ୍ଷିଣରେ ଧ୍ରୁବତାରା ଦେଖାଯାଏ ନାହିଁ । ତେଣୁ ସାବଧାନ ହୋଇ ଧୀରେ ବୋଇତ ଚଳାଇବାକୁ ହେବ । ଇଂଲଣ୍ଡରୁ ଭାରତକୁ ଆସିବା ପାଇଁ ଲାଗୁଥିଲା ଛଅ ମାସରୁ ଅଧିକ ସମୟ ।

ଭାରତବର୍ଷରେ କୌଣସି ଇଂରେଜ ପତ୍ନୀ ଗର୍ଭବତୀ ହେଲେ ତାଙ୍କୁ ଇଂଲଣ୍ଡକୁ ପଠାଇ ଦିଆଯାଏ, ସନ୍ତାନ ପ୍ରସବ ପାଇଁ । ତେବେ ସନ୍ତାନ ବିଳାତି ନାଗରିକ ହୋଇ ପାରିବ । ଦୀର୍ଘ ଜଳପଥରେ ଲାଗିବ ଛଅ ମାସ । ବୋଇତରେ ସନ୍ତାନ ପ୍ରସବ ହୋଇଯିବା ଖୁବ୍ ସମ୍ଭବ । ତେଣୁ ବ୍ରିଟିଶ ସରକାର ବିଧାନ ଖଞ୍ଜିଲେ, ବିଳାତି ବୋଇତ ବିଳାତି ଭୂଇଁ ବୋଲି ବିବେଚିତ ହେବ । କୌଣସି ପ୍ରକାର ପ୍ରତିବନ୍ଧକ ରହିଲା ନାହିଁ । ପ୍ରସବ ସମୟର ଅଳ୍ପ ଦିନ ପୂର୍ବରୁ ବିଳାତି ବୋଇତରେ ପ୍ରବେଶ

Digitized by srujanika@gmail.com

କଲେ, ସନ୍ତାନ ବିଧାନ ଅନୁଯାୟୀ ନାଗରିକ ହୋଇଯିବ । ତେଣୁ ବିଲାତି ମାଟି ଆଣି ଚୌରଙ୍ଗୀ ପୋତିବାର କୌଣସି ଯଥାର୍ଥତା ଥାଇ ନ ପାରେ । ପୁଣି ସେହି ପ୍ରଶ୍ନ—ବିଲାତରୁ ମାଟି ଅଣାଗଲା କାହିଁକି ?

କମ୍ପାନୀ ଭାରତରୁ ରପ୍ତାନି କରୁଥିଲେ ଚମଡ଼ା, ଝୋଟ ପ୍ରଭୃତି ବିବିଧ କଞ୍ଚାମାଲ । ସେ ସବୁ ଓଜନିଆ ପଦାର୍ଥ, ମାତ୍ର ଅଳ୍ପ ମୂଲ୍ୟର ଜିନିଷ ? ବିଲାତରୁ ଆସୁଥିଲା କେତେକ ସୌଖୀନ ପଦାର୍ଥ । ହାଲୁକା, ମାତ୍ର ମୂଲ୍ୟବାନ ଜିନିଷ । ବିଲାତରୁ ବୋଇତ ଆସିଲାବେଳେ ବହୁ ହାଲୁକା ଜିନିଷ ଆସୁଥିବାରୁ ବୋଇତ ସମୁଦ୍ରରେ ଟଳମଳ ହେଲା । ବୋଇତର ଓଜନ ଠିକ୍ ରଖିବା ପାଇଁ ବିଲାତରୁ କିଛି ପରିମାଣରେ ମାଟି ଭରିବାକୁ ପଡ଼ିଲା । ସେ ମାଟି କଲିକତାର ନିଘେଇ ନର୍ଦ୍ଦମା ନାଳରେ ଅଜାଡ଼ି ଦିଆ ଯାଉଥିଲା । ପ୍ରାୟ ପ୍ରତ୍ୟେକ ବୋଇତରେ କିଛି ମାଟି ବିଲାତରୁ ଆସୁଥିଲା; ଆଉ ସେସବୁ ନର୍ଦ୍ଦମା ନାଳରେ ପଡ଼ୁଥିଲା । ମାଟି ଆସି ଆସି ନର୍ଦ୍ଦମା ନାଳ ପୋତି ହୋଇଗଲା ।

ବିଲାତର ଲିଭର ପୁଲ୍‌ରେ କେତେକ ବ୍ୟବସାୟୀ ଏ ସବୁ ଲକ୍ଷ୍ୟ କଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ସହିତ ପରାମର୍ଶ କଲେ । 'ତମେ ଅକାରଣେ ଅର୍ଥବ୍ୟୟ କରି ମାଟି ବୋଝେଇ କରୁଛ କାହିଁକି ? ଆମର ଏଠାରେ ଅଛି ଲୁଣ ପାହାଡ଼ । ଆମେ ଲୁଣ ପଥର ମୁଣ୍ଡା ମୁଣ୍ଡା କରି କାଟି ତମ ବୋଇତରେ ଲଦି ଦେବୁ । ତମେ ଯେତିକ ଓଜନର ମାଟି ନେଇ ଯାଉଛ, ସେତିକ ଓଜନର ପଥର ଲୁଣ ନେଇଯିବ । ବିଲାତରେ ଲଦେଇ କରିବାର, ଭାରତରେ ଖଲାସ କରିବାର ଖର୍ଚ୍ଚ ଆମର । ତମେ ବିନା ମାସୁଲରେ ଆମର ଲୁଣ ନେଇଯିବ ।' ଚୁକ୍ତି ହୋଇଗଲା । ଇଷ୍ଟ ଇଣ୍ଡିଆ କମ୍ପାନୀର ଲାଭ । ଲିଭର ପୁଲ ଲୁଣ ବ୍ୟବସାୟୀଙ୍କର ଲାଭ ।

ଭାରତର ଉପକୂଳରେ ସମୁଦ୍ର ପାଣିରୁ ଲୁଣ ମରା ଥିଲା ଏକ ପ୍ରଧାନ ଉଦ୍ୟୋଗ । ଭାରତ କେବେ ହେଁ ବିଦେଶରୁ ଲୁଣ ଆମଦାନୀ କରୁ ନ ଥିଲା । ଲୁଣମରା ଥିଲା ବହୁ ଲୋକଙ୍କର ଜୀବିକା । ଖାଲି ଉପକୂଳ-

Digitized by srujanika@gmail.com

ବାସୀଙ୍କର ମୁହଁରୁ, ଅଭ୍ୟନ୍ତରର ମାଗଣ ମଧ୍ୟ ଏଥିରେ ମେଣ୍ଟୁଥିଲା । ବାଲେଶ୍ବର, କଟକ, ପୁରୀ, ଗଞ୍ଜାମ ଉପକୂଳରେ କେତେ ଲୋକ ଲୁଣ ମାରି ଜୀବିକା ଅର୍ଜନ କରୁଥିଲେ । ମଧ୍ୟପ୍ରଦେଶଆଡ଼ୁ ନୌକାରେ ଆସୁଥିଲା କାଠ, ପଥର, ବାଉଁଶ ପ୍ରଭୃତି ଜିନିଷ ଏବଂ ସେହି ନୌକାରେ ସେ ଅଞ୍ଚଳକୁ ଯେଉଁ ଜିନିଷମାନ ଯାଉଥିଲା, ସେଥିରେ ପ୍ରଧାନ ଜିନିଷ ଥିଲା ଲବଣ ।

ଲିଭରପୁଲରୁ ବିନା ମାସୁଲରେ ଲୁଣ ଆସିଲା । କଲିକତାରେ ପହଞ୍ଚିଲା । ସ୍ଥାନୀୟ ସମୁଦ୍ର ଲୁଣ ତାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ପାରିଲା ନାହିଁ । ବିଲାତି ଲୁଣ ଦେଶ ଭିତରେ ପ୍ରବେଶ କଲା । ପଥର ଲୁଣ ସମୁଦ୍ର ଲୁଣଠାରୁ ବେଶୀ ଲୁଣି । ମୂଲ୍ୟ ମଧ୍ୟ ହେଲା ଦେଶୀ ଲୁଣଠାରୁ ଶସ୍ତା । ବହୁ ଲୁଣମରା ଲୋକେ ଅକର୍ମା ହେଲେ । ଲୁଣ ଶିଳ୍ପ ଅବସାନର ଏ ହେଲା ଆଦ୍ୟପର୍ବ । କମ୍ପାନୀର ହୁଗୁଳି ନଦୀ କୂଳରେ ବ୍ୟବସାୟ, କାରବାର ସ୍ଥାନୀୟ ଲୋକଙ୍କ ପାଇଁ ବହୁ କର୍ମସଂସ୍ଥାନ କଲା; ବାଲେଶ୍ବର ଉପକୂଳରେ ବହୁ ଲୋକଙ୍କୁ ଅକର୍ମା କରିଦେଲା ।

ବାଲେଶ୍ବର ଉପକୂଳରେ କମ୍ପାନୀର ଗୋଦାମ ଥିଲାବେଳେ, କେତେ ଲୋକ କମ୍ପାନୀ ବ୍ୟବସାୟର ଅନୁପୂରକ ହୋଇଥିଲେ । ବାଲେଶ୍ବର ସହରର ବାରବାଟୀ ଅଞ୍ଚଳଟି ଏହାର ସାକ୍ଷ୍ୟ ବହନ କରି ରହିଛି । ସେଠାରେ ଅନେକଗୁଡ଼ିଏ କୋଠାଘର ଅଛି । କେତେକ ଭାଙ୍ଗି ପଡ଼ିଲାଣି । ସେ ଅଞ୍ଚଳଟି ବିଗତ ସମୃଦ୍ଧିର ପରିଚୟସୂଚକ । କମ୍ପାନୀ ଗୋଦାମରୁ ଜିନିଷ ଆଣି ସେମାନେ ବିକ୍ରୟ କରୁଥିଲେ । ଦୂରରୁ ବିଭିନ୍ନ ପଦାର୍ଥ ଆହରଣ କରି କମ୍ପାନୀର ରପ୍ତାନି ବାଣିଜ୍ୟରେ ସହାୟତା କରୁଥିଲେ । ଗୋଦାମ ଉଠିଗଲା ପରେ ସେମାନେ କଲିକତାରୁ ବିଲାତି ଲୁଣ ଆଣି କାରବାର କଲେ । ଲୁଣ ବ୍ୟବସାୟରେ ସେମାନେ ବହୁ ଉପାର୍ଜନ କରିଥିଲେ । ଏଇଟି ଅବସାନର ଅଧ୍ୟାୟ ।

କମ୍ପାନୀ ରାଜତ୍ୱକାଳ ମଧ୍ୟରେ ବ୍ରିଟେନ୍‌ରେ ହେଲା ଶିଳ୍ପ ବିପ୍ଳବ, ଯାନ୍ତ୍ରିକ ସଭ୍ୟତାର ପ୍ରସାର । ବ୍ରିଟିଶ ସାମ୍ରାଜ୍ୟରୁ ଆହରିତ ସମ୍ବଳ ଏଥିରେ ସହାୟକ ହେଲା । ଏ ଯାନ୍ତ୍ରିକ ସଭ୍ୟତା କ୍ଷିପ୍ରଗତିରେ

Digitized by srujanika@gmail.com

ବିସ୍ତାରିତ ହେଲା । କ୍ରମେ ବହୁ ବ୍ରିଟିଶ କମ୍ପାନୀ କଲିକତାରେ କଲକାରଖାନା ସ୍ଥାପନ କଲେ । କଲିକତା ହେଲା ବ୍ରିଟିଶ ସାମ୍ରାଜ୍ୟରେ ଲଣ୍ଡନ୍ ତଳକୁ ଦ୍ୱିତୀୟ ମହାନଗରୀ । ଭାରତ ପରାଧୀନ ହେଲା ସତ; ମାତ୍ର କଲିକତାରେ ଶିଳ୍ପ ବିଭବ ପ୍ରସାରିତ ହେଲା । କଲିକତା ସମୃଦ୍ଧ ନଗରୀରେ ପରିଣତ ହେଲା ।

କଲିକତାର ଚୌରଙ୍ଗୀରେ ଫଳନ୍ତ ମାଟି ଅଜାଡ଼ା ହେଲାବେଳେ, ବାଲେଶ୍ୱରରେ ମୁଠାଏ ହେଲେ ଏ ମାଟି ପଡ଼ି ନ ଥିଲା । କଲିକତା ଶିଳ୍ପସମୃଦ୍ଧ ହେଲାବେଳେ ବାଲେଶ୍ୱରରେ ତାହାର ଛିଟିକା ମଧ୍ୟ ପଡ଼ିଲା ନାହିଁ । ବାଲେଶ୍ୱର ଅବରୁଦ୍ଧ ହୋଇଗଲା । ଏବେ ମଧ୍ୟ ବାଲେଶ୍ୱର ଜିଲ୍ଲା ଓଡ଼ିଶାର ଏକ ଅନୁନ୍ନତ ଜିଲ୍ଲା; ଉଦ୍ୟୋଗବିହୀନ ଜିଲ୍ଲା ହୋଇ ରହିଛି । ଉଠିପାରୁ ନାହିଁ ।

●

Digitized by srujanika@gmail.com

ଦୁଧରେ କୁମ୍ଭୀର ଛୁଆ

ପୁରୁଷୋତ୍ତମ କ୍ଷେତ୍ର । ବର୍ଷରେ ତିନଶହ ପଞ୍ଚଷଠି ଦିନ ଯାନଯାତ୍ରା । ଜଗନ୍ନାଥଙ୍କର ପ୍ରଧାନ ଭକ୍ତ ଗଜପତି ମହାରାଜା । ତାଙ୍କ ନଅରରେ ସବୁବେଳେ ଉତ୍ସବ । ଘରତର ସବୁଆଡ଼ୁ ଆସିବେ ରାଜା, ମହାରାଜା । ଠାକୁର ରାଜାଙ୍କୁ ଭେଟିବେ । ନମସ୍କାର କରିବେ । ଆଖ-ପାଖରୁ, ଦୂରଦୂରାନ୍ତରୁ ପ୍ରତିଦିନ ଆସିବେ ସାଧୁସନ୍ଥ, ବ୍ରାହ୍ମଣ ପଣ୍ଡିତ, ଅତିଥି ଅଭ୍ୟାଗତ । ସ୍ୱୟଂ ଗଜପତି ଆତିଥେୟ । ଭୋଗରାଗ, ପୂଜା ପାର୍ବଣ । ସମସ୍ତେ ପରିତୃପ୍ତ ହେବେ । ମହାପ୍ରଭୁଙ୍କର ମହିମାରେ ଉଚ୍ଛ୍ୱସିତ ହେବେ । ଗଜପତିଙ୍କର କୀର୍ତ୍ତି ପ୍ରସାରିତ ହେବ ।

ଅନ୍ନ ମହାପ୍ରସାଦ, ଡାଲି ଡାଲମା, ଖଳରୁଟିରେ କିଏ ସୁଆରଙ୍କୁ ବଳିପାରିବ ? ସେ ସବୁ ଦେଉଳରେ ଜଞ୍ଜା । ତା' ସାଙ୍ଗକୁ ଲେଡ଼ା କ୍ଷୀରି ଗୁରୁନ୍ଦା, ରବେଡ଼ି ରସାବଳୀ, ଛେନା ଚାଡ଼ୁଆ, କ୍ଷୀର ସାଗର । ପୁରୀକ୍ଷେତ୍ର ଏଥିପାଇଁ ଖ୍ୟାତି ଅର୍ଜନ କରିଛି । ରାଜାଙ୍କ ନଅର ପାଖରେ ଅତିଥି ଭବନ । ତାହାରି ଭିତରେ ରୋଷଘର । ସେଇଠାରୁ ସବୁ ଆୟୋଜନ । ସେଥିପାଇଁ ବ୍ୟବସ୍ଥା ବନ୍ଧା ହୋଇଛି । ତହିଁରେ ବ୍ୟତିକ୍ରମ ହେବ ନାହିଁ ।

ସବୁ ମିଷ୍ଟାନ୍ନ ପାଇଁ ଲେଡ଼ା କ୍ଷୀର । ପ୍ରଚୁର କ୍ଷୀର ଲାଗିବ । ବଡ଼ ବଡ଼ ବେହେରାଙ୍କୁ ଆଜ୍ଞାପତ୍ର ଦିଆଯାଇଛି । ପାଞ୍ଚକୋଶ ଭିତରେ ଏ ସକଳ ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ଦୁଧ ନିଶ୍ଚୟ ଆସି ପହଞ୍ଚିବ । କୁଞ୍ଜା ଉପରେ କୁଞ୍ଜା ଖଞ୍ଜା ହୋଇ ଦୁଧ ଭାର ବଡ଼ସକାଳୁ ପହରେ ଦିନ ଯାଏ ଲାଗିଥିବ । ଅପୂର୍ବ ଏ ସମ୍ଭାର । ଦେଖିଲେ ଆଖି ଖୋସି ହୋଇଯିବ ।

ଅସରନ୍ତି କାମ । ଲାଗିଛନ୍ତି ବହୁ ପରିଚର । କେତେ ପ୍ରକାର ନିଯୋଗ । କେତେ ପାଣିଆର ସେବେଇତ । ଯୋଗାଣିଆ, ରୋଷେଇଆ । ଗୁଆଗୁଣିଆ, ପରଷୁଣିଆ ତ ରହିବାର କଥା । କେତେ ଅଛନ୍ତି ତତପର

Digitized by srujanika@gmail.com

କରିବେ, ତଦାରଖ କରିବେ । ପହରା, ଜଗୁଆଳି ତ ପୁଣି ରହିବେ । ପରିଚ୍ଛା, ବେବର୍ତ୍ତା । ଉପରକୁ ଉପର ଲାଗିଛନ୍ତି କେତେ ସଚିବ । କେତେ କାମ । କାହାରି ବିଶ୍ରାମ ନାହିଁ ।

ପୁଣ୍ୟଧାମରେ ସବୁ ବଡ଼ । ଠାକୁର, ମନ୍ଦିର, ଦାଣ୍ଡ । ଗୋଷଘର ଭିତରେ ତିଆରି ହୋଇଛି ବଡ଼ ବଡ଼ ଚୁଲି । ସବୁ ଚୁଲିରେ ବସିଛି ବଡ଼ ବଡ଼ କଟରେଇ । ସକାଳୁ ଲାଗିଛି ଦୁଧ ଆଉଟା । ବେହେରାଙ୍କ ଧାଡ଼ି ଲାଗିଛି । ସବୁ କରେଇ ଉପରେ ବଡ଼ ବଡ଼ ନିର୍ମଳ କପଡ଼ା ବନ୍ଧା ହୋଇଛି । ବେହେରା ସେଇ କପଡ଼ା ଉପରେ ଦୁଧ ଢାଳିବେ । ଛାଣି ହୋଇ କଟରେଇରେ ପଡ଼ିବ । ଦୈନନ୍ଦିନ ଲାଗିଛି ଏ କାମ ।

ସବୁ କାମ ସୁରୁଖୁରୁରେ ଚାଲିଥାଏ । ବହୁ ବର୍ଷ ଚାଲିଲା । ତା'ପରେ ଉପୁଜିଲା ଏକ ନୂଆ ନାଟ । ଏ ନାଟ ମେଲି ଲାଗିଲା । କ୍ଷୀରର ରୂପ ବଦଳିଲା । ବର୍ଣ୍ଣ ମଧ୍ୟ ବଦଳିଲା । ଅତିଥିଶାଳାର ସୁଆର ଜଣାଇଲେ—ପୂର୍ବେ ଦୁଧରେ ଏଡ଼େ ବହଳ ସର ପଡ଼ୁଥିଲା ଯେ ଆଙ୍ଗୁଠି ବୁଲୁ ନ ଥିଲା । ଏବେ ପଇଡ଼ ନାଳ ପରି ସର ପଡ଼ୁଛି । ବିଚାର ବସିଲା । ସେବେଇତମାନେ ଫୁସ୍‌ଫାସ୍ ହେଲେ । ନିଯୋଗଙ୍କ କାନକୁ ଗଲା । ଆଉ ନିରୁତା ଦୁଧ ଆସୁ ନାହିଁ । ବେହେରାମାନେ ପାଣି ମିଶେଇଲେଣି । ପାଣି କେଉଁଠାରେ ମିଶେଇଛନ୍ତି ? ଟହଲିଆ ଆସି କାନରେ କହିଲେ, ଆଜ୍ଞା, ନରେନ୍ଦ୍ର ପୋଖରୀରେ କ'ଣ ପାଣି ନାହିଁ ? ଠିକ୍ ହେଲା, ନରେନ୍ଦ୍ର ପୋଖରୀ କଣରେ ସକାଳ ପହରୁ ଜଗିବେ ଜଣେ ପରିଚ୍ଛା । ସମସ୍ତଙ୍କ ମନକୁ ପାଇଲା ।

କିଛି ଦିନ ଚାଲିଲା । ଯେଉଁ କଥାକୁ ସେଇ କଥା । କ୍ଷୀରକୁ ପହରେ ଲାଗି ଆଉଟିଲେ ଟିକିଏ ଅଠା ଧରୁ ନାହିଁ । ନଡ଼ିଆ ଚୁଞ୍ଚ ପରି ସର ପଡ଼ୁଛି । କେତେ ଜଣ ଆଖପାଖ ଗ୍ରାମର ପଣ୍ଡିତ ସବୁଦିନ ପଙ୍ଗତକୁ ଆସନ୍ତି । ସେମାନେ ଭାରି କୁହାଳିଆ । ଦିନେ କଥା ପକାଇଲେ, ହଇ ହେ, ଆଗେ ବାଉଁଶିଆରେ ଦହି ଆସି ପରଖା ହେଉଥିଲା । ଏବେ ଲାଗୁଛି ଦକ୍ଷିଣୀ ଘୋଳ । ଛେନା ଛାଡ଼ିଆକୁ ଚାଖିବାଇଲେ ଯାଇ ତଣ୍ଟିରେ ଗଳୁଛି । କଥାଟା ବାଧିଲା । ବେବର୍ତ୍ତାଙ୍କ କାନକୁ ଗଲା ।

Digitized by srujanika@gmail.com

ବେବର୍ତ୍ତା ରୋଷଘରକୁ ଗଲେ । କଥାଟା ସତ । ଜଣେ ମଉଜଆ ଆସି କହିଲେ, ଆଜ୍ଞା, ପାଣି କ'ଣ ଖାଲି ନରେନ୍ଦ୍ରରେ ଅଛି ? ଅଠର ନଳା କ'ଣ ଶୁଖିଗଲାଣି କି ? ଅଠର ନଳା ଉପରେ ବସିଲେ ଜଣେ ପରିଚ୍ଛା ।

କାହିଁ ! କଚ୍ଛି ତ ହେବାକୁ ନାହିଁ । କୁଆଡ଼ୁ ଆସିଲା ଏ ରୋଗ ? ସୁଆରଙ୍କ ମନ ଛାଡ଼ିଗଲାଣି । ବରଅଠା ପର କ୍ଷୀର ଅସୁଥିଲା । କରେଇରୁ ଛାଡ଼ିକଗଲେ ଦେହ ଚକ୍‌କଣ ହୋଇ ଯାଉଥିଲା । ଏବେ ଗୁରୁଦ୍ୱାରରେ ଖାଲି ଅଟା ନବାତ ଭର୍ତ୍ତି କରି ସେଗୁଡ଼ାକ ଖାଲି ଜାଉ ପରି ଦିଶୁଛି । ବଙ୍ଗଦେଶରୁ ଗୁଡ଼ାଏ ପଣ୍ଡିତ ଅସିଥିଲେ । ଭାରି ପରିଚର୍ଯ୍ୟା ହେଲା । ଅତିଥିଶାଳାରେ ରହିଲେ । ଭୋଜନ ସରିଲା ପରେ ଜଣେ ପଣ୍ଡିତ କହି ପକାଇଲେ—ଦୁଇ ବର୍ଷ ତଳେ ଆମେ ଆସିଥିଲୁ ; ଖାଇସାରି ହାତ ଧୋଇଲୁ ; ତିନି ଦିନ ଯାଏ ହାତରୁ ଚକ୍‌କଣ ଛାଡ଼ିଲା ନାହିଁ । ଆଉ ଏଥର ହାତ ସଫା । ରାଜଗୁରୁ ଦେଖାଚାହିଁ କରୁଥିଲେ । ଆସି ପଚାରିଲେ, ପଣ୍ଡିତ ମହାଶୟ, ଭୋଗରାଗ ମନକୁ ପାଇଲା ? ଉତ୍ତର ମିଳିଲା, ଯେଉଁ କ୍ଷେତ୍ରରେ ଅଛନ୍ତି ଜଗନ୍ନାଥ, ସେଠାରେ ସବୁ ଅମୃତ । ଯାହା ମିଳିଲା, ସେଥିରେ ଆମେ ତୃପ୍ତ । ରାଜଗୁରୁ ବୁଝିଲେ ।

ଆରଦିନ ସକାଳୁ ରୋଷଘରକୁ ଆସିଲେ । ଦୁଧଭାର ଆସୁଥାଏ । ପଚାରିଲେ ବେହେରା, ତମେ ଏ ସବୁ ଅପକର୍ମ କରୁଛ କାହିଁକି ? ବେହେରା ଉତ୍ତର ଦେଲେ । କି କଥା କହିବା ହେଉଛ, ଅବଧାନ । ଏ କି କ୍ଷେତ୍ର ! କାହା ନଅର ! ଏଠାରେ ଅପକର୍ମ କଲେ ଛାତି ଫାଟିଯିବ ନାହିଁ ?

ବଗୁର ବସିଲା । ଅଠର ନଳା ଆଗରୁ ପଡ଼ିବ ଚାରିନଳା । ଜଗନ୍ନାଥ ସଡ଼କ ଦୁଇପଟେ ଲମ୍ବିଛି ଏ ଗାଆଁ । ନଯୁକଯୋଡ଼ରେ ବର୍ଷଯାକ ଅଛି ପାଣି । ହେଉ ପଛେ ଗୋଳିଆ ପାଣି । ଅଠର ନଳା ଆଗରୁ ସବୁ କାମ ସରି ଯାଇଥିବ । ସେତେବେଳଯାଏ କ'ଣ ବାକି ଥିବ ! ଚାରି ନଳା ମୁଣ୍ଡରେ ବସିଲେ ଜଣେ ପରିଚ୍ଛା । ସବୁ ପରିଚ୍ଛାଙ୍କ

Digitized by srujanika@gmail.com

ପାଖରେ ଦୁଇ ଜଣ ଲେଖାଏଁ ପହରା ।

ଦୁଧ ଘର ଖୋଲିଥାଏ । ବାଟଯାକ ଲୋକେ ଦେଖନ୍ତି । ଠାକୁରଙ୍କ ଅମୂଣିଆ ବୋଲି ହାତଯୋଡ଼ି ନମସ୍କାର କରନ୍ତି । ବଡ଼ ଚୁଲିରେ ବଡ଼ କଡ଼େଇ ବସେ । ଦୁଧ ଆଉଟା ହୁଏ । ଦୂରଦୂରାନ୍ତରୁ ଭକ୍ତ, ପଣ୍ଡିତ ଆସନ୍ତି । ରଜାଙ୍କ ଆତିଥ୍ୟ ଗ୍ରହଣ କରନ୍ତି । ପରିପାଟୀ ଠିକ୍ ରହିଛି । ଅତିଥିଶାଳାରେ ଭୋଜନର ବ୍ୟବସ୍ଥା ଠିକ୍ ରହିଛି । ଶ୍ରୀକ୍ଷେତ୍ରର ଭୋଗ ମିଳେ । ମାତ୍ର ସନ୍ତୋଗ ଆଉ ମିଳୁ ନାହିଁ । ସନ୍ତୋଷ ମଳିନ ପଡ଼ି ଯାଇଛି । କଳା ଅଛି । ହୁଏତ ବେଶୀ ସଫା ହୋଇ ଯାଇଛି । ମାତ୍ର କର୍ପୂର ଉଡ଼ିଯାଇଛି ।

ସଚିବଙ୍କର ଭାଳେଣି ପଡ଼ିଲା । କ'ଣ ପ୍ରତିକାର କରାଯିବ ? ନିଯୋଗମାନଙ୍କୁ ବସାଇ ବିଚାର କଲେ । ସମସ୍ତେ ପରାମର୍ଶ ଦେଲେ, ଆହୁରି କଡ଼ା ପହରା ଆବଶ୍ୟକ । ଅଠର ନଳା ସିନା ଦେଖିଲେଇଁ । ଗୃହନଳା ସିନା ଜଗିଲେଇଁ । ମାତ୍ର ବାଟରେ ବାଟ ମଙ୍ଗଳା । ମଙ୍ଗଳାଙ୍କ ପାଖରେ ସ୍ନାନ ନ କରି କେହି ପୁରୀଧାମକୁ ଆସନ୍ତି ନାହିଁ । ସେଠାରେ ରହିଲେ ଜଣେ ପରିଚ୍ଛା । ଆଉ ପାଇକ । ସବୁ ଜଳା ବନ୍ଦ ହୋଇଯିବ ।

ହିମାଳୟ ରାଜ୍ୟମାନଙ୍କରୁ ସେ ବର୍ଷ ଅନେକ ରାଜାମହାରାଜା ଆସିଥିଲେ । ଶ୍ରୀମନ୍ଦିରରେ ସକଳ ବିଧି ଉପଚାର ସହିତ ଜଗନ୍ନାଥ ଦର୍ଶନ କଲେ । ଅତିଥିଶାଳାରେ ତାଙ୍କର ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଲା । ଶ୍ରୀକ୍ଷେତ୍ରର କ୍ଷୀରି, ଛେନା ଚାଡ଼ିଆ ସହିତ ସେମାନେ ପୂର୍ବରୁ ପରିଚିତ । ଏଥର କିନ୍ତୁ ଆଖିରେ, ମୁହଁରେ ସେ ପ୍ରଶଂସା ପ୍ରକଟିତ ହେଲା ନାହିଁ । ବିଦାୟ ନେଇ ଗଲାବେଳେ କହିଗଲେ, ମହାପ୍ରଭୁ ଜଗନ୍ନାଥ ଏ ରାଜ୍ୟକୁ ଆଶୀର୍ବାଦ କରନ୍ତୁ; ଏ ରାଜ୍ୟ ଦୁଗ୍ଧ ଘୃତରେ ସ୍ନିଗ୍ଧ ହେଉ ।

ସଚିବ ଉପସ୍ଥିତ ଥିଲେ । ତାଙ୍କ ମୁହଁ ଶୁଖିଗଲା । ଆରଦିନ ପ୍ରତ୍ୟୁଷରୁ ଯାଇ ଗୋଷଘରେ ଉପସ୍ଥିତ ହେଲେ । କୁରୁଚ ଉପରେ ବସି ଦେଖିଲେ । ଦେହେରାମାନେ ଆସି କଡ଼େଇ ଉପରେ ବନ୍ଧା ହୋଇଥିବା କପଡ଼ା ଉପରେ କ୍ଷୀର ଅଜାଡ଼ି ଦେଇ ବାହାରି ଯାଉଥାନ୍ତି ।

Digitized by srujanika@gmail.com

ଜଣେ ବେହେରା କ୍ଷୀର ଛାଙ୍କିଲାବେଳେ କପଡ଼ା ଉପରେ ପଡ଼ିଗଲା ଏକ କୁମ୍ଭୀର ଛୁଆ। ସଭିଏଁ ହଠାତ୍ ଚମକି ଉଠିଲେ । ଏ କ'ଣ ! କି ଜନ୍ତୁ ଇଏ ? ବେହେରା ହାତଯୋଡ଼ି କରି କହିଲା—ଆଜ୍ଞା, ସାଆନ୍ତେ, କୁଆଡ଼ୁ ଏ ଆସିଲା କେଜାଣି ? ପାଞ୍ଚ କୋଶ ବାଟରୁ ମୁଁ କ୍ଷୀର ଧରି କରି ଆସୁଛି। ବାଟରେ ଗୁଡ଼ିଏ ପଡ଼ିଆ । ଜଣ ଜଣକ ପାଖରେ ଘଡ଼ିଏ ଲେଖାଏଁ ନକମା ହେବାକୁ ପଡ଼ୁଛି । ପହରେ ରାତି ଥାଇ ଗାଈ ନ ଦୁହିଁଲେ ବେଳ ଗଡ଼ିଯିବ । ଆଜ୍ଞା, ଅନ୍ଧାର ରାତିରେ କୁଆଡ଼ୁ ଅ.ସି ଏ କୁମ୍ଭୀର ଛୁଆଟା ଗାଈପହ୍ଲାରେ ଚଢ଼ି ଯାଇଥିବ । ମୋର କି ଉପାୟ ?

ଗୁଡ଼ିଏ ପଡ଼ିଆରେ ଦୁଧରେ କୁମ୍ଭୀର ଛୁଆ ।

●

'ସମାଜ'—୨-୮-୮୧—

ସତ୍ୟବାଦୀ ସ୍କୁଲ

ପଣ୍ଡିତ ନୀଳକଣ୍ଠ ଜୀବନର ସାୟାହ୍ନରେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି—"ସତ୍ୟବାଦୀ ସ୍କୁଲ ମୋ ପ୍ରତି ଏବେ ବି ଇତିହାସ ନୁହେଁ ।" ସେ ସତ୍ୟବାଦୀ ସ୍କୁଲର କନ୍ତୁ ଅବସାନ ହୋଇ ଯାଇଛି । ତା'ର ଶ୍ମଶାନ ଉପରେ ସତ୍ୟବାଦୀଠାରେ ପ୍ରତିଷ୍ଠିତ ହୋଇଛି ଗୋଟିଏ ହାଇସ୍କୁଲ । ସତ୍ୟବାଦୀ ସ୍କୁଲର ପରମାୟୁ ଥିଲା ଅଳ୍ପ କେତୋଟି ବର୍ଷ । ମାତ୍ର ସେଇ ଅଳ୍ପକାଳ ମଧ୍ୟରେ ଏଇ ସ୍କୁଲ ଆଣିଥିଲା ଏକ ବିରାଟ ସ୍ପନ୍ଦନ, ଏକ ଅଭିନବ ଜାଗରଣ । ପଣ୍ଡିତ ଗୋପବନ୍ଧୁଙ୍କର ଆଦର୍ଶ, କଳ୍ପନା ଏବଂ ଯୋଜନାରେ ରୂପାୟିତ ହୋଇ ସତ୍ୟବାଦୀ ସ୍କୁଲ ଜନ୍ମ ହୋଇଥିଲା ୧୯୦୯ ମସିହା କୁମାର ପୂର୍ଣ୍ଣିମୀ ଦିନ । ଯେତେବେଳେ ଓଡ଼ିଶାରେ ଏମ୍. ଏ. ପାଶ କରିଥିବା ଲୋକଙ୍କ ସଂଖ୍ୟା ମୁଷ୍ଟିମେୟ, ସେତେବେଳେ ଯେଉଁ ଉଚ୍ଚଶିକ୍ଷିତ ଯୁବକମାନେ ଏହି ମହାନ୍ ଆଦର୍ଶରେ ଦୀକ୍ଷିତ ହୋଇ ତ୍ୟାଗ ଏବଂ ନିଷ୍ଠାର ପରାକାଷ୍ଠା ସୃଷ୍ଟି କରି, ଗୋପବନ୍ଧୁଙ୍କ ଅନ୍ତରଙ୍ଗ ସହକର୍ମୀ ଭାବରେ ଏହି ସତ୍ୟବାଦୀ ସ୍କୁଲ ଗଢ଼ି ଥୋଇଥିଲେ, ସେମାନେ ଏ ଜାତିର ନମସ୍ୟ । ସତ୍ୟବାଦୀ ସ୍କୁଲ ସୃଷ୍ଟି କଲା ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଏକ ଅଭିନବ ସୃଷ୍ଟି—ସତ୍ୟବାଦୀ ଯୁଗ ।

ଗୋପବନ୍ଧୁ କଂଗ୍ରେସରେ ଯୋଗ ଦେଲେ । ଓଡ଼ିଶାକୁ ଅସହଯୋଗ ଆନ୍ଦୋଳନ ଆଣିଲେ । ସ୍କୁଲକଲେଜ, କଚେରୀ, ବିଧାନ-ସଭା—ସବୁ ବର୍ଜନ କରିବା ପାଇଁ ସ୍ଥିର ହେଲା । ୧୯୨୧ ମସିହାରେ ଗୋପବନ୍ଧୁ ତାଙ୍କର ପ୍ରିୟ ପୀଠ ସତ୍ୟବାଦୀ ସ୍କୁଲକୁ ଜାତୀୟ ସ୍କୁଲରେ ପରିଣତ କରିଦେଲେ । କିଛି ଦିନ ଏ ଜାତୀୟ ବିଦ୍ୟାଳୟ ଚାଲିଲା । ତା'ପରେ କ୍ରମେ କ୍ଷୀଣ ହୋଇ ଆସିଲା । ପ୍ରାୟ ଆଠ ବର୍ଷ ପରେ ଏହାର ଅବସାନ ହୋଇଗଲା । ତା'ପରେ ସେହି ସ୍ଥାନରେ ଖୋଲିଲା ସରକାରୀ ମଞ୍ଜୁରୀ-ପ୍ରାପ୍ତ ଗୋଟିଏ ହାଇସ୍କୁଲ । ଅନେକଙ୍କ ମତରେ, ଗୋପବନ୍ଧୁ

Digitized by srujanika@gmail.com

ତାଙ୍କ ପୁଣ୍ୟ ପୀଠ ସତ୍ୟବାଦୀ ସ୍କୁଲକୁ ଜାତୀୟ ସ୍କୁଲରେ ପରିଣତ କରି ତାଙ୍କର ବିବ୍ୟକ୍ତିତ୍ୱ ଏବଂ ମହାପ୍ରାଣ ପ୍ରବାହକୁ ରୁଦ୍ଧ କରିଦେଲେ । ମଦନମୋହନ ମାଲବ୍ୟ କଂଗ୍ରେସରେ ଯୋଗ ଦେଲେ । ମାତ୍ର ତାଙ୍କର ବନାରସ ବିଶ୍ୱବିଦ୍ୟାଳୟକୁ ଅକ୍ଷୁଣ୍ଣ ରଖିଲେ । ପୁନାର ଫର୍ଗୁସନ୍ କଲେଜ ସତ୍ୟବାଦୀ ସ୍କୁଲକୁ ପ୍ରେରଣା ଦେଇଥିଲା । ମାତ୍ର ସେ କଲେଜ ତା'ର ଅଭିପ୍ରେତ ପଥରେ ଗତି କରି ଚାଲିଲା । ସତ୍ୟବାଦୀ ସ୍କୁଲ ଇତିହାସର ବସ୍ତୁ ହୋଇଗଲା । ଗୋପବନ୍ଧୁ ତାଙ୍କର ମତି ଏବଂ କୃତିରେ କେବେହେଲେ ପାର୍ଥକ୍ୟ ରଖି ନାହାନ୍ତି । ସତ୍ୟବାଦୀ ସ୍କୁଲ ବିଷୟରେ ଏ ବ୍ୟବଧାନ ରଖିଲେ ନାହିଁ ।

ସତ୍ୟବାଦୀ ସ୍କୁଲର ସୁନାମ ଏବଂ ପ୍ରଶସ୍ତି ବହୁ ଦୂର ବ୍ୟାପିଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ର ଆସୁଥିଲେ । ଓଡ଼ିଶା ବାହାରୁ ମଧ୍ୟ । ବିହାର-ଓଡ଼ିଶାର ରାଜ୍ୟପାଳ ସାର ଏଡ୍‌ୱାର୍ଡ଼ ଗେଟ୍ ଏ ସ୍କୁଲକୁ ଦୁଇଥର ପରିଦର୍ଶନ କରି ଭୂୟସୀ ପ୍ରଶଂସା କରିଥିଲେ । ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ନେତା ମଧୁସୂଦନ ଦାସ ସତ୍ୟବାଦୀ ସ୍କୁଲ ଦେଖି ଆବେଗରେ କହିଥିଲେ—'ଗୋପବନ୍ଧୁ, ଗୋଟିଏ ନାଳନ୍ଦା ଗଢ଼ି ଦେଲ ।' ଭକ୍ତକବି ମଧୁସୂଦନ, ବ୍ୟାସକବି ଫକୀରମୋହନ ଏ ସ୍କୁଲର ପରିବେଶ ଏବଂ ପରିଚାଳନାରେ ମୁଗ୍ଧ ହୋଇଥିଲେ । କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଆଶୁତୋଷ ମୁଖାର୍ଜି ସତ୍ୟବାଦୀ ସ୍କୁଲ ଦେଖି ଏହି ଆଦର୍ଶରେ ବଙ୍ଗ ଦେଶରେ ସ୍କୁଲ ଗଢ଼ିବାପାଇଁ ପରାମର୍ଶ ଦେଇଥିଲେ । ମହାତ୍ମାଗାନ୍ଧି ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ଛାତ୍ର-ଶିକ୍ଷକଙ୍କ ଶୃଙ୍ଖଳା ଏବଂ ସଂଗଠନ ଦେଖି ସନ୍ତୋଷ ପ୍ରକାଶ କରିଥିଲେ ।

ଏ ସବୁ ଇତିହାସ ଅର୍ଦ୍ଧଶତାବ୍ଦୀ ତଳର ଏକ ବିଲୁପ୍ତ ଯୁଗର ବିବରଣୀ । ଆଜି ଏ ବିବରଣୀରେ କି ତାତ୍ପର୍ଯ୍ୟ ଅଛି ? ଏ ସ୍ୱଳ୍ପାୟୁ ସତ୍ୟବାଦୀ ସ୍କୁଲର ପ୍ରଶସ୍ତି ସୁଦୂରକୁ ପ୍ରସାରିତ ହେଲା କିପରି ? ଏତେ ପଣ୍ଡିତ, ଶିକ୍ଷାବିତ୍, ଜନନାୟକ ଏ ସ୍କୁଲର ଭୂୟସୀ ପ୍ରଶଂସା କଲେ କାହିଁକି ? ଏଥିରେ କିଛି ମହତ୍ତ୍ୱ ଥିଲା । ବିଶେଷତ୍ୱ ଥିଲା । ଇତିମଧ୍ୟରେ ପୃଥିବୀର ସକଳ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଘଟିଯାଇଛି । ଦୁଇଟା

Digitized by srujanika@gmail.com

ଉସ୍ତାବନ୍ଧ ମହାଧମର, ସମାଜରେ ବୈପ୍ଳବିକ ଚିନ୍ତାଧାରା, ସାମ୍ରାଜ୍ୟ ଶକ୍ତିର ଅବସାନ ଏବଂ ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି—ଏ ସବୁର ଫଳରେ ସମାଜରେ ଆସିଛି ବିପୁଳ ପରିବର୍ତ୍ତନ । ସେଥି ସଙ୍ଗେ ଶିକ୍ଷା କ୍ଷେତ୍ରରେ ନାନା ଆନ୍ଦୋଳନ ସୃଷ୍ଟି ହୋଇଛି । ଶିକ୍ଷାର ଏହି ପ୍ରବାହରେ ସତ୍ୟବାଦୀର ଚିନ୍ତାଧାରା ଯେବେ ଏକ କ୍ଷଣସ୍ଥାୟୀ ବୁଦ୍‌ବୁଦ୍ ଭାବରେ ପ୍ରକଟିତ ହୋଇଥିଲା, ତାହାହେଲେ ସେ ସ୍ମୃତିର ପ୍ରକ୍ଷାଳନ ନିରର୍ଥକ । ମାତ୍ର ଯଦି ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପରେ, କୌଣସି ବିଭାବରେ, ସତ୍ୟବାଦୀ ସ୍କୁଲର କୌଣସି ଅବଦାନ ପରିଲକ୍ଷିତ ହୋଇଥାଏ, ତେବେ ତାହାର ଆଲୋଚନାରେ ସାର୍ଥକତା ଅଛି ।

ଥରେ କେତେକ ପୃଷ୍ଠପୋଷକଙ୍କ ଗହଣରେ ସତ୍ୟବାଦୀ ସ୍କୁଲର ଆର୍ଥିକ ପରିସ୍ଥିତି ବିଷୟରେ କଥା ଯାଉଥିଲା । ଜଣେ ବିଶିଷ୍ଟ ପ୍ରତିପତ୍ତିଶାଳୀ ବନ୍ଧୁ ପଣ୍ଡିତ ନୀଳକଣ୍ଠଙ୍କୁ କହିଲେ, “ନୀଳକଣ୍ଠ ବାବୁ, ଆପଣ ଏଠାରେ ତିରିଶ ଟଙ୍କା ବେତନରେ କାମ କରୁଛନ୍ତି । ଇଚ୍ଛା କଲେ ଅନ୍ୟତ୍ର ବହୁତ ଉପାର୍ଜନ କରି ପାରନ୍ତେ ଏବଂ ସେଥିରୁ ଦୁଇ ଶହ ଟଙ୍କା ଦାନ କରି ଦୁଇ ଜଣ ଶିକ୍ଷକ ଏ ସ୍କୁଲରେ ରଖିପାରନ୍ତେ ।” ନୀଳକଣ୍ଠ ଉତ୍ତର ଦେଲେ—“ହୁଏତ ତା’ହେଲେ ପାଠପଢ଼ା ହୁଅନ୍ତା; ମଣିଷ ଗଢ଼ା ହୋଇ ପାରନ୍ତା ନାହିଁ ।” ରବୀନ୍ଦ୍ରନାଥ ଲେଖିଛନ୍ତି—ଶିକ୍ଷକ ଯେତେବେଳେ ମଣିଷ ନ ହୋଇ ମାଷ୍ଟର ମହାଶୟ ହେବାକୁ ବସେ, ସେତେବେଳେ ହୁଏତ ସେ ପାଠ ଦେଇପାରେ । ମାତ୍ର ତାର ଅନ୍ତର ଦେଇପାରେ ନାହିଁ । ଅନ୍ତରର ବିନିମୟ ନ ହେଲେ ମଣିଷ ତିଆରି ହୁଅନ୍ତି ନାହିଁ ।

ଏହି ଦୀକ୍ଷା ଥିଲା ସତ୍ୟବାଦୀ ସ୍କୁଲର ଜନ୍ମ । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଗଣିତ ଟ୍ରାଇପସ୍‌ରେ ପ୍ରଥମ ଶ୍ରେଣୀ ଅର୍ଜନ କରିବା ଶିକ୍ଷାର୍ଥୀଙ୍କୁ ରାଙ୍ଗ୍‌ଲର୍ କୁହାଯାଏ । ଏ ଡିଗ୍ରୀ ଅର୍ଜନ କରିବା ଅତି କଷ୍ଟ-ସାଧ୍ୟ । ପୁନାର ଆର୍. ପି. ପରାଞ୍ଜପେ ଏ ଉପାଧି ଅର୍ଜନ କରିବାରେ ପ୍ରଥମ ଭାରତୀୟ । ଭାରତର ବଡ଼ଲାଟ ତାରବାର୍ତ୍ତାରେ ତାଙ୍କୁ ଅଭିନନ୍ଦନ ଜଣାଇଲେ ଏବଂ ତାଙ୍କର ମନମୁତାବକ ନିଯୁକ୍ତି ଦେବା ପାଇଁ ଆଗ୍ରହ

Digitized by srujanika@gmail.com

ପ୍ରକାଶ କରିଥିଲେ । ପାରାଞ୍ଜପେ ଅଳ୍ପ ବେତନରେ ପଚିଶ ବର୍ଷ କାଳ ଫର୍ଗୁସନ୍ କଲେଜରେ ଅଧ୍ୟାପକ ହେବା ପାଇଁ ସଂକଳ୍ପ କରିଥିଲେ । ତା'ପରେ ମନ୍ତ୍ରୀ ହେଲେ ଏବଂ ଅଷ୍ଟ୍ରେଲିଆରେ ଭାରତର ହାଇ-କମିସନର୍ ହେଲେ । ଏହି ଫର୍ଗୁସନ୍ କଲେଜରେ ଅଧ୍ୟାପକ ହୋଇ-ଥିଲେ ଗୋପାଳକୃଷ୍ଣ ଗୋଖଲେ, ଧୋନ୍ଦୁ କେଶବ କର୍ଭେ । ଏହି କଲେଜ ମହାରାଷ୍ଟ୍ରରେ ଶିକ୍ଷାର ମାନ ପ୍ରତିଷ୍ଠା କଲା । ଡେକ୍କାନ ଶିକ୍ଷା ସମିତି ଦ୍ୱାରା ଏହି କଲେଜର ଅନୁକରଣରେ ଅନେକ ବେସରକାରୀ କଲେଜ ପ୍ରତିଷ୍ଠିତ ହେଲା । ମହାରାଷ୍ଟ୍ରରେ ଶିକ୍ଷାର ମାନ ଉନ୍ନତ କରିବାରେ ଏହି ଶିକ୍ଷା ସମିତିର ଅବଦାନ ମହତ୍ତ୍ୱପୂର୍ଣ୍ଣ । ଫର୍ଗୁସନ କଲେଜରୁ ପ୍ରେରଣା ପାଇଥିଲା ସତ୍ୟବାଦୀ ଅନୁଷ୍ଠାନ । ଧର୍ମ, ନିଷ୍ଠା, ତ୍ୟାଗ—ଏ ସବୁକୁ ବକ୍ତୃତାରେ, ପ୍ରବନ୍ଧରେ ଆବଦ୍ଧ ନ କରି, ଶିକ୍ଷାୟତନ ମଧ୍ୟରେ ବିନିଯୋଗ କରିବାର ଯୋଜନା ହୋଇଥିଲା ସତ୍ୟବାଦୀ ସ୍କୁଲରେ ।

ବିଶ୍ୱବିଦ୍ୟାଳୟଦ୍ୱାରା ନିର୍ଦ୍ଦିଷ୍ଟ ପାଠ୍ୟନିର୍ଘଣ୍ଟ ସତ୍ୟବାଦୀ ସ୍କୁଲରେ ଅନୁସୃତ ହେଉଥିଲା । ଅନେକ ସ୍ଥାନରେ ଏ ପାଠ୍ୟ ଅତି କଷ୍ଟସାଧ୍ୟ ବୋଲି ବିବେଚିତ ହେଉଥିଲା । ମାତ୍ର ସତ୍ୟବାଦୀ ସ୍କୁଲରେ ଦେଖାଗଲା ଯେ ଏଥିପାଇଁ ସମସ୍ତ ସମୟ ଦେଇ ପରିଶ୍ରମ କରିବା ଆଦୌ ଆବଶ୍ୟକ ନୁହେଁ । ଏଠାରେ ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ ନିର୍ଦ୍ଧାରିତ ହୋଇଥିଲା । ତେଣୁ ପାଠ୍ୟକ୍ରମ ସହିତ ବହୁବିଧ କର୍ମ ଖଞ୍ଜାଯାଇ ପାରୁଥିଲା । ବ୍ରାହ୍ମମୁହୂର୍ତ୍ତରୁ ରାତିରେ ଶଯ୍ୟାଗ୍ରହଣ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥାଏ । ଛାତ୍ରାବାସର ମୁଖ୍ୟ ତତ୍ତ୍ୱାବଧାରକ ଥିଲେ ଆଚାର୍ଯ୍ୟ ହରିହର । ସବୁ ଅନ୍ତେବାସୀଙ୍କର ସବୁ କଥା ସେ ବୁଝୁଥିଲେ । ତାଙ୍କ ଶୃଙ୍ଖଳାର ମୁଖ୍ୟ ଆୟୁଧ ଥିଲା ସ୍ନେହ ଏବଂ ବାତ୍ସଲ୍ୟ । ସତ୍ୟବାଦୀ ସ୍କୁଲରେ ଆଧୁନିକ ଶିକ୍ଷା ସହିତ ସଂଯୁକ୍ତ ହୋଇଥିଲା ଗୁରୁକୁଳର ପରିବେଶ ।

ସକାଳେ ଦୁଇଘଣ୍ଟା ହସ୍ତକର୍ମ କରିବା ଉଚିତ ଏବଂ ସମ୍ଭବ । ଏଥିପାଇଁ ସତ୍ୟବାଦୀ ସ୍କୁଲରେ ବ୍ୟବସ୍ଥା ଥିଲା । କୋଠାରୀଙ୍କ

Digitized by srujanika@gmail.com

ଅଧିକତାରେ ନିଯୁକ୍ତ ଶିକ୍ଷା କମିଶନ ସୁପାରିଶ କଲେ, କଲେଜରେ ଛାତ୍ରମାନେ ହସ୍ତକର୍ମର ଅଭିଜ୍ଞତା ଅର୍ଜନ କରିବା ଏକାନ୍ତ ଆବଶ୍ୟକ । ମାତ୍ର ସେଥିପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି, ସେ ସବୁ ନାମକୁ ମାତ୍ର ହସ୍ତକର୍ମ । ଆମେରିକାରେ ଦେଖିଛି କେଣ୍ଟକି ରାଜ୍ୟରେ ବେରିଆ କଲେଜ । ସେଠାରେ ବିଧିବିଧାନ କରାଯାଇଛି, ଯାହାର ପିତାମାତା ସହଜରେ କଲେଜ ଶିକ୍ଷା ପାଇଁ ଅର୍ଥ ଦେଇ ପାରିବେ, ସେ ପିଲାଙ୍କୁ କଲେଜରେ ଗ୍ରହଣ କରାଯିବ ନାହିଁ । କଲେଜ ପରିସର ମଧ୍ୟରେ ଗୋପାଳନ, କୁକୁଡ଼ା ଏବଂ ବତକ ପାଳନ, ରୁଟି କାରଖାନା, ମାଖନ କାରଖାନା, ଯନ୍ତ୍ରପାତି ଆସବାବ ପ୍ରଭୃତି ନାନା ପ୍ରକାର ବ୍ୟବସ୍ଥା କରାଯାଇଛି । ଛାତ୍ରମାନଙ୍କୁ ସେଥିରେ ପରିଶ୍ରମ କରିବାକୁ ହେବ ଏବଂ ତହିଁରୁ ଉପାର୍ଜନ କରିବାକୁ ହେବ । ପୂର୍ବ ଜର୍ମାନୀରେ ଦେଖିଛି, ମିଟ୍ୱାଇଡା ଇଞ୍ଜିନିୟରିଙ୍ଗ କଲେଜ । ସେଠାରେ ଛାତ୍ରମାନଙ୍କୁ କାରଖାନାରେ ଶ୍ରମିକମାନଙ୍କ ସହିତ ନିମ୍ନ ଶ୍ରେଣୀରେ ସପ୍ତାହରେ ଦିନେ ଏବଂ ଉପର ଶ୍ରେଣୀରେ ତିନିଦିନ ପର୍ଯ୍ୟନ୍ତ କାମ କରିବାକୁ ହୁଏ । କାୟିକ ପରିଶ୍ରମଦ୍ୱାରା ଉପାର୍ଜନ ଶିକ୍ଷାର ଏକ ଅନୁଚ୍ଛେଦ୍ୟ ଅଙ୍ଗ । ଗାନ୍ଧିଜୀଙ୍କର ମୌଳିକ ଶିକ୍ଷା, ବେରିଆ କଲେଜ ଆଉ ମିଟ୍ୱାଇଡାର ପାଠ୍ୟକ୍ରମ ଏବଂ କୋଠାରି କମିଶନର ସୁପାରିଶ ପୂର୍ବରୁ, ସତ୍ୟବାଦୀ ଶିକ୍ଷାରେ ଏ ବ୍ୟବସ୍ଥା ଗୃହୀତ ହୋଇଥିଲା ।

ନାନା ଦେଶରେ ସରକାର ଶିକ୍ଷା ଲାଗି ଯେଉଁ ପରିମାଣରେ ବ୍ୟୟ କରନ୍ତି, ଭାରତରେ ତାହା ସମ୍ଭବ ହୋଇପାରି ନାହିଁ । ଆମ ଦେଶରେ ଜଣ ପିଛା କେତେ ଟଙ୍କା ବ୍ୟୟ କରାଯାଏ, ସେ ହିସାବ ନିରର୍ଥକ । ମାତ୍ର ଯେଉଁ ବିପୁଳ ଅର୍ଥ ନିୟୋଜିତ ହୁଏ, ସେଥିରେ ଅଳ୍ପ କେତେକ ଛାତ୍ରଛାତ୍ରୀ ଉପକୃତ ହୁଅନ୍ତି । ବିନିମୟରେ ସେମାନେ ସମାଜକୁ କି ଦାନ କରନ୍ତି ? ଏ ପ୍ରଶ୍ନର ବିଚାର ସତ୍ୟବାଦୀ ଶିକ୍ଷାରେ ସ୍ଥାନ ପାଇଥିଲା । ସତ୍ୟବାଦୀ ନିକଟବର୍ତ୍ତୀ କେତେଗୁଡ଼ିଏ ଗ୍ରାମକୁ ପୋଷ୍ୟଗ୍ରାମ ରୂପେ ଗ୍ରହଣ କରାଯାଇଥିଲା । ସେତେବେଳେ ଚତୁର୍ଦ୍ଦିଗରେ ମେଲେରିଆର ପ୍ରକୋପ । ଦିନକୁ ଦୁଇଜଣ ଛାତ୍ରଙ୍କର ରୋଗୀ ସେବା

Digitized by srujanika@gmail.com

ପାଳି ପଡ଼େ । ସେମାନେ ସେଦିନ ସ୍କୁଲକୁ ଯାଆନ୍ତି ନାହିଁ । ପାର୍ଶ୍ୱବର୍ତ୍ତୀ ପୋଷ୍ୟଗ୍ରାମକୁ ଯାଇ ରୋଗୀମାନଙ୍କର ଅବସ୍ଥା ଦେଖନ୍ତି । ଖାତାରେ ଲେଖନ୍ତି ; କୁଇନାଇନ୍ ଦିଅନ୍ତି । ସମସ୍ତ ବିବରଣୀ ଆଚାର୍ଯ୍ୟ ହରିହରଙ୍କୁ ଦେଖାନ୍ତି । ପର ଦିନ ସେ ସବୁ ବିବରଣୀ ନେଇ ଆଉ ଦଳେ ଛାତ୍ରଙ୍କର ଯିବାର ପାଳି ପଡ଼େ । ଆବଶ୍ୟକ ହେଲେ, କୌଣସି ରୋଗୀ ପାଇଁ ଡାକ୍ତରଙ୍କୁ ଖବର ଦିଆଯାଏ । ଯାତ୍ରା ସମୟରେ, ବିଶେଷତଃ ଗୁଣ୍ଡିଚା ଯାତ୍ରାବେଳେ, ପୁରୀ କ୍ଷେତ୍ରରେ ରୋଗୀ ସେବାକରିବା ସତ୍ୟବାଦୀ ସ୍କୁଲର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ମଧ୍ୟରେ ପରିଗଣିତ । ଏ ବ୍ୟବସ୍ଥାରେ ଖାଲି ରୋଗୀ ସେବା ହୁଏ ନାହିଁ । ଶିକ୍ଷା ଫଳରେ ଛାତ୍ରମାନେ ଯେପରି ପାରିପାର୍ଶ୍ୱିକ ସମାଜରୁ ବିଚ୍ଛିନ୍ନ ହୋଇ ନ ଯାନ୍ତି, ସେଥିଲାଗି ଏ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ।

ବିଶ୍ୱବିଦ୍ୟାଳୟର ପାଠ୍ୟନିର୍ଦ୍ଦିଷ୍ଟ ଆୟତ୍ତ କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ ଉପଯୁକ୍ତ ଶିକ୍ଷା ମିଳିଗଲା ବୋଲି ବିଚାର କରିବା ଭ୍ରମାତ୍ମକ । ସତ୍ୟବାଦୀ ସ୍କୁଲରେ ଗୋପବନ୍ଧୁ ପୂର୍ଣ୍ଣାଙ୍ଗ ଶିକ୍ଷାର କଳ୍ପନା କରିଥିଲେ । ଏବେ ଦେଶ ବିଦେଶରେ ଶିକ୍ଷାବିତ୍‌ମାନେ ସମ୍ପୂର୍ଣ୍ଣ ମାନବ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରୁଛନ୍ତି । ଶିକ୍ଷାୟତନରେ ଯେଉଁ ଆଂଶିକ ମାନବ ପାଇଁ ଶିକ୍ଷା ପ୍ରଦାନ କରାଯାଉଛି, ସେଥିରେ ବିଭ୍ରାଟ ସୃଷ୍ଟି ହେଉଛି । ସତ୍ୟବାଦୀ ସ୍କୁଲରେ ପୂର୍ଣ୍ଣାଙ୍ଗ ଶିକ୍ଷା ଲାଗି ନାନା ଉଦ୍ୟମ ହେଉଥିଲା । ସକାଳୁ ରାତିରେ ଶୋଇବା ପର୍ଯ୍ୟନ୍ତ ଛାତ୍ର ଏବଂ ଶିକ୍ଷକ ଉଭୟଙ୍କ ପାଇଁ ଶୃଙ୍ଖଳିତ ଜୀବନର ବ୍ୟବସ୍ଥା ଖଞ୍ଜାଯାଇଥିଲା । ସାପ୍ତାହିକ ବା ପାକ୍ଷିକ ସାନ୍ଧ୍ୟ ମିଳନରେ ଛାତ୍ର ଏବଂ ଶିକ୍ଷକ ସମସ୍ତେ ଯୋଗ ଦେଉଥିଲେ । ସ୍କୁଲରେ ଶୃଙ୍ଖଳା ବିଧାନରେ ଛାତ୍ରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଥିଲା । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅନୁଯାୟୀ ବକ୍ତୃତା ଏବଂ ଆଲୋଚନା ଏ ସ୍କୁଲର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇଥିଲା ।

ଏ ସ୍କୁଲରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ଦେଶର ସଂସ୍କୃତି ବିଷୟରେ ସଚେତନ ହେବେ । ଛାତ୍ର ଓ ଶିକ୍ଷକମାନେ ସେନାପରି ମାର୍ଚ୍ଚ କରିଗଲା ପରି ଧାଡ଼ି ଧରି ରାସ୍ତାରେ ଯିବେ । କୋଣାର୍କ, ଖଣ୍ଡଗିରି, ଧଉଳିଗିରି

Digitized by srujanika@gmail.com

ପ୍ରଭୃତି ପୀଠ ଦର୍ଶନ କରିବେ । ବାଟରେ କୌଣସି ଗାଁ ମୁଣ୍ଡରେ ଛୋଟା ଭିତରେ ରାତିଯାପନ କରିବେ । ସେଠାରେ ମଧ୍ୟ ହେବ ଆଲୋଚନା ସଭା । ପ୍ରଖ୍ୟାତ ପୀଠରେ ଦୁଇ ତିନି ଦିନ ରହି, ଶିକ୍ଷକମାନଙ୍କ ଗହଣରେ ତତ୍ତ୍ୱ ଏବଂ ତଥ୍ୟର ଅନୁସନ୍ଧାନ କରିବେ । ସେଥିରୁ ନିର୍ଗତ ହେବ ଜାତିର ଇତିହାସ, ପ୍ରାଣରେ ଦେଶାତ୍ମବୋଧ । ଜାତୀୟତାର ସ୍ପନ୍ଦନରେ ଉଦ୍‌ବୁଦ୍ଧ ନ ହେଲେ ଶିକ୍ଷାର କୌଣସି ମହତ୍ତ୍ୱ ରହିବ ନାହିଁ । ଏ ଅନୁଷ୍ଠାନରୁ ପ୍ରସୂତ ହେବ କୋଣାର୍କ, ବାରବାଟୀ, କୋଣାର୍କେ, ଖାରବେଳ ଏବଂ ଉତ୍କଳର ବଣବିଲ ପାହାଡ଼ରେ ଗୁଞ୍ଜରିତ ଏ ଜାତିର ସଂସ୍କୃତି ଏବଂ ଯଶୋଗାଥା ।

ଦେଶ ବିଦେଶର କାହାଣୀ ନ ଜାଣିଲେ, ଶିକ୍ଷାର ପରିସର ସଂକୀର୍ଣ୍ଣ ସୀମା ମଧ୍ୟରେ ସଙ୍କୁଚିତ ହୋଇଯିବ । ଗୋପବନ୍ଧୁ, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ଏବଂ ସେମାନଙ୍କ ସହକର୍ମୀମାନଙ୍କ ଗହଣରେ ଶିକ୍ଷାର ପରିସର ବ୍ୟାପକ କରିବା ପାଇଁ ନାନା ଉଦ୍ୟମ ହେଉଥିଲା । ବିଭିନ୍ନ ଦେଶରେ କିଭଳି ସ୍ୱାଧୀନତା ଅର୍ଜନ କରାଯାଇଛି, ସାପ୍ତାହିକ ବା ପାକ୍ଷିକ ସଭାରେ ସେ ବିଷୟରେ ଆଲୋଚନା କରାଯାଉଥିଲା । "ସତ୍ୟବାଦୀରେ ସାତ ବର୍ଷ" ଶୀର୍ଷକ ପୁସ୍ତକରେ ଚନ୍ଦ୍ରଶେଖର ମିଶ୍ର ଲେଖିଛନ୍ତି—ସେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ମାତ୍‌ସିନି, ଗାରିବାଲଡ଼ିଙ୍କ କାହାଣୀ ଜାଣିଥିଲେ । ପଣ୍ଡିତ କୃପାସିନ୍ଧୁ ବିଭିନ୍ନ ଦେଶରେ ସ୍ୱାଧୀନତାର ଇତିହାସ ବୋଲି ଖଣ୍ଡିଏ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ ।

ଥରେ ରେଭେନ୍‌ସା କଲେଜର ବିଜ୍ଞାନ ଅଧ୍ୟାପକ ଯୋଗେଶ ଚନ୍ଦ୍ର ବିଦ୍ୟାନିଧି ଯାଇଥିଲେ ଦେଖିବାକୁ ସତ୍ୟବାଦୀ ସ୍କୁଲ । ସନ୍ଧ୍ୟା ପହରରେ ଟ୍ରେନ୍ ପହଞ୍ଚିଲା ସାକ୍ଷୀଗୋପାଳ ଷ୍ଟେସନ୍‌ରେ । କେତେଗୁଡ଼ିଏ ଛାତ୍ର ତାଙ୍କୁ ପାଛୋଟି ନେବା ପାଇଁ ଷ୍ଟେସନକୁ ଆସିଥିଲେ । ସେତେବେଳେ ଗାଡ଼ି, ମଟର ବା ରିକ୍‌ସା ନ ଥିଲା । ଛାତ୍ରମାନେ ଅଧ୍ୟାପକ ଯୋଗେଶ ବାବୁଙ୍କ ଜିନିଷପତ୍ର ଧରି ସ୍କୁଲ ଅଭିମୁଖେ ବାହାରିଲେ । ବାଟରେ ଅଧ୍ୟାପକ ପଚାରିଲେ—ଆମେ କେଉଁ ଦିଗକୁ ଯାଉଥାଉଁ ?

Digitized by srujanika@gmail.com

ଛାତ୍ରମାନେ ଉତ୍ତର ଦେଲେ—ପଶ୍ଚିମ ଦିଗକୁ । ଅଧ୍ୟାପକ ପଚାରିଲେ—କିପରି ଜାଣିଲ ? ଛାତ୍ରମାନେ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଦେଲେ ନିର୍ମଳ ଆକାଶରେ, ଉତ୍ତର ଦିଗରେ ଧ୍ରୁବ ତାରା । ଯୋଗେଶ ବାବୁ ଲେଖିଛନ୍ତି, ସଙ୍ଗେ ସଙ୍ଗେ ଏଭଳି ଉତ୍ତର ସେ କୌଣସି ସ୍କୁଲରେ ପାଇ ନ ଥିଲେ । ଏ ସବୁ ମଧ୍ୟ ଥିଲା ସତ୍ୟବାଦୀ ଶିକ୍ଷାର ଅଙ୍ଗ ।

ଇତିହାସ, ଭୂଗୋଳ ଏବଂ ଗଣିତ ଇଂରେଜୀ ମାଧ୍ୟମରେ ପଢ଼ାଯାଉଥିଲା । ହାଇସ୍କୁଲ ହେଲା ପରେ ମଧ୍ୟ ଇଂରେଜୀ ମାଧ୍ୟମ ରହିଥିଲା । ମାତ୍ର ଓଡ଼ିଆ ଭାଷା ଏବଂ ସାହିତ୍ୟର ବିକାଶ ସତ୍ୟବାଦୀ ଅନୁଷ୍ଠାନର ଥିଲା ଏକ ବିଶିଷ୍ଟ ଅଙ୍ଗ । ଏ ସାହିତ୍ୟକୁ ଜାତୀୟତାର ଉଦ୍‌ବୋଧନରେ ପରିପୁଷ୍ଟ କରିବାକୁ ହେବ । ପ୍ରାଚୀ ଗଗନରେ କନକ ନୀର ମଧ୍ୟରୁ ଭାସି ଉଠି ଏ ଉତ୍କଳ ଭୂଇଁରେ ଉଇଁ ଆସିବା ପାଇଁ ଗୋଦାବରୀଶ ପୂର୍ଣ୍ଣ ତପନକୁ ଆବାହନ କରିଥିଲେ । ମନେ ଅଛି, ଆମର ଶିକ୍ଷକ ବାସୁଦେବ ମହାପାତ୍ର ରାଧାନାଥଙ୍କ "ଚନ୍ଦ୍ରଭାଗା" ପଢ଼ାଇଲାବେଳେ କହିଥିଲେ—ଆମ କିମ୍ବଦନ୍ତୀରେ ଚନ୍ଦ୍ରରେ କଳଙ୍କ ଅଛି; ମାତ୍ର ରାଧାନାଥ ସୂର୍ଯ୍ୟରେ କଳଙ୍କ ଆରୋପ କରିଦେଲେ । ଶ୍ରୀଯୁକ୍ତ ରାମଚନ୍ଦ୍ର ରଥ ମଥୁରାମଙ୍ଗଳ ପଢ଼ାଇଲାବେଳେ ଛାତ୍ରମାନେ ସୁର ଧରି ଗାଉଥିଲେ ଏବଂ କିପରି ଗାଇବାକୁ ହେବ ସେ ବିଷୟରେ କ୍ଲାସରେ ଶିକ୍ଷା ପାଉଥିଲେ ।

"ସତ୍ୟବାଦୀ" ସାହିତ୍ୟ ପତ୍ରିକା ସୃଷ୍ଟି କରିଥିଲା ଉଚ୍ଚକୋଟୀର ଏକ ଆଲୋଚନା ସାହିତ୍ୟ ଏବଂ ନୂତନ ଶକ୍ତିଶାଳୀ ଗଦ୍ୟଶୈଳୀ । ଛାତ୍ରମାନଙ୍କ ପତ୍ରିକା "ବାଣୀ"ରେ ଗଳ୍ପ, ପ୍ରବନ୍ଧ, କବିତା ପ୍ରକାଶ ପାଇଁ ଛାତ୍ରମାନଙ୍କ ମଧ୍ୟରେ ଅଦମ୍ୟ ଉତ୍ସାହ । ମନେ ଅଛି, ବାଣୀ ପତ୍ରିକାରେ ପ୍ରକାଶିତ ଗୋଟିଏ କବିତାର ପ୍ରଥମ ଧାଡ଼ିଟି ଥିଲା—"ଆଜ ବିଶ୍ୱବନ୍ଦନୀ ପୂଜିବା ପରା ।" ବନ୍ଦନୀ ଶବ୍ଦର ଅର୍ଥ କ'ଣ ? ଏଥିପାଇଁ ବିଶ୍ୱନାଥ କରଙ୍କ "ଉତ୍କଳ ସାହିତ୍ୟ"ରେ ମଧ୍ୟ ସମାଲୋଚନା ପ୍ରକାଶ ପାଇଥିଲା । ବାଣୀରେ ଲେଖୁଥିବା କେତେକ ଛାତ୍ର ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

Digitized by srujanika@gmail.com

ଏସବୁ ଇତିହାସ; ମାତ୍ର କାହାଣୀ ନୁହେଁ । ହୁଏତ ଯଶୋଗାଥା; ମାତ୍ର ଅବାନ୍ତର ନୁହେଁ । ହୋଇପାରେ, ଏହାର ଅବସାନ ହୋଇଯାଇଛି; ମାତ୍ର ବିଲୋପ ହୋଇନାହିଁ । ତେଣୁ କବିଙ୍କର ପ୍ରଖ୍ୟାତ କବିତାର ପ୍ରତିଧ୍ୱନି କରି ଗାଇବାକୁ ହେବ—

ଯାଇଛି ସେ ସତ୍ୟବାଦୀ
ସେ ଶିକ୍ଷା ଯାଇଛି ସ୍ୱର୍ଗ
ରହିଛି ସେ ଯଶ ମିଶି
ଜଳେ ସ୍ଥଳେ ପବନେ ।

●

Digitized by srujanika@gmail.com

ପ୍ରଖର ପ୍ରତିଭା

ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ ଶତବାର୍ଷିକୀ ପାଳିତ ହୋଇ ଯାଇଛି । ସେ ଥିଲେ ଏକ ବିରାଟ ବ୍ୟକ୍ତିତ୍ୱ; ଏକ ପ୍ରଖର ପ୍ରତିଭା । ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ଭାରତୀୟ ଦର୍ଶନ ଏବଂ ସଂସ୍କୃତି ବିଷୟରେ ସେ ଗଭୀର ଅନୁଧ୍ୟାନ କରିଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଥିଲେ ଏକ ମହାରଥୀ । କାବ୍ୟ ଲେଖିଲେ; ପ୍ରବନ୍ଧ ଲେଖିଲେ; ସମାଲୋଚନା ଲେଖିଲେ । ଗୀତାର ବ୍ୟାଖ୍ୟା ଏବଂ ବିଶ୍ଳେଷଣ କରି ଅସାଧାରଣ ପାଣ୍ଡିତ୍ୟ ପ୍ରକଟ କଲେ । 'ଓଡ଼ିଆ ସାହିତ୍ୟର କ୍ରମପରିଣାମ', ମଧ୍ୟରେ ଉତ୍କଳୀୟ ସଂସ୍କୃତିର ସମନ୍ୱୟ ପ୍ରତିପାଦନ କଲେ । ଦୈନିକ ସମ୍ବାଦପତ୍ର ଏବଂ ମାସିକ ପତ୍ରିକା ସମ୍ପାଦନରେ ନୂତନ ଆଭିମୁଖ୍ୟ ସୃଷ୍ଟି କରିଥିଲେ ।

ଏ ସମସ୍ତ ସେ ପ୍ରତିଭାର କେତୋଟି ମାତ୍ର ଦିଗ । ନୀଳକଣ୍ଠ ଛାତ୍ରାବସ୍ଥାରୁ ସମାଜସେବୀ ଥିଲେ । କିଶୋର ବୟସରୁ ଦେଶସେବା ବ୍ରତ ଗ୍ରହଣ କରିଥିଲେ । ସମାଜରୁ ଅନାଚାର, କୁସଂସ୍କାର, ସଙ୍କୀର୍ଣ୍ଣତା ଦୂର କରିବା ପାଇଁ ପ୍ରବଳ ଅଭିଯାନ କଲେ । କଂଗ୍ରେସରେ ଯୋଗ ଦେଲେ । ସ୍ୱାଧୀନତା ପାଇଁ ସଂଗ୍ରାମ କଲେ । କାରାବରଣ କଲେ । ସଂଗଠନରେ, ନିର୍ବାଚନରେ ବଳିଷ୍ଠ ନେତୃତ୍ୱ ପ୍ରଦର୍ଶନ କଲେ । କେନ୍ଦ୍ର ଏବଂ ଓଡ଼ିଶା ବିଧାନସଭାର ବିଧାୟକ ହେଲେ । ଦେଶ ମିଶ୍ରଣରେ, ସ୍ୱତନ୍ତ୍ର ପ୍ରଦେଶ ଗଠନରେ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିଛି । ଏ ସକଳ କ୍ଷେତ୍ରରେ ସେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

ପୁରୀ ଜିଲ୍ଲା ସ୍କୁଲରେ ଛାତ୍ରଥିଲାବେଳେ ନୀଳକଣ୍ଠ, (ଆଚାର୍ଯ୍ୟ) ହରିହର ଏବଂ (ପ୍ରଚାରକ) ଅନନ୍ତ ମିଶ୍ରଙ୍କ ସହିତ ଯାଇଥିଲେ (ପଣ୍ଡିତ) ଗୋପବନ୍ଧୁଙ୍କ ଗ୍ରାମକୁ । ଗୋପବନ୍ଧୁ ଭାଗବତ ପୂଜା କରୁଥାନ୍ତି । ପୂଜା ଶେଷ ହେଲା । ଚାରିଜଣଯାକ ଭାର୍ଗବୀ ନଦୀକୂଳରେ, ଜହ୍ନ ରାତିରେ,

Digitized by srujanika@gmail.com

ବସିଲେ ବରଗଛ ମୂଳରେ । ନଅା ଆଉ ପଅଟ ଗାଁମାନଙ୍କରେ ଲାଗିଥାଏ ଭୟାବହ ମହାମାରୀ । ବହୁଲୋକ ମରୁଥାନ୍ତି । ଲୋକେ ମୁର୍ଦ୍ଦାର ପୋଡ଼ି ନ ପାରି କମ୍ବା ଦଉପୋଡ଼ା କରି ନଈ ଭିତରେ ଫିଙ୍ଗି ଦେଇ ବାହାରି ଯାଉଥାନ୍ତି । ତାକୁ ଛିଣ୍ଡାଇ ଖାଉଥାନ୍ତି ବିଲୁଆ କୁକୁର । ଶ୍ମଶାନଧାମ ତାଙ୍କର ବିକଟାଳ ରୂପ । ଗୁରୁଜଣଯାକ ନିର୍ବାକ ହୋଇ ଦେଖିଲେ ଏ ମର୍ମନ୍ତୁଦ ଦୃଶ୍ୟ । ପ୍ରାଣ ବ୍ୟଥିତ ହେଲା । ପ୍ରତିଜ୍ଞା କଲେ, "ଆମେ ପାଠ ପଢ଼ି ସରକାରୀ ଚାକିରି କରିବା ନାହିଁ । ଦେଶ ପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖୁଥାଇଁ, ତା'ଠାରୁ ଉନ୍ନତ ଦେଖି ମରିବା ।" ଏହା ସାମୟିକ ଉଦ୍ଦୀପନା ନୁହେଁ । ଗୁରୁହେଁ ଜୀବନରେ ଏ ଶପଥକୁ ରୂପାୟିତ କରିଥିଲେ । ନୀଳକଣ୍ଠ ହାଇସ୍କୁଲ୍ ଛାତ୍ର । କିଶୋର ବୟସ । ସେତେବେଳେ ଏ ଖ୍ରୀଷ୍ଟପ୍ରତିଜ୍ଞା ।

୧୯୦୪ ମସିହାରେ ସାରା ଦେଶରେ ଆରମ୍ଭ ହେଲା ସ୍ୱଦେଶୀ ଆନ୍ଦୋଳନ । ମଧୁବାବୁ (ଜାତୀୟ ଗୌରବ ମଧୁସୂଦନ) ଯାଇ ପହଞ୍ଚିଲେ ପୁରୀ ସହରରେ ! ପ୍ରବଳ ପ୍ରତାପୀ ଲର୍ଡ଼ କର୍ଜନ୍ ଭାରତର ବଡ଼ଲାଟ । ମଧୁବାବୁ ଆହ୍ୱାନ ଦେଲେ,—ଯେଉଁମାନେ ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେବା ପାଇଁ ପ୍ରସ୍ତୁତ, ସେମାନେ ଦସ୍ତଖତ କରନ୍ତୁ । ପୁଲିସ ଫଉଜ ଜମା ହୋଇଥାନ୍ତି । କେହି ଦସ୍ତଖତ କରିବାପାଇଁ ବାହାରିଲେ ନାହିଁ । ଜିଲ୍ଲା ସ୍କୁଲ ଛାତ୍ର ନୀଳକଣ୍ଠ ପ୍ରଥମେ ଦସ୍ତଖତ କଲେ । ଆଗଭର ହୋଇ ବାହାରି ଅ.ସିଲେ । ଏ ଦୃଢ଼ତା, ଏ ସଂକଳ୍ପ, ଏ ମନୋଭାବ ନୀଳକଣ୍ଠଙ୍କ ଚରିତ୍ରଗତ ପ୍ରଥମ ପର୍ଯ୍ୟାୟ । କିଛି ଦିନ କଟକ କଲେଜିଏଟ୍ ସ୍କୁଲରେ ଛାତ୍ର ଥିଲାବେଳେ ପାଖରେ ହଇଜା ଲାଗିଲା । ନୀଳକଣ୍ଠ ବାହାରିଗଲେ ରୋଗୀସେବା କରିବାପାଇଁ । ଅଧକ୍ଷ ବିରକ୍ତ ହେଲେ । ବିନା ଅନୁମତିରେ ତୁମେ ଗଲ କାହିଁକି ? ନୀଳକଣ୍ଠ ଅନୁନୟ କରି କହିଲେ—ହଇଜା ରୋଗୀ କ'ଣ ଅନୁମତି ପର୍ଯ୍ୟନ୍ତ ଅପେକ୍ଷା କରି ପାରିବ ? ଘଟଣା କୁଳ ସଂକଳ୍ପରୁ ସେ ବିଚ୍ୟୁତ ହୋଇ ନାହାନ୍ତି ।

କଲେଜ ଜୀବନରୁ ସମାଜରେ ନାନା ଅପକର୍ମ ତାଙ୍କ ପ୍ରାଣକୁ ଆଲୋଡ଼ନ କଲା । ଧର୍ମ ନାମରେ ବହୁ ଦୁଷ୍କର୍ମ ସୃଷ୍ଟି କରାଯାଇଛି ।

Digitized by srujanika@gmail.com

ଶାସ୍ତ୍ରକୁ ଘଣ କରି କେତେ କର୍ମକାଣ୍ଡ ଗଢ଼ାଯାଇଛି । ଧର୍ମ ଦେବତାଙ୍କୁ ଆଳ କରି କେତେ କୁସଂସ୍କାର ପ୍ରବର୍ତ୍ତିତ ହୋଇଛି । ଏ ସମସ୍ତର ନିରାକରଣ ପାଇଁ ସେ ଆନ୍ଦୋଳନ ଚଳାଇଲେ । ଭକ୍ତିର ମିଥ୍ୟା ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ଗାଁରେ ହଇଜା ଲାଗିଛି । କାଳେଶୀ ବାହାରିଲେ । ଲୋକେ ଉପସ୍ଥିତ ହେଲେ । ନୀଳକଣ୍ଠ ଗୋଟିଏ କାଳସୀକୁ ପିଟିପିଟି ଅଚେତା କରିଦେଲେ । "ଆମର ଥିଲା; ତେଣୁ କାରଣ ଥିବ ।" ଏଇ ଅନ୍ଧବିଶ୍ୱାସ ବିରୋଧରେ ସେ ସଂଗ୍ରାମ କଲେ । ରକ୍ଷଣଶୀଳ ଲୋକେ ଉତ୍ତ୍ୟକ୍ତ ହେଲେ । ହଉଥାନ୍ତୁ । ନୀଳକଣ୍ଠଙ୍କର ଭ୍ରୂକ୍ଷେପ ନାହିଁ । ପଣ୍ଡିତ ସଭା ତାଙ୍କୁ ବାସନ୍ଦ କରିବାକୁ ଧମକ ଦେଲେ । ମାତ୍ର ସାହସ ହେଲା ନାହିଁ ।

ନୀଳକଣ୍ଠ ରେଭେନ୍‌ସା କଲେଜରେ ଅଧ୍ୟୟନ କଲେ । ସେଠାରୁ ବି. ଏ. ପାଶ କଲେ । କଲିକତାରୁ ଏମ୍. ଏ. ପାଶ କଲେ । ସତ୍ୟବାଦୀରେ ଗୋଟିଏ ମାଇନର ସ୍କୁଲ ସ୍ଥାପିତ ହେଲା । ସେଇଟି ହାଇସ୍କୁଲରେ ପରିଣତ ହେଲା । ନୀଳକଣ୍ଠ ହେଲେ ହେଡ୍ ମାଷ୍ଟର୍ । ବେତନ ନେଲେ ମାସକୁ ପଚିଶ ଟଙ୍କା । ଗୋପବନ୍ଧୁଙ୍କ ସଙ୍ଗରେ ଭାର୍ଗବୀ କୂଳରେ ଯେଉଁ ଶପଥ ଗ୍ରହଣ କରିଥିଲେ, ସତ୍ୟବାଦୀ ସ୍କୁଲ ହେଲା ତାହାର ଭିତ୍ତିଭୂମି । ନୀଳକଣ୍ଠ ଉପଲବ୍‌ଧି କରିଥିଲେ, ସାହିତ୍ୟ ଓ ସଂସ୍କୃତି, ସଂସ୍କାର ଓ ବିକାଶ, ଦେଶର ଓ ଜାତିର କଲ୍ୟାଣ—ଏ ସମସ୍ତ ପାଇଁ ଆଧାର ଶୃଙ୍ଖଳିତ ଶିକ୍ଷା ।

ସତ୍ୟବାଦୀ ସ୍କୁଲ ହେଲା ତାଙ୍କର ଧର୍ମକ୍ଷେତ୍ର—ସାଧନାର ପୀଠ; କୁରୁକ୍ଷେତ୍ର—କର୍ମପୀଠ । ଜୀବନର ସାୟାହ୍ନରେ ନୀଳକଣ୍ଠ ଲେଖିଛନ୍ତି:— ସତ୍ୟବାଦୀ ସ୍କୁଲର ଅବସାନ ହୋଇଯାଇଛି; ମାତ୍ର ସତ୍ୟବାଦୀ ସ୍କୁଲ ମୋ ପାଇଁ ଇତିହାସ ନୁହେଁ । ଅଳ୍ପ କେତେ ବର୍ଷ ମଧ୍ୟରେ ସତ୍ୟବାଦୀ ସ୍କୁଲ ସୃଷ୍ଟି କରିଥିଲା ଏକ ସତ୍ୟବାଦୀ ଯୁଗ । ଏ ଅନୁଷ୍ଠାନଟି ହୋଇଥିଲା ଏକ ଗୁରୁକୁଳ । ବ୍ରିଟିଶ ସରକାର କିନ୍ତୁ ଏ ସ୍କୁଲକୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ଏ ନଷ୍ଟସ୍ୱ ବିପ୍ଳବର ଏକ କାରଖାନା । ଗୁଇନ୍ଦା ଆସିଲେ । ତଥ୍ୟ ସଂଗ୍ରହ କଲେ । ବୋମା ପାଇଲେ ନାହିଁ । ଅସ୍ତ୍ରାଗାର

Digitized by srujanika@gmail.com

ଦେଖିଲେ ନାହିଁ । ଦେଖିଲେ ଶିକ୍ଷାକ୍ଷେତ୍ରରେ, ସଂସ୍କୃତି ରାଜ୍ୟରେ, ସାମାଜିକ ଚେତନାରେ ଏକ ବୈପ୍ଳବିକ ଅଭିଯାନ ।

ଏ ଗୁରୁକୁଳରେ ଭୃଷ୍ଟୁଷରୁ ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତିଦିନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା । ଶିକ୍ଷକ, ଛାତ୍ର ସମସ୍ତେ ଏକତ୍ର ରହିଲେ । ଜାତି ନାହିଁ; ଧର୍ମ ନାହିଁ; ଭେଦ ବିଭେଦ ନାହିଁ; ବାଛ ବିଚାର ନାହିଁ । ଏକାଠି ରହିଲେ; ଏକାଠି ଖାଇଲେ । ଏକାଠି କଲେ ସମବେତ ପ୍ରାର୍ଥନା । ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସମାଜପତିଙ୍କ ପ୍ରତିଷ୍ଠାରେ ବାଧା ପଡ଼ିଲା । ସେମାନେ କ୍ରୋଧରେ ଜଳି ଉଠିଲେ । ନିଆଁ ଲଗାଇ ସ୍କୁଲ ଗୃହକୁ ଜାଳି ଦେଲେ । ଜାଳନ୍ତୁ । ନୀଳକଣ୍ଠ ଟିକିଏ ହେଲେ ବିବ୍ରତ ହେଲେ ନାହିଁ । ପାଠପଢ଼ା ହେଲା ବକୁଳ ଝାଉଁଆ ବନ ମଧ୍ୟରେ । ଏ ମଞ୍ଜୁଳ ପରିବେଶରେ ଗୁରୁକୁଳର ମହତ୍ତ୍ୱ ପ୍ରସାରିତ ହେଲା ।

ସେ ଝାଉଁଆ ବଣ ଉଜୁଡ଼ି ଯାଇଛି । ସବୁଆଡ଼ ପଦା ହୋଇ-ଯାଇଛି । ବୋର୍ଡିଂ ଗୃହ ଭାଙ୍ଗିରୁଜି ଯାଇଛି । କିଛି ବର୍ଷ ତଳେ ଯାଇ ଦେଖିଲି, ଛାତ୍ରାବାସର ଗୋଟିଏ ଜୀର୍ଣ୍ଣ କକ୍ଷ ଭିତରୁ ବାହାରିଲେ ଜଣେ ୟୁରୋପୀୟ ସାହେବ । ପଚାରି ବୁଝିଲି, ସେ ଆସିଛନ୍ତି ଅନୁଧ୍ୟାନ କରିବା ପାଇଁ, ଏଇ ଭୂଇଁରୁ, ଏଇ ପଲ୍ଲୀ ପରିବେଶ ମଧ୍ୟରୁ, ନୂତନ ଶିକ୍ଷାର ଉତ୍ସ, ସ୍ୱାଧୀନ ଚିନ୍ତାର ପ୍ରବାହ, ସ୍ୱାଧୀନତା ସଂଗ୍ରାମର ପ୍ରସ୍ରବଣ ନିଃସୃତ ହେଲା କିପରି ? ଆମେ କିନ୍ତୁ ଏହି କ୍ଷେତ୍ରର ରକ୍ଷଣାବେକ୍ଷଣ ପାଇଁ କୌଣସି ପଦକ୍ଷେପ ନେଇ ପାରିଲୁ ନାହିଁ ।

ସତ୍ୟବାଦୀରେ ନୀଳକଣ୍ଠ ଲେଖିଲେ ତାଙ୍କର ପ୍ରଥମ କାବ୍ୟ "ପ୍ରଣୟିନୀ" । ଟେନିସନ୍‌ଙ୍କ ପ୍ରିନ୍‌ସେସ୍ (Princess) କାବ୍ୟର ଅବଲମ୍ବନରେ ଲେଖା ଏ ବିରାଟ କାବ୍ୟ । ଏହାର ଛନ୍ଦ ଏବଂ ପରି-ପାଟୀରେ ଅଛି ଗାମ୍ଭୀର୍ଯ୍ୟ; ଶୈଳୀରେ ଅଛି ଶବ୍ଦସମ୍ଭାର । କାବ୍ୟଟି ପଣ୍ଡିତ ମାନଙ୍କଦ୍ୱାରା ଆଦୃତ ହେଲା । ମାତ୍ର କେତେକ ନିନ୍ଦୁକ ମନ୍ତବ୍ୟ ଦେଲେ,—ନୀଳକଣ୍ଠ ଦାସ ସଂସ୍କୃତଆ ପଣ୍ଡିତ; ସେ ଓଡ଼ିଆ ଭାଷାରେ ଲେଖିବେ କିପରି ? ନୀଳକଣ୍ଠ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କଲେ । କିଛି ବର୍ଷ ପରେ ସେ ଟେନିସନ୍‌ଙ୍କ ଇନକ୍ ଆର୍ଡେନ୍

Digitized by srujanika@gmail.com

(Enoch Arden) ଅବଲମ୍ବନରେ ଲେଖିଲେ ଦାସନାଏକ କାବ୍ୟ । ମଧୁର, ଲଳିତ, ସରସ । ଗୋଟିଏ ହେଲେ ସାଧୁ ଶବ୍ଦ ନାହିଁ; ସଂସ୍କୃତ ଶବ୍ଦ ନାହିଁ । ଭାଷାଜ୍ଞାନରେ ନୀଳକଣ୍ଠ ଧୁରନ୍ଧର ।

ତାଙ୍କର ଶ୍ରେଷ୍ଠ କାବ୍ୟ "କୋଣାର୍କେ" । ଏଥିରେ କଥା, କାହାଣୀ, ଉତ୍କଳର ବିଭବ, ଗୌରବ, ସଂସ୍କୃତି, ଇତିହାସ ଜୀବନ୍ତ ହୋଇ ଉଠିଛି । ତା' ସହିତ ତାଳ ଦେଇ ଫୁଟି ଉଠିଛି ଭାଷା, ଛନ୍ଦ, ଶୈଳୀ, ସଙ୍ଗୀତ । ମାୟାଧର ମାନସିଂହଙ୍କର ଭାଷାରେ, ରାଜନୈତିକ ନୀଳକଣ୍ଠ କାଆଲି ପରି ଧୂଳିରେ ମିଶି ବିସ୍ମୃତ ହୋଇଯିବେ । ମାତ୍ର 'କୋଣାର୍କେ'ର କବି ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ । କୋଣାର୍କେର ପ୍ରଥମ ଭାଗ 'ରାମଚଣ୍ଡୀଠାରେ ରାତି ଓ ସକାଳ' କବି ଲେଖିଥିଲେ ଗୋଟିଏ ସପ୍ତାହରେ । କିଛି କାଳ ଏତିକିରେ ପଡ଼ି ରହିଲା । ତା'ପରେ ଦ୍ୱିତୀୟ ଭାଗ 'ମାୟାଦେବୀ' ଗୋଟିଏ ସପ୍ତାହରେ ଲେଖି ସମାପ୍ତ କରିଦେଲେ । ଏପରି ଏକ ଦୀର୍ଘ ଅନୁପମ କାବ୍ୟ ଦୁଇ ସପ୍ତାହ ମଧ୍ୟରେ ଲେଖିଦେବା କଳ୍ପନାତୀତ । ଏଥିରେ ପ୍ରତିଭାତ ହୋଇଛି ଅଲୌକିକ ଶକ୍ତି, ପ୍ରଖର ପ୍ରତିଭା ।

ଲେଖିଲେ ଖାରବେଳ କାବ୍ୟ । ଖାରବେଳ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କୁମାରିକାଠାରୁ ମଗଧ ପର୍ଯ୍ୟନ୍ତ ଜୟ କରିଥିଲେ । ହାତୀ ଗୁମ୍ଫା ଶିଳାଲିପିରେ ଅଛି ଏହାର ବିବରଣୀ । ଖାରବେଳଙ୍କ ବିଷୟରେ ଏହି କାବ୍ୟଟି ପ୍ରଥମ ଏବଂ ଏକମାତ୍ର ସାହିତ୍ୟିକ ପ୍ରସୂନ । ଏ କାବ୍ୟର ଆରମ୍ଭରେ ଦିଆଯାଇଛି ଏକ ଅପୂର୍ବ ନମସ୍କ୍ରିୟା ।

କାହା ଘେନି ଏ ଜୀବନ-ମରଣ ମଧ୍ୟରେ
ଫୁଟେ ବିଶ୍ୱ କଳା ବିଭବ ?
କାହା ଘେନି ନିଶ୍ଚଳ ଏ ଶୂନ୍ୟ ମହାକାଳେ
ନାଚଯାଏ ଅନନ୍ତ ବିଭବ ?

ଏଇ ନମସ୍କ୍ରିୟାଟିକୁ ଖାଲି ଗାଇଗଲେ ଲାଗିବ ଯେପରି ଋଷି କଣ୍ଠରୁ ନିଃସୃତ ବେଦଧ୍ୱନି । ଭାଷା, ଭାବ, ଛନ୍ଦ—ସବୁ ମନ୍ତ୍ରେ ସମୃଦ୍ଧ ।

କାରାବାସରେ ଲେଖିଲେ ଗୀତା ଉପରେ ଏକ ବିରାଟ ସନ୍ଦର୍ଭ ।

Digitized by srujanika@gmail.com

ଏଥିରେ ଅଛି ମୌଳିକତା ଏବଂ ତତ୍ତ୍ୱାନୁସନ୍ଧାନ । ଆଉ ଏକ ସନ୍ଦର୍ଭ ଲେଖିଲେ, "ଓଡ଼ିଆ ସାହିତ୍ୟର କ୍ରମପରିଣାମ" । ଏଥିରେ ଅଛି ଓଡ଼ିଶାର ସାହିତ୍ୟ, ଧର୍ମ, ସଂସ୍କୃତି ଏବଂ ଇତିହାସ । ଏଇ ଦୁଇଟି ସନ୍ଦର୍ଭରେ ପ୍ରକଟିତ ହୋଇଛି ପ୍ରଗାଢ଼ ଅଧ୍ୟୟନ ଆଉ ଅଗାଧ ପାଣ୍ଡିତ୍ୟ । ତାଙ୍କଠାରୁ କଥା ଶୁଣିଲେ ସ୍ୱତଃ ମୁଣ୍ଡ ନଇଁଯାଏ ।

ପଣ୍ଡିତ ନୀଳକଣ୍ଠ ଜଗନ୍ନାଥ ସଂସ୍କୃତିରେ ଦେଖିଥିଲେ ଉତ୍କଳର ମହନୀୟତା । ସେ ଏ ବିଷୟରେ ପ୍ରଗାଢ଼ ଅନୁଧ୍ୟାନ କରିଥିଲେ । ନୀଳାଚଳ ଥିଲା ଶାନ୍ତି, ମୈତ୍ରୀ ଏବଂ ଆତିଥେୟତାର ଦିବ୍ୟଧାମ । ଏଠାରେ ଜାତିଭେଦ ନ ଥିଲା । ଉଚ୍ଚ ନୀଚର ବ୍ୟବଧାନ ନ ଥିଲା । ଏଠାରେ ଥିଲା ମୈତ୍ରୀ ଧର୍ମ । ଲୋକଙ୍କଠାରେ ଥିଲା ସେବା ଧର୍ମ । ଏହି ପୀଠକୁ ଆସିଥିଲେ ଶୈବ, ଶାକ୍ତ, ବୈଷ୍ଣବ । ଆସିଥିଲେ ଶଙ୍କର, ରାମାନୁଜ, ଚୈତନ୍ୟ, ଇସଲାମଧର୍ମୀ କବିର, ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁନାନକ । ଏହି କ୍ଷେତ୍ରରେ ଶ୍ରୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତି ଶବରକନ୍ୟା ଲଳିତାକୁ ବିବାହ କରିଥିଲେ ! ଏହି ଧାମରେ ସକଳ ଧର୍ମ, ସମ୍ପ୍ରଦାୟର ସମନ୍ୱୟ ଘଟିଥିଲା । ଏବେ ଭାରତର ଏକୀକରଣ ପାଇଁ ନାନା ପ୍ରଚାର କରାଯାଉଛି । ମାତ୍ର ଜଗନ୍ନାଥ ସଂସ୍କୃତିରେ ଭାରତ ଏକୀକୃତ ହୋଇ ରହିଥିଲା ।

ଏ ସମସ୍ତ ବିଶ୍ଳେଷଣ କରି ସାରି ସେ ଶ୍ରୀଚୈତନ୍ୟଙ୍କୁ ଆବାହନ କରିନାହାନ୍ତି । ଚୈତନ୍ୟଙ୍କ ଧର୍ମ ଜଗନ୍ନାଥ ସଂସ୍କୃତିକୁ କଳୁଷିତ କରିଛି । ଜଗନ୍ନାଥ ଶ୍ରୀକୃଷ୍ଣ । ମାତ୍ର ସେ ଚୈତନ୍ୟଙ୍କ ସଙ୍ଗୀତକବିର ଆଭୀରନାରୀର ବଦନ-କମଳାସ୍ୱାଦ ମଧୁପ ଶ୍ରୀକୃଷ୍ଣ ନୁହଁନ୍ତି । ଜଗନ୍ନାଥ ହେଉଛନ୍ତି ଯୋଗୀପ୍ରବର, ଗୀତାମୃତ ପରିବେଷକ, ବୌଦ୍ଧିକତାର ଆଧାର ଶ୍ରୀକୃଷ୍ଣ ।

ନୀଳକଣ୍ଠଙ୍କଠାରେ ଥିଲା ପ୍ରଖର ବୌଦ୍ଧିକତା । ସେଇ ବୌଦ୍ଧିକତାର ନିକଷରେ ସେ ଶାଣିତ କରିଥିଲେ ତାଙ୍କର ଶିକ୍ଷା, ଶୃଙ୍ଖଳା; ସାହିତ୍ୟ, ଦର୍ଶନ ଏବଂ ସମାଜ ସଂସ୍କାର । ଯାହା ଯୁକ୍ତିସଙ୍ଗତ ନୁହେଁ, ସେସବୁ ଗ୍ରହଣୀୟ ହୋଇ ନ ପାରେ । ସେଇ ବୌଦ୍ଧିକତାର

Digitized by srujanika@gmail.com

ଆଗରେ ପ୍ରଦୀପ୍ତ ହୋଇଥିଲା ତାଙ୍କର ବ୍ୟକ୍ତିତ୍ୱ । ଜଣେ ବୌଦ୍ଧିକର ଦୀପ୍ତିରେ ଅନେକେ ମଳିନ ହୋଇ ପଡ଼ନ୍ତି । ସେମାନଙ୍କର ପ୍ରଭାବ କ୍ଷୁଣ୍ଣ ହୋଇପଡ଼େ । ତାଙ୍କ ସ୍ୱାର୍ଥସିଦ୍ଧିରେ ବାଧା ଉପୁଜେ । ସେଇ ଆଗରେ ଲୋକେ ଈର୍ଷାନ୍ୱିତ ହୁଅନ୍ତି; ବାଧାବନ୍ଧ ସୃଷ୍ଟି କରନ୍ତି; ଷଡ଼ଯନ୍ତ୍ର କରନ୍ତି । ନୀଳକଣ୍ଠ ଏ ସମସ୍ତର ସମ୍ମୁଖୀନ ହୋଇଥିଲେ । କାଉଁରିଆ କାଠି ଛୁଇଁଦେବ ପଛକେ ନଇଁବ ନାହିଁ । ନୀଳକଣ୍ଠ କନ୍ଥ ଭାଙ୍ଗି ନ ଥିଲେ କି ନଇଁ ନ ଥିଲେ ।

୧୯୨୧ ମସିହାରେ ନୀଳକଣ୍ଠ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ପୂର୍ଣ୍ଣ ପ୍ରାଣରେ ଲାଗି ପଡ଼ିଲେ । ନେତୃତ୍ୱ ପ୍ରକଟିତ କଲେ । କାରାବରଣ କଲେ । ୧୯୨୪ ମସିହାରେ କେନ୍ଦ୍ର ଆସେମ୍ବ୍ଲିରେ ସଦସ୍ୟ ହେଲେ । ମୋତିଲାଲ ନେହେରୁ ଥିଲେ ଆସେମ୍ବ୍ଲି କଂଗ୍ରେସ ଦଳର ସଭାପତି । ନୀଳକଣ୍ଠ ହେଲେ ସମ୍ପାଦକ । ଦକ୍ଷତାର ପରିଚୟ ଦେଲେ । ସୁନାମ ଅର୍ଜନ କଲେ । ଗୋପବନ୍ଧୁଙ୍କ ତିରୋଧାନ ପରେ ନୀଳକଣ୍ଠ ଓଡ଼ିଶା ରାଜନୀତିର ନେତୃତ୍ୱ ଗ୍ରହଣ କଲେ । ତ୍ୟାଗ, ନିଷ୍ଠା, ଦକ୍ଷତା ଏବଂ ବୌଦ୍ଧିକତା ବଳରେ ସେ ହେଲେ କର୍ଣ୍ଣଧାର । ମାତ୍ର ସେଥିରେ ହେଲେ ଚକ୍ରାନ୍ତର ଶରବ୍ୟ ।

୧୯୩୫ ମସିହା ଶାସନ ବିଧାନ ଅନୁସାରେ ପ୍ରଦେଶମାନଙ୍କୁ ସ୍ୱତନ୍ତ୍ରତା ମିଳିଲା । ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ନୂତନ ବିଧାନ ଅନୁଯାୟୀ ପ୍ରାଦେଶିକ ବିଧାନସଭାକୁ ପ୍ରତିନିଧି ନିର୍ବାଚିତ ହେବେ । ସଂଖ୍ୟାଗରିଷ୍ଠ ଦଳରୁ ମନ୍ତ୍ରୀ ନିଯୁକ୍ତ ହେବେ । ୧୯୩୭ ମସିହାରେ ନିର୍ବାଚନ ହେଲା । ପ୍ରାଦେଶିକ କଂଗ୍ରେସର ସଭାପତି ଭାବରେ ପଣ୍ଡିତ ନୀଳକଣ୍ଠ ପରିଚାଳନା କଲେ ନିର୍ବାଚନ । କଂଗ୍ରେସ ପ୍ରାର୍ଥୀ ଥିଲେ ୩୭ ଜଣ । ସେଥିରୁ ୩୬ ଜଣ ନିର୍ବାଚିତ ହେଲେ । ଭାରତବର୍ଷରେ 'ସାବାସ ଓଡ଼ିଶା' ବୋଲି ଖ୍ୟାତି ପ୍ରସାରିତ ହେଲା । ନୀଳକଣ୍ଠ ପ୍ରାର୍ଥୀ ହୋଇ ନ ଥିଲେ । ମାତ୍ର ଦଳର ସଭାପତି ଭାବରେ ସେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ଅଳ୍ପ ପରେ ଗୋଟିଏ ସ୍ଥାନ ଖାଲି ହୋଇଥାନ୍ତା ଏବଂ ସେଥିରୁ ସେ ନିର୍ବାଚନ ଲଢ଼ିଥାନ୍ତେ । ମାତ୍ର ଚକ୍ରାନ୍ତ ଚାଲିଲା । ନିର୍ବାଚନ

Digitized by srujanika@gmail.com

ଲାଗି କଂଗ୍ରେସ ପାଣ୍ଠିରୁ ମିଳିଥିଲା ମାତ୍ର ଆଠ ହଜାର ଟଙ୍କା । ପ୍ରଚାର ହେଲା, ନୀଳକଣ୍ଠ ଟଙ୍କା ଖାଇଗଲେ । କାରସାଦ ହେଲା—ସେ ନିର୍ବାଚନରେ ଆସି ନାହାନ୍ତି; ତେଣୁ ମୁଖ୍ୟମନ୍ତ୍ରୀ ହୋଇ ପାରିବେ ନାହିଁ । ପରବର୍ତ୍ତୀ କାଳରେ ଅନେକେ ଆଗ ମୁଖ୍ୟମନ୍ତ୍ରୀ ହୋଇ ପରେ ନିର୍ବାଚିତ ହୋଇଛନ୍ତି । ନୀଳକଣ୍ଠ ବାଦ ପଡ଼ିଲେ । ଏଇ ଆମର ଓଡ଼ିଶା ରାଜ୍ୟ ।

ନୀଳକଣ୍ଠ କ୍ଷୁବ୍ଧ ହୋଇଥିବେ; ମାତ୍ର ତାଙ୍କର କଲମ କ୍ଷାନ୍ତ ହେଲା ନାହିଁ; ନିସ୍ତବ୍ଧ ହେଲା ନାହିଁ । ପ୍ରତିଭା ମଳିନ ହେଲା ନାହିଁ । ଚିନ୍ତାର ଆହୁରି ଉଚ୍ଚ ସ୍ତରକୁ ଯାଇଥିଲା । ଅସହଯୋଗ ଆନ୍ଦୋଳନରେ ନୀଳକଣ୍ଠଙ୍କୁ କେତେଥର କାରାବାସ ବରଣ କରିବାକୁ ପଡ଼ିଥିଲା । ସେ କେନ୍ଦ୍ର ଆସେମ୍ବ୍ଲିରେ ସଦସ୍ୟ ଥିଲାବେଳେ କାରାଦଣ୍ଡ ମିଳିଲା । ତାଙ୍କୁ କାହିଁକି ପ୍ରଥମଶ୍ରେଣୀ ବନ୍ଦୀ ରୂପେ ନିଆଗଲା ବୋଲି ଜଣେ ସହ-ବ୍ୟବସ୍ଥାପକ ଆପତ୍ତି ଉଠାଇଥିଲେ । ନୀଳକଣ୍ଠ ତାଙ୍କ ଜୀବନୀରେ ଏ କଥା ଉଲ୍ଲେଖ କରିଛନ୍ତି । ମାତ୍ର ସେ ଭ୍ରୂକ୍ଷେପ କରି ନାହାନ୍ତି ।

ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିରେ ବହୁକାଳ ସଭ୍ୟ ରହିଛନ୍ତି । ତା'ପରେ ଓଡ଼ିଶା ଆସେମ୍ବ୍ଲିକୁ କେତେ ଥର ଆସିଛନ୍ତି । ୧୯୫୭ ମସିହାରେ ଶେଷଥର ପାଇଁ ଓଡ଼ିଶା ବିଧାନସଭାକୁ ଆସିଲେ । ଏଥର ବାଚସ୍ପତି ରୂପେ ନିର୍ବାଚିତ ହେଲେ । ୧୯୫୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସ୍ଥାପିତ ହେଲା । ନୀଳକଣ୍ଠ ସଭାପତି ନିଯୁକ୍ତ ହେଲେ । ସେ ଆତ୍ମଜୀବନୀରେ ଲେଖିଛନ୍ତି—'ସେମାନେ ପ୍ରଥମେ ବଡ଼ ଉତ୍ସାହରେ ମତେ ଡାକ ନେଇ ପାଞ୍ଚ ବର୍ଷ ଯାଏଁ ସଭାପତି କରିବେ ବୋଲି କହିଥିଲେ; ମାତ୍ର ଗୋଟିଏ ବର୍ଷ ପରେ ମୋତେ ଏଇ ପଦବୀରୁ ହଟାଇ ଦେଲେ ।' ସଂକୀର୍ଣ୍ଣ ରାଜନୀତିକ ସଂଘର୍ଷ ମଧ୍ୟରେ ବୌଦ୍ଧିକତାର ଭାଗ୍ୟରେ ମଧ୍ୟ ଜୁଟେ ନିର୍ବାସନ ଯୋଗ । ନୀଳକଣ୍ଠ ଏଠାରେ ମଧ୍ୟ ନିସ୍ତାର ପାଇଲେ ନାହିଁ ।

ଆସେମ୍ବ୍ଲିର ପରମାୟୁ ପାଞ୍ଚବର୍ଷ । ପାଞ୍ଚବର୍ଷ ପୂରିବା ଆଗରୁ ଆସେମ୍ବ୍ଲି ଭାଙ୍ଗିଗଲା । ନୀଳକଣ୍ଠଙ୍କୁ ବାଚସ୍ପତି ପଦରୁ ଅପସାରିତ କରିବା ପାଇଁ ଉଦ୍ୟମ ହେଲା । ନୀଳକଂଠ ଅଟଳ ରହିଲେ । ଅନ୍ୟ

Digitized by srujanika@gmail.com

ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ପୂର୍ବର ବାଚସ୍ପତି ତାଙ୍କ ପଦ ଅଧିକାର କରି ରହିବେ । ସାରା ଭାରତରେ ଚହଳ ପଡ଼ିଲା । ଆଇନ୍ କାନୁନ୍ ଖୋଜାଗଲା । ସମ୍ବିଧାନର ବିଧି ବିଧାନ ଉପରେ ତର୍କ ଚାଲିଲା । ନୀଳକଣ୍ଠଙ୍କ ମତ କାଏମ ରହିଲା । ଭାରତରେ ସୃଷ୍ଟି ହେଲା ଏକ ସାମ୍ବିଧାନିକ ପରମ୍ପରା । ଚକ୍ରାନ୍ତକାରୀଙ୍କ ମୁହଁ ଶୁଖିଗଲା ।

ନୀଳକଣ୍ଠ ସାରାଜୀବନ ସଂଗ୍ରାମ କରିଛନ୍ତି । କାହାରି ପାଖରେ ମୁଣ୍ଡ ନୁଆଇଁ ନାହାନ୍ତି । କାହାରି ଆନୁଗତ୍ୟ ସ୍ୱୀକାର କରି ନାହାନ୍ତି । ତାଙ୍କର ପ୍ରଚଣ୍ଡ ପ୍ରତିଭା, ପ୍ରଖର ବୌଦ୍ଧିକତା ତାଙ୍କୁ ମହନୀୟ ସ୍ଥାନରେ ଅଧିଷ୍ଠିତ କରିଛି । ସମସ୍ତ ଈର୍ଷା, ଅପବାଦ, ଚକ୍ରାନ୍ତକୁ ପରାହତ କରି ସେ ପ୍ରତିଭା ଅପରାଜେୟ ହୋଇ ରହିଛି ।

●

Digitized by srujanika@gmail.com

ସତ୍ୟବାଦୀର ଅନ୍ତରାତ୍ମା

ସତ୍ୟବାଦୀ ଅନୁଷ୍ଠାନର ପ୍ରାଣପିଣ୍ଡ ଥିଲେ ଋଷିପ୍ରାଣ ଆଚାର୍ଯ୍ୟ ହରିହର । ତାଙ୍କୁ ବାଦ ଦେଇ ଏ ଅନୁଷ୍ଠାନର ଜୀବନଧାରା, କର୍ମଶୃଙ୍ଖଳା ବିଚାର କରାଯାଇ ପାରିବ ନାହିଁ । ଆଚାର୍ଯ୍ୟ ମହାଶୟ ଥିଲେ ଜଣେ ନିଷ୍ଠାପର ଶିକ୍ଷକ, ସଂସ୍କାରକ, ଯୋଗୀ, ସାଧକ ଏବଂ ଜନସେବକ । ସତ୍ୟବାଦୀ ସ୍କୁଲର ବାତାବରଣ ତାଙ୍କର ସାର୍ଥକ କୃତି । ସେ ଥିଲେ ଏକ ମୂର୍ତ୍ତିମନ୍ତ ଆଦର୍ଶ ।

କଲେଜ ଶିକ୍ଷା ଶେଷହେବା ପୂର୍ବରୁ ଆଚାର୍ଯ୍ୟ ମହାଶୟ ସ୍ଥିର କରିଥିଲେ, ସେ ଶିକ୍ଷକତା କରିବେ । ତାହାର ଭିତରେ ସେ ମନସ୍ଥ କରିଥିଲେ ସେବା-ଧର୍ମର ସାଧନା । ସେଥିଲାଗି କ୍ଷେତ୍ରହେଲା ସତ୍ୟବାଦୀ ସ୍କୁଲ । ଏହାହିଁ ତାଙ୍କ ସାଧନାର ମୂଳପୀଠ । ପଣ୍ଡିତ ଗୋପବନ୍ଧୁ ଥିଲେ ଏ ପୀଠର ବିଧାତା । ତାଙ୍କ ସହିତ ଆଚାର୍ଯ୍ୟ ମହାଶୟ, ନୀଳକଣ୍ଠ, ଗୋଦାବରୀଶ ଏବଂ କୃପାସିନ୍ଧୁ ମିଳିତ ହୋଇ ହେଲେ ମୂର୍ତ୍ତିମନ୍ତ ପଞ୍ଚସଖା । ତା'ପରେ ଆସି ଯୋଗ ଦେଲେ ଆହୁରି କେତେ ନିଷ୍ଠାବନ୍ତ ସହକର୍ମୀ । ଏ ସମସ୍ତଙ୍କର ସମାବେଶରେ ସତ୍ୟବାଦୀ ବିହାର ଏକ ମହନୀୟ ଅନୁଷ୍ଠାନ ରୂପେ ଉଭା ହେଲା । ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହି ବନ ବିଦ୍ୟାଳୟ ଆଣିଦେଲା ଓଡ଼ିଶାର ଜାତୀୟ ଜୀବନରେ ଏକ ନୂତନ ଆଭିମୁଖ୍ୟ । ସୃଷ୍ଟି କଲା ଏକ ଜାଗରଣ । ସେ ସତ୍ୟବାଦୀ ସ୍କୁଲର ଅବସାନ ହୋଇ ଯାଇଛି । ମାତ୍ର ଏ ଶିକ୍ଷା ମନ୍ଦିର ରଖିଯାଇଛି ଶିକ୍ଷା କ୍ଷେତ୍ରରେ ଏକ ପ୍ରଦୀପ୍ତ ଶିଖା । ସେବା ଭାବରେ, ସଂସ୍କୃତି ସ୍ତରରେ ଏବଂ ଜାତୀୟତା କ୍ଷେତ୍ରରେ ଏକ ମହନୀୟ କୃତି ।

ସାଧାରଣ ଶିକ୍ଷାନୁଷ୍ଠାନରେ ଛାତ୍ରଜୀବନ ଆଂଶିକ ଭାବରେ ସମ୍ପୃକ୍ତ । ଅତି ସୀମିତ ସମୟ ମଧ୍ୟରେ, ସୀମିତ କ୍ଷେତ୍ରରେ ଛାତ୍ରର ଅନୁଷ୍ଠାନ ସହିତ ସମ୍ପର୍କ । ଦୈନନ୍ଦିନ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନରେ ନିୟନ୍ତ୍ରିତ ହୋଇ ନ ପାରିଲେ ପୂର୍ଣ୍ଣ ବିକାଶ ସମ୍ଭବ ହୋଇ ପାରେ

Digitized by srujanika@gmail.com

ନାହିଁ । ସତ୍ୟବାଦୀ ସ୍କୁଲରେ ଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ଥିଲା ସମବେତ ସାଧନା । ଯେଉଁମାନେ ଏ ଅନୁଷ୍ଠାନ ଗଢ଼ୁଥିଲେ, ସେମାନଙ୍କ ପାଇଁ ଏହା ଥିଲା ସାଧନାର ପୀଠ । ସତ୍ୟବାଦୀ ବିହାର ଥିଲା ଏକ ଗୁରୁକୁଳ । ଏହି ଆଦର୍ଶ ଆରମ୍ଭରୁ ଉପଲବ୍ଧ କରାଯାଇଥିଲା । ଯେଉଁମାନେ ଛାତ୍ରାବାସରେ ରହୁଥିଲେ, ତାଙ୍କର ସମସ୍ତ କାର୍ଯ୍ୟକ୍ରମ ଏଠାରେ ଶୃଙ୍ଖଳିତ ହେବାର ବ୍ୟବସ୍ଥା ହୋଇଥିଲା । ଆଉ ଏହାର ଦାୟିତ୍ୱ ନେଇଥିଲେ ଆଚାର୍ଯ୍ୟ ହରିହର ।

ହଷ୍ଟେଲରେ ତିନି ଧାଡ଼ି ଘର । ଗୋଟିଏ ବର୍ଗକ୍ଷେତ୍ରର ତିନୋଟି ବାହୁ ପରି । ସମକୋଣରେ ଅବସ୍ଥିତ ମଝିରେ ଗୋଟିଏ ବଡ଼ ବାରେଣ୍ଡା ବାହାରକୁ ବାହାରି ପଡ଼ିଥାଏ । ପାଖକୁ ଲାଗି ଗୋଟିଏ ଛୋଟ କୋଠରି । ସେଇଟି ତାଙ୍କ ପାଇଁ ଉଦ୍ଦିଷ୍ଟ । ମାତ୍ର ଯେତେବେଳେ ଦେଖିବ ଆଚାର୍ଯ୍ୟ ମହାଶୟ ଥାଆନ୍ତି ସେଇ ବାରଣ୍ଡାରେ । ଅତି ପ୍ରତ୍ୟୁଷରୁ ଉଠନ୍ତି । ନିତ୍ୟକର୍ମ ଶେଷ କରି ପାଞ୍ଚଟା ବେଳକୁ ପିଲାଙ୍କ ଉଠିବା ଲାଗି ଘଣ୍ଟା ବାଡ଼ାଆନ୍ତି । ବହୁ ସମୟ ଧରି ଏ ଘଣ୍ଟା ବାଜେ ସବୁ ପିଲାଙ୍କର ନିଦ ଭାଙ୍ଗିବା ପର୍ଯ୍ୟନ୍ତ । ସେଇଠାରୁ ଆଚାର୍ଯ୍ୟ ମହାଶୟଙ୍କ କାମ ଆରମ୍ଭ ହୁଏ; ରାତିରେ ଶୋଇବା ପର୍ଯ୍ୟନ୍ତ । ବାରଣ୍ଡାରେ ଶୁଅନ୍ତି । ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ । ଏଥିରେ ବ୍ୟତିକ୍ରମ ହୁଏ ନାହିଁ ।

ମୁଁ ଛାତ୍ର ଥିଲାବେଳେ ତାଙ୍କର କୋଠରୀକୁ ଲାଗି ଗୋଟିଏ ଘରେ ଆମେ ଥାଉ ଚାରିଜଣ । ମୋର ସୌଭାଗ୍ୟ, ତାଙ୍କର ସାନ୍ନିଧ୍ୟ ମୁଁ ଅବିରତ ଲାଭ କରିଛି । ସେ ପ୍ରଥମ ଘଣ୍ଟାଟି ବାଡ଼ାଆନ୍ତି । ତା'ପରବର୍ତ୍ତୀ ଘଣ୍ଟା ବାଡ଼େଇବାର ଦାୟିତ୍ୱ ମୋତେ ଦେଇଥିଲେ ।

ଛାତ୍ରମାନଙ୍କ ପାଇଁ ସେ କ'ଣ କରନ୍ତି, ଛାତ୍ରାବାସରେ ନ ରହିଲେ ଜାଣି ହେବ ନାହିଁ; ଶିକ୍ଷା କରିହେବ ନାହିଁ । କିଏ କଣ ଖାଇଲା, କାହାର କ'ଣ ଅଭାବ ହେଲା, କିଏ ଅସୁସ୍ଥ ହେଲା, କିଏ ବିଳମ୍ବରେ ଗାଧୋଇ କରି ଫେରିଲା, କିଏ ମେଲେରିଆରେ ପଡ଼ି କୁଇନାଇନ୍ ଖାଇବାକୁ ଅମଙ୍ଗ ହେଲା, କିଏ ଡୁଡୁ ନ ଖେଳି ବୁଲିବାକୁ

Digitized by srujanika@gmail.com

ଗଲା, କାହାର ଘରକଥା ମନେ ପଡ଼ିଲା, କିଏ କେତେ ଖଣ୍ଡ ଅଙ୍କ କଷିଲା—ସବୁ କଥା ବୁଝିବେ ଆଚାର୍ଯ୍ୟ ମହାଶୟ । ସବୁଠାରେ ଯେପରି ତାଙ୍କର ଦୃଷ୍ଟି ନିବଦ୍ଧ । କେବେ କାହାକୁ ଦଣ୍ଡ ଦେଇଛନ୍ତି ? ଅସମ୍ଭବ । କଳ୍ପନାତୀତ । କେବେ କାହାକୁ ଗାଳି ଦେଇଛନ୍ତି ? ପ୍ରକୃତି ବିରୁଦ୍ଧ । କେବେ କାହାର ଅପରାଧ ହେଲେ କହିବେ—"କିରେ, ତୁ କ'ଣ ଦୁଷ୍ଟ ହେଲୁଣି ।" ଏତିକି ମାତ୍ର ।

ସତ୍ୟବାଦୀରେ ଗୋଟିଏ ଶ୍ରେଷ୍ଠ ଡାକ୍ତରଖାନା । ତା'ପରେ ଯାଇ ପୁରୀରେ । ଆଉ ନିକଟରେ ନାହିଁ ! ଆଚାର୍ଯ୍ୟ ମହାଶୟ ହୋମିଓପାଥିକ ଔଷଧ ରଖିଥାନ୍ତି । ପିଲାମାନଙ୍କୁ ଦିଅନ୍ତି । ଆଖ ପାଖ ଗ୍ରାମରୁ ଲୋକେ ଆସନ୍ତି । ସେମାନଙ୍କୁ ମଧ୍ୟ ଦିଆଯାଏ । କେତେକ ଛାତ୍ରଙ୍କୁ ଶିଖାନ୍ତି କିପରି ହୋମିଓପାଥିକ ଶିଶିରୁ ଟୋପା ଟୋପାଇବାକୁ ହୁଏ । କେତୋଟି ସାଧାରଣ ଔଷଧ ମଧ୍ୟ । ସେତେବେଳେ ଯାତ୍ରାଯାତ୍ରା ବେଳେ ହୁଏ ହଇଜା, ଆମାଶୟ । ଗୁଣ୍ଡିଚା ବେଳକୁ କେତେକ ଛାତ୍ରଙ୍କୁ ସାଙ୍ଗରେ ନେଇ ଯାଆନ୍ତି ପୁରୀ ରୋଗୀସେବା କରିବା ପାଇଁ । ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, ସ୍କୁଲଛାତ୍ର ଥିଲାବେଳୁ ସେମାନେ ରୋଗୀ ସେବାରେ ଅଭ୍ୟସ୍ତ ହୋଇ-ଥିଲେ । ସମାଜର ଦୁର୍ଦ୍ଦିନରେ ସହାୟକ ନ ହେଲେ, ଶିକ୍ଷା ହେବ ନିରର୍ଥକ ।

୧୯୨୧ ମସିହାରେ ସତ୍ୟବାଦୀ ସ୍କୁଲ ଜାତୀୟ ସ୍କୁଲରେ ପରିଣତ ହେଲା । ତା'ପୂର୍ବରୁ ଗୋଦାବରୀଶ ସତ୍ୟବାଦୀ ଛାଡ଼ି ଚାଲି ଯାଇଥାନ୍ତି ଚନ୍ଦ୍ରଧରପୁର । ୧୯୨୨ ମସିହାରେ ପଣ୍ଡିତ ଗୋପବନ୍ଧୁ ଏବଂ ପଣ୍ଡିତ ନୀଳକଣ୍ଠ କାରାରୁଦ୍ଧ ହେଲେ । ଗୋପବନ୍ଧୁ ଦୁଇ ବର୍ଷ ପାଇଁ; ନୀଳକଣ୍ଠ ଛଅ ମାସ ପାଇଁ । ୧୯୨୪ ମସିହାରେ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ ହେଲେ । ପଣ୍ଡିତ କୃପାସିନ୍ଧୁ ମିଶ୍ର ସତ୍ୟବାଦୀ ସ୍କୁଲର ହେଡ଼ମାଷ୍ଟର ।

ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ସତ୍ୟବାଦୀରୁ ଅନ୍ତର୍ହିତ । ଅଧ୍ୟକ୍ଷ କୃପାସିନ୍ଧୁ ସ୍କୁଲଠାରୁ କିଛି ଦୂରରେ ରହନ୍ତି । ଚନ୍ଦନ ପୋଖରୀ ନିକଟରେ ଗୋଟିଏ ଭଡ଼ା ଘର । ସ୍କୁଲରେ ରହନ୍ତି ବଶିଷ୍ଠାରୁ

Digitized by srujanika@gmail.com

ଚାରିଟା ପର୍ଯ୍ୟନ୍ତ । ବେଳେବେଳେ ବୋର୍ଡ଼ିଂକୁ ଆସନ୍ତି । ବୋର୍ଡ଼ିଂ ହେଉଛି ବାସ୍ତବ ଗୁରୁକୁଳ । ଆଚାର୍ଯ୍ୟ ମହାଶୟଙ୍କ ଉପରେ ସମସ୍ତ ଦାୟିତ୍ୱ । ସବୁଠାରେ ତାଙ୍କର ତତ୍ତ୍ୱାବଧାନ । ସେ ବୋର୍ଡ଼ିଂରେ ସବୁ କଥା ଦେଖନ୍ତି । ପିଲାଙ୍କ କଥା ବୁଝନ୍ତି । ସ୍କୁଲରେ ପାଠ ପଢ଼ାନ୍ତି । ସେଥି ସଙ୍ଗେ ପୁଣି ହେଲେ, ଗୋପବନ୍ଧୁଙ୍କ ଅନୁପସ୍ଥିତିରେ 'ସମାଜ' ପତ୍ରିକାର ସମ୍ପାଦକ । ଏତେ ଦାୟିତ୍ୱ ଆଚାର୍ଯ୍ୟ ମହାଶୟ କପରି ବହନ କରି ପାରୁଥିଲେ, ବିଚାରିଲେ ଆଶ୍ଚର୍ଯ୍ୟ ଲାଗେ ।

ଆଚାର୍ଯ୍ୟ ମହାଶୟ ଥିଲେ ଜଣେ ଅସାଧାରଣ ଗଣିତ ଶିକ୍ଷକ । ତାଙ୍କର ଶିକ୍ଷାଦାନରେ ଥିଲା ଅପୂର୍ବ ମୌଳିକତା । ଗଣିତ ପାଠ୍ୟ ସେ ସରସ କରି ପାରୁଥିଲେ । ସେ ଯେଉଁ ସବୁ ଉଦାହରଣ ଦିଅନ୍ତି ସେ ସବୁ କେବେହେଁ ପାସୋରି ଯାଇ ପାରିବ ନାହିଁ । ଗଳ୍ପ ଛଳରେ ଗଣିତ ଶିକ୍ଷା ଦେବାରେ ସେ ଅନୁପମ । ବହୁ ଦାୟିତ୍ୱ ବହନ କରି ମଧ୍ୟ ଶିକ୍ଷାଦାନ ତାଙ୍କର ଅବ୍ୟାହତ ରହିଥିଲା ।

"ସମାଜ" ପତ୍ରିକାରେ ଗୋପବନ୍ଧୁ ଏକ ଅଭିନବ ଆଲୋଚନା ସାହିତ୍ୟ ସୃଷ୍ଟି କରିଥିଲେ । ଗଦ୍ୟ ସାହିତ୍ୟରେ ତାଙ୍କର ଶୈଳୀରେ ଥିଲା ସରଳ ଅଭିବ୍ୟକ୍ତି ଏବଂ ପ୍ରାଣସ୍ପର୍ଶୀ ଭାବଧାରା । ଆଚାର୍ଯ୍ୟ ହରିହର ସମାଜ ସମ୍ପାଦକ ଭାବରେ ତାହା ଅକ୍ଷୁଣ୍ଣ ରଖିଥିଲେ ।

ଆଚାର୍ଯ୍ୟ ମହାଶୟଙ୍କ ପରିଚାଳନାରେ ବୋର୍ଡ଼ିଂର ଶୃଙ୍ଖଳା ପ୍ରତିହତ ହୋଇନାହିଁ । ପିଲାଙ୍କ ଭଲମନ୍ଦ ବିଚାର ବ୍ୟାହତ ହୋଇନାହିଁ । ଶିକ୍ଷାଦାନର ଉତ୍କର୍ଷ ହ୍ରାସ ପାଇନାହିଁ, ସମାଜ ପତ୍ରିକାର ମାନ କ୍ଷୁଣ୍ଣ ହୋଇନାହିଁ । ସବୁ ବିଧିମତେ ସଜାଡ଼ି ରଖିଥିଲେ । ତା' ସାଙ୍ଗକୁ ପୁଣି ହୋମିଓପାଥି, ଆଉ ଯାନଯାତ୍ରାରେ ମହାମାରୀ ବେଳେ ରୋଗୀସେବା । ସବୁ ଶ୍ରେଣୀର ଛାତ୍ର ବୋର୍ଡ଼ିଂରେ ରହନ୍ତି । ଭେଦାଭେଦ ନାହିଁ । ବାଛ ବିଚାର ନାହିଁ । ଛାତ୍ର, ଶିକ୍ଷକ, ସମସ୍ତେ ଏକାଠି ରହନ୍ତି; ଏକା ପଙ୍ଗତରେ ଖାଆନ୍ତି; ଦଳବାନ୍ଧି ସେବା କରନ୍ତି । ଏହିଠାରେ ଥିଲା ସତ୍ୟବାଦୀର ନିବିଡ଼ ମହତ୍ତ୍ୱ ।

ନୀଳକଣ୍ଠଙ୍କ ସମୟରେ କୌଣସି ଛାତ୍ର ଶୃଙ୍ଖଳାଭଙ୍ଗ କଲେ,

Digitized by srujanika@gmail.com

ତା'ର ବିଚାର ହେଉଥିଲା କୁଳପତିଙ୍କ ଉପସ୍ଥିତିରେ, ଛାତ୍ର ଏବଂ ଶିକ୍ଷକମାନଙ୍କ ସଭାରେ । ଥରେ ଗୋଟିଏ ଛାତ୍ରକୁ ବେତରେ ଦୁଇବାଡ଼ି ଦେବାର ନିଷ୍ପତ୍ତି ହେଲା । କୁଳପତି ଆଚାର୍ଯ୍ୟ ମହାଶୟଙ୍କ ହାତକୁ ବେତ ବଢ଼ାଇ ଦେଲେ । ବେତ ଖଣ୍ଡିକ ତାଙ୍କ ହାତରୁ ଖସି ପଡ଼ିଲା ।

ଶୃଙ୍ଖଳା ପାଇଁ ଦଣ୍ଡ ବିଧାନ ଗୋଟିଏ ପନ୍ଥା । ମାତ୍ର ତା'ଠାରୁ ଅଧିକ ଶକ୍ତିଶାଳୀ ପନ୍ଥା ସ୍ନେହ, ଆଦର । ଆଚାର୍ଯ୍ୟ ମହାଶୟଙ୍କର ସାରା ଜୀବନରେ, ସକଳ କ୍ଷେତ୍ରରେ ଏହାହିଁ ଥିଲା ଶୃଙ୍ଖଳାର ଆୟୁଧ । ତାଙ୍କର ପରିବାର ନ ଥିଲା । ସନ୍ତାନ ନ ଥିଲେ । ମାତ୍ର ଶତଶତ ଛାତ୍ର ହୋଇଥିଲେ ତାଙ୍କର ସନ୍ତାନ । ପାଇଥିଲେ ତାଙ୍କର ବାତ୍ସଲ୍ୟ, ପିତୃସ୍ନେହ । ସମସ୍ତଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସ୍ନେହ । ସେ ସ୍ନେହ ଯେ ଲାଭ କରିଛି, ସେ କ'ଣ ଜୀବନରେ ପାସୋରି ପାରିବ ? ସେ ସ୍ନେହରେ ପାଳିତ ହୋଇଛନ୍ତି ଏ ଦେଶର ବହୁ ଛାତ୍ର । ଏହିଠାରେ ଥିଲା ସତ୍ୟବାଦୀର ନିବିଡ଼ ମହତ୍ତ୍ୱ । ଆଚାର୍ଯ୍ୟ ମହାଶୟଙ୍କର ସାନ୍ନିଧ୍ୟ ଥିଲା ସତ୍ୟବାଦୀର ଉତ୍ସ । ତାଙ୍କର ପ୍ରତ୍ୟେକଟି କଥା ଅମଳ ଆଶୀର୍ବାଣୀ । ସେ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ତରାତ୍ମା ।

●

Digitized by srujanika@gmail.com

ଆମ ଘର ଏଇ ଓଡ଼ିଶା ଗ୍ରିଇକେ

କାଞ୍ଚିବିଜୟ ଉତ୍କଳ ଇତିହାସରେ ଏକ ପ୍ରଦୀପ୍ତ ଅଧ୍ୟାୟ । ଇତିହାସ ସଙ୍ଗେ ମିଶିଛି କେତେ କଥନ, କାହାଣୀ, କମ୍ବଦନ୍ତୀ । ଭକ୍ତର ମାନ ରକ୍ଷା କରିବା ପାଇଁ, ଜଗନ୍ନାଥ, ବଳଭଦ୍ର ମଣିଷ ରୂପରେ ଘୋଡ଼ାରେ ଚଢ଼ି କାଞ୍ଚିଅଭିଯାନରେ ଯାଇଛନ୍ତି । ମାଣିକ ଗଉଡ଼ୁଣୀ ତାଙ୍କୁ ଦହି ଖୁଆଇବାର ସୌଭାଗ୍ୟ ଅର୍ଜନ କରିଛି । ଗଜପତିଙ୍କର ସେବା-ଧର୍ମ ଛେରା ପହଁରାରେ ଅଭିଷିକ୍ତ ହୋଇଛି । ବିଜୟରେ ମିଶିଛି ପ୍ରଣୟ; ଆଉ ପ୍ରଣୟ ସଙ୍ଗେ ଅଙ୍ଗୀଭୂତ ହୋଇଛି ସମ୍ମାନ । ଏ ସକଳର ସମାବେଶ ଏକ ମହିମାମୟ ସାଂସ୍କୃତିକ ପରାକାଷ୍ଠା ।

ପଣ୍ଡିତ ଗୋଦାବରୀଶ ଏଇ ସଂସ୍କୃତିକୁ ରୂପାୟିତ କରିଛନ୍ତି ତାଙ୍କର "ପଦ୍ମାବତୀ" କବିତାରେ । ପାଠପଢ଼ା ବେଳୁ ତାଙ୍କ ଭିତରେ ଅଙ୍କୁରିତ ହୋଇଥିଲା କବି ପ୍ରତିଭା, ଦେଶ ପ୍ରେମ, ଆଉ ଉତ୍କଳୀୟ ସଂସ୍କୃତିରେ ଗଭୀର ଅନୁରାଗ । କଲିକତାରୁ ଏମ୍. ଏ. ପାଶ କଲେ । ଗୋପବନ୍ଧୁଙ୍କ ଚୁମ୍ବକରେ ଆକୃଷ୍ଟ ହୋଇ ସତ୍ୟବାଦୀ ସ୍କୁଲରେ ଯୋଗ ଦେଲେ । ସେଠାରେ ଗ୍ରାମ୍ୟଜୀବନରେ ଅଙ୍କୁରିତ ସକଳ କଳ୍ପନା ମୁକୁଳିତ ହେବା ଲାଗି ମିଳିଲା ଯଥାର୍ଥ ପରିବେଶ । ସେହିଠାରେ ଲେଖିଲେ ଦୁଇଟି ନାଟକ—ପୁରୁଷୋତ୍ତମ ଦେବ ଏବଂ ମୁକୁନ୍ଦଦେବ । ଲେଖିଲେ ତିନୋଟି କବିତା ଗୁଚ୍ଛ—କଳିକା, କିଶଳୟ, ଆଲେଖିକା । ସେହି ଆଲେଖିକାରେ ସ୍ଥାନ ପାଇଛି "ପଦ୍ମାବତୀ" । ଅପରୂପ ବର୍ଣ୍ଣନା । ପଢ଼ିଲେ ପ୍ରାଣରେ ଆସେ ପୁଲକ । ହୃଦୟରେ ଜାଗିଉଠେ ଗୌରବର ସ୍ପନ୍ଦନ ।

କାଞ୍ଚିବିଜୟର କାହାଣୀ ବର୍ଣ୍ଣନା କରିବା ପୂର୍ବରୁ କବି ପ୍ରଥମେ ତିନୋଟି ପଦରେ ତାଙ୍କ ମନର ଖେଦ ପ୍ରକଟ କରିଛନ୍ତି । ପ୍ରାଚୀନ ଗୌରବର ଚିତ୍ର ତାଙ୍କ ଆଗରେ ଭାସି ଆସିଲା ବେଳେ ଜନ୍ମଭୂମିରେ ବିଦେଶୀର ରାଜତ୍ୱ ତାଙ୍କ ପ୍ରାଣରେ ଆଣିଛି ଅବସାଦ ।

Digitized by srujanika@gmail.com

ଆମ ଘର ଏଇ ଓଡ଼ିଶା ରାଇଜେ,
ଫିରଙ୍ଗି ଛନ୍ଦିରେ ରଜା ।
ଗୋଟା ଦଶ ଜଣେ ରାଇଜ ଗୃଲେ ଲୋ,
କୋଟିଏ ହେବେ ପରଜା ।

ଏବେ ଓଡ଼ିଶାର ଲୋକସଂଖ୍ୟା ଅଢ଼େଇ କୋଟିରୁ ଅଧିକ । ସେତେବେଳେ ଓଡ଼ିଶାର ଯେତକ ଅଂଶ ବହାର-ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇଥିଲା, ସେଥିରେ ଥିଲେ ଓଡ଼ିଶାରେ ଏକ କୋଟି ଅଧିବାସୀ । ଜାତୀୟ ଗୌରବ ମଧୁସୂଦନ ଥିଲେ ଦେଶ ମିଶ୍ରଣ ଆନ୍ଦୋଳନର ପୁରୋଧା । ମଧୁବାବୁ ମଧ୍ୟ ଲେଖିଥିଲେ, 'କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଜନନୀ ଜନନୀ ଡାକ ।'

ଯୁବକ ଗୋଦାବରୀଶ ୧୯୧୩ ମସିହାରେ ସତ୍ୟବାଦୀ ସ୍କୁଲରେ ଯୋଗ ଦେଲେ । ୧୯୧୯ ମସିହାରେ ସତ୍ୟବାଦୀ ଛାଡ଼ି, ଗଲେ ଚକ୍ରଧରପୁର । ସେଠାରେ ଗୋଟିଏ ଓଡ଼ିଆ ସ୍କୁଲ ସ୍ଥାପିତ ହେଲା । ସେଥିରେ ସେ ପ୍ରଧାନ ଶିକ୍ଷକ ହେଲେ । ସତ୍ୟବାଦୀ ସ୍କୁଲରେ ଛଅ ବର୍ଷ ସେ ଗୋପବନ୍ଧୁଙ୍କର ନିବଡ଼ି ସାନ୍ନିଧ ଲାଭ କରିଥିଲେ । ତାଙ୍କ ଜୀବନୀରେ ଲେଖିଛନ୍ତି, "ଗୋପବନ୍ଧୁ ବାବୁ ମୋ ପ୍ରାଣର ଉପାସ୍ୟ ଦେବତା ।" ଗୋପବନ୍ଧୁ ଥିଲେ ତାଙ୍କର ପଥପ୍ରଦର୍ଶକ, ଦର୍ଶନ-ଗୁରୁ । ସତ୍ୟବାଦୀରେ ରହଣି କାଳ ମଧ୍ୟରେ ଗୋଦାବରୀଶ ଲେଖିଥିଲେ "ପଦ୍ମାବତୀ" କବିତା ।

ସେତେବେଳେ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହୋଇ ନ ଥିଲା । ମାତ୍ର ଗୋପବନ୍ଧୁ ଛାତ୍ରଜୀବନରୁ ଉପଲବ୍ଧି କରିଥିଲେ, ବିଦେଶୀ ଶାସନରେ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ । ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାରେ ଏହି ଜାତୀୟତାର ବୀଜ ବପନ କରାଯାଇଥିଲା । ଗୋଦାବରୀଶ ହେଲେ ଏହି କ୍ଷେତ୍ରରେ ଗୋପବନ୍ଧୁଙ୍କର ସହଧର୍ମୀ । ମଧୁବାବୁଙ୍କର ପ୍ରରୋଚନାରେ, ପଣ୍ଡିତ ଗୋପବନ୍ଧୁ ବିହାର ଓଡ଼ିଶା ବିଧାନ ସଭାର ସଦସ୍ୟ ହେଲେ, ୧୯୧୭ ମସିହାରେ । ସେତେବେଳେ ଲାଟ ସାହେବ ବିଧାନ ସଭାର ଅଧ୍ୟକ୍ଷ

Digitized by srujanika@gmail.com

ହେଉଥିଲେ । ଗୋପବନ୍ଧୁ ଦୁଇ ବର୍ଷ ସଦସ୍ୟ ରହିଲେ । ତାଙ୍କର ଆଲୋଚନା, ବିଶ୍ଳେଷଣ ଏବଂ ବାଗ୍ମିତା ସଭ୍ୟମାନଙ୍କୁ ଅଭିଭୂତ କରୁଥିଲା । ଗୋପବନ୍ଧୁ ଲାଟସାହେବ ସାର୍ ଏଡ୍‌ୱାର୍ଡ଼ ଗେଟ୍‌ଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ମାତ୍ର ସରକାରୀ ନୀତି ଏକ ଅଭେଦ୍ୟ ପ୍ରାଚୀର । ସେ ଏହି ପଥର କାନ୍ଥରେ ମୁଣ୍ଡ ବାଡ଼େଇଲେ । ତଥାପି ଲୋକଙ୍କ ଦୁର୍ଦ୍ଦଶାର ଲାଘବ ହୋଇପାରିଲା ନାହିଁ । ସେ ବିଧାନସଭା ଛାଡ଼ି ଦେଲେ ।

ପରବର୍ତ୍ତୀ କାଳରେ ପଣ୍ଡିତ ଗୋଦାବରୀଶ ବିହାର-ଓଡ଼ିଶା ବିଧାନ ସଭାର ସଦସ୍ୟ ହେଲେ । ଗୋପବନ୍ଧୁଙ୍କର ହେଲେ ଯଥାର୍ଥ ଦାୟାଦ । ବିଧାୟକ ଭାବରେ କୃତିତ୍ୱ ଅର୍ଜ୍ଜନ କଲେ । ଲୋକଙ୍କର ହିତ ପାଇଁ ଲଢ଼ିଲେ । ସେତେବେଳକୁ ସେ ସତ୍ୟବାଦୀ ସ୍କୁଲ୍ ଛାଡ଼ି ଯାଇଥିଲେ ।

ସତ୍ୟବାଦୀରେ ଥିଲାବେଳେ ସେ ଲେଖିଥିଲେ ପଦ୍ମାବତୀ କବିତା । ଇଂରେଜମାନଙ୍କୁ ଫିରିଙ୍ଗି କୁହାଯାଉଥିଲା । ଓଡ଼ିଶାରେ ଥିଲା ଫିରିଙ୍ଗି ଶାସନ । କେବଳ ମାତ୍ର ଦଶଜଣ ଗୋରା ଇଂରେଜ କୋଟିଏ ଓଡ଼ିଶା ଲୋକଙ୍କ ଉପରେ ରାଜତ୍ୱ କରୁଥିଲେ । କୋଟିଏ ଓଡ଼ିଆ ଏଇ ରାଇଜରେ ଘର କରି ରହିଥିଲେ ଦାସତ୍ୱର ବନ୍ଧନରେ ଆବଦ୍ଧ ହୋଇ । ଜାଣ୍ଟି ବିଜୟର ଗାଥା ସ୍ମରଣ କଲାବେଳେ, କବିଙ୍କ ପ୍ରାଣ ଏଥିରେ ବ୍ୟଥିତ ହୋଇଥିଲା । କବି ଲେଖିଛନ୍ତି, କାଲିଟି ପରି ଲାଗୁଛି, ଏଇ ଓଡ଼ିଶା କେତେ ଖ୍ୟାତି ଅର୍ଜ୍ଜନ କରିଥିଲା । ସେ ସମସ୍ତର ଅବସାନ ହୋଇ ଯାଇଛି । ତାହାର ସ୍ମୃତି ଆଣିଥିଲା କବିଙ୍କ ପ୍ରାଣରେ ବିଷାଦ ।

ପଦ୍ମାବତୀ କବିତାର ତୃତୀୟ ପଦରେ ଲେଖିଛନ୍ତି :—

"ପାଞ୍ଚଶ ବରଷୁଁ କିଛି ଊଣା ହେବ,
ଫିରିଙ୍ଗି ନ ଥିଲା ଆସି;
ସେତେବେଳେ ଥିଲେ ଓଡ଼ିଆ ରଜା ଲୋ
ଓଡ଼ିଶା ରାଇଜବାସୀ ।"

ଜାଣ୍ଟି ଅଭିଯାନବେଳକୁ ବିଦେଶୀ ଏ ରାଜ୍ୟରେ ପ୍ରବେଶ କରି

Digitized by srujanika@gmail.com

ନ ଥିଲେ । ରାଜତ୍ୱ କରୁଥିଲେ ଓଡ଼ିଶାବାସୀ ଉତ୍କଳର ଗଜପତି । ଯେତେବେଳେ ଓଡ଼ିଶାର ରାଜା ଥିଲେ ଓଡ଼ିଶା ଭୂଇଁର ଅଧିବାସୀ, ସେତେବେଳେ ବିକଶିତ ହୋଇଥିଲା ଉତ୍କଳର ଗୌରବ । ବିଦେଶୀ ରାଜତ୍ୱରେ ସେ ସମସ୍ତ ଅସ୍ତମିତ ହୋଇଯାଇଛି ।

ତା'ଉପରୁ ଆରମ୍ଭ ହୋଇଛି କାଞ୍ଚିଅଭିଯାନର କାହାଣୀ ।

କାଞ୍ଚି ରାଜ୍ୟର ରାଜା ମଧ ଥିଲେ ଗଜପତି । ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମରେ ସେ ମଧ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଛଅଟି ସନ୍ତାନ । ପାଞ୍ଚଟି ପୁଅ । ଆଉ ଗୋଟିଏ ଅଲିଅଳ କନ୍ୟା—ସୁନ୍ଦରୀ, ଗୁଣବତୀ ରାଜଜେମା । ନାମ ପଦ୍ମାବତୀ । ତାଙ୍କ ଲାଗି ସୁଯୋଗ୍ୟ ବର ଖୋଜିବା ପାଇଁ କାଞ୍ଚିରାଜା ବିଭିନ୍ନ ରାଜ୍ୟକୁ ଦୂତ ପଠାଇଲେ ।

ଦୂତ ଆସିଲା ଉତ୍କଳ ଗଜପତିଙ୍କ ରାଜସଭାକୁ । ତରୁଣ ପୁରୁଷୋତ୍ତମ ଦେବ ସେତେବେଳେ ଉତ୍କଳର ନରପତି । ଦୂତ ମହା-ରାଜାଙ୍କ ସମକ୍ଷରେ କାଞ୍ଚିର ବିଭବ ଏବଂ ପଦ୍ମାବତୀଙ୍କର ରୂପଗୁଣ ବର୍ଣ୍ଣନା କଲା । ପୁରୁଷୋତ୍ତମ ଦେବ ମୁଗ୍ଧ ହେଲେ । ପଦ୍ମାବତୀଙ୍କର ପାଣିଗ୍ରହଣ କରିବାକୁ ମନ ବଳାଇଲେ ।

ଉତ୍କଳର ଦୂତ ବାର୍ତ୍ତା ଘେନିଗଲା କାଞ୍ଚିପୁର । ସେଠାରେ ରାଜସଭାରେ ବର୍ଣ୍ଣନା କଲା ପୁରୁଷୋତ୍ତମ ଦେବଙ୍କର ପରାକ୍ରମ, ଦିଗ୍‌ବିଜୟ । ଗଜପତି ବାଇଶି ମୁଲକର ରାଜା । ବାହୁ ବଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଛନ୍ତି । ଅଠେଇଶଟି ଗଡ଼ର ରାଜା ତାଙ୍କର ଆଜ୍ଞାରେ ସେବା କରନ୍ତି । ତାଙ୍କର ହାତୀ, ଘୋଡ଼ା ରଥ, ସୈନ୍ୟସାମନ୍ତ ଅକଳନୀୟ ।

ଏ ସବୁ ବର୍ଣ୍ଣନା ଶୁଣି କାଞ୍ଚିରାଜା ଉତ୍ୟକ୍ତ ହୋଇ ପଡ଼ିଲେ । ଏ ସବୁ ବଢ଼ାଇ ତାଙ୍କୁ ବିବ୍ରତ କରି ଦେଲା । ସେ କହି ପକାଇଲେ—

ଏତେ ରାଜାଙ୍କର ହାତୁଁ ସେ ରାଇଜ
କୃପାଣେ ଛଡ଼ାଇ ନେଲା;
ବଳ ଯେବେ ଅଛି, ଏ କାଞ୍ଚି ଗଡ଼କୁ
ଲଢ଼ାଇକି ଆସୁ ଭଲା ।

Digitized by srujanika@gmail.com

ଦୂତର ବର୍ଣ୍ଣନାରେ କାଞ୍ଚିରାଜା ଦେଖିଲେ ଆସ୍ଫାଳନର ଛବ । ନିଜର ପୌରୁଷ ଉପରେ ଆଘାତ ଲାଗିଲା । ଏ ଅହଙ୍କାର ଅସହ୍ୟ ହେଲା । ସେ ଉତ୍ତ୍ୟକ୍ତ ହୋଇ ପଡ଼ିଲେ । ଯୁଦ୍ଧ ପାଇଁ ଦେଲେ ଆହ୍ୱାନ । ରାଜସଭାରେ ତାଙ୍କର କୋପାନଳ ଜଳି ଉଠିଲା । ଦୂତକୁ ଶୁଣାଇଲେ ତାଙ୍କର ପ୍ରତିଜ୍ଞା ।

ପାଞ୍ଚ ପୁଅ ଯାକ ବାଭ କରାଇଛି
ପାଞ୍ଚ ଗଜପତି ଘରେ;
ଜେମାକୁ ମୋରରେ ବର ନ ମିଳିଲେ,
ଦେବି ଚଣ୍ଡାଳ ହାତରେ ।

ଏଇ ପଦଟିରେ ଅଛି ସମସ୍ତ କାହାଣୀର ତାତ୍ପର୍ଯ୍ୟ । କାଞ୍ଚି-ରାଜାଙ୍କର ରାଗ, ରୋଷ, ଚାଞ୍ଚଲ୍ୟରୁ ଉଦ୍‌ଭୂତ ଏହି ନାଟକୀୟତାକୁ କେନ୍ଦ୍ର କରି ରଚିତ ହୋଇଛି କାହାଣୀର ମହତ୍ତ୍ୱ । ସମସ୍ତ ଉପାଖ୍ୟାନ କାଞ୍ଚି ନରେଶଙ୍କର ଏଇ ଆକ୍ରୋଶ ଏବଂ ଆସ୍ଫାଳନ ଉପରେ ପର୍ଯ୍ୟବସିତ । ଏହି ଉକ୍ତିଟି ନ ଥିଲେ କାହାଣୀରେ ସଙ୍ଗତି ଆସିନଥାନ୍ତା ।

କାଞ୍ଚିରାଜାଙ୍କର ଆହ୍ୱାନ ପୁରୁଷୋତ୍ତମ ଦେବ ଗ୍ରହଣ କଲେ । ଆରମ୍ଭ ହେଲା କାଞ୍ଚି ଅଭିଯାନ । ହାତୀ, ଘୋଡ଼ା, ସୈନ୍ୟସାମନ୍ତ ଘେନି ଗଜପତି ବାହାରିଲେ କାଞ୍ଚି ଅଭିମୁଖେ । ଭକ୍ତ ଗଜପତିଙ୍କର ସହାୟକ ହୋଇ ଯୋଗ ଦେଲେ ସ୍ୱୟଂ ଜଗନ୍ନାଥ, ବଳଭଦ୍ର । ସମସ୍ତଙ୍କ ପ୍ରାଣରେ ବିପୁଳ ଉତ୍ସାହ । ଉତ୍କଳୀୟ ସେନାନୀ ମାତି ଉଠିଲେ । କାଞ୍ଚିର ଉପ-କଣ୍ଠରେ ଲାଗିଲା ପ୍ରବଳ ସମର । କାଞ୍ଚିରାଜା ପରାଜିତ ହେଲେ ।

ଯୁଦ୍ଧର ଅବସାନ ହେଲା । ପୁରୁଷୋତ୍ତମ ଯାଇ କାଞ୍ଚିରାଜାଙ୍କୁ ଓଳଗି ହେଲେ ।

ଘେନା ନ କରିବ ପିଲା ବୟସର
ମୋର ଅପରାଧମାନ;
ଅଟ ହେଲେ ମୋରେ ମଣିବ, ମଣିମା
ଆପଣା ପୁଅ ସମାନ ।

ଏଥିରେ ଫୁଟିଛି ବିନୟ, ସୌଜନ୍ୟ । ଉତ୍କଳ ନରପତିଙ୍କର

Digitized by srujanika@gmail.com

ଏଥିରେ ପ୍ରକଟିତ ହୋଇଛି ଗୌରବ, ସଂସ୍କୃତିର ମହତ୍ତ୍ୱ ।

କାଞ୍ଚିରାଜାଙ୍କଠାରୁ ବିଦାୟ ନେଇ ପଦ୍ମାବତୀଙ୍କୁ ସାଙ୍ଗରେ ଘେନ ବାହାରିଲାବେଳେ ଅନୁନୟ ସ୍ୱରରେ କହିଛନ୍ତି :—

ଜେମାଙ୍କୁ ରାଜନ, ଘେନ ତ ଯାଉଛି
ସଙ୍ଗତେ ମୋ. ରାଇଜକୁ;
ଏତିକି ଗ୍ରାମୁରେ ଦୋଷ ନ ଘେନିମ,
ବିଭା ମୁଁ ନୋହିବି ତାଙ୍କୁ ।

ଉତ୍କଳର ଦୂତ ଆଗରେ ଯେଉଁ କଟୂକ୍ତି କରିଥିଲେ କାଞ୍ଚିରାଜ, ଯେଉଁ ଶପଥ ପ୍ରକଟ କରିଥିଲେ, ସେଥିରୁ ପୁରୁଷୋତ୍ତମ ଦେବଙ୍କ ମନରେ ଆଘାତ ଲାଗିଥିଲା; ତାଙ୍କର ସମ୍ମାନ କ୍ଷୁଣ୍ଣ ହୋଇଥିଲା । କାଞ୍ଚିରାଜଙ୍କ ଆସ୍ଫାଳନର ଅନୁରୂପ ପ୍ରତିଧ୍ୱନି ଭଳି ଶପଥ ଗ୍ରହଣ କରିଥିଲେ ଉତ୍କଳର ନରପତି ।

ଚଣ୍ଡାଳ ହାତେ ଏ ଧରିବ ଦୁଲଣୀ
ପଣ ମୁଁ କରିଛି ରୋଷେ;
ନିଜେ ସେଇ ହାତ ଧରିଲେ ଏବେ ମୁଁ
ଅଖ୍ୟାତି ଅର୍ଜିବି ଦେଶେ ।

ପଦ୍ମାବତୀଙ୍କୁ ସମ୍ମାନ ଦେଲେ । ମର୍ଯ୍ୟାଦା ଦେଲେ । ସାଙ୍ଗରେ ଆଣିଲେ । ମାତ୍ର ବିବାହ କଲେ ନାହିଁ । ରାଜଜେମା ଭାବରେ ରଖିଲେ ପାଟମନ୍ତ୍ରୀଙ୍କ ସଦନରେ । ପଦ୍ମାବତୀ ଭୋଗିଲେ ନିର୍ଜନ ନିର୍ବାସନ ଦଣ୍ଡ । ଦିନ ପରେ ଦିନ ଗଡ଼ିଗଲା । ପଦ୍ମାବତୀଙ୍କର ଦିନକ ହେଲା ବରଷେ ।

ଆସିଲା ଶ୍ରୀଗୁଣ୍ଡିଚା । ଗଜପତି ଉଠିଲେ ରଥରେ ଛେରାପହଁରା କରିବା ଲାଗି । ତାଙ୍କର ଏ ବାର୍ଷିକ ସେବା । ନରପତିଙ୍କର ଧର୍ମ । ଏହି ସେବାରେ ରତଥିବାବେଳେ ବିଜ୍ଞ, ଚତୁର, ପ୍ରବୀଣ ପାଟମନ୍ତ୍ରୀ ଶ୍ରୀମୁଖରେ ଜଣା କଲେ । ଗ୍ରାମୁ ଆଜ୍ଞା କରିଥିଲେ, ପଦ୍ମାବତୀଙ୍କୁ ଚଣ୍ଡାଳ ପିଲା ସଙ୍ଗେ ବିଭା ଦେବା ପାଇଁ ।

Digitized by srujanika@gmail.com

ନିଜେ ଶୁଣ୍ଡ ଏବେ ଚଣ୍ଡାଳର କୃତ୍ୟ
କରି ହେଉଛନ୍ତି ପରା ।
ଏତେ କହି ଦେଲା ପଦ୍ମାବତୀ ଝିଅଙ୍କି
ଶୀଘ୍ରରେ ବଡ଼ାଇଦେଲା ।

ଗଜପତିଙ୍କର ମାନମହତ ରହିଲା । ଶପଥ ଅତୁଟ ରହିଲା । ପାଟମନ୍ତ୍ରୀଙ୍କର ବିଜ୍ଞତା ପ୍ରକଟିତ ହେଲା । ଗଜପତି ଏବଂ କାଞ୍ଚି ରାଜଜେମାଙ୍କର ମିଳନ ହେଲା । ପଦ୍ମାବତୀ ହେଲେ ଉତ୍କଳର ପାଟ ମହାରାଣୀ । ଆଉ ବିକଶିତ ହେଲା ସେବାର ମହତ୍ତ୍ୱ ।

ଏହି ଗୌରବରେ ଉଦ୍ଭାସିତ, ଏଇ ସଂସ୍କୃତିରେ ପରିପୁଷ୍ଟ, ଏଇ ଓଡ଼ିଶା ରାଇଜରେ ଆମ ଘର ।

ଏ ଗୌରବର ଗାଥା ଏବେ ନାନା ବିବୃତିରେ, ଭାଷଣରେ, ରଚନାରେ, କାହାଣୀ ରୂପରେ; ନାଟକ ଆକାରରେ ପରିବେଷଣ କରାଯାଉଛି । ହେବାର କଥା । ମାତ୍ର ବହୁ କ୍ଷେତ୍ରରେ, କାହାଣୀର ରସଭଙ୍ଗ ହୋଇଛି; ସଙ୍ଗତି ବିକୃତ ହୋଇ ପଡ଼ିଛି ।

ତରୁଣ ପୁରୁଷୋତ୍ତମଦେବ କାଞ୍ଚି ରାଜଜେମା ପଦ୍ମାବତୀଙ୍କର ପାଣିଗ୍ରହଣ କରିବା ପାଇଁ ମନ ବଳାଇଲେ । ଦୂତ ହାତରେ କାଞ୍ଚି-ରାଜାଙ୍କ ନିକଟକୁ ବାର୍ତ୍ତା ପଠାଇଲେ । କାଞ୍ଚିରାଜ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ବାର୍ତ୍ତାବହ ଆଗରେ ରାଜସଭାରେ ଉତ୍କଳ ଗଜପତିଙ୍କୁ ଭର୍ତ୍ସନା କଲେ । ତମ ରଜା ରଥ ଝାଡ଼ୁ କରନ୍ତି । ସେ ଝାଡ଼ୁଦାର । ସେ କ'ଣ ରଜା ? ଏଭଳି ନୀଚ କୃତ୍ୟ ଯେ କରନ୍ତି, ସେ ଚଣ୍ଡାଳ । ତମେ କେଉଁ ସାହସରେ ଚଣ୍ଡାଳ ରଜାଙ୍କଠାରୁ ମୋ ଜେମାର ବିବାହ ଲାଗି ପ୍ରସ୍ତାବ ନେଇ ଆସିଛ ?

ଦୂତ ଫେରି ଆସି ଗଜପତିଙ୍କୁ ସବୁ ବୃତ୍ତାନ୍ତ ଜଣାଇଲା । ପୁରୁଷୋତ୍ତମ ଦେବ ଆଘାତ ପାଇଲେ । ତାଙ୍କର କ୍ରୋଧଜାତ ହେଲା । କି ଉତ୍କଟ ଦାମ୍ଭିକତା ! ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

Digitized by srujanika@gmail.com

କାଞ୍ଚିଅଭିଯାନରେ ବାହାରିଲେ । ଭକ୍ତର ସହାୟକ ହେଲେ ଭଗବାନ । କାଞ୍ଚିରାଜା ଯୁଦ୍ଧରେ ପରାଜିତ ହେଲେ । ପଦ୍ମାବତୀଙ୍କୁ ଘେନି ପୁରୁଷୋତ୍ତମ ଦେବ ଉତ୍କଳଭୂମିକୁ ଫେରିଲେ । ଏଥିରେ ଉତ୍କଳର ଗୌରବ ପ୍ରକଟିତ ହେଲା । ସେବା ପରମ ଧର୍ମ ରୂପେ ପ୍ରତିଷ୍ଠିତ ହେଲା । ନରପତି ପ୍ରଥମ ସେବକ ରୂପେ ଖ୍ୟାତି ଅର୍ଜନ କଲେ । ପରମ ସେବକର ସହାୟକ ହେଲେ ସ୍ୱୟଂ ଜଗନ୍ନାଥ ବଳଦେବ ।

ମାତ୍ର ଅପୂର୍ବ କାହାଣୀଟି ଦୁର୍ବଳ ହୋଇ ପଡ଼ିଲା । କଥାର ସଙ୍ଗତି ଭାଙ୍ଗିଗଲା । କାହାଣୀର ମହତ୍ତ୍ୱ ହଜିଗଲା ।

କାଞ୍ଚିରାଜ ଯେବେ ଜାଣିଥିଲେ, ଉତ୍କଳର ଗଜପତି ଝାଡ଼ୁ କରନ୍ତି, ତେଣୁ ନୀଚ ଜାତିର ରାଜା, ତେବେ ତାଙ୍କ ପାଖକୁ ଦୂତ ପଠାନ୍ତେ କାହିଁକି ? କାଞ୍ଚିରୁ ଦୂତ ନ ଆସି, ପୁରୁଷୋତ୍ତମ ଦେବ ନିଜଆଡ଼ୁ କାଞ୍ଚିରାଜଙ୍କୁ ବାର୍ତ୍ତା ପଠାଇବା, ଆମ ଆଗର ପରମ୍ପରାର ଗର୍ହିତ ବ୍ୟତିକ୍ରମ । କନ୍ୟା ଭବନରେ ସ୍ୱୟଂମ୍ବର ହୁଏ । ବର ପକ୍ଷରୁ ଆଗେ ପ୍ରସ୍ତାବ ଯାଏ ନାହିଁ । କାଞ୍ଚିରାଜ ଯେବେ ଚଣ୍ଡାଳ ରାଜା ପୁରୁଷୋତ୍ତମ ଦେବଙ୍କ ହାତରେ ରାଜଜେମାଙ୍କୁ ଅର୍ପଣ କରିବେ ନାହିଁ ବୋଲି ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ, ତେବେ ରଥ ଉପରେ ଛେରାପହଁରାବେଳେ ଗଜପତିଙ୍କ ହସ୍ତରେ ପଦ୍ମାବତୀଙ୍କୁ ଅର୍ପଣ କରିବାରେ ପାତ୍ରମନ୍ତ୍ରୀଙ୍କର କି ବୁଦ୍ଧିମତ୍ତା ପ୍ରକଟିତ ହେଲା ? ଏଥିରେ କାହାଣୀର ପରିଣତି ଅବାନ୍ତର ହୋଇ ପଡ଼ିଲା ।

ସୁନ୍ଦର କାହାଣୀଟିଏ । ତାକୁ ଅତି ସୁନ୍ଦର ରୂପ ଦେଇଛନ୍ତି ପଣ୍ଡିତ ଗୋଦାବରୀଶ । ମାତ୍ର ସାମ୍ପ୍ରତିକ ପରିବେଷଣରେ ସେ କାହାଣୀ ବିପର୍ଯ୍ୟସ୍ତ ହୋଇ ଯାଇଛି । ଗୋଦାବରୀଶ ଏ ନୂତନ ସଂସ୍କରଣଟିକୁ ଦେଖିଥିଲେ କ୍ଷୁବ୍ଧ ହୋଇଥାନ୍ତେ ।

ଜେମାଙ୍କୁ ମୋର ରେ, ବର ନ ମିଳିଲେ
ଦେବି ଚଣ୍ଡାଳ ହାତରେ ।

ଏଇ ପଦକ ନ ଥାଇ କାହାଣୀ ବିପର୍ଯ୍ୟସ୍ତ ହୋଇ ଯାଇଛି । ଆଲେଖିକାର "ପଦ୍ମାବତୀ" କବିତାଟିରୁ ମହତ୍ତ୍ୱ ଅପସାରିତ ହୋଇ-

Digitized by srujanika@gmail.com

ଯାଇଛି । କବିଙ୍କ ପ୍ରତି ଅବିଚାର କରାଯାଉଛି ।

ଆମ ଘର କ'ଣ ଏଇ ଓଡ଼ିଶା ଗାଇଲେ ?

× × × ×

ପଣ୍ଡିତ ଗୋଦାବରୀଶଙ୍କର ଆଉ ଗୋଟିଏ ଅନବଦ୍ୟ କବିତା —"ଭୃଙ୍ଗ ଶିଖରୀ ଚୂଳ ।"

ଏ କବିତାଟି ଓଡ଼ିଶାର ପୁରପଲ୍ଲୀ ସର୍ବତ୍ର ଆଦୃତ ହୋଇଛି । ଦୂରଦୂରାନ୍ତର ଯେଉଁ ସ୍କୁଲକୁ ଗଲେ ଶୁଣିବାକୁ ମିଳେ ଏଇଟିର ଆବୃତ୍ତି । ଏହାର ଭାଷା, ଛନ୍ଦ, ଭାବ, ଯତିପାତ—ସବୁଥିରେ ଅଛି ପ୍ରାଣଭରା ସ୍ପନ୍ଦନ । କଥାବସ୍ତୁରେ ଅଛି ଜାତୀୟତାର ଉଦ୍‌ବୋଧନ । ସମବେତ ସଙ୍ଗୀତ ପାଇଁ ଏ କବିତାଟି ଅତି ଉପାଦେୟ ।

ଉତ୍ସବରେ, ସମାବେଶରେ, ସ୍କୁଲ କଲେଜରେ, ରଙ୍ଗମଞ୍ଚରେ, ବେତାର କାର୍ଯ୍ୟକ୍ରମରେ, ଏ କବିତାଟି ପରିବେଷଣ କରାଯାଏ । ମାତ୍ର କ୍ଷୋଭର ବିଷୟ, ଏ ସବୁଥିରେ କବିତାଟି ବିକଳାଙ୍ଗ ହୋଇ ଯାଇଛି । ଉଦ୍‌ବୋଧନର ତରଙ୍ଗ ତା'ଭିତରୁ ମଉଳି ଯାଇଛି ।

ଭୃଙ୍ଗ ଶିଖରୀ ଚୂଳ
କୁଞ୍ଜ କାନନ ମାଳ
ପୁଣ୍ୟ ଜଳଧି ଜଳ
ଖେଳ ଉଠେ ସଘନେ ।
ପ୍ରାଚୀ ଗଗନ ଶିରେ
ଭାସି କନକ ନୀରେ
ଆସେ ତପନ ଉଇଁ
ଏ ଉତ୍କଳ ଭୁବନେ । (ଘୋଷା)

ଉଠେ ଏବଂ ଆସେ ଏଇ ଦୁଇଟି ପଦରେ କବିତାର ଚେତନା ଲୁପ୍ତ ହୋଇ ଯାଇଛି । ଗୋଦାବରୀଶ ଉତ୍କଳର ପ୍ରକୃତି ବର୍ଣ୍ଣନା କରି ନ ଥିଲେ । ଶିଖରୀ, କାନନ, ଜଳଧିର ତରଙ୍ଗ ବର୍ଣ୍ଣନା କରି ନ ଥିଲେ ।

Digitized by srujanika@gmail.com

ପ୍ରାଚୀ ଦିଗ୍‌ବଳୟରେ ସାଗର ବକ୍ଷକୁ କନକ ରାଗରେ ରଞ୍ଜିତ କରି ଉଠି ଆସୁଥିବା ସୂର୍ଯ୍ୟୋଦୟର ଦୃଶ୍ୟ ବର୍ଣ୍ଣନା କରି ନ ଥିଲେ । ସେ ଗାଇଥିଲେ ଆବାହନ ଗୀତିକା ।

ଓଡ଼ିଶାର ଶୌର୍ଯ୍ୟ, ବୀର୍ଯ୍ୟ, ଯଶ, କୀର୍ତ୍ତି, କଳା, ସ୍ଥାପତ୍ୟ ତାଙ୍କ ମାନସପଟରେ ଭାସି ଆସୁଥିଲା । ସେ ସକଳ ଅସ୍ତମିତ ହୋଇ ଯାଇଛି । ତଥାପି ଏ ଦେଶର ଜଳ, ସ୍ଥଳ, ପବନରେ ସେ ଯଶକୀର୍ତ୍ତି ଏବେ ମଧ୍ୟ ମୀରବରେ ସ୍ପନ୍ଦିତ ହୋଇ ରହିଛି । ଏ ଦେଶର ବିଲ ବନ ଶୈଳ ସିନ୍ଧୁର ସୁଷମା ଏବେ ମଧ୍ୟ ଲୁପ୍ତ ହୋଇ ନାହିଁ । କବି ଦେଇଥିଲେ ଯୁବପ୍ରାଣରେ ଉଦ୍‌ବୋଧନ । ସେ ସମସ୍ତ ଫେରି ଆସୁ । ସେ ସମସ୍ତର ପୁନର୍ବିକାଶ ହେଉ । ସେ ସକଳ ଗୌରବ ପୁଣି ଖେଳି ଉଠୁ ।

ସେ ଲେଖିଥିଲେ :—

ତୁଙ୍ଗ ଶିଖରୀ ଚୂଳ
କୁଞ୍ଜ କାନନ ମାଳ
ପୁଣ୍ୟ ଜଳଧି ଜଳ
ଖେଳି ଉଠୁ ସଘନେ ।
ପ୍ରାଚୀ ଗଗନ ଶିରେ
ଭାସି କନକ ନୀରେ
ଆସୁ ତପନ ଉଇଁ
ଏ ଉତ୍କଳ ଭୁବନେ ।

କବିତାର ଶିରୋନାମା "ଉଦ୍‌ବୋଧନ"; ଉତ୍କଳ ପ୍ରକୃତିର ବର୍ଣ୍ଣନା ନୁହେଁ । ଦୁଇଟି କ୍ରିୟାପଦ ବିପର୍ଯ୍ୟସ୍ତ ହୋଇ, କବିତାଟିର ଶ୍ୱାସରୁଦ୍ଧ ହୋଇ ଯାଇଛି । ତାର ଅନ୍ତରାତ୍ମା ନିଷ୍ପେଷିତ ହୋଇଯାଇଛି । ଘୋଷାର ପରବର୍ତ୍ତୀ କବିତାର ଯେ କୌଣସି ପଦ ପ୍ରତି ଦୃଷ୍ଟି ପଡ଼ିଥିଲେ, ଏ ବିଡ଼ମ୍ବନା ସଙ୍ଘଟିତ ହୋଇ ନ ଥାନ୍ତା ।

କବି ଲେଖିଛନ୍ତି :—

ବିମଳ ଚିଲିକା ବକ୍ଷେ ଖେଳୁ ସେ ଗୀତ,
ଉଠୁ ମହୋଦଧି ବାରି ଅମୃତ ସିଞ୍ଚି;

Digitized by srujanika@gmail.com

ମହେନ୍ଦ୍ର ଶ୍ୟାମଳ ଚୂଳେ,
ପୂତ ଚିତ୍ରୋତ୍ପଳା ନୀରେ
ଢାଳୁ ସେ ସମ୍ପଦ ଶିରୀ
ଗ୍ରାମ ବିଲ କାନନେ ।

ପ୍ରତ୍ୟେକଟି ପଦରେ ସ୍ୱର ସୁସ୍ପଷ୍ଟ । ତେବେ ବି ଆମେ ବାଟବଣା ହୋଇଥାଉଁ । "ଖେଳ ଉଠୁ ସଘନେ" ସ୍ଥାନରେ "ଖେଳ ଉଠେ ସଘନେ" କରି, "ଆସୁ ତପନ ଉଇଁ" ପରିବର୍ତ୍ତେ "ଆସେ ତପନ ଉଇଁ" ଗାଇ ଗାଇ କବିତାର ମହତ୍ତ୍ୱ କ୍ଷୁଣ୍ଣ କରିଥାଉଁ । ସୁନ୍ଦର ଅପରୂପ କବିତାର ଉଦ୍‌ବୋଧନକୁ ହତ୍ୟା କରିଥାଉଁ । କବିଙ୍କ ପ୍ରତି ଅବିଚାର କରିଥାଉଁ ।

ଆମ ଘର କ'ଣ ଏଇ ଓଡ଼ିଶା ରାଇଜ ?

●

Digitized by srujanika@gmail.com

ବୁଦ୍ଧ ଚରିତରୁ

ଦୁଇ ହଜାର ତିନିଶହ ବର୍ଷ ପୂର୍ବର ଘଟଣା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ । ମଗଧର ମୌର୍ଯ୍ୟ ନରପତି ଅଶୋକ କଳିଙ୍ଗ ଆକ୍ରମଣ କଲେ । ଲାଗିଲା ଭୟାବହ ସମର । ଅସଂଖ୍ୟ ବୀର ଦେଶପ୍ରାଣ କଳିଙ୍ଗ ସେନାମାନେ ପ୍ରାଣପାତ କଲେ । ରକ୍ତପ୍ରବାହ ଦେଖି ଅଶୋକଙ୍କର ଜ୍ଞାନୋଦୟ ହେଲା । ସେ ହୃଦୟଙ୍ଗମ କଲେ, ହିଂସାପ୍ରଣୋଦିତ ତରବାରିର ଜୟ ବିଜୟ ନୁହେଁ । ସେ ତରବାରି ପରିତ୍ୟାଗ କଲେ । କଳିଙ୍ଗ ସମର ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କଲା ।

ଅଶୋକ ଧଉଳିଗିରି ଉପରେ ଶିଳାଲେଖରେ ତାଙ୍କର ଅନୁଶାସନ ଖୋଦନ କରିଛନ୍ତି । ଏତେ କାଳର ଶିଳାଲେଖ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । ବହୁ ଗବେଷକ ଧଉଳିଗିରିକୁ ଯାଇ ଏ ଅନୁଶାସନ ଅଧ୍ୟୟନ କରିଛନ୍ତି । ମାତ୍ର ସାଧାରଣ ଲୋକେ ସଡ଼କରେ ଗଲାବେଳେ ଧଉଳିଗିରିକୁ ଯିବାପାଇଁ ମନ ବଳାନ୍ତି ନାହିଁ । ବହୁ ଲୋକ ଏହାକୁ ବିସ୍ମୃତ ହୋଇଗଲେଣି । ସେ ଶିଳାଲେଖ ଲୋକଙ୍କୁ ଆକର୍ଷଣ କରୁ ନାହିଁ ।

ଜାପାନର ମହାମାନ୍ୟ ବୌଦ୍ଧଗୁରୁ ଫୁଜୀ ମହାରାଜ ପୃଥିବୀର ବିଭିନ୍ନ ଦେଶରେ ଶାନ୍ତିସ୍ତୂପ ସ୍ଥାପନ କରିବା ଲାଗି ବାହାରିଲେ । ଜାପାନର ହିରୋସୀମା, ନାଗାସାକିରେ ଏ ସ୍ତୂପ ସ୍ଥାପିତ ହୋଇଛି । ଭାରତବର୍ଷ, ନେପାଳ ଏବଂ ଶ୍ରୀଲଙ୍କା ବୁଦ୍ଧଦେବଙ୍କର ପୁଣ୍ୟପୀଠ । ଫୁଜୀ ମହାରାଜ ଶ୍ରୀଲଙ୍କାର ଅନୁରାଧାପୁରଠାରେ ଗୋଟିଏ ସୁନ୍ଦର ଶାନ୍ତିସ୍ତୂପ ନିର୍ମାଣ କଲେ । ତା'ପରେ ଅନ୍ୟଟି କଲେ ବିହାରର ରାଜଗିରି ପାହାଡ଼ ଉପରେ । ଏ ଦୁଇଟିଯାକ ଅତି ଆକର୍ଷଣୀୟ ହୋଇଛି । ଏଠାକୁ ବହୁ ବୌଦ୍ଧଧର୍ମୀ ଏବଂ ଦର୍ଶକ ଯାଉଛନ୍ତି । ତୃତୀୟଟି ନିର୍ମାଣ କଲେ ଧଉଳି ପାହାଡ଼ ଉପରେ । ୧୯୭୨ ମସିହା ନଭେମ୍ବର ଆଠ ତାରିଖ ଦିନ ଏହାର ସମାପନ ଉତ୍ସବ ସମାହିତ ହେଲା । ଏହି ମହାନ କଳିଙ୍ଗ

Digitized by srujanika@gmail.com

ଶାନ୍ତିସ୍ତୂପ ହୋଇଛି ଏକ ବିରାଟ ବୌଦ୍ଧକୀର୍ତ୍ତି । ଏକ ସୁନ୍ଦର ପରିବେଶ ମଧ୍ୟରେ ଏ ସ୍ତୂପ ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଉଛି ।

ଜଗନ୍ନାଥ ସଡ଼କରେ ଯିବାବେଳେ ଏ ଅପୂର୍ବ ଆଧୁନିକ ବୌଦ୍ଧକୀର୍ତ୍ତି ଦର୍ଶକ ମନରେ ଆଣିଦିଏ କେତେ ପ୍ରାଚୀନ ଗୌରବର ଚିତ୍ରପଟ । ବୌଦ୍ଧ ଜାତକର କାହାଣୀଗୁଡ଼ିକ ମନେ ପଡ଼େ । ବୁଦ୍ଧ ଚରିତରୁ ନାନା ବୃତ୍ତାନ୍ତ ମନ ଭିତରେ ଜାଗିଉଠେ । ତାଙ୍କର ଶୁଦ୍ଧପୂତ ଜୀବନରେ ସାଧାରଣ ଘଟଣା ମଧ୍ୟରେ ଯେଉଁସବୁ ସରଳ ନୀତି ପ୍ରସ୍ଫୁଟିତ ହୋଇଛି, ସେ ସକଳ ସର୍ବୁଦିନ ପାଇଁ ମହନୀୟ ବୃତ୍ତାନ୍ତ । ଗୌତମ ବୁଦ୍ଧଙ୍କର ଧର୍ମରେ ନିହିତ ଥିଲା ଶୁଦ୍ଧ ଆଚରଣ ବିଧି । ନୀତି, ନ୍ୟାୟ, ସତ୍ୟ, ମୈତ୍ରୀ ଏବଂ ଶାନ୍ତି ଥିଲା ତାଙ୍କର ପଞ୍ଚଶୀଳ ବିଧାନ ।

ଯୌବନର ପ୍ରାରମ୍ଭରେ ତରୁଣୀ ପତ୍ନୀ ଏବଂ ଶିଶୁ ପୁତ୍ରକୁ ଛାଡ଼ି ଦେଇ ଅଜ୍ଞାତରେ ସିଦ୍ଧାର୍ଥ ରାଜପ୍ରାସାଦରୁ ବାହାରିଗଲେ । କୈଶୋରରୁ ସେ ବରାବର ଚିନ୍ତାମଗ୍ନ ରହୁଥିଲେ । ମଣିଷ ଦୁଃଖଯାତନା ଭୋଗ କରେ କାହିଁକି ? ତାହାର ଅବସାନ କିପରି ହୋଇ ପାରିବ ? ଏ ସବୁ ପ୍ରଶ୍ନର ଉତ୍ତର ପାଇବା ପାଇଁ ସେ ଅସ୍ଥିର ହୋଇ ପଡ଼ିଥିଲେ । ପ୍ରାସାଦରୁ ବାହାରିଯାଇ ପ୍ରଖ୍ୟାତ ପଣ୍ଡିତଙ୍କ ପାଖରେ ସେ ଶାସ୍ତ୍ର ଅଧ୍ୟୟନ କଲେ । ଉତ୍ତର ପାଇଲେ ନାହିଁ । ବର୍ଷ ବର୍ଷ ବ୍ୟାପୀ ତପସ୍ୟା କଲେ । ଉତ୍ତର ମିଳିଲା ନାହିଁ । ଅବଶେଷରେ ବୋଧଗୟାଠାରେ ମିଳିଲା ତାଙ୍କୁ ଜ୍ଞାନାଲୋକ । ସେ ବୁଦ୍ଧ ନାମରେ ପରିଚିତ ହେଲେ । ତା'ପରେ ଦୀର୍ଘ ୪୩ ବର୍ଷ ଧରି ସେ ପ୍ରଚାର କଲେ ତାଙ୍କର ନୂତନ ଧର୍ମ, ସଂସାର ଦୁଃଖରୁ ମୁକ୍ତି ପାଇବାର ପନ୍ଥା ।

ଏହି ଦୀର୍ଘକାଳ ମଧ୍ୟରେ ଭିକ୍ଷା ଥିଲା ତାଙ୍କର ଏକମାତ୍ର ଅବଲମ୍ବନ । ଭିକ୍ଷାରୁ ଯାହା ମିଳୁଥିଲା, ସେଥିରେ ତାଙ୍କର ଏବଂ ତାଙ୍କ ଶିଷ୍ୟମାନଙ୍କର କୃତ୍ୟ ନିର୍ବାହିତ ହେଉଥିଲା ।

ଦିନକର କଥା । ଗୌତମ ବୁଦ୍ଧ ଯାଇଥିଲେ ଭିକ୍ଷା ପାଇଁ । ସାଧାରଣ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରକଟିତ ହେଉଥିଲା ଆଚାର ଶୁଦ୍ଧି, ତାଙ୍କ ଧର୍ମର ନୀତିବାଣୀ । ଗୋଟିଏ ସୁନ୍ଦର ଘରର ଦ୍ୱାର-

Digitized by srujanika@gmail.com

ଦେଶରେ ଦଣ୍ଡାୟମାନ ହେଲେ । ନିଶ୍ଚୟ ସଚ୍ଛଳ ପରିବାର ହୋଇ-ଥିବେ । ସଦନରୁ ଏହା ପ୍ରତୀତ ହେଉଛି । ଧୀର ମଧୁର ସ୍ୱରରେ ଡାକିଲେ—ଭିକ୍ଷାଂ ଦେହି । ଦ୍ୱାର ବନ୍ଦ । ଭିକ୍ଷାଂ ଦେହି । ଦ୍ୱାର ଫିଟିଲା ନାହିଁ । ଉତ୍ତର ମିଳିଲା ନାହିଁ । ପୁଣି ଡାକିଲେ—ଭିକ୍ଷାଂ ଦେହି ।

ଗୃହକର୍ତ୍ତ୍ରୀ ଦପଦପ ହୋଇ ଆସି କବାଟ ଖୋଲିଲେ । "ବେଳ ନାହିଁ; ଅବେଳ ନାହିଁ; ସବୁବେଳେ ଖାଲି ଭିକ୍ଷା ।" କବାଟ ବନ୍ଦ କରି ଭିତରକୁ ଚାଲିଗଲେ ।

ଗୌତମ ଧୀର ଭାବରେ ଛିଡ଼ା ହୋଇଥାନ୍ତି । କିଛି ସମୟ ଗଲା । ପୁଣି ଡାକିଲେ—ଭିକ୍ଷାଂ ଦେହି । କର୍ତ୍ତ୍ରୀ ପୁଣି ଆସି ଧଡ଼କରି କବାଟି ଖୋଲି ପାଟି କରି କହିଲେ, "ବଳ ଅଛି, ବୟସ ଅଛି, ହାତ ଗୋଡ଼ ଚଳୁଛି, କିଛି ତ ଅଙ୍ଗଛଡ଼ା ହୋଇ ନାହିଁ । କାମ କରୁ ନାହିଁ ? ଭିଖ ମାଗୁଛ କାହିଁକି ?" ଅପେକ୍ଷା ନ କରି ଦ୍ୱାର ବନ୍ଦ କରି ଚାଲିଗଲେ ।

କିଛି ସମୟ ଗଲା । ଗୌତମ ଊଭା ହୋଇ ରହିଥାନ୍ତି । ପୁଣି ବିନୀତ କଣ୍ଠରେ ଡାକିଲେ,— ଭିକ୍ଷାଂ ଦେହି । କର୍ତ୍ତ୍ରୀ ଆସି କବାଟ ଖୋଲିଲେ । ଆଖି ନାଲି । ମୁହଁରେ କ୍ରୋଧ । ସ୍ୱରରେ ଚିତ୍କାର । କର୍କଶ ଭାବରେ ଗାଳିବର୍ଷଣ କଲେ । "କ'ଣ କଥା ଶୁଭିଲା ନାହିଁ ? ହାତ ଗୋଡ଼ ଅଛି । ଭେଣ୍ଡିଆ ବୟସ । ରୂପଟି ସୁନ୍ଦର । ଭିଖ ମାଗିବା ସହଜ କାମ । ପରିଶ୍ରମ କରୁଛି କିଏ ? ଖାଲି ବୋହିବ । ଯେତେ ଯାହା କହିଲେ ତୁମକୁ ଟିକିଏ ମାଡ଼ ପଡ଼ୁନାହିଁ ? କଥାଟା ଟିକିଏ ହେଲେ କାଟୁ ନାହିଁ ? ତମର କାନ ଅଛିଟିକି ?" ଗୌତମ ଅବିଚଳିତ । ମୁହଁରେ କିଛି ହେଲେ ବେଢ଼ଙ୍ଗ ନାହିଁ । ମହିଳା ରାଗି ଉଠିଲେ । "ତମେ ମଣିଷ ନା ଭୂତ ?" ଧଡ଼ କରି କବାଟ ବନ୍ଦ କରି ଚାଲିଗଲେ ।

କିଛି ସମୟ ଅପେକ୍ଷା କଲେ ଗୌତମ । ପୁଣି ଡାକିଲେ । ଭିକ୍ଷାଂ ଦେହି । ଏଥର ଆସିଲେ ରଣଚଣ୍ଡୀ । ଓଠ ଥରୁଛି । ଆଖି ଜଳୁଛି । "କେଡ଼େ ନିର୍ଲ୍ଲଜ ତୁମେ ? ପଥର ପରି ଠିଆ ହୋଇଛ ? ଏତେ ଭର୍ତ୍ସନା କଲି । ଏତେ ଗାଳି ଦେଲି । ଆଉ କ'ଣ କରନ୍ତି ? ଚଣ୍ଡିଆ

Digitized by srujanika@gmail.com

ଦେବ ?”

ବୁଦ୍ଧଙ୍କର ପ୍ରଶାନ୍ତ ବଦନ । କଣ୍ଠରେ ଗ୍ଳାନ ନାହିଁ । କହିଲେ—“ମା, ତୁମେ ଯେବେ ମୋତେ ଗୋଟିଏ ରୌପ୍ୟମୁଦ୍ରା ଦାନ କରନ୍ତ, ମୁଁ ଯେବେ ତାକୁ ଗ୍ରହଣ ନ କରନ୍ତ, ତେବେ କ’ଣ ହୁଅନ୍ତା ?” ଗୃହକର୍ତ୍ତ୍ରୀ ସେଇପରି ତମ ତମ । “ହୁଅନ୍ତା ଆଉ କଅଣ । ମୋ ରୌପ୍ୟମୁଦ୍ରା ରହନ୍ତା ମୋ ପାଖରେ ।” ଧୀର ଗମ୍ଭୀର ସ୍ୱରରେ ଗୌତମ ବୁଦ୍ଧ ଉତ୍ତର ଦେଲେ—“ଅମ୍ବା, ତୁମେ ଏତେବେଳଯାଏ ଯେତେ ଯାହା ମତେ ଦେଇଛ, ସେଥିରୁ ମୁଁ କିଛି ହେଲେ ଗ୍ରହଣ କରି ନାହିଁ ।”

●

Digitized by srujanika@gmail.com

ଜଗନ୍ନାଥ ବିଗ୍ରହ ଦହନ

ପୁଣ୍ୟଧାମ ଅମୃତସର ନିକଟସ୍ଥ ରାମତୀର୍ଥ ତପୋବନରେ ପାଞ୍ଚ ଶହ ବର୍ଷ ତଳେ ପ୍ରତିଷ୍ଠିତ ମନ୍ଦିରରେ କେତେକ ଦୁର୍ବୃତ୍ତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହରେ କିରାସିନ ଢାଳି ବିଗ୍ରହଗୁଡ଼ିକୁ ଜାଳି ଭସ୍ମୀକରି ଦେଇଛନ୍ତି । ସେଇ ମୂର୍ତ୍ତିମାନଙ୍କୁ ଦୁର୍ବୃତ୍ତଙ୍କ ବ୍ୟକ୍ତିତ ସମସ୍ତ ଭାରତବାସୀଙ୍କ ପ୍ରାଣରେ ଲାଗିଛି ବ୍ୟଥାର ନିର୍ମମ ଆଘାତ । ଅତି ଦୁର୍ଭାଗ୍ୟଜନକ ଏ ଦୁଷ୍କର୍ମ ।

ଜଗନ୍ନାଥ ଭାରତର ଅଖଣ୍ଡ ଆଧ୍ୟାତ୍ମିକ ସଂସ୍କୃତି । ଏଥିରେ କୌଣସି ପ୍ରକାର ସଂକୀର୍ଣ୍ଣତାର ଆଶ୍ରୟ ମଧ୍ୟ ନ ଥିଲା କି ନାହିଁ । ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଭାଷା, ବିଭିନ୍ନ ରୀତିନୀତି, ବିଭିନ୍ନ ଖାଦ୍ୟ, ପରିଧେୟ, ଆଚାର ଏବଂ କ୍ରିୟାକଳାପ । ମାତ୍ର ଏଇ ପାର୍ଥକ୍ୟ ଏବଂ ପ୍ରକାର ଭେଦ ମଧ୍ୟରେ ବ୍ୟାପୀ ରହିଥିଲା ଏକ ନିବିଡ଼ ଆଧ୍ୟାତ୍ମିକ ବନ୍ଧନ । ଜଗନ୍ନାଥ ସଂସ୍କୃତି ଏ ବନ୍ଧନର ଥିଲା ପ୍ରାଣ କେନ୍ଦ୍ର । ଏଇଥିରେ ସମନ୍ୱିତ ହୋଇଥିଲା ଭାରତୀୟ ସଂହତି । ଏଥିରେ ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଫୁଟିଥିଲା ମିଳନର ସୌରଭ ।

ଏଇ ଜଗନ୍ନାଥ କ୍ଷେତ୍ରରେ ଶ୍ରୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତିଙ୍କ ସହିତ ଶବର କନ୍ୟା ଲଳିତାର ବିବାହ ହୋଇଥିଲା । ଏହି ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ ପାଇଁ ଆସିଥିଲେ ଦୂରଦୂରାନ୍ତରୁ ସାଧୁ, ସନ୍ଥ, ସନ୍ନ୍ୟାସୀ, ପଣ୍ଡିତ, ଦାର୍ଶନିକ, ଧର୍ମଯାଜକ । ଦାକ୍ଷିଣାତ୍ୟରୁ ଆସିଥିଲେ ବୈଷ୍ଣବ ରାମାନନ୍ଦ । ଉତ୍ତରରୁ ଆସିଥିଲେ ଇସ୍‌ଲାମଧର୍ମୀ କବୀର । ବଙ୍ଗଦେଶରୁ ଆସିଥିଲେ ଶ୍ରୀଚୈତନ୍ୟ । ଦକ୍ଷିଣରେ ସୁଦୂର କେରଳରୁ ଆସିଥିଲେ ଶଙ୍କରାଚାର୍ଯ୍ୟ । ଉତ୍ତର-ପଶ୍ଚିମରେ ସୁଦୂର ପଞ୍ଜାବରୁ ଆସିଥିଲେ ଗୁରୁ ନାନକ ।

ଏ ସମସ୍ତଙ୍କୁ ବହୁ ଦୂର ପ୍ରାନ୍ତରୁ ଟାଣି ଆଣିଥିଲା କିଏ ? ଆଣିଥିଲା ଉଦାର, ପ୍ରଶସ୍ତ ଜଗନ୍ନାଥ ଧର୍ମ । ସକଳ ଧର୍ମର ସମନ୍ୱୟ ଏ

Digitized by srujanika@gmail.com

ଜଗନ୍ନାଥ ସଂସ୍କୃତି । ବହୁ ମହାପୁରୁଷ ଏଇ ଶ୍ରୀକ୍ଷେତ୍ରରେ ଦେଖିଛନ୍ତି ଉଜ୍ଜ୍ୱଳ ଆଲୋକ । ପାଇଛନ୍ତି ମହାଜାଗରଣୀୟ ଚେତନା । ଏଇ ଜଗନ୍ନାଥ ଆରାଧନା ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରସାରିତ ହୋଇଛି । ଏଥିରେ କାହାରି ବିରୋଧ କେତେବେଳେ ନ ଥିଲା । ଏବେ ମଧ୍ୟ ନାହିଁ । କେବେ ହେବାର କାରଣ ମଧ୍ୟ ନାହିଁ । ମୁଷ୍ଟିମେୟ କେତେଜଣ ଦୁର୍ବୃତ୍ତଙ୍କ ଦୁଷ୍କର୍ମ କ'ଣ ଏ ମହାନ ଧର୍ମ ଏବଂ ସଂସ୍କୃତିରେ କାଳିମା ଲେପନ କରିପାରେ ?

ଏ ଲେଖକ ଛାତ୍ର ଥିଲାବେଳେ ରେଭେନ୍‌ସା କଲେଜରେ ରସାୟନ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ ଡକ୍ଟର ବାଓ୍ୱା କର୍ତ୍ତାର ସିଂହ । ସେ ଆସିଥିଲେ ପଞ୍ଜାବରୁ । ସେ ପ୍ରମାଣ ପାଇଲେ ଯେ ଗୁରୁ ନାନକ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ପୁରୀଧାମକୁ ଆସିଲାବେଳେ, କାଳଆବୋଦାଠାରେ ମହାନଦୀ ପାରି ହୋଇଥିଲେ । ନଦୀରେ ସ୍ନାନ କରିବା ପୂର୍ବରୁ ସେ ଖଣ୍ଡିଏ ସାହାଡ଼ା ଦାନ୍ତକାଠିରେ ଦାନ୍ତ ଘଷିଥିଲେ । ଘଷି ସାରି ଦାନ୍ତକାଠି ଖଣ୍ଡିକ ନଈକୂଳ ପଠାମାଟିରେ ପକାଇ ଦେଲେ । ସେଥିରେ ଚେର ଲାଗିଗଲା । ପତ୍ର ବାହାରିଲା । ଗୋଟିଏ ସାହାଡ଼ା ଗଛ ଉଭା ହେଲା । ଏହି ସ୍ଥାନଟିକୁ ସ୍ମାରକ ପବିତ୍ର ପୀଠ ରୂପେ ପ୍ରତିଷ୍ଠା କରିବା ପାଇଁ କର୍ତ୍ତାର ସିଂହ ଗୋଟିଏ ଗୁରୁଦ୍ୱାର ସ୍ଥାପନ କରିବାର ଯୋଜନା କଲେ । ଚାନ୍ଦା ସଂଗ୍ରହ କଲେ । କଲେଜ ଛାତ୍ରମାନଙ୍କଠାରୁ ମଧ୍ୟ କିଛି ଚାନ୍ଦା ଆଦାୟ କରାଗଲା । ଗୁ ରୁଦ୍ୱାର ଉଭା ହେଲା । ନାମ ରଖାଗଲା ଦାଁତୁନ ଗୁରୁଦ୍ୱାର । ଏବେ ମଧ୍ୟ ଏହା ଅକ୍ଷୁଣ୍ଣ ରହିଛି । ତା'ର ପରିସର ବୃଦ୍ଧି ପାଇଛି । ଜଗନ୍ନାଥ ସଂସ୍କୃତିର ବିସ୍ତୃତ ସମନ୍ୱୟ ମଧ୍ୟରେ ଏ ଗୁରୁଦ୍ୱାର ସମନ୍ୱିତ ହୋଇଛି ।

କିଛି ବର୍ଷ ତଳେ ପାତିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟରୁ ଜଣେ ପ୍ରଫେସର ଆସିଥିଲେ ବାଣୀବିହାର । ସେଠାରେ ଗୁରୁ ନାନକଙ୍କ ସମ୍ବନ୍ଧରେ ଭାଷଣ ଦେଇଥିଲେ । ପବିତ୍ର ଗ୍ରନ୍ଥ ସାହେବର ଆଲୋଚନା କଲେ । ସେଥିରେ ଅନେକ ସ୍ଥାନରେ ଭକ୍ତକବି ଜୟଦେବଙ୍କର ଗୀତ-ଗୋବିନ୍ଦରୁ କେତେକ ଲେଖା ଉଦ୍ଧାର କରାଯାଇଛି । ସେଗୁଡ଼ିକ ବିଶେଷ ଭାବରେ ପ୍ରତିପାଦନ କଲେ । ଏ ଅପୂର୍ବ ସମାବେଶ ଶ୍ରୋତା-

Digitized by srujanika@gmail.com

ମାନଙ୍କୁ ମୁଗ୍ଧ କରିଥିଲା । ଜଗନ୍ନାଥ ସଂସ୍କୃତିର ମହାମାୟ ବ୍ୟାପକତା ଭାରତର ସକଳ ଧର୍ମକୁ ଅନ୍ତର୍ଭୁକ୍ତ କରିଛି । ସକଳ ଧର୍ମର ପୋଷକତା କରିଛି । ତହିଁର ସ୍ରୋତ ପରି ଏ ପ୍ରବାହ ଚିରନ୍ତନ । ଏଥିରେ ସ୍ଥିତି ଅଛି । ଗତି ମଧ୍ୟ ଅଛି ।

ଶ୍ରୀ ଜଗନ୍ନାଥଙ୍କଠାରେ ସମବେତ ଆବେଦନ କରିବା, ଏ ଉଚ୍ଛୃଙ୍ଖଳ ଦୁଷ୍କର୍ମର ଅବସାନ ହେଉ । ହେ ଜଗନ୍ନାଥ ! ଏ ଦୁର୍ବୃତ୍ତ-ମାନଙ୍କୁ କ୍ଷମା କର; ତାଙ୍କୁ ସୁବୁଦ୍ଧି ଦିଅ । ରାଜନୀତିର କଳୁଷ ଏ ସଂସ୍କୃତିକୁ କଳୁଷିତ ନ କରୁ ।

●

(—ସମାଜ—୨୯-୧୦-୮୩)

—ଶେଷ—

Digitized by srujanika@gmail.com